ODIA

SELECTION OF ODIA PROSE & VERSE

CLASS XI & XII

West Bengal Council of Higher Secondary Education

© **West Bengal Council of Higher Secondary Education**

No portion of this book can be reproduced/reprinted/scanned in any form/font/script/ translation without prior written permission from Deputy Secretary (Academic) of West Bengal Council of HIgher Secondary Education.

First Edition : June, 2013

Reprint : April, 2016

Published by : West Bengal Council of Higher Secondary Education

With Financial-Aid from the Government of West Bengal, this book is to be distributed to students of XI free of cost. This book is not for sale.

Printed at

West Bengal Text Book Corporation Limited
(Government of West Bengal Enterprise)
Kolkata - 700 056

सत्यमेव जयते

THE CONSTITUTION OF INDIA

PREAMBLE

WE, THE PEOPLE OF INDIA, having solemnly resolved to constitute India into a **SOVEREIGN SOCIALIST SECULAR DEMOCRATIC REPUBLIC AND TO SECURE TO ALL ITS CITIZENS :**

JUSTICE, social, economic and political;

LIBERTY of thought, expression, belief, faith and worship;
EQUALITY of status and of opportunity and to promote among them all;

FRATERNITY assuring the dignity of the individual and the unity and integrity of the Nation;

IN OUR CONSTITUENT ASSEMBLY this twenty-sixth day of November 1949, do **HEREBY ADOPT, ENACT AND GIVE TO OURSELVES THIS CONSTITUTION.**

FOREWORD

As per recommendations of State Government Expert Committee on School Education and the Board of Studies in Odia of the Council and the subsequent approval of the School Education Department, the text book on Odia Syllabi for class XI and XII for the Session 2013-2015 is being published. The syllabi contain writings of various eminent litterateurs in order to provide our students with a variegated flavour of literature written in Odia. We hope the students, with the help of their teachers will have an over view of present Odia language and literature. In the classroom teaching - learning process, the teachers should act as facilitators; they should read the texts with the students and help them to understand, to exploit the materials so that they can have a comprehensive and in depth knowledge of the subject. The Council has enough confidence in its teachers who will translate the vision of the Council into reality.

My best wishes both for the teachers and my dear learners.

15 May 2013
Vidyasagar Bhavan

President, West Bengal Council
Higher Secondary School

WEST BENGAL COUNCIL OF HIGHER SECONDARY EDUCATION

ODIA

SYLLABUS

CLASS - XI

Prabandha	15
Kabita	15
Galpa	10
Antarjatik Galpa, O Bharatiya Kabita	10 (5+5)
Rapid Reader	10
Bhasa	10
Odia Sahitya, Samaj, Sanskrutir Itihas	10
Prakalpa	20 (15+5)
	Total 100

The following selected pieces from 'Gadya Dhara' approved by the Council of Higher Secondary Education, Odisha.

Prabandha

1. Prachin Chitrare Barna O Besha Charya - Bimbadhar Barma
2. Adhikar - Binod Kanungo
3. Irsha - Baikunthanath Rath
4. Ekbinsha Shatabdiku Yatra - Sarat Kumar Mahanty

The following selected pieces from 'Padya Dhara' approved by the Council of Higher Secondary Education, Odisha.

Kabita

1. Mo Jiban Pachhe Narke Padithau - Bhima Bhoi
2. Namaskar - Mayadhar Mansingh
3. Charam Patra - Rabi Singh
4. Sharat Ruture Jahna - Guru Prasad Mahanty

The following selected pieces from 'Galpa Ekankika Dhara' approved by the Council of Higher Secondary Education, Odisha.

Galpa

1. Samayatit - Bhagabati Charan Panigrahi
2. Kani Apa - Akhilmohan Pattanayak
3. Manthan - Binapani Mahanty

Antarjatik Galpa

Pahad Gadanire - Kamala Das
Anubad : Sangram Jena

'Kamala Dasanka Katha :Kabita'
Kahani, Kalyani Nagar, Cuttack - 753 013

Bharatiya Kabita

Dipak Jala Madhur Madhur - Maha Debi Barma
Anubad :
Bidyutprava Gantayat

'Maha Debi : Nirbachit Kabitabali'
Purbarag Prakashani, 7A Station Square, Unit-III
Bhubaneswar-751001

Druta Pathan

Upanyas : 'Nakata Chitrakar' - Faturanand
Approved by the Council of Higher Secondary Education, Odisha.

Bhasa

Odia Bhasar Itihas, Odishar Bhasagata Sangathan, Odia Lipi, Oupabhasik Bisesatwa, Odia Bhasar Prasar, Bhasar Bivinna Barnana, Akshar.
First Chapter :
'Prachalita Odia Bhasar Eka Byakaran' - Bijaya Prasad Mahapatra,
Vidyapuri, Balu Bazar, Cuttack-753 002

Odia Sahitya Samaj, Sanskrutir Itihas - Chaturtha, Pancham Parichhed.
'Odia Sahityar Samajik O Sanskrutik Bikash Dhara' -
Krushna Chandra Pradhan
(Adi Parba, Madhya Parba)
Vidyapuri, Balu Bazar, Cuttack-753 002

Prakalpa

Pustak Samiksha, Patrika Sampadana, Bhasan Prastuti, Raktadan Shibir, Pradushan Niyantran, Bruksharopan

ODIA

SYLLABUS

CLASS - XII

Prabandha	10
Kabita	10
Galpa	10
Antarjatik Kabita, Bharatiya Galpa	10 (5+5)
Rapid Reader	10
Bhasa	10
Odia Sahitya Samaj, Sanskrutir Itihas	10
Rachana	10
Prakalpa	20
	Total 100

The following selected pieces from 'Gadya Dhara' approved by the Council of Higher Secondary Education, Odisha.

Prabandha

1. Odia Jati Kie ? - Gopabandhu Das
2. Satyayuga Pahanchilanita ! - Manmohan Misra
3. Jatir Jiban O Sanskruti - Golak Bihari Dhal

The following selected pieces from 'Padya Dhara' approved by the Council of Higher Secondary Education, Odisha.

Kabita

1. Uddam Singh - Radhamohan Gadanayak
2. Grama Patha - Binod Chandra Nayak
3. Odisha - Sitakanta Mahapatra

The following selected pieces from 'Galpa Ekankika Dhara' approved by the Council of Higher Secondary Education, Odisha.

Galpa

1. Nida - Rajakishore Pattanayak
2. Ugresena Ubach - Achyutanand Pati
3. Jahna Ratira Setu - Manoj Das

Antarjatik Kabita

Alok Tumaku Dhankidie - Pablo Neruda
Anubad : Sangram Jena

'Kodieti Prema Kabita Ebang Eka Bisad Gitika' Pandulipi, Sriram Nagar, Cuttack-753012.

Bharatiya Galpa

Khata - Rabindranath Thakur
Anubad : Rabindra Prasad Panda

'Galpaguchha', Vidyapuri, Balu Bazar, Cuttack-753 002.

Druta Pathan

Nataka : 'Sunakalasa' - Ratnakar Chaini,
Arya Prakashani, Badambari, Cuttack-753 012.

Bhasa

Dhwani - Barna Tatwa

'Prachalita Odia Bhasar Eka Byakaran' by Bijaya Prasad Mahapatra, Vidyapuri, Balu Bazar, Cuttack-753 002.

Odia Sahitya Samaj, Sanskrutir Itihas

'Odia Sahityar Samajik O Sanskrutik Bikash Dhara' - Adhunik Parba by Krushna Chadra Pradhan.

Vidyapuri, Balu Bazar, Cuttack-753 002.

Rachana

On Current and Contemporary Social, Cultural Problems and events.

Prakalpa

Swanirvarashilata, Chakshudan Aviyan, Swasthya Shibir Sthapan, Brusti Jala Sangrakshan, Ragging Samasya, Mobile Asakti, Janaswartha Mamala.

ସୂଚିପତ୍ର

।। ଏକାଦଶ ଶ୍ରେଣୀ ।।

ପ୍ରବନ୍ଧ : **ପୃଷ୍ଠା**

ପ୍ରାଚୀନ ଚିତ୍ରରେ ବର୍ଣ୍ଣ ଓ ବେଶଚର୍ଯ୍ୟା : ବିମ୍ବାଧର ବର୍ମା 3

ଅଧିକାର : ବିନୋଦ କାନୁନ୍‌ଗୋ 11

ଈର୍ଷା : ବୈକୁଣ୍ଠନାଥ ରଥ 18

ଏକବିଂଶ ଶତାବ୍ଦୀକୁ ଯାତ୍ରା : ଶରତ କୁମାର ମହାନ୍ତି 26

କବିତା :

ମୋ ଜୀବନ ପଛେ ନର୍କେ ପଡ଼ିଥାଉ : ଭୀମ ଭୋଇ 37

ନମସ୍କାର : ମାୟାଧର ମାନସିଂହ 42

ଚରମ ପତ୍ର : ରବି ସିଂ 48

ଶରତ ଋତୁରେ ଜହ୍ନ : ଗୁରୁ ପ୍ରସାଦ ମହାନ୍ତି 54

ଗଳ୍ପ :

ସମୟାତୀତ : ଭଗବତୀ ଚରଣ ପାଣିଗ୍ରାହୀ 61

କନି ଅପା : ଅଖିଳମୋହନ ପଟ୍ଟନାୟକ 68

ମଞ୍ଚନ : ବୀଣାପାଣି ମହାନ୍ତି 75

ଆନ୍ତର୍ଜାତିକ ଗଳ୍ପ :

ପାହାଡ଼ ଗଡ଼ାଣିରେ : କମଳା ଦାସ 87

ଭାରତୀୟ କବିତା :

ଦୀପକ ! ଜଳ ମଧୁର ମଧୁର : ମହାଦେବୀ ବର୍ମା 94

ପ୍ରକଳ୍ପ 97

।। ଦ୍ୱାଦଶ ଶ୍ରେଣୀ ।।

ପ୍ରବନ୍ଧ : **ପୃଷ୍ଠା**

ଓଡ଼ିଆ ଜାତି କିଏ ? : ଗୋପବନ୍ଧୁ ଦାସ 105

ସତ୍ୟଯୁଗ ପହଞ୍ଚିଲାଣି ତ ! : ମନମୋହନ ମିଶ୍ର 112

ଜାତିର ଜୀବନ ଓ ସଂସ୍କୃତି : ଗୋଲୋକ ବିହାରୀ ଧଳ 119

କବିତା :

ଉଦ୍ଦାମ ସିଂ : ରାଧାମୋହନ ଗଡ଼ନାୟକ 131

ଗ୍ରାମପଥ : ବିନୋଦ ଚନ୍ଦ୍ର ନାୟକ 136

ଓଡ଼ିଶା : ସୀତାକାନ୍ତ ମହାପାତ୍ର 142

ଗଳ୍ପ :

ନୀଡ଼ : ରାଜକିଶୋର ପଟ୍ଟନାୟକ 149

ଉଗ୍ରସେନ ଉବାଚ : ଅଚ୍ୟୁତାନନ୍ଦ ପତି 156

ଜହ୍ନରାତିର ସେତୁ : ମନୋଜ ଦାସ 159

ଆନ୍ତର୍ଜାତିକ କବିତା :

ଆଲୋକ ତୁମକୁ ଢାଙ୍କିଦିଏ : ପାବ୍ଲୋ ନେରୁଦା 167

ଭାରତୀୟ ଗଳ୍ପ :

ଖାତା : ରବୀନ୍ଦ୍ରନାଥ ଠାକୁର 169

ପ୍ରକଳ୍ପ 173

ଗଦ୍ୟ

ପ୍ରାଚୀନ ଚିତ୍ରରେ ବର୍ଣ୍ଣ ଓ ବେଶଚର୍ଯ୍ୟା

ଶିଳ୍ପୀଗୁରୁ ବିମ୍ବାଧର ବର୍ମା

କାଳ୍ପନିକ ଓ ବାସ୍ତବ ଭାବରେ ଚିତ୍ରକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । କାଳ୍ପନିକ ଚିତ୍ର ଧ୍ୟାନୋଦ୍ଭବ ଏବଂ ବାସ୍ତବ ଚିତ୍ର ଦର୍ଶନୋଦ୍ଭବ । ସ୍ଥୂଳତଃ ଅତୀତ ଯୁଗର (ପୌରାଣିକ) ଓ ମାନସ-ଜଗତର ଚିତ୍ର ପ୍ରଭୃତି କାଳ୍ପନିକ ଶ୍ରେଣୀର ଅନ୍ତର୍ଗତ । ଚଳିତ ଯୁଗର ସାମାଜିକ, ରାଜନୈତିକ ଏବଂ ଦୃଶ୍ୟମାନ ଜଗତର ଚିତ୍ର ପ୍ରଭୃତି ବାସ୍ତବ ଶ୍ରେଣୀର ଅନ୍ତର୍ଭୁକ୍ତ । ଯାହା ଆଖି ଆଗରେ ଦେଖୁଁ କିମ୍ବା ନମୁନା ଦେଖି ଅଙ୍କନ କରୁଁ, ତାହା ସମ୍ବନ୍ଧରେ କୌଣସି ବିଶେଷ ନିୟମ ରହିବାର ସେପରି ଆବଶ୍ୟକତା ନ ଥାଏ । କାରଣ ସେହି ଆଦର୍ଶ ବସ୍ତୁ ହିଁ ନିୟମପୂର୍ଣ୍ଣ, ଅର୍ଥାତ୍ ନିୟମ ଘେନି ଗଢ଼ା । ମାତ୍ର ଯେଉଁ ପୌରାଣିକ ଚିତ୍ର, ଯାହା ଆମେ ଆଖିରେ ନ ଦେଖି ଧ୍ୟାନ କିମ୍ବା ଧାରଣାରୁ ଅଙ୍କନ କରୁଁ, ସେଥିପାଇଁ ନିୟମ ପ୍ରଣୟନ ହେବା ସ୍ୱାଭାବିକ । ପୁନଶ୍ଚ ସେହି ନିୟମଗୁଡ଼ିକ ଯେ କୌଣସି ଶିଳ୍ପୀ ବିଶେଷରେ ପୃଥକ ହେବ, ଏହା ମଧ୍ୟ ନୁହେଁ । ଶ୍ରୀକୃଷ୍ଣ କିମ୍ବା ଶ୍ରୀରାମଚନ୍ଦ୍ର ପ୍ରଭୃତି ଧ୍ୟାନର ବସ୍ତୁ ହୋଇପାରନ୍ତି; ସେମାନଙ୍କର ରୂପ କଳ୍ପନା - ରାଜ୍ୟର ପଦାର୍ଥ ହୋଇପାରେ; କିନ୍ତୁ ପୌରାଣିକ ଯୁଗରେ ତାହାଙ୍କର ରୂପରେଖ କାଳ୍ପନିକ ନ ଥିଲା । ସେମାନଙ୍କର ଚାକ୍ଷୁଷ ରୂପ-ବର୍ଣ୍ଣନା ପରବର୍ତ୍ତୀ ଯୁଗରେ ତାହାଙ୍କର ଧ୍ୟାନରେ ପରିଣତ ହୋଇଅଛି। ବର୍ତ୍ତମାନ ଯୁଗରେ ପରବର୍ତ୍ତୀ ଯୁଗର ସେହି ଧ୍ୟାନ ହିଁ ଦେବଦେବୀ ଓ ପ୍ରାଚୀନ ନରନାରୀ ମୂର୍ତ୍ତି ରଚନାର ନିୟମ ଶୃଙ୍ଖଳାରେ ପରିଣତି ଲାଭ କରିଅଛି ।

କିନ୍ତୁ ଦୁଃଖର ବିଷୟ, ଏତେ ନିୟମ ଶୃଙ୍ଖଳା, ଏତେ ଶାସ୍ତ୍ର-ପୁରାଣ ଓ ଧ୍ୟାନ ପ୍ରଭୃତିର ପ୍ରାଚୁର୍ଯ୍ୟ ଥାଇ ମଧ୍ୟ ଏ ଦେଶର ଆଧୁନିକ ଶିଳ୍ପୀ-ଅଙ୍କିତ ପୌରାଣିକ ଚିତ୍ରରେ ବହୁ ପ୍ରମାଦ ପରିଲକ୍ଷିତ ହୁଏ । ଏ ପ୍ରବନ୍ଧରେ ଦେବଦେବୀ ଓ ପ୍ରାଚୀନ ଭାରତର ଶିଳ୍ପ ପଦ୍ଧତି-ଗତ କେତେକ ବର୍ଣ୍ଣ ବେଶ-ବିନ୍ୟାସର ନିୟମ ଲିପିବଦ୍ଧ କରିବାକୁ ମନସ୍ଥ କରିଛି । ଏହା ଶିଳ୍ପୀମାନଙ୍କୁ ଛବି ଅଙ୍କନ କରିବାରେ ଏବଂ ସାଧାରଣଙ୍କୁ ଛବିର ଆଲୋଚନାରେ ସାହାଯ୍ୟ କରିବ ବୋଲି ମୋର ଆଶା। ନିମ୍ନୋକ୍ତ ବର୍ଣ୍ଣନାଗୁଡ଼ିକ ଭରତଙ୍କ ନାଟ୍ୟଶାସ୍ତ୍ର ଏବଂ ମୟମତ ଓ ମାନସାରେଙ୍କ ଶିଳ୍ପଶାସ୍ତ୍ରରୁ ଗୃହୀତ ହୋଇଅଛି । ଆଉ ମଧ୍ୟ ଏହି ପ୍ରବନ୍ଧରେ ଏପରି ଅନେକ ଅଳଙ୍କାର ପ୍ରଭୃତିର ନାମୋଲ୍ଲେଖ ହେବ ଯାହାକି ବର୍ତ୍ତମାନ ଆମ୍ଭମାନଙ୍କୁ ଅବୋଧ । ଏହା ତ ଅତି ଅତୀତର କଥା । ଲାବଣ୍ୟବତୀର ଛବି ଆଙ୍କିଲାବେଳେ ମଧ୍ୟ ମୁଁ ଭଞ୍ଜ-ଲିଖିତ ଅନେକ ଅଳଙ୍କାରର ଅର୍ଥ ବୁଝିପାରି ନ ଥିଲି । ପୁରୀର ଜଣେ ବଣିଆଙ୍କଠାରୁ ସେ ବିଷୟରେ ବହୁତ କଥା ଜାଣିବା ପରେ ଛବିଟିର ଆଳଙ୍କାରିକ ସୌନ୍ଦର୍ଯ୍ୟ ବିକଶିତ କରିବାକୁ ସମର୍ଥ ହୋଇ ପାରିଥିଲି । ସେହିପରି ଏହିସବୁ ଅଧୁନାଲୁପ୍ତ ଅଳଙ୍କାର ଓ ତାହାର ନାମଗୁଡ଼ିକ ସକାଶେ ଦେଶର ସୁଧୀ ବ୍ୟକ୍ତିମାନେ ଯଦି ଗବେଷଣା କରନ୍ତେ, ତାହାହେଲେ ବହୁ ଲୁପ୍ତ ତଥ୍ୟର ପୁନରୁଦ୍ଧାର ହୋଇ ପାରନ୍ତା ।

ଆଲେଖ୍ୟ ଚିତ୍ରଣରେ ପ୍ରଥମତଃ ବର୍ଣ୍ଣ-ଯୋଜନା କର୍ତ୍ତବ୍ୟ । ଶାସ୍ତ୍ରରେ କେଉଁ କେଉଁ ରଙ୍ଗ କିପରି ଭାବରେ ପ୍ରସ୍ତୁତ କରିବାକୁ ହୁଏ, ତାହାର ଉଲ୍ଲେଖ ଅଛି । ବର୍ତ୍ତମାନ ଏ ବିଜ୍ଞାନ-ଯୁଗରେ ସେସବୁ ଉଲ୍ଲେଖର ଆବଶ୍ୟକତା ନାହିଁ । ସୁତରାଂ କାହାର ବର୍ଣ୍ଣ କିପରି ହେବା ଉଚିତ, ଏହା ହିଁ ଏଠାରେ ଆଲୋଚ୍ୟ ଓ ଗ୍ରହଣୀୟ । ଦେବ, ଯକ୍ଷ ଓ ଅପ୍ସରାମାନଙ୍କ ବର୍ଣ୍ଣ ଗୌର ହେବ । ରକ୍ତ-ପୀତର ଏକୀକରଣରେ ଗୌର ବର୍ଣ୍ଣ ଜାତହୁଏ । ଏହାକୁ 'ସଂଯୋଗଜ' ବର୍ଣ୍ଣ କୁହାଯାଏ । ରୁଦ୍ରଗଣ, ବ୍ରହ୍ମା ଓ ସ୍କନ୍ଦ (କାର୍ତ୍ତିକ)ଙ୍କର ବର୍ଣ୍ଣ ହେବ ତପ୍ତକାଞ୍ଚନପ୍ରଭ । ସୋମ, ବୃହସ୍ପତି, ଶୁକ୍ର, ବରୁଣ, ତାରକାଗଣ ଏବଂ ସମୁଦ୍ର, ହିମାଚଳ, ଗଙ୍ଗା ଏମାନଙ୍କ ପ୍ରାକୃତିକ ଦୃଶ୍ୟ ନୁହେଁ, ରୂପକ ଭାବେ ଏମାନେ ମୂର୍ତ୍ତିମନ୍ତ ହେବାର ଦୃଶ୍ୟ- ଏମାନଙ୍କୁ ଶ୍ୱେତ ବର୍ଣ୍ଣ-ରଞ୍ଜିତ କରିବାକୁ ହେବ । ଅଙ୍ଗାରକ (ମଙ୍ଗଳ ଗ୍ରହ) ରକ୍ତ ବର୍ଣ୍ଣ, ବୁଧ ଗ୍ରହ ଓ ହୁତାଶନ ପୀତ ବର୍ଣ୍ଣ । ନର ନାରାୟଣ ଉଭୟେ ଶ୍ୟାମ ବର୍ଣ୍ଣ । ବାସୁକି, ଦୈତ୍ୟଗଣ, ଦାନବବୃନ୍ଦ, ରାକ୍ଷସସମୂହ, ଗୁହ୍ୟକଗଣ, ନଗ (ପର୍ବତ ବା ବୃକ୍ଷ) ଆକାଶ, ପିଶାଚଗଣ ଓ ଯମ ଶ୍ୟାମ ବର୍ଣ୍ଣ । ଯକ୍ଷଗଣଙ୍କୁ ଗୌର ବର୍ଣ୍ଣ ରଞ୍ଜିତ କରିବାକୁ କୁହାଯାଇଛି । ଏମାନଙ୍କୁ ବିଚିତ୍ର ବର୍ଣ୍ଣ ମଧ୍ୟ କରାଯାଇପାରେ । ଗନ୍ଧର୍ବ, ଭୂତ, ପନ୍ନଗ (ସର୍ପ), ବିଦ୍ୟାଧର, ପିତୃଗଣ, ବାନର ପ୍ରଭୃତିଙ୍କୁ ମଧ୍ୟ ନାନା ବର୍ଣ୍ଣରେ ରଞ୍ଜିତ କରିବା ପ୍ରୟୋଜନ । ସାଧାରଣତଃ ସପ୍ତଦ୍ୱୀପର ଅଧିବାସୀ ମାନବମାନଙ୍କୁ ତପ୍ତକାଞ୍ଚନ ବର୍ଣ୍ଣ କରିବା ଉଚିତ । କେବଳ ଜମ୍ବୁ ଦ୍ୱୀପର ବିଭିନ୍ନ ବର୍ଷରେ ଯେଉଁସବୁ ଭିନ୍ନ ବର୍ଣ୍ଣର ନରନାରୀ ବାସ କରନ୍ତି, ସେମାନଙ୍କୁ ଈଷତ୍ ସ୍ୱର୍ଣ୍ଣାଭ କରିବା ପ୍ରୟୋଜନ । ଜମ୍ବୁ ଦ୍ୱୀପର ୯ଟି ବର୍ଷ ବା ବିଭାଗ ହେଲା- କୁରୁ, ହିରଣ୍ମୟ, ରୁମଣ୍ଡକ ବା ରମ୍ୟକ, ଇଳାବୃତ୍ତ, କେତୁମାଳ, ଭଦ୍ରାଶ୍ୱ, ହରି, କିନ୍ନର ଓ ଭାରତବର୍ଷ । ଭଦ୍ରର ଅଧିବାସୀ ଶ୍ୱେତ ବର୍ଣ୍ଣ, କେତୁମାଳବାସୀ ମଧ୍ୟ ତଦ୍ରୂପ । ଅବଶିଷ୍ଟ ବର୍ଷବାସୀଗଣ ଗୌର ।

ଭାରତବର୍ଷରେ ବର୍ଣ୍ଣ ବିଭାଗର ବୈଶିଷ୍ଟ୍ୟ ଅନେକ । ରାଜଗଣ ଶ୍ୟାମ ବା ଗୌରବର୍ଣ୍ଣ ହୋଇପାରନ୍ତି । ଆବଶ୍ୟକ ଅନୁସାରେ ସେମାନଙ୍କୁ ପଞ୍ଚବର୍ଣ୍ଣରେ ରଞ୍ଜିତ ମଧ୍ୟ କରାଯାଇପାରେ । ସୁଖୀ ଆଉ ଭୋଗୀମାନଙ୍କୁ ଗୌରବର୍ଣ୍ଣ କରିବାକୁ ହେବ । ଦେଶ, ଜାତି, କାଳ ଓ ବୟସ ଅନୁସାରେ ବର୍ଣ୍ଣର ବିଶେଷ ଭିନ୍ନତା କରଣୀୟ । କିରାତ, ବର୍ବର, ଆନ୍ଧ୍ର, ଦ୍ରମିଲ, କାଶୀ ଓ କୋଶଳର ଅଧିବାସୀ, ପୁଲିନ୍ଦ ଓ ଦାକ୍ଷିଣାତ୍ୟମାନେ ପ୍ରାୟ ଅସିତ (କୃଷ୍ଣ) ବର୍ଣ୍ଣ । ଶକ, ଯବନ, ପହ୍ଲବ, ବହ୍ଲୀକମାନେ ଗୌରବର୍ଣ୍ଣ । ଉତ୍ତର ଦେଶର ଅଧିବାସୀମାନେ ମଧ୍ୟ ଗୌର । ପାଞ୍ଚାଳ, ଶୂରସେନ, ଓଡ୍ର, ମାଗଧ, ଅଙ୍ଗ, ବଙ୍ଗ ଓ କଳିଙ୍ଗର ଅଧିବାସୀ ଶ୍ୟାମ ବର୍ଣ୍ଣ । ଏମାନଙ୍କ ମଧ୍ୟରେ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଈଷତ୍ ରକ୍ତାଭ ଏବଂ ବୈଶ୍ୟ ଓ ଶୂଦ୍ରମାନେ ଶ୍ୟାମାଭ ହେବା ପ୍ରୟୋଜନ ।

ଏହାପରେ ଶ୍ମଶ୍ରୁ ଚିତ୍ରଣ । ଶ୍ମଶ୍ରୁ ଚାରି ପ୍ରକାର- ଶୁକ୍ଳ, ଶ୍ୟାମ, ବିଚିତ୍ର ଓ ଲୋମଶ । ଆକୁମାର ବ୍ରହ୍ମଚାରୀ ବା ତପସ୍ୱୀମାନଙ୍କର ଶୁଦ୍ଧ ଶ୍ୱେତ ଶ୍ମଶ୍ରୁ । ଅମାତ୍ୟ ଓ ପୁରୋଧାମାନଙ୍କର ମଧ୍ୟ ତଦ୍ରୂପ । ମଧ୍ୟାବସ୍ଥାରେ ଉପନୀତ, ଦୀକ୍ଷିତ ଦିବ୍ୟପୁରୁଷ, ସିଦ୍ଧ, ବିଦ୍ୟାଧର, ନୃପତି ବା ରାଜକୁମାରଙ୍କର ଅନୁଜୀବୀ, ଶୃଙ୍ଗାରୀ ଓ ଯୌବନ ମଦୋନ୍ମତ୍ତମାନଙ୍କର ଶ୍ମଶ୍ରୁ ବିଚିତ୍ର (ଶ୍ୱେତ ଶ୍ୟାମ ମିଶ୍ରିତ) । ଅପୂର୍ଣ୍ଣପ୍ରତିଜ୍ଞ, ଦୁଃଖିତ, ହତଭାଗ୍ୟ ଓ ବ୍ୟସନଗ୍ରସ୍ତମାନଙ୍କର ଶ୍ୟାମ ଶ୍ମଶ୍ରୁ । ଋଷି, ତାପସ, ସିଦ୍ଧ, ବିଦ୍ୟାଧରମାନଙ୍କର ରୋମଶ ଶ୍ମଶ୍ରୁ କରିବା କର୍ତ୍ତବ୍ୟ ।

ଜୀବିକାନୁସାରେ ବେଶର ଭେଦ ଅନନ୍ତ । ତେବେ ମୋଟାମୋଟି ବେଶ ତିନି ପ୍ରକାର- ଶୁଦ୍ଧ, ବିଚିତ୍ର, ମଳିନ । ସେହିପରି ଆଚ୍ଛାଦନ ମଧ୍ୟ ତିନି ପ୍ରକାର- ଶୁଦ୍ଧ, ରକ୍ତ ଓ ବିଚିତ୍ର । ଦେବତା ପୂଜା ବା ଦେବ-ବିଗ୍ରହ ସମ୍ମୁଖରେ ମାଙ୍ଗଳିକ ନିୟମ ବା ଉତ୍ସବ ଉପଲକ୍ଷରେ, ଶୁଭ ତିଥି-ନକ୍ଷତ୍ର ଯୋଗେ, ବିବାହ କାର୍ଯ୍ୟରେ, ସ୍ତ୍ରୀ ପୁରୁଷଙ୍କର ଯାବତୀୟ ଧର୍ମାନୁଷ୍ଠାନରେ ଶୁଦ୍ଧ ବେଶ ରଚନୀୟ । ଦେବ, ଦାନବ, ଯକ୍ଷ, ଗନ୍ଧର୍ବ, ରାକ୍ଷସ ଓ କର୍କଶ-ସ୍ୱଭାବ ରାଜାମାନଙ୍କର

ବେଶ ବିଚିତ୍ର ହେବ । କଞ୍ଚୁକୀ ଓ ଅନ୍ତଃପୁର ଚରମାନେ କଞ୍ଚୁକ ଲମ୍ବାହାତିଆ ଜାମା ପିନ୍ଧନ୍ତି । ଅମାତ୍ୟ, ଶ୍ରେଷ୍ଠୀ, ପୁରୋଧା, ସିଦ୍ଧ, ବିଦ୍ୟାଧର, ଶାସ୍ତ୍ରବିଦ୍, ବଣିକ, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କ ମଧ୍ୟରେ ସୌମ୍ୟଭାବାପନ୍ନ ଲୋକମାନଙ୍କର ବେଶ ଶୁଦ୍ଧହେବା ପ୍ରୟୋଜନ । ଉନ୍ମତ୍ତ, ପ୍ରମତ୍ତ, ପଥିକ, ପ୍ରବାସୀ, ବ୍ୟସନାଭିହିତ ବ୍ୟକ୍ତିମାନଙ୍କର ବେଶ ମଳିନ । ମୁନି (ମୌନବ୍ରତଧାରୀ ବା ମନନଶୀଳ ତପସ୍ୱୀ), ନିର୍ଗ୍ରନ୍ଥ (ଦିଗମ୍ବର ଜୈନ ଭିକ୍ଷୁ), ଶାକ୍ୟ (ବୌଦ୍ଧ ଭିକ୍ଷୁ) ଓ ତ୍ରିଦଣ୍ଡୀ, ଶ୍ରୋତ୍ରିୟ ପ୍ରଭୃତିଙ୍କର ଯଥାଯଥ ରୂପାନୁଯାୟୀ ଅଳଙ୍କାର ଓ ବେଶ ରଚନା ହେବ । ପରିବ୍ରାଜକ ଓ ମୁନିଶ୍ରେଷ୍ଠଙ୍କର କଷାୟ ବସନ ବିହିତ । ପାଶୁପତଗଣଙ୍କର ବିଚିତ୍ର ବେଶ ହେବ । ଅନ୍ୟାନ୍ୟ କୁଳଜାତ ଗୃହସ୍ଥମାନଙ୍କର ଯଥୋଚିତ ବେଶ ରଚନୀୟ । ଅନ୍ତଃପୁର ରକ୍ଷାପାଇଁ ଯେଉଁସବୁ ବ୍ୟକ୍ତି ନିଯୁକ୍ତ ହୁଅନ୍ତି ସେମାନଙ୍କର କଞ୍ଚୁକ ଓ ବସ୍ତ୍ର କଷାୟରଞ୍ଜିତ ହେବ । ତାପସମାନଙ୍କର ଚୀର, ବଲ୍କଳ ଓ ଚର୍ମ ପରିଧେୟ । ସ୍ତ୍ରୀମାନଙ୍କର ବେଶ ଅବସ୍ଥାନରୂପ ହୋଇଥାଏ । ବୀରମାନଙ୍କର ଯୁଦ୍ଧସଜ୍ଜା ମଧ୍ୟରେ ବିଚିତ୍ର ଶସ୍ତ୍ର, କବଚ, ନାନାବିଧ ଅଙ୍ଗତ୍ରାଣ (ଅଙ୍ଗୁଳିତ୍ର, ଶିରସ୍ତ୍ରାଣ ପ୍ରଭୃତି) ଧନୁ ପ୍ରଭୃତି ପ୍ରଧାନ ।

ଶିରୋଭୂଷଣ ରଚନାର ନିୟମ ମଧ୍ୟ ସେହିଭଳି ଶାସ୍ତ୍ରାନୁମୋଦିତ । ଦେବତା ଓ ମାନବମାନଙ୍କର ଦେଶ, ଜାତି, ବୟସ ଓ ପାଣ୍ଡିତ୍ୟ ଅନୁସାରେ ମୁକୁଟ, କିରୀଟ ପ୍ରଭୃତି ରଚନା କରିବା ଉଚିତ । ରାଜାଙ୍କ ପକ୍ଷରେ ସମଗ୍ର ମସ୍ତକବ୍ୟାପୀ ରାଜମୁକୁଟ ବା କିରୀଟ ଧାରଣୀୟ । ମଧ୍ୟମ-ପ୍ରକୃତି ପାତ୍ରଙ୍କର ମସ୍ତକୋପରି ଅପେକ୍ଷାକୃତ କ୍ଷୁଦ୍ର ମୁକୁଟ ରହିବ । କନିଷ୍ଠ-ପ୍ରକୃତିକ ପାତ୍ରର ଶୀର୍ଷଦେଶରେ ଚୂଡ଼ା ଆକାର ବିଶିଷ୍ଟ କ୍ଷୁଦ୍ର ମୁକୁଟ ରଚିତ ହେବ । ବିଦ୍ୟାଧର, ସିଦ୍ଧ, ଚାରଣ ପ୍ରଭୃତିଙ୍କର କେଶପାଶ ମୁକୁଟ ଆକାରରେ ବନ୍ଧନ କଳାପରି ଅଙ୍କିତ ହେବ । ଏମାନଙ୍କ ମଧ୍ୟରେ ଯେଉଁମାନେ ଉଦାତ୍ତ ପ୍ରକୃତିକ ସେମାନଙ୍କର ଚୂଡ଼ା ମସ୍ତକର ଏକ ପାଖରେ ରହିବ । ଅମାତ୍ୟ, କଞ୍ଚୁକୀ, ଶ୍ରେଷ୍ଠୀ, ପୁରୋଧା ପ୍ରଭୃତିଙ୍କର ମସ୍ତକରେ ପଟ୍ଟବନ୍ଧନ କର୍ତ୍ତବ୍ୟ । ସେନାପତି ଓ ଯୁବରାଜଙ୍କ ମସ୍ତକରେ ଅର୍ଦ୍ଧ-ମୁକୁଟ ଦେବା ପ୍ରୟୋଜନ । ଅନେକ ସମୟରେ ମଧ୍ୟ ପ୍ରୟୋଗର ବଶବର୍ତ୍ତୀହୋଇ ମସ୍ତକସଜ୍ଜା ଅଙ୍କନ କରିବାକୁ ହେବ । ତଦନୁଯାୟୀ କାକପକ୍ଷ ବର୍ଣ୍ଣ ଅଙ୍କନ କୈଶୋରାବସ୍ଥାରେ ପ୍ରଶସ୍ତ ହେଲେ ମଧ୍ୟ ବାଳକ ପକ୍ଷରେ ଶିଖଣ୍ଡ ଧାରଣ ନିଷିଦ୍ଧ ଅଛି । ଋଷିମାନଙ୍କର ଶିରୋଦେଶରେ ଜଟାମୁକୁଟ ଲମ୍ବିତ ହେବା ପ୍ରୟୋଜନ । ରାକ୍ଷସ, ଦାନବ ଓ ଦୈତ୍ୟମାନଙ୍କ ଶ୍ମଶ୍ରୁ ପିଙ୍ଗଳ ବର୍ଣ୍ଣ ହେବ । ଅନୁତୀର୍ଣ୍ଣ-ପ୍ରତିଜ୍ଞମାନଙ୍କର ମସ୍ତକର କେଶ ଲମ୍ବମାନ ଚିତ୍ରିତ ହେବ । ଶାକ୍ୟ, ଶ୍ରୋତ୍ରିୟ, ପରିବ୍ରାଜକ, ନିର୍ଗ୍ରନ୍ଥ ଓ ଯଜ୍ଞ-ଦୀକ୍ଷିତମାନଙ୍କର ମସ୍ତକ ମୁଣ୍ଡିତ ରହିବ । ବଧୂ, ରାଜୋପଜୀବୀ ଓ ଶୃଙ୍ଗାରୀମାନଙ୍କର କୁଞ୍ଚିତ କେଶଦାମ ରଚନା କରିବା ବିଧେୟ । ଚେଟୀମାନଙ୍କର ମସ୍ତକ ହୟ-ମୁଣ୍ଡିତ ଅଥବା ତିନୋଟି ଚୂଡ଼ା ବିଶିଷ୍ଟ ହେବା ପ୍ରୟୋଜନ । ବିଦୂଷକର ମସ୍ତକର ମଧ୍ୟସ୍ଥଳ ଟାଙ୍ଗରା ଓ ଉଭୟ ପାଖ କାକପଦ (ଲମ୍ବା ଝିଲ୍‌ପି)ରେ ଶୋଭା ପାଇବ । ଏହିପରି ପ୍ରୟୋଗ ଓ ରସସୃଷ୍ଟିର ଅନୁକୂଳ ଭାବରେ ଯଥାଯଥ ବିଚିତ୍ର ବସନ, ଭୂଷଣ ଓ ମାଲ୍ୟ ପ୍ରଭୃତି ଦ୍ୱାରା ଅଙ୍ଗ ରଚନା କର୍ତ୍ତବ୍ୟ ।

ପୃଷ୍ଠବଂଧ

ଲେଖକ : ଶିଳ୍ପୀଗୁରୁ ବିମ୍ବାଧର ବର୍ମା (ଖ୍ରୀ. ୧୯୦୧-ଖ୍ରୀ. ୧୯୫୩)

ଓଡ଼ିଶାର ଶିଳ୍ପକଳା ଗଗନର ଉଜ୍ଜ୍ୱଳ ପ୍ରଭାତୀତାରା ହେଲେ ଶିଳ୍ପୀଗୁରୁ ବିମ୍ବାଧର ବର୍ମା । କଟକ ଜିଲ୍ଲାର ସୁବିଖ୍ୟାତ ପଲ୍ଲୀ ଗ୍ରାମ କୁସୁପୁରରେ ତାଙ୍କର ଜନ୍ମ । ଯଥାର୍ଥରେ ସେ ଓଡ଼ିଶାର ପ୍ରଥମ କଳାଶିଳ୍ପୀ । କୌଣସି ଶିକ୍ଷାନୁଷ୍ଠାନରୁ ସେ ଚାରୁକଳା ସମ୍ବନ୍ଧରେ ଶିକ୍ଷାଲାଭ କରି ନଥିଲେ ମଧ୍ୟ ଅବନୀନ୍ଦ୍ରନାଥଙ୍କ ଚିତ୍ରକଳା ପଦ୍ଧତି ତାଙ୍କ ନିକଟରେ ଆଦର୍ଶ ହୋଇପଡ଼ିଥିଲା । ଦୃଷ୍ଟିକୋଣର ନୂତନତା ହେତୁ ସେ ନୂତନ ମାର୍ଗ ସୃଷ୍ଟି କରିବାରେ ସହାୟକ ହୋଇଥିଲେ । ନିଖୁଣ

ବାସ୍ତବଧର୍ମୀ ଚିତ୍ର ଅଙ୍କନ କରି ସେ ସର୍ବତ୍ର ପ୍ରଶଂସା ଭାଜନ ହୋଇ ପାରିଥିଲେ । 'ପଲ୍ଲୀବଧୂ' ତାଙ୍କର ସର୍ବଶ୍ରେଷ୍ଠ କଳାକୃତି । ସମକାଳୀନ ସମାଜ, ପ୍ରାକୃତିକ ପରିପାର୍ଶ୍ୱ ଓ ପୌରାଣିକ ଘଟଣାବଳୀ ତାଙ୍କ କଳା ପରିଧିଭୁକ୍ତ ହୋଇଥିଲା। ଜଣେ ସାହିତ୍ୟିକ ଭାବରେ ସେ ଲେଖିଥିବା 'ପତିପତ୍ନୀ' ଉପନ୍ୟାସ ବେଶ୍ ଆଦୃତ ହୋଇଥିଲା । ସେ ମଧ୍ୟ ଅନେକ କବିତାର ସ୍ରଷ୍ଟା ଥିଲେ । ସାହିତ୍ୟ ଅପେକ୍ଷା କଳାକ୍ଷେତ୍ରରେ ତାଙ୍କର ସୁନାମ ସୁବିଦିତ ।

ପ୍ରବନ୍ଧ ସଂପର୍କରେ :

'ପ୍ରାଚୀନ ଚିତ୍ରରେ ବର୍ଣ୍ଣ ଓ ବେଶଚର୍ଯ୍ୟା' ପ୍ରବନ୍ଧଟି 'ଭଂଜ ପ୍ରଦୀପ' ପତ୍ରିକାର ୭ମ ବର୍ଷ ୨ୟ ସଂଖ୍ୟାରେ ପ୍ରଥମେ ପ୍ରକାଶ ପାଇଥିଲା । ଏଥିରେ ଲେଖକ ଚିତ୍ରଶିଳ୍ପୀମାନଙ୍କୁ ଚିତ୍ର ଅଙ୍କନ କଲାବେଳେ କେଉଁ ରଙ୍ଗ କେଉଁ ବେଶ କାହାପ୍ରତି ପ୍ରୟୋଗ କରାହେବ ତାହାର କଳାତ୍ମକ ସୂଚନା ପ୍ରଦାନ କରିଛନ୍ତି ।

ଏହି ପ୍ରବନ୍ଧରେ ପ୍ରାଚୀନ ଚିତ୍ରମାନଙ୍କରେ ବର୍ଣ୍ଣ-ବିନ୍ୟାସର ନିୟମ ବିସ୍ତାରିତ ଭାବରେ ପ୍ରାବନ୍ଧିକ ଆଲୋଚନା କରିଛନ୍ତି। ସେ ପ୍ରଥମତଃ ଚିତ୍ରର ବିଭାଗୀକରଣ କରି ବର୍ଣ୍ଣବେଶ-ବିନ୍ୟାସର ନିୟମ ଲିପିବଦ୍ଧ କରିଛନ୍ତି । ଏହି ଆଲୋଚନାରେ ଏପରି ଅନେକ ଅଳଙ୍କାର ପ୍ରଭୃତିର ନାମୋଲ୍ଲେଖ ହୋଇଛି, ଯାହା ନୂତନ ଭାବେ ଏଥିରେ ବ୍ୟବହୃତ । ପ୍ରବନ୍ଧରେ କାହାର ବର୍ଣ୍ଣ କିପରି ହେବା ଉଚିତ ତାହା ସୁନ୍ଦରଭାବେ ବର୍ଣ୍ଣିତ ହୋଇଛି ।

ଭାରତବର୍ଷରେ ବର୍ଣ୍ଣ ବିଭାଗର ବୈଶିଷ୍ଟ୍ୟ କଥା କହି ଶିରୋଭୂଷଣ ରଚନାର ନିୟମକୁ ସହଜ, ସରଳ ଭାବରେ ଆଲୋଚନା କରିଛନ୍ତି ଏହି 'ପ୍ରାଚୀନ ଚିତ୍ରରେ ବର୍ଣ୍ଣ ଓ ବେଶଚର୍ଯ୍ୟା' ପ୍ରବନ୍ଧରେ ।

ପ୍ରାବନ୍ଧିକଙ୍କ ଅନୁଭବ ଓ ବାସ୍ତବ ରୂପବର୍ଣ୍ଣନା ପ୍ରବନ୍ଧଟିକୁ ତଥ୍ୟମୟ କରିଛି ।

କଠିନ ଶବ୍ଦାର୍ଥ :

ବର୍ଣ୍ଣ - ରଙ୍ଗ

ବେଶଚର୍ଯ୍ୟା - ସାଜସଜ୍ଜା ବ୍ୟବହାର; ବସ୍ତ୍ର, ଅଳଙ୍କାର ଓ ଭୂଷଣ ପ୍ରୟୋଗ ।

ଧ୍ୟାନୋଦ୍ଭବ - (ଧ୍ୟାନ+ଉଦ୍ଭବ) ଚିନ୍ତାରୁ ଜନ୍ମ ବା ସୃଷ୍ଟି; କଳ୍ପନାରୁ ଜାତ ।

ଦର୍ଶନୋଦ୍ଭବ - (ଦର୍ଶନ+ଉଦ୍ଭବ) ଦେଖିବାପରେ ସୃଷ୍ଟି; ଲବ୍ଧ ଜ୍ଞାନରୁ ଜାତ ।

ଦୃଶ୍ୟମାନ - ଦେଖାଯାଉଥିବା; ଦେଖି ହେଉଥିବା ।

ପ୍ରଣୟନ - ନିର୍ମାଣ, ତିଆରି, ସୃଷ୍ଟି ।

ରୁପରେଖ - ଶରୀରର ରଙ୍ଗ ଓ ଆକୃତି ।

ଚାକ୍ଷୁଷ - ନୟନଗୋଚର; ଚକ୍ଷୁଜନିତ ଜ୍ଞାନ ।

ଶିଳ୍ପ ପଦ୍ଧତି - କାରୁକାର୍ଯ୍ୟର ଧାରା; ବସ୍ତୁନିର୍ମାଣ ପ୍ରଣାଳୀ ।

ବେଶବିନ୍ୟାସ - ସାଜସଜ୍ଜା ରଚନା; ରୂପସଜ୍ଜା ।

ଭରତ - ନାଟ୍ୟଶାସ୍ତ୍ର ପ୍ରଣେତା ମୁନିପ୍ରବର । ଖ୍ରୀଷ୍ଟଜନ୍ମ ପୂର୍ବର ଆନୁମାନିକ ୫୦୦ ବର୍ଷ ପୂର୍ବେ ଜନ୍ମ ।

ମୟ - ବିଶିଷ୍ଟ ଦାନବଶିଳ୍ପୀ, ତାଙ୍କ ଶିଳ୍ପ ସଂରଚନା ବିଧି ନୈସର୍ଗିକ ଓ ଅତ୍ୟନ୍ତ ଚିତ୍ତାକର୍ଷକ ବୋଲି ବିଶ୍ୱାସ ଅଛି ।

ମାନସାରେ - ଜନୈକ ଶିଳ୍ପଶାସ୍ତ୍ର ପ୍ରଣେତା ।

ଲାବଣ୍ୟବତୀ - ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟଗ୍ରନ୍ଥ 'ଲାବଣ୍ୟବତୀ'ର ନାୟିକା ।

ଭଞ୍ଜ ଲିଖିତ - କବିସମ୍ରାଟ ଉପେନ୍ଦ୍ରଭଞ୍ଜ ରଚିତ ଗ୍ରନ୍ଥ ।

ଆଳଙ୍କାରିକ - ଅଳଙ୍କାର ଆଭୂଷଣ ସଂପର୍କୀୟ; କାବ୍ୟାଳଙ୍କାର ସ୍ରଷ୍ଟା ।

ଅଧୁନାଲୁପ୍ତ - ଏବେ ଦେଖିବାକୁ ମିଳୁ ନଥିବା ।

ସୁଧୀ ବ୍ୟକ୍ତି - ଜ୍ଞାନୀଲୋକ; ପଣ୍ଡିତ ବ୍ୟକ୍ତି ।

ଲୁପ୍ତ - ଲୋପପ୍ରାପ୍ତ; ଲୁଚି ଯାଇଥିବା ।

ପୁନରୁଦ୍ଧାର - ପୁଣି ଥରେ ଉଦ୍ଧାର ।

ଆଲେଖ୍ୟ - ପ୍ରତିମୂର୍ତ୍ତି; ଛବି ।

ବର୍ଣ୍ଣଯୋଜନା - ରଙ୍ଗ ପରିକଳ୍ପନା, ରଙ୍ଗ ବିନ୍ୟାସ ।

ଦେବ - ଦେବତା ।

ସଂଯୋଗଜ - ମିଶ୍ରଣରୁ ଜାତ ।

ରକ୍ତ-ପୀତ - ଲାଲ ହଳଦିଆ ।

ଏକୀକରଣ - ଏକାଠି କରିବା କାର୍ଯ୍ୟ ।

ତପ୍ତକାଞ୍ଚନପ୍ରଭ - ଉତ୍ତପ୍ତ ସୁନା ରଙ୍ଗ ଭଳି ।

ଶ୍ୱେତ - ଧଳା ବର୍ଣ୍ଣ ।

ବର୍ଣ୍ଣ ରଂଜିତ - ରଙ୍ଗଯୁକ୍ତ; ରଙ୍ଗରେ ଚିତ୍ରିତ

ହୁତାଶନ - ଅଗ୍ନି

ଗୌର - ଗୋରା

ଶ୍ୟାମବର୍ଣ୍ଣ - ଶ୍ୟାମଳ ବର୍ଣ୍ଣ; କୃଷ୍ଣ ବର୍ଣ୍ଣ ।

ବର୍ଷ - ଦେଶଭାଗ; ଦେଶଖଣ୍ଡ (ଯଥା - ଭାରତବର୍ଷ)

କିରାତ - ବ୍ୟାଧ; ବନଚର ଜନଜାତି ।

ବର୍ବର - ଅସଭ୍ୟ (ଜାତି); ଅନାର୍ଯ୍ୟ (ଲୋକ)

ଆନ୍ଧ୍ର - ଆନ୍ଧ୍ର ପ୍ରଦେଶବାସୀ ଲୋକ ।

ଦ୍ରମିଳ - ଦ୍ରାବିଡ଼ ।

ପୁଲିନ୍ଦ - ମ୍ଲେଚ୍ଛ ଜାତିର ଲୋକ ।

ଯବନ - ମୁସଲମାନ ଓ ଗ୍ରୀକ୍ ଜାତି ।

ପହ୍ଲବ - ପାର୍ଥିଆନ୍ (Parthians)

ବହ୍ଲୀକ - ପ୍ରାଚୀନ ପଂଜାବ ଓ ସିଆଲକୋଟ ଅଞ୍ଚଳରେ ବସବାସ କରୁଥିବା ଏକ ଜନଜାତି ।

ପାଞ୍ଚାଳ - ଗଙ୍ଗା ଓ ଯମୁନା ମଧ୍ୟସ୍ଥ ଭୂଭାଗ ।

ଶୂରସେନ - ମଥୁରା

ଶ୍ମଶ୍ରୁ - ଦାଢ଼ି

ଅମାତ୍ୟ - ମନ୍ତ୍ରୀ; ସଭାସଦ୍ ।

ପୁରୋଧା - ପୁରୋହିତ ।

ଉପନୀତ - ଆନୀତ; ଆଗତ; ଉପସ୍ଥିତ ।

ଦୀକ୍ଷିତ - ଉପବିଷ୍ଟ; ମନ୍ତ୍ରଗ୍ରହଣ କରିଥିବା (ବ୍ୟକ୍ତି) ।

ଅନୁଜୀବୀ - ଆଶ୍ରିତ; ଭୃତ୍ୟ ।

ଅପୂର୍ଣ୍ଣପ୍ରତିଜ୍ଞ - ପ୍ରତିଜ୍ଞା ପୂରଣ ହୋଇନଥିବା (ବ୍ୟକ୍ତି) ।

ଆଚ୍ଛାଦନ - ଆବରଣ; ବସ୍ତ୍ରାଦି ଢ଼ାଙ୍କୁଣି ।

ଶ୍ରେଷ୍ଠୀ - ଶେଠ; ବ୍ୟବସାୟୀ ।

ଶ୍ରୋତ୍ରିୟ - ବେଦାଧ୍ୟାୟୀ ବ୍ରାହ୍ମଣ ।

କଞ୍ଚୁକ - ସାପକାତି, କବଚ; ସାଂଜୁ; କାଞ୍ଚଳା ।

କଷାୟ - ଗେରୁ ।

ଚୀର - ଛିଣ୍ଡାକନା ।

ଚାରଣ - ଭାଟ; ନଟ ।

ପଟ୍ଟବନ୍ଧନ - ପାଟ ବାନ୍ଧିବା ।

କାକପକ୍ଷ - କୁଆ ପକ୍ଷି ଭଳିଆ ।

ଶିଖଣ୍ଡ - ଶିଖା, ଚୁଟି ।

ପିଙ୍ଗଳବର୍ଣ୍ଣ - ନୀଳ ହଳଦିଆ ମିଶ୍ରିତ ରଙ୍ଗ ।

ଅନୁତୀର୍ଣ୍ଣପ୍ରତିଜ୍ଞ - ପ୍ରତିଜ୍ଞାକୁ ଅତିକ୍ରମ କରିପାରି ନଥିବା ।

ରାଜୋପଜୀବୀ - (ରାଜା+ଉପଜୀବୀ) ରାଜ ଆଶ୍ରିତ ।

ଚେଟୀ - ଦାସୀ; ପୋଇଲୀ

ହୟମୁଣ୍ଡିତ - ଘୋଡ଼ାମୁଣ୍ଡ ଭଳି ସଜ୍ଜିତ; ଘୋଡ଼ା ମୁଣ୍ଡଭଳି ଲଣ୍ଡିତ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । ପ୍ରାଚୀନ ଚିତ୍ରମାନଙ୍କରେ ବର୍ଣ୍ଣବିନ୍ୟାସର ନିୟମ କ'ଣ ଥିଲା, ବିସ୍ତାରିତ ଭାବେ ଉଲ୍ଲେଖ କର ।

୨ । ଚିତ୍ର ଅଙ୍କନ କଲାବେଳେ ପୂର୍ବେ କିଭଳି ବେଶବିଧି ଅନୁସରଣ କରାଯାଉଥିଲା, ବୁଝାଇ ଲେଖ ।

୩ । ପ୍ରାଚୀନ ଚିତ୍ରରେ ଶିରୋଭୂଷଣ ରଚନାର ନିୟମ ସଂପର୍କରେ ଆଲୋକପାତ କର ।

୪ । 'ପ୍ରାଚୀନ ଚିତ୍ରରେ ବର୍ଣ୍ଣ ଓ ବେଶଚର୍ଯ୍ୟା' ପ୍ରବନ୍ଧର ଭାବାଦର୍ଶ ଆଲୋଚନା କର ।

୫ । ଚିତ୍ର ରଚନା ବେଳେ ରଙ୍ଗ ଓ ବେଶ ସମ୍ପର୍କରେ ଲେଖକଙ୍କ ବକ୍ତବ୍ୟ ପାଠକ ମନରେ ଯେଉଁ ଧାରଣା ସୃଷ୍ଟି କରେ, ତାହା ଉଲ୍ଲେଖ କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର)

୧ । ଚିତ୍ର ସାଧାରଣତଃ କେତେ ଭାବରେ ବିଭକ୍ତ ଓ କ'ଣ କ'ଣ ?

୨ । କେଉଁ ଚିତ୍ର ଧ୍ୟାନୋଦ୍ଭବ ?

୩ । କେଉଁ ଚିତ୍ର ଦର୍ଶନୋଦ୍ଭବ ?

୪ । ଚଳିତ ଯୁଗର କେଉଁ କେଉଁ ଚିତ୍ର ବାସ୍ତବ ଶ୍ରେଣୀ ଅନ୍ତର୍ଭୁକ୍ତ ?

୫ । କେଉଁ କଥା ପରବର୍ତ୍ତୀ ଯୁଗରେ ଧ୍ୟାନରେ ପରିଣତ ହୋଇଛି ?

୬ । ଲେଖକ କେଉଁ କଥାକୁ ଦୁଃଖର ବିଷୟ ବୋଲି କହିଛନ୍ତି ?

୭ । କେଉଁମାନେ ପୌରାଣିକ ଚିତ୍ରରେ ବହୁ ପ୍ରମାଦ ସୃଷ୍ଟି କରୁଛନ୍ତି ?

୮ । 'ଲାବଣ୍ୟବତୀ' ଚିତ୍ର ଆଙ୍କିଲାବେଳେ ଲେଖକ କି ଅସୁବିଧାରେ ପଡ଼ିଥିଲେ ?

୯ । ଲୁପ୍ତ ତଥ୍ୟର ପୁନରୁଦ୍ଧାର କିଭଳି ହୋଇପାରିବ ବୋଲି ଲେଖକ ଆଶା କରିଛନ୍ତି ?

୧୦ । ଆଲେଖ୍ୟ ଚିତ୍ରଣରେ ପ୍ରଥମେ କ'ଣ କରିବାକୁ ହୁଏ ?

୧୧ । ଗୌର ବର୍ଣ୍ଣ କିପରି ପ୍ରସ୍ତୁତ ହୁଏ ?

୧୨ । କାହାକୁ ସଂଯୋଗଜ ବର୍ଣ୍ଣ କୁହାଯାଏ ?

୧୩ । କାର୍ତ୍ତିକେୟଙ୍କ ବର୍ଣ୍ଣ କିପରି ?

୧୪ । ସପ୍ତଦ୍ୱୀପ ଅଧିବାସୀ ମାନବଙ୍କ ବର୍ଣ୍ଣ କିଭଳି ହେବା ଉଚିତ ?

୧୫ । ଜମ୍ବୁଦ୍ୱୀପର କେତୋଟି ବର୍ଷ ଅଛି ?

୧୬ । କେଉଁମାନଙ୍କର ବର୍ଣ୍ଣ ଈଷତ୍ ରକ୍ତାଭ ?

୧୭ । ମୋଟାମୋଟି ଭାବେ ବେଶ କେତେ ପ୍ରକାର ଓ କ'ଣ କ'ଣ ?

୧୮ । ଆଚ୍ଛାଦନ କେତେ ପ୍ରକାର ଓ କ'ଣ କ'ଣ ?

୧୯ । ଶ୍ମଶ୍ରୁ କେତେ ପ୍ରକାରରେ ଚିତ୍ରଣ ହୁଏ ?

୨୦ । ପ୍ରକାରଭେଦ ଦୃଷ୍ଟିରୁ ଶ୍ମଶ୍ରୁଗୁଡ଼ିକର ନାମ କ'ଣ କ'ଣ ?

୨୧ । କେଉଁମାନେ ଲମ୍ବାହାତିଆ ଜାମା ପିନ୍ଧନ୍ତି ?

୨୨ । କେଉଁମାନଙ୍କର ବେଶ ମଳିନ ହୁଏ ?

୨୩ । କେଉଁମାନେ କଷାୟ ବସନ ପିନ୍ଧନ୍ତି ?

୨୪ । ବୀରମାନଙ୍କର ଯୁଦ୍ଧସଜ୍ଜା ବେଶ କିଭଳି ହୁଏ ?

୨୫ । ଅର୍ଦ୍ଧମୁକୁଟ କେଉଁମାନଙ୍କ ମୁଣ୍ଡରେ ସଜ୍ଜାଯାଏ ?

୨୬ । ବାଳକ ପକ୍ଷରେ କ'ଣ ନିଷିଦ୍ଧ ?

୨୭ । ବିଦୂଷକର ମସ୍ତକର ଚିତ୍ରଣ କିପରି ହୁଏ ?

୨୮ । ଶିଳ୍ପୀଗୁରୁ ବର୍ମାଙ୍କର କେଉଁଟି ସର୍ବଶ୍ରେଷ୍ଠ କଳାକୃତି ?

୨୯ । ବିମ୍ବାଧର ବର୍ମା ରଚିତ ଉପନ୍ୟାସର ନାମ କ'ଣ ?

୩୦ । ଏଇ ପ୍ରବନ୍ଧଟି ପ୍ରଥମେ କେବେ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

ଅଧିକାର

ବିନୋଦ କାନୁନ୍‌ଗୋ

'କର୍ମେ ଅଧିକାର ତବ ଫଳେ ନାହିଁ କଦାଚନ,

ନୋହୁ ଫଳ ହେତୁ କର୍ମ ଅକର୍ମେ ନୁହଁ ମଗନ ।' -(ଗୀତା)

'ଅଧିକାର' ଶବ୍ଦର ଯେଉଁ ଅର୍ଥ ଗଲା ଦୁଇଶହ ବର୍ଷ ହେଲା ଆମେ ବୁଝିଆସୁଛୁ, ସେ ଅର୍ଥରେ ତାର ବ୍ୟବହାର ଭାରତ ଦେଶରେ ହେଉ ନ ଥିଲା । କେବଳ ଭାରତ ଦେଶ କାହିଁକି, ରୋମ, ଗ୍ରୀସ୍, ମିଶର ପ୍ରଭୃତିରେ ମଧ୍ୟ ସେଭଳି ବ୍ୟବହାର ବୋଧହୁଏ ହେଉ ନ ଥିଲା ।

ମନୁଷ୍ୟ ଯେତେବେଳେ ପ୍ରକୃତ ଅର୍ଥରେ ସାମାଜିକ ଜୀବ ହୋଇ ନ ଥିଲା, ସେତେବେଳେ ଅଧିକାର ବୋଇଲେ ଆମେ ଆଜି ଯାହା ବୁଝୁଛୁ ସେଭଳି କିଛି ବୁଝି ନ ଥିଲା । ମନୁଷ୍ୟର ଜୀବନ ଥିଲା ମୁକ୍ତ । ଜଣେ ଲୋକ ତାହାର ସ୍ତ୍ରୀ, ପୁଅଝିଅଙ୍କୁ ନେଇ ଏ ସଂସାରରେ ରହୁଥିଲା । ଜୀବନ ବଞ୍ଚାଇବା ପାଇଁ ଯେତିକି ଖାଦ୍ୟ ଲୋଡ଼ା, ସେତକ ପାଇଗଲେ ସେ ସନ୍ତୁଷ୍ଟ ହୋଇଯାଉଥିଲା । ଘରର ମୁରବୀ ନିଜ ପରିବାର ଲୋକଙ୍କପାଇଁ ଯଦି ଖାଦ୍ୟ ସଂଗ୍ରହ କରିପାରୁଥିଲା, ତାହାର ସେମାନଙ୍କ ପ୍ରତି କର୍ତ୍ତବ୍ୟ ଶେଷ ହୋଇଯାଉଥିଲା । ତେଣୁ ତାହାର ଅଧିକାରର ପ୍ରଶ୍ନ ଆଦୌ ଉଠୁ ନ ଥିଲା । ସେ ଯେତେବେଳେ ଏ ସଂସାରରେ ଜନ୍ମଲାଭ କରିଛି, ବଞ୍ଚିବାର ଅଧିକାର ତା'ର ଅଛି । ସେ ଅଧିକାର ଅନ୍ୟଠାରୁ ହାସଲ କରିବାର ପ୍ରଶ୍ନ ନ ଥିଲା । ପ୍ରକୃତିଠାରୁ ହିଁ ସେ ତାହା ହାସଲ କରିନେଉଥିଲା ।

ମନୁଷ୍ୟ ଯେତେବେଳେ କ୍ରମେ ଉନ୍ନତି କଲା ଓ ଭଗବାନ, ଧର୍ମ, ନ୍ୟାୟ, ନୀତି ପ୍ରଭୃତି ବିଷୟରେ ଆଲୋଚନା କରିବାକୁ ଲାଗିଲା, ସେତେବେଳେ ମଧ୍ୟ ସେ ଅଧିକାର ଉପରେ ସେଭଳି କିଛି ଗୁରୁତ୍ୱ ଦେଲା ନାହିଁ । ଗୁରୁତ୍ୱ ଦେଲା କର୍ତ୍ତବ୍ୟ ଉପରେ । ଏହି ସଂସାରରେ ମନୁଷ୍ୟ ଜନ୍ମ ହୋଇଛି । କେତେଗୁଡ଼ିଏ କର୍ତ୍ତବ୍ୟ ସେ ଅବଶ୍ୟ ପାଳନ କରିବ । ତା'ର ବିବେକ ଯେଉଁଟାକୁ ଠିକ୍ ବୋଲି ଭାବିବ, ସେ ତାହା କରିବ । କେତେଗୁଡ଼ିଏ କଥା ତାକୁ ଭଲ ନ ଲାଗିଲେ ମଧ୍ୟ ସେ କର୍ତ୍ତବ୍ୟର ଅନୁରୋଧରେ କରିବ । ପିତାର ପୁତ୍ର ପ୍ରତି କର୍ତ୍ତବ୍ୟ ରହିଛି; ପୁତ୍ରର ମଧ୍ୟ ପିତା ପ୍ରତି କର୍ତ୍ତବ୍ୟ ରହିଛି । ସ୍ୱାମୀ ସ୍ତ୍ରୀ ମଧ୍ୟରେ ମଧ୍ୟ ସେହି ସମ୍ପର୍କ ।

ସଂସ୍କୃତ ଭାଷାରେ ଅଧିକାର ତଥା କର୍ତ୍ତବ୍ୟ ଏକାର୍ଥବାଚକ ଶବ୍ଦ ଭଳି ବ୍ୟବହୃତ ହୋଇଛି । ଅଧିକାରର ଜନ୍ମ କର୍ତ୍ତବ୍ୟ ଭିତରୁ ହିଁ ହୋଇଛି । 'କର୍ତ୍ତବ୍ୟ କରିବାର ମୋର ଅଧିକାର ରହିଛି' ବୋଲି ବରଂ କୁହାଗଲା । ଆମ ଦେଶର ମନୁଷ୍ୟ ଯେତେବେଳେ ଗୀତା-ଯୁଗରେ ପହଞ୍ଚିଗଲା, ସେତେବେଳେ ତାକୁ କୁହାଗଲା- କର୍ମରେ ତୋର ଅଧିକାର ଅଛି, ଫଳରେ ନାହିଁ । କେହି କେହି ତ କୁହନ୍ତି, ସମଗ୍ର ଗୀତାର ସାରକଥା ଦ୍ୱିତୀୟ ଅଧ୍ୟାୟର ଏହି ଗୋଟିଏ ଶ୍ଳୋକରେ ହିଁ ଅଛି । ଅଧିକାରପାଇଁ ଦାବୀ କରିବା ତ ଦୂରର କଥା, ଯେଉଁ କର୍ତ୍ତବ୍ୟ କରୁଛ ବା ଯେଉଁ କର୍ମରେ ଲାଗିରହିଛି, ସେଥିରୁ ଯେଉଁ

ଫଳ ମିଳିବ ତାହା ପ୍ରତି ମଧ୍ୟ ଆସକ୍ତ ହୁଅ ନାହିଁ ବୋଲି ଭଗବତ୍-ବାଣୀ ପ୍ରଚାର କରାଗଲାଣି । ନିଷ୍କାମ କର୍ମ ତଥା ପବିତ୍ର କର୍ତ୍ତବ୍ୟ, ଏକ କଥା କହିଲେ ଚଳେ । ଆଚାର୍ଯ୍ୟ ବିନୋବାଙ୍କ ଭାଷାରେ କର୍ମ ତଥା ଫଳ ବିଷୟରେ ଗୀତା ଗୋଟିଏ ନୂତନ ଭାବନା ଶିକ୍ଷା ଦେଲା । ତାଙ୍କର କହିବାର କଥା- 'ଯିଏ କର୍ମ କରନ୍ତି, ତାଙ୍କର ହୁଏତ ଦୁଇଟି ଚିନ୍ତା ଥାଏ । ପ୍ରଥମ ହେଉଛି, ନିଜ କର୍ମର ଫଳ ଆମେ ନିଶ୍ଚୟ ଚାଖିବୁ; ତହିଁରେ ଆମର ଅଧିକାର ଅଛି । ଏହାର ଓଲଟା ଦ୍ୱିତୀୟ କଥା ହେଉଛି- ଆମକୁ ଯଦି ଫଳ ଚାଖିବାକୁ ନ ମିଳିବ, ତେବେ ଆମେ ଆଦୌ କର୍ମ କରିବା ନାହିଁ । ଗୀତା ଏହି ଦୁଇଟିକୁ ଛାଡ଼ି ଆଉ ଏକ ତୃତୀୟ ଭାବନା ବା ବୃତ୍ତି ଶିକ୍ଷା ଦେଉଛି । ସେ କହୁଛି, କର୍ମ ତ ଅବଶ୍ୟ କରିବ; କିନ୍ତୁ ଫଳରେ ତୁମର ଅଧିକାର ଅଛି ବୋଲି ମନେ କର ନାହିଁ । ଯିଏ କର୍ମ କରୁଛି, ତା'ର ଫଳରେ ନିଶ୍ଚୟ ଅଧିକାର ଅଛି; କିନ୍ତୁ ତୁମେ ନିଜେ ସେ ଅଧିକାରକୁ ଛାଡ଼ିଦିଅ । ରଜୋଗୁଣ କୁହେ, 'ନେବି ତ ଫଳ ସହିତ ନେବି ।' ତମୋଗୁଣ କହେ, 'ଛାଡ଼ିବି ତ କର୍ମ ସମେତ ଛାଡ଼ିବି ।' ଏ ଦୁହେଁ ପରସ୍ପରର ଭାଇ । ଏଣୁ ତୁମେ ଏ ଦୁହିଁଙ୍କ ଆଗକୁ ଯାଇ ଶୁଦ୍ଧ ସତ୍ତ୍ୱଗୁଣୀ ହୁଅ; ଅର୍ଥାତ୍ କର୍ମ କର । ମାତ୍ର ଫଳକୁ ଛାଡ଼ି ଦିଆ ଫଳକୁ ଛାଡ଼ି କର୍ମ କର । ମୂଳରୁ ବା ଶେଷକୁ କେଉଁଠି ହେଲେ ଫଳର ଆଶା ରଖ ନାହିଁ ।

ମହୁମାଛି ଯେମିତି ତା'ର ଚିତ୍ତବିନୋଦନ ଓ ଶ୍ରମକୁ ଏଭଳି ଭାବରେ ମିଶାଇ ଦେଇଛି ଯେ ଫୁଲରୁ ମହୁ ସଂଗ୍ରହ କରିବାଟା ଓ ଫୁଲରେ ଯାଇ ବସି ନାଚିବାଟା ଭିତରୁ କେଉଁଟା ତା'ର ଶ୍ରମ ବା କେଉଁଟା ଚିତ୍ତବିନୋଦନ ତାହା ଜାଣିବା କଷ୍ଟକର । ସେହିଭଳି ମନୁଷ୍ୟ ନିଜର କର୍ତ୍ତବ୍ୟ ପାଳନକରି ଯାଉଥିବାବେଳେ ସେ ନିଜର ସୁଖପାଇଁ ଯାହା କରୁଛି ବା ଅନ୍ୟର ମଙ୍ଗଳପାଇଁ ଯାହା କରୁଛି, ତାହା ଯେପରି ଜାଣି ହେଉ ନ ଥିବ । ଟଙ୍କାର ସନ ଓ ମୁଣ୍ଡପାଖ ଭଳି- 'ଅଧିକାର' ଓ 'କର୍ତ୍ତବ୍ୟ' ହେବା ଉଚିତ । ନିଜର କର୍ତ୍ତବ୍ୟ ପାଳନ ନ କରି କେହି ଅଧିକାରର ପ୍ରଶ୍ନ ଉଠାଉ ନ ଥିଲା । ଟଙ୍କାର ସନ-ପାଖଟା ନ ନେଇ ମୁଁ କେବଳ ମୁଣ୍ଡପାଖଟା ନେବି ବୋଲି କହିବା ଯେପରି ନିରର୍ଥକ, କର୍ତ୍ତବ୍ୟ ପାଳନ ନ କରି ଅଧିକାର ବିଷୟ ଚିନ୍ତା କରିବାଟା ମଧ୍ୟ ସେହିଭଳି ନିରର୍ଥକ ବୋଲି ସ୍ୱୀକାର କରାଯାଉଥିଲା ।

'କର୍ତ୍ତବ୍ୟ' ଭଳି ଚମତ୍କାର ଶବ୍ଦ ଖୁବ୍ କମ୍ ସୃଷ୍ଟି ହୋଇଛି । ଜଣେ ଦାର୍ଶନିକଙ୍କ ଭାଷାରେ କହିବାକୁ ଗଲେ- 'କର୍ତ୍ତବ୍ୟର କଳ୍ପନା ଯିଏ କଲେ, ସେ ଦୁନିଆକୁ ସବୁଠାରୁ ଚମତ୍କାର ଭାବନା ବା 'ଆଇଡିଆ' ଦେଇଗଲେ । ଏହି ଗୋଟିଏ ଶବ୍ଦ ଭିତରେ ଭଗବାନ, ଆତ୍ମା, ମୁକ୍ତି, ଦାୟିତ୍ୱ ତଥା ଅମରତ୍ୱର ଭାବନା ମଧ୍ୟ ଲୁଚିରହିଛି ।' ଜଣେ ଯଦି ନିଜର କର୍ତ୍ତବ୍ୟ କରି ଚାଲିଯାଉଥିବ, ତାହା ଭିତରେ ବିଶ୍ୱାସ ଦୃଢ଼ ତଥା ସ୍ପଷ୍ଟ ହୋଇଯାଉଥିବ । କର୍ତ୍ତବ୍ୟ-ସମ୍ପାଦନରୁ ଶକ୍ତି ଆହରଣ କରି ଯେଉଁ ବିଶ୍ୱାସ ଶକ୍ତିଶାଳୀ ହୋଇଉଠିବ, ସେହି ବିଶ୍ୱାସ ମନୁଷ୍ୟର ଆତ୍ମସନ୍ତୋଷର କାରଣ ହେବ ।

ମନୁଷ୍ୟର ଚିନ୍ତାଧାରା କ୍ରମେ ଯେତେ ଉନ୍ନତି ପଥରେ ଆଗେଇଲା, କର୍ତ୍ତବ୍ୟର ମହତ୍ତ୍ୱ ପୃଥିବୀର ପ୍ରତ୍ୟେକ ଅଞ୍ଚଳର ଲୋକେ ସେତେ ଅଧିକରୁ ଅଧିକ ହୃଦୟଙ୍ଗମ କଲେ । ଦାର୍ଶନିକ, ପଣ୍ଡିତ ଓ ଶାସ୍ତ୍ରଜ୍ଞମାନେ କର୍ତ୍ତବ୍ୟପାଳନର ଗୁରୁତ୍ୱ ତଥା ମହତ୍ତ୍ୱ ବିଷୟରେ ଲୋକମାନଙ୍କ ମନରେ ପ୍ରଭାବ ପକାଇଲେ । ସେମାନଙ୍କ ଭିତରେ ଜଣେ ଏହିଭଳି ଭାବରେ କହିଲେ- 'କର୍ତ୍ତବ୍ୟ ଆମେ କରିବା । ଘଟଣାବଳୀ କିଭଳି ଭାବରେ ଗତି କରିବ, ତାହା ଦେଖିବାର ଦାୟିତ୍ୱ ଭଗବାନଙ୍କର । ଏତିକି ବୁଝିନେଲେ ମନୁଷ୍ୟର ଉଦ୍‌ବେଗପୂର୍ଣ୍ଣ ଚିତ୍ତ ଉପରୁ ଗୋଟାଏ ମସ୍ତବଡ଼ ବୋଝ ଓହ୍ଲାଇଗଲା ବୋଲି ଜାଣିବାକୁ ହେବ । ତେଣିକି ମନୁଷ୍ୟ ପକ୍ଷରେ ଲୋଭଗ୍ରସ୍ତ ହୋଇ ରହିବାର ଅବକାଶ ରହିବ ନାହିଁ । ଯେଉଁ ଲୋକ ଏତିକି ବୁଝିଛି, ସେ ନିଶ୍ଚିନ୍ତରେ ଶୋଇପାରିବ ।'

ରସ୍କିନ୍‌ଙ୍କ ଭାଷାରେ କହିବାକୁ ଗଲେ- 'ଆମେ ଯଦି ଆମର ଗୋଟିଏ କର୍ତ୍ତବ୍ୟ ନ କରି ଛାଡ଼ିଦେବୁ, ତେବେ ଜାଣିବାକୁ ହେବ ଯେ ଆମେ ଯେଉଁସବୁ ସତ୍ୟର ଅନୁସନ୍ଧାନରେ ଅଛୁ, ସେଥିରୁ ଗୋଟିଏ ଆମେ ହରାଇ ବସିଲୁ ।' ଯେଉଁମାନେ ନିଜର କର୍ତ୍ତବ୍ୟ ବିଷୟରେ ନିଜ ମନ ଭିତରେ ସ୍ପଷ୍ଟ ଚିତ୍ର ଆଙ୍କି ପାରୁ ନାହାନ୍ତି, ସେମାନଙ୍କୁ ମହାତ୍ମା ଗାନ୍ଧୀ

କହିଲେଣି ଯେ, ପାଦେ ମାତ୍ର ଆଗକୁ ଯିବା ହିଁ ମୋର ପ୍ରଥମ କର୍ତ୍ତବ୍ୟ । ତେଣିକି ମୋର ଦ୍ୱିତୀୟ କର୍ତ୍ତବ୍ୟ ବିଷୟରେ ମୋତେ ଆପେ ଆପେ ବାଟ ଦିଶିଯିବ । କାର୍‌ଲାଇ ମଧ୍ୟ ସେହି ମର୍ମରେ କହିଛନ୍ତି ଯେ, ତୁମର ସବୁଠାରୁ ନିକଟରେ ଯେଉଁ କର୍ତ୍ତବ୍ୟ ଅଛି, ସେହିଟିକୁ ସମ୍ପାଦନ କର । ତୁମର ଦ୍ୱିତୀୟ କର୍ତ୍ତବ୍ୟ ତୁମ ଆଗରେ ସେତେବେଳକୁ ସ୍ପଷ୍ଟ ହୋଇସାରିଥିବ ।

ଅଧିକାର ପାଇଁ ଦାବୀ ଉପସ୍ଥାପନ କରିବା ତ ଦୂରର କଥା; ଜଣେ ଦାର୍ଶନିକ କହିଲେଣି- 'ଏ ସଂସାରରେ ମୋର ଆଉ କୌଣସି କଥାକୁ ଭୟ ନାହିଁ । ଗୋଟିଏ ଭୟ ହେଉଛି ଏହି ଯେ, କାଳେ ମୁଁ ଜାଣି ନ ପାରିବି ମୋର କର୍ତ୍ତବ୍ୟ କଅଣ ଓ ଜାଣିଲେ ମଧ୍ୟ କାଳେ ତାକୁ ସମ୍ପାଦନ କରିବା ପାଇଁ ମୁଁ ସମର୍ଥ ନ ହେବି ।'

'ଏ ସଂସାରରେ ଯେତେ ପଥ ଅଛି, ସବୁଗୁଡ଼ିକ ବିପଦ - ସଙ୍କୁଳ; କେବଳ କର୍ତ୍ତବ୍ୟ-ପଥ ହିଁ ନିରାପଦ' - ବୋଲି କହି ଆଉ ଜଣେ ପଣ୍ଡିତ ମନୁଷ୍ୟ-ସମାଜକୁ ଉତ୍ସାହିତ କରିବାକୁ ଲାଗିଲେଣି । କାହାରି ମନରେ ଯେଉଁଠି ଅଧିକାର ସମ୍ପର୍କରେ ମଧ୍ୟ ଭାବନା ଜାଗ୍ରତ ହେଲାଣି, ତାଙ୍କୁ ଗେଟେଙ୍କ ଭଳି ଦାର୍ଶନିକମାନେ କହିଲେଣି- 'ନିଜର କର୍ତ୍ତବ୍ୟ ଯଦି ନିଷ୍ଠାର ସହିତ ତୁରନ୍ତ ପାଳନ କରିବ, ଅଧିକାର ଉପରେ ତୁମର ଦାବୀ ଆପେ ଆପେ ଆସିଯିବ ।'

ପ୍ରାଚ୍ୟ-ଦର୍ଶନ ଓ ଅନେକାଂଶରେ ପାଶ୍ଚାତ୍ୟ-ଦର୍ଶନ କର୍ତ୍ତବ୍ୟ ଓ ଅଧିକାରକୁ ଏକାର୍ଥବୋଧକ ଶବ୍ଦ ବୋଲି କହୁଥିଲା ବେଳେ ସପ୍ତଦଶ ଶତାବ୍ଦୀର ଶେଷ ଓ ଅଷ୍ଟାଦଶ ଶତାବ୍ଦୀରେ ପାଶ୍ଚାତ୍ୟ ଜଗତରେ ଅଧିକାର କଥାଟା ଖୁବ୍ ଉଚ୍ଚ ସ୍ୱରରେ ଶୁଣାଗଲା । ଶିଳ୍ପ-ସଭ୍ୟତାର ପ୍ରସାର ସଙ୍ଗେ ସଙ୍ଗେ ପୁଞ୍ଜିବାଦ ଆସ୍ଥାନ ଜମାଇଲା । 'ରାଜା କଦାପି ଭୁଲ କରିପାରିବ ନାହିଁ' ବା 'ରାଜା ଯାହା କରୁଛନ୍ତି ତାହା ନିଶ୍ଚୟ ଠିକ୍' ବୋଲି ଲୋକଙ୍କ ମନରେ ଯେଉଁ ଧାରଣା ବା ବିଶ୍ୱାସ ଥିଲା, ତାହା କ୍ରମେ ଦୋହଲିଗଲା । ଖ୍ରୀ. ୧୬୮୯ରେ ଇଂଲଣ୍ଡର ଲୋକେ ରାଜାଙ୍କୁ ବାଧ୍ୟକଲେଣି 'ଅଧିକାର ଘୋଷଣା'ରେ ଦସ୍ତଖତ୍ କରିବାପାଇଁ । ପୁଞ୍ଜିବାଦ ମୁଣ୍ଡଟେକିବା ସଙ୍ଗେ ସଙ୍ଗେ ଶ୍ରମିକଶ୍ରେଣୀ ସଂଗଠିତ ହେବାକୁ ଆରମ୍ଭ କଲେ । ଜଣେ ବିପ୍ଳବୀ ଦାର୍ଶନିକ କାର୍ଲମାର୍କସ୍ ଶୋଷିତ ଶ୍ରେଣୀର ଅଧିକାର ବିଷୟରେ ଲୋକଙ୍କୁ ସଚେତନ କରାଇଦେଲେ ।

ଏହିସବୁ ଘଟଣାର ମିଳିତ ଫଳ ହେଲା ଲୋକେ ଅଧିକାର ଉପରେ ଅଧିକ ଗୁରୁତ୍ୱ ଦେଲେ । ମନେହେଲା, ସତେ ଯେପରିକି 'ଅଧିକାର'ଟି 'କର୍ତ୍ତବ୍ୟ'ଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର । 'ମୋ ଅଧିକାର ମୁଁ ହାସଲ କରିବି' ବୋଲି କହିଲାବେଳେ ଜଣେ ହୁଏତ ଭାବିଲା ନାହିଁ ଯେ, ତାହାର ଗୋଟାଏ କର୍ତ୍ତବ୍ୟ ମଧ୍ୟ ଅଛି । ସେଥିପାଇଁ ସମାଜର ଗୋଟିଏ ଶ୍ରେଣୀ ଦାୟୀ । ସେହି ଶ୍ରେଣୀ ହାତରେ ଧନ ଓ କ୍ଷମତା ଉଭୟ ରହିଗଲା । ସେମାନେ ବିଚାରିନେଲେ, ସତେ ଯେପରି କି ଧନ ସଞ୍ଚୟ କରିବା ଓ ବିଳାସରେ ରହିବାର ସଂପୂର୍ଣ୍ଣ ଅଧିକାର ସେମାନଙ୍କର ଅଛି; ସମାଜ ପ୍ରତି ସେମାନଙ୍କର କର୍ତ୍ତବ୍ୟ ନାହିଁ । କେବଳ ସେତିକି ହୋଇଥିଲେ ତ ରକ୍ଷା । ସେମାନେ ଆହୁରି ଭାବିନେଲେ ଯେ, ଅନ୍ୟମାନଙ୍କର କର୍ତ୍ତବ୍ୟ ହେଉଛି ସେମାନଙ୍କୁ ଧନ ସଞ୍ଚୟରେ ସାହାଯ୍ୟ କରିବା । ସେମାନେ ଏହିଭଳି ଭ୍ରମ ଧାରଣାର ବଶବର୍ତ୍ତୀ ହୋଇଥିବାରୁ ଇଉରୋପରେ ବିପ୍ଳବ ହେଲା ଓ ରକ୍ତର ସୁଅ ଛୁଟିଲା ।

ଆଜି ମଧ୍ୟ ଗୁରୁତ୍ୱ ଦେଇ ଆଲୋଚନା କରାଯାଉଛି ମନୁଷ୍ୟର ଅଧିକାର ତଥା କର୍ତ୍ତବ୍ୟ ବିଷୟରେ । ମନୁଷ୍ୟ କେତେ ଦୂରକୁ ତା'ର କର୍ତ୍ତବ୍ୟ ସମ୍ପାଦନ କରିବ ଓ କେଉଁ କ୍ଷେତ୍ରରେ ତା'ର ଅଧିକାର ବଳେ ବଳେ ଆସିଯିବ, ସେହି ବିଷୟ ଆଲୋଚିତ ହେଉଛି । ଅନେକ ଦେଶରେ ଲୋକଙ୍କର ମୌଳିକ ଅଧିକାର ବିଷୟରେ ଶାସନ-ଖସଡ଼ାରେ ସ୍ପଷ୍ଟ ଉଲ୍ଲେଖ ରହିଛି ।

ମନୁଷ୍ୟର ଚିନ୍ତାଧାରା ଯେତିକି ଉନ୍ନତ ହେଉଛି, ସେ ଅଧିକାର ଭିତରେ ନୂଆ ନୂଆ ଅର୍ଥର ସନ୍ଧାନ ପାଉଛି । 'ସମାଜରେ ବଞ୍ଚିବାର ଅଧିକାର ମୋର ରହିଛି- ତେଣୁ ମୋତେ ସମାଜ ବା ସରକାର ଖାଇବାକୁ ଦେବ' ବୋଲି

କହିଦେଇ ଆଜିର ଲୋକ ସନ୍ତୁଷ୍ଟହୋଇ ରହିପାରୁ ନାହିଁ । ସେ କହିବାକୁ ଆରମ୍ଭ କଲାଣି, ଏ ସମାଜରେ ଶ୍ରମ କରିବାର ଅଧିକାର ମୋର ଅଛି । ଉଚିତ ଶ୍ରମକରି ମୁଁ ମଜୁରି ପାଇବି ବା ଅର୍ଥ ଉପାର୍ଜନ କରିବି । କାହାରି ଅନୁଗ୍ରହ ବା ଦାନରେ ମୁଁ ସନ୍ତୁଷ୍ଟ ନୁହେଁ । ବେଞ୍ଜାମିନ୍ ଫ୍ରାଙ୍କଲିନ୍‌ଙ୍କ ଭଳି ଲୋକେ କହୁଛନ୍ତି- 'ଭଗବାନଙ୍କ ଅନୁଗ୍ରହରୁ ଲୋକ ମନରେ କେବଳ ଯୁକ୍ତିର ଭାବ ଜାଗ୍ରତ ରହିଲେ ହେବ ନାହିଁ । ଏହି ପୃଥିବୀର ପ୍ରତ୍ୟେକ ଦେଶର ଜ୍ଞାନ ଉଦୟହୋଇ ନାଗରିକମାନେ ମନୁଷ୍ୟର ଅଧିକାର ବିଷୟରେ ସଚେତନ ହୋଇଉଠନ୍ତୁ । ଏଭଳି ପରିବେଶ ସୃଷ୍ଟି ହେଉ ଯେ, ଜଣେ ଦାର୍ଶନିକ ଏ ପୃଥିବୀରେ ଯେ କୌଣସି ସ୍ଥାନରେ ଠିଆହୋଇ କହିପାରୁ- 'ଏଇଟି ହେଉଛି ମୋର ଦେଶ ।'

'ଅଧିକାର' ଶବ୍ଦ କ୍ରମେ କ୍ରମେ ବହୁ ଅର୍ଥରେ ବ୍ୟବହୃତ ହୋଇଛି । କ୍ଷମତା, ସାମର୍ଥ୍ୟ, କୌଣସି କାର୍ଯ୍ୟର ଭାର, ଆଧିପତ୍ୟ, ପ୍ରଭୁତ୍ୱ, କାର୍ଯ୍ୟର ତତ୍ତ୍ୱାବଧାନ, ଦଖଲ, ଆୟତ୍ତ ବା ଅକ୍ତିଆର, ସ୍ୱତ୍ୱ, ପ୍ରଭୁତ୍ୱ ପରିଚାଳନ କରିବାର ସୀମା, ପଦବୀ, ଶାସନ, କର୍ତ୍ତବ୍ୟ ସମ୍ମାନ, ଦାବୀ, ବିଶେଷ ସୁବିଧା, ପ୍ରବେଶ, ଅନୁଷ୍ଠାନ, ଦକ୍ଷତା ପ୍ରଭୃତି ଅର୍ଥରେ ଏହି ଶବ୍ଦର ବ୍ୟବହାର ଭିନ୍ନ ଭିନ୍ନ ସ୍ଥଳରେ ଦେଖିବାକୁ ମିଳେ । କ୍ଷମତାର ପରିଚାଳନ ଅର୍ଥରେ ମଧ୍ୟ ଓଡ଼ିଆ ଭାଷାରେ ଏହାର ବ୍ୟବହାର ହୋଇଛି । 'କୃଷ୍ଣସିଂହ ମହାଭାରତ'ରେ ଅଛି-

'ସତ୍ୟ ଯୁଗେ ଯମଙ୍କ ଅନ୍ୟାୟ ବେଭାର
ଦେଖି ବିଷ୍ଣୁ କଲେ ଯମଙ୍କ ଅଧିକାର ।'

ଏଠାରେ ଯେଉଁ ପଦ ଅଛି, ସେଥିରେ 'ଅଧିକାର' ଶବ୍ଦ ଏହି ଉପରୋକ୍ତ ଅର୍ଥର ସୂଚନା ଦେଉଛି ।

ପୃଷ୍ଠବଂଧ

ଲେଖକ : ବିନୋଦ କାନୁନ୍‌ଗୋ (ଖ୍ରୀ. ୧୯୧୨-ଖ୍ରୀ. ୧୯୯୦)

ନିଷ୍ଠାପର ସାହିତ୍ୟ ସାଧକ ଓ ଦେଶସେବକ ରୂପେ ବିନୋଦ କାନୁନ୍‌ଗୋ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ । ସେ କଟକ ଜିଲ୍ଲା କିଶୋର ନଗରସ୍ଥ ମଲ୍ଲୀପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୩୦ ମସିହାରେ ସେ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ତାଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଥିଲା । ସେ ସ୍କୁଲ ଶିକ୍ଷା ବର୍ଜନକରି ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ଏଥିପାଇଁ ତାଙ୍କୁ ଅନେକ ଥର କାରାବରଣ କରିବାକୁ ହୋଇଥିଲା। ସମାଜବାଦୀ ଓ ଗାନ୍ଧିବାଦୀ ନେତା ଭାବରେ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ତ୍ୟାଗ, ନିଷ୍ଠା ଓ ସଚ୍ଚୋଟ ପଣ ତାଙ୍କ ଜୀବନର ବ୍ରତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମ ସହିତ ସାହିତ୍ୟ ସେବାକୁ ଅଗ୍ରାଧିକାର ଦେଇ ସେ ହାତକୁ ନେଇଥିଲେ 'ଜ୍ଞାନ ମଣ୍ଡଳ' ଭଳି ବିଶାଳକାୟ ଯୋଜନା । ଜ୍ଞାନମଣ୍ଡଳ ଓଡ଼ିଆ ଭାଷାରେ ରଚିତ ଏକ 'ବିଶ୍ୱକୋଷ' ବା Encyclopaedial ଏହା ୭୨ ଖଣ୍ଡରେ 'ଅ' ରୁ 'ହ' ଅକ୍ଷରକ୍ରମରେ ପରିକଳ୍ପିତ । ଏହା ମାତ୍ର ୪୨ ଖଣ୍ଡ ପ୍ରକାଶ ପାଇଥିଲେ ମଧ୍ୟ ସମଗ୍ର କାମ ବୈଜ୍ଞାନିକ ରୀତିରେ ଯୋଜନାବଦ୍ଧ । ସେ ୫୦ ଖଣ୍ଡରୁ ଊର୍ଦ୍ଧ୍ୱ ଶିଶୁ ସାହିତ୍ୟ ଗ୍ରନ୍ଥ ରଚନାକରି ତାଙ୍କ ମହାନ୍ କୃତିର ନମୁନା ଛାଡ଼ି ଯାଇଛନ୍ତି । ଜଣେ ଧ୍ୟାନସ୍ଥ ତପସ୍ୱୀ ଭଳି ସେ ସାରା ଜୀବନକୁ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିପାଇଁ ଉତ୍ସର୍ଗ କରିଯାଇଛନ୍ତି । ସେ ଜଣେ ସଫଳ ଚିନ୍ତାଶୀଳ ପ୍ରାବନ୍ଧିକ ।

ପ୍ରବନ୍ଧ ସଂପର୍କରେ :

'ଅଧିକାର' ବିନୋଦ କାନୁନ୍‌ଗୋଙ୍କ 'ଜ୍ଞାନ ମଣ୍ଡଳ'ର ଏକ ଲେଖା । ଏଥିରେ ସେ ମାନବ ସଭ୍ୟତାର ବିକାଶଧାରା ସହ 'ଅଧିକାର' ଶବ୍ଦର ଭାବଗତ ବିକାଶ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ।

ମନୁଷ୍ୟ ଆଜିକାଲି ନିଜ ଅଧିକାର ଉପରେ ସେଭଳି ଗୁରୁତ୍ୱ ଦେଉ ନ ଥିଲା । ସେ ଗୁରୁତ୍ୱ ଦେଉଥିଲା କର୍ତ୍ତବ୍ୟ ଉପରେ । ଅଧିକାର ଓ କର୍ତ୍ତବ୍ୟ ସଂସ୍କୃତରେ ଏକ ଅର୍ଥରେ ଗୃହୀତ । କାରଣ କର୍ତ୍ତବ୍ୟର ଥାଏ ଗୋଟିଏ ଅଧିକାର । ମାତ୍ର ଅଧିକାରକୁ ଜାହିରକରି କର୍ତ୍ତବ୍ୟ ଭୁଲିଗଲେ ଚଳିବ ନାହିଁ । ଏଣୁ ଅତୀତରେ ଯେତେବେଳେ ମୂଲ୍ୟବୋଧ ପ୍ରତି ଲୋକଙ୍କର ସମ୍ମାନ ଥିଲା ସେତେବେଳେ ଅଧିକାର ପରିବର୍ତ୍ତେ କର୍ତ୍ତବ୍ୟ ପ୍ରତି ସଚେତନତା ଥିଲା ଅଧିକ । କାଳକ୍ରମେ କର୍ତ୍ତବ୍ୟ ଭୁଲିଯାଇ ଲୋକେ ଅଧିକାର କଥା କହୁଛନ୍ତି । ଏହି ପ୍ରସଙ୍ଗରେ ପ୍ରାବନ୍ଧିକ ଅନେକ ମନୀଷୀଙ୍କର ମନ୍ତବ୍ୟ ଯୋଡ଼ି ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି ।

କୃଷସିଂହ ମହାଭାରତରୁ ଉଦାହରଣ ଦେଇ ସେ ନିଜର ମନ୍ତବ୍ୟରେ କହିଛନ୍ତି, ଅଧିକାର ହେଉଛି କର୍ତ୍ତବ୍ୟ ପ୍ରତି ସଚେତନତା। ଯମ ଓ କୃଷ୍ଣ ବିଷୟକ ପ୍ରସଙ୍ଗ ମଧ୍ୟରେ ଅଧିକାର ପଦର ଅର୍ଥ ସେ କହିଛନ୍ତି । ଏହାର ଅର୍ଥ ସୃଷ୍ଟି ରକ୍ଷାକାରୀ କୃଷ୍ଣ ଯମଙ୍କ ଅନ୍ୟାୟ ଦେଖି ତାଙ୍କଠାରୁ ଅଧିକାର ଛଡ଼ାଇ ଆଣିଲେ । ଏହା ଅଧିକାର ରକ୍ଷାକର୍ତ୍ତା ଭାବରେ ଶ୍ରୀକୃଷ୍ଣଙ୍କର କର୍ତ୍ତବ୍ୟ ପାଳନକୁ ବୁଝାଏ ।

କଠିନ ଶବ୍ଦାର୍ଥ :

ଏକାର୍ଥବାଚକ	- ଏକ ଅର୍ଥବୋଧକ; ସମାନ ଅର୍ଥ ଥିବା ।
ଗୀତା-ଯୁଗ	- ଭଗବଦ୍‌ଗୀତା ସୃଷ୍ଟି ହେବା ସମୟ; ଗୀତାବାଣୀ ଉପରେ ଗୁରୁତ୍ୱ ଦିଆଯିବା କାଳ ।
ନିଷ୍କାମ	- କାମନାରହିତ; ଫଳ ପ୍ରାପ୍ତିର ଆଶା ନଥିବା ।
ବୃତ୍ତି	- ବ୍ୟାପାର; ପ୍ରବୃତ୍ତି ।
ରଜୋଗୁଣ	- ପ୍ରକୃତିର ୨ୟ ଗୁଣ । କାମ କ୍ରୋଧ ଦ୍ୱେଷ ଆଦି ଗୁଣ ବିଶେଷ । ଏହାଦ୍ୱାରା ମଣିଷର ପ୍ରକୃତିରେ ଉଦ୍ଦୀପନା ଆସେ; ମାତ୍ର ଶାନ୍ତି ମିଳେ ନାହିଁ ।
ତମୋଗୁଣ	- ପ୍ରକୃତିର ୩ୟ ଗୁଣ- ମୋହ, ଅଜ୍ଞାନ, ଅହଂକାର ପ୍ରଭୃତି । ଏହି ଗୁଣ ବିନାଶର ଲକ୍ଷଣ ବହନ କରେ ।
ସତ୍ତ୍ୱଗୁଣ	- ପ୍ରକୃତିର ତ୍ରିଗୁଣ ମଧ୍ୟରୁ ପ୍ରଥମ ଓ ପ୍ରଧାନ ଗୁଣ; ଉତ୍ତମ ଗୁଣ, ଶାନ୍ତି, ସତ୍ୟ, ଶୁଦ୍ଧତା ପ୍ରଭୃତି ।
ସନ	- ସାଲ, ଅବ୍ଦ, ବର୍ଷ ।
ଆହରଣ	- ସଂଗ୍ରହ ।
ଉଦ୍‌ବେଗପୂର୍ଣ୍ଣ	- ଉତ୍କଣ୍ଠିତ; ଭୟ ଆଚ୍ଛନ୍ନ ।
ପଥ	- ରାସ୍ତା, ବାଟ, ଉପାୟ ।
ପୁଂଜିବାଦ	- ଧନତନ୍ତ୍ର; ଅର୍ଥ-ପ୍ରଧାନ ଚିନ୍ତାଧାରା ।
ଶୋଷିତ ଶ୍ରେଣୀ	- ଶ୍ରମିକ ସଂପ୍ରଦାୟ; ଶୋଷଣ କରାଯାଉଥିବା ଲୋକ ସମାଜ ।
ମୌଳିକ	- ମୂଳ ସଂପର୍କିତ; ସର୍ବନିମ୍ନ ।
ଶାସନ-ଖସଡ଼ା	- ପ୍ରଶାସନିକ ଚିଠା; ଆଇନ୍‌କାନୁନ୍ ।
ମଜୁରି	- ଶ୍ରମର ମୂଲ ।

କାର୍ଯ୍ୟର ତତ୍ତ୍ୱାବଧାନ	- କାମର ଦେଖାଚାହାଁ; କାର୍ଯ୍ୟ ପରିଚାଳନା ।
ଅକ୍ତିଆର	- ଆୟତ୍ତ; ଅଧୀନ କରିବା ।
ସ୍ୱତ୍ୱ	- ଧନାଦିରେ ମାଲିକାନା; ଦ୍ରବ୍ୟର କିଣାବିକା ଅଧିକାର ।
କ୍ଷମତା ପରିଚାଳନ	- ଅଧିକାର ପ୍ରୟୋଗ ।
ବେଭାର	- ଆଚରଣ; ବ୍ୟବହାର ।
କୃଷ୍ଣସିଂହ	- ଅଷ୍ଟାଦଶ ଶତାବ୍ଦୀର ଧରାକୋଟର ରାଜା । ସେ ସଂସ୍କୃତ ମହାଭାରତକୁ ବିଶୁଦ୍ଧ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ ।
ରସ୍କିନ	- ଜନ୍ ରସ୍କିନ୍ (୧୮୧୯-୧୯୦୦) ଇଂଲଣ୍ଡର ଲେଖକ, କଳା ସମାଲୋଚକ ଓ ସମାଜ ସଂସ୍କାରକ।
କାର୍ଲାଇଲ	- ଟମାସ୍ କାର୍ଲାଇଲ (୧୭୯୫-୧୮୮୧) ଇଂଲଣ୍ଡର ପ୍ରସିଦ୍ଧ ଐତିହାସିକ ଓ ଜୀବନ ଚରିତ ଲେଖକ। ଗଣିତରେ ଡିଗ୍ରୀ ଲାଭକରି ମଧ୍ୟ ଇତିହାସ ପ୍ରତି ଅଧିକ ଅନୁରକ୍ତ ଥିଲେ ।
ଗେଟେ	- ଜୋହନ ଉଲଫଗାଙ୍ଗ୍‌ଫନ (ଜେ. ଡବଲ୍ୟୁ) ଗେଟେ (୧୭୪୯-୧୮୩୨) । ଜର୍ମାନର ଜଣେ ଶ୍ରେଷ୍ଠ କବି ଓ ନାଟ୍ୟକାର । ତାଙ୍କର 'ଫାଉଷ୍ଟ' ନାଟକ କ୍ଲାସିକ ଗ୍ରନ୍ଥ ଭାବେ ପୃଥିବୀ ପ୍ରସିଦ୍ଧ ।
ବେଞ୍ଜାମିନ ଫ୍ରାଙ୍କଲିନ	- (୧୭୦୬-୯୦ ଆମେରିକାର ପ୍ରସିଦ୍ଧ ବୈଜ୍ଞାନିକ । ବିଦ୍ୟୁତ୍ ପରିବାହକ (Lightning conductor) ଏବଂ ଦ୍ୱିନାଭୀ (bifocal)ଚଷମା କାଚର ଉଦ୍‌ଭାବନ କରିଥିଲେ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ଅଧିକାର'ର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର ।

୨ । 'ଅଧିକାର' ଓ 'କର୍ତ୍ତବ୍ୟ'ର ଭାବଗତ ସଂପର୍କ ଆକଳନ କର ।

୩ । 'ଅଧିକାର' ଚିନ୍ତାଧାରାର କ୍ରମ ବିକାଶ ବିଷୟରେ ଆଲୋକପାତ କର ।

୪ । 'ଅଧିକାର' ପ୍ରବନ୍ଧର ଭାବଧାରା ଉପସ୍ଥାପନ କର ।

୫ । 'ଅଧିକାର ଓ କର୍ତ୍ତବ୍ୟ ପରସ୍ପର ସହ ଜଡ଼ିତ'- ଏହାର ସତ୍ୟତା ବିଚାର କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର)

୧ । ପୂର୍ବକାଳରେ ମନୁଷ୍ୟ କେତେ କ'ଣ ପାଇଗଲେ ସନ୍ତୁଷ୍ଟ ହୋଇ ଯାଉଥିଲା ?

୨ । ପରିବାର ପ୍ରତି କର୍ତ୍ତବ୍ୟ ଶେଷ ହେଲା ବୋଲି ଘରର ମୁରବୀ କେତେବେଳେ ଭାବୁଥିଲା ?

୩ । ପ୍ରକୃତିଠାରୁ ମଣିଷ କ'ଣ ହାସଲକରି ନେଉଥିଲା ?

୪ । କର୍ତ୍ତବ୍ୟ ଉପରେ ମଣିଷ କେତେବେଳେ ଗୁରୁତ୍ୱ ଦେଲା ?

୫ । ମଣିଷ କର୍ତ୍ତବ୍ୟ ପାଳନ କରିବାର ପ୍ରେରଣା କେଉଁଠୁ ପାଏ ?

୬ । କ'ଣ କ'ଣ ଏକାର୍ଥବାଚକ ଶବ୍ଦ ଭଳି ବ୍ୟବହୃତ ହେଉଛି ?

୭ । ଅଧିକାରର ଜନ୍ମ କେଉଁଠୁ ହୋଇଛି ?

୮ । ଗୀତା-ଯୁଗରେ ମଣିଷକୁ କେଉଁ କଥା କୁହାଗଲା ?

୯ । ଗୀତାର ସାରକଥା କେଉଁ ଅଧ୍ୟାୟରେ କୁହାଯାଇଛି ?

୧୦ । ଭଗବତ୍ ବାଣୀରେ କ'ଣ ପ୍ରଚାର କରାଗଲାଣି ?

୧୧ । ନିଷ୍କାମ କର୍ମ କ'ଣ ?

୧୨ । ଆଚାର୍ଯ୍ୟ ବିନୋବାଙ୍କ ମତରେ କର୍ମ ତଥା ଫଳ ବିଷୟରେ ଗୀତାର ପ୍ରଥମ ଶିକ୍ଷା କ'ଣ ?

୧୩ । ଦ୍ୱିତୀୟ ଶିକ୍ଷା କଥାଟି କ'ଣ ?

୧୪ । ଗୀତାର ତୃତୀୟ ବୃତ୍ତି ଶିକ୍ଷାଟି କ'ଣ ?

୧୫ । ରଜୋଗୁଣ ମଣିଷକୁ କ'ଣ କହିବାକୁ ପ୍ରେରଣା ଦିଏ ?

୧୬ । ତମୋଗୁଣ କ'ଣ କହେ ?

୧୭ । କେଉଁଥିପାଇଁ ମହୁମାଛିର କର୍ମକୁ ଜାଣିବା କଷ୍ଟକର ?

୧୮ । ଅଧିକାର ଓ କର୍ତ୍ତବ୍ୟକୁ କାହା ସହିତ ତୁଳନା କରାଯାଇଛି ?

୧୯ । କାହା ଭଳି ଚମତ୍କାର ଶବ୍ଦ ଖୁବ୍ କମ୍ ସୃଷ୍ଟି ହୋଇଛି ?

୨୦ । କର୍ତ୍ତବ୍ୟ ଶବ୍ଦ ଭିତରେ କେଉଁ ଭାବନା ଲୁଚି ରହିଛି ?

୨୧ । ଆତ୍ମସନ୍ତୋଷର କାରଣ କ'ଣ ହେବ ?

୨୨ । କେଉଁଠୁ ଗୋଟାଏ ମସ୍ତବଡ଼ ବୋଝ ଓହ୍ଲାଇଗଲା ଭଳି ଜଣାପଡ଼େ ?

୨୩ । କର୍ତ୍ତବ୍ୟ ବିଷୟରେ ଗାନ୍ଧିଜୀ କ'ଣ କହିଛନ୍ତି ?

୨୪ । କାର୍ଲାଇଲ୍ କର୍ତ୍ତବ୍ୟ ସଂପର୍କରେ କ'ଣ କହିଛନ୍ତି ?

୨୫ । କେଉଁ ପଥ ନିରାପଦ ?

୨୬ । ଅଧିକାର ସଂପର୍କରେ ଗେଟେ କ'ଣ କହିଛନ୍ତି ?

୨୭ । କେଉଁଠି କେତେବେଳେ ଅଧିକାର କଥାଟା ଉଚ୍ଚ ସ୍ୱରରେ ଶୁଣାଗଲା ?

୨୮ । କେତେବେଳେ ପୁଂଜିବାଦ ଆସ୍ଥାନ ଜମେଇଲା ?

୨୯ । 'ଅଧିକାର ଘୋଷଣା'ରେ ଦସ୍ତଖତ କରିବାପାଇଁ କାହାକୁ ବାଧ୍ୟ କରାଯାଇଥିଲା ?

୩୦ । ଶୋଷିତ ଶ୍ରେଣୀର ଅଧିକାର ବିଷୟରେ ଲୋକଙ୍କୁ କିଏ ସଚେତନ କରାଇଲେ ?

୩୧ । କେଉଁ ଭ୍ରମ ଧାରଣା ଇଉରୋପରେ ରକ୍ତାକ୍ତ ବିପ୍ଳବ ସୃଷ୍ଟି କରିଥିଲା ?

୩୨ । ଓଡ଼ିଆ ଭାଷାରେ ଅଧିକାରର କେଉଁ ଭିନ୍ନ ଅର୍ଥଟି ବ୍ୟବହାର ହୋଇ ଆସୁଛି ?

ଈର୍ଷା

ବୈକୁଣ୍ଠନାଥ ରଥ

ଅଳ୍ପ ବ୍ୟବଧାନରେ ଛଦ୍ମନାମରେ ଦୁଇଟି ଚିଠି ପାଇଲା ପରେ, ମୁଁ ବୁଝିଲି, କେହି ଜଣେ ପାଖ ଅଞ୍ଚଳରେ ଜଳୁଛି । ଯେଉଁ ଠିକଣା ଦିଆଯାଇଥିଲା, ସେଠି ମୋର ବିଶେଷ ପରିଚୟ ନାହିଁ । ତା'ଛଡ଼ା ଇମିତି ମୁଁ କୌଣସି ଗୁଣରେ ବିଭବଶାଳୀ ନୁହେଁ ଯେ ମତେ ଜଣେ ଦେଖିପାରିବ ନାହିଁ । ପରେ ମନେ ମନେ ଭାବି ସ୍ଥିରକଲି, ସକାରଣ ବା ଅକାରଣ ହେଉ, ଇମିତି ଜଳିବାଟା ଈର୍ଷାର ଧର୍ମ । ମୁଁ ସେହି ଅଜ୍ଞାତ ବ୍ୟକ୍ତିଙ୍କୁ ଜଳିବାକୁ ଛାଡ଼ିଦେଲି । ସାରଳା ମହାଭାରତରେ ଅଛି, ପାଣ୍ଡୁଙ୍କ ଶାସନ-ଦକ୍ଷତାରେ ଧୃତରାଷ୍ଟ୍ର ଭାରି ଈର୍ଷାନ୍ୱିତ ହେଲେ । ଅନ୍ଧଥିବାରୁ ସେ ତାଙ୍କ ଶାସନ-ଭାର ଗ୍ରହଣ କରିପାରିଲେ ନାହିଁ। ଅପରନ୍ତୁ ପାଣ୍ଡୁଙ୍କ ସଂପର୍କରେ ଜନଖ୍ୟାତି ତାଙ୍କର ଅସହ୍ୟ ହେଲା । ସେ ନିଜର ମନୋବେଦନା ଗାନ୍ଧାରୀଙ୍କ ଆଗରେ ପ୍ରକାଶ କଲେ । ଗାନ୍ଧାରୀ ତାଙ୍କୁ ଈର୍ଷାନ୍ୱିତ ନ ହେବାକୁ ବୁଝେଇଲେ । ନିଜେ ଅସମର୍ଥ, ଅଥଚ ଅନ୍ୟର ସାମର୍ଥ୍ୟକୁ ସହି ହେଉ ନାହିଁ ! ବିଚିତ୍ର ଏଠି ମନଃସ୍ଥିତି । ଈର୍ଷା ହେତୁ ବ୍ୟକ୍ତି ଭିତରେ ଜଳି ଯାଉଥାଏ, ତୁଷାନଳ ଭଳି । ଜମିଦାରୀ ପ୍ରଥା ଥିଲାବେଳେ, ପାଖାପାଖି ଦୁଇ ଜମିଦାରଙ୍କ ମଧ୍ୟରେ ବଂଶାନୁକ୍ରମିକ ଈର୍ଷା ଲାଗି ରହୁଥିଲା । ଈର୍ଷାରୁ ପ୍ରକାଶ୍ୟ ଶତ୍ରୁତା ଟିକିଏ ଟିକିଏ କଥାରେ ଲାଗି ଯାଉଥିଲା । ଏପରିକି ଦୁଇ ଜମିଦାରଙ୍କ ଭିତରେ କାହାର ନିଶ ଭଲ- ଏଭଳି ହାସ୍ୟାସ୍ପଦ ତୁଳନାକୁ ନେଇ ମରାମରି, ହଣାହଣିର କାହାଣୀ ଅଛି । ଈର୍ଷାର ପ୍ରକାଶ ରୂପ ଶତ୍ରୁତାରେ, ଦ୍ୱନ୍ଦ୍ୱରେ ପରିଣତ ହୋଇଥାଏ।

ଈର୍ଷାକୁ ମାନବିକ ପ୍ରବୃତ୍ତିରୂପେ ନିଆଯାଇ ପାରିବ ନାହିଁ । ଏହା ସମସ୍ତଙ୍କଠାରେ ପରିଲକ୍ଷିତ ହୁଏ ନାହିଁ; ପ୍ରକୃତିଦତ୍ତ କି ଜନ୍ମଗତ ନୁହେଁ । ଆତ୍ମ ପ୍ରଦର୍ଶନକୁ ମେକ୍‌ଡୋନାଲ୍‌ଡ ପ୍ରବୃତ୍ତି ରୂପେ ଗ୍ରହଣ କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ସ୍ୱ-କ୍ଷେତ୍ରରେ କିଛି କିଛି ପ୍ରଦର୍ଶନୀୟ ଆଚରଣ ଦେଖାଇଥାନ୍ତି; ଅଙ୍ଗସଜ୍ଜାରୁ ଅନଙ୍ଗ ବ୍ୟାପାରରେ, କଥାରେ ହେଉ କି କାର୍ଯ୍ୟରେ । ସମଗ୍ର ସାହିତ୍ୟ ସର୍ଜନାଟି ଏକ ବୃହତ୍ ପ୍ରଦର୍ଶନୀୟ କଳା । ଅନ୍ୟ କାହାର ଆତ୍ମପ୍ରଦର୍ଶନକୁ, ସୌଭାଗ୍ୟ କି ଗୌରବକୁ ଦେଖି ନପାରିବା, ସହି ନ ପାରିବା କ୍ରିୟା ଈର୍ଷାରେ ପରିଣତ ହୋଇଯାଏ । ମାତ୍ର ଈର୍ଷୁକ ଅନୁରୂପ ଭାବରେ ଆତ୍ମ-ପ୍ରଦର୍ଶନ କରୁ ନଥାଏ । ସେ ବଡ଼ ହେବାକୁ ଚାହୁଁଥିଲେ, ଯୁଯୁଧାନ ଭଳି ପ୍ରତିଯୋଗିତା କ୍ଷେତ୍ରକୁ ଆସନ୍ତା । ମାତ୍ର ଈର୍ଷୁକ ଲଢ଼ିବାକୁ ଚାହେଁ ନାହିଁ । ସେଭଳି ପ୍ରକାଶତା ତାହାଠାରେ ନାହିଁ । ସେ ବେଣାମୂଳର ସାପ; ଲୁଚି ଲୁଚି ଥାଏ, ଦଂଶନ କରି ପୁଣି ଲୁଚିଯାଏ । ପ୍ରବୃତ୍ତିଜ କ୍ରିୟାରେ ଅସାମାଜିକତାର ଦାଗ ରହିବାର ଯେଉଁ ସମ୍ଭାବନା ଥାଏ, ତାକୁ ଦୂର କରିବାପାଇଁ କିଛି ବିଲୟନ ସିଦ୍ଧାନ୍ତ ଅଛି । କାମ ପ୍ରବୃତ୍ତିର ବିଲୟ ଲାଗି କିଛି ବିରୋଧ ଅବସ୍ଥା ସୃଷ୍ଟି କରିହେବ, କିଛି ନିରୋଧ-ପନ୍ଥା ବି ଚିନ୍ତା କରିହେବ । ଈର୍ଷାକୁ ଦୂରକରିବା ଲାଗି କୌଣସି ସହଜ ବାଟ ନାହିଁ । ଥରେ ଜଣେ ଯୁବତୀ କୃଷ୍ଣମୂର୍ତ୍ତିଙ୍କ ପାଖକୁ ଉପଦେଶ ଲଭିବା ଆଶାରେ ଯାଇଥିଲେ । ପିଲାଦିନରୁ ସେ ଈର୍ଷାପରାୟଣା । ନିଜର ସ୍ୱାମୀ ପିଲାମାନଙ୍କୁ ବି ସହିପାରୁ ନ ଥିଲେ । କାହାର ଭଲ ପୋଷାକଟିଏ କି ଭଲ ବଗିଚାଟିଏ ଦେଖିଲେ ଦିହ ସହିପାରୁ ନ ଥିଲା ଇତ୍ୟାଦି କଥା ପ୍ରକାଶ କଲେ । ଜଣେ ମାନସିକ-ରୋଗ-ବିଶାରଦଙ୍କଠାରୁ କିଛି ଔଷଧ ଖାଇ ବି ରୋଗ ଉପଶମ ହେଲା ନାହିଁ । ସ୍ୱାମୀଜୀଙ୍କ ପାଖକୁ ଯାଇ ସେ ପ୍ରତିକାର ପ୍ରାର୍ଥିନୀ ହେଲେ । ସ୍ୱାମୀଜୀଙ୍କୁ ପଚାରିଲେ - 'ଆମେ ସବୁ ଯେଉଁ ସଂସ୍କୃତିରେ ବଞ୍ଚିଛେ, ତାହା କ'ଣ ଈର୍ଷା

ଉତ୍ପାଦନରେ ସାହାଯ୍ୟ କରୁ ନାହିଁ ? ଆଧୁନିକ ଯୁଗର ପ୍ରଚାର, ପ୍ରତିଯୋଗିତା, ତୁଳନା, ପ୍ରୀତି, ପରିତୋଷଣ ଓ ଏସବୁର କିଛି ସୁଫଳ କ'ଣ ଈର୍ଷାର ହେତୁ ନୁହେଁ' ? କୃଷ୍ଣମୂର୍ତ୍ତି ତାଙ୍କର ସ୍ୱଭାବ-ସୁଲଭ ଢ଼ଙ୍ଗରେ କହିଲେ - 'ଏଗୁଡ଼ିକ ଯେ ପର୍ଯ୍ୟନ୍ତ ସନ୍ତୋଷ-ବିଧାୟକ ଓ ଅଗ୍ରଗତିର ସହାୟକ, ସେଯାଏ ଏହାକୁ ସଫଳତା ଲାଗି ଆଗ୍ରହରୂପେ ନିଆଯାଇ ପାରିବ । ମାତ୍ର ଏହା ନ ହୋଇ ଏଗୁଡ଼ିକ ଯେତେବେଳେ ଖାଲି ମାନସିକ ପୀଡ଼ାଦାୟକ ଓ ଅସହିଷ୍ଣୁତାର କାରଣ ହୁଏ, ଏହାକୁ ଭାଙ୍ଗିବାର, ଲଙ୍ଘିବାର ବେଳ ଆସିଯାଏ' । କୃଷ୍ଣମୂର୍ତ୍ତି ସେ ଯୁବତୀଟିର ଈର୍ଷାଭଳି ବୋଧ କରୁଥିବା ଭାବକୁ ମାନସିକ ନିର୍ଭରଶୀଳତା ଅପ୍ରେମ କହି ଭିନ୍ନମୁଖୀ କରିଦେଲେ । ସାଧାରଣ ଭାବରେ ଏହା ଈର୍ଷା ନୁହେଁ । ଏହା ଏକପ୍ରକାର ଭୋଗେଚ୍ଛା । କୌଣସି କାରଣରୁ ଅକ୍ଷମତାଜନିତ ହତାଦର ଭାବ, ବିରକ୍ତିର ପରିପ୍ରକାଶ । ସେ କାହାକୁ ଆପଣାର କରିପାରୁ ନଥିଲା । ଖୁସି ହେଲା ଭଳି କୌଣସି ପାତ୍ର କି ବସ୍ତୁରେ ତା'ର ଅନ୍ତର ବିଳସୁ ନଥିଲା । ଏଭଳି ପ୍ରକୃତି, ସାଧାରଣତଃ ସୃଷ୍ଟି-ବିଦ୍ୱେଷୀ; କିଛି ଭଲ ଲାଗୁ ନାହିଁର ବିଗ୍ରହ । ଧ୍ୱଂସମୁଖୀ ନ ହେଲେ ବି ଧ୍ୱାନ୍ତର ସମାବେଶ । ଈର୍ଷାର ପାତ୍ରଟି ପ୍ରାୟଶଃ ଜଣେ । ଅପ୍ରତ୍ୟାଶିତ ଭାବରେ କାହାର ଅଭ୍ୟୁଦୟ ଦେଖିଲେ ଓ ତହିଁରେ ତାହା ସହିତ କ୍ଷୁଣ୍ଣ ହେଲାଭଳି କିଛି ପରିସ୍ଥିତି ଉପୁଜିଲେ, ସେହି ବିଚାରାଟି ଈର୍ଷାର ଶରବ୍ୟ ହୋଇଯାଏ ।

ଈର୍ଷା ନିଜେ ଏକ ଅପ୍ରକାଶ୍ୟ ବୃତ୍ତି । ସେ ପଦାକୁ ବାହାରି କଳି କରେ ନାହିଁ । ଶତ୍ରୁତା ଆଚରଣକରି ସର୍ବନାଶ କରିବାର ଶକୁନି-ପଣ ତାହାଠାରେ ନାହିଁ । ଈର୍ଷାରେ ପ୍ରତିଜ୍ଞା ନାହିଁ; କିନ୍ତୁ ଈର୍ଷା କରାଯାଉଥିବା ଲୋକଟି କାହାଦ୍ୱାରା କୌଣସି କ୍ଷେତ୍ରରେ ଅପଦସ୍ଥ ହେବାର ଦେଖିଲେ କି ଶୁଣିଲେ, ଈର୍ଷୁକ ମନେ ମନେ ଭାରି ଖୁସି ହୁଏ । ବ୍ୟକ୍ତିଟିର ଦେଖା ବା ଶୁଣା ଅସହାୟତାକୁ, ଖସି ପଡ଼ିବା ଅବସ୍ଥାକୁ ଅନ୍ୟ ଆଗରେ ପ୍ରଚାର କରିବାକୁ ଭାରି ଆଗଭର ହୁଏ, ସେଥିରେ ଉଲ୍ଲାସ ବୋଧ କରେ । ସ୍କୁଲ ପିଲାଏ ଛଦ୍ମନାମରେ କି ବେନାମୀ ଚିଠି ଦେଇ, କାନ୍ଥବାଡ଼ରେ ଅଶ୍ଳୀଳ ଲେଖାଲେଖି କରି ଯିମିତ ଆହ୍ଲାଦିତ ହୋଇଥାନ୍ତି, ସେହିଭଳି ଦୁର୍ନାମ ରଟନାରେ ଈର୍ଷୁକ ବେଙ୍ଗଫୁଲା ପାଲଟିଯାଏ । ସେଥିରୁ ଗୁଡ଼ିଏ ଉଲ୍ଲାସ ପଦାକୁ ବାହାରି ଆସନ୍ତି । ଈର୍ଷା ଏକ ବଳିଷ୍ଠ କାପୁରୁଷତା । ସେ ଲୁଚି ରହି ଗୋଟିଏ ଗୋଷ୍ଠୀ ଗଢ଼ିବାରେ ଲାଗିଥାଏ । ସେମାନଙ୍କୁ ନେଇ ଭିତରେ ଭିତରେ ବିଷ ଉପୁଜାଉଥାଏ । ଏହାଦ୍ୱାରା ତା'ର ବା ଅନ୍ୟମାନଙ୍କର କିଛି ସ୍ୱାର୍ଥ ସାଧିତ ହୁଏ ନାହିଁ । କାହାକୁ ଈର୍ଷାକରି ତୁଲ୍ୟ ଉଚ୍ଚତାକୁ ଉଠିବାର କୌଣସି ନଜିର୍ ମୁଁ ଲକ୍ଷ୍ୟକରି ନାହିଁ । ତୀବ୍ର ପ୍ରତିଯୋଗିତା ଓ ସେହି ପ୍ରତିଯୋଗିତା ସୂତ୍ରରେ ସଞ୍ଜାତ ଶତ୍ରୁତାରେ ବେଳେବେଳେ ପରସ୍ପରର ଅନିଷ୍ଟ ସାଧନ କରାଯାଇଥାଏ । ଈର୍ଷାରେ କେବଳ ଶତ୍ରୁ-ମନଟି ଥାଏ, ଅନିଷ୍ଟ ହେଉ'ର ଇଚ୍ଛାଟି ରହିଥାଏ । ଫରାସୀ ଓ ଇଂରେଜ ବଣିକଙ୍କ ମଧ୍ୟରେ, ଅଷ୍ଟାଦଶ ଶତାବ୍ଦୀରେ ଭାରତ ଭୂଇଁରେ ବ୍ୟବସାୟ ଓ ପ୍ରାଧାନ୍ୟ ଲାଭକୁ ନେଇ ପ୍ରତିଯୋଗିତା ଥିଲା, ପ୍ରବଳ ଶତ୍ରୁତା ଥିଲା । ଶତ୍ରୁତା ହେତୁ ପ୍ରତିଯୋଗୀର ଲାଭ ଦେଖିଲେ ସହିହୁଏ ନାହିଁ । ଏହି ଅସହନଶୀଳତା ଶତ୍ରୁତାରେ ତେଲ ଦେଉଥାଏ । ସମୟ ସୁବିଧା ଦେଖି ଏହା ସଂଘର୍ଷରେ ପରିଣତ ହୁଏ । ସଂଘର୍ଷ-ପରାୟଣତା ଏକ ସ୍ୱତନ୍ତ୍ର ପ୍ରବୃତ୍ତି । ଜଣକୁ ନିରସ୍ତ୍ର କରି ପ୍ରାପ୍ତି ଓ ଭୋଗର ଇଚ୍ଛା ଏହା ପଛରେ ଥାଏ । ପ୍ରେମ ବ୍ୟାପାରରେ ଠିକ୍ ଏହି କଥା । ଜଣକ ପ୍ରେମରେ ଏକାଧିକ ପୁରୁଷ କି ସ୍ତ୍ରୀ ଥିଲେ, ସେମାନେ ପରସ୍ପର ପ୍ରତି ଭାରି ଅସହିଷ୍ଣୁ ହୋଇଯାଆନ୍ତି । ପରିବାର କ୍ଷେତ୍ରରେ ସଉତୁଣୀ ବିବାଦ ଏହି ଶ୍ରେଣୀର । ଏଠି ଜଣେ ଅନ୍ୟର ସୋହାଗୀପଣକୁ ସହିପାରେ ନାହିଁ । କାରଣ ଏଥି ସହିତ ସିଧାସଳଖ ସ୍ୱାର୍ଥର, ଦୈହିକ ଭୋଗର, ଭାଗବଣ୍ଟାର ପୁଣି ଭବିଷ୍ୟତ ଆଶଙ୍କାର ଚିନ୍ତା ଜଡ଼ିତ ଥାଏ । ଈର୍ଷା ଭଳି ଜଣା ପଡୁଥିଲେ ବି ଏହା ଠିକ୍ ଈର୍ଷା ନୁହେଁ; ଏହା ସ୍ୱାର୍ଥସଂଘର୍ଷ । ଈର୍ଷାରେ ସ୍ୱାର୍ଥ ବୁଦ୍ଧି ଯେତେ ନଥାଏ, ସେତେ ଥାଏ ଅନ୍ୟର ଅନିଷ୍ଟ ଦର୍ଶନଜନିତ ସନ୍ତୋଷ । କାମନାରୁ ଦ୍ୱନ୍ଦ୍ୱ ହୁଏ । ଈର୍ଷାରେ ଯାହା କାମନା, ତାହା ଅନ୍ୟର ଅହିତ-ଦର୍ଶନ । ତେଣୁ ଦ୍ୱନ୍ଦ୍ୱ ଏଠି ଉନ୍ମୁକ୍ତ ନୁହେଁ, ସଂଗୁପ୍ତ । ଈର୍ଷୁକ ମୁହଁମୋଡ଼ି ଚାଲି ଯାଇପାରେ; ଦେଖା ହୋଇଗଲେ ବିଷକୁମ୍ଭ ପୟୋମୁଖ ବି ହୋଇଥାଏ ।

ସୁଗୁଣ ବା ଦୁର୍ଗୁଣକୁ ଜଣେ ଶିଖି ନେଇପାରେ । ସୁଗୁଣକୁ ଶିଖି ସ୍ୱଭାବସ୍ଥ କରିବା ଆଦୌ ସହଜ ନୁହେଁ । ଦୁର୍ଗୁଣ ଶିଖି ହୋଇଯାଏ । ମିଛ କହିହୁଏ; ପାଣିକି ଟେକା ପକେଇ ହୁଏ; ଫୁଟିଲା ଫୁଲଟିଏ ଦେଖିଲେ ତାକୁ ଛିଣ୍ଡେଇ ଦଳି ଦିଆଯାଇପାରେ । ନିଜେ ପଣସ ଖାଇ ଅନ୍ୟମୁଣ୍ଡରେ ଅଠା ବୋଳି ଦେଇହୁଏ । ଇମିତି କେତେ କଥା ଦେଖି ଶିଖି ହୋଇଯାଏ ବା ଚଗଲା ବୁଦ୍ଧିରୁ ବାହାର କରାଯାଇ ପାରେ । ବନ୍ଧୁତା କି ଶତ୍ରୁତା କାରଣ ଘଟିତ ହୁଏ, ପରିସ୍ଥିତି କି ସଂପର୍କକୁ ଆଶ୍ରାକରି ଗଢ଼ି ଉଠିହୁଏ । ଈର୍ଷା ଏଭଳି କିଛି ନୁହେଁ । କେହି ଦେଖି ଶିଖି ଏହାକୁ ଆଚରଣ କରେ ନାହିଁ । ସେ ଈର୍ଷା କରୁଛି, ତେଣୁ ତା'ର ସଂପର୍କ ହେତୁ ମୁଁ ଈର୍ଷା କରିବି- କଥାଟି ଏଭଳି ହୁଏ ନାହିଁ । ଭଦ୍ର ଆଚରଣ ଲାଗି କିଛି ବ୍ୟବହାର ସୂତ୍ର ଦିଆଯାଇପାରିବ । ଈର୍ଷା ସୁଗୁଣ ତ' ମୋଟେ ନୁହେଁ । ଦୁର୍ଗୁଣ ହେଲେ ବି ଏହାର ଆଚରଣ ଲାଗି କୌଣସି ସୂତ୍ର ନାହିଁ, ହେତୁ ମଧ୍ୟ ନାହିଁ । କାହିଁକି ଜଣକୁ ଈର୍ଷା କରୁଛ– ପଚାରିଲେ, ଈର୍ଷୁକ ବ୍ୟକ୍ତିଟି ଯଦି କୌଣସିମତେ ଚିହ୍ନା ପଡ଼ିଯାଏ, ନୀରବ ରହିବ, ଅସ୍ୱୀକାର କରିବ ବା କିଛି କହିଲେ, ତାହା ଯୁକ୍ତିଯୁକ୍ତ ହେବ ନାହିଁ । ଜଣକର ଦୁର୍ଗୁଣ ଥିବା ହେତୁ ବା ସେ କେବେ କିଛି ସାହାଯ୍ୟ ଦେବାରେ, କିଛି ପରାମର୍ଶ ଗ୍ରହଣ କରିବାକୁ ପରାଙ୍ମୁଖ ହୋଇଥିବାରୁ, କାହାର ଈର୍ଷାର ପାତ୍ର ହୋଇ ନଥାଏ । ସେପରି ସ୍ଥଳେ ବିରୋଧତା, ଶତ୍ରୁତା ଉପୁଜି ପାରେ । ଆଗରୁ ବନ୍ଧୁ ସମ୍ପର୍କ ଥିଲେ, ତାହା ତୁଟି ଯାଇପାରେ; ସାନସାନ ପିଲାଙ୍କ 'କଟି' ପଡ଼ିଗଲା ଭଳି । ଈର୍ଷା କେବଳ ଈର୍ଷାଲାଗି ଓ ଅତି ଦୂରସ୍ଥ ନ ହୋଇଥିଲା ଲୋକ ଉଦ୍ଦେଶ୍ୟରେ ନିକ୍ଷେପ କରାଯାଏ । ସୁଗୁଣ ବା ଦୁର୍ଗୁଣ ମଣିଷ ପ୍ରକୃତିରେ ଅଭ୍ୟାସକ୍ରମେ ବସା ବାନ୍ଧୁଥିବା ସ୍ଥଳେ, ଈର୍ଷା ସେମିତି ସ୍ୱଭାବସ୍ଥ ହୋଇଯାଏ ନାହିଁ । ଜଣକୁ ବା ଅଳ୍ପ କେଇଜଣକୁ ଈର୍ଷା କରୁଛି ବୋଲି ସେ ଅନ୍ୟ ସଭିଙ୍କୁ ଈର୍ଷା କରୁଥିବ, ଏହା ବି ନୁହେଁ । ତେବେ ଜଣାଶୁଣା, ପାଖଲୋକଙ୍କ ଶିରୀରେ ସେ ଖୁସି ହୋଇପାରେ ନାହିଁ । ପ୍ରତିବେଶୀ କ୍ଷେତ୍ରରେ ଏହା ମନରେ ବଥ ଭଳି ଉଠେ । କେହି ଭାଗ୍ୟବାନ୍ ପଡ଼ୋଶୀର ସମୃଦ୍ଧି ଦେଖି ମନରେ ତାର ଅକାରଣ ପୀଡ଼ା ଲାଗେ । ମନର ବଥଟି ପାଚି ଫାଟି ନଗଲା ଯାଏ, ଅର୍ଥାତ୍ ଈର୍ଷାର ଖ୍ୟାତି କୌଣସି ରୂପେ କ୍ଷୁଣ୍ଣ ନ ଦେଖିଲା ଯାଏ, କାମୁଡ଼ିଲା ସାପ ଭଳି ଦଂଶିତର ଚିତାଗ୍ନିକୁ ଫଣା ଟେକି ଚାହିଁଥାଏ । ଈର୍ଷା ହେତୁ ନିଶ୍ଚିତ ଯେ କ୍ଷତି ହେବ ଓ ଈର୍ଷୁକ ସେଥିରେ ପ୍ରଶମିତ ହେବ, ଏହା କହି ହେବ ନାହିଁ । ସାଧାରଣତଃ ଭୁକିବା ସାର ହୁଏ, ବିପଣି ଏଣେ ଚାଲିଯାଏ । ଈର୍ଷୁକର ଦଂଶନ ଅଛି, ବିଷ ଅଛି; ମାତ୍ର ତା' ହାତରେ ମୃତ୍ୟୁ ଡୋରି ନାହିଁ ।

ବିଦ୍ୟାଳୟର ସହପାଠୀମାନଙ୍କ ମଧ୍ୟରେ ଈର୍ଷା ପ୍ରଥମ ତା'ର ସ୍ଥାନ ବାଛି ନେଇଥାଏ । 'କଳି' ଯେପରି କେତୋଟି ନିର୍ଦ୍ଦିଷ୍ଟ ସ୍ଥାନରେ ଉର୍ବର ମୃତ୍ତିକା ପାଇଥାଏ । କେହି ଛାତ୍ର ଭଲ ପଢୁଥିଲେ, ଖେଳ କି ଅନ୍ୟ ପ୍ରତିଯୋଗିତାରେ ନାଁ କରୁଥିଲେ, ଶିକ୍ଷକମାନଙ୍କର ପ୍ରିୟପାତ୍ର ହେଲେ, କେତେକ ସହପାଠୀ ଅକାରଣ ଈର୍ଷାପ୍ରଣୋଦିତ ହୁଅନ୍ତି । ଏ ପାଠରେ ପୁଅ-ଝିଅଙ୍କ ମଧ୍ୟରେ ସମ୍ପର୍କ ଟିକିଏ ଘନିଷ୍ଠ ହେବାର ଦେଖାଗଲେ, କେହି କେହି ମୋଟେ ସହି ପାରନ୍ତି ନାହିଁ । ଏବେ ଏପରି ଅବସ୍ଥାରେ ହତ୍ୟାର ଖବର ମଧ୍ୟ ସମ୍ବାଦପତ୍ରରେ ଦେଖିବାକୁ ମିଳୁଛି । ବୁଦ୍ଧଙ୍କ ସମୟରେ ଜଣେ ଛାତ୍ର 'ଅହିଂସୁକ' ନର ହତ୍ୟାକରି 'ଅଙ୍ଗୁଳିମାଳା'ରେ ପରିଣତ ହୋଇଥିଲା । ସେ ସ୍ୱଭାବତଃ ବଡ଼ ବିନୟୀ ଓ ଗୁରୁ-ପରାୟଣ ଥିଲା । ବିଦ୍ୟାରେ ବି ବ୍ୟୁତ୍ପନ୍ନ ଥିଲା । ସହପାଠୀମାନେ ତା'ର ସମକକ୍ଷ ନଥିଲେ । ସେମାନେ ଗୁରୁଙ୍କ ଆଗରେ ତା ବିରୋଧରେ କେତେ କ'ଣ ଚୁଗୁଲି କଲେ । ଶୁଣି ଶୁଣି ମନ ବିଷାକ୍ତ ହୋଇଗଲା । ଗୁରୁ ତା'ର ଶିକ୍ଷା ସମାପ୍ତ ହୋଇଛି କହି, ତାକୁ ଆଶ୍ରମରୁ ବିଦା କରିଦେଲେ । ଗୁରୁ ଦକ୍ଷିଣା ସ୍ୱରୂପ ଏକ ହଜାର କଟା ଅଙ୍ଗୁଳି ଦେବାକୁ ସର୍ତ୍ତ ରଖିଲେ । ଅହିଂସୁକ ଏଭଳି ନିଷ୍ଠୁର ସର୍ତ୍ତର ଶିକାରହୋଇ ଶେଷରେ ଅମାନୁଷିକ ହିଂସୁକରେ ପରିଣତ ହେଲା । ମାତ୍ର ସୌଭାଗ୍ୟତଃ ବୁଦ୍ଧଙ୍କ ସମ୍ପର୍କରେ ଆସି ସେ ପୁନର୍ଜନ୍ମ ପାଇଲା; -ଭିକ୍ଷୁ ରୂପେ ଉପଦୀକ୍ଷିତ ହୋଇଗଲା । ନିଜେ ଗୌତମ ବୁଦ୍ଧ ବି ଆଜୀବକ ସଂପ୍ରଦାୟ ଦ୍ୱାରା ଈର୍ଷିତ ହୋଇ କାମୁକ, ବେଶ୍ୟାସକ୍ତ ରୂପେ ଲୋକ-ଦୃଷ୍ଟିରେ ନିନ୍ଦିତ ହେବାର ଦୁର୍ଦ୍ଦଶା ଭୋଗିଥିଲେ । ପର୍ବତକୁ

ଟେଳାମାରି ପକେଇ ଦେଇହୁଏ ନାହିଁ । ଆଜୀବକମାନଙ୍କ ଈର୍ଷା ବୁଦ୍ଧଙ୍କ ପକ୍ଷରେ ଅର୍ଥହୀନ ହୋଇ ପଡ଼ିଲା । ଈର୍ଷା ନିଜେ ନିର୍ଜିତ ହେବା ଆଗରୁ ଇମିତି କିଛି କିଛି ଅପାୟ ଭିଆଇଥାଏ । ଶତ୍ରୁତାରେ ଶକ୍ତି ପ୍ରଦର୍ଶିତ ହୁଏ; ଅଥଚ ଈର୍ଷାରେ ଖାଲି ଅନିଷ୍ଟ ଘଟାଇବାର ଇଚ୍ଛାଟି ବଳବତୀ ଥାଏ । ଧୂଳି, କୁଟା, ପତରଉଡ଼ା ଖରାଦିନିଆ ବାବନାଭୂତ ଭଳି ଏ ଈର୍ଷା ।

'ଈର୍ଷା' ଶବ୍ଦ ପ୍ରୟୋଗରେ ଅସହନଶୀଳତା ସୁସ୍ପଷ୍ଟ ନହୋଇ, କେତେକ ସ୍ଥଳରେ କିଛି ସନ୍ତୋଷର ସୂଚନା ରହିପାରେ। ଗୋଟିଏ ପ୍ରତିଷ୍ଠାନର କ୍ରମାଗତ ଉନ୍ନତି ଦେଖି କୁହାଯାଇପାରେ-ପ୍ରତିଷ୍ଠାନଟି ଅନ୍ୟର ଈର୍ଷା ଉଦ୍ରେକ କଲା ଭଳି ସଫଳତା ଲାଭ କରୁଛି । ତୁମର ସୌଭାଗ୍ୟ ଦେଖି ମୋର ଈର୍ଷା ହେଉଛି- କହିଲେ, ମୁଁ ଅନୁରୂପ ସୌଭାଗ୍ୟର ଅଧିକାରୀ ହୋଇଥାନ୍ତି ବା ହୋଇ ପାରନ୍ତିର ଗୋଟିଏ ପ୍ରଚ୍ଛନ୍ନ ଅଭିଳାଷ ବ୍ୟକ୍ତ ହୋଇଥାଏ । ମୁକୁଟଧାରୀ ରାଜା ଧଳା-ଟୋପି ପିନ୍ଧା ଶ୍ରମଜୀବୀଟିର ସଦା ସନ୍ତୁଷ୍ଟ ଚିତ୍ତକୁ ଲକ୍ଷ୍ୟକରି କହିପାରନ୍ତି- ମୁଁ ତୁମକୁ ଈର୍ଷା କରୁଛି । ଏଭଳି କଥାରେ ଈର୍ଷାର ଲଙ୍ଗଳାପଣ ନାହିଁ । ଅନ୍ୟର ସୁଖ ସନ୍ତୋଷରେ ଧଡ଼ସଡ଼ ନହୋଇ, ସେହି ଅବସ୍ଥାଟି ନିଜର ହୋଇପାରନ୍ତା ଚିନ୍ତି, ଏହାଥିବା ବ୍ୟକ୍ତିଟି ପ୍ରତି ବରଂ ପ୍ରଶଂସାସୂଚକ, ଏଣେ ନିଜଠାରେ ନଥିବା ବୋଧର ସଂପୂର୍ଣ୍ଣ ଅବହିତ ଅସଙ୍କୁଚିତ ସ୍ୱୀକାରୋକ୍ତି । ଇଂରାଜୀ 'ଏନ୍‌ଭି' ଶବ୍ଦଟି ଏହି ଭାବର ସାର୍ଥକ ପ୍ରକାଶକ । ଆମ ଭାଷାରେ ଅନୁରୂପ କ୍ରିୟାପଦ ବୋଧେ ନାହିଁ । ଆମର ଈର୍ଷା ସବୁବେଳେ ଦାଉ ଦାଉ, ଭାରି ପରଶ୍ରୀକାତର । ସାଧାରଣ ଭାବରେ ବାଚିକ ସନ୍ତୋଷ ପ୍ରକାଶ କରିବାକୁ ହେଲେ, ଆମେ କହିପାରିବା- ତୁମେ ବଡ଼ ଭାଗ୍ୟବାନ୍, ମୁଁ ତୁମ ସଫଳତାରେ ଖୁସି । ଏ ଖୁସି କିନ୍ତୁ 'ମୋଦିତ' ନୁହେଁ । ମୋଦିତ ଭାବ ହେଲା 'ସର୍ବେ ଭବନ୍ତୁ ସୁଖିନଃ'ର ଅଭିଳଷିତ ସ୍ୱୀକାର ସଦୃଶ । ମୋଦିତ ଭାବ ଲାଭ କରିବା ଓ 'ବ୍ରହ୍ମବିହାର' ଭାବନାରେ ରହିବା ସାଧାରଣତଃ ପରିଦୃଷ୍ଟ ହୁଏ ନାହିଁ । ଏହା ଏକ ଯତି-ସୁଲଭ ଗୁଣ। ସାମାଜିକ ଚଳଣିରେ ଈର୍ଷା ଏକ ବିଷଚକ୍ର ସୃଷ୍ଟି କରିଥାଏ । ଏଥିରେ ସର୍ଜନଶୀଳ ଲେଖକମାନେ ବି ବେଳେବେଳେ ପଥ ହୁଡ଼ନ୍ତି, ମାନସିକ ସ୍ଥିରତା ରଖି ପାରନ୍ତି ନାହିଁ । କେହି ପୁରସ୍କୃତ ବା ସମ୍ମାନିତ ହେବାର ଦେଖିଲେ, କେତେ ଅଭିଯୋଗ ଆରୋପିତ ହୁଏ । ଲେଖକ ଜଣକ ପୁରସ୍କାରର ଯୋଗ୍ୟ ନୁହନ୍ତି ବୋଲି ଶୁଣାଯାଏ । ପୁରସ୍କାରୀ ସଂସ୍ଥାର ଦୋଷ ଦିଆଯାଏ । ଧରାଧରି, ପରିତୋଷଣ ପଦପଦବୀର ପ୍ରଭାବ କଥା ବି ଉଠେ । ଏସବୁ ଯେ ସ୍ଥଳବିଶେଷରେ ହେଉ ନଥିବ, ଏକଥା କହିହେବ ନାହିଁ । ମାତ୍ର ବୁଝିବାକୁ ହେବ ଯେ, କୌଣସି ଲୋକ-ଚାଳିତ ସଂସ୍ଥାରେ ଯାନ୍ତ୍ରିକ ନିରପେକ୍ଷତା ଆଦୌ ସଂଭବ ନୁହେଁ । ତୁଳନାତ୍ମକ ବିଚାର ସର୍ବତୋଭାବେ ନିରପେକ୍ଷ ହୋଇପାରିବ ନାହିଁ । ଏଥିଲାଗି ଲୋକ-ପ୍ରୟୋଗରେ କେତେକ କ୍ଷେତ୍ରରେ ଗୁଳ ପକାଯାଏ । ଦିଅଁଙ୍କ ପାଖରେ ମୁଦ ବସାଯାଏ । ତେଣୁ ପୁରସ୍କାରାଦି କ୍ଷେତ୍ରରେ କାହାର ଲାଭ ଦେଖି, ଖୁସି ନହୋଇ ପାରିଲେ ଅନ୍ତତଃ ଉପେକ୍ଷାଭାବେ ଦେଖାଯାଇପାରେ । କେହି ପୁରସ୍କୃତ ବ୍ୟକ୍ତି ଖୁବ୍ ଯୋଗ୍ୟ ନ ହୋଇଥିଲେ ଯେ ପୂରାପୂରି ଅଯୋଗ୍ୟ ହୋଇଥିବେ, ଏକଥା ନୁହେଁ । ଏଭଳି ବ୍ୟାପାରରେ ଈର୍ଷା ଆଦୌ ସମର୍ଥନୀୟ ନୁହେଁ ।

ଈର୍ଷା ଖାଲି ମାନବିକ ଦୁର୍ବଳତା ନୁହେଁ; ଏହା ବ୍ୟକ୍ତି-ଚରିତ୍ରର ଏକ ଅସ୍ପୃଶ୍ୟ, ଅଶୋଭନୀୟ ପ୍ରବୃତ୍ତି । ଈର୍ଷାକୁ ବେକନ୍ ସବୁଠାରୁ ଘୃଣ୍ୟ, ଲଜ୍ଜାଜନକ ସ୍ୱଭାବ ବୋଲି କହିଛନ୍ତି । ଏହା ରାତ୍ରିଚର । ରାତିରେ ଲୁଚି ଲୁଚି ଈର୍ଷା ଧାନ କିଆରୀରେ ବାଳୁଙ୍ଗା ବୁଣିଦିଏ । ଭଲକୁ ଭେଲ କରିବା ଚେଷ୍ଟାରେ ଥାଏ । ଈର୍ଷା ଗୁଣ-ଦର୍ଶୀ ନୁହେଁ । ଯାହାଠାରେ କିଛି ହେଲେ ସୁଗୁଣ ନାହିଁ, ସେ ଅନ୍ୟର ଗୁଣକୁ ସହିପାରେ ନାହିଁ । ଅନେକେ ଭଲ ଦେଖି ଖୁସି ହୁଅନ୍ତି । ଅନ୍ୟ କେତେକ କୋଉଠି ଖାଦ ଅଛି, ତାକୁ ପଦାରେ ପକେଇ ଉତ୍‌ଫୁଲ୍ଲ ହୁଅନ୍ତି । ଈର୍ଷୁକ ଏହି ଦୁଇଟିରୁ କୌଣସି ଗୋଟିଏ ନୁହେଁ । ଅନୁରୂପ ଖ୍ୟାତିର ଅଧିକାରୀ ନ ହୋଇପାରିବା ହେତୁ ଯିଏ ଉଠିବାକୁ ଚେଷ୍ଟା କରୁଛି, ଈର୍ଷୁକ ତାର ଗୋଡ଼ଟାଣି ବସେଇଦେବା ଚେଷ୍ଟାରେ ଥାଏ । ଅର୍ଜୁନ ଲାଖ ବିନ୍ଧିବାକୁ ଉଠୁଥିଲାବେଳେ, 'କର୍ଣ୍ଣାର୍ଜୁନ' ନାଟକରେ ବ୍ରାହ୍ମଣମାନେ ଇମିତି ହାସ୍ୟାସ୍ପଦ ଦୃଶ୍ୟ ଭିଆଉଥିଲେ । ଈର୍ଷା ନାନା ବାଟରେ ଏହି ଗୋଡ଼ଟଣାପଣର ଆଚରଣ । କିଏ କାହାକୁ କାହିଁକି ଈର୍ଷା କରୁଚି, ତାହା

ଧରିବା ସହଜ ନୁହେଁ । ଛଦ୍ମନାମୀ ବା ବେନାମୀ ଚିଠିଟିଏ ଦେଇ ଖଳବୁଦ୍ଧିରେ କାହାର ନିନ୍ଦା ରଟନାକରି ଈର୍ଷୁକ ମନେ ମନେ ପ୍ରସାଦ ଲାଭ କରୁଥାଏ । ଏରୂପ ପ୍ରସାଦ ମୋହ ବୁଦ୍ଧିର । ତେଣୁ ଈର୍ଷୁକକୁ ମସ୍ତରୀ କୁହାଯାଏ । ରିପୁଗୁଡ଼ିକ ମଧ୍ୟରେ କିଛି ଦୈହିକ ତୃପ୍ତି ବା ପ୍ରଦର୍ଶନ ଭାବର ସଂପର୍କ ଅଛି । ମାତ୍ର ଈର୍ଷା ଏକ ବିକୃତ ମାନସିକତା; ଏକ ତୀବ୍ର, ଅହେତୁକ ମାନସିକ ଅସଂତୁଳନର ବହିଃରୂପ । କୌଣସି ଉପଦେଶ କି ଔଷଧରେ ଏହା ପ୍ରଶମିତ ହୋଇପାରେନି- ଯେ ପର୍ଯ୍ୟନ୍ତ ନିଜର ସଦ୍‌ବୁଦ୍ଧି ନ ଆସିଛି । ଈର୍ଷା ହେତୁ ଯେ କିଛି କ୍ଷତି ନ ହୁଏ, ଗରମ ପାଣିରେ ଘର ନ ପୋଡ଼ିଲା ଭଳି, ଏହା ନୁହେଁ। କେତେକ ଉଚ୍ଚାଭିଳାଷୀ, ଉତ୍ସାହୀ ଆଗକୁ ଆଗକୁ ମାଡ଼ି ଚାଲୁଥିବାବେଳେ, ଈର୍ଷାର ଖରଦୃଷ୍ଟିରେ ପଡ଼ି ଅନେକ ପରିମାଣରେ ଝଡ଼ିଯାଆନ୍ତି, କାମ ବନ୍ଦ କରିଦିଅନ୍ତି । ଗ୍ରହସ୍ଥିତିରେ ଗୋଚର ଫଳ ସଦୃଶ ଈର୍ଷା ସାମୟିକ କ୍ଷତି ସାଧନ କରିପାରେ । ନଳରାଜାଙ୍କୁ କଳି ଗ୍ରାସକରି ଖୁବ୍ କଷ୍ଟ ଦେଲା; ମାତ୍ର ପରାଭୂତ କରିପାରିଲା ନାହିଁ । ଅବଶ୍ୟ ସେଥିଲାଗି ଧୈର୍ଯ୍ୟ ଥିବା ଦରକାର । ଅନ୍ୟ କାହାର ସାହାଯ୍ୟ, ସମର୍ଥନ ଥିଲେ, ଉତ୍‌ପୀଡ଼ନ ମଧ୍ୟରେ ବି ଉତ୍ସାହ ବଂଚି ରହିପାରେ । ଈର୍ଷା ଏକ ଖର ପବନ । ପତ୍ର, ଫୁଲ ଛିଣ୍ଡେଇ ଦିଏ; ବାତ୍ୟା ଭଳି ଗଛ ଉପାଡ଼ିପାରେ ନାହିଁ, ପଥ ଅବରୋଧ କରିଦିଏ ନାହିଁ । ଈର୍ଷାର ବଶଂବଦତା ଈର୍ଷୁକର ଯଥାସଂଭବ ଆତ୍ମଗୋପନ ।

ପୃଷ୍ଠବଂଧ

ଲେଖକ : ବୈକୁଣ୍ଠନାଥ ରଥ (ଖ୍ରୀ. ୧୯୨୮-ଖ୍ରୀ. ୧୯୯୯)

ବୈକୁଣ୍ଠନାଥ ରଥ ସାଂପ୍ରତିକ କାଳର ମୌଳିକ ପ୍ରବନ୍ଧ ଲେଖକ ଭାବରେ ପରିଚିତ । ଜନ୍ମସ୍ଥାନ ଯାଜପୁର ଜିଲ୍ଲାର କଣ୍ଟିଗଡ଼ିଆ ଗ୍ରାମ । ତାଙ୍କଦ୍ୱାରା ରଚିତ ପ୍ରବନ୍ଧ ସଂକଳନଗୁଡ଼ିକ ହେଲା- 'ଚିନ୍ତା ଓ ଚରିତ', 'ସାହିତ୍ୟର ଆକାଶ', 'ବିନ୍ଦୁ ଓ ବିସ୍ତାର', 'ଚର୍ଯ୍ୟା ଓ ଚର୍ଚ୍ଚା', 'ପ୍ରତ୍ୟୟ ଓ ପ୍ରତିମା', 'ଜାତି ଓ ଜାଗୃତି' ପ୍ରଭୃତି । ଏତଦ୍‌ବ୍ୟତୀତ ତାଙ୍କର ଓଡ଼ିଆ ଗଦ୍ୟ ସାହିତ୍ୟର କ୍ରମବିକାଶ ଉପରେ ସମାଲୋଚନା ଗ୍ରନ୍ଥ 'ଓଡ଼ିଆ ଗଦ୍ୟ ସାହିତ୍ୟ' ଓ ତାଙ୍କର ଆତ୍ମଜୀବନୀ 'ଗବାକ୍ଷ' ମଧ୍ୟ ପ୍ରକାଶ ପାଇ ପାଠକମାନଙ୍କ ଦ୍ୱାରା ଆଦୃତ ହୋଇଛି । ଶିକ୍ଷକତା ବୃତ୍ତିରୂପେ ଗ୍ରହଣ କରିଥିବା ପ୍ରାବନ୍ଧିକ ଶ୍ରୀଯୁକ୍ତ ରଥଙ୍କ ପ୍ରବନ୍ଧଗୁଡ଼ିକରେ ତାଙ୍କର ଅନୁଭୂତି-ଲବ୍ଧ ସୂକ୍ଷ୍ମ ଜୀବନ ଦୃଷ୍ଟିକୁ ଲକ୍ଷ୍ୟକରାଯାଏ । 'ଈର୍ଷା' ପ୍ରବନ୍ଧଟି ପ୍ରାବନ୍ଧିକଙ୍କ 'ଚର୍ଯ୍ୟା ଓ ଚର୍ଚ୍ଚା' ପୁସ୍ତକରୁ ଆନୀତ । ପ୍ରଥମେ ଉକ୍ତ ପ୍ରବନ୍ଧଟି 'ଗୋକର୍ଣ୍ଣିକା' ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା ।

ପ୍ରବନ୍ଧ ସଂପର୍କରେ :

ଏହି ବ୍ୟକ୍ତିନିଷ୍ଠ ପ୍ରବନ୍ଧଟିରେ ପ୍ରାବନ୍ଧିକ ଈର୍ଷା ସଂପର୍କରେ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିଛନ୍ତି । ଏଥିରେ ଅନ୍ୟକୁ ସହି ନପାରିବା ଭଳି ଏକ କ୍ରିୟା ଭାବରେ ଈର୍ଷାକୁ ବିଚାର କରିଛନ୍ତି । ତାଙ୍କ ଦୃଷ୍ଟିରେ ଏହା ଏକ ଅପ୍ରକାଶ୍ୟ ବୃତ୍ତି । ଏହି ମାନବିକ ଦୁର୍ବଳତା ବ୍ୟକ୍ତି ଚରିତ୍ରର କିପରି ଏକ ଅଶୋଭନୀୟ ଅସ୍ପୃଶ୍ୟ ପୁଣି ଅତି ଗୋପନୀୟ ଦିଗ ତାହାହିଁ ପ୍ରବନ୍ଧର ପ୍ରତିପାଦ୍ୟ ବସ୍ତୁ ।

ପ୍ରବନ୍ଧଟିର ପ୍ରାରମ୍ଭ ଘଟିଛି ଲେଖକଙ୍କ କୌଣସି ଏକ ବ୍ୟକ୍ତିଗତ ଅନୁଭୂତିରୁ । ଅନୁଭୂତିର କେନ୍ଦ୍ରବିନ୍ଦୁ- ଛଦ୍ମ ନାମରେ ପ୍ରାବନ୍ଧିକ ପାଇଥିବା ଦୁଇଗୋଟି ଚିଠି । ଏହି ଦୁଇଗୋଟି ଚିଠି ଥିଲା- ପ୍ରାବନ୍ଧିକଙ୍କ ଉଦ୍ଦେଶ୍ୟରେ, ବିଷୋଦ୍‌ଗାର ଓ କଟୂକ୍ତି; ବିନା କାରଣରେ ନିନ୍ଦା ଓ କ୍ରୋଧ । ଏହି ଘଟଣା ପ୍ରାବନ୍ଧିକଙ୍କୁ ଅନୁପ୍ରେରିତ କରିଛି 'ଈର୍ଷା' ପ୍ରବନ୍ଧ ରଚନା କରିବା ପାଇଁ ।

'ଈର୍ଷା'ର ସ୍ୱରୂପ ଭିନ୍ନ ଭିନ୍ନ । କେଉଁ ପରିସ୍ଥିତିରେ ଈର୍ଷା ସୃଷ୍ଟିହୁଏ ଲେଖକ ତାର ବର୍ଣ୍ଣନା କରିଛନ୍ତି । ସେ ଈର୍ଷାର ନକାରାତ୍ମକ ଦିଗର ବିଶ୍ଳେଷଣ କରିବା ସହ ସକାରାତ୍ମକ ଦୃଷ୍ଟାନ୍ତ ମଧ୍ୟ ପ୍ରଦାନ କରିଛନ୍ତି । ଈର୍ଷା ଆଦୌ ଗୁଣଦର୍ଶୀ ନୁହେଁ,

ବରଂ ଅସହ୍ୟ ଭାବର ପରିପ୍ରକାଶକ । ଈର୍ଷା ଗୋଡ଼ଟଣା ଆଚରଣ । ଈର୍ଷା ଏକ ବିକୃତ ମାନସିକତା । ଈର୍ଷା ତୀବ୍ର ମାନସିକ ଅସନ୍ତୋଷ, ଅସନ୍ତୁଳନର ବହିଃରୂପ । ଈର୍ଷାକୁ ଖର ପବନ କହି ଲେଖକ ତାହା କିପରି ଫୁଲ-ଫଳ ଛିଣ୍ଡାଇଦିଏ, ସେ କଥା କହିଛନ୍ତି । ଏହି ସମସ୍ତ ପ୍ରସଙ୍ଗ ଏଥିରେ ସୁନ୍ଦର ଓ ସାବଲୀଳ ଭାବରେ ଉପସ୍ଥାପିତ ହୋଇଛି ।

କଠିନ ଶବ୍ଦାର୍ଥ :

ବିଭବଶାଳୀ	-	ଧନୀ
ଅପରନ୍ତୁ	-	ଅନ୍ୟ ପକ୍ଷରେ
ଜନଖ୍ୟାତି	-	ଲୋକମାନଙ୍କର ପ୍ରଶଂସା; ଜନ ପ୍ରସିଦ୍ଧି
ମନଃସ୍ଥିତି	-	ମାନସିକ ଅବସ୍ଥା
ପ୍ରକାଶ୍ୟ	-	ଖୋଲାଖୋଲି
ତୁଷାନଳ	-	ଚଷୁ ନିଆଁ
ଅନଙ୍ଗ ବ୍ୟାପାର	-	ପ୍ରେମ ବିଷୟ
ସର୍ଜନା	-	ସୃଷ୍ଟି
ଈର୍ଷୁକ	-	ଈର୍ଷା କରୁଥିବା ବ୍ୟକ୍ତି
ପ୍ରବୃତ୍ତିକ	-	ପ୍ରବୃତ୍ତିଜାତ
ପରିତୋଷଣ	-	ସନ୍ତୁଷ୍ଟ କରିବା
ବିଲୟ	-	ଲୋପ
ଧ୍ୱାନ୍ତ	-	ଅଂଧକାର
ଯୁଯୁଧାନ	-	ଯୋଦ୍ଧା
ଅପ୍ରକାଶ୍ୟ ବୃତ୍ତି	-	ପ୍ରକାଶ ପାଉନଥିବା ଗୁଣ
ବିଲୟନ ସିଦ୍ଧାନ୍ତ	-	ଲୋପ କରିବାର ଧାରା
ତୁଲ୍ୟ	-	ସମକକ୍ଷ
ଭୋଗେଚ୍ଛା	-	ଭୋଗ ଇଚ୍ଛା; କାମନା
ବିଷକୁମ୍ଭ ପୟୋମୁଖ	-	ବିଷପୂର୍ଣ୍ଣ କୁମ୍ଭର ମୁହଁ ପାଖରେ କିଛି ଅମୃତ
ଅହିତ ଦର୍ଶନ	-	ଅମଙ୍ଗଳ ଦେଖିବା
ସ୍ୱଭାବସ୍ଥ	-	ସ୍ୱଭାବରେ ମିଶାଇବା ବା ଆତ୍ମସ୍ଥ କରିବା
ପରାଙ୍ମୁଖ	-	ବିମୁଖ
ନିର୍ଜିତ	-	ପରାଜିତ; ବଶୀକୃତ
ଅପାୟ	-	କ୍ଷତି, ବିଘ୍ନ
ଭିଆଇଥାଏ	-	ସୃଷ୍ଟି କରିଥାଏ

ଅବହିତ - ପରିଚିତ

ମୋଦିତ - ଆନନ୍ଦିତ

ବ୍ରହ୍ମବିହାର - ପରମାତ୍ମାଙ୍କ ରାଜ୍ୟରେ ବିଚରଣ

ଯତି - ସନ୍ନ୍ୟାସୀ

ଲାଖ ବିନ୍ଧିବା - ଶର ସନ୍ଧାନ କରିବା

ଗୁଣଦର୍ଶୀ - ଗୁଣ ଦେଖୁଥିବା

ଲୋକ-ଚାଳିତ - ଲୋକ ସାଧାରଣଙ୍କ ଦ୍ୱାରା ପରିଚାଳିତ

ଆଜୀବକ - ବୌଦ୍ଧ ଧର୍ମର ଏକ ସଂସ୍କାରବାଦୀ ସଂପ୍ରଦାୟର ନାମ

ବେକନ୍ - ଇଂରାଜୀ ସାହିତ୍ୟର ପ୍ରଖ୍ୟାତ ପ୍ରାବନ୍ଧିକ

କୃଷ୍ଣସ୍ୱାମୀ - ଆଧୁନିକ କାଳରେ ଭାରତବର୍ଷର ଜଣେ ଦାର୍ଶନିକ ଓ ଧର୍ମ ତତ୍ତ୍ୱ ବିଶାରଦ

ମତ୍ସରୀ - ପରଶ୍ରୀକାତର

ବଶମ୍ୟଦତା - ବଶବର୍ତ୍ତୀ ହେବା

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । ଈର୍ଷାକୁ ପ୍ରାବନ୍ଧିକ କେଉଁ ଦୃଷ୍ଟିକୋଣରୁ ବିଚାର କରିଛନ୍ତି ସେ ସଂପର୍କରେ ଆଲୋଚନା କର ।

୨ । ଅନ୍ୟକୁ ଈର୍ଷା କରୁଥିବା ମଣିଷର ମନର ସ୍ଥିତିକୁ କିପରି ବିଶ୍ଳେଷଣ କରାଯାଇଛି ତାହା ଦର୍ଶାଅ ।

୩ । 'ଈର୍ଷା ଏକ ଅପ୍ରକାଶ୍ୟ ବୃତ୍ତି'- ପଠିତ ପ୍ରବନ୍ଧ ଅବଲମ୍ବନରେ ଏହାର ଯାଥାର୍ଥ୍ୟ ବିଚାର କର ।

୪ । 'ଈର୍ଷା ଖାଲି ମାନବିକ ଦୁର୍ବଳତା ନୁହେଁ, ଏହା ବ୍ୟକ୍ତି ଚରିତ୍ରର ଅସ୍ପୃଶ୍ୟ, ଅଶୋଭନୀୟ ପ୍ରବୃତ୍ତି'- ଏହି ମତର ଯୁକ୍ତିଯୁକ୍ତତା ବିଚାର କର ।

୫ । ଈର୍ଷୁକର ପ୍ରବୃତ୍ତିସବୁକୁ ପ୍ରାବନ୍ଧିକ ଯେଉଁ ସୂକ୍ଷ୍ମ ଦୃଷ୍ଟିକୋଣରେ ପ୍ରକାଶ କରିଛନ୍ତି ତାହା ଦର୍ଶାଅ ।

୬ । 'ଈର୍ଷା' ପ୍ରବନ୍ଧର ଭାବବସ୍ତୁ ଉଲ୍ଲେଖ କର ।

୭ । ଶିକ୍ଷା କ୍ଷେତ୍ରରେ ଈର୍ଷା କିଭଳି କାର୍ଯ୍ୟକରେ ପଠିତ ପ୍ରବନ୍ଧ ଅନୁସରଣରେ ଉଲ୍ଲେଖ କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର)

୧ । ପ୍ରାବନ୍ଧିକ ପ୍ରଥମେ କେଉଁ ବ୍ୟକ୍ତିଗତ ଅନୁଭୂତି କଥା କହିଛନ୍ତି ?

୨ । ପାଣ୍ଡୁଙ୍କ ପ୍ରତି ଧୃତରାଷ୍ଟ୍ର କାହିଁକି ଈର୍ଷାନ୍ୱିତ ହୋଇପଡ଼ିଲେ ?

୩ । ଧୃତରାଷ୍ଟ୍ର ତାଙ୍କର ମନୋବେଦନା କାହା ନିକଟରେ ପ୍ରକାଶ କଲେ ?

୪ । କେଉଁ ହାସ୍ୟାସ୍ପଦ କଥାକୁ ନେଇ ଦୁଇ ଜମିଦାରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା?

୫ । ମେକ୍‌ଡୋନାଲଡ୍ ପ୍ରବୃତ୍ତିକୁ କ'ଣ ବୋଲି ଗ୍ରହଣ କରିଛନ୍ତି ?

୬ । ଈର୍ଷୁକକୁ ବେଣାମୂଳର ସାପ ବୋଲି କାହିଁକି କୁହାଯାଇଛି ?

୭ । ଯୁବତୀଜଣକ କୃଷ୍ଣମୂର୍ତ୍ତିଙ୍କ ନିକଟକୁ କ'ଣପାଇଁ ଯାଇଥିଲେ ?

୮ । କୃଷ୍ଣମୂର୍ତ୍ତି ଯୁବତୀ ଜଣକୁ କି ଉତ୍ତର ପ୍ରଦାନ କରିଥିଲେ ?

୯ । କୃଷ୍ଣମୂର୍ତ୍ତି ଯୁବତୀଟିର ଈର୍ଷାକୁ କ'ଣ କହି ଭିନ୍ନମୁଖୀ କରିଦେଲେ ?

୧୦ । 'ଶତ୍ରୁତା ଆଚରଣ କରି ସର୍ବନାଶ କରିବାର ଶକୁନିପଣ ତା'ଠାରେ ନାହିଁ'- କେଉଁ ପ୍ରସଙ୍ଗରେ ଏକଥା କୁହାଯାଇଛି ?

୧୧ । ଈର୍ଷାକୁ ବଳିଷ୍ଠ କାପୁରୁଷତା ବୋଲି କହିବାର ତାତ୍ପର୍ଯ୍ୟ କ'ଣ ?

୧୨ । ବିଷକୁମ୍ଭ ପୟୋମୁଖ - ଏହାର ତାତ୍ପର୍ଯ୍ୟ ବୁଝାଇ ଦିଅ ।

୧୩ । ସୁଗୁଣ ଓ ଦୁର୍ଗୁଣ ମଧ୍ୟରେ କେଉଁଟି ସହଜରେ ଶିଖି ହୋଇଯାଏ ?

୧୪ । କାହିଁକି ଜଣକୁ ଈର୍ଷା କରୁଚ ବୋଲି ଈର୍ଷୁକ ବ୍ୟକ୍ତିକୁ ପଚାରିଲେ ସେ କ'ଣ କରେ ?

୧୫ । ଈର୍ଷା କାହା ଉଦ୍ଦେଶ୍ୟରେ ନିକ୍ଷେପ କରାଯାଏ ?

୧୬ । ଈର୍ଷୁକ ପାଖରେ ବିଷ ଓ ଦଂଶନ ଥିବା ସତ୍ତ୍ୱେ ତା'ହାତରେ କ'ଣ ନ ଥାଏ ?

୧୭ । ବିଦ୍ୟାଳୟରେ ସହପାଠୀମାନେ କେଉଁ କେଉଁ କାରଣରୁ ଜଣକୁ ଈର୍ଷା କରନ୍ତି ?

୧୮ । କେଉଁପରି କଥାରେ ଈର୍ଷାର ଲଙ୍ଗଳାପଣ ନାହିଁ ?

୧୯ । ଇଂରାଜୀ ଶବ୍ଦ 'ଏନ୍‌ଭି' ଓ ଆମର 'ଈର୍ଷା' ଶବ୍ଦର ଭାବଗତ ଅର୍ଥ ମଧ୍ୟରେ କି ପାର୍ଥକ୍ୟ ରହିଛି ?

୨୦ । ତୁଳନାତ୍ମକ ବିଚାର କେବେହେଲେ ନିରପେକ୍ଷ ନୁହେଁ, -କେଉଁ ପ୍ରସଙ୍ଗରେ ପ୍ରାବନ୍ଧିକ ଏହା କହିଛନ୍ତି ?

୨୧ । ଅହିଂସୁକ ନରହତ୍ୟା କରି କେଉଁ ନାମରେ ପରିଚିତ ହୋଇଥିଲା ?

୨୨ । ଗୌତମ ବୁଦ୍ଧ ଆଜୀବକ ସଂପ୍ରଦାୟଦ୍ୱାରା କେଉଁପରି ନିନ୍ଦିତ ହୋଇଥିଲେ ?

୨୩ । ଈର୍ଷାକୁ ବେକନ୍ କେଉଁ ନାମରେ ଅଭିହିତ କରିଛନ୍ତି ?

୨୪ । ଲୋକ-ଚାଳିତ ସଂସ୍କାରେ କ'ଣ ସମ୍ଭବ ନୁହେଁ ?

୨୫ । ଉଚ୍ଚାଭିଳାଷୀ ଓ ଉତ୍ସାହୀ ବ୍ୟକ୍ତି ଈର୍ଷାର ଖରଦୃଷ୍ଟିରେ ପଡ଼ି କେଉଁ ଦଶା ପ୍ରାପ୍ତ ହୁଅନ୍ତି ?

୨୬ । କିଏ ଅନ୍ୟର ଗୁଣକୁ ସହିପାରେ ନାହିଁ ?

୨୭ । ମସ୍ତରୀ କହିଲେ କ'ଣ ବୁଝାଏ ?

୨୮ । ଈର୍ଷାକୁ ପ୍ରାବନ୍ଧିକ କାହିଁକି ଏକ ଖର ପବନ ନାମରେ ଅଭିହିତ କରିଛନ୍ତି ?

୨୯ । କଳି ନଳରାଜାଙ୍କୁ କଷ୍ଟ ଦେଲେ ମଧ୍ୟ କ'ଣ କରିପାରିଲା ନାହିଁ ?

୩୦ । ବୈକୁଣ୍ଠନାଥ ରଥଙ୍କର ଦୁଇଖଣ୍ଡ ପୁସ୍ତକର ନାମ ଲେଖ ।

ଏକବିଂଶ ଶତାବ୍ଦୀକୁ ଯାତ୍ରା

ଶରତକୁମାର ମହାନ୍ତି

ଏକବିଂଶ ଶତାବ୍ଦୀ ଓ ଆଜି ମଧ୍ୟରେ କାଳର ବ୍ୟବଧାନ ଆଉ ମାତ୍ର ବାର ବର୍ଷ । ଓଡ଼ିଶା, ଭାରତ ଓ ପୃଥିବୀ ସମସ୍ତେ ଏକବିଂଶ ଶତାବ୍ଦୀରେ ପ୍ରବେଶ କରିବେ । ଏଥିରେ ବଡ଼କଥା କିଛି ନାହିଁ, ବୈଚିତ୍ର୍ୟ କିଛି ନାହିଁ । ମାତ୍ର କାଳପ୍ରବାହରେ ଏକବିଂଶ ଶତାବ୍ଦୀ ଆସିଯିବା ଓ ସଚେତନଭାବେ ଏକବିଂଶ ଶତାବ୍ଦୀରେ ପ୍ରବେଶ କରିବା ଦୁଇଟି ଏକାବେଳକେ ଭିନ୍ନ କଥା । ଘର ବଦଳାଇବା ସମୟରେ ମଣିଷ ଅନେକ ପୁରୁଣା ଅକାମୀ ଜିନିଷ ଫିଙ୍ଗିଦିଏ ଓ ନୂଆ ସ୍ଥାନରେ କ'ଣ ସବୁ ଦରକାର ହେବ ସେ ବିଷୟରେ ପୂର୍ବରୁ ସତର୍କ ହୋଇ ଆବଶ୍ୟକୀୟ ଜିନିଷ ସଂଗ୍ରହ କରିବାକୁ ତତ୍ପର ହୁଏ । ମଣିଷର ଭାବ-ମନ୍ଦିର କାଳାନୁଗତ, କାଳଗଠିତ । ବିଂଶ ଶତାବ୍ଦୀ ଏକ ଅସାଧାରଣ ଶତାବ୍ଦୀ । ବିଶେଷତଃ ଭାରତବର୍ଷ ପାଇଁ କେବଳ ଯେ ଗୋଟିଏ ଶତାବ୍ଦୀ ସରିବାକୁ ଯାଉଛି ତା ନୁହେଁ, ଶତାବ୍ଦୀ ସହିତ ଗୋଟିଏ ଯୁଗ ଅସ୍ତ ହେଉଛି । ନୂଆ ଯୁଗକୁ ସ୍ୱାଗତ କରିବାକୁ ଓଡ଼ିଆ ଜାତି ପ୍ରସ୍ତୁତ ତ ?

ଜାତିର ରକ୍ତରେ ଯାହା ମିଶି ଯାଇଥାଏ ତାହା ହିଁ ଜାତୀୟ ସମ୍ପଦ । ବିପଦବେଳେ ଜାତି ଯେଉଁ ଉତ୍ସରୁ ବଳ ପାଏ, ସଂଗ୍ରାମ କରିବାର ପ୍ରେରଣା ପାଏ, ତାହା ତା'ର ପ୍ରକୃତ ସଞ୍ଚୟ । ପ୍ରତ୍ୟେକ ଜାତିକୁ ଉତ୍‌ଥାନ ପତନ ଭିତରେ ଗତି କରିବାକୁ ହୋଇଥାଏ । ଏକବିଂଶ ଶତାବ୍ଦୀର ପ୍ରତ୍ୟାଶିତ ତଥା ଅପ୍ରତ୍ୟାଶିତ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ଗୋଟିଏ ଜାତି ଶହେ ଦୁଇଶହ ବର୍ଷ ମଧ୍ୟରେ କ'ଣ ସଞ୍ଚୟ କରିଛି ତାର ହିସାବଖାତା ପରୀକ୍ଷାକରି ଦେଖିନେବାର ସମୟ ଉପଗତ । ଗୋଟିଏ ଦୁଇଟି ଶତାବ୍ଦୀ ମଧ୍ୟରେ ଜାତି ଯାହା ସଞ୍ଚୟ କରିଥାଏ, ତାହା ତାର ସ୍ୱଅର୍ଜିତ । ଏହା ବ୍ୟତୀତ ଜାତି କିଛି ପୈତୃକ ସମ୍ପତ୍ତିର ଅଧିକାରୀ ହୋଇଥାଏ । ପୈତୃକ ସମ୍ପତ୍ତିକୁ ରକ୍ଷା କରିବାପାଇଁ ଅବଶ୍ୟ ଦୂରଦୃଷ୍ଟି ଓ ଦକ୍ଷତା ଆବଶ୍ୟକ । ଅର୍ଜିତ ସମ୍ପଦ ତଥା ପୈତୃକ ସମ୍ପଦ ଉଭୟ ବଳରେ ଗୋଟିଏ ଜାତି ସଙ୍କଟ ଅତିକ୍ରମ କରିପାରେ । ଇଂରେଜ ଜାତିର ଯେଉଁ ଗୌରବ ବିଂଶ ଶତାବ୍ଦୀ ଆରମ୍ଭରେ ଥିଲା ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ତାହା କ୍ଷୟହେବାକୁ ଆରମ୍ଭ କରିଛି । ଇଂଲଣ୍ଡର ବର୍ତ୍ତମାନ ଗତି ନିମ୍ନଗାମୀ । ଗୋଟିଏ ଜାତିର ଉତ୍‌ଥାନ-ପତନର ଗଣିତ ଏତେ ଜଟିଳ ଯେ କେଉଁ ଅନ୍ତର୍ନିହିତ ଶକ୍ତି ଜାତିର ଅଧୋଗତିକୁ ରୋକିଦେବ, ସେ କଥା ଦମ୍ଭର ସହିତ କହିହୁଏ ନାହିଁ । ତଥାପି ମନକୁ ଆସେ ଯେ, ଇଂଲଣ୍ଡର ଗଣତାନ୍ତ୍ରିକ ପରମ୍ପରା ସେ ଜାତିର ନିମ୍ନଗାମୀ ଗତିକୁ ରୋକିଦେବ ଓ ଜାତିକୁ ଧ୍ୱଂସହେବାକୁ ଦେବ ନାହିଁ ।

ଗଣତାନ୍ତ୍ରିକ ଅନୁଷ୍ଠାନ, ଗଣତାନ୍ତ୍ରିକ ମୂଲ୍ୟବୋଧ ଇଂରେଜ ଜାତିର ପୈତୃକ ସମ୍ପଦ । ଏହି ସମ୍ପଦକୁ ବର୍ତ୍ତମାନର ଇଂରେଜମାନେ ରକ୍ଷା କରିଥିବାରୁ ଇଂଲଣ୍ଡର ପତନ ହେବ ନାହିଁ । ସ୍ୱଅର୍ଜିତ ସଞ୍ଚୟ କିପରି ଜାତିକୁ ରକ୍ଷାକରି ପୁଣି ଊର୍ଦ୍ଧ୍ୱ ଗାମୀ କରିପାରେ ତାର ଦୃଷ୍ଟାନ୍ତ ଆମର ପଡ଼ୋଶୀ ବଙ୍ଗଳା । କିଛି ବର୍ଷ ହେବ ବଙ୍ଗାଳୀ ଜାତି ବିଭିନ୍ନ କ୍ଷେତ୍ରରେ ତାର ଗୌରବ ବଜାୟ ରଖିପାରୁ ନାହିଁ । ତଥାପି ଆଶା କରାଯାଏ ଯେ ଗତ ଶହେ ଦେଢ଼ଶହ ବର୍ଷ ମଧ୍ୟରେ ବଙ୍ଗାଳୀ ଜାତି ଯେଉଁ ଶକ୍ତି ସଞ୍ଚୟ କରିଛି ତାହା ତାକୁ ସାମୟିକ ଦୁର୍ବଳତାରୁ ରକ୍ଷା କରିବ । ବଙ୍ଗାଳୀଙ୍କର ଅନ୍ତର୍ନିହିତ ଶକ୍ତି କ'ଣ ?

ଆଧୁନିକ କାଳର ତିନୋଟି ଧାରା ସେମାନଙ୍କ ପ୍ରାଣକେନ୍ଦ୍ର ସହିତ ଯୁକ୍ତ । ପ୍ରଥମତଃ ରବୀନ୍ଦ୍ରନାଥ । ରବୀନ୍ଦ୍ରନାଥ ଜଣେ ବ୍ୟକ୍ତି ନୁହଁନ୍ତି, ବଙ୍ଗଳା ଭାଷା ଓ ସାହିତ୍ୟ ପ୍ରତି ଯେଉଁ ଗଭୀର ଅନୁରାଗ ଆଧୁନିକ ଯୁଗରେ ବଙ୍ଗାଳୀ ଜାତିର ପ୍ରତିଷ୍ଠିତ ହୋଇଛି, ତାହାରି ପ୍ରତୀକ ରବୀନ୍ଦ୍ରନାଥ । ଦ୍ୱିତୀୟରେ ଶ୍ରୀ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦ । ଆଧୁନିକ ଯୁଗରେ ଏ ଦୁହେଁ ବଙ୍ଗାଳୀ ଜାତିର ଆଧ୍ୟାତ୍ମିକ ଭାବପ୍ରତିଷ୍ଠାର ମୂଳଦୁଆ ହୋଇଛନ୍ତି । ତୃତୀୟଟି ହେଉଛି, କମ୍ୟୁନିଷ୍ଟ ମତବାଦ ଓ ମାର୍କସୀୟ ଚିନ୍ତା । ବଙ୍ଗାଳୀମାନେ ମାର୍କସ୍‌ଙ୍କଠାରୁ ମାଓଙ୍କ ପର୍ଯ୍ୟନ୍ତ ଦର୍ଶନକୁ ଭଲଭାବେ ଅଧ୍ୟୟନ କରନ୍ତି । ସେମାନଙ୍କ ଚିନ୍ତାଧାରାର ସପକ୍ଷ ବା ବିପକ୍ଷରେ ତର୍କ ଆଲୋଚନାରେ ମାତନ୍ତି । ଏକ ଆଧୁନିକ ଜୀବନଧାରାକୁ ନେଇ ମାତିବା, ତାକୁ ନେଇ ତର୍କ ଆଲୋଚନା କରିବା ଜାତିକୁ ଉଜ୍ଜୀବିତ ରଖେ ଓ ଶକ୍ତି ଯୋଗାଏ ।

ଗୋଟିଏ ନବଗଠିତ ମୂଳଦୁଆ କିପରି ସାମ୍ପ୍ରତିକ ସାମୟିକ ଦୁର୍ବଳତାକୁ ଅତିକ୍ରମ କରିଯିବାକୁ ଶକ୍ତି ଯୋଗାଏ, ସାହିତ୍ୟର ଦୃଷ୍ଟାନ୍ତ ନେଇ ତାହା ବିଚାର କରାଯାଇପାରେ । ଅନେକେ କହନ୍ତି ବଙ୍ଗଳାରେ ଗତ ପଚାଶ ବା ପଚିଶ ବର୍ଷ ତୁଳନାରେ ବଡ଼ ଲେଖକଙ୍କ ସଂଖ୍ୟା ଏବେ କମିଯାଉଛି । ଧରାଯାଉ ଏ କଥା ସତ୍ୟ । ଏହା ସହିତ ଆଉ ଗୋଟିଏ କଥା ମଧ୍ୟ କେବଳ ସତ୍ୟ ନୁହେଁ, ନିରାଟ ସତ୍ୟ ଯେ ଗୋଟିଏ ବଙ୍ଗଳା ପତ୍ରିକାର କାଟ୍‌ତି ମାସିକ ଲକ୍ଷାଧିକ ଓ ଖଣ୍ଡେ ବହିର କାଟ୍‌ତି ବର୍ଷକୁ ପାଞ୍ଚଦଶ ହଜାରରୁ ଅଧିକ । ଏହି ପରିସ୍ଥିତି ଆଧୁନିକ ଯୁଗରେ ବଙ୍ଗଳା ସାହିତ୍ୟର ଅନ୍ତର୍ନିହିତ ଶକ୍ତିର ପରିଚୟ ଦିଏ । ତେଣୁ ସାମୟିକଭାବେ ବଡ଼ ଲେଖକଙ୍କ ସଂଖ୍ୟା କମିବା, ଲେଖକଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଲାଗିବା ଓ ସାହିତ୍ୟିକମାନେ ଯଶଖ୍ୟାତି ପିଛା ପଡ଼ିବା ଯୋଗୁଁ ବଙ୍ଗଳା ସାହିତ୍ୟର ଯାହା ବି କ୍ଷତି ଯଦି ହେଉଥାଏ, ତେବେ ତାକୁ ଭରଣାକରି ପୁଣି ଉନ୍ନତି ପଥରେ ଅଗ୍ରସର ହେବାର ଅନ୍ତର୍ନିହିତ ଶକ୍ତି ବଙ୍ଗାଳୀ ଜାତିର ଅଛି । ଓଡ଼ିଆ ସାହିତ୍ୟ, ଓଡ଼ିଆ ଜାତି ସମ୍ପର୍କରେ ଏହି କଥା କୁହାଯାଇ ପାରିବ ? ରାଧାନାଥ, ଫକୀରମୋହନ ଓ ଗଙ୍ଗାଧରଙ୍କ ସାହିତ୍ୟ ସାଧନା ବଳରେ ଆଧୁନିକ ଓଡ଼ିଆ ସାହିତ୍ୟର ମୂଳଦୁଆ ପଡ଼ିଲା । ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ କେତେକ ପ୍ରତିଭାବାନ୍ ସାହିତ୍ୟିକଙ୍କର ଆନ୍ତରିକ ଉଦ୍ୟମ ବଳରେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଛି ନିଶ୍ଚୟ; କିନ୍ତୁ ଗୋଟିଏ ଦୃଢ଼ ମୂଳଦୁଆ ତିଆରି ହୋଇପାରିଛି ବୋଲି କୁହାଯାଇ ପାରିବ ନାହିଁ । ଓଡ଼ିଆ ପତ୍ରପତ୍ରିକା ଓ ବହିର କାଟ୍‌ତି ଏହାର ସାକ୍ଷୀ । ଗୋଟିଏ ପଟେ ସାହିତ୍ୟକର୍ମକୁ ନାଁ କମେଇବାର ଶସ୍ତା ସୁନ୍ଦର ବାଟ ଧରିନେଇ ସାହିତ୍ୟ ଭିତରକୁ ଧସେଇ ପଶିଥିବା ଲୋକଙ୍କର ବାନରଲୀଳା ଓ ଅନ୍ୟପଟେ ଆପଣାର କୀର୍ତ୍ତି-ବାନା ଯଥାସମ୍ଭବ ଉପରକୁ ଟେକିବାପାଇଁ ଓଡ଼ିଆ ସାହିତ୍ୟକୁ ମନ୍ତ୍ର କରିଥିବା ପ୍ରତିଭାବାନ୍ ସାହିତ୍ୟିକଙ୍କର ଅବିବେକିତାକୁ ସମ୍ଭାଳିବା ପରି ଶକ୍ତି ପରମ୍ପରା ଆମର ଗଢ଼ିଉଠିନି ।

କୌଣସି ରାଜନୈତିକ ବା ସାମାଜିକ ଆଦର୍ଶ ପ୍ରତି ଓଡ଼ିଆଙ୍କର ଜାତୀୟ ମନୋଯୋଗିତା ପ୍ରକାଶ ପାଏନା । ଚଳିତ ଶତାବ୍ଦୀରେ ଏତକ ଘଟିବା ନିତାନ୍ତ ଉଚିତ ନ ଥିଲା କି ? ଆମପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣା ଏ ଶତାବ୍ଦୀରେ ଘଟିଛି । ପୃଥିବୀ ଦ୍ରୁତ ପରିବର୍ତ୍ତନ ଭିତରେ ଗତି କରିଛି । ତଥାପି ଆମର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିନାହିଁ । ଆମର ଶିକ୍ଷିତ ଯୁବକମାନେ କୌଣସି ଆଦର୍ଶ ବା ଜୀବନଧାରା ସମ୍ପର୍କରେ ତର୍କବିତର୍କରେ ମାତନ୍ତି ନାହିଁ । ଏପରି କି ଜାତୀୟ ସାଫଲ୍ୟ ସହିତ ଆମର ଆବେଗିକ ସମ୍ପର୍କ ଶୀତଳ । ମାତ୍ର ଅର୍ଦ୍ଧଶତାବ୍ଦୀ ପୂର୍ବେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲା । ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ମୂଳରେ ନେତାଙ୍କଠାରୁ ଆରମ୍ଭକରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତିଙ୍କର ନିଷ୍ଠାପର ଉଦ୍ୟମ ଓ ତ୍ୟାଗ ନିହିତ । ଜାତିର ହୃଦୟ ଭରିଯିବା ଭଳି ଏତେବଡ଼ ଘଟଣା ଜାତି-ପ୍ରାଣରେ ଯେଉଁ ଭାବୋଚ୍ଛ୍ୱାସ ସୃଷ୍ଟି କରିବା କଥା, ତାହା କରି ନାହିଁ । ଗୋଟାଏ ସ୍ୱପ୍ନ ପୂରଣ ହେବା ଏକ ଉଲ୍ଲାସର ସ୍ମୃତି – ତାହା ମଧୁର ରାଗିଣୀ ହୋଇ ଚିରକାଳ ଜାତି ହୃଦୟତନ୍ତ୍ରୀରେ ଝଙ୍କୃତ ହେଉଥାନ୍ତା । ମାତ୍ର ଏପ୍ରିଲ ପହିଲା ଦିନ କର୍ତ୍ତବ୍ୟ ସମ୍ପାଦନ କଳାଭଳି ଏକ ଗତାନୁଗତିକ ଉତ୍ସବ ପାଳନରେ ସବୁ ଶେଷ ହୁଏ ।

ଏ ପରିସ୍ଥିତି ଯେତେ ଭୟଙ୍କର ମନେ ହେଉଛି, ପ୍ରକୃତରେ ତା' ଠାରୁ ଅଧିକ ଭୟଙ୍କର । କାରଣ ଦେଶାତ୍ମବୋଧ ଓ ଜାତୀୟତାଭାବ ଜାଗ୍ରତ କରିବାର ଯୁଗ ପୃଥିବୀରୁ ବିଦାୟ ନେଲାଣି । ଅଥଚ ଜାତି ବଞ୍ଚିବା ଓ ବଳିଷ୍ଠ ରହିବାପାଇଁ ଜାତୀୟତାଭାବ ଅପରିହାର୍ଯ୍ୟ । କଥା ହେଉଛି, ପ୍ରତ୍ୟେକ ଭାବ ବିକଶିତ ହେବାର ଗୋଟାଏ ଅନୁକୂଳ ଯୁଗ ଅଛି । ଇତିହାସର ଯେଉଁ ବିକାଶ ବିନ୍ଦୁରେ ମଣିଷ ଅବସ୍ଥାନ କରେ ତଥା ତାର ମାନସିକ ସ୍ତର ଅନୁଯାୟୀ ଗୋଟିଏ ଗୋଟିଏ ଭାବ ପ୍ରତିଷ୍ଠିତ ହେବାର ଯୁଗ ଆସେ । ପ୍ରତ୍ୟେକ ଭଲ ଜିନିଷର ନକଲି ବାହାରିବା ପରି ପ୍ରତ୍ୟେକ ଉତ୍ତମ ଭାବର ବିକୃତି ଅଛି। ଜାତୀୟତା ବିକଶିତ ହେବାର ଯୁଗ ସରିବା ପରେ ତା'ର ବିକୃତି ପ୍ରକାଶ ପାଇବାର ଯୁଗ ବୋଧେ ଆସିଯାଇଛି । ବର୍ତ୍ତମାନର ଭାରତବର୍ଷ ଏପରି କି ସମଗ୍ର ପୃଥିବୀ ଉଗ୍ର ଜାତୀୟତାବାଦୀଙ୍କ ଉତ୍ପାତରେ କମ୍ପମାନ । ଜାତୀୟତା ସମ୍ବନ୍ଧରେ ଯାହା କୁହାଗଲା, ଧର୍ମ ସମ୍ବନ୍ଧରେ ସେଇୟା କୁହାଯାଇପାରେ । ମଣିଷର ବିକାଶ ଦିଗରେ ଧର୍ମର ଭୂମିକା ସରିଛି । ବର୍ତ୍ତମାନ ଧର୍ମାନ୍ଧମାନେ ମାତିଛନ୍ତି । ଯଦି କେଉଁ ଦେଶ ବା ଜାତିର ଧାର୍ମିକ ବିକାଶ ଏପର୍ଯ୍ୟନ୍ତ ଘଟି ନାହିଁ, ତେବେ ଭବିଷ୍ୟତରେ ଘଟିବାର ଆଶା କମ୍ ।

ଏକବିଂଶ ଶତାବ୍ଦୀ ଜାତୀୟତା ଭାବ ଜାଗ୍ରତ କରିବାର ଅନୁକୂଳ ଶତାବ୍ଦୀ ହେବ ନାହିଁ । ତା'ଛଡ଼ା ସ୍ୱତନ୍ତ୍ର ପ୍ରଦେଶ ପାଇବା ବା ଦେଶ ସ୍ୱାଧୀନତାଠାରୁ ଆଉ କ'ଣ ବଡ଼କଥା ଆମ ପକ୍ଷରେ ଘଟିପାରେ, ଯାହା ଆମକୁ ଜାତୀୟ ଭାବରେ ଉଦ୍‌ବୁଦ୍ଧ କରିବ ? ଏ ପ୍ରସଙ୍ଗରେ ଗୋଟିଏ କଥା ମନକୁ ଆସେ । ଯୁକ୍ତି କରାଯାଏ, ଅନେକ ଓଡ଼ିଆ ଅଞ୍ଚଳକୁ ବାଦ୍‌ଦେଇ ଓଡ଼ିଶା ପ୍ରଦେଶ ଗଢ଼ାଯାଇଥିବାରୁ ଗୋଟିଏ ଅସଂପୂର୍ଣ୍ଣ ପ୍ରଦେଶ ପାଇ ଆନନ୍ଦିତ ହେବାର କ'ଣ ଅଛି ? ମାରାତ୍ମକ ମନୋଭାବ । ସଂପୂର୍ଣ୍ଣ ହେଉ ବା ଅସଂପୂର୍ଣ୍ଣ ହେଉ, ସ୍ୱତନ୍ତ୍ର ପ୍ରଦେଶ ଲାଭକରି ପ୍ରାଣଭରା ଆନନ୍ଦ ଅନୁଭବ କରିବା ଓ ତାକୁ ପୂର୍ଣ୍ଣାଙ୍ଗ କରିବାପାଇଁ ସବୁ ପ୍ରକାରେ, ସବୁ ସ୍ତରରେ ପ୍ରାଣପଣେ ସଂଗ୍ରାମ କରିବା ଅଧିକ ଜାତୀୟ ସ୍ୱାସ୍ଥ୍ୟର ଲକ୍ଷଣ ହୋଇଥାଆନ୍ତା ।

ଷାଠିଏ ବର୍ଷ ବୟସରେ କେହି କଠୋର ବ୍ୟାୟାମ ଆରମ୍ଭ କରେ ନାହିଁ । କୈଶୋର ଓ ଯୌବନରେ କିଛି ବର୍ଷ ଦୋରସ୍ତ କୁସ୍ତି କସରତ କରିଥିଲେ ତାର ସୁଫଳ ଜଣେ ଷାଠିଏ ବର୍ଷ ବୟସରେ ପାଇଥାଏ । ମାନବ ସଭ୍ୟତାର କ୍ରମବିକାଶ ସହିତ ଜଣେ ମଣିଷର ଅଭିବୃଦ୍ଧିର ବିଶେଷ ସାମଞ୍ଜସ୍ୟ ନାହିଁ । ଜାତୀୟତାର ଯୁଗ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଦୁଇ, ତିନି ଏପରିକି ପାଞ୍ଚଶତାବ୍ଦୀ ପୂର୍ବରୁ ଯେଉଁ ଜାତିର ଜୀବନରେ ଜାତୀୟତାର ଜୁଆର ଆସିଥିଲା ସେ ଜାତିଠାରେ ଏକ ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୋଇଛି ଓ ତାକୁଇ ଧରି ସେ ଏକବିଂଶ ଶତାବ୍ଦୀରେ ପ୍ରବେଶ କରିବ । ଆଧୁନିକ କାଳରେ ଜାତୀୟତାର ଯୁଗ ପ୍ରଥମେ ୟୁରୋପୀୟ ଦେଶମାନଙ୍କରେ ଆସିଥିଲା । ପରେ ଏସୀୟ ଓ ଆଫ୍ରିକୀୟ ଦେଶମାନଙ୍କରେ ଆସିଛି । ଅନ୍ୟମାନଙ୍କ ବିଷୟ ବାଦ୍‌ଦେଇ ଏତିକି କରାଯାଇପାରେ ଯେ ଓଡ଼ିଆଙ୍କ ପାଇଁ ଜାତୀୟତା ଭାବରେ ବାନ୍ଧି ହୋଇଯିବାର ଯୁଗ ଆଗରେ ଅଛି ବୋଲି ମନେକରିବାର କୌଣସି ଯୁକ୍ତିସଙ୍ଗତ କାରଣ ନାହିଁ ।

ଯଦି ଜାତୀୟତାର ଯୁଗ ସରିଆସୁଛି, ତେବେ ଆମର ଜାତୀୟତା ଭାବ ଦୁର୍ବଳ ରହିଥିବାରୁ ଶୋଚନା କାହିଁକି ? ଏକାଥରେ ଆନ୍ତର୍ଜାତିକ ହେବା ! ତାମସିକତାରେ ବୁଡ଼ିଥିବା ମଣିଷ ହଠାତ୍ ସାତ୍ତ୍ୱିକ ସ୍ତରକୁ ଡେଇଁ ପାରେନା । ତାକୁ ପ୍ରଥମେ ତାମସିକତାରୁ ମୁକ୍ତ ହୋଇ ରାଜସିକ ଜୀବନ ବଞ୍ଚିବାକୁ ପଡ଼ିବ । କେବଳ ଜାତୀୟତା ଭାବରେ ପୁଷ୍ଟ ହୋଇଥିବା ଜାତି ଆନ୍ତର୍ଜାତୀୟତା ସମ୍ପର୍କରେ ଏତେ ଆଲୋଚନା କରିବାର କାରଣ ଚଳିତ ଶତାବ୍ଦୀରେ ଜାତୀୟତା ଭାବରେ ବଳିଷ୍ଠ ହେବାର ସୁବର୍ଣ୍ଣ ସୁଯୋଗ ଓଡ଼ିଶାବାସୀ ହାତଛଡ଼ା କରିଛନ୍ତି । ଏଇ ଶତାବ୍ଦୀରେ ଓଡ଼ିଶା ସମେତ ସମଗ୍ର ଦେଶ ଆଉ ଗୋଟିଏ ମୂଲ୍ୟବାନ ସମ୍ପଦ ଅର୍ଜନ କରିପାରିଥାନ୍ତା - ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଶ୍ୱାସ । ନୂଆ ସ୍ୱାଧୀନତା ପାଇ ଗଣତାନ୍ତ୍ରିକ ଜୀବନଧାରାକୁ ଆଦରି ନେଇଥିବା ଗୋଟିଏ ଦେଶଠାରୁ ଏଇୟା ଆଶା କରାଯାଏ । ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଶ୍ରଦ୍ଧା ସମ୍ମାନ ଧରି କିନ୍ତୁ ଆମେ ଏକବିଂଶ ଶତାବ୍ଦୀକୁ ଯାଉ ନାହୁଁ । ଯାଉଛୁ, ଦୁର୍ନୀତିଗ୍ରସ୍ତ ଜୀବନ ପ୍ରତି ପ୍ରଚୁର ମମତା ଧରି ।

ଗୋଟିଏ ଶତାବ୍ଦୀ ଭିତରେ ଆମେ କ'ଣ ଅର୍ଜନ କରିଛୁ ସେ କଥା ଛାଡ଼ି ଆମେ ଆମର ପୈତୃକ ସମ୍ପତ୍ତିରୁ କେତେ ସଞ୍ଚୟକରି ରଖିପାରିଛୁ ସେ ବିଷୟ ବିଚାର କଲେ ମଧ୍ୟ ନିରାଶ ହେବାକୁ ପଡ଼େ । ପୁରାତନ ଭିତରୁ ଯାହା ମୂଲ୍ୟବାନ ତାହା ଯତ୍ନରେ ସାଇତା ହେବା ଜିନିଷ ନୁହେଁ, ବଞ୍ଚାଇ ରଖାଯିବା ଜିନିଷ । ବଞ୍ଚାଇ ରଖିବା ସହଜ କଥା ନୁହେଁ ଏବଂ ଏହା ଜାତିର ଦାୟିତ୍ୱବୋଧ ଓ ଦୂରଦୃଷ୍ଟିକୁ ଅପେକ୍ଷା ରଖେ । ଉଦାହରଣସ୍ୱରୂପ ଅତୀତରେ ଗୋଟିଏ ଜାତିର ବୀରତ୍ୱକୁ ସେ ବର୍ତ୍ତମାନ କିପରି ବଞ୍ଚାଇ ରଖିବ ? ଇତିହାସର ବୀରତ୍ୱପୂର୍ଣ୍ଣ ଅଧ୍ୟାୟକୁ ଅନ୍ୟମାନଙ୍କ ଆଗରେ ବଳିଷ୍ଠଭାବେ ଉପସ୍ଥାପନ କରିବାର ନିଷ୍ଠା, ଅଧ୍ୟବସାୟ, ପ୍ରତିଭା ଓ ଜିଦ୍ ଆମର ଅଛି ? ଜାତିର ଗୌରବ ସମ୍ପର୍କରେ, ଭିତରେ ଅବିଶ୍ୱାସ ଓ ବାହାରକୁ ନିଜ ଢ଼ିଅରେ ଛିଡ଼ାହୋଇ ବାହାସ୍ଫୋଟ ମାରିବାର କି ମୂଲ୍ୟ ? ଦ୍ୱିତୀୟ କଥା, ଯୁଦ୍ଧକ୍ଷେତ୍ରରେ ବୀରତ୍ୱ ପ୍ରକାଶ କରିବାର ଯୁଗ ଶେଷ ହୋଇଛି । ଯୁଦ୍ଧ ପ୍ରତି ମଣିଷର ମନୋଭାବ ବଦଳିଛି । ଅନ୍ୟାୟ, ଦାରିଦ୍ର୍ୟ ଓ ଅଜ୍ଞାନ ବିରୁଦ୍ଧରେ ସଂଗ୍ରାମରତ ବ୍ୟକ୍ତି ମଧ୍ୟ ବୀର ଓ ତାଙ୍କର ବୀରୋଚିତ ଆଦର ହେବା ଉଚିତ ବୋଲି ବିଂଶ ଶତାବ୍ଦୀର ଶେଷଭାଗରେ କାହାକୁ ବୁଝାଇବା ଅନାବଶ୍ୟକ । ମାତ୍ର ଏକଥା କେହି ବୁଝିଥିବା ପରି ତ ମନେ ହେଉନାହିଁ ! ଜାତୀୟ ସ୍ତରରେ ଅସଲ ବୁଝାମଣା କମ୍ ସଚେତନ, ଅଧିକ ଅବଚେତନ । ନୌକାରେ ପାଣି ପଶିଲାଣି ଦେଖି ନୌକା ବଦଳାଇବାର ସିଦ୍ଧାନ୍ତ ଓ ସେହି ମୁହୂର୍ତ୍ତ ଜାତିର ଅବଚେତନ ନିର୍ଣ୍ଣୟ କରିଥାଏ । ଆଜିକାର ପରିସ୍ଥିତିରେ ବୀରତ୍ୱର ସଂଜ୍ଞା କ'ଣ ଓ ଜାତି କିପରି ବୀର-ପ୍ରସବିନୀ ହେବ ସେ ବିଷୟରେ ଆମେ ସଚେତନ ତ ?

ପୂର୍ବରୁ ସାହିତ୍ୟର ଅନ୍ତର୍ନିହିତ ଶକ୍ତି ସମ୍ବନ୍ଧରେ କିଛି କହିଛୁଁ । ସାହିତ୍ୟର ବିକାଶ ଓ ପ୍ରସାର ଆଧୁନିକ ଯୁଗର ଘଟଣା । ସାହିତ୍ୟର ଆଦର ସାକ୍ଷର ଲୋକଙ୍କ ସଂଖ୍ୟାବୃଦ୍ଧି ଓ ଶିକ୍ଷାର ବିସ୍ତାର ଉପରେ ନିର୍ଭର କରେ । ଅନ୍ୟାନ୍ୟ କଳାପ୍ରିୟ ଜାତି ପରି ଓଡ଼ିଶାରେ କଳାର ଆଦର ବହୁ ପୂର୍ବରୁ ଅଛି । ଉତ୍କଳ ଯଥାର୍ଥରେ ଉତ୍କର୍ଷ କଳାର ଦେଶ । ଯେ କୌଣସି କଳାପ୍ରେମୀ ଲୋକ ଓଡ଼ିଶାର କଳାକୃତିକୁ ଦେଖି ବିଭୋର ହେବେ । ପ୍ରଶ୍ନ ଉଠେ, କଳାର ପୂର୍ବ ଆଦର ଆଜି କାହିଁକି ନାହିଁ ? ବର୍ତ୍ତମାନ ଯୁଗରେ କେତେ ଓଡ଼ିଆ ଗୋଟିଏ କଳା ପ୍ରଦର୍ଶନୀ ଦେଖିବାକୁ ଯାଆନ୍ତି ? ମନ୍ଦିରକୁ ଠାକୁର ଦର୍ଶନ କରିବାକୁ ଯାଆନ୍ତି; କିନ୍ତୁ ମନ୍ଦିରର କାରୁକାର୍ଯ୍ୟ କେତେଜଣ ଦେଖନ୍ତି ? ନିର୍ଦ୍ଦିଷ୍ଟ ଭାବେ କହିଲେ ତୀର୍ଥ ହିସାବରେ ବିଶେଷ ଗୁରୁତ୍ୱ ନ ଥିବା କୋଣାର୍କରେ କେତେ ଓଡ଼ିଆଙ୍କର ପାଦ ପଡ଼େ ?

ମନ୍ଦିରମାଳିନୀ ଓଡ଼ିଶାର ମନ୍ଦିରମାନଙ୍କରେ ଓଡ଼ିଆ ଶିଳ୍ପୀମାନେ ମହାନ୍ କଳାସମ୍ପଦ ଭରି ଦେଇଛନ୍ତି । ମନ୍ଦିର ନିର୍ମାଣର ଯୁଗ ଶେଷ ହେଲା ଓ ଓଡ଼ିଶାରେ କଳାର ସ୍ଥିତି ଦୁର୍ବଳ ହୋଇପଡ଼ିଲା । ସମାଜରୁ ବଡ଼ ଶିଳ୍ପୀ ପ୍ରତିଭା ବାହାରିବାର ଧାରା ବନ୍ଦ ହୋଇଗଲା । ମନ୍ଦିର ନିର୍ମାଣର ଯୁଗ ଶେଷ ହେବା ସହିତ ଓଡ଼ିଆ ଶିଳ୍ପୀ ତାର କଳାପ୍ରତିଭାର ବିକାଶ ପାଇଁ ଅନ୍ୟ କ୍ଷେତ୍ର ବାଛିପାରିଲା ନାହିଁ କାହିଁକି ? ଡଙ୍ଗା ବୁଡ଼ିବା ପୂର୍ବରୁ ନୂଆ ଡଙ୍ଗା ଖୋଜିନେଲା ନାହିଁ କାହିଁକି ? ନୂତନ ପରିବେଶ ସହିତ ପାଦ ମିଳାଇନେବା ପାଇଁ ଆମେ କ'ଣ ଏକ ଜାତୀୟ ଅନ୍ତର୍ବୋଧର ଇସାରା ପାଉନା ? ଏପରି କିନ୍ତୁ ଅନ୍ୟତ୍ର କେବଳ ଅନ୍ୟ କ୍ଷେତ୍ରରେ ଘଟି ନାହିଁ, କଳା କ୍ଷେତ୍ରରେ ମଧ୍ୟ ଘଟିଛି । ପ୍ରାଚୀନ କାଳରୁ ପୃଥିବୀରେ ସର୍ବତ୍ର ଧର୍ମପୀଠ ଧର୍ମମନ୍ଦିର ସବୁ ସତେକି ଥିଲେ କଳାକାରଙ୍କର କାନଭାସ୍ । ମଧ୍ୟଯୁଗୀୟ ୟୁରୋପର ପ୍ରାୟ ସମସ୍ତ ମହାନ୍ ଶିଳ୍ପୀ ଚର୍ଚ୍ଚମାନଙ୍କରେ ସେମାନଙ୍କ କଳା-ନୈପୁଣ୍ୟ ଫୁଟାଇଛନ୍ତି । ପରବର୍ତ୍ତୀ କାଳରେ ସେମାନେ ଆଉ ଚର୍ଚ୍ଚ ନିର୍ଭରଶୀଳହୋଇ ରହିନାହାନ୍ତି । ୟୁରୋପର ଶିଳ୍ପୀପ୍ରତିଭା ବଞ୍ଚିବା ଓ ବଢ଼ିବାପାଇଁ ଅନ୍ୟ କାନ୍‌ଭାସ ଖୋଜି ନେଇଛି । ଫଳରେ ଚିତ୍ର ଗ୍ୟାଲେରୀ ଓ ମ୍ୟୁଜିୟମ୍‌ର ଯୁଗ ଆରମ୍ଭ ହୋଇଥିଲା । ଓଡ଼ିଶାରେ କିନ୍ତୁ ଏପରି ଘଟିଲା ନାହିଁ କାହିଁକି ?

ଏକବିଂଶ ଶତାବ୍ଦୀକୁ ଯିବାପାଇଁ ଆମ ପାଥେୟ କଥା ଏମିତି ଏମିତି । ବାସ୍ତବ ପରିସ୍ଥିତିକୁ ଖୋଲିଦେବା ଦ୍ୱାରା କିଛି ଲାଭ ହେବ ବୋଲି ଆଶା ନାହିଁ । ତେବେ ପରିସ୍ଥିତିକୁ ଘୋଡ଼େଇ ରଖିବା ନିଶ୍ଚିତଭାବେ ଲାଭପ୍ରଦ ନୁହେଁ ।

ପୃଷ୍ଠବଂଧ

ଲେଖକ : ଶରତକୁମାର ମହାନ୍ତି (ଖ୍ରୀ. ୧୯୩୮-ଖ୍ରୀ. ୨୦୦୬)

ଶରତକୁମାର ମହାନ୍ତି ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ଜଗତର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ । ନିଜର ଅମିତ ମେଧାର ପରିଚୟ ଦେଇ ସେ ଦର୍ଶନ, ଇତିହାସ, ବିଜ୍ଞାନ, ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନାକରି ସୁପ୍ରତିଷ୍ଠିତ । ଜୀବିକା ତାଙ୍କର ଗଣିତ ଅଧ୍ୟାପନା ହୋଇଥିଲେ ମଧ୍ୟ ଜୀବନ ହୋଇଥିଲା ସାହିତ୍ୟ ସାଧନା । ପୃଥିବୀର ଶ୍ରେଷ୍ଠ ମନୀଷୀ ସକ୍ରେଟିସ୍, ପ୍ଲାଟୋ, ଗୌତମବୁଦ୍ଧ, ବିବେକାନନ୍ଦ, ମହାତ୍ମା ଗାନ୍ଧୀ ତଥା ଅସ୍ତିତ୍ୱବାଦୀ ଦାର୍ଶନିକଙ୍କ ଦର୍ଶନ ସହିତ ସେ ସାରା ଜୀବନ ବିତାଇଥିଲେ । ସେ ଥିଲେ ବିଶ୍ୱ ସଂସ୍କୃତିର ପ୍ରବକ୍ତା । ଅସ୍ତିତ୍ୱବାଦର ମର୍ମକଥା, ଛତ୍ରପତି ବିବେକାନନ୍ଦ, ଗ୍ରୀକ୍ ଜାତିର ଜୀବନ ଗାଥା, ସଂସ୍କୃତି ଅପସଂସ୍କୃତି, ଆରିଷ୍ଟଟଲ ଓ ପ୍ଲାଟୋ, ଏଣୁ ତେଣୁ କିଛି ଓ ଗାନ୍ଧୀମଣିଷ ଆଦି ଗଦ୍ୟ ରଚନା ଓଡ଼ିଶା ସାହିତ୍ୟରେ ସ୍ୱତନ୍ତ୍ର ମର୍ଯ୍ୟାଦା ଦାବୀ କରେ । ସେ ଅନେକ ଜୀବନୀ ଗ୍ରନ୍ଥ ଓ ଶିଶୁ ତଥା କିଶୋର ସାହିତ୍ୟ ସୃଷ୍ଟିକରି ଯାଇଛନ୍ତି । 'ଗାନ୍ଧୀ ମଣିଷ' ପାଇଁ ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ପୁରସ୍କାର ମିଳିଥିଲା ।

ପ୍ରବନ୍ଧ ସଂପର୍କରେ :

'ଏକବିଂଶ ଶତାବ୍ଦୀକୁ ଯାତ୍ରା' ଏକ ଉଚ୍ଚକୋଟୀର ସଂଭ୍ରାନ୍ତ ପ୍ରବନ୍ଧ । ଏଥିରେ ଲେଖକ ମୁକ୍ତଚିନ୍ତାର ବାର୍ତ୍ତାବହ ସାଜିଛନ୍ତି । ସତ୍ୟର ନୂତନ ଦିଗନ୍ତ ପ୍ରତି ଏହି ଲେଖାଟିରେ ଉନ୍ମୁଖତା ରହିଛି ।

ଲେଖକଙ୍କ ମତରେ ଏକବିଂଶ ଶତାବ୍ଦୀ ଆସିବା ଓ ସଚେତନଭାବେ ଏକବିଂଶ ଶତକରେ ପ୍ରବେଶ କରିବା- ଏ ଦୁଇଟି ଭିନ୍ନ କଥା । ବିଂଶ ଶତାବ୍ଦୀ ସରିବା ସହିତ ଗୋଟିଏ ଶତାବ୍ଦୀ କେବଳ ଶେଷ ହେଉ ନାହିଁ, ଗୋଟିଏ ଯୁଗର ମଧ୍ୟ ଶେଷ ହୋଇଯାଇଛି । ତେବେ ଏକବିଂଶ ଶତାବ୍ଦୀ ବା ନୂଆ ଯୁଗକୁ ସ୍ୱାଗତ କରିବାପାଇଁ ଓଡ଼ିଆ ଜାତି କିପରି ପ୍ରସ୍ତୁତ ହୋଇଛି ସେହି ପ୍ରଶ୍ନ ସେ ଉତ୍ଥାପନ କରିଛନ୍ତି । ଏ ପ୍ରସଙ୍ଗରେ ବିଗତ ଗୋଟିଏ ବା ଦୁଇଗୋଟି ଶତାବ୍ଦୀରୁ ଆମେ କ'ଣ ସଂଚୟ କରିଛୁ ତାହା ମଧ୍ୟ ଏକ ପ୍ରଶ୍ନବାଚୀ । ଏହାଫଳରେ ଆମେ ଏକବିଂଶ ଶତାବ୍ଦୀରେ ଯଦି କୌଣସି ବିପଦର ସମ୍ମୁଖୀନ ହେବା, ତାର ଯଥାର୍ଥ ମୁକାବିଲା କରିବାକୁ ପଡ଼ିବ । ସ୍ୱଅର୍ଜିତ ସଂଚୟ କିପରି ଜାତିକୁ ଉର୍ଦ୍ଧ୍ୱଗାମୀ କରାଏ ତାର ଉଦାହରଣ ହେଉଛି ଇଂରେଜ ଜାତି ଓ ପଡ଼ୋଶୀ ବଙ୍ଗଳା ଜାତି ।

ଲେଖକ ଓଡ଼ିଆ ଜାତିର ଦୁର୍ବଳତାଗୁଡ଼ିକ ବିଶ୍ଳେଷଣ କରିବା ସହିତ ଏକବିଂଶ ଶତାବ୍ଦୀର ସମ୍ମୁଖୀନ ନିମିତ୍ତ କେଉଁ ଜାତୀୟ ଗୁଣଗୁଡ଼ିକୁ ପାଥେୟ କରିବା ଆବଶ୍ୟକ ତାର ବର୍ଣ୍ଣନା କରିଛନ୍ତି ।

କଠିନ ଶବ୍ଦାର୍ଥ :

(ଏହା ୧୯୮୭ ମସିହାରେ ଲେଖା ବୋଲି ପ୍ରଥମେ ସୂଚିତ ।)

ଅକାମୀ - କାମରେ ଲାଗୁ ନ ଥିବା

କାଳାନୁଗତ - କାଳ ଆଶ୍ରିତ, ସମୟ ସହବନ୍ଧ

ଅସ୍ତ - ଅବସାନ; ଶେଷ

ଉତ୍ସ - ଝର; ଝରଣା; ମୂଳସ୍ରୋତ

ପ୍ରତ୍ୟାଶିତ - ଆକାଂକ୍ଷିତ; ପ୍ରତି-ଆଶାକରାଯାଉଥିବା

ଅର୍ଜିତ - ଉପାର୍ଜନ କରାହୋଇଥିବା; ଲବ୍ଧ

ଅନ୍ତର୍ନିହିତ - ଭିତରେ ଥିବା

ଅଧୋଗତି - ନୀଚଗତି

ଊର୍ଦ୍ଧ୍ୱଗାମୀ - ଉପରକୁ ଉଠୁଥିବା

ମାର୍କସୀୟ - କାର୍ଲମାର୍କସ୍ ସମ୍ବନ୍ଧୀୟ; କାର୍ଲମାର୍କସ ପ୍ରବର୍ତ୍ତିତ

ମାଓ - ମାଓ-ସେ-ତୁଙ୍ଗ ଚୀନର ବିଶିଷ୍ଟ କମ୍ୟୁନିଷ୍ଟ ଜନନାୟକ

ଉଜ୍ଜୀବିତ - ବଂଚେଇ ରଖିଥିବା

ସାଂପ୍ରତିକ - (ସଂପ୍ରତି+ଇକ); ବର୍ତ୍ତମାନକାଳୀନ

କାଟ୍‌ତି - ବିକ୍ରୟ; ଚାହିଦା

ବାନରଲୀଳା - ମାଙ୍କଡ଼ାମି

ବାନା - ପତାକା

କୁମ୍ଭକର୍ଣ୍ଣ ନିଦ୍ରା - ଘୋର ନିଦ

ଅର୍ଦ୍ଧଶତାବ୍ଦୀ - ପଚାଶ ବର୍ଷ

ଆବେଗିକ - ଆବେଗ ସମ୍ବନ୍ଧୀୟ

ବିକୃତି - ପ୍ରକୃତିର ବିପରୀତ ଭାବ; ବିକାର; ମନ୍ଦରୂପ

ଧର୍ମାନ୍ଧ - ଧର୍ମ ବିଷୟରେ ଅନ୍ଧ

ଦୋରସ୍ତ - ଯଥାଯଥ; ଠିକ୍; ଖାଣ୍ଟି

ତାମସିକତା - ତମୋଗୁଣଯୁକ୍ତ ନିନ୍ଦିତ କାର୍ଯ୍ୟ

ସାତ୍ତ୍ୱିକ - ସତ୍ତ୍ୱଗୁଣଯୁକ୍ତ ସତ୍‌କର୍ମ, ସାଧୁତା

ରାଜସିକ - ରଜୋଗୁଣଯୁକ୍ତ; ରାଜା ହୋଇ ଋଷିଗୁଣଯୁକ୍ତ

ବାହାସ୍ଫୋଟ - କରତଳଦ୍ୱାରା ବାହାରେ ଆଘାତ କରିବା ରୂପକ ବଡ଼ିମା

ଅବଚେତନ - ଚେତନ ସ୍ତର ନୁହେଁ; କିନ୍ତୁ କାର୍ଯ୍ୟାବଳୀକୁ ପ୍ରଭାବିତ କରୁଥିବା ମନ; ମଣିଷର ଗୋପନ ମନ ।

ଅନ୍ତର୍ବୋଧ - ଚିତ୍ତବୋଧ; ଅନ୍ତରର ଜ୍ଞାନ ଶକ୍ତି

ଇସାରା - ସଙ୍କେତ; ଇଙ୍ଗିତ

କାନ୍‌ଭାସ୍ - ତୈଳଚିତ୍ରପାଇଁ ବ୍ୟବହୃତ ମୋଟା କନା

ପାଥେୟ - ପଥପାଇଁ ପ୍ରୟୋଜନୀୟ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । ଏକବିଂଶ ଶତାବ୍ଦୀକୁ ଯାତ୍ରା କରିବା ପୂର୍ବରୁ ଓଡ଼ିଆ ଜାତିକୁ କି କି ପୂର୍ବ ପ୍ରସ୍ତୁତି ଦରକାର ବୋଲି ଲେଖକ ମତ ଦେଇଛନ୍ତି ?

୨ । ବଙ୍ଗାଳୀ ଜାତିର କେଉଁ କେଉଁ ଗୁଣ ତାଙ୍କୁ ଏକବିଂଶ ଶତାବ୍ଦୀପାଇଁ ପ୍ରସ୍ତୁତ କରି ରଖିଛି, ଆଲୋଚନା କର ।

୩ । 'ଏକବିଂଶ ଶତାବ୍ଦୀକୁ ଯାତ୍ରା' ପ୍ରବନ୍ଧର ଭାବାଦର୍ଶ ବୁଝାଇ ଲେଖ ।

୪ । 'ତଥାପି ଓଡ଼ିଆ ଜାତିର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିନାହିଁ' -ଲେଖକଙ୍କର ଏଭଳି ମନ୍ତବ୍ୟର ତାତ୍ପର୍ଯ୍ୟ ବୁଝାଅ ।

୫ । 'ଏକବିଂଶ ଶତାବ୍ଦୀକୁ ଯାତ୍ରା' ପ୍ରବନ୍ଧରେ ଲେଖକଙ୍କ ଆଭିମୁଖ୍ୟ ବିଶ୍ଳେଷଣ କର ।

୬ । 'ଜାତୀୟତାର ଯୁଗ' ସଂପର୍କରେ ଲେଖକଙ୍କ ମତକୁ ସମୀକ୍ଷା କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର)

୧ । କେଉଁ ଦୁଇଟି ଘଟଣା ଏକାବେଳକେ ଭିନ୍ନ କଥା ?

୨ । ଘର ବଦଳାଇବା ସମୟରେ ମଣିଷ କ'ଣ କରେ ?

୩ । ଜାତୀୟ ସମ୍ପଦ କ'ଣ ?

୪ । ଜାତିର ପ୍ରକୃତ ସଞ୍ଚୟ କ'ଣ ?

୫ । ପୈତୃକ ସମ୍ପତ୍ତିକୁ ରକ୍ଷାକରିବା ପାଇଁ କ'ଣ ଆବଶ୍ୟକ ?

୬ । କାହା ବଳରେ ଜାତି ସଙ୍କଟରୁ ଅତିକ୍ରମ କରେ ?

୭ । କେଉଁ ଜାତିର ବର୍ତ୍ତମାନ ଗତି ନିମ୍ନଗାମୀ ?

୮ । ଇଂରେଜ ଜାତିର ପୈତୃକ ସମ୍ପଦ କ'ଣ ?

୯ । କେଉଁ କେଉଁ ଧାରା ବଙ୍ଗାଳୀଙ୍କ ପ୍ରାଣକେନ୍ଦ୍ର ସହିତ ସଂଯୁକ୍ତ ?

୧୦ । କେଉଁମାନେ ବଙ୍ଗାଳୀ ଜାତିର ଆଧ୍ୟାତ୍ମିକ ଭାବ-ପ୍ରତିଷ୍ଠାର ମୂଳଦୁଆ ?

୧୧ । କେଉଁକଥା ଜାତିକୁ ଉଜ୍ଜୀବିତ କରେ ଓ ଶକ୍ତି ଯୋଗାଏ ?

୧୨ । ବଙ୍ଗଳା ସାହିତ୍ୟର ଅନ୍ତର୍ନିହିତ ଶକ୍ତିର ପରିଚୟ କେଉଁଥିରୁ ମିଳେ ?

୧୩ । କେଉଁ କେଉଁ ଘଟଣାରୁ ବଙ୍ଗଳା ସାହିତ୍ୟର କ୍ଷତି ହେଉଚି ?

୧୪ । କେଉଁମାନଙ୍କର ସାଧନା ଯୋଗୁଁ ଆଧୁନିକ ଓଡ଼ିଆ ସାହିତ୍ୟର ମୂଳଦୁଆ ପଡ଼ିଲା ?

୧୫ । ନାଁ କମେଇବାର ଶସ୍ତା ସୁନ୍ଦର ବାଟ କ'ଣ ?

୧୬ । କେଉଁ ଶକ୍ତ ପରମ୍ପରା ଆମର ଗଢ଼ି ଉଠି ନାହିଁ ?

୧୭ । କାହାପ୍ରତି ଓଡ଼ିଆଙ୍କର ଜାତୀୟ ମନୋଯୋଗିତା ପ୍ରକାଶପାଏ ନାହିଁ ?

୧୮ । କୌଣସି ଆଦର୍ଶ ପ୍ରତି ଆମ ଶିକ୍ଷିତ ଯୁବକମାନଙ୍କର ଆଭିମୁଖ୍ୟ କ'ଣ ?

୧୯ । ଓଡ଼ିଆ ଜାତିର ହୃଦୟ ଭରିଯିବା ଭଳି ବଡ଼ ଘଟଣାଟି କ'ଣ ଥିଲା ?

୨୦ । ଏପ୍ରିଲ ପହିଲା ଓଡ଼ିଆଙ୍କ ପାଇଁ ସ୍ମୃତି-ଉଲ୍ଲାସର ଦିନ କାହିଁକି ହୋଇଛି ?

୨୧ । ପୃଥିବୀରୁ କ'ଣ କ'ଣ ବିଦାୟ ନେଲାଣି ବୋଲି ଲେଖକ କହିଛନ୍ତି ?

୨୨ । କ'ଣପାଇଁ ଜାତୀୟତା ଭାବ ଅପରିହାର୍ଯ୍ୟ ?

୨୩ । ଜାତୀୟତା ବିକଶିତ ହେବା ଯୁଗ ପରେ ଏବେ କେଉଁ ଯୁଗ ଆସିଛି ?

୨୪ । ବର୍ତ୍ତମାନ ଦେଶରେ କେଉଁମାନେ ମାତିଛନ୍ତି ?

୨୫ । ଲେଖକ କାହାକୁ 'ମାରାତ୍ମକ ମନୋଭାବ' ବୋଲି କହିଛନ୍ତି ?

୨୬ । ଆଧୁନିକ କାଳରେ ଜାତୀୟତାର ଯୁଗ ପ୍ରଥମେ କେଉଁ ଦେଶମାନଙ୍କରେ ଆସିଥିଲା ?

୨୭ । କେଉଁ ସ୍ତରରୁ କେଉଁ ସ୍ତରକୁ ମଣିଷ ହଠାତ୍ ଡେଇଁପାରେ ନାହିଁ ?

୨୮ । ବିଂଶ ଶତାବ୍ଦୀରେ କେଉଁ କଥାକୁ ଓଡ଼ିଶାବାସୀ ହାତଛଡ଼ା କରିଛନ୍ତି ?

୨୯ । ଓଡ଼ିଆ ଲୋକେ ଏକବିଂଶ ଶତାବ୍ଦୀକୁ କ'ଣ ଧରି ଯାଉଛନ୍ତି ?

୩୦ । ବୀରର ସଂଜ୍ଞା ଆଜି କିଭଳି ବଦଳିଛି ?

୩୧ । ସାହିତ୍ୟର ଆଦର କାହା ଉପରେ ନିର୍ଭର କରେ ?

୩୨ । କେଉଁ ହିସାବରେ କୋଣାର୍କର ବିଶେଷ ଗୁରୁତ୍ୱ ନାହିଁ ?

୩୩ । କଳାକାରଙ୍କ କାନ୍‌ଭାସ୍ କ'ଣ ଥିଲା ?

୩୪ । ୟୁରୋପରେ ଚର୍ଚ୍ଚମାନଙ୍କରେ ପରିସ୍ଫୁଟିତ କଳାଯୁଗ ପରେ କେଉଁ ନୂଆ ଯୁଗ ଆରମ୍ଭ ହେଲା ?

୩୫ । ପ୍ରାବନ୍ଧିକ ଶରତକୁମାର ମହାନ୍ତିଙ୍କର ଦୁଇଖଣ୍ଡ ବହିର ନାମ ଲେଖ ।

ପଦ୍ୟ

ମୋ ଜୀବନ ପଛେ ନର୍କେ ପଡ଼ିଥାଉ

ଭୀମ ଭୋଇ

ବଖାଣି ମହିମା ଧୁନିକୁ ସ୍ଥାପିବା ଶ୍ରୀମୁଖରେ ଆଜ୍ଞା ଦେଲେ ।
ଦାସପଣେ କିଣି ଅର୍ଦ୍ଧବାଟେ ଆଣି କିମ୍ପା ଏତେ ସରି କଲେ । ୧ ।

ନାହିଁ ମୋ ଭରସା ଉଡୁଛି ସାହାସା କି ବୁଦ୍ଧି କରିବି କହ ।
ଜଗତ ସମ୍ଭାଳି ଭଗତଙ୍କୁ ପାଳି ତୁମ୍ଭ ଭାରା ତୁମ୍ଭେ ବହ । ୨ ।

ଭଗତଙ୍କ ଦୁଃଖ ନିରନ୍ତର ଦେଖ ଲାଗିଲାଟି ପଦାର୍ବିନ୍ଦେ ।
ବାନ୍ଧିଥା ଯୋଗାରି ଆଗପଛ କରି ବହିଥାଅ ନିଜ କାନ୍ଧେ । ୩ ।

ସମ୍ପତ୍ତି ବିପତ୍ତି ମୁକତି ଦୁର୍ଗତି ଭିଆଣ କରିଛ ଯୋଡ଼ି ।
ପାପ ଦୁଃଖଭାର କେ ତୁମ୍ଭ ବହିବ ପାଦତଳେ ଥାଉ ପଡ଼ି । ୪ ।

ବିଜେ କରିଅଛ କିମ୍ପା ନ ବୁଝୁଛ ପଳାଇ ପଶିବି କାହିଁ ।
ଅର୍ଜି ପାପଭରା କରିବି ପସରା ପାଦତଳେ ଦେବି ଥୋଇ । ୫ ।

ଶରଣ ବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡ଼ିଗଲେଣି ସକଳ ।
ଦୋଷ ଅପରାଧ କ୍ଷମା କରି ଗୁରୁ ଜାଗ୍ରତରେ ପ୍ରତିପାଳ । ୬ ।

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ । ୭ ।

ଜଣାଉଛି ମୁଁ ଯେ ଭକ୍ତିଭାବରଞ୍ଜେ ଆହେ ଅଣିମା ଅନନ୍ତ ।
ତିନି ବ୍ରହ୍ମାଣ୍ଡରେ ଯେତେ ଜୀବ ଛନ୍ତି ସମସ୍ତେ ତୁମ୍ଭ ଭଗତ । ୮ ।

ନବଲକ୍ଷ ତାରା ସୁରାଟ ବିରାଟ ଧ୍ରୁବଲୋକ ଆଦି ଯେତେ ।
ସମସ୍ତେ ତୁମ୍ଭ ପାଦତଳେ ଆଶ୍ରିତ ଠୁଳ ଶୂନ୍ୟ ପରିଯନ୍ତେ ।୯ ।

ତୁଳ ଶୂନ୍ୟଠାରୁ ତହିଁ ଉପରକୁ ଦେଖିଲଇଁ ନାହିଁ କିଛି ।
ଅବିକାର ବ୍ରହ୍ମ ଅନାମ ଅରୂପ ସିନ୍ଧୁ ପ୍ରାୟ ପୂରିଅଛି । ୧୦ ।

କିବା ଦୁଷ୍ଟ ସନ୍ତ ସେବକ ସାମନ୍ତ କୀଟ ପତଙ୍ଗରେ ପୂରି ।
ତୁମ୍ଭେ ପୂରିଅଛ କାହିଁ ଊଣା ନାହିଁ ସର୍ବଘଟେ ସମସରି । ୧୧ ।

ମେଦିନୀ ପାଷାଣ କାଠ ତରୁ ତୃଣ ନିର୍ଜୀବରେ ଯେହୁ ଗଛି ।
ମୁଁ ଯେ ଜାଣୁଅଛି ମନର ଭିତରେ ଶବ୍ଦବ୍ରହ୍ମ ହେଲେ ଅଛି । ୧୨ ।

ମୁଁ ଯେ ମୂର୍ଖ କବି ଭେଦ ମାର୍ଗେ ଜଗି ତୁମ୍ଭ କରୁଣା ମାତର ।
ସମାନରେ ଦେଖି ସତ୍ୟ ଧର୍ମ ସାକ୍ଷୀ କରି ନ ପାରେ ଅନ୍ତର ।୧୩ ।

ତ୍ରିପୁର ଜଗତେ ଜୀବ ଛନ୍ତି ଯେତେ ଅଛି ନାମ କଳା ଚିହ୍ନ ।
ସମସ୍ତେ ସଙ୍ଗୁଳି ଏକ ଆତ୍ମା ବୋଲି ନ କର ହୋ ଆନ ଭିନ୍ନ । ୧୪ ।

କାଠର ଭିତରେ ସଢ଼ଳ ଧାତୁରେ ଜଳ ପୂରିଥାଇ ଯେତେ ।
ପ୍ରାଣୀଙ୍କ ଅଙ୍ଗରେ ଜୀବପର୍ମ ରୂପ ଫୁଟି ଦିଶୁଥାଇ ସତେ । ୧୫ ।

ଦୋଷକୃତ ହାନି ଲାଭ ଧରା ମରା ଗାଳି ଦ୍ୱନ୍ଦ୍ୱ ହ୍ୱନ୍ତି ଯହିଁ ।
ରୁମ ଚର୍ମ ଭେଦି କାଟେ ଜୀବନକୁ କାତର ମୁଁ ହେଉଥାଇ । ୧୬ ।

ଅଗ୍ନି ଚୁଲା ପରେ ତାରଣ ଭାଣ୍ଡରେ ଯେସନେ ଫୁଟଇ ଅନ୍ନ ।
ତେସନ ପରାଏ ହୃଦେ ଡେଉଁଥାଇ ପାଞ୍ଚଭୂତ ଆଙ୍କାମାନ । ୧୭ ।

ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ ।
ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ । ୧୮ ।

ଏକା ଖଡ଼ଗରେ ଦଶ ପାଞ୍ଚ ମୁଣ୍ଡ ଛିଡ଼ଇ ଭାରତ ଯୁଦ୍ଧେ ।
ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ । ୧୯ ।

ଆତ୍ମା ଭଗତିରେ ଦୋଷାଦୋଷ ହେଲେ ବଜ୍ର ପଡୁ ମୋ ମୁଣ୍ଡକୁ ।
କହେ ଭୀମ ଭୋଇ ବ୍ରହ୍ମଶାପ ଦେଇ ଜାଳିଦିଅ ମୋ ପିଣ୍ଡକୁ । ୨୦ ।

ପୃଷ୍ଠବଂଧ

୧ । କବି ପରିଚୟ :

କ) କବି - ଭୀମ ଭୋଇ (୧୮୫୫-୧୮୯୫)

ଖ) ଜନ୍ମସ୍ଥାନ - ଗ୍ରାମଡିହା, ରେଢ଼ାଖୋଲ (ସମ୍ବଲପୁର)

ଗ) ସୃଷ୍ଟି ସମ୍ଭାର - ଶ୍ରୁତି ନିଷେଧ ଗୀତା, ନିର୍ବେଦ ସାଧନା, ଆଦି ଅନ୍ତ ଗୀତା, ଅଷ୍ଟକ ବିହାରୀ ଗୀତା, ବ୍ରହ୍ମ ନିରୂପଣ ଗୀତା, ସ୍ତୁତି ଚିନ୍ତାମଣି, ଚଉତିଶା ମଧୁଚକ୍ର, ଭଜନମାଳା, ବ୍ରହ୍ମଚାଳକ, ପଦ୍ମକଳ୍ପ ବ୍ୟତୀତ ଶତଶତ ସ୍ତୁତି, ଭଜନ ଓ ଜଣାଣ ।

ଘ) ସୃଜନ ଆଭିମୁଖ୍ୟ - କିମ୍ବଦନ୍ତୀ କହେ ଭୀମ ଭୋଇ ବାଲ୍ୟକାଳରେ ଥିଲେ ଅନାଥ । ଗୋରୁ ଚରାଇ ବା ମୂଲଲାଗି ଅତି ଦୁଃଖରେ କାଳାତିପାତ କରୁଥିଲେ । ବଣରେ ବୁଲିବୁଲି ସେ ନିଜର ଆତ୍ମଜ୍ଞାନରୁ କବିତା ଗାଉଥିଲେ । ସେହି କବିତାମାନ ନୈସର୍ଗିକ ଓ ସ୍ୱତଃସ୍ଫୂର୍ତ୍ତ । ତାଙ୍କ ରଚନାରେ ବ୍ରହ୍ମ ହେଉଛନ୍ତି ରୂପହୀନ (ଅଲେଖ), ଗୁଣହୀନ (ନିର୍ଗୁଣ) । ତେଣୁ ତାଙ୍କୁ ଶୂନ୍ୟ ଉପାସକ କୁହାଯାଏ । ବ୍ରହ୍ମଙ୍କର ଶୂନ୍ୟ ରୂପରେ ବିଶ୍ୱାସ କରୁଥିବା କବିଙ୍କ ମାନବପ୍ରେମ ଗଭୀର, ଛଳନାହୀନ । ଅଲେଖପନ୍ଥୀ ଭାବେ ସେ ପ୍ରତିମା ପୂଜାରେ ବିଶ୍ୱାସ କରନ୍ତି ନାହିଁ । ମହିମା ଗୋସାଇଁଙ୍କ ଶିଷ୍ୟ ଭୀମ ଭୋଇଙ୍କର ଅନ୍ୟତମ ସାଧନା ପୀଠ ଥିଲା ସୋନପୁରର ଖଲିଆପାଲି ଏବଂ ଏହା ଏବେ ମଧ୍ୟ ବିଦ୍ୟମାନ । କୁହାଯାଏ ସେହିଠାରେ ସେ ବ୍ରହ୍ମଲୀନ ହୋଇଥିଲେ ।

୨ । କବିତାର ଭାବଧାରା :

କବିଙ୍କ 'ସ୍ତୁତି ଚିନ୍ତାମଣି'ର ସପ୍ତବିଂଶ ବୋଲିରୁ ଆଲୋଚ୍ୟ କବିତା ଗୃହୀତ ହୋଇଅଛି । ଏହି ଅଂଶଟି ବହୁ ଲୋକପ୍ରିୟ ତାହାର କେତେକ ସୁଖପ୍ରଦ ସୂକ୍ତି ପାଇଁ । ତାହା ହେଉଛି :-

୧ । ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ॥

୨ । ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ ।
ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ ॥

୩ । ଆତ୍ମା ଭଗତିରେ ଦୋଷାଦୋଷ ହେଲେ ବଜ୍ର ପଡୁ ମୋ ମୁଣ୍ଡକୁ ।
କହେ ଭୀମ ଭୋଇ ବ୍ରହ୍ମଶାପ ଦେଇ ଜାଳିଦିଅ ମୋ ପିଣ୍ଡକୁ ॥

ଏହି ପଦସମୂହ ଅନ୍ତରାଳରେ ରହିଛି କବିଙ୍କର ପ୍ରଚଣ୍ଡ ମାନବପ୍ରେମ । ସେ ପ୍ରେମର ନିଷ୍ଠା ଏତେ ଗଭୀର ଓ ବ୍ୟାପକ ଯେ ତାହା ଦେଶକାଳ ପ୍ରାଣର ସଂକୀର୍ଣ୍ଣତାରୁ ଉପରକୁ ଉଠି ବିଶ୍ୱମାନବିକତାର ଉଦାରବାଣୀ ଶୁଣାଇଛି । ମଣିଷ ହୁଅନ୍ତୁ ବା ଯେକୌଣସି ଜୀବଜନ୍ତୁ; ସମସ୍ତଙ୍କ ଭିତରେ ଅବସ୍ଥାନ କରନ୍ତି ବ୍ରହ୍ମ । ତେଣୁ ପ୍ରାଣୀ ଭିତରେ ନାହିଁ

ଭେଦଭାବ । ବ୍ରହ୍ମ ଓ ଜୀବ ଅଭିନ୍ନ । ମାତ୍ର ପ୍ରାଣୀ ନିଜର ବା ଅନ୍ୟ ପ୍ରାଣୀର ବ୍ରହ୍ମ ସହ ସମ୍ପର୍କ ବୁଝେ ନାହିଁ, ପରସ୍ପର ଭିତରେ ଦ୍ୱନ୍ଦ୍ୱ କରେ; ଏହାର ସଂଘର୍ଷ ଫଳରେ ଭେଦାଭେଦ ବଳବତ୍ତର ରହେ । କବି ଏଥିରେ ଦୁଃଖ ପ୍ରକଟ କରନ୍ତି । ବ୍ରହ୍ମଙ୍କୁ ନିବେଦନ କରନ୍ତି ପ୍ରାଣୀ ଭିତରୁ ସକଳ ଦ୍ୱନ୍ଦ୍ୱ, ଭେଦାଭେଦ ଦୂର କରିବାକୁ । ଶରଣାଗତ ଭକ୍ତମାନଙ୍କର ସମସ୍ତ ଦୋଷ, ଅପରାଧକୁ କ୍ଷମା କରି ସେମାନଙ୍କୁ ସୁଖରେ ପ୍ରତିପାଳନ କରିବାକୁ ଅଲେଖ ବ୍ରହ୍ମଙ୍କ ନିକଟରେ ନିବେଦନ କରିଛନ୍ତି । ସେ କବିଭାବେ ସମସ୍ତଙ୍କ ଦୋଷାଦୋଷ ନିଜ ମୁଣ୍ଡ ଉପରେ ସହି ନେବାକୁ ପ୍ରସ୍ତୁତ । ଦରକାର ହେଲେ ସେ ବଜ୍ରମୁହଁରେ ମୁଣ୍ଡପାତି ଦେବେ, ପ୍ରାଣୀଙ୍କ ଦୁଃଖ ଦୂର ପାଇଁ ନରକକୁ ଯିବେ, କିନ୍ତୁ ଦୁଃଖ ଦୂର ହେଉ । ପ୍ରାଣୀଙ୍କ ଆର୍ତ୍ତ ତାଙ୍କ ପାଇଁ ସହନୀୟ ନୁହେଁ । ଯେଉଁଠି ଜୀବନ ଅଛି ସେଇଠି ଆତ୍ମା କଥା କହେ ସମ୍ବେଦନାର, ସହାନୁଭୂତିର, ଅନ୍ୟର ଦୁଃଖ ଭିତରେ କବି ନିଜର ଯନ୍ତ୍ରଣା ଅନୁଭବ କରନ୍ତି । ରୁଷ୍‌କବି ମାୟକୋଭସ୍କିଙ୍କ ଉକ୍ତି ଏହି ପ୍ରସଙ୍ଗରେ ସ୍ମରଣୀୟ-

In every single tears that is shed

I feel myself crucified.

ଏହି ମର୍ମର ତାଳରେ ଭୀମ ଭୋଇ କୁହନ୍ତି-

ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ

ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ ।

ଆଶ୍ଚର୍ଯ୍ୟର କଥା ଜନଶ୍ରୁତି ଅନୁସାରେ ସେ ଅନ୍ଧ ଓ ନିପଟ ମୂର୍ଖ ହୋଇ ମଧ୍ୟ ଜଣେ ବିରାଟ ଦାର୍ଶନିକ ପରି ଜଗତର ଦୁଃଖକୁ ଆପଣାର ଦୁଃଖ ମନେକରିଛନ୍ତି । ଏହା ହିଁ ତାଙ୍କର ଗୌରବ, ଆମ ଜାତିର ମଧ୍ୟ ।

୩ । କଠିନ ଶବ୍ଦାର୍ଥ :

ବଖାଣି - ବୟାନ କରି, କହି । ଧୁନି - ଅଗ୍ନି ପ୍ରଜ୍ୱଳନ କରିବା । ସ୍ଥାପିବା - ସ୍ଥାପନ କରିବା ବା ଜାଳିବା । ଯୋଗାରି - ଯାଉଁଳି ବୁଜୁଳି (ପୁଡ଼ା) । ଆଜ୍ଞା - ଆଦେଶ । ଦାସ - ସେବକ । ସରି - ହଇରାଣ । ସାହାସା - ସାହସ, ହଂସା । ନିରନ୍ତର - ସବୁବେଳେ, ସର୍ବଦା । ପଦାର୍ବିନ୍ଦ - ପଦ୍ମରୂପକ ପାଦରେ । ଯୋଗାରି - ଯୋଗାଡ଼ କରି। ଭିଆଣ - ବିଧାନ, ସୃଷ୍ଟି । ପସରା - ପଣ୍ୟ ଦ୍ରବ୍ୟର ବୋଝ । ଜାଗ୍ରତ - ଯତ୍ନ ସହକାରେ, ଅନିଦ୍ରା ରହି । ପ୍ରତିପାଳ - ପାଳନ କରି । ଅପ୍ରମିତ - ଅଗଣିତ, ଅପରିମିତ । ରଙ୍ଗେ - ରଙ୍ଗକରେ, ସନ୍ତୁଷ୍ଟକରେ । ଅଣିମା - ଅଷ୍ଟସିଦ୍ଧି ମଧ୍ୟରୁ ପ୍ରଥମ ସିଦ୍ଧି (ଏଠାରେ ଅଷ୍ଟସିଦ୍ଧି ଦାତା ପରମେଶ୍ୱର) । ତିନିବ୍ରହ୍ମାଣ୍ଡ - ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ । ଭଗତି - ଭକ୍ତି । ସାମନ୍ତ - ସାଆନ୍ତ, ଉଚ୍ଚବର୍ଗ, ରାଜା । ଘଟ - ଶରୀର । ସମପରି - ସମାନ । ଫୁଟେ - ଖଣ୍ଡେ । ଖଡ଼ଗରେ - ଖଣ୍ଡାଚୋଟରେ । ଭାରତ ଯୁଦ୍ଧେ - ମହାଭାରତ ଯୁଦ୍ଧରେ । ଆରେକ - ଅନ୍ୟଜଣକ । ସୁରାଟ - ସୁର+ରାଟ, ଅର୍ଥାତ୍ ସ୍ୱର୍ଗ ରାଜ୍ୟ । ବିରାଟ - ବି - ପକ୍ଷୀ+ରାଟ = ରାଜ୍ୟ = ଆକାଶ । ଧ୍ରୁବଲୋକ - ତପଲୋକ (ଏଗୁଡ଼ିକ ସପ୍ତଲୋକର ଅନ୍ତର୍ଭୁକ୍ତ) । ଅବିକାର - ଜଞ୍ଜାଳଶୂନ୍ୟ । ଶବ୍ଦବ୍ରହ୍ମ - ଶବ୍ଦକୁ ବ୍ରହ୍ମ ବୋଲି କୁହାଯାଇଛି । ଭେଦମାର୍ଗ - ଜୀବ ଓ ବ୍ରହ୍ମର ପାର୍ଥକ୍ୟ ମତରେ । ତ୍ରିପୁର - ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ । କଳା - ଗୁଣ । ସଙ୍ଗୁଳି - ସ୍ୱାଗତ କରିବା । କାଠର ଭିତରେ - କାଠ ପାତ୍ରରେ । ସୁଢ଼ଳଧାତୁରେ - ଉତ୍ତମ ଧାତୁପାତ୍ର । ପର୍ମ - ପରମ (ପରଂବ୍ରହ୍ମ) । ତାରଣଭାଣ୍ଡ - ରନ୍ଧନପାତ୍ର । ପଞ୍ଚଭୂତ - କ୍ଷିତି (ମାଟି), ଅପ୍ (ଜଳ), ତେଜ (ଆଲୋକ), ବ୍ୟୋମ (ଆକାଶ), ମରୁତ୍ (ବାୟୁ)। ଅଙ୍ଗ - ଶରୀର, ଦେହ । ବାଧେ - କଷ୍ଟ ଲାଗେ । ଭଗତିରେ - ଭକ୍ତିରେ । ବଜ୍ର - ଚଡ଼ଚଡ଼ି, ଘଡ଼ଘଡ଼ି । ବ୍ରହ୍ମଶାପ - ବ୍ରହ୍ମ ଅଭିଶାପ । ପିଣ୍ଡକୁ - ଦେହକୁ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ' କବିତାରେ ବିଶ୍ୱମାନବବାଦର ବାଣୀ କିପରି ପ୍ରତିଫଳିତ, ଆଲୋଚନା କର ।

୨ । 'ପରହିତ ପାଇଁ ଜୀବନ ଉତ୍ସର୍ଗ କରିବା ହିଁ କବି ଜୀବନର ଲକ୍ଷ୍ୟ' - ପଠିତ କବିତା ଅବଲମ୍ବନରେ ଏହା ପ୍ରମାଣ କର ।

୩ । 'କବି ସର୍ବପ୍ରାଣବାଦୀ ଏବଂ ସମ୍ବେଦନଶୀଳ', ପଠିତ କବିତା ଅନୁସରଣରେ ଆଲୋଚନା କର ।

୪ । ଜନଜୀବନର ଦୁଃଖକୁ ନିଜ ଦୁଃଖ ମନେ କରିପାରିଲେ କବିତ୍ୱ ସଫଳ ହୁଏ- ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଉତ୍ତର)

୧ । ଧୁନିକୁ ସ୍ଥାପିବାର ଅନ୍ତର୍ନିହିତ ଅର୍ଥ କ'ଣ ?

୨ । ଏତେ ସରି କଲେ ବୋଲି କବି କାହିଁକି କହିଛନ୍ତି ?

୩ । ଈଶ୍ୱର କ'ଣ କ'ଣ ଯୋଡ଼ି କରି ଭିଆଣ କରିଛନ୍ତି ?

୪ । ପାଦତଳେ କ'ଣ ଥୋଇ ଦେବାକୁ କବି ଉଲ୍ଲେଖ କରିଛନ୍ତି ?

୫ । କାହା ବିନିମୟରେ ଜଗତ ଉଦ୍ଧାର ହେବା ପାଇଁ କବି କାମନା କରିଛନ୍ତି ?

୬ । 'ସର୍ବ ଘଟେ ସମ ସରି' - ଏହାର ଭାବାର୍ଥ ବୁଝାଅ ।

୭ । କ'ଣ ପାଇଁ କବି ପ୍ରାଣୀଙ୍କ ବିକଳ ସହି ପାରି ନାହାନ୍ତି ?

୮ । ଭାରତ ଯୁଦ୍ଧର କେଉଁ ଦୃଶ୍ୟ କବିଙ୍କୁ ଗଭୀର ଦୁଃଖ ପ୍ରଦାନ କରିଛି ?

୯ । 'ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ' - ଏଥିରେ କେଉଁଭାବ ପ୍ରକାଶ ପାଇଛି ?

୧୦ । ନିଜ ମୁଣ୍ଡରେ ବଜ୍ରପଡୁ ବୋଲି କବି କାହିଁକି ଚିନ୍ତା କରିଛନ୍ତି ?

୧୧ । ବ୍ରହ୍ମଶାପ ଦେଲେ କ'ଣ ହେବ ବୋଲି କବି କହିଛନ୍ତି ?

୧୨ । ଭୀମ ଭୋଇ କେଉଁ ଧର୍ମ ଗ୍ରହଣ କରିଥିଲେ ଓ ତାଙ୍କ ଗୁରୁ କିଏ ?

୧୩ । ପଠିତ କବିତାଟି କେଉଁ ଗ୍ରନ୍ଥରୁ ସଂଗୃହୀତ ?

୧୪ । ଭୀମ ଭୋଇଙ୍କର ଦୁଇଗୋଟି ରଚନାର ନାମୋଲ୍ଲେଖ କର ।

୧୫ । ଅବିକାର ବ୍ରହ୍ମ କ'ଣ ?

୧୬ । ମେଦିନୀ ପାଷାଣ କାଠ ତରୁତୃଣ ନିର୍ଜୀବରେ କିଏ ଥାଆନ୍ତି ?

୧୭ । ଭେଦମାର୍ଗ କ'ଣ ?

୧୮ । ପଞ୍ଚଭୂତଙ୍କ ନାମ ଲେଖ ।

ନମସ୍କାର

ମାୟାଧର ମାନସିଂହ

ତୁମ୍ଭଙ୍କୁ କରୁନି ନମସ୍କାର,
ହେ ଈଶ୍ୱର ପାଦ୍ରୀ ଓ ପଣ୍ଡାର,
ହେ ଈଶ୍ୱର ଦେଉଳ ଗୀର୍ଜାର,
ହେ ଈଶ୍ୱର ମୌଲବୀ, ମୁଲ୍ଲାର,
ତୁମ୍ଭଙ୍କୁ କରୁନି ନମସ୍କାର ।
ନମସ୍କାର କରେ ମୁହିଁ ଅସହାୟ ସେହି ନରନାରୀ
ତୁମ୍ଭର ଦୈବତ ସତ୍ୟ ଏ ଧରାରେ ହେବାକୁ ସ୍ଥାପିତ,
ଇତିହାସ-ପତ୍ର ସବୁ ଆର୍ଦ୍ର କଲା ଯା'ଙ୍କ ଅଶ୍ରୁବାରି ।
ନିରୀହ, ନିର୍ଦ୍ଦୋଷ ଯା'ଙ୍କ ଅୟୁତ ମସ୍ତକ
ଛିଣ୍ଡାଇଛି ତବ ଦୂତବୃନ୍ଦ - ତରବାରୀ ।
ଅଗତିକ, ଯୋଡ଼ହସ୍ତ କାକୁତିରେ କରନ୍ତି ପ୍ରାର୍ଥନା,
ହେ ଚିର କରୁଣାମୟ ଈଶ୍ୱର ତୁମରେ,
ଏଇ ଚାହଁ କି ସଙ୍କଟେ ପିତା, ପତି ଆକୁଳ କଣ୍ଠରେ
ପତ୍ନୀ, କନ୍ୟା ବିଧର୍ଷିତ ହୋଇବାରେ ପାଶବ ହସ୍ତରେ,
ଦେଖି ଦେଖି ନିଜ ସମକ୍ଷରେ ।
ତୁମର କେତନବାହୀ ସେହି ସେ ବର୍ବରେ
ତୁମ ନାମେ, ତବାଦେଶ କହି
ପାପ, ହତ୍ୟାକଲେ କରି ଅକୁଣ୍ଠ ମର୍ମରେ ।
ଦେଖ ଦେଖ ସ୍ୱର୍ଗୁ ତବ, ଦୀର୍ଘ ଏଇ ନର ଇତିହାସେ
କେତେ କୋଟି ନରନାରୀ ଭୀତ, ହତ, ପଳାୟିତ ତ୍ରାସେ,
କେତେ ଦେଶ ଉଜାଡ଼ିତ, କେତେ ଜାତି ଉଚ୍ଛନ୍ନ, ବିପନ୍ନ
ତବ ପ୍ରଚାରକ ଦଳ ଅତ୍ୟାଚାରୁଁ ମାନ ଓ ଜୀବନ
ରଖିବାକୁ ପଳାୟିତ ପଛେ ରଖି ଗ୍ରାମ, ଘର, ଧନ !
ତୁମ୍ଭଲାଗି ଗୃହ-ଚ୍ୟୁତ, ମୃତ, ଭଗ୍ନ, ନିରାଶ୍ରିତ ସେହି ଜନତାରେ

ତୁମରେ ନ ଦେଇ, ଦିଏ ମୂଢ଼ ମୋର କ୍ଷୁଦ୍ର ନମସ୍କାରେ,
ହେ ଈଶ୍ୱର ଉଦାର ଘୃଣାରେ !
ଇତିହାସେ ଛୋଟ ବଡ଼ ଚେଙ୍ଗିସ୍ - କଳାପ,
ନରମୁଣ୍ଡ, ନରଲୁହ, ମନୁଷ୍ୟର କରୁଣ ବିଳାପ
ଦୈନନ୍ଦିନ ଖାଦ୍ୟ ଯାଙ୍କ, ଗଢ଼ନ୍ତି ସେ ପ୍ରାର୍ଥନା ଚତ୍ୱର
ତୁମ ଲାଗି ଚାଟୁ-ପ୍ରିୟ, ହେ ରାଜାଧିରାଜ;
ସେ ମଣ୍ଡପେ ସ୍ତୁତି-ରତ ଯେତେ ସବୁ ବିଶ୍ୱସ୍ତ ତୁମର ।
ତାଙ୍କ ଖଡ଼ଗେ ନିର୍ଯାତିତ, ଧ୍ୱସ୍ତ, ବିଲୁଣ୍ଠିତ
କୋଟିର କ୍ରନ୍ଦନ ପ୍ରତି ଅବିଚଳ ହେ ଶ୍ରେଷ୍ଠ, ବର୍ବର-
ଶୁଣିଛ କେବଳ ସ୍ତୁତି ତୁମେ ସେହି ଆତତାୟୀଙ୍କର !
ଶ୍ୱେତାଙ୍ଗର ତୁଳାକ୍ଷେତ୍ରେ ଦେଖିନା କି ଘୃଣ୍ୟ ବିଭୀଷିକା,
ମନୁଷ୍ୟ ହୋଇଲା ଯହିଁ ମାଛପରି ବିକା ?
ମାତାଠାରୁ ଦୁଗ୍ଧପୋଷ୍ୟ ଶିଶୁ ହୁଏ ଛିନ୍ନ,
ସ୍ୱାମୀଠାରୁ ପତ୍ନୀ ଆଉ ପୁତ୍ରଠାରୁ ପିତା ଜରାଜୀର୍ଣ୍ଣ;
ଚାବୁକର ଘାତେ ଘାତେ ଶୋଣିତ ରଞ୍ଜିତ,
ବିଳପନ୍ତି ଦଳ ଦଳ ନରନାରୀ ଅନିଚ୍ଛୁକ ଶ୍ରମେ;-
ତୁମେ କିନ୍ତୁ ବର୍ବରର କ୍ଷେତ୍ର କର ସମ୍ପଦେ ଭରିତ ।
କୋଟି କୋଟି ସେହି ଦୁଃସ୍ଥ ମାନବର କରୁଣ କ୍ରନ୍ଦନ
ସ୍ପର୍ଶିପାରି ନାହିଁ କେବେ ତବ ଉଚ୍ଚ ସ୍ୱର୍ଣ୍ଣ ସିଂହାସନ ।
କିନ୍ତୁ ପାଶେ ଅମାନୁଷ ଧର୍ମଧ୍ୱଜୀଙ୍କର
ଠିଆ ଏ ଯେ ଗୀର୍ଜା ସାଡ଼ମ୍ବର,
ପାଦ୍ରୀ ତହିଁ ବ୍ୟାଖ୍ୟାନର ସ୍ୱର୍ଗସ୍ଥ ସେ ପିତାଙ୍କ କରୁଣା
ଏକଇ ନିଶ୍ୱାସେ ବୁଣି ହିଦେନ୍‌ରେ ସର୍ବମୟ ଘୃଣା ।
ତୁଳନା ଅଛି କି ନାହିଁ ଏ ଯେ ଭଣ୍ଡତାର ?
ତୁମରେ ନ ଦେଇ ତେଣୁ ମୋର ନମସ୍କାର,
ଦିଏ ମୁଁ ଅଯୁତ ସେହି ନିରାଶ୍ରୟ, ଦୁଃସ୍ଥ, ନିଷ୍ପେଷିତ
ଯେଉଁ ନରନାରୀ ହେଲେ ମାଟିରେ ମଛିତ,
ଢାଳି ଢାଳି ନୟନରୁ ଅସହାୟ ଉଷ୍ଣ ଅଶ୍ରୁଧାର ।
ବାରମ୍ବାର ଅବତରି, ଏ ଭାରତେ କରିଅଛ ଧନ୍ୟ
ତେଣୁ ଏ ଜନତା ଏଥି ଯୁଗ ଯୁଗ ଧରି
ରହିଛନ୍ତି, ପରା ମୂର୍ଖ ଦୀନ, ହୀନ ବନ୍ୟ
ବ୍ରହ୍ମାର ମୁଖରୁ ଜାତ ତବ ମୁଖପାତ୍ର

ସେ ବ୍ରାହ୍ମଣ ନିର୍ଦ୍ଦେଶରେ, ବିଳପନ୍ତି ବାଳିକାର ଗାତ୍ର
ଏଇ ଦେଖ ଜୀବନ୍ତରେ ଦଗ୍ଧ ହୁଏ ଧର୍ମରକ୍ଷା ପାଇଁ
ବିକଳ କ୍ରନ୍ଦନ ମଧ୍ୟେ ବ୍ରାହ୍ମଣ ସେ ଐଶ୍ୱରିକ ବେଦ
ନିର୍ବିକାରେ ଉଚ୍ଚେ ଉଚ୍ଚାରଇ ।
ତବ ସେହି ଧ୍ୱଜୀଙ୍କର ଆଜ୍ଞା ଅନୁସରି
ବିରାଟ ଜନତା ଏଥୁ ଯୁଗ ଯୁଗ ଧରି
ରହିଛନ୍ତି ଅଜ୍ଞ, ଅମନୁଷ୍ୟ
ପତିତ, ଅସ୍ପୃଶ୍ୟ ।
ସବୁ ଘୋର ପ୍ରବଞ୍ଚନା, ବୀଭତ୍ସ ପ୍ରଚାର,
ତୁମେଇ ମାନବ ଚିତ୍ତେ ସବୁଠାରୁ ଘୋର କୁସଂସ୍କାର
ମିଥ୍ୟାରେ ମୁଁ ଦେବି କିପାଁ ଦେବତାରେ ପାଦ୍ରୀ, ବ୍ରାହ୍ମଣର
ମୋ ପ୍ରାଣର ମୁଗ୍ଧ ନମସ୍କାର ?
ନମସ୍କାର କରେ ମୁହିଁ ଚିର ମାନବରେ,
ସହସ୍ର ବାଧାରେ ଠେଲି ଉଠିଛି ଯେ କ୍ରମେ ସ୍ତରେ ସ୍ତରେ;
ଅଜ୍ଞାତ ସେ ଯୋଦ୍ଧୃ - ନରନାରୀ
ଅଶ୍ରୁ, ରକ୍ତ, ଅସ୍ଥି ଦେଇ ପୁରୁଷେ ପୁରୁଷେ
ନେଲେ ଯେହେତୁ ଏକେ ଏକେ ଅଶ୍ରାନ୍ତ ସଂଗ୍ରାମେ
ଏ ପାର୍ଥିବ ଜୀବନର ବିଷଦନ୍ତ କାଢ଼ି !
କରିଗଲେ ହେ ଈଶ୍ୱର, ତୁମର ଏ ବନ୍ୟ ପୃଥିବୀରେ
ସୁନ୍ଦର, ସୁସଭ୍ୟ, ସୁସ୍ଥ, ଅନାମୟ, ଭୋଗ୍ୟ ଧୀରେ ଧୀରେ
କରିବାକୁ ସୃଷ୍ଟି ଏହ୍ନେ ମଧୁର, ସୁନ୍ଦର
ଯେଉଁ ଦୀନ ମାନବରେ ପୁରସ୍କୃତ କର
ରୋଗ, ବ୍ୟାଧି ଜଞ୍ଜାଳର ଅସଂଖ୍ୟ କଷଣେ ;
କୃପାମୟ ହେ ଜୀବନେଶ୍ୱର ।
ପୁରୋହିତ, କ୍ଷତ୍ରିୟ, ବୈଶ୍ୟର
ପ୍ରୟୋଜନ-ଜନିତ ଈଶ୍ୱର,
ହେ ଈଶ୍ୱର ଗୀର୍ଜା ଦେଉଳର,
ହେ ପ୍ରତୀକ ଅନ୍ଧ ଭଣ୍ଡତାର,
ଚିର ନିଷ୍ପେଷିତ, ଚିର ଦୁଃଖୀ, ଅଭିଶପ୍ତ
ମୁହିଁ ଜଣେ ଶୂଦ୍ର ଜନତାର,
ନାହିଁ କରେ ଦୁଃଖେ ନମସ୍କାର ।

ପୃଷ୍ଠବଂଧ

୧ । କବିପରିଚୟ :

କ) କବି - ଡଃ ମାୟାଧର ମାନସିଂହ (୧୯୦୫-୧୯୭୨) ଜନ୍ମସ୍ଥାନ - ପାରିକୁଦସ୍ଥ ନନ୍ଦଳା ଗ୍ରାମ

ଖ) ସୃଷ୍ଟି ସମ୍ଭାର - କବିତା ପୁସ୍ତକ - ଧୂପ, ହେମପୁଷ୍ପ, ହେମଶସ୍ୟ, ମାଟିବାଣୀ, ଜେମା, ବାପୁତର୍ପଣ ଇତ୍ୟାଦି।

ଅନ୍ୟାନ୍ୟ - ସମାଜ ଓ ସାହିତ୍ୟ, ସରସ୍ୱତୀ ଫକୀର ମୋହନ, ଓଡ଼ିଆ ସାହିତ୍ୟର ଇତିହାସ ଉଭୟ ଇଂରାଜୀ ଓ ଓଡ଼ିଆରେ । ଇଂରାଜୀରେ The Saga of Land of Lord Jagannath, Kali Das & Shakespeare.

ଗ) ସୃଜନ ଆଭିମୁଖ୍ୟ - ଡଃ ମାୟାଧର ମାନସିଂହ ଥିଲେ ଜଣେ ରୋମାଣ୍ଟିକ କବି । ସୌନ୍ଦର୍ଯ୍ୟର ଅନୁରାଗୀ ହେତୁ ରୂପ ପ୍ରତି ଦୁର୍ବଳତା ତାଙ୍କୁ ପ୍ରେମ ଓ ପ୍ରଣୟର ମହାନତା ଉନ୍ମୋଚନ କରିବାକୁ ଦେଇଥିଲା ସାମର୍ଥ୍ୟ । ପ୍ରେମ କେବଳ ଏକ ଇନ୍ଦ୍ରିୟଗତ ବିଷୟ ନୁହେଁ, ତାହା ଇନ୍ଦ୍ରିୟର ଦୁର୍ବଳତାକୁ ଅତିକ୍ରମ କରି ଅତୀନ୍ଦ୍ରିୟ ହୋଇପାରେ । ଅନୁରାଗ, ଆନ୍ତରିକତା, ନିଷ୍ଠା ପ୍ରେମକୁ କରେ ପାପଶୂନ୍ୟ; ପ୍ରଣୟକୁ କରେ ଅମୃତମୟ । କବି ତାଙ୍କ ପ୍ରେମ କବିତାମାନଙ୍କରେ ଏହା ହିଁ ସୂଚାଇଥାନ୍ତି । ଏହା ବ୍ୟତୀତ ସେ ଜଣେ ସ୍ୱଦେଶ ପ୍ରେମୀ, ଓଡ଼ିଆ ଜାତୀୟତାର ପ୍ରତିନିଧି । ପ୍ରାଣଭରି ଭଲପାନ୍ତି ଦେଶକୁ, ଜାତିକୁ, ତାର ଅତୀତ ଓ ଐତିହ୍ୟକୁ । ସ୍ୱଦେଶର ଇତିହାସ, କାହାଣୀ, କିମ୍ବଦନ୍ତୀ ଏବଂ ପ୍ରକୃତି ଭିତରେ ସେ ଦେଖିଛନ୍ତି ଅନେକ ବିଶେଷତ୍ୱ, ଯାହା ଧନ୍ୟ କରିଛି ଓଡ଼ିଆମାନଙ୍କୁ । ସେହି ବିଷୟଭିତ୍ତିକ ତାଙ୍କର କୃତି ସାଧବ ଝିଅ, ଜେମା, ପୂଜାରିଣୀ ପ୍ରଭୃତି ।

କବି ଥିଲେ ଇଂରାଜୀ ସାହିତ୍ୟର ଛାତ୍ର ଓ ଅଧ୍ୟାପକ । 'ଇଂରାଜୀ କବି ସେକ୍ସପିଅର ଓ ସଂସ୍କୃତ କବି କାଳିଦାସଙ୍କ ମଧ୍ୟରେ ଏକ ତୁଳନାତ୍ମକ ଅଧ୍ୟୟନ' ଶୀର୍ଷକରେ ଗବେଷଣା କରିଥିଲେ ଇଂଲଣ୍ଡରେ । ନିଜର ପାଣ୍ଡିତ୍ୱ, ଅଧ୍ୟବସାୟ ଓ ନିଷ୍ଠା ପାଇଁ ସେ ଯେପରି ଯଶସ୍ୱୀ କବି ରୂପେ ସମ୍ମାନିତ ସେହିପରି ଗବେଷକ, ସମାଲୋଚକ ଓ ପ୍ରାବନ୍ଧିକ ଭାବେ ପ୍ରଶଂସିତ । ଓଡ଼ିଶାର ମାଟି ପାଣି ସାହିତ୍ୟ ସଂସ୍କୃତିକୁ ସେ ଯେପରି ଶ୍ରଦ୍ଧାର ସହିତ ବୁଝିଛନ୍ତି ତାର ତୁଳନା ନାହିଁ । ଏହାର ପରିଚୟ ଆମେ ତାଙ୍କର ପ୍ରତ୍ୟେକ କୃତିରୁ ପାଇପାରିବା ।

ଡଃ ମାନସିଂହଙ୍କ କବିତା ପ୍ରଖର ଅନୁଭୂତିରେ ଭରା, ପ୍ରାଣ ପ୍ରାଚୁର୍ଯ୍ୟରେ ଜୀବନ୍ତ । କବିତା ଯେପରି ରସମୟୀ ଓ ଛନ୍ଦୋବଦ୍ଧ; ତାଙ୍କର ଗଦ୍ୟ ମଧ୍ୟ ସେହିପରି ଲଳିତ । ତାଙ୍କ ଗଦ୍ୟ ପଢ଼ିଲେ ମନେହେବ ଯେପରି ତାହା କବିତାର ଭାଷାରେ ରଚିତ ହୋଇଛି । ଭାଷା ଭାବ ଅନୁସାରୀ ଏବଂ ଭାବ ସ୍ୱଚ୍ଛ କଳ୍ପନା ଓ ବିଚାର ଅନୁଗତ ହୋଇଛି । ତେଣୁ ତାହା ହୃଦୟକୁ ଛୁଏଁ ।

ଘ) କବିତାର ଭାବଧାରା - କବି ବିଶ୍ୱାସ ରଖନ୍ତି ମାନବିକତାରେ, ମାନବିକ ଗୁଣ ଓ ମୂଲ୍ୟବୋଧରେ । ଏହା ଏକ ଆଧୁନିକ ବିଚାର । ଅତୀତରେ ମଧ୍ୟଯୁଗରେ କାବ୍ୟ କବିତାରେ ପ୍ରାୟତ ଈଶ୍ୱରପ୍ରେମ ଥିଲା ଏକମାତ୍ର ଉପାସନାର ବିଷୟ । ସେ ଯୁଗ କଳ୍ପନା ଓ ଭାବପ୍ରବଣତାର ଦିନ ଥିଲା । ମାତ୍ର ବିଜ୍ଞାନର ବିକାଶ ମଣିଷକୁ ନୂଆ ଚିନ୍ତା କରିବାର ଦେଲା ସୁଯୋଗ । ମାନବତା ଓ ଯୁକ୍ତିବୋଧ ଏଇ ଯୁଗର ମୁଖ୍ୟ ଲକ୍ଷଣ । ନବଜାଗରଣ ନାମରେ ଏ ଯୁଗକୁ ନାମିତ କରାଯାଏ । ବସ୍ତୁତ, 'ନମସ୍କାର' କବିତା ଅତୀତର ଈଶ୍ୱରପ୍ରେମର ବିକଳ୍ପରେ ମାନବପ୍ରେମର ଜୟଗାନ ମୂଳକ ଏକ କବିତା । ମାନବବାଦୀ ଦୃଷ୍ଟିଭଙ୍ଗୀରୁ ଏଇଟି ବିଶେଷ ଦୃଷ୍ଟି ଆକର୍ଷଣ କରେ । କବିତାରେ ଅଛି ଆବେଗମିଶା ଯୁକ୍ତିବୋଧ ଓ ଇତିହାସର ଦୃଷ୍ଟାନ୍ତ । ଈଶ୍ୱର ଇତିହାସ ପୃଷ୍ଠାର ଜୀର୍ଣ୍ଣସ୍ତବକ, ବାସ୍ତବତା ଅପେକ୍ଷା ଅଧିକ ଭାବାଳୁତାର ପ୍ରସୂନ ।

କ୍ଷତ୍ରିୟ, ବ୍ରାହ୍ମଣ ଓ ପୁରୋହିତମାନଙ୍କର ପ୍ରୟୋଜନରୁ ସେ ସୃଷ୍ଟି ହୋଇଛନ୍ତି । ତାଙ୍କର ସ୍ଥାନ ଗୀର୍ଜା ମନ୍ଦିରର ଅନ୍ଧକାର ଭିତରେ । ଯେ ଯୁଗ ଯୁଗ ଧରି ସ୍ୱେଚ୍ଛାଚାର ଭାଣ୍ଡାମିର ପ୍ରତୀକ ହୋଇ ରହିଛନ୍ତି ସିନା କଷଣ ଦୂଷଣର ଅବସାନ କରାଇ ପାରିନାହାଁନ୍ତି । ତାଙ୍କ ନାମରେ ବିଶ୍ୱରେ ସବୁଠାରେ ପ୍ରବଞ୍ଚନା ଛଳନାର ମାୟାଜାଲ, ହତ୍ୟା ଲୁଣ୍ଠନ ଶୋଷଣର ଅଭିଯାନ ଚାଲି ଆସିଛି । ପୁରୋହିତ, ପାଦ୍ରୀ, ଇମାମ ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟର ଗୁରୁ ଓ ଧର୍ମ ଧ୍ୱଜାଧାରୀମାନେ ତାଙ୍କ ନାମରେ ଅକୁଣ୍ଠ ଚିତ୍ତରେ କରିଆସିଛନ୍ତି ଅନ୍ୟାୟ ଓ ନୀତି । ଏଇ ଯେପରି ଇତିହାସ । କବି ଆଉ ଏକ କବିତାରେ ଏଇ ସ୍ୱରରେ କହିଛନ୍ତି - 'ମଣିଷର ଦୁଃଖ କଷ୍ଟ ପ୍ରାସ, କ୍ରମେ କ୍ରମେ ନିଏ ମୋର ଈଶ୍ୱର ବିଶ୍ୱାସ' ।

ଅପର ପକ୍ଷରେ ଅଛନ୍ତି ଦୁଃଖୀ ଦରିଦ୍ର କଷ୍ଟଜୀବୀ ମଣିଷ ଅଗଣନ, ସେମାନେ ଅତ୍ୟାଚାରିତ; ଧର୍ମର ଖଡ୍‌ଗ ତଳେ, ବାହୁବଳର ହୁଙ୍କାର ଅହଙ୍କାର ପାଖରେ ସେମାନେ ଦଳିତ ଓ କ୍ଷତାକ୍ତ । ଯେମିତିକି ମଣିଷର ଭାଗ୍ୟ ହୋଇଛି ଅନ୍ୟର ଦାସ ହୋଇ ରହିବା, ବସବାସଚ୍ୟୁତ ହୋଇ ପଥର ଭିକାରି ହେବା । ରକ୍ତାକ୍ତ ମଣିଷ ଈଶ୍ୱର କୃପାରୁ ରିକ୍ତ ହେଲେ କେବେ ଧର୍ମର ବିଜୟ ଘଟେ ନାହିଁ । ପାଷାଣ୍ଡ ମୂଢ଼ମାନେ ଗରିବ ଜନତାର ବଞ୍ଚିବାର ଅଧିକାରକୁ ଅଶ୍ଳୀଳ କରି ଇତିହାସର ଧାରାକୁ ନିଜ ଆଡ଼କୁ ନେବାକୁ ଚାହିଁଛନ୍ତି । ଏହି ପରିପ୍ରେକ୍ଷୀରେ କବି ଈଶ୍ୱରଙ୍କୁ ନମସ୍କାର କରିବାକୁ କୁଣ୍ଠା କରନ୍ତି ଓ ନମସ୍କାର କରନ୍ତି ନିରାଶ୍ରୟ ଅତ୍ୟାଚାରିତ ଦୁଃଖୀ ମଣିଷଙ୍କୁ । ଏହାଦ୍ୱାରା କବି ଈଶ୍ୱରଙ୍କୁ ଅବମାନନା ବା ଅସମ୍ମାନ କରୁନାହାଁନ୍ତି । ତଥାକଥିତ ଭଣ୍ଡ ଈଶ୍ୱରପ୍ରେମୀ ଏବଂ ଧର୍ମସମ୍ପ୍ରଦାୟର ପ୍ରତିନିଧି ପାଦ୍ରୀ ଓ ପୁରୋହିତଙ୍କର ଈଶ୍ୱରଙ୍କୁ ସେ ସ୍ୱୀକାର କରୁନାହାଁନ୍ତି । କାରଣ କବି ଦୃଷ୍ଟିରେ ଈଶ୍ୱର ଚିର, ଶାଶ୍ୱତ ଏବଂ ଧର୍ମ ସମ୍ପ୍ରଦାୟ ଓ ସ୍ଥାନର ଊର୍ଦ୍ଧ୍ୱରେ ସତ୍ୟ ଧର୍ମର ପ୍ରତୀକ । କରୁଣା ତାଙ୍କର ସଦା ଚଳମାନ । ମାତ୍ର ସେଇ କରୁଣାରୁ ପୀଡ଼ିତ ଜନତା ହୋଇଛି ବଞ୍ଚିତ। ଏଣୁ କବିତାରେ କବି କ୍ଷୋଭରେ କହିଛନ୍ତି ଈଶ୍ୱରଙ୍କ ପରିବର୍ତ୍ତେ ସେ ପୀଡ଼ିତ ଜନତାଙ୍କୁ ନମସ୍କାର କରୁଛନ୍ତି ବୋଲି ।

୨ । କଠିନ ଶବ୍ଦାର୍ଥ :

ପାଦ୍ରୀ	-	ଖ୍ରୀଷ୍ଟଧର୍ମ ପ୍ରଚାରକ ।
ଦୈବତ	-	ଦେବତା, ଦେବାତ୍ମା ।
ଆର୍ଦ୍ର	-	ଓଦା ।
ମୌଲବି	-	ମୁସଲମାନ ପଣ୍ଡିତ ।
ବିଧର୍ଷିତ	-	ବିଶେଷ ଭାବେ ବଳାତ୍କୃତା ।
ଅକୁଣ୍ଠ	-	କୁଣ୍ଠାହୀନ ଭାବରେ ।
ଭୀତ	-	ଭୟପ୍ରାପ୍ତ ।
ତ୍ରାସେ	-	ଭୟରେ ବିଚଳିତ ହୋଇ ।
ଚତ୍ୱର	-	ଅଙ୍ଗନ, ଅଗଣା ।
ଧ୍ୱସ୍ତ	-	ନଷ୍ଟ ।
ଚାଟୁପ୍ରିୟ	-	ସ୍ତୁତିକଥା ପ୍ରିୟ ।
ଜରା	-	ବାର୍ଦ୍ଧକ୍ୟ ।
ଶୋଣିତ	-	ରକ୍ତ ।

ବିଳପନ୍ତି	-	କ୍ରନ୍ଦନ କରନ୍ତି ।
ସ୍ପର୍ଶିପାରି ନାହିଁ	-	ସ୍ପର୍ଶ କରିପାରି ନାହିଁ ।
ଉଷ୍ମ	-	ତପ୍ତ ।
ଗାତ୍ର	-	ଦେହ ।
ଆତତାୟୀ	-	ହତ୍ୟାକାରୀ ।
ସାଡ଼ମ୍ବର	-	ଆଡ଼ମ୍ବର ସହିତ ।
ଶ୍ୱେତାଙ୍ଗ	-	ଗୋରାଲୋକ ।
ତୁଳାକ୍ଷେତ୍ର	-	ମାଞ୍ଚେଷ୍ଟରର ତୁଳା ଆନ୍ଦୋଳନ ।
ହିଦେନ	-	ପାଷାଣ୍ଡ ଧର୍ମଦ୍ରୋହୀ, ବର୍ବର ପ୍ରତିମାପୂଜକ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ନମସ୍କାର' କବିତାରୁ କବି ମାନସିଂହଙ୍କର ସଂସ୍କାର ଲିପ୍‌ସାର ପରିଚୟ ପ୍ରଦାନ କର ।

୨ । 'ନମସ୍କାର' କବିତାରେ କବି ଆମ ସାମାଜିକ ଓ ଆଧ୍ୟାତ୍ମିକ ଜୀବନର ଗ୍ଲାନିକୁ ଉପସ୍ଥାପନ କରି ସମାଜ ସଂସ୍କାର ସକାଶେ ନିର୍ଦ୍ଦେଶ ଦେଇଛନ୍ତି' -ଆଲୋଚନା କର ।

୩ । 'ନମସ୍କାର' କବିତାରେ କବିଙ୍କ ବୈପ୍ଳବିକ ଚିନ୍ତାଧାରା ଓ ଜୀବନଦର୍ଶନ କିଭଳି ପ୍ରତିଫଳିତ ହୋଇଛି ଦର୍ଶାଅ ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଦୁଇ ବା ତିନୋଟି ବାକ୍ୟରେ ଉତ୍ତର)

୧ । 'ନମସ୍କାର' କବିତାର ରଚୟିତା କିଏ ? ତାଙ୍କ ଲିଖିତ ଚାରୋଟି ପୁସ୍ତକର ନାମୋଲ୍ଲେଖ କର ।

୨ । କବି ମାନସିଂହ ଈଶ୍ୱରଙ୍କୁ କାହିଁକି ନମସ୍କାର କରିନାହାନ୍ତି ?

୩ । କବି 'ନମସ୍କାର' କବିତାରେ କାହାକୁ ନମସ୍କାର କରିଛନ୍ତି ଓ କାହିଁକି ?

୪ । କାହାର ଅଶ୍ରୁବାରି ଇତିହାସ - ପତ୍ର ସବୁ ଆର୍ଦ୍ର କଲା ?

୫ । 'ମନୁଷ୍ୟ ହୋଇଲା ଯହିଁ ମାଛ ପରି ବିକା ?' କେଉଁ ପ୍ରସଙ୍ଗରେ କବି ଏହା କହିଛନ୍ତି ।

୬ । 'ତୁମେ କିନ୍ତୁ ବର୍ବରର କ୍ଷେତ୍ର କର ସମ୍ପଦେ ଭରିତ'- କିଏ କରେ ? ବର୍ବର କିଏ ?

୭ । 'ତୁମେଇ ମାନବଚିତ୍ତରେ ସବୁଠାରୁ ଘୋର କୁସଂସ୍କାର' - କାହାକୁ ଲକ୍ଷ୍ୟ କରି ଏହା କୁହାଯାଇଛି ?

ଚରମ ପତ୍ର

ରବି ସିଂ

ଚରମ ପତ୍ର ଦେଲି ଭଗବାନ, ଚରମ ପତ୍ର ଘେନ !
ଆଗାମୀ ଚବିଶ ଘଣ୍ଟା ଭିତରେ
ଆଗାମୀ କାଲିର ଏଇ ପ୍ରଭାତରେ
ଖାଲିକର ତମେ ଗୋଲକ-ସିଂହାସନ ...
ଘେନ ଭଗବାନ, ଚରମ ପତ୍ର ଘେନ !
ଛାଡ଼ିଦିଅ ତମ ହାତରୁ ବିଶ୍ୱ-ଶାସନ-ଦଣ୍ଡ, ଡୋରି !
ନ ହେଲେ କରିବି ଅତି ନିର୍ମମେ ତମରି ଆୟୁଷ ଚୋରି ।
ତମରି ଛଦ୍ମ 'ଅନନ୍ତ' ଗିରି ଅନ୍ତ କରିବି ସିନା,
ତମ ମନ୍ଦିର ଚୂଡ଼ାରେ ଉଡ଼ିବ ମହା-ଧ୍ୱଂସର ବାନା ।
ବେଳ ଥାଉଁ ଥାଉଁ ଖାଲି କରିଦିଅ ଗୋଲୋକ-ସିଂହାସନ,
ଘେନ ଭଗବାନ, ଚରମ ପତ୍ର ଘେନ !
ଉଦୟ-ରାଜ୍ୟେ କିପରି ପଶିଲା ଅସ୍ତର ସମ୍ରାଟ୍ ?
କହ ଭଗବାନ, ସୃଷ୍ଟି ହୋଇଲା ଆଜି ଏ କି ବିଭ୍ରାଟ !
ଜୀବନ ଉପରେ ମରଣଟା କଲା କିଆଁ ପରବାନା ଜାରି ?
ଶାନ୍ତିର ନୀଡ଼େ ଉଠିଲା କାହିଁକି ଯୁଦ୍ଧର ତରବାରି ?
ଜାନୁଆର୍ ଆଜି ଦଖଲ କରିଲା କିଆଁ ମଣିଷର ଥାନ ?
ସୃଷ୍ଟି ଭିତରେ ଧ୍ୱନିତ କିମ୍ପା ଧ୍ୱଂସର ମହା-ଗାନ ?
କହହେ ସ୍ରଷ୍ଟା, କହ !
ଜୀବନର ଭାର ଆଜି କିଆଁ ଦୁର୍ବହ ?
ଅତି ଗତିଶୀଳ ଏଇ ପବିତ୍ର ମାନବର ମହା-ଧାରା,
ମରେ ତିଳ ତିଳ-ସମ୍ମୁଖେ ଦେଖି ବିଶାଳ ମରୁର କାରା ।

ମାନବିକତାଟା ଗଲା କେଉଁ ପଥେ ? କହ କହ ଭଗବାନ !
ଶୁଣିଛ କି ତମେ ତା'ର ମହୀୟାନ୍-ଆତ୍ମାର କ୍ରନ୍ଦନ ?
ନାହିଁ ନାହିଁ, ତମେ ମାନବିକତାରେ ଦେଖିପାରି ନାହିଁ, ଅନ୍ଧ !
କ୍ଷମତାର ମଦେ-ମତ୍ତ ତମର ଚକ୍ଷୁ-ଯୁଗଳ ବନ୍ଦ ।
ତମେ ଜଡ଼, ତମେ ସ୍ଥାଣୁ, ଅଥର୍ବ, କ୍ଷୟଶୀଳ ଏକ ଦୀପ,
କାହିଁକି କରିବ ଏ ମହା-ମାନବ ତମ ଆରାଧନା,
କାହିଁକି ବା ଦେବ ଭରା-ସନ୍ଧ୍ୟାରେ ତମରି ନାମରେ ଧୂପ ?
ଶୁଣ ଭଗବାନ, ମାନବିକତାଟା ପଳାଇ ଯାଇନି କାହିଁ !
ତମ ସୃଷ୍ଟି ଧ୍ୱାନ୍ତ-ପଥରେ ଆପଣାର ରଥ-ବାହି-
ଗତିକଲାବେଳେ, ଅସୀମ-ବେଦନା, ଦଂଶନ ବୁକେ ଧରି,
ତମର ସୃଷ୍ଟି ସୀମାରେ ଭେଟିଲା ପୁନର୍ବାର ସେ
ରକ୍ତ-ଲୋଲୁପୀ ପଶୁତାର ମହାମାରୀ ।
'ଝଡ଼ିବ କାହିଁକି ଅରି-ଖଞ୍ଜରେ ଜୀବନ-ଜବାର ଦଳ ?
ଆତ୍ମ-ମରଣ କରିବା ବରଣ ତା' ଠାରୁ ନୁହେଁ କି ଭଲ ?'
ଏଇ ଦର୍ଶନ-ଇଙ୍ଗିତେ ରଥୀ ଆପଣାର ଚଉଧାରେ,
ଜଳାଇଲା ମହା-ନିର୍ବାଣ-ନିଆଁ ବିଜୟ-ଉଲ୍ଲାସରେ ।
ଏଇଯେ ଗଡ଼ୁଛି ଦଗ୍ଧ-ଶବ ତା', ସୃଷ୍ଟି-ସୀମାରେ ତବ !
ତମରି ଅଚଳ-ଚକ୍ର ଉହାଡୁ
ଶୁଭେ ଘନଘନ ସ୍ୱେଚ୍ଛାଚାରର ଅଙ୍କୁଶହୀନ
ଶାସନର କଳରବ ।
ଯଦି ଭଗବତ୍-ସତ୍ତା ସରିନି ତମଠାରୁ ଭଗବାନ,
ପ୍ରତିଟି ମାନବ ଅନ୍ତରେ ପୁଣି ଦେଇପାରିବ କି
ମାନବିକତାରେ ନୂତନ-ଜୀବନ-ଦାନ ?
ଯେଉଁମାନେ କଲେ 'ଭଗବାନ' ରୂପେ ତମକୁ ନିର୍ବାଚିତ,
ସେହିମାନେ ଏବେ ଘୃଣ୍ୟ, ଅଧମ, ସେମାନେ ନିର୍ଯାତିତ !
ଶସ୍ତାରେ ଆଉ କହ କେତେ ଦିନ
ବୋଲାଇବ ଏଇ ମହା-ବିଶ୍ୱର 'ପିତା' ?
ଜଳୁଥିବାବେଳେ ଅକାତରେ କେତେ

ଅକାଳରେ କେତେ
କେତେ ମରଣର ଚିତା !
ତମ ସୃଷ୍ଟିର ଆଇନ୍-କାନୁନ୍ ଫେଲ୍ ମାରିନିକି ସବୁ ?
ତା' ନହେଲେ ଦଳେ 'ଶଳା-ଶାଳୀ' ହେଲେ
ଦଳେ ହୁଅନ୍ତେ 'ବାବୁଆଣୀ' ଆଉ 'ବାବୁ' ?
ଭଗବାନ, କେଉଁ କରିଛ କଳନା,
ଜନନୀ, ଭଗିନୀ, କନ୍ୟା, ଲଳନା
ତମ ସୃଷ୍ଟିର ବଜାରେ ପଣ୍ୟ ରୂପେ ବିକ୍ରୟ ହେବା ?
ଜଠରେ ଜଳେ ବା କ୍ଷୁଧାର ଅନଳ
ନିଜ ମାଂସ କେ ବିକେ ପଳ ପଳ
କିଏ ଗଢ଼େ, କିଏ ସଢ଼େ ତିଳ ତିଳ !
ଚୁଲିପରେ କା'ର ଯାଏନି ଆଟିକା,
କିଏ ଖୋଜିବୁଲେ ହଜମୀ-ବଟିକା
ତନୁରେ ତନୁରେ ଶୋଷଣ-ସାଞ୍ଜୁ-ଝଳେ...
ମୃତ୍ୟୁର ପଦେ ଜୀନର ତାଜ୍ ଢ଼ଳେ !!
ଅପର ଶ୍ରମର ଲୁଂଠନ ଯେବେ ସୃଷ୍ଟି-ନିୟମ କର,
କୋଟିଏ କୁଟୀର ଧୂଳିସାତ୍ କରି
ଗୋଟିଏ ସଉଧ ଊର୍ଦ୍ଧ୍ୱେ ଟେକିବା ଶିର,
କୋଟିଏ ଶିଶୁର ଦରୋଟି ଲୁଟିବା
ଜୀବନର ନବ ପହିଲି ସକାଳୁ
ମରଣର ନୀଳ-ଦେହଳି ଭେଟିବା
ସୃଷ୍ଟିରେ ତବ ଯେବେ ସମ୍ଭବପର,
'ଭଗବାନ' ରୂପୀ ହେ ପିଶାଚ, ବର୍ବର !
ଶାସକ-ଶାସିତ, ଶୋଷକ-ଶୋଷିତ ତମରି କୀର୍ତ୍ତି ସିନା,
ତମ ବାନ୍ଧବୀ ଅଟେ ଚଞ୍ଚଳା ଆନ ବାନ୍ଧବୀ ଦୀନା !
କହିବ କି ଥରେ, କହିବ କି ଭଗବାନ !
ଏଇ କ୍ଷେତ୍ରରେ କିଏ ଦେବ କହ ତୁମକୁ ହେ ସମ୍ମାନ ?
କି କଥା ବା ଅଛି, କଅଣ କହିବ ?
ତମେ ଥିବାଯାଏ ଦୁଃଖ ନ ଯିବ ।

ଦୀନ-ଦୁନିଆର ପୁଣି ଏକ ନୂଆ-ଦୀନ-ବାନ୍ଧବ ଲୋଡ଼ା
ଯୁଗ୍ମ-ଲୋଚନ ଦେଖ ଥରେ ଫେଇ
ସେଥିପାଇଁ ତମ ସମ୍ମୁଖେ ମୁହିଁ,
ନର୍ତ୍ତନ-ପ୍ରିୟ କୋଶ-ମୁକ୍ତ ମୋ ତରବାରି ନେଇ
ଦର୍ପେ ହୋଇଛି ଛିଡ଼ା !
ମୁଁ ଜରାଶବର
ତମରି କବର
ତମରି ହାତର 'ସୁ-ଦର୍ଶନ' ମୁଁ ମାତାଲ୍ ହୋଇଛି ଆଜି,
ତମରି ଶଙ୍ଖ
ଆଜି ମୁଁ ଉଠିଛି
ତମ ସୃଷ୍ଟିର ଅବସାନ-ସୁରେ ବାଜି ।
ତମରି ହାତର ଗଦା-ପଙ୍କଜ, ଶଙ୍କା ମୁଁ ତମ ମନେ
ଚରମ ପତ୍ରେ ସ୍ୱାକ୍ଷର ଦିଏ ବ୍ୟଥିତ କ୍ଷୁବ୍ଧ-ମନେ ।
ଅମରାବତୀର ବ୍ୟସନ-ବିଳାସ
କରିଦେଇ ଶେଷ
ସବୁ ନିଃଶେଷ
ଚାଲିଲି ମରଣ
ରଚିବି ମୋ ରାସ ।
'ଭଗବାନହୀନ ସୃଷ୍ଟି' କରିବି ସିନା
ଅନ୍ୟପନ୍ଥା ନାହିଁ ଭଗବାନ, ପଦତ୍ୟାଗର ବିନା ।
ଚରମ ପତ୍ର ଦେଲି ଭଗବାନ, ଚରମପତ୍ର ଘେନ !
ଆଗାମୀ ଚବିଶଘଣ୍ଟା ଭିତରେ
ଆଗାମୀ କାଲିର ଏହି ପ୍ରଭାତରେ
ଯେବେ ନ ଛାଡ଼ିବ ଗୋଲୋକ-ସିଂହାସନ-
ଶିରୁ ଅବୟନ ଛିନ୍ନ କରିବ, କରିବ ମୋ ତରବାରି,
ତମରି ଅଙ୍କ-ଶାୟିନୀ ଦଳର କର-କଙ୍କଣ
ପଦାଘାତେ ଦେବି ଚୂରି ।
ମହା-ମୁକ୍ତିର ଆଜି ତ ସ୍ୱର୍ଣ୍ଣ-ଦିନ
ତେଣୁ ଭଗବାନ, ଖାଲି କରିଦିଅ ଗୋଲୋକ-ସିଂହାସନ !

ପୃଷ୍ଠବଂଧ

୧ । କବି ପରିଚୟ :

କ) କବି - ରବି ସିଂ (୧୯୩୨)

ଖ) ସୃଷ୍ଟି ସମ୍ଭାର - କବିତା - ପଥପ୍ରାନ୍ତର କବିତା, ଚରମପତ୍ର (ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାରପ୍ରାପ୍ତ), ଶିଥିଳ ବଲ୍‌ଗା, ଭ୍ରୂକୁଟୀ, ବିଦୀର୍ଣ୍ଣ, ପାଦଟୀକା, ଜ୍ୱାଳାର ମାଳା, କ୍ଷତ, ବିଷବାଣୀ, ଲାଲପାଗୋଡ଼ାର ପ୍ରେତ, ଦୁର୍ଗମଗିରି, ତାରକାର ଲୁହ, ଝଡ଼ର ଗାନ୍ଧାର, କ୍ରାନ୍ତି କାମୋଦୀ, ଖସାଅ ମୁକୁଟ ଇତ୍ୟାଦି । ଆଲୋଚନା - ଓଡ଼ିଆ ସାହିତ୍ୟରେ ଧର୍ଷଣ, ସଂସ୍କୃତିର ବୈପ୍ଳବିକ ମୂଲ୍ୟବୋଧ, ପଥଭୁଲା ରାଜହଂସ । ଆତ୍ମଜୀବନୀ - ନିଃସଙ୍ଗ ପଦାତିକ (୧ମ, ୨ୟ, ୩ୟ ଖଣ୍ଡ - ଅସମାପ୍ତ) ।

ଗ) ସୃଜନ ଆଭିମୁଖ୍ୟ - ବିଦ୍ରୋହୀ କବି ଭାବେ ପ୍ରଖ୍ୟାତ । ପିଲାଦିନରୁ ପିତୃମାତୃହୀନ ଓ ଗୃହହୀନ ହୋଇ ସେ କଟକର ରାଜରାସ୍ତାରେ ଜୀବନ ଅତିବାହିତ କରିଥିଲେ ଓ ଫୁଟ୍‌ପାଥ ଥିଲା ତାଙ୍କର ଜୀବନ ବିଦ୍ୟାଳୟ । ସେଇଠୁ ସେ ଶିଖିଛନ୍ତି ଜୀବନର ସଂଗ୍ରାମ; ଦେଖିଛନ୍ତି ଶୋଷଣ କଷଣର ବୀଭତ୍ସ ରୂପ, ବୁଝିଛନ୍ତି ଅସମତା ଓ ଦାରିଦ୍ର୍ୟର କାରଣ । ତେଣୁ ବିପ୍ଳବ ହିଁ ଏକମାତ୍ର ଉପାୟ ବୋଲି ସେ ମନେ କରିଛନ୍ତି । ବିପ୍ଳବ ହେବ ଧନିକ ଶାସକ ଶ୍ରେଣୀ ବିରୁଦ୍ଧରେ ସାଧାରଣ ଶୋଷିତ ଜନତାର । ତାଙ୍କ ଦୃଷ୍ଟିରେ ଭାଗ୍ୟ, ଭଗବାନ, ଜାତି ଧର୍ମ ସବୁ ମିଛ କାରଣ ତାହା ଧନୀ ଲୋକଙ୍କ ଦ୍ୱାରା ନିୟନ୍ତ୍ରିତ । ସାଧାରଣ ଜନତାଙ୍କୁ ସେମାନଙ୍କ ନ୍ୟାୟପୂର୍ଣ୍ଣ ଅଧିକାରରୁ ବଞ୍ଚିତ କରିବା ପାଇଁ ଧନୀଶ୍ରେଣୀ ମଠ ମନ୍ଦିର ଭାଗ୍ୟ, ଭଗବାନ, ସ୍ୱର୍ଗ, ନରକ ଓ ପାପପୁଣ୍ୟ ଆଦିର ଗୁରୁତ୍ୱ ଦର୍ଶାଇ ମନକୁ ଭୁଲାଏ । ସାଧାରଣ ଜନତା ତାହା ବୁଝନ୍ତି ନାହିଁ । ଦୁଃଖ କଷଣ ଶୋଷଣକୁ ଭାଗ୍ୟର ବିଡ଼ମ୍ବନା ବୋଲି ମନେକରି ସହିଯା'ନ୍ତି । କବିଙ୍କର ଏପରି ବିଚାର ସମାଜବାଦୀ ବାସ୍ତବତାର ବିଷୟ ଓ ତାହା ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଆଧାରରେ ବିଚାରିତ ।

୨ । କବିତାର ଭାବଧାରା :

ଚରମପତ୍ର କବିତା ଭଗବାନଙ୍କ ବିରୁଦ୍ଧରେ ଏକ ଆହ୍ୱାନ । ମଣିଷର କଷଣ ପାଇଁ କବି ଭଗବାନଙ୍କୁ ଦୋଷାରୋପ କରିଛନ୍ତି । ସାଧାରଣ ଜନତା ନିଜର ଦାବୀପୂରଣ ପାଇଁ ସରକାରଙ୍କୁ ଚରମପତ୍ର ଦିଅନ୍ତି, କିନ୍ତୁ କବି ଏଠାରେ ତାହା ଦେଇଛନ୍ତି ଭଗବାନଙ୍କୁ । ଆମର ଭାବବାଦୀ ଦର୍ଶନ ଭଗବାନଙ୍କୁ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ବୋଲି କହି ଆରାଧନା କରିଛି ଓ ବିଶ୍ୱାସ କରିଛି ଯେ ସେ ସମଦୃଷ୍ଟି ସମଭାବରେ ପାଳନ କରନ୍ତି । କିନ୍ତୁ କବି ତାହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ବରଂ ଦୋଷାରୋପ କରନ୍ତି ଯେ ଭଗବାନ ହିଁ ବୈଷମ୍ୟର କାରଣ । ସେ ଯୁକ୍ତି କରନ୍ତି ଯେ ଭଗବାନ ଥିବାଯାଏ ବୈଷମ୍ୟ ବଳବତ୍ତର ରହିବ । କାରଣ ଭଗବତ୍ ବିଶ୍ୱାସ ମାନବିକତାର ପରିପନ୍ଥୀ ରୂପେ ସୁସ୍ଥ ସାମାଜିକ ବିଚାରବୋଧ ଓ ବିଜ୍ଞାନ ଦୃଷ୍ଟିକୁ ପ୍ରତିହତ କରେ । କବି ପ୍ରସଙ୍ଗକ୍ରମେ ଜାତି ଧର୍ମର ଭେଦ ଓ ଅର୍ଥନୈତିକ ବୈଷମ୍ୟ ଦର୍ଶାଇ ସମାଜ ଓ ଜୀବନର ଅବକ୍ଷୟର ଚିତ୍ର ଆଙ୍କିଛନ୍ତି ।

୩ । କଠିନ ଶବ୍ଦାର୍ଥ :

ପରବାନା - ଆଦେଶପତ୍ର, ସମନ, ହୁକୁମନାମା । ମଦେ-ମତ୍ତ - ନିଶାରେ ଉନ୍ମତ୍ତ । ଧ୍ୱାନ୍ତ - ଅନ୍ଧକାର । ଖଞ୍ଜ - କୌଶଳ । ଜବା -ନାଲି ଓ ଧଳା ମନ୍ଦାର ଫୁଲ । ଦେହଳି - ଦୁଆରବନ୍ଧ । ଯୁଗ୍ମ-ଲୋଚନ - ଦୁଇଆଖି । ଅମରାବତୀ - ଇନ୍ଦ୍ରପୁରୀ । ବ୍ୟସନ - ଦୋଷଣୀୟ ଅତ୍ୟାସକ୍ତି ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ଚରମପତ୍ର' କବିତାରେ କବିଙ୍କର ବିଦ୍ରୋହ ଓ ବିପ୍ଳବର ଭାବନା କିପରି ପ୍ରକାଶ ପାଇଛି, ଆଲୋଚନା କର ।

୨ । 'ଚରମପତ୍ର' କବିତାରେ କବିଙ୍କ ସଂବେଦନଶୀଳ ଦୃଷ୍ଟିକୋଣ କିପରି ପ୍ରକାଶ ପାଇଛି, ଉଲ୍ଲେଖ କର ।

୩ । ମାନବିକତାର ଜୟଗାନ 'ଚରମପତ୍ର' କବିତାରେ କିପରି ପ୍ରକାଶ ପାଇଛି, ତାହା ନିଜ ଭାଷାରେ ଲେଖ ।

୪ । 'ମହାମୁକ୍ତିର ଆଜି ତ ସ୍ୱର୍ଣ୍ଣ-ଦିନ' କହିବାର ଯଥାର୍ଥତା 'ଚରମପତ୍ର' କବିତା ମାଧ୍ୟମରେ ବିଶ୍ଳେଷଣ କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଦୁଇ ବା ତିନୋଟି ବାକ୍ୟରେ ଉତ୍ତର)

୧ । କେତେ ସମୟ ମଧ୍ୟରେ ଭଗବାନ ଗୋଲୋକ ସିଂହାସନକୁ ଖାଲି କରିବାକୁ କବି କହିଛନ୍ତି ?

୨ । ଭଗବାନଙ୍କ ଆୟୁଷ ଚୋରି କରିବାକୁ କବି କାହିଁକି କହିଛନ୍ତି ?

୩ । 'ସୃଷ୍ଟି ହୋଇଲା ଆଜି ଏ କି ବିଭ୍ରାଟ' - କି ବିଭ୍ରାଟ ସୃଷ୍ଟି ହୋଇଛି ?

୪ । 'ତମେ ଜଡ଼, ତମେ ସ୍ଥାଣୁ, ଅଥର୍ବ, କ୍ଷୟଶୀଳ ଏକ ଦୀପ', ବୋଲି କବି କାହାକୁ କହିଛନ୍ତି ଓ କାହିଁକି କହିଛନ୍ତି ?

୫ । ପ୍ରତିଟି ଅନ୍ତରରେ କ'ଣ ନୂତନ-ଜୀବନ-ଦାନ ଦେଇପାରିବାକୁ କବି ଅନୁରୋଧ କରିଛନ୍ତି ?

୬ । 'ତମ ସୃଷ୍ଟିର ଆଇନ୍-କାନୁନ୍ ଫେଲ୍ ମାରିନି କି ସବୁ ?' କବି କାହିଁକି କହିଛନ୍ତି ?

୭ । 'ତମ ବାନ୍ଧବୀ ଅଟେ ଚଞ୍ଚଳା ଆନ ବାନ୍ଧବୀ ଦୀନା' ବୋଲି କବି କେଉଁ ପ୍ରସଙ୍ଗରେ କହିଛନ୍ତି ?

୮ । 'ମୁଁ ଜରାଶବର' ବୋଲି କବି କାହିଁକି କହିଛନ୍ତି ?

ଶରତ ଋତୁରେ ଜହ୍ନ

ଗୁରୁପ୍ରସାଦ ମହାନ୍ତି

ଶରତ ଋତୁରେ ଜହ୍ନ ଯାଏ ଆଜି ଆସ୍ତେ ଯାଏ
ଡେଇଁ ଡେଇଁ ଛୋଟ ଛୋଟ ବଉଦର ସିଡ଼ି
ଏତେବେଳେ ଚକ୍ରବାକ ବୋଧହୁଏ କାନ୍ଦୁଥିବ
ଏତେବେଳେ ବିଛଣାରେ ନିଦ ଭାଙ୍ଗି ଆସୁଥିବ ଲାବଣ୍ୟବତୀର...
ଏତେବେଳେ ଆକାଶରେ ନେସି ହୋଇଯାଏ ଝାଉଁବଣ
ଏତେବେଳେ ଲୁଣଖିଆ ଇଟାକାଠ ସିମେଣ୍ଟ ଲୁହାରେ
ଏଠି ମୋର ଚାରିପାଖେ କ୍ଷୟ ପାଏ କ୍ଷୟ ପାଏ
ନିର୍ବିବାଦେ ରାତିର ଜୀବନ ।
ଚକ୍ରବାକ କାନ୍ଦେ ବୋଲି ସମୁଦ୍ରରେ ଜହ୍ନରାତି ହେଲେ
କେତେଥର ଦେଖିଚି ମୁଁ କାଶଫୁଲ ଭାଙ୍ଗେ ଆସି ଢେଉ
ଏ ବାଲିରେ ବୁଲି ବୁଲି ମୁଠା ମୁଠା ଶାମୁକା ଗୋଟାଇ
କେତେଥର ଖୋଜିଚି ମୁଁ ଜହ୍ନରାତି ଦିନ ଥାଉଁ ଥାଉଁ ।
ଶରତ ଋତୁରେ ଜହ୍ନ ଯାଏ ଆଜି ଆସ୍ତେ ଯାଏ, ଚକ୍ରବାକ
ବୋଧେ କାନ୍ଦୁଥିବ
ମୁଁ ତା'ର ରେଖାର ସ୍ୱପ୍ନ ଆଜି ପୁଣି ଚେଷ୍ଟା କରେ
ଏ ଜହ୍ନର ଫିକା ସ୍ୟାହି ଗୋଳି ଗୋଳି ଆଙ୍କି ରଖିବାକୁ;
ଶିଥିଳ ଅନ୍ଧାର ତଳେ ପବନ ଉଡ଼ାଇଯାଏ ଜୀର୍ଣ୍ଣଛିନ୍ନ ପତ୍ର ସବୁ
ଧୂଳିମଳି ଖବର କାଗଜ,
ଅତର୍କିତ ତା ଶବ୍ଦରେ ମୁଁ ଚାହିଁଚି କେତେ ଥର
ବୁଲିପଡ଼ି ତା'ର ବ୍ୟସ୍ତ ଉତ୍ୟକ୍ତ ଓଠରୁ ଜନରବ ସ୍ୱାମୀ ଅବା
ମୋର ମାଂସ ହାଡ଼ ତଳେ ସମୟ ବା ପ୍ରେମର ଦରଜ ।

ଶରତ ଋତୁର ଜହ୍ନ ଆଜି ଯଦି କଥା କୁହେ ପୁଣି ମୋର
ସାଇକେଲ ଚଢ଼ି
ବ୍ରେକ୍ ଦେଇ ଧୀରେ ଧୀରେ କୋଠାଘର ଛାଇରେ ଛାଇରେ
ମୁଁ ଯିବି ନ ଦେଇ ବେଲ୍ ରାସ୍ତା ଛାଡ଼ି ଗଳିରେ ଗଳିରେ
ହୁଏତ ଓଠରେ ତା'ର ଏ ଜହ୍ନର ସ୍ୱାଦୁ ଥିବ
ଚାପି ହୋଇ ରହିଥିବ ଚୁପ୍ ହୋଇ ବିରହର ଗୀତ
ମୁଁ କହିବି ତା' କାନରେ ଏ ଜହ୍ନ ରାତିରେ ଆସ
ତୁମେ ମୁଁ ଆମେ ଦୁହେଁ– ଆକାଶ ଓ ମ୍ଳାନ ନଈ ବାଲି,
ତୁମେ ଆଉ ମୁଁ ଦୁହେଁ ଭଞ୍ଜ ଆଉ ମାନସିଂହ ରାଧାନାଥ ପଢ଼ି
ନିଶ୍ଚିତ ମିଳାଇଯିବା ସ୍ୱାମୀ ଆଉ ଜନରବ ଛାଡ଼ି ।
ଚକ୍ରବାକ କାନ୍ଦି କାନ୍ଦି ମରିଯାଏ ଆକାଶର ତଳେ
ସମୁଦ୍ରର ଢେଉ
ଧାଡ଼ି ଧାଡ଼ି କାଶଫୁଲ ଠେଲି ଆଣି ଫିଙ୍ଗିଦିଏ ଇତସ୍ତତଃ
ସମୁଦ୍ର ବାଲିରେ
ତା' ଓଠ ଭିତରୁ ଦାନ୍ତ ଧାଡ଼ି ଧାଡ଼ି ଦେଖାଯାଏ
ଶରତ ଋତୁରେ ଜହ୍ନ ଯାଏ ଯେବେ ମରିଯାଏ ଏ ରାତିରେ
ଅମୁହାଁ ଗଳିରେ;
ସମୁଦ୍ର ବାଲିରେ ଜହ୍ନ ଆଜି ହୁଏ ଇତସ୍ତତଃ
ଆକାଶରେ ମେଘ ଆଉ ମେଘ
ଜହ୍ନ ଯାଏ ତା ଭିତରେ ମରି ହଜି ନିର୍ବିବାଦେ
ସମୁଦ୍ର ବାଲିରେ ସ୍ୱପ୍ନ କାହାର ବା ଚେତନା କାହାର
ତୁମେ ଆଜି ଶୋଇପଡ଼ ଜହ୍ନ ରାତି ଆସ୍ତେ କ୍ଷୟ ପାଉ
ଜାକିଜୁକି ହାତଗୋଡ଼, ମୁହଁ ପୋତି ତକିଆ ଭିତରେ
ତୁମର ଉଦ୍‌ଭ୍ରାନ୍ତ ମନ ସ୍ଥିର ହୋଇ ଛପିଯାଉ,
ଚୁପ୍‌ଚାପ୍ ଆପେ ଛପିଯାଉ ।
ଏ ଜହ୍ନରେ ବ୍ୟଥା ନାହିଁ ଗୋପ୍ୟ କଥା ନାହିଁ ପୃଥିବୀର
ଏ ବାଲିରେ ସୁପ୍ତି ଲଭୁ ଯେତେ ଚେଷ୍ଟା ଯେତେ ମନସ୍ତାପ
ଆଜି ଯେବେ କାଶଫୁଲ ଠେଲିଆଣି ଫିଙ୍ଗିଦିଏ ଢେଉ

ସ୍ୱପ୍ନାତୁର ପଥଭ୍ରାନ୍ତ ତୁମର ଏ ଉତ୍ତେଜିତ ମନ
ଏ ନିଃଶବ୍ଦ ବାଲିଚରେ ଯୋଡ଼ିଯୋଡ଼ି ଚିଠିର କାଗଜ
ଭଙ୍ଗାତୁଟା ସ୍ମୃତି ଯୋଖି ଆଜି ଖୋଜେ ଅର୍ଥକାର
କେଉଁ ସୁପ୍ତ ପୃଥିବୀ ବା କେଉଁ ଗୁପ୍ତ ଆକାଶ ସନ୍ଧାନ ।

ପୃଷ୍ଠବଂଧ

୧ । କବି ପରିଚୟ :

କ) କବି - ଗୁରୁ ପ୍ରସାଦ ମହାନ୍ତି (୧୯୨୪-୨୦୦୪) ଜନ୍ମସ୍ଥାନ - ନାଗବାଲି, ଜଗତ୍‌ସିଂହପୁର

ଖ) ସୃଷ୍ଟି ସମ୍ଭାର - କବିତାଗ୍ରନ୍ଥ - ସମୁଦ୍ରସ୍ନାନ (କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ), ଆଶ୍ଚର୍ଯ୍ୟ ଅଭିସାରା

ଗ) ସୃଜନ ଆଭିମୁଖ୍ୟ - କବି ଗୁରୁପ୍ରସାଦ ଥିଲେ ଇଂରେଜୀ ସାହିତ୍ୟର ଅଧ୍ୟାପକ । ୧୯୪୮ ରୁ ୧୯୫୫ ମଧ୍ୟରେ ଲେଖିଥିବା କବିତାଗୁଡ଼ିକୁ ନେଇ ପ୍ରଥମେ ୧୯୫୫ରେ 'ନୂତନ କବିତା' ନାମରେ ସଂକଳନଟିଏ ପ୍ରକାଶପାଏ । ପରେ ପରେ ପ୍ରକାଶିତ ହୁଏ 'ସମୁଦ୍ରସ୍ନାନ' କବିତାଗ୍ରନ୍ଥ । ଏହି ସଙ୍କଳନର ଗୋଟିଏ କବିତା ହେଉଛି 'କାଳପୁରୁଷ' । ଏହି କବିତାଟି ଦୀର୍ଘ ଏବଂ ଏଥିପାଇଁ ସେ ପ୍ରସିଦ୍ଧ । ସେଇ ଗୋଟିଏ କବିତା ଯଦି ସେ ଲେଖିଥାନ୍ତେ ତାଙ୍କର ଖ୍ୟାତି କମି ନ ଥାନ୍ତା। କବିତାଟି ଏତେ ବୁଦ୍ଧିଦୀପ୍ତ ଓ ମନୋଜ୍ଞ ଯେ ଥରେ ପଢ଼ିଲେ ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ । ଶୈଳୀ ଓ ଆଙ୍ଗିକ ପାଇଁ କବିତା ହୁଏ ସ୍ମରଣୀୟ । କବିତାର ଇତିହାସ ହେଉଛି ଆଙ୍ଗିକର ଇତିହାସ । ଏହି ଦୃଷ୍ଟିରୁ ଆଧୁନିକ କବିତା ମଧ୍ୟରେ 'କାଳପୁରୁଷ' ବା ଗୁରୁପ୍ରସାଦଙ୍କ କବିତା ଓଡ଼ିଆ ସାହିତ୍ୟକୁ ଦେଇଛି ନୂଆ ଆଙ୍ଗିକ ଓ ନୂଆ ଶୈଳୀ । ସେହି ଶୈଳୀକୁ ମେଟାଫିଜିକାଲ ଶୈଳୀ କୁହାଯାଇପାରେ । ଅର୍ଥାତ୍ କବିତାରେ ଆବେଗ ଓ ମନନ ବା ଗଭୀର ଯୁକ୍ତିଧର୍ମିତାର ସମନ୍ୱୟ ହୋଇଥାଏ । ଗୁରୁପ୍ରସାଦଙ୍କ ପୂର୍ବରୁ ସଜି ରାଉତରା ଏହି ଶୈଳୀରେ ଲେଖୁଥିଲେ କିନ୍ତୁ ଗୁରୁପ୍ରସାଦ ସେହି ଶୈଳୀରେ ଆଣିଦେଲେ ଗୀତିମୟତା, ଛନ୍ଦରେ ନୂତନତା ଓ ଭାବରେ ପ୍ରାଚ୍ୟ ପାଶ୍ଚାତ୍ୟର ମିଳନ । ଆଧୁନିକ ଜୀବନର ଜଟିଳ ପରିସ୍ଥିତି, ଅବସାଦ, ଅନିଶ୍ଚତତା, ଭୟ ଓ ମୃତ୍ୟୁଚିନ୍ତା ଆଦି ମଣିଷକୁ ବ୍ୟସ୍ତ ବିଚଳିତ କରେ । ଅପର ପକ୍ଷରେ ପୃଥିବୀରେ ଯୁଦ୍ଧ, ଶାନ୍ତିଭଙ୍ଗ ସୁନ୍ଦର ଜଗତକୁ କରିଛି ମଳିନ ଧୂସର । ମାନବିକତାର ଘଟିଛି ଅବକ୍ଷୟ ଓ ମୂଲ୍ୟବୋଧରେ ଆସିଛି ପରିବର୍ତ୍ତନ । ହିଂସା, ଘୃଣା, ଈର୍ଷା, ଦ୍ୱେଷ ପ୍ରଭୃତି ଦାନବୀୟ ଗୁଣ ମଣିଷକୁ କରିଛି ବର୍ବର; ଅପହରଣ କରିଛି ଶ୍ରଦ୍ଧା, ସ୍ନେହ ଓ ମୈତ୍ରୀ । ପ୍ରେମ ପରି ସ୍ୱର୍ଗୀୟ ଗୁଣ ପରିଣତ ହୋଇଛି ବଜାରର ପଣ୍ୟ ସାମଗ୍ରୀରେ । ଏହି ହେତୁ ମଣିଷ ବଞ୍ଚିଛି ଜୀବନ୍ମୃତ ଅବସ୍ଥାରେ । ତାର ନାହିଁ ଈଶ୍ୱରପ୍ରୀତି, ଅତୀତ ପରମ୍ପରା ପ୍ରତି ମମତା । ସେ ଯେମିତି ପୂର୍ବ ପରମ୍ପରାରୁ ବିଚ୍ୟୁତ ଗୋଟିଏ ଏକାକୀ ନିଃସଙ୍ଗ ପ୍ରାଣୀ । ଦୁଇ ଦୁଇଟା ବିଶ୍ୱଯୁଦ୍ଧ ମଣିଷକୁ ଏପରି ବିଚିତ୍ର ପ୍ରାଣହୀନ ଜୀବଟିଏରେ ପରିଣତ କରିଛି । କବିଙ୍କ ସମଗ୍ର କାବ୍ୟରେ ଏହି ପ୍ରକାର ଅନୁଭବ ଆମେ ଦେଖିପାରିବା । କବି ବୌଦ୍ଧିକତାରେ ଆସ୍ଥା ରଖନ୍ତି ଓ ଜୀବର କ୍ଲାନ୍ତି, ହତାଶା, ଗ୍ଲାନିବୋଧକୁ କରୁଣ ଦୃଷ୍ଟିରେ ଦେଖନ୍ତି । ସେ ଆଧୁନିକ ଜୀବନ ପ୍ରତି ଭାରି ସମ୍ବେଦନଶୀଳ ।

୨ । କବିତାର ଭାବଧାରା :

ଶରତ ଋତୁର ଜହ୍ନ ଚିର ସୁନ୍ଦର, ନିର୍ମଳ, ସ୍ୱଚ୍ଛ ଓ ପରିଷ୍କୃତ । ସୌନ୍ଦର୍ଯ୍ୟର ପ୍ରତୀକ ରୂପରେ ବହୁ କବିଙ୍କୁ ଉଦ୍‌ବୋଧିତ କରିଛି ଜହ୍ନ । କବି ଗୁରୁପ୍ରସାଦ ଆଧୁନିକ ଜୀବନର ଜଟିଳତାରେ, ଜହ୍ନର ଏ ଲଳିତ ରୂପକୁ ଦେଖିବାକୁ ପାଇନାହାନ୍ତି ।

ଆଜିର ଏହି ଅବକ୍ଷୟୀ ସମାଜର ପାରମ୍ପରିକ ମୂଲ୍ୟବୋଧ ବିପର୍ଯ୍ୟସ୍ତ ଓ ବିଧ୍ୱସ୍ତ । ସାଂପ୍ରତିକ ସମାଜରେ ପ୍ରୀତି ଓ ପ୍ରଣୟର ବିପର୍ଯ୍ୟସ୍ତ ବେଳାଭୂମିରେ ସେ ନିଃସଙ୍ଗ ହୋଇଉଠି ନିଜ ଅତୀତର ସ୍ମୃତି ରୋମନ୍ଥନ କରିଛନ୍ତି ଅତି ଅସହାୟ ଭାବରେ । ମେଘ ଭିତରେ ମଳିନ ଶରତ ଋତୁର ନିଛାଟିଆ ଜହ୍ନ ସତ୍ତ୍ୱେ କବି ନିଜ ପ୍ରେମ ଓ ଜୀବନକୁ ଖୋଜି ଖୋଜି ଚକ୍ରବାକ ପରି କାନ୍ଦିଛନ୍ତି । ଭାବାବେଗ ସହ ବୌଦ୍ଧିକତାର ସଂଘର୍ଷରେ ବୁଡ଼ିଯାଇ ପ୍ରଚଳିତ ସ୍ଥିତାବସ୍ଥା ଓ ପାରମ୍ପରିକ ମୂଲ୍ୟବୋଧ ନିକଟରେ ଆତ୍ମସମର୍ପଣ କରିଦେଇଛନ୍ତି । ଏ କବିତାରେ କବିଙ୍କ ରୋମାଣ୍ଟିକ କାବ୍ୟ ଚେତନା ସହିତ ଆବେଗମୟ ବର୍ଣ୍ଣନାର ମଧୁର ସମନ୍ୱୟ ବେଶ୍ ସଫଳ ଭାବେ ରୂପାୟିତ ହୋଇଛି ।

୩ । କଠିନ ଶବ୍ଦାର୍ଥ :

ଚକ୍ରବାକ - ଚକୁଆ ପକ୍ଷୀ । କାଶଫୁଲ - କାଶତଣ୍ଡୀ ଫୁଲ । ସ୍ୟାହି - କାଳି । ଶିଥିଳ - ଢିଲା, ପତଳା । ଜୀର୍ଣ୍ଣ - ଚିରା । କ୍ଷୟ - ନଷ୍ଟ । ସୁପ୍ତି - ନିଦ୍ରା । ମନସ୍ତାପ - ଅନୁତାପ । ପଥଭ୍ରାନ୍ତ - ପଥହରା । ବାଲିଚର - ବାଲୁକାମୟ ଭୂମି ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ଶରତ ଋତୁରେ ଜହ୍ନ' କବିତାରେ ଆଧୁନିକ ବିଚାରଧାରାର ପରିଚୟ ପ୍ରଦାନ କର ।

୨ । 'ଶରତ ଋତୁରେ ଜହ୍ନ' କବିତାର ଆଧାରରେ ଆଧୁନିକ ଜୀବନର ଚିତ୍ର ଉତ୍‌ଥାପନ କର ।

୩ । ଆଧୁନିକ ଜୀବନ ନିଃସଙ୍ଗ, ଅସଫଳ ଓ ଅସହାୟ - 'ଶରତ ଋତୁର ଜହ୍ନ' କବିତାର ଆଧାରରେ ଏହାର ସତ୍ୟତା ନିରୂପଣ କର ।

୪ । 'ଶରତ ଋତୁରେ ଜହ୍ନ' କବିତାରୁ ଗୁରୁପ୍ରସାଦଙ୍କ କାବ୍ୟଶୈଳୀର ପରିଚୟ ଦିଅ ।

୫ । ଏକ ସଫଳ ଆଧୁନିକ କବିତା ଭାବରେ 'ଶରତ ଋତୁରେ ଜହ୍ନ'ର ମୂଲ୍ୟାଙ୍କନ କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଦୁଇ ବା ତିନୋଟି ବାକ୍ୟରେ ଉତ୍ତର)

୧ । ବଉଦର ସିଡ଼ି ଡେଇଁ କିଏ କେବେ ଯାଏ ?

୨ । ଚକ୍ରବାକ କାନ୍ଦେ କାହିଁକି ?

୩ । ରାତିର ଜୀବନ କିପରି କ୍ଷୟ ପାଇଥାଏ ?

୪ । କବି ଦିନ ଥାଉଁ ଥାଉଁ ଜହ୍ନରାତିକୁ ଖୋଜିଛନ୍ତି କାହିଁକି ?

୫ । କବି ବାଲିରୁ କ'ଣ ଗୋଟାଇଛନ୍ତି ଓ କାହିଁକି ?

୬ । ଅତୀତକୁ ରୂପ ଦେବାପାଇଁ କବି କି ପ୍ରୟାସ କରିଛନ୍ତି ?

୭ । ପବନ କ'ଣ ଉଡ଼ାଇ ନେଇଛି ?

୮ । କବି ପ୍ରେମିକାର କାନରେ କ'ଣ କହିବାକୁ ଚାହିଁଛନ୍ତି ?

୯ । ବୁଝାଇ ଲେଖ -

କ) ଏଠି ମୋର ଚାରିପାଖେ କ୍ଷୟପାଏ କ୍ଷୟପାଏ ନିର୍ବିବାଦେ ରାତିର ଜୀବନ ।

ଖ) ଶିଥିଳ ଅନ୍ଧାର ତଳେ ପବନ ଉଡ଼ାଇଯାଏ ଜୀର୍ଣ୍ଣଛିନ୍ନ ପତ୍ରସବୁ ଧୂଳି ମଳି ଖବର କାଗଜ ।

ଗ) ଚକ୍ରବାକ କାନ୍ଦି କାନ୍ଦି ମରିଯାଏ ।

ଘ) ଜହ୍ନଯାଏ ତା ଭିତରେ ମରି ହଜି ନିର୍ବିବାଦେ ।

ଙ) କାଶଫୁଲ ଠେଲି ଆଣି ଫିଙ୍ଗିଦିଏ ଢେଉ ।

ଗଳ୍ପ

ସମୟାତୀତ

ଭଗବତୀ ଚରଣ ପାଣିଗ୍ରାହୀ

ସତ୍ୟ ଗୋଟାଏ ଝଡ଼ ସଦୃଶ ଗୃହ ମଧ୍ୟରେ ପ୍ରବେଶ କରି କହି ଉଠିଲା, 'ଗୀତ ବନ୍ଦ ହୋଇଗଲା ଯେ ?'

ରମଣ କହିଲା, ''ତମର ଆଜି ଏତେ ବିଳମ୍ବ ?''

ସତ୍ୟ କହିଲା, ''ମୋ ଭିତରେ ଆଜି କବି ଉଭା ହୋଇଥିଲା - ଯେମିତି ଗାଁ କାଳସୀଠାରେ ଠାକୁରଣୀ ଉଭା ହୁଏ। ମୁଁ ଏଇ ସୁନ୍ଦର ଚନ୍ଦ୍ରକିରଣ ତଳେ ନଈ ବାଲିରେ ବସି ଦୂର ଦିଗ୍‌ବଳୟ ରେଖାକୁ ନିର୍ଣ୍ଣୟ କରୁଥାଏ, ଆଉ ଏଠାରେ ଏଇ ମଧୁର କଳନିନାଦ ମୋ କାନରେ ପ୍ରବେଶ କରୁଥାଏ । ମୋତେ ଏତେ ଆନନ୍ଦ ବୋଧ ହେଲା ଯେ ମୁଁ ଭାବିଲି, ଏ ଆନନ୍ଦ ନୁହେଁ - ଦୁଃଖ, ଏପରି ଗଭୀର ଭାବରେ ମୋ ହୃଦୟ ସ୍ପର୍ଶ କରି ମୋତେ ଅଭିଭୂତ କରି ପକାଇଥିଲା ! ମୁଁ ସେତେବେଳେ ଭାବିଲି Shelly ବାସ୍ତବିକ୍ ଠିକ୍ ଲେଖିଛନ୍ତି । କ'ଣଟି ରାଜକିଶୋର ସେ ଦିଧାଡ଼ି - ହଁ ?''

"Till joy denies itself again, and, too intense, it turned to pain."

ରାଜକିଶୋର କହିଲା, ''ତମେ ଯେ ଆଜି ଏକାବେଳେ ବୃଦ୍ଧ ଦାର୍ଶନିକ !''

ସତ୍ୟ ଏ କଥାରେ କୌଣସି ଉତ୍ତର ନ ଦେଇ ସୁରମା ଆଡ଼କୁ ଚାହିଁଲା । ସୁରମା ନିଜ ସଙ୍ଗୀତର ପ୍ରଶଂସା ଶୁଣି ଟିକିଏ ଅପ୍ରତିଭ ହୋଇ ପଡ଼ିଥିଲା । ସତ୍ୟ କହିଲା, ''ସେ ନୀଳ ଆକାଶର ତାରାଟି ବୋଲ ।''

ରମଣ ଭଗିନୀର ଆଉ ଅଧିକ ଗାଇବାର ଅସାମର୍ଥ୍ୟ ଅନୁଭବ କରି କହିଲା, ''ସେ ବର୍ତ୍ତମାନ ଗାଇ ଗାଇ ବେଦମ୍ ହୋଇ ପଡ଼ିଛି, ତାକୁ ଟିକିଏ ସମୟ ଦିଅ ।''

ସତ୍ୟ ନିଜ ଚୌକିରୁ ଉଠି ଟେବୁଲ ଉପରେ ବହିଗୁଡ଼ାକ ଖେଳାଇବାକୁ ଲାଗିଲା । ଶେଷରେ ଖଣ୍ଡେ ବହି ଧରି ନିଜ ସ୍ଥାନକୁ ଫେରି ଆସିଲା । ବହିଟି Maxim Gorkyଙ୍କର Mother । ସତ୍ୟ ରମଣକୁ ପଚାରିଲା, ''ଏ ବହି ଖଣ୍ଡ କେବେ କିଣିଲ ? ଅତି ଉପାଦେୟ ବହି । କେତେଦିନ ଆଗେ ଲାଇବ୍ରେରୀରୁ ଆଣି ପଢ଼ିଥିଲି ।''

ରମଣ ଆଉ କେତେ ବଡ଼ ବଡ଼ ଲେଖକଙ୍କର ଭଲ ଭଲ ବହି ଆଣିଥିବାର କହିଲା । ସେମାନଙ୍କ ଲେଖା ବିଷୟରେ ସତ୍ୟ ଓ ରମଣର କିଛି ସମୟ ଆଲୋଚନା ଚାଲିଲା । ରାଜକିଶୋର ଏ ସ୍ଥଳରେ ନିଜର ନଗଣ୍ୟତା ଲୁଚାଇବାକୁ ଯାଇ କହିଲା, ''ଆଚ୍ଛା, ମେରୀ କରେଲୀ ତ ଭଲ ନଭେଲ ଲେଖିଛି ।''

ସତ୍ୟ ହୋ ହୋ ହସି ଉତ୍ତର ଦେଲା ''ତମେ କେତେ ଖଣ୍ଡ ନଭେଲ ମୋଟରେ ପଢ଼ିଛ କହିଲ ଆଗେ, ତା'ପରେ ବିଚାର କରିବା ମେରୀ କରେଲୀ ଭଲ କି ମନ୍ଦ । ଆହା - କୋଉଠି ଗୋଟିଏ ଅଷ୍ଟାଦଶ ଶତାବ୍ଦୀର ଲୋକ ଥିଲେ କେଜାଣି !''

ଏହା ଶୁଣି ରାଜକିଶୋର କ୍ଷୁଣ୍ଣ ହେଲା, କିନ୍ତୁ କଥାରେ ସତ୍ୟକୁ ଜିଣିବା ସହଜ ନୁହେଁ, କାର୍ଯ୍ୟରେ ସତ୍ୟର ରାଜକିଶୋରଠାରେ ସବୁବେଳେ ପରାଜୟ । ଛାତ୍ର ହିସାବରେ ରାଜକିଶୋର ସତ୍ୟର ଢେର ଉଚ୍ଚରେ । ଆଜି ପର୍ଯ୍ୟନ୍ତ

ବିଶ୍ୱବିଦ୍ୟାଳୟ ତାହାଦ୍ୱାରା ସମ୍ମାନିତ ହେବାର ଆଶା ଅଛି । ବିଶ୍ୱ ବିଦ୍ୟାଳୟରେ ସତ୍ୟର ସ୍ଥାନ ଅତି ହୀନ, ନଗଣ୍ୟ । ବକ୍ତୃତା ଦେବାରେ, ପ୍ରବନ୍ଧ ଲେଖିବାରେ ରାଜକିଶୋର ସତ୍ୟଠାରୁ ଅତି ଉଚ୍ଚରେ । ଦୋଷ ମଧ୍ୟରେ ସେ ବାହାର ଖବର କିଛି ରଖେ ନାହିଁ, ସତ୍ୟ ସେଥିରୁ ଗୁଡ଼ିଏ ଜାଣେ ।

ରମଣ ସଙ୍ଗେ ସାହିତ୍ୟିକ ଆଲୋଚନା ପଡ଼ୁ ପଡ଼ୁ ସତ୍ୟ କହିଲା, ''କବି ଭାବରେ ସେକ୍‌ସପିଅରଙ୍କ ଅପେକ୍ଷା କାଳିଦାସଙ୍କ ସ୍ଥାନ ଅତି ଉଚ୍ଚରେ ।''

ରାଜକିଶୋର ସୁଯୋଗ ପାଇ ପଚାରିଲା, 'କାଳିଦାସଙ୍କର ଗୋଟିଏ ହେଲେ ଶ୍ଳୋକ ବୁଝିଚ - ବା ସେକ୍‌ସପିଅରଙ୍କର ବିଶେଷତ୍ୱ କେଉଁଠି ଜାଣିଚ ଭଲା ?' ରାଜକିଶୋର ଜାଣେ ଏ ବିଷୟରେ ସତ୍ୟ ଖାଲି ଶୂନ୍ୟ ଆବାଜ କରେ । ଏ ବିଷୟରେ ରାଜକିଶୋର ଜ୍ଞାନ ସତ୍ୟ ଅପେକ୍ଷା ଖୁବ୍ ବେଶି । ଏସବୁ ତା'ର ପରୀକ୍ଷା ପାଇଁ ଭଲ କରି ଜାଣିବା ଆବଶ୍ୟକ କି ନା !

ସତ୍ୟ ହସି ହସି ଉତ୍ତର ଦେଲା, 'ଆରେ ବାବୁ, ମୁଁ ତୁମପରି ସୁନ୍ଦର ଜିନିଷଟାକୁ ଦଳି ପେଷି ଜୀର୍ଣ୍ଣ କରିବାକୁ ଚାହେଁ ନାହିଁ । ମୁଁ ଚାହେଁ ସେ ସବୁ ସୂକ୍ଷ୍ମ ଭାବରେ ଉପଭୋଗ କରିବାକୁ । ଯେଉଁ ବିଷୟ ମୋତେ ଯେପରି ଆମୋଦ ଦିଏ, ମୋ ପ୍ରାଣରେ ଯେପରି ସ୍ପନ୍ଦନ ଆଣେ, ସେହି ଅନୁସାରେ ମୁଁ ତାକୁ ଭଲ ବା ମନ୍ଦ ବୋଲି କହିଥାଏ । କୌଣସି ସୁନ୍ଦର ବିଷୟକୁ ସମସ୍ତ ବୁଦ୍ଧି ଓ ବିଚାରଶକ୍ତି ଦେଇ ବୁଝିବାକୁ ଚେଷ୍ଟା କଲେ, ତାର ସୌନ୍ଦର୍ଯ୍ୟ ମୋ ମତରେ ବହୁ ପରିମାଣରେ ହ୍ରାସ ପ୍ରାପ୍ତ ହୋଇଯାଏ । ବାସ୍ତବିକ୍ ଏଇ ବିଚାରଶକ୍ତି ଯୋଗେ ମାନବ ସତ୍ୟଠାରୁ ଏତେ ଦୂରରେ - ଗୋଟାଏ ଘନ କୁହେଳିକା ମଧ୍ୟରେ ଘାରିହୁଏ । ସେଥିଲାଗି ଏ ଟୀକାକାରଗୁଡ଼ାଙ୍କ ପ୍ରତି ମୋର ଏତେ ରାଗ । କାଳିଦାସଙ୍କ ଆର୍ଟ ବିଭିନ୍ନ ଲୋକଙ୍କ ହୃଦକୁ ବିଭିନ୍ନ ଭାବରେ ସ୍ପର୍ଶ କରିଥାନ୍ତା, କିନ୍ତୁ ମଲ୍ଲୀନାଥଙ୍କୁ ଯେପରି ଭାବରେ ଏହା ସ୍ପର୍ଶ କରିଥିଲା, ସେ ଟୀକା ଲେଖି ସବୁ ପାଠକଙ୍କୁ ବାଧ୍ୟକଲେ ସେହି ଏକ ଭାବରେ ତାକୁ ଗ୍ରହଣ କରିବାକୁ । ତାଙ୍କର କି ଅଧିକାର ଥିଲା ଏପରି କରିବାକୁ ? ଲୋକସାଧାରଣଙ୍କ ଅନୁଭୂତି ଉପରେ ହସ୍ତକ୍ଷେପ କରିବାକୁ ସେ କିଏ ? ସେହିପରି ଆଜିକାଲିକା ବୈଜ୍ଞାନିକମାନେ ସବୁ କୌତୂହଳ, ସବୁ ରହସ୍ୟ ଉଦ୍‌ଘାଟନ କରି ଏହି ବିଶ୍ୱଜଗତକୁ ବୈଚିତ୍ର୍ୟହୀନ କରିବାରେ ଲାଗି ପଡ଼ିଛନ୍ତି ।' ରମା ସବୁ ଶୁଣେ, କିନ୍ତୁ କହେ ଅତି ଅଳ୍ପ । କେତେବେଳେ ସତ୍ୟ ପ୍ରତି ଗୋଟିଏ କରୁଣ ଦୃଷ୍ଟି ପକାଏ, ମାତ୍ର ସତ୍ୟର ସେଥିପ୍ରତି ଆଦୌ ଭ୍ରୂକ୍ଷେପ ନ ଥାଏ, ସେ ଅବିଚଳିତ ଭାବରେ କହିଯାଏ ।

ସତ୍ୟ ଯେତେବେଳେ ଯାହା କହେ, ସବୁ କିପରି ହୃଦୟହୀନତାର ପରିଚାୟକ ପରି ବୋଧହୁଏ । ତା' ଜୀବନଟା ଯେପରିକି କେବଳ ଗୋଟାଏ ଦାରୁଣ ଉପହାସର ସମଷ୍ଟି । ସେ ଅତି କରୁଣ ଚିତ୍ର ବର୍ଣ୍ଣନା କଲାବେଳେ ମଧ୍ୟ ସେଥିରୁ କିପରି ଗୋଟାଏ ଗୁରୁତ୍ୱହୀନତାର ଆଭାସ ମିଳେ । ଜୀବନକୁ ଅତି ଲଘୁ ଭାବରେ ଗ୍ରହଣ କରି ସେ ଚଳେ । ଗୋଟାଏ ଦୀର୍ଘ ନିଶ୍ୱାସ ପକାଇବାର ତାକୁ କେହି କେବେ ଦେଖି ନାହିଁ । ତାକୁ ଏପରି ସ୍ଫୂର୍ତ୍ତିମାନ ଦେଖି ବନ୍ଧୁମାନେ କହନ୍ତି, ''ସତ୍ୟ, ତମକୁ ତ ଦିନେ ହେଲେ ଦୁଃଖ କରିବାର, କି ଗୋଟାଏ ଦୀର୍ଘ ନିଶ୍ୱାସ ମାରିବାର ଦେଖିଲୁ ନାହିଁ ? ସବୁବେଳେ ଏଇପରି ଥଟ୍ଟା ପରିହାସ, ହସ କଉତୁକ !'

ସତ୍ୟ କହେ, ''ମୁଁ ହସ କଉତୁକ କଲେ ତୁମେମାନେ ଭାଗୀ ହେବ ସିନା ! କିନ୍ତୁ ମୋର ସବୁଠାରୁ ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକରୁ ତୁମକୁ ଭାଗ ଦେବାକୁ ତ ମୁଁ କୁଣ୍ଠିତ । ମୋର ଦୁଃଖର ସମୟଟି ମୁଁ ଏକାକୀ ଉପଭୋଗ କରିବାକୁ ଚାହେଁ ନିରୋଳାରେ ଅତି ସ୍ୱାର୍ଥପର ଭାବରେ । ଆମେ ସମସ୍ତେ ଏକତ୍ର ଯେଉଁ ଖୁସିବାସି ହେବାପାଇଁ, ନା ନିଶ୍ଚଳ ଭାବରେ ବସି ଗୋଟାଏ ନିଃଶ୍ୱାସ ମାରିବା ପାଇଁ ?'

ସେ କଥା ଶେଷ କରି ଠୋ ଠୋ କରି ହସି ଉଠେ । ମାତ୍ର, ତାର ସମସ୍ତ ସ୍ଫୂର୍ତ୍ତି ବିକାଶପ୍ରାପ୍ତ ହୁଏ ରାଧାରମଣ ଘରୋ ଏତେ ଚତୁରତାପୂର୍ଣ୍ଣ ବାକ୍ୟାଳାପ, ଏସବୁ ଦାର୍ଶନିକ ତତ୍ତ୍ୱ ଅନ୍ୟ କୌଣସିଠାରେ ଏପରି ଭାବରେ ପ୍ରକାଶିତ ହେବାର କେହି ଦେଖି ନାହିଁ ।

ସେଦିନ ସନ୍ଧ୍ୟାରେ ଏହି ଗଳ୍ପ କରୁ କରୁ ଅନେକ ସମୟ ହୋଇଗଲା । ଶେଷରେ ସୁରମା ଏବଂ ରମଣଙ୍କୁ ରାତ୍ରଭୋଜନ ନିମିତ୍ତ ଡକରା ଆସିଲା । ସତ୍ୟ ଓ ରାଜକିଶୋର ବାହାରି ପଡ଼ିଲେ ସ୍ୱଗୃହାଭିମୁଖରେ ।

ରମଣ କୌଣସି କାର୍ଯ୍ୟୋପଲକ୍ଷରେ ସ୍ଥାନାନ୍ତର ଯାଇଥାଏ । ରାଜକିଶୋର ମଧ୍ୟ ଦେଖା ନ ଥାଏ, କିନ୍ତୁ ସତ୍ୟ ପ୍ରାୟ ପ୍ରତ୍ୟେକ ସନ୍ଧ୍ୟାରେ ଆସି ସୁରମା ସଙ୍ଗେ ଗଳ୍ପ କରେ - କେତେବେଳେ ପରୀକ୍ଷାଫଳ ବିଷୟରେ, କେତେବେଳେ ବା ସିନେମା ବିଷୟରେ । ସତ୍ୟ, ରମଣ ଓ ରାଜକିଶୋର ସେଥର ବି.ଏ. ଦେଇଥାନ୍ତି, ସୁରମା ଦେଇଥାଏ ଆଇ.ଏ. । ସ୍ଫୂର୍ତ୍ତି କରିବାର ଅତି ପ୍ରଶସ୍ତ ସମୟ । କିନ୍ତୁ ରମଣ ଏବଂ ରାଜକିଶୋରର ଅନୁପସ୍ଥିତିରେ ଗହଳଟା ଅନେକ ପରିମାଣରେ କମିଯାଇ ଥାଏ, ଅଥଚ ସତ୍ୟର ପ୍ରଗଲ୍‌ଭତା କମେ ନାହିଁ କିମ୍ବା ଚପଳତା ହ୍ରାସ ପାଏ ନାହିଁ । ସୁରମା ସ୍ୱଭାବତଃ ମୌନ । ସେଥିଲାଗି ଯୁକ୍ତିତର୍କ ସେପରି ଜମିଉଠେ ନାହିଁ । କିନ୍ତୁ ଏଥି ମଧ୍ୟରେ ସତ୍ୟ ତା ଆଗରେ ଚାଞ୍ଚଲ୍ୟର ପସରା ମେଲିଦିଏ । ସୁରମା ବିରକ୍ତ ହୁଏ - ସବୁବେଳେ ଅସ୍ଥିର, ଅବ୍ୟବସ୍ଥିତ, ପଦେ ଭଲ କଥା ନାହିଁ । ସତ୍ୟ ସୁରମାର ବାଦ୍ୟଯନ୍ତ୍ରମାନ ବାହାର କରି ଏଣେତେଣେ ପକାଇ ଦିଏ, ସୁସଜ୍ଜିତ ଟେବୁଲରେ ବହିଗୁଡ଼ିକ ଇତସ୍ତତଃ କରିଦିଏ । ସୁରମା ଏଥିରେ ଖୁସି ହୁଅନ୍ତା, ଯଦି ସତ୍ୟ ଏପରି ଚପଳ ନ ହୁଅନ୍ତା ।

ସତ୍ୟ ସମୀପରେ ଜୀବନର ସୁଖଦୁଃଖ ଆଦି କେତେକ ଗୁରୁତର ବିଷୟ ଆଲୋଚନା କରିବାକୁ ସୁରମାର ଇଚ୍ଛା ହୁଏ । କିନ୍ତୁ ଏସବୁ ଜାଣି ଶୁଣି ଏଡ଼ାଇବାକୁ ଯେପରି ସତ୍ୟର ମତଲବ । ସେ କେବଳ କହିଯାଏ ବିଟଫନଙ୍କ ଶେଷ ଜୀବନର କରୁଣ କାହାଣୀ - ଆନ୍ନାପାଭ୍ ଲୋଭାଙ୍କର ନର୍ତ୍ତନ କଳାର ବୈଶିଷ୍ଟ୍ୟ ।

ଏ ବ୍ୟବଧାନ ଘୁଞ୍ଚାଇ ଦେବାକୁ ସୁରମା ପ୍ରତିଦିନ ସ୍ଥିର କରେ । ସତ୍ୟର ଆସିବା ବେଳକୁ ଚାହିଁ କେତେ କଥା କହିବ ବୋଲି ଭାବିଥାଏ । କିନ୍ତୁ ସତ୍ୟ ଆସିଲେ ତାର କୌଣସି କଥାଟି କୁହା ହୁଏ ନାହିଁ । ସତ୍ୟର ଚପଳ ମୂର୍ତ୍ତି ଦେଖି ସେ ମୂକ ନିର୍ବାକ୍ ହୋଇଯାଏ । ସକଳ ଅବ୍ୟକ୍ତ ବ୍ୟଥା ତାର ଅନ୍ତରରେ କୁହୁଳୁ ଥାଏ ।

ଦିନେ ସତ୍ୟ ଆସିବା ମାତ୍ରେ ସେ ହଠାତ୍ ପଚାରିଲା, ''ତମର ଏଠାରେ କି ସମ୍ପର୍କ ଅଛି ଯେ ଏଠାକୁ ଆସ ?'' ଏପରି ପ୍ରଶ୍ନ ହଠାତ୍ ଶୁଣି ସତ୍ୟ ପ୍ରଥମେ ବିବ୍ରତ ହୋଇ ପଡ଼ିଲା । ସଙ୍ଗେ ସଙ୍ଗେ କିନ୍ତୁ ନିଜର ସ୍ୱଭାବ ସୁଲଭ ସ୍ଫୂର୍ତ୍ତିରେ କହିଉଠିଲା, ''ତୁମେ କଣ ଆଇନ୍‌ଷ୍ଟାଇନ୍‌ଙ୍କ theory of relativity ବିଷୟ ଜାଣିନା ? ସମସ୍ତଙ୍କର ମୋ ସଙ୍ଗେ ସମ୍ପର୍କ ଅଛି, ମୋର ସମସ୍ତଙ୍କ ସଙ୍ଗେ ସମ୍ପର୍କ ଅଛି, ଏ କଡ଼ି ବରଗା ସଂଗେ ମୋର ସମ୍ପର୍କ, ଏ ଲ୍ୟାମ୍ପର ମୋ ସଙ୍ଗେ ସମ୍ପର୍କ ।'' ଶେଷ କଥାଟା କହି ସତ୍ୟ କିପରି ଦବିଗଲା ପରି ବୋଧ ହେଲା ।

ସୁରମା ଏ ଉତ୍ତର ଶୁଣି ହସିବ ନା ବିରକ୍ତ ହେବ ? ସତ୍ୟ ଆଉ ବାକ୍ୟବ୍ୟୟ ନ କରି ହାରମୋନିୟମ୍‌ଟା କାଢ଼ି ବସିଲା । ସୁରମା ବାଧା ଦେଇ କହିଲା, ''ନା ହାରମୋନିୟମ୍ ଆମର ବାଜିବ ନାହିଁ ।'' ସତ୍ୟ ପ୍ରଥମେ କିଛି ନ ମାନି ହାରମୋନିୟମ୍ ବାହାର କରିବାକୁ ଚେଷ୍ଟା କଲା । ସେ ଭାବିଥିଲା ମୁହୂର୍ତ୍ତକ ପରେ ସୁରମାର ଏ ଭାବ ଉଭେଇ ଯିବ, କିନ୍ତୁ ସୁରମାର ଜିଦ୍ ଓ ଦୃଢ଼ତା ଦେଖି ସେ ଅବାକ୍ ହୋଇଗଲା । ଏ ପର୍ଯ୍ୟନ୍ତ ସେ ସଙ୍ଗ ମେଳରେ ସୁରମାର ଚକ୍ଷୁପାତକୁ ସହଜରେ ଅତିକ୍ରମ କରି ଆସିଥିଲା, କିନ୍ତୁ ଏ କେତେଦିନ ଏକାକୀ ଥିଲାବେଳେ ସେ ଚାହାଣୀ ତାର ହୃଦୟକୁ ଭେଦ କରିପାରିଥିଲା । ବିଶେଷତଃ ଆଜିର ଚାହାଣୀରେ ତାର ଅନ୍ତର ସ୍ପନ୍ଦିତ ହେବାକୁ ଲାଗିଲା । ସେ କ୍ଷଣକାଳ ପାଇଁ ବିଚଳିତ ହୋଇପଡ଼ିଲା । କିଛି ସମୟ ଗୁମ୍‌ମାରି ଯାଇ ପୂର୍ବ ସ୍ଫୂର୍ତ୍ତିରେ କହିଲା, ଏବେ ଖୁବ୍ ରଦି ବଙ୍ଗଳା ନଭେଲ ପଢ଼ା ଚାଲିଛି ନା କଣ ? ତମର ଯେ କଥାରେ, ଚାହାଣୀରେ ରୋମାନ୍‌ସ ଫୁଟି ଉଠୁଛି । କିନ୍ତୁ ସେ ବୁଝିଲା ନାହିଁ, ସୁରମାର ହୃଦୟରେ କି ବେହାଗ ଗୁମୁରି ଉଠୁଥିଲା ।

ସୁରମା ଏ ବିଦ୍ରୁପ ସହ୍ୟ କରି ପାରିଲା ନାହିଁ, ସେ କ୍ରୋଧରେ ଜଳିଉଠିଲା । ଏପରିକି କିଛି କାଳ ଯାଏ ବାକ୍ୟୋଚ୍ଚାରଣ କରିପାରିଲା ନାହିଁ, କ୍ଷଣକାଳ ପରେ କହିଲା, ''ଏଠାରୁ ଏହିକ୍ଷଣି ବାହାରି ଯା'' । ଏହାକହି ସଙ୍ଗେ ସଙ୍ଗେ ସେ ଗୃହତ୍ୟାଗ କରି ଅନ୍ୟ କକ୍ଷକୁ ଚାଲିଗଲା । ସତ୍ୟ ଦଣ୍ଡେ ସେଠାରେ ଥକ୍‌କା ମାରି ଠିଆ ହୋଇ ରହିଲା, ପରେ ମୁଖରେ ଶୁଣୁରି ମାରି ବାହାରି ପଡ଼ିଲା ।

ରାତ୍ରିଟା ଗଲା, ପରଦିନ ସକାଳୁ ସୁରମା ନିଜର କକ୍ଷକୁ ଆସି ଦେଖିଲା, ଘରଟି ସୁସଜ୍ଜିତ ଅଛି, କେବଳ ହାରମୋନିୟମଟି କିଞ୍ଚିତ୍ ସ୍ଥାନଚ୍ୟୁତ ହୋଇଛି । ସେଇଟି ଯଥା ସ୍ଥାନରେ ରଖିଲା ପରେ ଚୌକିରେ ଆସି ବସିଲା । ସମ୍ମୁଖକୁ ଜଳଜଳ କରି ଚାହିଁ ରହିଥାଏ, କିନ୍ତୁ କୌଣସି ପଦାର୍ଥଟି ତାକୁ ଦେଖାଯାଉ ନ ଥାଏ । ସେ ଯେ ସେତେବେଳେ କଣ ଭାବୁଥାଏ, ତା ସେ ନିଜେ ଜାଣେ ନାହିଁ । କିଛିକ୍ଷଣ ଏହିପରି ଭାବରେ ବସିଲା ପରେ ସେ ଉଠି ଟେବୁଲ ପାଖରେ ଯାଇ ଠିଆ ହେଲା - ବହିଗୁଡ଼ିକ ସୁସଜ୍ଜିତ ଭାବରେ ଅଛି । ସେ ଟେବୁଲ ପାଖରେ ଠିଆ ହେଲା - ସେ ଟେବୁଲରେ ଦୁଇହାତ ଭରା ଦେଇ ବହିଗୁଡ଼ାକ ପ୍ରତି ଜଳଜଳ କରି ଚାହିଁ ରହିଲା, କିଛିକ୍ଷଣ ବିରକ୍ତ ଭାବରେ ସେଗୁଡ଼ିକ ଇତସ୍ତତଃ କରିବାକୁ ଲାଗିଲା । ଏ ସାଜସଜ୍ଜା ତାକୁ ଅସହ୍ୟବୋଧ ହେଲା । ଏଇ କେତେ ଘଣ୍ଟା ମଧ୍ୟରେ ତା ଭିତରେ ଯେ କେତେ ଝଡ଼ ତୋଫାନ ବହି ସମସ୍ତ ଇତସ୍ତତଃ କରି ପକାଇଛି, ବିଶୃଙ୍ଖଳ କରି ପକାଇଛି । ବାହାରର ଶୃଙ୍ଖଳା ତେଣୁ ତାର ଚକ୍ଷୁଶୂଳ ହୋଇ ଉଠିଲା ।

ସମୟ ଯେତିକି ଅତୀତ ହେବାକୁ ଲାଗିଲା, ସେ ନିଜକୁ ସେତିକି ଭାରାକ୍ରାନ୍ତ ବୋଧ କଲା । ଗୋଟାଏ ଦାରୁଣ ଅଭାବରେ ଶୂନ୍ୟତା ତାର ଅନ୍ତରରେ ଅସହ୍ୟ ଗୁରୁଭାର ରୂପେ ଚାପି ବସିଥିଲା ।

ସକାଳ ଗଲା, ଦିପ୍ରହର ଗଲା, ସନ୍ଧ୍ୟା ଗଲା, କିନ୍ତୁ ସତ୍ୟ ଆସିଲା ନାହିଁ । ଶେଷରେ ସେ ଠିକ୍ କଲା, କ୍ଷମା ମାଗି ସତ୍ୟ ପାଖକୁ ଖଣ୍ଡେ ପତ୍ର ଦେବ, କିନ୍ତୁ ସେ ସାହସ ତାର କାହିଁ ? ସତ୍ୟର ଏପରି ଉଦାସୀନତା ସେ ତାର ପତ୍ରକୁ କିପରି ଭାବରେ ଗ୍ରହଣ କରିବ କେଜାଣି ? ବିଶେଷତଃ ଚିଠି କାହା ହାତରେ ଦେବ ? ସେ କିଛି ଠିକ୍ କରିପାରିଲା ନାହିଁ । ଶେଷରେ ତାକୁ ଗୋଟାଏ ବୁଦ୍ଧି ଦେଖାଗଲା । ସତ୍ୟ ନିଜର ବହିଖଣ୍ଡେ ତା ଘରେ ଛାଡ଼ି ଯାଇଥିଲା । ସେ ଚିଠିଖଣ୍ଡ ତାହାରି ମଧ୍ୟରେ ରଖି ଚାକର ହାତରେ ପଠାଇଦେବ । ଚାକର ଜାଣି ପାରିବ ନାହିଁ ଚିଠି କଥା, କିନ୍ତୁ ସତ୍ୟ ବହି ଖଣ୍ଡ ଲେଉଟାଇବା ମାତ୍ରେ ଚିଠି ପାଇବ ।

ଚିଠି ଲେଖିବା ପାଇଁ ସୁରମା ଟେବୁଲ ପାଖରେ ବସିଲା, କିନ୍ତୁ କଣ ଲେଖିବ କିଛି ଠିକ୍ କରିପାରିଲା ନାହିଁ । ଦୁଇ ଘଣ୍ଟା ଭାବି ଭାବି ଗୋଟିଏ ଧାଡ଼ି ଲେଖିଲା-

ତା .....ରିଖ

''ବନ୍ଧୁ,

ମୁଁ ବଡ଼ ବିପନ୍ନା ।

ସୁରମା''

ଏଇତକରେ ତାର ସମସ୍ତ କଥା କୁହା ହୋଇଗଲା - ସମସ୍ତ ଜ୍ୱାଳା ନିର୍ବାପିତ ହୋଇଗଲା । ସେ ଖଣ୍ଡେ ଛୋଟ କାଗଜରେ ଏତକ ଲେଖି ବହିରେ ରଖିଲା - ଆଉ ତାର ଆଖିରୁ ଧାର ଧାର ହୋଇ ଲୁହ ଝରିପଡ଼ିଲା ।

ସୁରମାର ଚାକର ଯେତେବେଳେ ବହି ଖଣ୍ଡ ସତ୍ୟକୁ ଦେଲା, ସତ୍ୟ କଣ ବିଚାରି କ୍ଷଣକାଳ ସ୍ତବ୍ଧଭାବରେ ଠିଆ ହୋଇ ରହିଲା, ପରେ କହିଲା, 'ଆଚ୍ଛା ଟିକିଏ ରହ ।'' ସଙ୍ଗେ ସଙ୍ଗେ ଭିତରୁ ଦୁଇ ତିନି ଖଣ୍ଡ ବହି ଆଣି ଚାକର ହାତକୁ ବଢ଼ାଇ ଦେଇ କହିଲା, ''ଏ ବହିତକ ସୁରମାଙ୍କୁ ଦବୁ । ତାଙ୍କର ଏ ବହି ।'' ଚାକରଟି ବହିତକ ନେଇ ଫେରିଲା ।

x x x x

ସତ୍ୟ ସେଦିନ ଡାଏରୀରେ ଲେଖିଲା, ''ଆଜି ସମସ୍ତ ଆଶା ପୂର୍ଣ୍ଣ ହୋଇଗଲା- ଆଉ ମିଳନ ଅସମ୍ଭବ ।'' ଇତ୍ୟାଦି ।

ରମଣର ଫେରିବା ଦିନ ଦେଖି ସତ୍ୟ ବାଟ କାଟିବାର ବ୍ୟବସ୍ଥା କଲା । ରମଣ ଆସିଲେ ନିଶ୍ଚୟ ତାଙ୍କ ଘରକୁ ଟାଣି ନେବ । ସେ ଆଉ କେଉଁ ମୁହଁରେ ସେଠାକୁ ଯିବ ? ରମଣ ଆସିବାର ପୂର୍ବଦିନ ସତ୍ୟ ଚାଲିଗଲା କୁଆଡ଼େ - ତାହା କେହି ବନ୍ଧୁବାନ୍ଧବ ଜାଣନ୍ତି ନାହିଁ ।

ସତ୍ୟ ବହୁସ୍ଥାନ ଭ୍ରମି ଭ୍ରମି ଶେଷରେ ଆଶ୍ରୟ ନେଲା ସାବରମତୀ ଆଶ୍ରମରେ । ଏହିଠାରେ ହିଁ ତାର ଜୀବନର ଗତି ବଦଳି ଗଲା । ସେ ଏପର୍ଯ୍ୟନ୍ତ ଜୀବନଟାକୁ ଫୁଟକିମାରି ଉଡ଼ାଇ ଦେବ ବୋଲି ଭାବିଥିଲା । ଏହିଠାରେ ଶିକ୍ଷା କଲା ଯେ, ଜୀବନର ଗୋଟାଏ ବିଶେଷ ମୂଲ୍ୟ ଅଛି । ପ୍ରୟୋଜନ ଅଛି ।

ପୃଥିବୀ ଇତିହାସର ଅଦ୍ୱିତୀୟ ଯୁଦ୍ଧ ଅଭିଯାନ ଦାଣ୍ଡି ପ୍ରାଙ୍ଗଣରେ ଲବଣ ସମର । ସତ୍ୟ ସତ୍ୟାଗ୍ରହୀ ହୋଇ ଗୁଣ୍ଡିଚି ମୂଷା ପରି ଏହି ମହାସମରରେ ନିଜର ସ୍ୱଳ୍ପ ଶକ୍ତି ପ୍ରୟୋଗ କରିଦେଲା । ପୁଲିସର ନିର୍ମମ ଲାଠି ତାର ଅଙ୍ଗରେ ଶତ ଦାଗ କାଟିଦେଲା । ସେ ପ୍ରତ୍ୟେକ ଦାଗ ତାର ଅନ୍ତରକୁ ନିର୍ମଳ କଲା, ଜୀବନକୁ ଅଧିକ ଗୌରବମୟ କଲା ।

ସତ୍ୟ ସେହି ଦୂର ପ୍ରବାସରେ ଶୁଣିଲା, ବାଲେଶ୍ୱରରେ ତୁମୂଳ ଆୟୋଜନ । ଦୁର୍ଭିକ୍ଷପିଷ୍ଟ ରକ୍ତମାଂସହୀନ କଙ୍କାଳ ଆଜି ସ୍ୱାଧୀନତା ପାଇଁ ସମର ସଜ୍ଜା କରିଛି ! ସତ୍ୟର ଚକ୍ଷୁ ଛଳ ଛଳ ହୋଇ ଆସିଲା । ଓଡ଼ିଶାକୁ ସେ ଏତେ ଭଲପାଏ ବୋଲି ତ ତାର ଆଜି ଯାଏ ଧାରଣା ନ ଥିଲା ।

ବାଲେଶ୍ୱରରେ ଲୁଣ ମାରିବା ଅପରାଧରେ ସତ୍ୟର ଦଣ୍ଡାଦେଶ ହେଲା - ଛ' ମାସ ସଶ୍ରମ କାରାବାସ ! ସତ୍ୟର ଆଜି ମହା ମହାଆନନ୍ଦ ! ସେ ଆଜି ଜୀବନର ସାର୍ଥକତା ପ୍ରଥମେ ଅନୁଭବ କଲା । ସେ ଯେ ଆଜି କୋଟି ନିର୍ଯାତିତଙ୍କ ମଧ୍ୟରେ ନିଜକୁ ଜଣେ କରିପାରିଛି - କୋଟିପତିଙ୍କ ସଙ୍ଗେ ନିଜର ଆସନ ବିଛାଇ ପାରିଛି, କୋଟି ମୂକ କଣ୍ଠର କରୁଣ ଆର୍ତ୍ତ ହାହାକାର ସହିତ ନିଜର କ୍ଷୀଣ ସ୍ୱର ମିଳାଇ ପାରିଛି । ଗର୍ବରେ ତାର ବକ୍ଷ ସ୍ଫୀତ ହୋଇ ଉଠିଲା ।

ଛ'ମାସ ପରେ ଯେତେବେଳେ ସତ୍ୟ ଖଲାସ ହେଲା, ତାକୁ ଜେଲ ଦୁଆରୁ ପାଛୋଟି ନେବାକୁ ମହା ଆୟୋଜନ ହୋଇଗଲା । ସେହି ଜୟଧ୍ୱନି ମଧ୍ୟରେ ସୁରମାର କଥା ତାର ମନେ ପଡ଼ିଲା । ସେ ଜେଲ ମଧ୍ୟରେ ଏ କେତେ ଦିନ ତାରି କଥା ଭାବୁଥିଲା । ତାର ବିଶ୍ୱାସ, ଏହି ସମୟ ମଧ୍ୟରେ ସୁରମା ନିଶ୍ଚୟ ଏ ଆନ୍ଦୋଳନରେ ଯୋଗ ଦେଇଥିବ । ଉତ୍କଳର ଅସୂର୍ଯ୍ୟଂପଶ୍ୟା ପୁରାଙ୍ଗନା ଯେତେବେଳେ ନିଜର ପ୍ରିୟ ଅନ୍ଧକାରକୋଣ ତ୍ୟାଗକରି ଜେଲ ଯିବାକୁ ପ୍ରସ୍ତୁତ, ସୁରମା କ'ଣ ଏପରି ଅବସ୍ଥାରେ ସ୍ଥିର ଥିବ ? ସୁରମାକୁ ସେ ଯେଉଁ ଅପମାନ ଦେଇଥିଲା, ସେଥିପାଇଁ ତା ନିକଟରେ ଜାନୁ ପାତି କ୍ଷମା ଭିକ୍ଷା କରିବାକୁ ତାର ପ୍ରାଣ ବିକଳ ହୋଇଉଠିଲା ।

ପରେ ଖବର ନେଇ ବୁଝିଲା ସୁରମା କେତେକ ମାସ ପୂର୍ବେ ରାଜକିଶୋର ସଙ୍ଗେ ବିବାହ କରିଚି । ରାଜକିଶୋର ବର୍ତ୍ତମାନ ମସ୍ତବଡ଼ ହାକିମ । ସୁରମାକୁ ବିବାହିତ ଅବସ୍ଥାରେ ଥରେ ଦେଖି ଆସିବାକୁ ସତ୍ୟର ବଡ଼ କୌତୂହଳ ଜାତ ହେଲା । ସେ ନିଜର ଖଦଡ଼ ଚାଦର ଖଣ୍ଡ କାନ୍ଧରେ ପକାଇ ବାହାରି ପଡ଼ିଲା । ଏବେ ଆଉ ଅତର ମାଖି, ଟେରି କାଟି, ସିଲ୍‌କ ପଞ୍ଜାବୀ ପିନ୍ଧି ଯିବାର ଦିନ ନାହିଁ । ସେ ନିଜର ରୁକ୍ଷ ଚେହେରା ନେଇ ଚାଲିଲା ।

ସତ୍ୟର ଏ ମୂର୍ତ୍ତି ଦେଖି ରାଜକିଶୋରର ଚାକର ପ୍ରଥମରୁ ବିଦା କରି ଦେବାକୁ ବସିଲା । ସେ କହିଲା, ''ସାହେବ ନାହାନ୍ତି ।'' ''ଘରେ ଆଉ କିଏ ଅଛି ?'' ସତ୍ୟ ଖବର ନେଉ ନେଉ ସୁରମା ଆସି ପହଞ୍ଚିଗଲେ । ସୁରମା ସତ୍ୟକୁ ସେପରି ଦୃଷ୍ଟି ନ ଦେଇ ଚାକରକୁ ପଚାରିଲେ, ''କଥା କଣ ?'' ଚାକର କହିଲା, ''ଏ କିଏ ଆପଣଙ୍କୁ ଖୋଜୁଛନ୍ତି ।'' ସୁରମା ଟିକିଏ ନିରୀକ୍ଷଣ କରି କହି ଉଠିଲେ, ''ଓହୋ ! ଆପଣ ଯେ ! ଆସନ୍ତୁ, ଆସନ୍ତୁ ଭିତରକୁ ।'' ସତ୍ୟ ଆସି ବୈଠକଖାନାରେ ବସିଲା । ଗୃହଟି ସାହେବୀ କାଇଦାରେ ହୋଇଛି ।

ସୁରମା ଅନେକ କଥା ପକାଇଲେ - ବନ୍ଧୁମାନଙ୍କ କଥା, ନିଜ କଥା । ସତ୍ୟ କେବଳ ସବୁ ଶୁଣୁଥାଏ । ଏଥର ସୁରମାଙ୍କର କହିବା ପାଳି । ଶେଷରେ ସୁରମା ଡାକି ଉଠିଲେ, ''ଆରେ ମଟର ବାହାର କରରେ ।'' ତାପରେ ସତ୍ୟକୁ କହିଲେ, ''ମତେ ବର୍ତ୍ତମାନ କ୍ଲବକୁ ଯିବାକୁ ହେବ - କହିଯାଇଛନ୍ତି । ଏବେ ଟିକିଏ ଟେନିସ୍ ଖେଳୁଛି ।'' ପୁଣି ଅଳ୍ପ ମୁରୁକି ହସି କହିଲେ, ''ଦିନଗୁଡ଼ାକ ବେଶ୍ ଫୁର୍ତ୍ତିରେ କଟୁଛି ।''

ସତ୍ୟ ଫେରି ଆସିଲା - ମଟର ପେଁ କରି ସୁରମା ଚାଲିଗଲେ ।

ସତ୍ୟ ସେଦିନ ସନ୍ଧ୍ୟାରେ ନିଜର ଘର ଖୋଲି ଦେଖିଲା - ସବୁ ସେହିପରି ଅଛି । ବହିଗୁଡ଼ିକ ଉପରେ ବହୁତ ଧୂଳି ବସିଛି । ସେ ଝଡ଼ାଝଡ଼ି କରି ଖଣ୍ଡେ ବହି ବାହାର କଲା, ସେ ଖଣ୍ଡ ଲେଉଟାଇଲା ବେଳେ ଖଣ୍ଡେ କାଗଜ ବାହାରିଲା । ସେଥିରେ ଲେଖା ହୋଇଛି - ''ବନ୍ଧୁ ! ମୁଁ ବଡ଼ ବିପନ୍ନ ।'' ସୁରମାର ହସ୍ତାକ୍ଷର । ଚିଠିର ତାରିଖ ଦେଖି ସତ୍ୟ ନିଜର ଡାଏରୀ ଖୋଲିଲା । ବହି ଫେରାଫେରିର ଉଲ୍ଲେଖ ଅଛି । ସତ୍ୟ କାଗଜ ଖଣ୍ଡକୁ କିଛିକ୍ଷଣ ଅନାଇଁ କଣ ଭାବିଲା । ଅଜ୍ଞାତରେ ତାର ଅଧରକୋଣରେ ଗୋଟିଏ ସ୍ମିତହାସ୍ୟ ଫୁଟି ଉଠିଲା ।

ପୃଷ୍ଠବଂଧ

ସ୍ରଷ୍ଟା ପରିଚିତି :-

ଭଗବତୀ ଚରଣ ପାଣିଗ୍ରାହୀ (୧୯୦୮-୧୯୪୩) ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ରାଜନୀତି କ୍ଷେତ୍ରରେ ନବଯୁଗର ବାର୍ତ୍ତାବହ ଭାବରେ ବିଦିତ । ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଚିନ୍ତାଧାରା ପ୍ରବର୍ତ୍ତକ ଭାବେ ସେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ଭଗବତୀ ଚରଣଙ୍କ ନିଷ୍ଠାପର ଉଦ୍ୟମରେ ଗଠିତ 'ନବଯୁଗ ସାହିତ୍ୟ ସଂସଦ' ଓ ତାର ମୁଖପତ୍ର 'ଆଧୁନିକ' ପତ୍ରିକା ସେଦିନ ଓଡ଼ିଶାର ଚିନ୍ତା ଓ ଚେତନାରେ ଗଭୀର ଆଲୋଡ଼ନ ସୃଷ୍ଟି କଲା । ସାମ୍ୟବାଦୀ ଚିନ୍ତାଧାରାର ଉପାସକ ଭଗବତୀ ତାଙ୍କର ସ୍ୱଳ୍ପ ଜୀବଦ୍ଦଶାରେ ସାହିତ୍ୟ ସାଧନା, ରାଜନୀତି, ସମାଜସେବା, ପତ୍ରିକା ସଂପାଦନା ପ୍ରଭୃତିରେ ଗଭୀର ମନୋନିବେଶ କରି ବିସ୍ମୟକର ଭାବେ ସଫଳ ହୋଇଛନ୍ତି । ପ୍ରତିଭାର ଏଇ ବିଚ୍ଛୁରିତ ସତ୍ତା ଓଡ଼ିଶାର ପାଠକ ପାଠିକାମାନଙ୍କ ପାଇଁ ଯେଉଁ କେତୋଟି ଗଳ୍ପ ଲେଖିଯାଇଛନ୍ତି ସେସବୁର କଳାତ୍ମକ ମୂଲ୍ୟ ଉଚ୍ଚକୋଟୀର ହେବା ସଂଗେ ସଂଗେ ସେଗୁଡ଼ିକରେ ପ୍ରକାଶ ପାଇଛି ଦୃଢ଼ ସମାଜନିଷ୍ଠ ମନୋଭାବ । ତାଙ୍କ ରଚିତ ଗଳ୍ପଗୁଡ଼ିକ ହେଲା- 'ଜଙ୍ଗଲି', 'ମିଶ୍ରଙ୍କ କୋପ', 'ବଂଚିତା', 'ସମୟାତୀତ', 'ଜୀବନର ସମାଧି', 'ଝଡ଼', 'ଆରମ୍ଭ ଓ ଶେଷ', 'ମୀମାଂସା', 'ମୃତ୍ୟୁର ବିବେଚନା', 'ମଜଲିସ୍', 'ଶିକାର', 'ହାତୁଡ଼ି ଓ ଦା' ପ୍ରଭୃତି ।

ଗଳ୍ପ ସମ୍ପର୍କରେ :-

ସମୟାତୀତ ଗଳ୍ପ ପ୍ରକାଶ ପାଇଥିଲା ୧୯୩୨ ମସିହାରେ, ସହକାର ପତ୍ରିକାର ଦ୍ୱାଦଶଭାଗ ଅଷ୍ଟମ ସଂଖ୍ୟାରେ । ଏହି ଗଳ୍ପର ନାୟକ ସତ୍ୟ ଶିକ୍ଷିତ ଯୁବକ । କଥାଭାଷାରେ ସେ ଚପଳ ଓ ଜୀବନକୁ ସେ ଲଘୁ ଭାବରେ ଗ୍ରହଣ କରେ । ତେବେ ଜୀବନକୁ ଫୁଟିକିମାରି ଉଡ଼େଇଦେବାକୁ ଚାହୁଁଥିବା ଓ ଖୁବ୍ ହାଲୁକା ଭାବରେ ନେଉଥିବା ଏଇ ସତ୍ୟ ଚରିତ୍ରର ପରିବର୍ତ୍ତନକୁ ଗାଳ୍ପିକ ଦର୍ଶାଇ ଦେଇଛନ୍ତି ଗଳ୍ପର ପରିସମାପ୍ତି ବେଳକୁ । ସତ୍ୟ ଜୀବନର ସାର୍ଥକତା ଖୋଜିଛି ଦଳିତ ଓ ଅସହାୟ ମାନବର ସେବାରେ । ଦୁର୍ଭିକ୍ଷ ପୀଡ଼ିତ ଅଗଣିତ ମଣିଷର ଆର୍ତ୍ତନାଦ ତା ହୃଦୟକୁ ବିଚଳିତ କରିଛି ! ଏହା ସହିତ ଗାନ୍ଧିଜୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧହୋଇ ସେ ଜାତୀୟ ମୁକ୍ତି ଆନ୍ଦୋଳନରେ ମଧ୍ୟ ଯୋଗ ଦେଇଛି । ବାଲେଶ୍ୱରଠାରେ ଲୁଣମାରିବା ଅପରାଧରେ ତାର ଛ' ମାସ ସଶ୍ରମ କାରାଦଣ୍ଡ ଆଦେଶ ହୋଇଛି । ଏହି ସବୁ ଘଟଣା ସତ୍ୟ ମନରେ ଆଣିଛି ଗଭୀର ଆନନ୍ଦ ! ସେ ଅନୁଭବ କରିଛି ଜୀବନର ସାର୍ଥକତା ।

କଲେଜରେ ଛାତ୍ର ଥିବାବେଳେ ସୁରମା ସହିତ ତାର ଗଢ଼ିଉଠିଥିଲା ଘନିଷ୍ଠତା । ଘଟଣା ଚକ୍ରରେ ସୁରମା କିନ୍ତୁ ବିବାହ କରିଛି ରାଜକିଶୋରକୁ । ଜେଲରୁ ଖଲାସ ହୋଇ ସତ୍ୟ ରାଜକିଶୋରର ସରକାରୀ ବାସଭବନକୁ ଯାଇଛି । ଉଦ୍ଦେଶ୍ୟ ଥିଲା- ଅନେକ ଦିନ ପରେ ସେ ବନ୍ଧୁ ରାଜକିଶୋରକୁ ଭେଟିବ ଓ ସୁରମା ସହ ଦି'ଚାରିପଦ କଥାଭାଷା ହେବ । ସେଦିନ ରାଜକିଶୋର ସରକାରୀ କାମରେ ବାହାରକୁ ଯାଇଥିଲା । ତେବେ ସୁରମା ସହ ତାର ସାକ୍ଷାତରେ ସେ ଲକ୍ଷ୍ୟ କରିଛି ସୁରମାର ଅଂହକାର ଓ ବଡ଼ିମାକୁ । ଏଣୁ ତେଣୁ ସତ୍ୟ ସହ କଥା ହେଲା ପରେ ସୁରମା ମଟର ଚଢ଼ି କ୍ଲବକୁ ଚାଲିଯାଇଛି । ତେବେ ଏ ଘଟଣା ସତ୍ୟ ମନରେ ଆଘାତ ଦେଇନି । ସେ ଅନୁଭବ କରିଛି ଯେ ସମୟ ଥିଲା ସୁରମାର ତା'ପ୍ରତି ଥିଲା ଆକର୍ଷଣ ଏବେ କିନ୍ତୁ ସେ ସମୟ ବଦଳିଛି । ସମୟ ବଦଳିବା ସହ ବ୍ୟକ୍ତିର ମାନସିକତାରେ ଯେଉଁ ପରିବର୍ତ୍ତନ ଆସେ ତାହା ଗାଳ୍ପିକ ସାର୍ଥକ ଭାବରେ ଦର୍ଶାଇଛନ୍ତି ।

ପ୍ରଶ୍ନାବଳୀ :-

୧. 'ସମୟାତୀତ' ଗଳ୍ପର ନାମକରଣ ସାର୍ଥକତା ପ୍ରତିପାଦନ କର ।

୨. 'ସମୟାତୀତ' ଗଳ୍ପରୁ ସତ୍ୟର ଚରିତ୍ର ଚିତ୍ରଣ କର ।

୩. ସତ୍ୟ ଓ ସୁରମା ଚରିତ୍ର ରୂପାନ୍ତର ଏ ଗଳ୍ପରେ ଯେପରି ଦର୍ଶାଇ ଦିଆଯାଇଛି ତାହା ଆଲୋଚନା କର ।

୪. ସୁରମା ଚରିତ୍ର ଚିତ୍ରଣରେ ଗାଳ୍ପିକଙ୍କ ସଫଳତା ଦର୍ଶାଅ ।

୫. ଏକ ସାର୍ଥକ କ୍ଷୁଦ୍ରଗଳ୍ପ ଭାବରେ ସମୟାତୀତର ମୂଲ୍ୟାୟନ କର ।

କନିଅପା

ଅଖିଳ ମୋହନ ପଟ୍ଟନାୟକ

ପରିବାରର ସମସ୍ତେ ତାଙ୍କୁ ଡାକୁଥିଲେ କନିଅପା ବୋଲି ।

ଆମେ ପିଲାମାନେ ସମସ୍ତେ ତାଙ୍କୁ ସିଧା ସଳଖ ଡାକୁଥିଲୁ କନିଅପା ବୋଲି, କିନ୍ତୁ ବାପା, ମା' ବା ଖୁଡ଼ୀ ଓ ଅନ୍ୟାନ୍ୟ ଗୁରୁଜନମାନେ ତାଙ୍କୁ ପ୍ରତ୍ୟକ୍ଷରେ ନାଁ ଧରି ଡାକୁ ନ ଥିଲେ ମଧ୍ୟ ପରୋକ୍ଷରେ ସେଇ କନିଅପା ସମ୍ବୋଧନଦ୍ୱାରା ହିଁ ତାଙ୍କ ନାଁର ଉଲ୍ଲେଖ କରୁଥିଲେ ।

ତାଙ୍କର ବୟସ କେତେ ସେ ନିଜେ ଜାଣନ୍ତି ନାହିଁ, ପଚାରିଲେ କୁହନ୍ତି, 'ମୋର ପୁଣି ଗୋଟାଏ ବୟସର ହିସାବ କଅଣ ମ ? ଚାରିକୋଡ଼ି ପାଖାପାଖି ହବ ପରା ।' କିନ୍ତୁ ଏହା ନିଶ୍ଚିତ ଯେ ସେ ବାପା, ମା' ପ୍ରଭୃତିଙ୍କ ଠାରୁ ଯଥେଷ୍ଟ ବୟସ୍କ ଥିଲେ । ତେଣୁ ଯଦିଓ ସେ ଆମ ଘରେ ରୋଷେଇବାସ କରିଦେଇ ତାଙ୍କର ଏହି ଉତ୍ତର ଜୀବନଟିକୁ କଟେଇ ଦେବାକୁ ମନସ୍ଥ କରିଥିଲେ, ତଥାପି ବାପା ବା ମା'ଙ୍କ ସହିତ ଯଥେଷ୍ଟ ସମ୍ଭ୍ରମର ସହିତ କଥାବାର୍ତ୍ତା କରୁଥିଲେ ଓ ସମୀହ କରି ଚଳୁଥିଲେ । କିନ୍ତୁ ଆମ୍ଭେମାନେ, ଯେଉଁମାନେ ତଥାପି ମାଇନର୍ ସ୍କୁଲ ବା ହାଇସ୍କୁଲର ଛାତ୍ର ଥିଲୁ, ଆମ ପକ୍ଷରେ 'ସମ୍ଭ୍ରମ' ଓ 'ସମୀହ' ଦୁଇଟି ଶବ୍ଦ ଯେପରି ଦୁର୍ବୋଧ ଥିଲା, ସେହିପରି ଥିଲା ଅନାଚରଣୀୟ ।

ନିମ୍ନ ମଧ୍ୟବିତ୍ତ ପରିବାରର ପ୍ରାତ୍ୟହିକ ଖାଦ୍ୟ ସଂସ୍ଥାର ଦାୟିତ୍ୱରେ ଥିବା ବ୍ୟକ୍ତିଟିକୁ ଯେ ଅକଥନୀୟ ଅତ୍ୟାଚର ସହ୍ୟ କରିବାକୁ ପଡ଼େ, ଏହା ସୁବିଦିତ । ଯିଏ ପଇସା ଦେଉ ବା ଯିଏ ବଜାର କରୁ ପଛକେ, ଖାଦ୍ୟ ପଦାର୍ଥ ବିଶେଷକରି ତାହା ଯଦି ଆମିଷାଦି ବ୍ୟଞ୍ଜନ ହୋଇଥାଏ ତାର ସାମାନ୍ୟ ଅସ୍ୱଚ୍ଛଳତା ଜନିତ ସମସ୍ତ କ୍ରୋଧ, ଅଭିମାନ ଓ ଅଭିସମ୍ପାତ ବିଚରା ପାଚକଟିକୁ ସହ୍ୟ କରିବାକୁ ପଡ଼ିଥାଏ । ସ୍ୱୀକାର କରିବାକୁ ହେବ, ସେ ସମସ୍ତ ଜଞ୍ଜାଳ କନିଅପା, ବସୁନ୍ଧରା ଠାରୁ ଅଧିକ ଧୈର୍ଯ୍ୟ ସହକାରେ ସହ୍ୟ କରିଥାନ୍ତି । ଓଃ ! ସେ କି ଜଞ୍ଜାଳ ! ଖାଦ୍ୟ ଅକୁଳନ ହେବ ନାହିଁ । ଅଧିକ ବା ସ୍ୱଳ୍ପ ଲବଣଯୁକ୍ତ ହୋଇପାରିବ ନାହିଁ । ବିଭିନ୍ନ ପନିପରିବା, ଆଳୁ ମାଛ ବା ଆଳୁ ମାଂସାଦି ବ୍ୟଞ୍ଜନରେ କୌଣସି ନିର୍ଦ୍ଦିଷ୍ଟ ବସ୍ତୁର ପ୍ରାଧାନ୍ୟ ରହିବ ନାହିଁ ଅଥଚ କିଛି କମ୍ ମଧ୍ୟ ପଡ଼ିଯିବ ନାହିଁ । ତାହା ହୋଇଥିବା ଉଚିତ୍ ସୁଷମ ଓ ସର୍ବୋପରି ସ୍ୱାଦୁକର । ତରକାରୀ ରାଗ ନ ହେଇଥିଲେ ପାଣିଚିଆ ହେଇଗଲା ଏବଂ ପଂକ୍ତି ଭୋଜନରେ ଆମମାନଙ୍କର ମନୋଭାବ ଯେପରି ଆଜିର ଯୁଦ୍ଧରେ ଆମ ଶିବିରର ମହାବୀର କର୍ଣ୍ଣ ନିହତ । ଯଦି ରାଗ ହୋଇଗଲା ତାହେଲେ ତାଣ୍ଡବ ନୃତ୍ୟ । ଏହି ସମସ୍ତ ଆଭ୍ୟନ୍ତରୀଣ ସଙ୍କଟ ସତ୍ତ୍ୱେ ଯିଏ ପାକଶାଳାର ଶିଳ୍ପଟିକୁ ଆଦିବସରଜନୀ ଅବ୍ୟାହତ ରଖି ପାରିଥିଲେ, ସିଏ ହଉଛନ୍ତି କନିଅପା ।

ଆମ୍ଭମାନଙ୍କୁ କୁହାଯାଇଥାଏ, କନିଅପା ଆମ୍ଭମାନଙ୍କର ଦୂର ସଂପର୍କୀୟ ବନ୍ଧୁ । ଯଦିଓ ଆମକୁ କେହି କୃଷିନାମା କାଟି ବା ବଂଶ ଜାତକ ଖୋଲି ଏକଥା ପ୍ରମାଣ କରିବାକୁ ଚେଷ୍ଟା କରି ନାହିଁ, ତାହେଲେ ମଧ୍ୟ ଏହାର ସତ୍ୟାସତ୍ୟ ସଂପର୍କରେ ଆମ୍ଭେମାନେ କେବେହେଲେ ସନ୍ଦିଗ୍ଧ ନଥିଲୁ । ଆମମାନଙ୍କର ରୋଷ, ଅଭିମାନ, ଇଙ୍ଗିତ ଓ ବ୍ୟଙ୍ଗୋକ୍ତି ସବୁ କନିଅପାଙ୍କ

ପାଖରେ ଜେଜେମା' ମା ଆଈ ହିସାବରେ ଚଳିଯାଏ ଯଦିଓ ଜେଜେମା' ଓ ଆଈମାନଙ୍କର କଦବା କ୍ୱଚିତ୍ ପ୍ରାପ୍ୟ ସମ୍ମାନ ପାଇବାରୁ ସେ ପ୍ରାୟଶଃ ବଞ୍ଚିତ ଥିଲେ ।

ଆମେମାନେ ଅର୍ଥାତ୍ ଆମେମାନେ ଚାରି ଭାଇ ଓ ଦୁଇ ଭଉଣୀ । ମୁଁ ହଲପ୍ କରି କହିପାରେ ଆମେମାନେ ରାମଚନ୍ଦ୍ରଙ୍କ ରାଜତ୍ୱ ସମୟରେ ଜନ୍ମ ହେଇଥିଲେ ସେତୁବନ୍ଧ ବାନ୍ଧିବାରେ ତାଙ୍କୁ ଅକୁଣ୍ଠ ସାହାଯ୍ୟ କରିଥାନ୍ତୁ । ତେବେ ଭଲ୍ଲୁକ ପ୍ରବର ଜାମ୍ବବାନ ଭାବରେ ବା ମର୍କଟଶ୍ରେଷ୍ଠ ସୁଗ୍ରୀବ ହିସାବରେ ତାହା କଳନା କଷ୍ଟକର, କାରଣ ଆମ୍ଭମାନଙ୍କ ଭିତରେ ଦୁଇ ଗୋଷ୍ଠୀର ସହଜାତ ପ୍ରବୃତ୍ତି, ପ୍ରକୃତି ସମ୍ୟକ୍ ଭାବରେ ବିଦ୍ୟମାନ ଥିଲା ।

ଘୋର ନିଷେଧାଜ୍ଞା ସତ୍ତ୍ୱେ ପାକଶାଳା ଭିତରକୁ ଆମ୍ଭମାନଙ୍କର ଗମନାଗମନ ଅବାରିତ ଥିଲା । କେତେବେଳେ ଆଚାର ଖାଇବା, ଦୁଧ କରେଇରୁ ସରଟାକୁ କାଢ଼ିନେଇ ଖାଇଦେବା ବା କୋରୀ ନଡ଼ିଆ ଅନ୍ୟମାନଙ୍କର ଅଜ୍ଞାତରେ ଆତ୍ମସାତ୍ କରିବା ଏକ ଅତି ସାଧାରଣ କଥା ଥିଲା । କିନ୍ତୁ କନିଅପା କଦବା କ୍ୱଚିତ ଘୋର ପକ୍ଷପାତୀ ଦୋଷରେ ଦୁଷ୍ଟ ଥିଲେ । କେତେବେଳେ କାହାକୁ ଶ୍ରଦ୍ଧାଶୀଳ ହୋଇ ଏ ସମସ୍ତ କର୍ମ କରିବାକୁ ପ୍ରବର୍ତ୍ତାଉଥିଲେ, ଅଥବା କେବେ କେବେ, ତାହା ପୁଣି ବ୍ୟକ୍ତିବିଶେଷ ଦେଖି, ଉତ୍କ୍ଷିପ୍ତ ହୋଇଉଠି ଏ ଅପକର୍ମ କର୍ତ୍ତୃପକ୍ଷଙ୍କ କର୍ଣ୍ଣଗୋଚର କରିବାକୁ କୁଣ୍ଠିତ ହଉ ନ ଥିଲେ । କେବେ କେବେ କେହି କେହି ବାଇଗଣଟାଏ ମୂଳୁମୂଳୁକିଆ ରଡ଼ ନିଆଁରେ ପୋଡ଼ିଦିଏ ବା ତେଲ କରେଇରେ କଞ୍ଚା ଲଙ୍କାଟାଏ ପକେଇଦିଏ ଓ ସେମାନେ ସେମାନଙ୍କର ସ୍ୱ ସ୍ୱ ସମୟରେ କ୍ଷୁଦ୍ର କ୍ଷୁଦ୍ର ବିସ୍ଫୋରଣମାନ ଘଟାଇଲାବେଳେ କନିଅପା ଚମକି ପଡ଼ନ୍ତି ସତ, କିନ୍ତୁ ତା'ପରେ ପରେ ଡାକପକାନ୍ତି, 'ଆରେ କିଏ ବାଇଗଣ ପୋଡ଼ିଥିଲ, ହେଇଗଲାଣି ନିଆ' ସମୁଦ୍ରତଟ ବିପଦମୁକ୍ତ ଦେଖି ଆମେମାନେ ଆସ୍ତେ ଆସ୍ତେ ରୋଷେଇ ଘର ଆଡ଼କୁ ପାଦ ବଢ଼ାଉ ।

କିନ୍ତୁ ଦିନକର ସଂବାଦ ଥିଲା ଅତ୍ୟନ୍ତ ଅପ୍ରୀତିକର । କିଏ କେଜାଣି ? ଏଇ କଥାଟାକୁ ବାପା ମୋଟେ ସହ୍ୟ କରି ନ ପାରି ସବୁବେଳେ ପଚାରନ୍ତି କିଏ କେଜାଣି ? ନାଁ - କିଏ ଆଉ; ତମେମାନେ ସମସ୍ତେ । ହଠାତ୍ ଏକ ନୂତନ ସଂବାଦ ଆମମାନଙ୍କ ନିକଟରେ ଆସି ପହଞ୍ଚିଯାଏ, ତାହା ହେଲା- ପାଚିଲା ବେଲକୁ ପୋଡ଼ି ସରବତ୍ କରି ଖାଇଲେ ତାହା ଅତ୍ୟନ୍ତ ସ୍ୱାଦିଷ୍ଟ ଅଟେ । ପୁଣି ସେଇ କିଏ କେଜାଣି ଗୋଟାଏ ପାଚିଲା ବେଲକୁ ଆଣି କ୍ରମ ଭସ୍ମୀଭୂତ ରଡ଼ ନିଆଁରେ ଘୋଡ଼େଇ ଦେଇଥିଲା ଓ ପ୍ରାୟ ଯାହା ହେଇଥାଏ, ଏ ସମସ୍ତ କାର୍ଯ୍ୟଟିକୁ ଅଚିରେ ବିସ୍ମୃତ ହୋଇଯାଇଥିଲା । କିଏ କେଜାଣି ?

କିନ୍ତୁ ଯେତେବେଳେ ଲୌହଶକ୍ତି ବଳ୍କଳାଚ୍ଛାଦିତ ପକ୍ୱ ବିଲ୍ୱ ଉତ୍ତପ୍ତ ହେଇ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା ଓ ଏକାଧାରରେ ଉତ୍ତପ୍ତ, ଶତଧା ବିଭକ୍ତ ବିଲ୍ୱ ବଳ୍କଳ ଓ ତତ୍ ସଙ୍ଗେ ସଙ୍ଗେ ଆଗ୍ନେୟ ଅଙ୍ଗାର ଖଣ୍ଡମାନ ଅଗ୍ନ୍ୟୁତ୍ପାତ ତୁଲ୍ୟ ଊର୍ଦ୍ଧ୍ୱକୁ ପ୍ରଚଣ୍ଡ ବେଗରେ ଉତ୍କ୍ଷିପ୍ତ ହୋଇ ପାକଶାଳାର ନାତ୍ୟୁଚ୍ଚ ଛାତରେ ଆଘାତପ୍ରାପ୍ତ ହୋଇ କେତେବେଳେ ଅଗ୍ନିଶଳାକା, କେତେବେଳେ ଅଗ୍ନିଚୂର୍ଣ୍ଣ ରୂପେ କ୍ରମାଗତ ବର୍ଷିବାକୁ ଲାଗିଲେ, ସେତେବେଳେ ପାକଶାଳାର ଏକମାତ୍ର ଅଧିବାସୀ ଥିଲେ କନିଅପା ଓ ସେ 'ମରିଗଲି' 'ମରିଗଲି' 'ପୋଡ଼ିଗଲି' ଇତ୍ୟାଦି ଆତଙ୍କ ସୂଚକ ଶବ୍ଦମାନ କରି ପ୍ରାୟ ଦୌଡ଼ି ପଦାକୁ ବାହାରି ଆସିଥିଲେ ।

ଅନୁମାନ କରାଯାଏ ଯେ ଏମନ୍ତ ଆତଙ୍କିତ ଶବ୍ଦରେ ବାପା ଓ ମା' ଉଭୟେ ଦୌଡ଼ି ଆସିଥିବେ । ମା' ବୋଧହୁଏ କିଛି ମଲମ ଆଣି କନିଅପାଙ୍କର ପୋଡ଼ା ଜାଗାମାନଙ୍କରେ ଲେପନ କରିଥିବେ କିନ୍ତୁ ବାପା ଅତ୍ୟନ୍ତ ଶୋଚନୀୟ ଭାବରେ ନିରାଶ ହୋଇଥିବେ, କାରଣ ତତ୍କ୍ଷଣାତ୍ ଦଣ୍ଡିତ ହବା ପାଇଁ, ଏହି କ୍ରିୟା କାରକମାନଙ୍କ ମଧ୍ୟରୁ ଜଣେ ହେଲେ ଉପସ୍ଥିତ ନ ଥିଲେ ।

ସନ୍ଧ୍ୟାର ଭୋଜନ ଆସର ବେଳକୁ ଘଟଣାର ଗୁରୁତ୍ୱ ବହୁ ପରିମାଣରେ ଲଘୁ ହୋଇଯାଇଥିଲା ଓ ରୋଷେଇଘର ଭିତରେ ରୁଟି ସେକୁ ସେକୁ, ଅନୁନାସିକ ସ୍ୱରରେ କନିଅପା କହୁଥିଲେ, 'ଏତିକି ଟିକିଏ ବୁଦ୍ଧି ନାହିଁ ଏଗୁଡ଼ାଙ୍କ ମୁଣ୍ଡରେ,

ବେଲଟାକୁ ଫଟେଇ ଦେଇ ପୋଡ଼ିଥିଲେ କାହିଁକି କ'ଣ ହୋଇଥା'ନ୍ତା - ନ ହେଲେ ମତେ କହିଥିଲେ କ'ଣ ମୁଁ ବେଲଟାକୁ ପୋଡ଼ି ଦେଇ ନ ଥା'ନ୍ତି ?'

ସେଦିନ ମୁଁ ଯଥେଷ୍ଟ ଅନୁତପ୍ତ ହୋଇଥିଲି ।

ଟିକିଏ ବଡ଼ ହୋଇଯିବା ପରେ, ମୁଁ ଆନ୍ତରିକ ଭାବରେ ଅନୁଭବ କରିଥିଲି ଯେ କନିଅପା ସହିତ ଏ ଖେଳ ଏକାନ୍ତ ଅନ୍ୟାୟ । ନାଁ ଧର୍ମସମ୍ମତ ନା ଶାସ୍ତ୍ରସମ୍ମତ । କନିଅପାର ପ୍ରତିପକ୍ଷ ଆମେ ଛ'ଜଣ, ଅଥଚ ଆରପଟେ କନିଅପା ଏକାକିନୀ ଠିଆ ହୋଇଛି ଗୋଲପୋଷ୍ଟ ପାଖରେ ତା'ର ଫରୱାର୍ଡ଼ ଲାଇନ୍, ହ୍ୟାଫ୍‌ବ୍ୟାକ୍, ବ୍ୟାକ୍ କେହି ନାହାନ୍ତି । ପ୍ରତିପକ୍ଷ ଘୋର ଶତ୍ରୁ ହେଲେ ମଧ୍ୟ ତା' ସହିତ ଏପରି ଅସମ ଓ ଅନ୍ୟାୟ ଖେଳ ଖେଳା ଯାଏନା ।

ତଥାପି ମୁଁ କନିଅପାର ଥିଲି ସବୁଠାରୁ ବେଶି ଆଦରର ।

ତା'ର କାରଣ ମୋର ହସ୍ତାକ୍ଷର ଦେଖିବାକୁ ଖୁବ୍ ସୁନ୍ଦର ଥିଲା ଓ ସମସ୍ତେ ଖାଇସାରିବା ପରେ ଏକ ଉଜୁଡ଼ି ଆସୁଥିବା ଅପରାହ୍ଣରେ ଯେତେବେଳେ ସେ ଦୁଇଗୋଡ଼କୁ ଲମ୍ବେଇ ଦେଇ ବେଶ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ପଖାଳ ଖାଇ ବସନ୍ତି, ସେତେବେଳେ ମୁଁ ତାଙ୍କ ପାଖରେ କାଗଜ କଲମ ଧରି ଅସୀମ ଧୈର୍ଯ୍ୟର ସହିତ ବସିରହେ ତାଙ୍କ ଚିଠିର ଶ୍ରୁତଲିଖନ ନବା ପାଇଁ ।

କ'ଣ ବା ସେ ଚିଠି ! ସବୁଥର ସେଇ ଏକା କଥାର ପୁନରାବୃତ୍ତି ।

'ଲେଖ୍', କନିଅପା କୁହନ୍ତି 'ପାରୁ' ।

ମୁଁ କହେ 'କ'ଣ ପାରୁ, ଖାଲି ପାରୁ ଲେଖିବି ନାଁ ତା' ଆଗରୁ ଆଉ କିଛି !' କନିଅପା କୁହନ୍ତି, 'ମୁଁ ଜାଣିନି, ଯେମିତି ଚିଠି ଲେଖନ୍ତି ସେମିତି ଲେଖ୍- ଝିଅ ପାଖକୁ କେମିତି ଚିଠି ଲେଖାଯାଏ- କ'ଣ ତୁ ପାଠ ପଢ଼ିନୁ ?'

ମୁଁ କହେ, 'ହଉ ହେଲା, ସ୍ନେହର ପାରୁ, ତା' ପରେ ?'

ତା'ପରେ କନିଅପା ପାଟିରେ କିଛି ଖାଦ୍ୟ ପାକୁଳି କରୁ କରୁ ଅର୍ଦ୍ଧନିମୀଳିତ ଆଖିରେ ଚାହିଁ ରହନ୍ତି ଆକାଶକୁ । ଯେମିତି ତାଙ୍କର ସବୁ ଭାଷାର ଝରଣା କେଉଁ ବେଦନାର ମରୁଭୂମିରେ ହଠାତ୍ ଶୁଖିଗଲା ।

ତା'ପରେ କେତେ ବେଳକୁ କୁହନ୍ତି, 'ତତେ ଗଛମୂଳକୁ ପାଇକରି ଆଣିଥିଲି ବୋଲି, ତୁ ବୋଧହୁଏ ମତେ ଆଉ ପଚାରୁ ନାହୁଁ - ଗଲା ମାସ ଚିଠି ଦେଇଥିଲି, ତୁ ତା'ର ଜବାବ୍ ଏ ଯାଏଁ ଦେଲୁ ନାହିଁ । ମୋର କପାଳ ଫାଟିବାରୁ ମୁଁ ଏଠି ଆସି ପର ଘରେ ପଡ଼ିଛି' ...ଇତ୍ୟାଦି ଇତ୍ୟାଦି । ପୁଣି ସେଇ ଗୋଟାଏ କଥାର ଅହେତୁକୀ ପୁନରାବୃତ୍ତି । ସେ ଚିଠି ଚାଲେ ଅସରନ୍ତି । ଫୁଲସ୍କେପ୍ କାଗଜରେ ପୂରା ଚାରିପୃଷ୍ଠା । ଅବାନ୍ତର ପୌନଃ ପୌନିକତାରେ ପୁଷ୍ଟ ଏକ ଦୀର୍ଘ ଚିଠିର ସାରାଂଶ ହେଲା-

'ତାଙ୍କର ମନ୍ଦ କପାଳ ହେତୁ ସେ ତାଙ୍କ ଝିଅ ପାଖରେ ନ ରହି ପର ଘରେ ଆସି ରହିଛନ୍ତି ସେ ସବୁଦିନ ଠାକୁରଙ୍କୁ ମୁଣ୍ଡିଆ ମାରୁଛନ୍ତି ଶୀଘ୍ର ଫେରିଯିବାକୁ ଓ ଇତି ମଧ୍ୟରେ ସେ ତା' ପାଇଁ କେତେବେଳେ କାନଫୁଲ କେତେବେଳେ ନାକ ମାଛି କରେଇ ରଖୁଛନ୍ତି - ଯେତେବେଳେ ଝିଅ ଜନମ ପରା ଶାଶୁ ଘରକୁ ।'

ତାଙ୍କର ଖାଇବା ସରିଲା ବେଳକୁ ଚିଠି ଲେଖା ସରେ । ତଳେ ଲେଖାଯାଏ ତୋ'ର ମା'; ତା'ପରେ ବନ୍ଧନୀ ଭିତରେ 'କନିଅପା' । ପରେ ପରେ ଚିଠିରେ ଠିକ୍ ମୂଲ୍ୟର ଡାକନିକଟ ଦେଇ ତାକୁ ଡାକ ଘରେ ମୁଁ ନିଜେ ପକେଇ ଦେଇ ଆସିବା ପାଇଁ କନିଅପାର ନିର୍ଦ୍ଦେଶ ଥାଏ । ତାହା ହିଁ କରାଯାଏ ।

ତା'ପରେ ପରେ ଏକ ଅସରନ୍ତି ଅପେକ୍ଷା । ସବୁଦିନ ଡାକପିଅନ ଆସିଲା ବେଳେ କନିଅପା ଟିକିଏ ଦୂରରେ ତଳକୁ ମୁହଁ ପୋତି ଠିଆ ହୁଅନ୍ତି, ଆଉ ଆସ୍ତେ କୁହନ୍ତି, 'ବୋହୂ' । ମା' କୁହନ୍ତି, 'ନାଇଁ କନିଅପା ତମର ଚିଠି ନାହିଁ । ଏହା ଏକ ପ୍ରାତ୍ୟହିକ ଘଟଣା ।

ଏହିପରି ପ୍ରାୟ କୋଡ଼ିଏ ପଚିଶି ଦିନର ପ୍ରତୀକ୍ଷା ପରେ ପୁଣି ଆରମ୍ଭ ହୁଏ ଚିଠି ଲେଖା ।

ଥରେ ଚିଠି ଲେଖା ପ୍ରାୟ ତିନି ପୃଷ୍ଠା ସରିଲାଣି । କନିଅପାଙ୍କର ପଖାଳ ଖିଆ ମଧ୍ୟ ସରି ଆସିଲାଣି । କେତେବେଳେ ବଡ଼ି ଚୂରାରେ ଟିକିଏ ଲଙ୍କା ଭାଙ୍ଗି ଟିପକୁ ନେଇ ପାଟିରେ ମାରୁଛନ୍ତି ତ, ଅବଶିଷ୍ଟ ଶାଗ ପତର ଦି'ଟା ଦୁଇ ଆଙ୍ଗୁଠିରେ ମକଚି ମକଚି ଗୋଟେଇ ନଉଛନ୍ତି, ପୁଣି କେତେବେଳେ ତୋରାଣି ଭିତରେ ହାତ ପୂରେଇ ତଳତଳିଆ ଭାତ ଦି'ଟା ଦରାଣ୍ଡୁଛନ୍ତି ଓ ସେମିତି ଅନେଇ ରହିଛନ୍ତି ଆକାଶକୁ ଭାବଲେଶ ଶୂନ୍ୟ ଆଖିରେ ।

ମୁଁ ଠିକ୍ ଏତିକିବେଳେ ଗୋଟାଏ ଅଖାଡୁଆ ପ୍ରଶ୍ନ ପଚାରିଦେଲି ପରା ! 'କନିଅପା ! ତମ ନା କ'ଣ ?'

ସେ ହଠାତ୍ ମୋ ଆଡ଼କୁ ଏକ ଅବିଶ୍ୱାସର ଆଖିରେ ଚାହିଁ ରହିଲେ । ସେ ଆଖି ଯେମିତି କହୁଥିଲା, 'କେତେ ଛୋପରା ହଉଚୁ, ସତେ ଯେମିତି ଜାଣି ନାହିଁ କନି ବୋଲି ।'

ମୁଁ ପୁଣି ପଚାରିଲି, 'ନାଇମ, ତମ ଭଲ ନାଁ କ'ଣ ?'

କନିଅପା ବେଶ୍ ଡେଙ୍ଗା ଆଉ ଗୋରା ତକ ତକ ଚେହେରା । ସେ ପାକୁଆ ପାଟିରେ ଟିକିଏ ହସିଦେଲେ, ଆଉ ତୋରାଣି କଂସାଟାକୁ ଧରି ଉଠି ଯାଉ ଯାଉ କହିଲେ 'କନକଲତା... ପୋଡ଼ିଯାଉ ସେ ନାଆଁ ।'

କନିଅପା ସେମିତି ଉଠି ଯାଉ ଯାଉ ତାଙ୍କରଦୀର୍ଘ ଓ ଶୀର୍ଣ୍ଣ ତନୁରେ ଯେମିତି ଅକାଳ ବସନ୍ତର ଏକ ହିଲ୍ଲୋଳ ଖେଳିଗଲା । ମୁଁ କୈଶୋର ପ୍ରାୟ ଅତିକ୍ରମ କରି ଆସୁଥିଲି ଓ ଯୌବନର ପ୍ରଥମ ଅଗ୍ନି ମୋର ଆଖିରେ ପ୍ରତିବିମ୍ବିତ ହେଉଥିଲା ମାତ୍ର ।

ମୁଁ ସେମିତି ଚୁପ୍‌ଚାପ୍ ବସି ରହିଲି । କନିଅପାର ଯୌବନରେ, ଗୋଟିଏ ତପ୍ତ କାଞ୍ଚନ ବର୍ଣ୍ଣ, ଆୟତ ନୟନା ଝିଅ ହୁଏତ ଠିଆ ହୋଇ ରହିଥିବ, କୁଆଁର ପୂନେଇଁ ଜହ୍ନରେ ଉବୁଟୁବୁ ଗାଧୋଇ ଓ ତାର କାକ କୃଷ୍ଣ କବରୀମୁକ୍ତ କେଶର ଲହରୀ ବାରମ୍ବାର ନିତମ୍ବର ପ୍ରବାଳ ଦ୍ୱୀପରେ ବାଧାପ୍ରାପ୍ତ ହୋଇ ଫେରି ଆସୁଥିବ । ଅନେକ ଦୂରରେ ହୁଏତ ଝିଅମାନେ ଗାଉଥିବେ ସମ୍ମିଳିତ ସ୍ୱରରେ, 'କୁଆଁର ପୂନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ... ।' ସେ ଦିନର ଉଦ୍‌ଭିନ୍ନ ଯୌବନା କନିଅପା ଆଖିରେ ଭଅଁର ଥିବ ଚଞ୍ଚଳ, ମୃଣାଳ ଭୁଜରେ ଚମ୍ପକ ଅଙ୍ଗୁଳି ଥିବ କ୍ରୀଡ଼ାରତ । କେବଳ ପଦ୍ମକୋରକ ଥିବ ସ୍ଥିର ଓ ଅର୍ଦ୍ଧାବୃତ୍ତ ।

ନା, ତଥାପି କନିଅପାର ଚିଠି ଆସେନା ।

ମୁଁ ବି ଆଶ୍ଚର୍ଯ୍ୟ ହୁଏ, କିଏ ଏଇ ଚିର ଉଦାସିନୀ ପାରୁ, ଯିଏ ଏତେ ଚିଠିର ଖଣ୍ଡେ ହେଲେ ଉତ୍ତର ଦିଏନା ? ମୁଁ ଅନେକଥର ମାଆଙ୍କୁ ପଚାରିଛି, ମାଆ ଖାଲି କୁହନ୍ତି କନିଅପାଙ୍କର ପିଲାପିଲି ନାହିଁ, ସେ ପାର୍ବତୀ ବୋଲି ଗୋଟିଏ ଝିଅକୁ ଝିଅ କରିଛନ୍ତି । ତାକୁଇ ଚିଠି ଲେଖନ୍ତି ।

ମୁଁ ପଚାରେ, 'କିନ୍ତୁ ପାର୍ବତୀ କାହିଁକି ଚିଠି ଦିଏ ନାହିଁ ?'

ମାଆ କୁହନ୍ତି, 'ହୁଏତ ପାଠ ଶାଠ ପଢ଼ିନି କି ଆଉ କ'ଣ ହୋଇଥିବ । ଆମର ସେଥିରେ ମୁଣ୍ଡ ପୂରେଇବାର କ'ଣ ଅଛି ?'

ହଁ, ଆଉଥରେ ବି ଗୋଟାଏ ଘଟଣା ଘଟିଥିଲା । କନିଅପା ସବୁବେଳେ ଖାଆନ୍ତି ବାଆଁ ହାତରେ । ମୁଁ ଥରେ ଚିଠି ଲେଖିବାକୁ ବସି ପଚାରି ଦେଇଥିଲି, 'କନିଅପା, ତମେ ବାଆଁ ହାତରେ କାହିଁକି ଖାଉଛ ?' କିଛି ନକହି ଅଧାଖିଆ ହୋଇ କନିଅପା ଉଠି ଚାଲିଯାଇ ଥିଲେ । ମାଆଙ୍କ ଠାରୁ ଅନେକ ଗାଳି ଖାଇଥିଲି, ମାଆ କହିଲେ, 'ସିଏ ପରା ଡେବିରୀ ଓଷା କରିଛନ୍ତି ତାଙ୍କ ଝିଅ ପାଇଁ । ତାଙ୍କ ଝିଅ କଥା କହିପାରୁ ନାହିଁ । ଯୋ' ଦିନ ଝିଅର ପାଟି ଫିଟିବ, ଆଉ ଝିଅ ଆସି ପଚାରିବ ମାଆ ତୁ ଡେବିରୀ ହାତରେ କାହିଁକି ଖାଉଚୁ, ସେଦିନ ଯାଇ ସେ ଓଷା ଉଜେଇବେ । ଯେଉଁମାନେ ଓଷା କରିଥା'ନ୍ତି, ସେମାନଙ୍କୁ କିଏ ପଚାରି ଦେଲେ ସେମାନେ ଖାଇବା ଛାଡ଼ି ଉଠଯା'ନ୍ତି ।'

କନିଅପାର ଭାବମୂର୍ତ୍ତି ଧୀରେ ଧୀରେ ମୋ ପାଖରେ ସ୍ପଷ୍ଟ ହୋଇ ଉଠୁଥିଲା ଓ ଏଇ ବିଡ଼ମ୍ବିତା ଜନନୀ, ପାର୍ବତୀଗତ-ପ୍ରାଣ, ପରଦେଶାଗତ ହେଲେ ଆମର ଏଇ କନିଅପା ।

ଶେଷ ଆଡ଼କୁ କନିଅପା କାମକୁ ଆଉ ପାରୁ ନ ଥିଲେ । କନ୍ଧା ଦି'ଖଣ୍ଡ ଘୋଡ଼ି ହୋଇ ଗୋଟାଏ କଣରେ ପଡ଼ି ରହିଥା'ନ୍ତି । ଦିନେ କୁଆଡ଼େ ମାଆଙ୍କୁ କହିଲେ, 'ବୋହୂ କେତେଦିନ ଆଉ ବସି ବସି ଖାଇବି, ମୁଁ ଗାଁକୁ ଯାଏ । ମୋ ଆଖିରେ ପାରୁ ଦିଶି ଯାଉଛି । ପାରୁ ପାଖରେ କିଛି ଦିନ ରହିସାରି ପୁଣି ଫେରି ଆସିବି ଯେ !' ସେଇଦିନ ଖଣ୍ଡେ ବ୍ୟାଗ୍ ନେଇ କନିଅପା ଯେ ବାହାରିଗଲେ- ଆଉ ଫେରିଲେ ନାହିଁ । କିଛିଦିନ ପରେ ଖବର ଆସିଥିଲା ତାଙ୍କର କାଳ ହୋଇଗଲା ବୋଲି ।

ଆହୁରି ଅନେକ ଦିନ ପରେ କାର୍ଯ୍ୟ ଉପଲକ୍ଷରେ ବଡ଼ମ୍ବା ଯାଇଥିଲି । ସାମାନ୍ୟ ଅବସର ପାଇ ଯାଇଥିଲି କନିଅପାଙ୍କ ଘରକୁ । ଚିଠି ଲେଖି ଲେଖି ତାଙ୍କର ଠିକଣା ତ ମୋର ମୁଖସ୍ଥ ହୋଇ ଯାଇଥିଲା । ବେଶି ବାଟ ନୁହେଁ, ଡାକବଙ୍ଗଳା ପାଖାପାଖି ଶିରପା ସାହିରେ ତାଙ୍କର ଘର ।

ସେଠି ମତେ ପ୍ରଥମେ କେହି ଚିହ୍ନିଲେ ନାହିଁ । ପରିଚୟ ଦବାରୁ କିଏ ଜଣେ ଖଣ୍ଡେ ଦରଭଙ୍ଗା ଚଉକିରେ ବସିବାକୁ କହି ଘର ଭିତରକୁ ଗଲେ । ଘର ଭିତରୁ ଆସିଲା ଲେମ୍ବୁ ସରବତ ଓ ଜଣେ ବୃଦ୍ଧ ଭଦ୍ରଲୋକ । ସେ ଆସି ନିଜକୁ ଜୟରାମ ବୋଲି ପରିଚୟ ଦେଇ କହିଲେ, 'କନିଅପା ମୋର ବଡ଼ ଭଉଣୀ ।'

ମୁଁ ପଚାରିଲି, 'ଆଉ ପାର୍ବତୀ ?'

ଭଦ୍ରଲୋକ କିଛି ଜାଣି ନପାରିଲା ପରି ମତେ କେବଳ ଚାହିଁ ରହିଲେ ।

ମୁଁ କହିଲି, 'ପାରୁ, ଯାହା ପାଖକୁ କନିଅପା ଆମ ଘରୁ ବରାବର ଚିଠି ଦିଅନ୍ତି ?'

ଭଦ୍ରଲୋକ ଅପ୍ରତିଭ ହୋଇ ଅବଶିଷ୍ଟ ମାତ୍ର ଦୁଇଟି ଦାନ୍ତ ଦେଖେଇ ସାମାନ୍ୟ ହସି ଉଠିଲେ, କହିଲେ, 'ପାରୁ ମୋ' ଝିଅ । କନିଅପାର ପିଲାପିଲି ତ ନଥିଲା, ମୋ' ସ୍ତ୍ରୀ ତାକୁ କନିଅପା ହାତକୁ ଏନ୍ତୁଡ଼ିଶାଳରୁ ନାଳ ନାଡ଼ କରି ଟେକି ଦେଇଥିଲା' ।

ମୁଁ କହିଲି, 'ସିଏ କ'ଣ ବାହା ହେଲାଣି ?'

ଭଦ୍ରଲୋକ ପୁଣି ହସିଲେ, 'ସେ ପିଲା କ'ଣ ରହିଲା ? ପାଞ୍ଚ ବର୍ଷରେ ପିହୁଳା ରୋଗରେ ମରିଗଲା - କନିଅପାଟା ବାୟାଣୀଟାଏ ଆଙ୍କା - ତା' କଥା କ'ଣ ଧରୁଛନ୍ତି ?'

ମୁଁ ଯିବା ପାଇଁ ଉଠି ଠିଆ ହେଲି ।

ଭଦ୍ରଲୋକ ଦୁଆରମୁହଁ ଯାଏ ମତେ ବଳେଇ ଦେବାକୁ ଆସିଲେ । ସେତେବେଳେକୁ ମୋର ଆଖି ବାଷ୍ପାଚ୍ଛନ୍ନ ହୋଇ ଆସିଥିଲା । ମୁଁ ମୁହଁ ବୁଲେଇ ଦେଇ ତରତରରେ ଚାଲି ଆସିଲି ।

ମତେ ଦେଖା ଯାଉଥିଲା କନିଅପା ଆମ ସମସ୍ତଙ୍କୁ ପଛକରି ଗୋଲପୋଷ୍ଟରେ ଠିଆ ହୋଇ ରହିଛି ଏକୁଟିଆ- ନିତାନ୍ତ ଏକୁଟିଆ । ମୋର ଇଚ୍ଛା ହଉଥିଲା ଡାକିବାକୁ- କନିଅପା !

ନା, ତାକୁ ଚୁପ୍‌ଚାପ୍ ଠିଆ ହବାକୁ ଦିଅ, ସିଏ ଅନେକ କ୍ଲାନ୍ତ ।

ପୃଷ୍ଠବଂଧ

ସ୍ରଷ୍ଟା ପରିଚିତି :-

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ଜଣେ ମନନଧର୍ମୀ ଗଦ୍ୟଶିଳ୍ପୀ ଭାବରେ ସ୍ୱର୍ଗତ ଅଖିଳ ମୋହନ ପଟ୍ଟନାୟକ ବେଶ୍ ପ୍ରତିଷ୍ଠିତ । ତାଙ୍କର ଅଧିକାଂଶ ଗଳ୍ପରେ ବିଚିତ୍ର ଚରିତ୍ରର ଚିତ୍ରଶାଳା ଭଳି ପ୍ରତୀୟମାନ ହୁଅନ୍ତି । ପ୍ରତ୍ୟେକ ଗଳ୍ପରେ ସେ ଏକ ମୂଲ୍ୟବୋଧ ସୃଷ୍ଟି କରିଛନ୍ତି । ଆଙ୍ଗିକ ଦିଗ ଅପେକ୍ଷା ଗଳ୍ପର ଆତ୍ମିକ ବିଭବ ବା ଥିମ୍ ଉପରେ ସେ ଅଧିକ ଗୁରୁତ୍ୱ ଦିଅନ୍ତି । ତାଙ୍କର ବ୍ୟକ୍ତିଗତ ଜୀବନ ପରି ତାଙ୍କ ଗଳ୍ପ ସାହିତ୍ୟ ମଧ୍ୟ ଛଳନା-ହୀନ । ପ୍ରଚଣ୍ଡ ଅନ୍ତଃ ଦୃଷ୍ଟି ବଳରେ ସେ ଚରିତ୍ରର ବିବିଧ ଦିଗକୁ ଲକ୍ଷ୍ୟ କରିଛନ୍ତି ଓ ବେଶ୍ ଆନ୍ତରିକତାର ସହ ସବୁ ଉପଲବ୍ଧିକୁ ବ୍ୟକ୍ତ କରି ପାରିଛନ୍ତି । ଗଳ୍ପର ଉପସ୍ଥାପନା ଶୈଳୀ ଖୁବ୍ ମାର୍ଜିତ ଓ କଳାକୁଶଳତାରେ ପରିପୂର୍ଣ୍ଣ । ଶବ୍ଦ ଓ ଭାଷା ବିନ୍ୟାସରେ ସେ ଯଥାସମ୍ଭବ କୌଳିନ୍ୟ ରକ୍ଷା କରିଛନ୍ତି । ଜୀବନ ପ୍ରତି ତୀର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ ହିଁ ଅଖିଳ ମୋହନୀୟ ଗଳ୍ପର ବୈଶିଷ୍ଟ୍ୟ । ତାଙ୍କର ଗଳ୍ପ ସମ୍ଭାର ମଧ୍ୟରେ 'ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର', 'ଓ ଅନ୍ଧଗଳି', 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ' ତାଙ୍କୁ ଓଡ଼ିଆ ସାହିତ୍ୟରେ ଚିରସ୍ମରଣୀୟ କରି ରଖିବ 'ଓ ଅନ୍ଧଗଳି' ପୁସ୍ତକ ପାଇଁ ତାଙ୍କୁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । ମୁଁ କାହିଁକି ଲେଖେ ଶିରୋନାମାରେ ଗାଳ୍ପିକ କହିଛନ୍ତି - ''ମୁଁ ଓ ମୋର ପାଠକମାନେ ସମସ୍ତେ ସାମାଜିକ ଜୀବ । ତେଣୁ ମୁଁ ଯାହା କୁହେଁ ଓ ପାଠକମାନଙ୍କୁ ପ୍ରେରଣା ଦିଏ ସେଥିରେ ମୋର ଏକ ସାମାଜିକ ଦାୟିତ୍ୱ ଅଛି । ଲେଖିବା ଅର୍ଥ ଦାୟିତ୍ୱ ଗ୍ରହଣ କରିବା । ତେଣୁ ମୁଁ ଲେଖେ କାରଣ ମୁଁ ପ୍ରତିଟି ଲେଖାରେ Fact to art କରି ଚାଲିଛି ଓ ସାହିତ୍ୟ ମୂଲ୍ୟବୋଧ ତିଆରି କରି ଚାଲିଛି । ଓଡ଼ିଆ ଭାଷା ପ୍ରତି ଓ ସାହିତ୍ୟ ପ୍ରତି ମୋର କର୍ତ୍ତବ୍ୟ ତ ରହିଛି । ତେଣୁ ମୁଁ ଲେଖେ ।''

ଗଳ୍ପ ସମ୍ପର୍କରେ :-

ଆଲୋଚ୍ୟ 'କନିଅପା' ଗଳ୍ପ ଅଖିଳ ମୋହନଙ୍କ 'ନଦୀର ନାମ ଗଣତନ୍ତ୍ର' ଗଳ୍ପ ସଂଚୟନରୁ ଗୃହୀତ ।

କନକଲତା ଓରଫ କନିଅପା ଏହି ଗଳ୍ପର ମୁଖ୍ୟ ଚରିତ୍ର । ନାରୀ ମନରେ ଗୋପନ ବେଦନା ଓ ଚିରନ୍ତନ ଜିଜ୍ଞାସା ହିଁ ଏହି ଗଳ୍ପର ଅନ୍ତଃସ୍ୱର । ଏକ ନିମ୍ନ ମଧ୍ୟବିତ୍ତ ପରିବାରର ରୋଷେଇବାସ ଦାୟିତ୍ୱରେ ଥିବା କନିଅପା ପରିବାରର ସମସ୍ତ ସଦସ୍ୟଙ୍କର ଖୁବ୍ ପ୍ରିୟ । ସରଳ ମଣିଷ ସେ, ଜଟିଳତା କ'ଣ ଜାଣନ୍ତି ନାହିଁ । ଏପରିକି ନିଜର ବୟସ ବି ଠିକ୍ ଭାବରେ କହିପାରନ୍ତି ନାହିଁ । ବସୁନ୍ଧରା ଭଳି ସେ ପରିବାରର ସମସ୍ତଙ୍କ ଅଳି, ଅଭିମାନ, କ୍ରୋଧ ଓ ଜଞ୍ଜାଳ ସହିଯା'ନ୍ତି । ସେହି ପରିବାର ପାଇଁ ସେ ଦୂର ସଂପର୍କୀୟ ବନ୍ଧୁ ବୋଲି କୁହାଯାଏ । ପରିବାରରେ କନିଷ୍ଠମାନଙ୍କର ରାଗ, ରୋଷ, ଅଭିମାନ, ଇଙ୍ଗିତ ଓ ବ୍ୟଙ୍ଗୋକ୍ତି ସବୁକିଛିକୁ ଜଣେ ଜେଜେ ମା' ବା ଆଇ ହିସାବରେ ସହିଯା'ନ୍ତି, କିନ୍ତୁ ଜେଜେମା' ବା ଆଇଙ୍କର

ପ୍ରାପ୍ୟ ସମ୍ମାନରୁ କନିଅପା ପ୍ରାୟତଃ ବଞ୍ଚିତ ଥିଲେ । କନିଅପା ଦୁଃଖିନୀ ନାରୀଟିଏ । ଗାଳ୍ପିକ କନିଅପା ଚରିତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ଜୀବନ ବଂଚିବା ଓ ଜୀବନଧାରଣ କରିବା ଦୁଇଟି ଭିନ୍ନ କଥା । କନିଅପା ନିଜର ମନ୍ଦ କପାଳ ହେତୁ ତାଙ୍କ ଝିଅ 'ପାରୁ' ପାଖରେ ନ ରହି ପର ଘରେ ରୋଷେଇ କରି ପେଟ ପୋଷୁଛନ୍ତି । ସେ ସବୁଦିନ ଠାକୁରଙ୍କୁ ପ୍ରାର୍ଥନା କରୁଛନ୍ତି ଯେତେ ଶୀଘ୍ର ନିଜ ଝିଅ ପାଖକୁ ଫେରିଯିବାକୁ । ଝିଅ ପାଇଁ କାନଫୁଲ, ନାକମାଛି ତିଆରି କରି ରଖିଛନ୍ତି । ଝିଅ ପାଖକୁ ଚିଠି ପରେ ଚିଠି ପଠାନ୍ତି । ଡାକ ପିଅନ ଆସିଲେ ଝିଅ ପାଖରୁ ଚିଠି ଆସିଛି କି ନାହିଁ ପଚାରନ୍ତି । ସବୁଦିନ ସେହି ଗୋଟିଏ ଉତ୍ତର ପାଆନ୍ତି - 'ନାଇଁ, କନିଅପା ତମର ଚିଠି ନାହିଁ ।' ଅସରନ୍ତି ଅପେକ୍ଷାରେ ଦିନ ବିତିଯାଏ । ପାର୍ବତୀ ଓରଫ ପାରୁ କନିଅପାର ପାଳିତା କନ୍ୟା । ନିଜର ଘର, ସଂସାର ଓ ପରିବାରଠାରୁ ଦୂରରେ ଅନ୍ୟ ଏକ ଅନାତ୍ମୀୟ ପରିବାରରେ ରହି ଆତ୍ମୀୟତା ସାବ୍ୟସ୍ତ କରୁଥିବା କନିଅପାଙ୍କର ନିଜର କିଛି ପିଲାପିଲି ନାହିଁ । ସେ ପାର୍ବତୀ ନାମକ ଗୋଟିଏ ଝିଅକୁ ପାଳିଛନ୍ତି । ପାରୁ କଥା କହିପାରେ ନାହିଁ । ସେଥିପାଇଁ କନିଅପା ଡେବିରୀ ଓଷା କରନ୍ତି, ବାଆଁ ହାତରେ ଖାଆନ୍ତି । ଲେଖକଙ୍କ ଭାଷାରେ 'କନିଅପା ବିଡ଼ମ୍ବିତା ଜନନୀ, ନିଜ ପାର୍ବତୀଗତପ୍ରାଣ, ପରଦେଶାଗତ ।' ଶେଷରେ ନିଜ ଗାଁକୁ ଫେରିଯାଇଥିବା କନିଅପାର କାଳ ହୋଇଗଲା । ନିଜ ଭାଇଠାରୁ ଏନ୍ତୁଡ଼ିଶାଳରୁ ଟେକିଆଣିଥିବା ପାରୁର ବି ପାଞ୍ଚବର୍ଷ ବୟସରେ ପିହୁଳା ରୋଗରେ କାଳ ହୋଇଯାଇଥିଲା । ପାଳିତା ହେଲେ ବି ନିଜର କନ୍ୟାପାଇଁ ଆବେଗ ଓ ଆକୁଳତାରେ ଜୀବନ ବିତାଇବା ହିଁ ଏ ଗଳ୍ପର ମୁଖ ସ୍ୱର । କନିଅପା ପାଇଁ ଅପେକ୍ଷାରେ ଅନ୍ତ ନାହିଁ । ନିଜ ଝିଅଠାରୁ ଚିଠିର ଉତ୍ତର ପାଇବାର ଆଶା ଓ ନିରାଶା ମଧ୍ୟରେ କନିଅପା ଚରିତ୍ରର ଅସହାୟତା ହିଁ ଏ ଗଳ୍ପରେ ପ୍ରତିଫଳିତ । ସତେ ଅବା ଖେଳପଡ଼ିଆର ଗୋଲପୋଷ୍ଟ ପାଖରେ ଠିଆ ହୋଇଥିବା ନିତାନ୍ତ ଏକାକିନୀ ନାରୀଟିଏ - କନିଅପା ।

କଥା ବସ୍ତୁର ବାସ୍ତବତା, ଚରିତ୍ର ଚିତ୍ରଣରେ ଜୀବନ୍ତତା ଓ ଭାଷାଶୈଳୀରେ ସରଳ ଏବଂ ସାବଲୀଳତା ଏ ଗଳ୍ପକୁ ବେଶ୍ ରସୋତ୍ତୀର୍ଣ୍ଣ କରିଛି ।

ପ୍ରଶ୍ନାବଳୀ :-

୧ । 'କନିଅପା' ଗଳ୍ପରୁ କନିଅପାର ଚରିତ୍ର ଚିତ୍ରଣ କର ।

୨ । କନିଅପା ଓ ପାରୁ ମଧ୍ୟରେ ଥିବା ସଂପର୍କର ଆଲୋଚନା କର ।

୩ । 'କନିଅପା' ଗଳ୍ପରେ ସ୍ଥାନପାଇଥିବା ପରିବାରର ସାମଗ୍ରିକ ଦୃଶ୍ୟପଟ୍ଟ ଆଲୋଚନା କର ।

୪ । ନାରୀ ମନର ଗୋପନ ବେଦନା ଓ ଚିରନ୍ତନ ଜୀବନ ଜିଜ୍ଞାସା ହିଁ, 'କନିଅପା' ଗଳ୍ପର ଅନ୍ତଃସ୍ୱର - ଆଲୋଚନା କର।

୫ । 'କନିଅପା' ଗଳ୍ପରେ ଥିବା ଗୌଣ ଚରିତ୍ରମାନଙ୍କର ଭୂମିକା ସଂପର୍କରେ ଆଲୋଚନା କର ।

୬ । ଏକ ସମ୍ବେଦନଶୀଳ ଗଳ୍ପ ଭାବରେ 'କନିଅପା' ଗଳ୍ପର ମୂଲ୍ୟାୟନ କର ।

ମନ୍ଥନ

ବୀଣାପାଣି ମହାନ୍ତି

ସକାଳୁ ଉଠି ସପଟା ଉପରେ ବସିପଡ଼ି ରାହା ଧରି କାନ୍ଦିବା ଆରମ୍ଭ କରିଦେଲା ନରି । ତଥାପି ମା'ର ନିଦ ଭାଙ୍ଗୁ ନାହିଁ । ଶେଷକୁ ନରି କାନ୍ଦ ବନ୍ଦ କରି ମା'କୁ ଚିମୁଟି କହିଲା, ''ମା ! ହେ ମା' ଉଠ୍ ବା ! ତୁ କହିଥିଲୁ ଆଜି ଯିବା ବୋଲି ପରା...''

ଗରଗର ହୋଇ କେତକୀ ଉଠିବସି ନରିକୁ ଠାଏକରି ଚଟକଣାଟିଏ କଷି ଦେଲା । ''ଯାଉଛୁ ଏଠୁ ନା ଦେଖିବୁ ? ବାପ-ପୁଅ-ଝିଅ କେହି ଟିକେ ମଣିଷକୁ ବାସ ଦେଉନ ! ଯା, ମୁଁ ଯାଇପାରିବିନି । ତୋ' ବା'କୁ କହ ତତେ ନେଇଯାଉ ।''

ନଇଁପଡ଼ିଥିବା ଦଉଡ଼ିଆ ଖଟ ଉପରୁ ଉଠିପଡ଼ିଲା ଗଣେଶ । ହାଇଟାଏ ମାରି କହିଲା, ''ଆଲୋ କେତି, ଉଠ୍ ବା ! ଛୁଆ ଦି'ଟାଙ୍କୁ ନେଇ ତୁ ଚାଲିଯାଆ । ମାଇପେ ଗଲେ ସଅଳ ସଅଳ କାମ ହୁଏ... ମିଳୁଛି ଯେତେବେଳେ ଆମେ ଛାଡ଼ିବା କାହିଁକି ?''

ସେମିତି କରେଇ ଶୋଇ ଖିଙ୍କାରି ଉଠିଲା କେତକୀ, ''କହିଲି ପରା, ଆଜି ଦୋସରା ସାଇପିଲାଙ୍କୁ ଦିଆଯିବ । ସରକାର ଘର ନିୟମ ସେମିତି । ସବୁଦିନେ ସଭିଙ୍କି ଦିଆଯିବ ନାହିଁ । ରାତି ନ ପାହୁଣୁ ବାପ ପୁଅ ମଣିଷକୁ ଟିକେ ଶାନ୍ତିରେ ଗଡ଼େଇ ଦେଉନ !''

କାନ୍ଦୁରା କଣ୍ଠରେ ନରି କହିଲା, ''ବାପା ! କାଲି ମତେ ଦୁଧ ମିଳିନି, ଏତେ ଟିକେ ଥିଲା ହାଣ୍ଡିରେ । ଯେଉଁମାନେ ବାଣ୍ଟୁଥିଲେ, ସେମାନେ ପାଣି ମିଶେଇଦେଇ ମତେ ଡଙ୍କିରେ ଡଙ୍କିଏ ଦେଲେ ଯେ, ହେଲେ ଆମ ବାଟିଟା କଣା ଥିଲା । ମୁଁ ମୁହଁ ପାଖକୁ ନେଲାବେଳକୁ ସବୁ ତଳେ ପଡ଼ିଯାଇଥିଲା । ସେଇ ନିଶୁଆବାବୁ ଜଣକ କହିଲେ... ଆଜି ଯାଇ ଆଗରେ ଛିଡ଼ା ହେଲେ... ।''

''ଆହା... ହା । ମୁଁ ମରି ଯାଉଥାଏ ଟି - ନିଶୁଆବାବୁ ଜଣକ କହିଲେ ! ହଇରେ ମେଞ୍ଚଡ଼ ଟୋକା ! ଡାହାଣାଟା, କୋଉଠୁ ମୋ ପେଟରୁ ଜନମ ହୋଇଥିଲୁରେ ! ସେ ବାବୁ ଜଣକ ତ ସବୁ ବଦମାସିର ମୂଳ ! ଆଜି ଯିବୁତ ତୋ' ଗୋଡ଼ ଭାଙ୍ଗିଦେବ ।''

ଗଣେଶ ନରମେଇ କରି କହିଲା- 'ତୁ ରାଗୁଛୁ କାହିଁକି ? ଦେଲେ ଦଉ ନ ହେଲେ ନାହିଁ । ତୁ ଯାଇଁ ଟିକେ ଦେଖ୍ । ଗରିବ ଲୋକ ବୋଲି ଆମର ଧାଇଁବା କଥା । ସରକାରୀ ଜିନିଷରେ ଅଭିମାନ ଗୋଟାଏ କ'ଣ ? କିଏ କେତେ ଆଣୁଛନ୍ତି, ଫୋପଡ଼ା ହେଉଛି । ହେଇ, ତୁ ଗଲୁ ନାହିଁ ଗଲା ବର୍ଷ, ମୁଁ ଯାଇ ଲୁଗା ଦି'ଖଣ୍ଡ, ଚାଉଳ କିଲେ, ଔଷଧମସୁଧ ଆଣିଥିଲି ତ, ଶୀତଦିନରେ ପିଠି ଘୋଡ଼ାଇବାକୁ ତ ସାହାଲୋ ! ମୋ ଆଖିକୁ ଦିଶୁନି ବୋଲି ତତେ ଖୋସାମତ, ନୋହିଲେ ମୁଁ ଔଷଧ, ଲୁଗା, ଗୁଣ୍ଡ ଦୁଧ ଆଣି ଘରେ ଜମେଇ ଦିଅନ୍ତିଣି ଲୋ ।'

ଏଥର ରାଗରେ ପାଚିଯାଇ କେତକୀ ଉଠିପଡ଼ିଲା, ଆଉ ନରି ଗାଲରେ ଚାପୁଡ଼ାଟାଏ କଷିଦେଇ କହିଲା 'ଦୁଧ ପିଇବୁ । ପି, ପି, ପି...'

ନରି କାନ୍ଦିଉଠିଲା ଆହୁରି ଜୋରରେ । ଗଣେଶ ଚୁପ୍‌ଚାପ୍ ଖଟ ଉପରେ ମୂକ ହୋଇ ବସି ରହିଥାଏ । ହଠାତ୍ କେତକୀର କ'ଣ ହେଲା କେଜାଣି କ୍ରୋଧରୁ କ୍ରନ୍ଦନରେ ଭରିଗଲା ତା'ର କଣ୍ଠ । ସେ କାନ୍ଦୁ କାନ୍ଦୁ କହିଲା, ବକଟେ ବୋଲି କ୍ଷୀର ଦେବେ କି ନାହିଁ, ସେଥିରେ ମୁଁ ଦି'ଘଡ଼ି ଖରାରେ ନାଇନ୍ ଉପରେ ଠିଆ ହେବି । କେତେ ନୋକଙ୍କ ଟାପରା ଶୁଣିବି । ସେହି ବେଳାରେ ମୁଁ ଇଟା ବୋହିବିନି କି କାହା ଘରେ ବାସନ ମାଜିବିନି କିଆଁ ? ହଁ-ଜାଣନ୍ତି ହେଲେ ସବୁ ଦିନେ ସେ କ୍ଷୀର ମିଳିବ, ମୋ ଛୁଆ ଖାଇବେ କି ଲୁଗା, ବହି ମିଳିବ, ମୋ ଛୁଆ ପିନ୍ଧିବେ ! ସେ ଖାଲି ଲୋକଦେଖାଣିଆ କଥା । ତାଙ୍କ ମନ ହୋଇଛି, ଖୁସି ନାଗୁଛି ବାଣ୍ଟୁଛନ୍ତି, ଆଜି ଦେଲେ ତ କାଲିକି ନାହିଁ । ସେଥିରେ ସେ ନିଶୁଆବାବୁର ଟାହିଟାପରା! କାହିଁକି ମୁଁ ଯିବି ? କାହିଁକି ମୋ ଛୁଆ ଯିବେ ? ଗୋଟାଏ ଦିନରେ ଜାତି ଯିବ, ପେଟ ପୂରିବନି ।' ନରି ସାହସ ସଞ୍ଚି ଥରି ଥରି କହିଲା, ଆଜି ଯିବା ବୋଉ, ଆଉ କାଲିଠୁ ଯିବାନି । ମୁଁ କୋଉଦିନୁ ଦୁଧ ପିଇନି । ସେଇ ଯେ... ସେଇ ଯେ ମତେ ଜର ହୋଇଥିଲା । ବର୍ଷାଦିନେ ତୁ ଯାଇଁ କ୍ଷୀର ଆଣିଥିଲୁ । ହେଲେ, ସେତେବେଳେ ମୁଁ କ'ଣ ଜାଣିଛି, ମୋର ମନେ ନାହିଁ ଲୋ ବୋଉ ! ଗୁନା କହୁଥିଲା ଏ ଦୁଧରେ ଚିନି ପଡ଼ିଛି । ଗିଲାସେ ପିଇଦେଲେ ଦି'ଦିନ ଭୋକ ହେବନି । ମୁଁ ତତେ ଖାଇବାକୁ ମୋଟେ ମାଗିବିନି... ।'

ନରିକଥାରେ ଚାରିଆଡ଼ ନିସ୍ତବ୍ଧ ହୋଇଗଲା । ଗଣେଶ ଖଟ ଉପରେ ନ ବସିପାରି ପୁଣି ଗଡ଼ିପଡ଼ିଲା । ଉତ୍ତର ନ ଦେଇ କେତକୀ ଉଠିପଡ଼ି ଦୁଆର ଆଡ଼କୁ ଆଗେଇଗଲା । ଝିରି ଝିରି ସକାଳର ଶୀତୁଆ ପବନ ନରିର ଦେହ, ମୁଣ୍ଡରେ ବାଜି ତାକୁ ଶୀତେଇ ଦେଇଥିଲା ବେଶି ବେଶି । କମ୍ବଳଟା ଏମିତି ଛିଣ୍ଡିଯାଇଛି ଯେ ଟେକିଧରିଲେ ମିଳେଇ ଝଡ଼ିପଡ଼ିବ ହାତରୁ । କୁଙ୍କୁରି ଉଠି ନରି ଦୁଇ ହାତ ଛାତିରେ ଜାକି ବାହାରିଗଲା ପଦାକୁ । ବୋଉ କହେ, ବସି ରହିଲେ ଶୀତ ମାଡ଼ିବସେ କୁଆଡ଼େ । ସକାଳୁ ସକାଳୁ ବୋଉ ସବୁଦିନେ ତାକୁ କୋଳରେ ପୂରେଇ ଘଡ଼ିଏ ଶୋଇରହେ । ନରିର ଦେହ ସେଇଥିରେ ଉଷୁମ ଏମିତି ହୋଇଯାଏ ଯେ ତାକୁ ଆଉ ଶୀତ ଲାଗେ ନାହିଁ । ଆଜି ବୋଉ ଉଠିଗଲାଣି ଆଗରୁ ।

ନରି ଉଠିଯାଇ ଦେଖିଲା ବୋଉ ଦାନ୍ତକାଠି ପାଟିରେ ପୂରେଇ ଚୁପ୍‌ଚାପ୍ ବସିଛି । ଆଉ ଟିକେ ଦୂରରେ ଝରି, ତା'ର ସାନ ଭଉଣୀ, ଷଢ଼େଇ ଆଉ ମାଟି କଣ୍ଢେଇ ଧରି ମନକୁ ମନ ଗୀତଗାଇ ଖେଳ ଆରମ୍ଭ କରିଦେଲାଣି । କ'ଣ କରିବ ନରି ବୁଝି ନ ପାରି ବସିପଡ଼ିଲା ପିଣ୍ଡାତଳକୁ ଗୋଡ଼ ଓହଳାଇ । ବୋଉ ଛେପ ମେଞ୍ଚାଏ ତଳେ ପକାଇ କହିଲା - ''ଆରେ ବସିଲୁ କାହିଁକି ? ମୁହଁଟା ଧୋଇଦେଇ ମାଉସୀଘରକୁ ଯାଇ ଭଲ ବାଟିଟିଏ ମାଗି ଆଣିବୁ ଗଲୁ-କିଛି କହିବୁନି, କହିବୁ ବୋଉ କହିଛି, ସଞ୍ଚକୁ ଫେରେଇଦବ ।''

ଖୁସିଟାଏ ହୋଇ ନରି ମୁହଁ ଧୋଇପକାଇ ଚାଲିଗଲାବେଳେ ଶୁଣିଲା, ବୋଉ କହୁଛି, 'ଆଲୋ ଝରି । ଯା, ତୁ ବି ସଫାସୁତର ହୋଇପଡ଼ । ଭାଇ ଆଉ ତୁ ସାଙ୍ଗ ହୋଇ ଚାଲିଯିବ । ସେ ଟିଣ ଗିଲାସଟା ପଛରେ ମଇଦା ଅଠାଟିକେ ମାରିଦେବୁ । ସେଇ ଠୁଙ୍ଗା କାଗଜ ପାଖରେ ହାଣ୍ଡିରେ ଅଛି, ଯା, ସଅଳ, ନ ଗଲେ କାଲିପରି ହରକତ ହବ ମଣିଷ !

ସୂର୍ଯ୍ୟ ପରିଷ୍କାର ହୋଇ ନ ପଡୁଣୁ ନରି ଆଉ ଝରି ସଫାସୁତର ହୋଇ ବାହାରି ପଡ଼ିଲେ । ଆଜି ଶୀଘ୍ର ଯାଉଥିବାରୁ ଆଉ ଭଲ ଗ୍ଲାସଟାଏ ହାତରେ ନେଇଥିବାରୁ ମନଟା ଖୁସି ଅଛି । କାଲି ଡେରି କରି ଯିବାରୁ ସିନା ସେ ନିଶୁଆବାବୁ ବିଗିଡ଼ିଗଲା । ନରିର ପାଳିପଡ଼ିବା ବେଳକୁ ବି ହାଣ୍ଡିରୁ କ୍ଷୀର ସରିଯାଇଥିଲା । ଗୁନା କହୁଥିଲା, ବେଳେବେଳେ ସରିଗଲେ ପୁଣି ନିଶୁଆବାବୁ ହାଣ୍ଡିଟାକୁ ଘର ଭିତରକୁ ନେଇ ହାଣ୍ଡିଏ ଦୁଧ ବୋହିଆଣେ । କେବେ କେମିତି ବଡ଼ ବଡ଼ ଲୋକମାନେ

ଯଦି ଆସି ପହଞ୍ଚିଯାନ୍ତି ଗାଡ଼ି ମଟରରେ, ସେମାନେ କୁଆଡ଼େ କ'ଣ ମନ୍ତ୍ର କରିଦିଅନ୍ତି ଯେ କ୍ଷୀରଗୁଡ଼ା ବହଳିଆ ହୋଇଯାଏ, ମିଠା ମିଠା ଲାଗେ - ଚିନିପରି । ସେ ବାବୁମାନେ, ପିଲାଙ୍କ ଗାଲରେ ଟିପ ମାରିଦିଅନ୍ତି, ମୁଣ୍ଡ ସାଉଁଲେଇ ଦିଅନ୍ତି, ଫଟୋ ଉଠେଇ ନିଅନ୍ତି, ମାଗିଲେ ଦଶ-ପନ୍ଦର-କୋଡ଼ିଏ ପଇସା ବି ପକେଇ ଦିଅନ୍ତି ! ନରି କେବେହେଲେ ସେମିତି ବାବୁ କି ମା'ମାନଙ୍କର ଭେଟ ପାଉ ନାହିଁ । ଗୁନାଟା ସବୁଥିରେ କପାଳିଆ । ଏତିକିବେଳେ ଝରି କହିଲା ବୋଉଲୋ ମୁଁ ଚାଲିପାରିବିନି... ମତେ କାଖେଇ ନେ' ଗୋଡ଼ ବିନ୍ଧିଲାଣି ।

ନରି ଜାଣିଲା ବୋଉ ବିଗିଡ଼ିଯିବ । ଏମିତି ବି ହୋଇପାରେ ଏଇଠୁ ଘରକୁ ସେ ଫେରିଯିବ । ହେଲେ, ଆଶ୍ଚର୍ଯ୍ୟ କଥା, ବୋଉ ବିଗିଡ଼ିଲା ନାହିଁ । ଖାଲି ମୁହଁକୁ ନ ଅନାଇ କହିଲା, ''ଆଉ ଟିକିଏ ତ ! ଗୀତ ଗାଇ ଗାଇ ଯାଉନା ଭାଇଭଉଣୀ । ବାଟ ଚାଲିଲେ ବାଧିବ ନାହିଁ । ଦେହ ଫୁର୍ତ୍ତି ରହିବ । ହେଇ, ସେ ମୋଡ଼ରେ ମୁଁ ଡାହାଣ ହାତି ଯିବି ବାବୁଘରକୁ କାମରେ, ଆଉ ତୁମେ ଭାଇଭଉଣୀ ବାଁହାତି ଯିବ । ଗଳିମୁଣ୍ଡରେ ତ କେନ୍ଦ୍ର । ସେଇଠି ତୁମ ପରି ପିଲା ନାଇନ୍ ଲଗେଇଥିବେ, ଜାଣିବାକୁ ଅସୁବିଧା ହେବ ନି ।''

ନରି ଚମକି ପଡ଼ି କହିଲା, ''ବୋଉ ! ତୁ ଯିବୁ ନି ? ଆମେ କେମିତି ଯିବୁ ? ସେ ନିଶୁଆବାବୁ ଯଦି ଗାଳିଦିଏ ?'

କେତକୀ ବିରକ୍ତ ହୋଇ କହିଲା, 'ଡରୁଛୁ କାହିଁକି ? ଡରୁଛୁ ଯଦି, ଯାଉଛୁ କାହିଁକି ? ଶୁଣିଲୁନି କି ତୋ ବାପା କହିଲା ସରକାରୀ ମାଲରେ ଜାତି ଗୋତ୍ର ନାହିଁ । ହକ କହିଦେବୁ, କାଲି କ୍ଷୀର ପାଇ ନ ଥିଲୁ, ଆଜି ଆସିଛୁ, ଦେବାକୁ ହେବ । ବୁଝିଲୁ ? ଡରିବୁନି ! ମୁଁ କାମସାରି ସେଠିକି ଯିବି, ଯଦି ତୁମେ ଥିବ ସେଯାଏଁ, ଭଲ କଥା, ନ ହେଲେ... ଏ ଶୁଣ ନରି ! ଝରିର ହାତ ଧରିନେବୁ ! ଗାଡ଼ି-ମଟର ଧାଉଁଛି... ନିଘା ରଖିବୁ ! ଆଉ ସବୁଯାକ କ୍ଷୀର ପିଇ ଦେବନି । ବାପା ପାଇଁ ଯଦି ହବ, ଗିଲାସରେ ଟିକେ ଆଣିବ ।'' ଶେଷ କଥା ବେଳକୁ କେତକୀର ଆଖିରେ ଟିକେ ପାଣି ଜକେଇ ଆସିଥିଲା । ଆଉ କିଛି ନ କହି ଡାହାଣପଟ ଗଳିରେ କେତକୀ ପଶିଗଲା ।

ନରି ଝରିକୁ ଟିକେ ଚାହିଁଲା । ବୟସରେ ତା'ଠାରୁ ବର୍ଷେ ବଡ଼ ବୋଲି ମୁରବୀପଣରେ ତା' ହାତରୁ ଗିଲାସଟା ଛଡ଼େଇ ନେଇ କହିଲା, ''ଦେ, ତୁ ମୋ ହାତ ଧରି ଚାଲ୍ । ଗିଲାସ ମୁଁ ଧରିବି । ମୁଁ ଯାହା ଯାହା କହିବି ତୁ ସେଇଆ କରିବୁ ।'' ଝରି କହିଲା, ''ଭାଇ, ବାପା ପାଇଁ କ୍ଷୀର ଆଣିବା, ଆଉ ବୋଉ ପାଇଁ ଆଣିବାନି ?''

ନରି ମୁରବୀପଣରେ ହସିଦେଇ କହିଲା, ''ମୁଁ ମୋଟେ ପିଇବିନି । ତୁ ପିଲାଲୋକ, ଟିକେ ପିଇବୁ, ବାକି ଘରକୁ ନେଇ ଆସିବା । ବୋଉ ପିଇବ ଅଧେ, ଆଉ ବାପା ପିଇବେ ।''

ଝରି କହିଲା, ''ନାହିଁ, ନାହିଁ । ଆମର ତାକୁ ଖିରି କରିବା । ବୋଉ ସେଦିନ ବାବୁ ଘରୁ ଯେଉଁ ଖିରି ଆଣିଥିଲା, କେତେ ଭଲ ଲାଗୁଥିଲା ! ଆମେ ଖାଇଦେଲେ... ବାପା ପଚାରିଲାରୁ ବୋଉ କେମିତି ରାଗି ଗାଳିଦେଲା ବାପାଙ୍କୁ । ନାହିଁ ଭାଇ, ଆମେ ଆଜି କ୍ଷୀର ପିଇବାନି, ସବୁ ଘରକୁ ନେଇଯିବା ।''

ନରି ପାଇଁ ପ୍ରସ୍ତାବଟା ଲୋଭନୀୟ ହେଲେ ବି ବିଶ୍ୱାସଯୋଗ୍ୟ ହେଉ ନ ଥିଲା । ଝରିଟା ହୁଣ୍ଡୀଟାଏ, ଖିରିରେ ଚିନି ଭଲକରି ନ ପଡ଼ିଲେ ସେ କ'ଣ ଭଲ ଲାଗିବ ? ଚିନି କଥା ପଡ଼ିଲେ ବୋଉ ରାଗିବ । ହଉ, ଦେଖାଯାଉ ଶେଷଯାଏ କ'ଣ ହେଉଛି ?

ସତରେ ତ ! ଗଳି ସରିଗଲା ନା କ'ଣ ? କାଲି ଯେଉଁଠି ସେ ଛିଡ଼ା ହୋଇଥିଲା ଆଜି ଆସି ପହଞ୍ଚି ଯାଇଛି ସେଇଠି । କାଲି ପରି ବାଟଚଲା ଆଜି ବାଧୁନି ।

ହେଲେ କ'ଣ ହେବ ? ସେ ଯେତେ ଚଞ୍ଚଳ ଆସୁନା କାହିଁକି, ଭିଡ଼ ଜମିଗଲାଣି ! କେତେଲୋକ ଛୁଆପିଲା ଧରି ଆସି ଜମା ହୋଇଗଲେଣି । କୋଉଦିନ ହେଲେ ବି ସେ ଆଗରେ ଆସିପାରିଲାନି ।

ଝରିର ହାତ ଧରି ନରି ଟାଣିନେଇ ଲାଇନରେ ଛିଡ଼ା ହୋଇଗଲା । ଏଯାଏଁ ନିଶୁଆବାବୁ ଆସିନି କି ଆସି ନାହିଁ ଗାଡ଼ି-ମଟର ଥୋଇ ଫଟୋ ଉଠାଉଥିବା ସେଇ ପେଟୁଆ କାଳିଆ ଲୋକଟା, ଏତିକି ଯାହା ସାନ୍ତ୍ୱନା !

ଝରି କହିଲା, ''ଭାଇ ! ତୁ ଆଗରେ ଛିଡ଼ା ହ' । ମତେ ଯଦି ଗାଳିଦେବ ! କାଲି ମୁଁ ତୋ ଆଗରେ ଥିଲି ପରା... !''

''ହଉ, କ'ଣ ହେଲା ସେଥିରେ ? ଆଜି ବି ଆଗରେ ରହିବୁ ! ହେ, ତୋ'ର ସେ ନାଲି ରିବନ୍‌ଟା ବାନ୍ଧି ଆସିଲୁନି, ଯଦି ଫଟୋ ଉଠିବ ?'' ''ତୁ ମତେ କହିଲୁନି, ମୁଁ କେମିତି ଜାଣିବି ଯେ... !'' ଝରି ଉତ୍ତର ଦେଲା । ନରି କିଛି ଜବାବ ଦେଲାନି, କାରଣ ସେ ଦେଖିଲା ହଠାତ୍ କାଳିର ଦୁଧବଣ୍ଟାଳି ସେଇ ନିଶୁଆବାବୁ ଅଣ୍ଟାରେ ଲୁଗାଟାଏ ବାନ୍ଧିଦେଇ ନସର ପସର ହୋଇ ଆସୁଛି ।

ନରି ନଇଁପଡ଼ି ଝରି କାନରେ କହିଲା, ''ବୁଝିଲୁ ! ଏଇ ଲୋକଟା ଭାରି କପାଳିଆ ! ଗୁନା କହୁଥିଲା, ଗଲାବର୍ଷ ଚାଉଳ, କମଳ ଆଉ ଔଷଧ ହେରିକା କୁଆଡ଼େ ବାଣ୍ଟିବାକୁ ଯାଇଥିଲା ଯେ ଲୋକଙ୍କୁ ନ ଦେଇ ସବୁ ତା' ଘରକୁ ନେଇ ଆସିଲା । ପୋଲିସ ତାକୁ ଧରିଥିଲା, ଟଙ୍କାପଇସା ଦେଇ ଖସିଗଲା ! ସବୁ ବଡ଼ ବଡ଼ ବାବୁମାନଙ୍କୁ ହାତରେ ରଖିଛି କୁଆଡ଼େ ! ଦେଖୁନୁ, ତା' ନିଶ କେମିତି ଫୁଲି ଫୁଲି ଉଠୁଛି ।''

ଝରି କହିଲା, ''ମୁଁ ତାକୁ ଚାହିଁଲେ ମତେ ଡର ଲାଗୁଛି ! ଯଦି ଗାଳିଦେବ, ମାରିବ !''

କାହିଁକି ? ଆମେ କ'ଣ ଚୋରି କରିଛେ କି ତା' ପରି ? ସରକାରୀ ଧନରେ ସେ ଆମ ଉପରେ ରାଗିବ କାହିଁକି ? ତା' ଜିନିଷ ଦଉଥିଲେ ସିନା ରାଗନ୍ତା ?''

ଦୁଧବଣ୍ଟା ଆରମ୍ଭ ହୋଇଗଲାଣି । ଯେତେ ଚେଷ୍ଟାକଲେ ବି ଲାଇନରେ ଲୋକଗୁଡ଼ା ପିଲାଙ୍କୁ ନେଇ ଧସେଇ ପଶୁଛନ୍ତି, ଆଉ ନରି ଓ ଝରି ପଛକୁ ପଛ ଘୁଞ୍ଚି ଯାଉଛନ୍ତି, ବଳ ପାଉନି ବଡ଼ ମଣିଷଙ୍କ ସଙ୍ଗରେ କଳିତକରାଳ କରିବାକୁ । କାଲି ଆସିଥିଲେ ବୋଲି ଯଦି କିଏ କହିଦିଏ ! ଝରି ପାଟିକରି କହିଲା - ''ଭାଇ ! ଦେଖ୍, ଦେଖ ସେ ପିଲା ଦିଇଟା କାଲି ଆସିଥିଲେ । ତାଙ୍କ ସାଙ୍ଗରେ ଦେଖୁନୁ ସେ ବୁଢ଼ା ବି ଆଜି ଆସିଛି... ମୁଁ ଠିକ୍ ଦେଖିଛି ପରା, କାଲି ସେମିତି ଛିଟ ଜାମା ପିନ୍ଧି ସେ ଝିଅ ଆସିଥିଲା - ତା' ଗୋଡ଼ଟା କାଲି ବି ଛୋଟା ଥିଲା । କେତେ ପଛରେ ଥିଲେ କେମିତି ଆଗରେ ଯାଇ କ୍ଷୀର ଆଣିଲେଣି ! ପିଇଲେଣି, ଦେଖୁନୁ ? ଆଉ ଆମକୁ ସେ ବାବୁ କାହିଁକି ଗାଳିଦେବ ଯେ ! ବୋଉ ଆସିଥିଲେ କେତେ ଶୀଘ୍ର ଆମକୁ ନେଇ ଯାଆନ୍ତାଣି... ତୁ ତ' ଡରୁଆଟା !'

ନରି ଦେଖିଲା ସତକୁ ସତ ଲୋକଗୁଡ଼ା ତାଙ୍କୁ ଠେଲିଦେଇ ମାଡ଼ି ଯାଉଛନ୍ତି । ସବୁ ମନକୁ ମନ ହେଇଯାଉଛି, ଆଉ ଲାଇନ୍‌ରୁ ଖସିଯାଇ ସେମାନେ ପଛକୁ ପଛ ପେଲି ହୋଇ ଯାଉଛନ୍ତି । ଶେଷକୁ କାଳିପରି ହେବ ! ପଛ ଲୋକଙ୍କ ପାଇଁ କ୍ଷୀର ନ ଥିବ, ହାଣ୍ଡିରେ ପାଣି ପୂରେଇଲେ ବି ଅଧଡଙ୍କିଏ କ୍ଷୀର ହେବନି !

ନରି କ'ଣ ଭାବିଲା କେଜାଣି ଝରିର ହାତଟା ଧରି ଲାଇନ୍‌ରୁ ଖସିଯାଇ ନିଶୁଆବାବୁ ପାଖରେ ଛିଡ଼ା ହୋଇ ଦୁଇଟାଯାକ ଗିଲାସ ବଢେଇଦେଲା ବେଳକୁ କିଏ ଜଣେ ପାଟିକରି ଉଠିଲା ପଛରୁ - ''ହେ; ସେ ଟୋକା ଟୋକୀ ଦୁଇଟା ତ ଭାରି ଚାଲାଖ ! ହେ ବାବୁ ! ଲାଇନ୍ ପଛରୁ ସମସ୍ତିଙ୍କି ପେଲି ଦେଇ ଆଗକୁ ମାଡ଼ିଗଲେ ବୋଲି କ'ଣ ଆଗ କ୍ଷୀର ପାଇଯିବେ ?''

ନିଶୁଆ ବାବୁ ଡଙ୍କିରେ ଡଙ୍କିଏ କ୍ଷୀର ଢାଳି ଦେବାକୁ ଯାଉ ଯାଉ ପାଟିତୁଣ୍ଡ ଶୁଣି ଅଟକିଗଲା ଆଉ ଗାରଡ଼େଇ ନରି ଝରିକୁ ଅନେଇଲା । ନରି ଦେଖିଲା ତାଙ୍କ ଆଖି ଦୁଇଟା ଭାରି ଲାଲ । ମନ୍ଦାର ଫୁଲ ପରି ଚହଚହ ଦିଶୁଛି । ତଥାପି ଡରି ନ ଯାଇ କହିଲା- ''ସମସ୍ତେ ତ ଆମକୁ ପେଲିଦଉଛନ୍ତି, ଆମେ କ'ଣ କରିବୁ ? କାଲି ଏମିତି ଲାଇନ୍ ଦେଇ ଦେଇ ଗଲୁ !''

ନିଶୁଆବାବୁ ଗର୍ଜି ଉଠିଲା - ''ଶାଲା ବଦମାସ୍ ! କାଲି ଆସିଥିଲୁଟି ? ଆଜି ତତେ କିଏ କହିଲା ଆସିବାକୁ ? ଆରେ ଏଇଟା ତ ଅସଲ ଚୋର ! ତେଣେ ପୁଣି ସଭିଙ୍କି ଠେଲାପେଲା କରି ଧାଉଁଛି ! ଚୋର ମୁହଁ ତ ଭାରି ଟାଣ । ଉଠ୍, ଗଲୁ ଏଠୁ ! ତତେ ବିଲ୍‌କୁଲ ଦିଆଯିବନି ! ନାଃ ! ଟୋପାଏ ବି ନୁହେଁ ! ମୁଁ ସେଇଆ ଭାବୁଛି, ଏତେ କ୍ଷୀର ଆସୁଛି, ବାଣ୍ଟି ବାଣ୍ଟି ହାତ ଟେକି ହେଉନି । ହେଲେ ସାଇ ସାଇ ବୁଲି ବାବୁ ପଚାରିଲେ କୁଆଡ଼େ ଦି' ଚାରିଟା ଛୁଆ ବି କ୍ଷୀର ପାଉନାହାନ୍ତି । କେମିତି ହେବ ? ସବୁଦିନେ ଯଦି ସେଇ ପିଲା ଚୋରିକରି ପିଅନ୍ତି, ଆଉ କାହାକୁ ମିଳିବ ? ମୁଁ କେତେଥର କହିଛି ପାଳିକରି ଆସ ! ନା, ହେଲାନି । ଶେଷକୁ ମୋ'ରି ଦୋଷ, ମୁଁ ଖାଇଗଲି । ହଇହେ ସମସ୍ତେ ଶୁଣୁଛଟି ! ହେ ପିଲା, ତୋ' ବାପା ମା' କିଏ ? କୋଉ ସାଇରେ ତୋ' ଘର ?'

ନରି ଡରିଯାଇ ଗୋଟାପଣେ ଥରୁଥିଲା । ଝରି ତ ସେତେବେଳକୁ ଭେଁ ଭେଁ କାନ୍ଦି ଚାରିଆଡ଼ ଫଟେଇ ଦେଲାଣି । ସବୁ ଲୋକଙ୍କ ଆଖି ତାଙ୍କରି ଉପରେ ।

ନିଶୁଆବାବୁ ପାଖରେ ନଳି ପ୍ୟାଣ୍ଟ ଆଉ ନାଲି ଗେଞ୍ଜି ପିନ୍ଧି ଛିଡ଼ା ହୋଇଥିବା ପିଲାଟା ବାରଣ୍ଡା ତଳକୁ ଓହ୍ଲାଇ ଆସି ନରି ପେଟକୁ ଚିମୁଟି ଧରି ପଚାରିଲା, 'ହେ ଟୋକା ! କାଲି ଆସି ନଥିଲୁ ? ସତ କହ ! ମୁଁ ଦେଖିଛି, ତୁ କାଲି ଆସିଥିଲୁ, ତା' ପୂର୍ବଦିନ, ତା'ପୂର୍ବଦିନ, ତହିଁ ପୂର୍ବଦିନ ଏମିତି ହୋଇ ଯେତେଦିନ... ମାନେ ସବୁଦିନ ଆସିଛୁ । କୋଉଦିନ ନାଲିପ୍ୟାଣ୍ଟ ତ, କୋଉଦିନ ନେଳି ତ କୋଉ ଦିନ ଗାମୁଛା । ଦେଖ ବାବୁଙ୍କୁ ! ଆଜି ଛିଣ୍ଡା ପ୍ୟାଣ୍ଟରୁ କୁକୁର ପେଟ ଦେଖେଇ ଆସି ଛିଡ଼ା ହୋଇଛନ୍ତି ? ସତେ କି ଦୁର୍ଭିକ୍ଷରୁ ଉଠି ଆଇଛି... ''

ନରି ପାଟିକରି ଉଠିଲା ଯନ୍ତ୍ରଣାରେ, ''ନାଇଁ ବାବୁ ! ମୋର ଏଇ ଖଣ୍ଡିକ ପ୍ୟାଣ୍ଟ... ଯାକୁ ପିନ୍ଧି ମୁଁ କାଲି ଆସିଥିଲି, ଦୁଧ ସରିଗଲାରୁ ମତେ ଆଜି କହିଲେ ଆସିବାକୁ ! ମୁଁ ମିଛ କହୁନି; ଆଃ ! ମୋ ପେଟ, ମରିଗଲି ଲୋ ବୋଉ !'

ନିଶୁଆବାବୁ ଜଣକ ପାଟିକରି ଉଠିଲା, ''ଦେଖ, ଦେଖ ଏ ଟୋକାର କଥାକୁ ? ହଇରେ ମାଗତା, ମୁଁ ତତେ କହିଥିଲି ? ପକେଇବି ଯେ ଚାପୁଡ଼ାଟେ, ବୋପାକୁ ମଉସା ଡକେଇଦେବି ।

କେଜାଣି କେତେ ଲୋକ ସେଠି ଛିଡ଼ା ହୋଇଥିଲେ ସମସ୍ତେ ହୋ' ହୋ' କରି ହସି ଉଠିଲେ; କେବଳ ନରି ପେଟକୁ ଦୁଇ ହାତରେ ଧରି ଲଜ୍ଜା ଅପମାନରେ ଭାଙ୍ଗିପଡୁଥିଲା ।

ଏହି ଅବସ୍ଥାରେ ହୁଲସ୍ଥୁଲ ପଡ଼ିଗଲା । ହସ ବନ୍ଦ ହୋଇଗଲା । ନିଶୁଆବାବୁ ବାରଣ୍ଡା ଉପରକୁ ଉଠିଗଲେ, ଆଉ ଅନ୍ୟ ଲୋକମାନେ ଘେରରୁ ଯାଇ ସଜାଡ଼ି ହୋଇ ଛିଡ଼ା ହୋଇଗଲେ ।

ଗୁରୁଗମ୍ଭୀର କଣ୍ଠରେ କିଏ ଜଣେ ପଚାରିଲା, 'କ'ଣ ହେଉଛି ଏଠି ? କ୍ଷୀର ବଣ୍ଟା ଯାଉଛି ନା ଥଟ୍ଟା ତାମସା ଚାଲିଛି? ଏଠି କାମ ସାରିଲେ ଅନ୍ୟ କାମ ଅଛି, ନା ତୁମର ମଉଜ ମଜଲିସ୍ ଚାଲଥିବ ! ଦେଶ କାମରେ ଏତେ ମଉଜ କ'ଣ ?

''ନାହିଁ ସାର୍ ! କାଲି ଆପଣ କହୁଥିଲେ ନା ପିଲାଏ କ୍ଷୀର ଖାଉ ନାହାଁନ୍ତି ଆଉ ଆମେ ସବୁ ପିଇ ଯାଉଛୁ ! ଦେଖୁ ନାହାନ୍ତି ସପ୍ତାହରେ ଥରେ ଗୋଟେ ସାହିର ଭାଗ ପଡ଼ିଲେ କ'ଣ ହେବ, ଅନ୍ୟ ସାହିର ପିଲା ଭିଡ଼ କରିବେ, କହିଲେ ଶୁଣିବେନି ! ଦେଖୁ ନାହାଁନ୍ତି, ଏଇ ମେଞ୍ଚଡ଼ ଟୋକାକୁ... ରୋଜ୍ ରୋଜ୍ ଆସିବ, କହିଲେ ପୁଣି ଯୁକ୍ତି କରିବ ।''

ମୁଣ୍ଡରେ ଟୋପି, ଦେହରେ ସଫା ଲୁଗା-ସାର୍ଟ, ହାତରେ ନାଲି ନେଳି ପଥରବସା ମୁଦି । ଆଉ ତାଙ୍କ ସାଙ୍ଗରେ ସେଇ କାଳିଆ ପେଟୁଆ ଫଟୋ ଉଠାଳି ଲୋକଟା । ନରି କିଛି ନ କହି ମୁହଁପୋତି ଛିଡ଼ା ହୋଇଥାଏ । ଆଉ କ୍ଷୀର ପିଇବାକୁ ମନ ନାହିଁ, ଖାଲି ଦୌଡ଼ି ପଳାଇବ କେମିତି ବୁଦ୍ଧି ଦିଶୁନି ତାକୁ ।

ସେହି ସଫା ଲୁଗାପିନ୍ଧା ବାବୁ ଜଣକ ଫୁସ୍‌ଫୁସ୍ ହୋଇ କ'ଣ କଥା ହେଲେ, ଆଉ ସମସ୍ତିଙ୍କି ଶୁଣେଇଲା ପରି କହିଲେ-

''ଗରିବ ପିଲା ଦି' ଟାଙ୍କ ଆଶା ଅଛି ମନରେ ! ଡଙ୍କିଏ ତାଙ୍କୁ ଦେଇଦିଅ ହୋ ! କାହିଁକି ଧନ୍ଦା ବଢ଼ଉଛ ? ସବୁ ତ ଏଇ ପିଲାଙ୍କ ପାଇଁ, ଦେଶ ଆଉ ଜାତି ଏଇମାନଙ୍କ ପାଇଁ ଯୋଜନା କରୁଛି, ଏମାନଙ୍କ ଉନ୍ନତିରେ ଆମର ଉନ୍ନତି । ହେଲେ, ଏ ଦେଶରେ ଜାତୀୟ ଚରିତ୍ରଟା ତ ଦିନକୁ ଦିନ ନିମ୍ନକୁ ଯାଉଛି । ଛାଡ଼, ଆଗ ପିଲାଏ ସୁସ୍ଥ ହୁଅନ୍ତୁ, ତା'ପରେ ଯେଉଁ କଥା । ଲୋଭଟା ତ ଏ ଦେଶକୁ ଖାଇଗଲା ! ଯେତେ ଦେଲେ ବି ଅଣ୍ଟୁ ନାହିଁ !''

ସିଏ ଏଇକଥା କହିଲାବେଳେ ଫଟୋ ଉଠୁଥିଲା । ଧାଡ଼ି ଲଗେଇ ଛିଡ଼ା ହୋଇଥିବା ପିଲାଗୁଡ଼ାକ ପାଖକୁ ଯାଇ ମୁଣ୍ଡ ସାଉଁଳେଇ ଫଟୋ ଉଠେଇନେଲେ । ନରିର ଆଖିରେ ସେତେବେଳକୁ ଲୁହ ଶୁଖିଯାଇଥିଲା, ପେଟରୁ ଯନ୍ତ୍ରଣା ଚାଲିଯାଇଥିଲା, ଆଉ କ୍ଷୀର ପିଇବାକୁ ଟିକିଏ ବୋଲି ଆଗ୍ରହ ନ ଥିଲା । ଲଜ୍ଜା ଅପମାନରେ ଶିହରି ଯାଇ ସେ ବଧିର-ଜଡ଼ ହୋଇଯାଇଥିଲା!

ବାବୁ ଜଣକ ଲାଇନ୍ ତଦାରଖ କରି ଫେରି ଆସିଲେ ପୁଣି ଦୁଧହାଣ୍ଡି ପାଖକୁ । ନିଶୁଆ ବାବୁଙ୍କୁ କ'ଣ କହିଦେଇ ଫେରି ଯାଉ ଯାଉ ନରି ଉପରେ ତାଙ୍କର ଆଖି ପଡ଼ିଗଲା କ୍ଷଣି ସେ କହିଲେ - ''ଆରେ ପିଲା ! ଏଣିକି ଭଲ ବୁଦ୍ଧି କରିବୁ। ଚୋରି କରିବୁନି କି ମିଛ କହିବୁନି ବୁଝିଲୁ ? ସତ୍‌ପଥରେ ରହିଲେ ସିନା ବଡ଼ ମଣିଷ ହୁଅନ୍ତି । ଆଚ୍ଛା ! ମୁଁ କହି ଦେଉଛି, ତତେ ସେମାନେ ଆଜି କ୍ଷୀର ଦେବେ । ପୁଣି ଯାଇ ସାତ ଦିନ ପରେ ଆସିବୁ ! ଆଉ ମିଛ କହିବୁନି, ଏଁ ?''

ନରି ଉତ୍ତର ଦେଲାନି । ହଠାତ୍ ଭିଡ଼ ଠେଲି କେଉଁଠି ଥିଲା କେତକୀ ବାଘୁଣୀ ପରି ମାଡ଼ି ଆସି ଗର୍ଜନ କରି ଉଠିଲା...' ''କ'ଣ କହିଲ ବାବୁ ? ମୋ ଛୁଆ ମିଛ କହୁଛି ? ମିଛ କହୁଛ ତମେ, ମିଛ କହୁଛନ୍ତି ତୁମର ସବୁ ବାବୁମାନେ। ଆଉ ଏଠି ନାଇନ ନଗେଇ ଯେତେ ନୋକ ଠିଆ ହୋଇଛନ୍ତି, ସଭିଏଁ ଡରିଯାଇ ଡଙ୍କିଏ କ୍ଷୀର ପାଇଁ ଚୁପ୍ ରହିଛନ୍ତି । କ'ଣ ନାଁ ସାତ ଦିନରେ ଡଙ୍କିଏ କ୍ଷୀର ପାଇବେ । ଆମ ଛୁଆଙ୍କୁ କ୍ଷୀର ଦେଲେ ତୁମରି ନାଁ ପଡ଼ିବ, ଖବର କାଗଜରେ ନାଁ ବାହାରିବ, ହେଲେ ଛୁଆଙ୍କର ମାନ ଯିବ ସିନା, ପେଟ ପୂରିବନି । ଖାଲି ଗୋଟାଏ ଲୋଭରେ ଧାଇଁଛନ୍ତି । ଏଇ ଲୋଭ ଯୋଗୁଁ ତ କମଳ ପାଇଁ, ଓଷଧ ବଟିକା ପାଇଁ, ଚାଉଳ ପାଇଁ ଆଉ ଲୁଗା ପାଇଁ ଆମେ ଧାଉଁଛୁ । ଏମିତି ଲୋଭ ଦେଖେଇ ଛୁଆଙ୍କୁ ଅମଣିଷ କରନି । ତୁମକୁ ଧର୍ମ ସହିବନି ।''

କେତକୀ ଏପରି ଭାବରେ କଥା କହି ବେଦମ୍ ହୋଇପଡ଼ିଲା ଯେ ସେ ତଳେ ବସି ପଡ଼ିଲା । ଚାରିଆଡ଼େ ଗୋଟାଏ ନିସ୍ତବ୍‌ଧତା ଖେଳିଗଲା ତା' କଥାରେ । ଲାଇନ ଲଗେଇ ଛିଡ଼ା ହୋଇଥିବା ଲୋକଗୁଡ଼ାକ ମୂକ ହୋଇଯାଇଥିଲେ ।

ନରି ଦେଖିଲା ସେହି ଟୋପିପିନ୍ଧା ବାବୁ ତ ମୋ ପାଖରୁ ଯାଇଁ ଟିକେ ଛିଡ଼ା ହେଲା ଓ ଏଣିକି ତେଣିକି ଅନାଇଁ ଖୁବ୍ ନରମ କଣ୍ଠରେ କହିଲା, ''ଆଲୋ ମାଉସୀ ! ଛୁଆଙ୍କ ଭଲ ପାଇଁ ଆମେ ଏମିତି ବ୍ୟବସ୍ଥା କରୁଛୁ । ଭୁଲ କଲେ ପିଲାଙ୍କୁ ଆମେ ଶାସନ କରିବୁନି ?'

କେତକୀ ଉଠି ପଡ଼ିଲା ''କିଏ ମନା କରୁଛି ? କରୁନା । ହେଲେ, କାଲି ମୋ ପିଲା କ୍ଷୀର ନେଇ ନାହାନ୍ତି, ମୁଁ କୋଉଦିନ ଆସେ ନି । ତମର ସେହି ନିଶୁଆବାବୁ ସବୁ ଦୁଧ ଚୋରି କରିନେଇ ହୋଟେଲରେ ଦିଏ, କାହିଁ ତାକୁ ତ କିଛି

କହୁନା । ଆମେ ଗରିବ ବୋଲି ତମେ ମିଛ ସତ କହି ଗାଳି କରିବ । କାହିଁକି, ମୁଁ କ'ଣ ଜାଣିନି ଯିଏ ଚୋରି କରେ, ସିଏ ଫୁଲମାଳ ପିନ୍ଧି ବୁଲେ ବୋଲି ? ଏଇ ଲୁଗା ଖଣ୍ଡେ, ଚାଉଳ କିଲେ କି ଡଙ୍କିଏ କ୍ଷୀରରେ ଆମ ଛୁଆ ମଣିଷ ହେବେନି ବୋଲି... ତମେ କ'ଣ ଜାଣିନ ? କାଲି ଦେଖିବ ସେଇ କୋଇଲା ଗୋଟେଇବେ, କାଠ କାଟିବେ କି ଇଟା ବୋହିବେ ! ନହେଲେ ଉପାସରେ ମରିବେ ।''

ବାବୁ ଜଣକ ହାତଯୋଡ଼ି ସମବେତ ଜନତାକୁ ଚାହିଁ କହିଲେ, ''ମୁଁ ଜାଣିଛି ଆଣ୍ଟିପାର୍ଟି ମୋ ପିଛା ଧରିଛି । ଯେତେ ଭଲ କାମ କଲି ସେଥିରେ ନିନ୍ଦା ! ଦେଖନ୍ତୁ ଆପଣମାନେ... ।''

''ହଉ, ଥାଉ ! ମୁଁ ସେ ପାର୍ଟି ଫାଟି ଜାଣେନି । ସବୁ ସେଇଆ, ଗୋଟିଏ ଲାଉର ମଞ୍ଜି । ମୁଁ ସେ ଟୋକାକୁ କହୁଛି, ଯାଆନାରେ, ସେ କି ଶୁଣୁଛି ମୋ କଥା । ହେଲା, ଏବେ ? ହେଲା ତ ? ଖାଇବା ଲୋକେ ଖାଇବେ' ନାଁ କମେଇବା ଲୋକ ନା କମେଇବେ, ଆମର ଯେଉଁ ଉପାସକୁ ସେଇ ଉପାସ... ପେଟ କେବେ ପୂରିବ ନି ।''

ନରି ମୁଣ୍ଡଟେକି ମାଆକୁ ଚାହିଁପାରୁ ନ ଥିଲା । ଘଣ୍ଟାଏ କାଳ ଛିଡ଼ା ହୋଇ ଖରାରେ ତା' ଗୋଡ଼ ସିଝିଯାଇଥିଲା, ଆଉ କାନ ମୁଣ୍ଡା ଭାଁ ଭାଁ କରୁଥିଲା ।

ନିଶୁଆବାବୁ ଜଣକ ପାଟିକରି ଉଠିଲା... ''ଏଃ ମାଇକିନା ! ମୁହଁ ସମ୍ଭାଳି କଥା କହ ! ଜାଣୁଛୁ ତ କାହା ସାଙ୍ଗେ କଥା କହୁଛୁ ? ଜିନିଷ ବଣ୍ଟା ହେଲାବେଳକୁ ଆଗେ ଧାଡ଼ିରେ ଛିଡ଼ା ହେବ, ଆଜି ପୁଅକୁ ପଠେଇବ ତ, କାଲି ଝିଅକୁ, ନ ହେଲେ ସେଇ ଅନ୍ଧ ବୁଢ଼ାକୁ । ସାହସ ଦେଖ, ଲେକ୍‌ଚର ଦେଉଛି... ତୋର ସାହସ ତ କମ୍ ନୁହେଁ !'

ନିଶୁଆବାବୁର ଉହୁଁକି ଯିବା ଢଙ୍ଗ ଦେଖି ନରିର ଦେହରେ ଯେମିତି ବାଘର ବଳ ଆସିଗଲା ! ହଠାତ୍ ସେ ପାଚେରୀ ପାଖକୁ ଦଉଡ଼ିଯାଇ ଗୋଟାଏ ଢେଲା ଉଠେଇ ଲକ୍ଷ୍ୟ କରି ନିମିଷକରେ ପକେଇଲା । ବାଜିଲା କାନ୍ଧରେ ସେ ବାବୁର । କେହି ବୁଝିବା ଆଗରୁ ଘଟଣାଟା ଘଟିଗଲା ଆଖି ପିଛୁଳାକେ ।

ନାଃ ! ନରି ଛାଡ଼ିବନି । ଦୁଇ ହାତରେ ଯେତେ ଢେଲା ପଡ଼ିଥିଲା ସେଠି, ତାକୁ ଗୋଟାକ ପରେ ଗୋଟାଏ ଉଠେଇ ସେ କ୍ଷୀରହାଣ୍ଡି ପାଖର ନଳି ପ୍ୟାଣ୍ଟପିନ୍ଧା ବାବୁ ଆଡ଼କୁ ପକେଇ ଚାଲିଲା । ସତେ ଯେମିତି ତାକୁ ନିଶା ଲାଗିଯାଇଛି, ଆଉ ସେ କୋଳି କି ଆମ୍ବ ତୋଳି ଚାଲିଛି ।

ଚାରିଆଡ଼ ହଇଚଇ । ବଡ଼ ମଣିଷ ଛିନ୍ଛତର ହୋଇ ଚାଲିଗଲେ । ମାତ୍ର କ୍ଷୀରନେବାକୁ ଆସିଥିବା ପିଲାଗୁଡ଼ାକ ଲାଇନ୍‌ରୁ ବିଜୁଳି ସକ୍ ମାରିଲା ପରି ଛିଟିକି ଆସି ନରି ପାଖରେ ଜମିଗଲେ ସଙ୍ଗେ ସଙ୍ଗେ । ନରି ସାଙ୍ଗରେ ମିଶି ମାଙ୍କଡ଼ା ପଥର ଖଣ୍ଡ, ଟେକା ପକେଇ ଚାଲିଲେ ସେଇ ବାବୁମାନଙ୍କ ଆଡ଼କୁ ! ଖାଲି ଗୋଟାଏ ଶବ୍ଦ ଶୁଭୁଥିଲା 'ମାର' 'ମାର' ! ଦୁଧ ହାଣ୍ଡିଟା ତଳେ ପଡ଼ିଯାଇ ଦୁଧଗୁଡ଼ାକ ଢାଳି ହୋଇଯାଇଥିଲା । ଦଉଡ଼ି ଯାଉ ଯାଉ ନଳୀ ପ୍ୟାଣ୍ଟପିନ୍ଧା ବାବୁଟି ଚିତ୍‌ପଟାଙ୍ଗ ହୋଇ ପଡ଼ିଗଲା ।

ତା' ପଛକୁ ପଛ ପଡ଼ିଗଲେ ଆହୁରି ତିନି ଚାରି । ଟୋପିଟା ଉଡ଼ିଯାଇ ଚନ୍ଦା ମୁଣ୍ଡଟା ଭିଡ଼ ଭିତରେ ଏପଟ ସେପଟ ହେଉଥିଲା କେବଳ !

ସ୍ତୂପୀକୃତ ହୋଇଥିବା ପାଚେରୀ ଉଞ୍ଚ ଗେଙ୍ଗୁଟି ପଥର ତଥାପି ସରୁ ନ ଥାଏ, କି ରୋଗିଣା, ଦୁର୍ବଳିଆ ହାଡ଼ଗିଳା ଅଶିକ୍ଷିତ ଅସଭ୍ୟ ପିଲାମାନଙ୍କର 'ମାର' 'ମାର' ଚିତ୍କାର ବନ୍ଦ ହେଉ ନ ଥାଏ !

କେତକୀ ପୁଅ ଆଡ଼କୁ ଥରେ ଚାହିଁଲା ଆଉ ଥରେ ଛିନ୍‌ଛତର ହୋଇ ଧାଉଁଥିବା ଲୋକମାନଙ୍କ ଆଡ଼କୁ । ଭୟରେ ଆଖି ବୁଜିହୋଇଗଲା ତା'ର । ହେ ଭଗବାନ ! ଇଏ ସେ କ'ଣ ଦେଖୁଛି ? ନରି ଦେହରେ ଅସଂଖ୍ୟ ମୁଣ୍ଡ ଆଉ ଦୁଇ ବାହାର ଦୁଇପଟରୁ ଲମ୍ବି ଯାଇଛି କାହିଁ ଯେ କେତେ ହାତ, ତାର କଳନା ନାହିଁ । ଏତେ ଟିକିଏ ଚେମଡ଼ ହାଡୁଆ ଦେହରେ ଏ କି ସର୍ବଗିଳା ରାକ୍ଷାସିଆ ରୂପ ସେ ଦେଖୁଛି ଲୋ ମା ? କାହିଁଗଲା ତା ପୁଅର ନହନହକା ପତରବଙ୍କା ଚେହେରା ?

'ମାଲୋ' ! ଚିତ୍କାର କରି କେତକୀ ତଳେ କଚାଡ଼ି ହୋଇ ପଡ଼ିଲା !!!

ପୃଷ୍ଠବଂଧ

ସ୍ରଷ୍ଟା ପରିଚୟ : ଓଡ଼ିଆ କ୍ଷୁଦ୍ରଗଳ୍ପ ସୃଷ୍ଟି କ୍ଷେତ୍ରରେ ଗାଳ୍ପିକ ବୀଣାପାଣି ମହାନ୍ତି ଏକ ବହୁପରିଚିତ ନାମ । ସେ ଜଣେ ସଫଳ ଗାଳ୍ପିକା । ଚଳନ୍ତି ସମାଜରେ ନାରୀ ଜୀବନର ବିବିଧ ସମସ୍ୟାକୁ ନେଇ ତାଙ୍କ ଗଳ୍ପଗୁଡ଼ିକ ଅଧିକ ରୁଦ୍ଧିମନ୍ତ । ତାଙ୍କର ଗଳ୍ପ ସମୂହରୁ ଜୀବନ ଜିଜ୍ଞାସାର ସ୍ୱର, ମଣିଷର ଅସହାୟତା ବୋଧ ଓ ମଣିଷ ମନର ବିଭିନ୍ନ ଦିଗ ଦେଖିବାକୁ ମିଳେ । ଅଧ୍ୟାପନା ବୃତ୍ତିରେ ଥାଇ ମଧ୍ୟ ସେ ସାହିତ୍ୟ ସାଧନାକୁ ବେଶ୍ ସହଜ, ସରଳ ଭାବରେ ଗ୍ରହଣ କରି ନେଇଥିଲେ । ଶୈଳୀରେ ନୂତନତା ସାଙ୍ଗକୁ ଗଳ୍ପର ଆତ୍ମାରେ ବୌଦ୍ଧିକ ଅନୁଚିନ୍ତାର ବ୍ୟଞ୍ଜନାତ୍ମକ ପରିପ୍ରକାଶ ହିଁ ଶ୍ରୀମତୀ ମହାନ୍ତିଙ୍କୁ ସ୍ୱତନ୍ତ୍ରତା ପ୍ରଦାନ କରିଛି । ଜଣେ ଜୀବନଧର୍ମୀ ସ୍ରଷ୍ଟା ଭାବରେ ନିଜ ଗଳ୍ପ ମାଧ୍ୟମରେ ସେ ସମାଜ ଓ ବ୍ୟକ୍ତି ଜୀବନକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ବୀଣାପାଣିଙ୍କ ଗଳ୍ପଜଗତ ମର୍ମରିତ ଜୀବନର ଅନୁକମ୍ପନ ଓ ସମକାଳୀନ ସମାଜର ପ୍ରତ୍ୟକ୍ଷ ପ୍ରତିଫଳନ । ତାଙ୍କର ପ୍ରତ୍ୟେକ ଗଳ୍ପ ସଂକଳନରେ ଆଧୁନିକ ନାରୀ ମନର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଉପଲବ୍ଧ । ସବୁଠାରେ ହିଁ ସେ ନାରୀର ଚିରନ୍ତନୀ ରୂପକୁ ଖୋଜିଛନ୍ତି । ତାଙ୍କ ଗଳ୍ପର ଭାଷା ବେଶ୍ ସରଳ ଓ ପ୍ରାଣଛୁଆଁ । ବିପୁଳ ସୃଷ୍ଟିର ଅଧିକାରିଣୀ ବୀଣାପାଣି ଗଳ୍ପ ସାହିତ୍ୟ ସାଧନାରେ ସିଦ୍ଧିଲାଭ କରିଛନ୍ତି । ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ଓ ଚରିତ୍ରମାନଙ୍କ ମନୋରାଜ୍ୟର ଚିନ୍ତାଚେତନାକୁ ବ୍ୟକ୍ତ କରିବାରେ ସେ ଜଣେ ସଫଳ ସ୍ରଷ୍ଟା । ନିଜର ବକ୍ତବ୍ୟକୁ ସ୍ପଷ୍ଟ ଓ ପ୍ରଭାବଶାଳୀ କରିବା ପାଇଁ ଗଳ୍ପରେ ସେ ପ୍ରତୀକର ପ୍ରୟୋଗ କରିଛନ୍ତି । ଅଧିକାଂଶ ଗଳ୍ପର କଥାବସ୍ତୁ ବ୍ୟକ୍ତିଗତ ଅନୁଭୂତିସିଦ୍ଧ ଭଳି ପ୍ରତୀୟମାନ ହୁଏ । ଫଳରେ ଗଳ୍ପ ସହ ପାଠକର ଏକ ଅନ୍ତରଙ୍ଗ ସଂପର୍କ ଯୋଡ଼ି ହୋଇଯାଏ । ଯଥାର୍ଥରେ ବୀଣାପାଣି ମହାନ୍ତି ଜଣେ ମାନବବାଦୀ କଥାଶିଳ୍ପୀ ।

ତାଙ୍କ ରଚିତ ଗଳ୍ପ ସଂକଳନଗୁଡ଼ିକ ହେଉଛି 'ନବତରଙ୍ଗ', 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ', 'ଅପରାହ୍ନର ଛାଇ', 'ବସ୍ତ୍ରହରଣ', 'ମଧ୍ୟାନ୍ତ', 'ସାୟାହ୍ନର ସ୍ୱର', 'ଅନ୍ୟ ଅରଣ୍ୟ', 'ତଟିନୀ କୃଷ୍ଣା' ଓ 'ପାଟଦେଇ' । 'ପାଟଦେଇ ଗଳ୍ପ ସଂକଳନ ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲେ ହେଁ ଉପରୋକ୍ତ ସମସ୍ତ ସଂକଳନ ତାଙ୍କ ପ୍ରତିଭାର ପରିଚୟ ପ୍ରଦାନ କରିବାରେ ସମର୍ଥ । ତାଙ୍କ ଗଳ୍ପଜଗତ ସାମଗ୍ରିକ ଭାବରେ ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟକୁ ଏକ ନୂତନ ଦିଗନ୍ତର ସନ୍ଧାନ ଦେଇଛି ।

ଗଳ୍ପ ସମ୍ପର୍କରେ : ଏହି ଗଳ୍ପଟି ସାର୍ଥକ ବାସ୍ତବତା ଓ ମାନବିକ ମୂଲ୍ୟବୋଧରେ ଦୀପ୍ତିମନ୍ତ । ଗଳ୍ପର ପରିବେଶ, ଚରିତ୍ରମାନଙ୍କର ଗତିଶୀଳତା ଓ ବେଦନାବୋଧର ମାର୍ମିକ ଆବୃତ୍ତିରେ ଆଲୋଚ୍ୟ 'ମଛନ' ଗଳ୍ପଟି ବେଶ୍ ହୃଦୟସ୍ପର୍ଶୀ ।

ସ୍ୱାମୀ, ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ନେଇ ଏକ ଚାରିଜଣିଆ ପରିବାରର ଚିତ୍ର ଓ ଚରିତ୍ରକୁ ଆଧାରକରି 'ମଛନ' ଗଳ୍ପର ପରିକଳ୍ପନା କରାଯାଇଛି । ଅନ୍ଧସ୍ୱାମୀ (ଗଣେଶ), ସ୍ତ୍ରୀ (କେତକୀ) ନରି (ପୁଅ) ଓ ଝରି (ଝିଅ) ହେଉଛନ୍ତି ଏ ଗଳ୍ପର ଚରିତ୍ର । କେତକୀ ପରଘରେ ପାଇଟି କରି ପରିବାର ଚଳାଏ । ଅଭାବ, ଅନଟନରେ ପରିବାର ଚଳେ । ସହରର କେଉଁ ଏକ ଅପନ୍ତରା ବସ୍ତିରେ ସେମାନେ ରହନ୍ତି ।

ଏ ଗଳ୍ପର ଅନ୍ୟ ଏକ ପରିବେଶ ହେଉଛି ଏକ ରିଲିଫ୍ କେନ୍ଦ୍ର । ସହରର କେଉଁ ଏକ ଗଳି ମୁଣ୍ଡରେ ସେ କେନ୍ଦ୍ର । ରିଲିଫ୍ ବଣ୍ଟନ ନାଆଁରେ ସେଠାରେ ନେତାମାନଙ୍କର ପ୍ରହସନ ଚାଲେ । ଦୁଃଖୀ, ରଙ୍କୀ, ଗରିବଙ୍କ ପାଇଁ ରିଲିଫ୍ ବାଣ୍ଟି ସମବେଦନାର ଲୁହ ଢାଳୁଥିବା ନେତାମାନେ ଲୋକ ଦେଖାଣିଆ କୁମ୍ଭୀର କାନ୍ଦଣା କାନ୍ଦନ୍ତି । ନେତା ନେତାଙ୍କ ଭିତରେ ରିଲିଫ୍ ବଣ୍ଟନର ପ୍ରତିଯୋଗିତା ଚାଲେ । ସହରର ବସ୍ତି ଅଞ୍ଚଳରେ ରହୁଥିବା ଖଟିଖିଆ ଦିନ ମଜୁରିଆ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରକରିବା ପାଇଁ କେତେବେଳେ ଲୁଗାପଟା, କମ୍ବଳ ତ ପୁଣି କେବେ ଖାଦ୍ୟ ଓ କ୍ଷୀର ବଣ୍ଟାଯାଏ । ରିଲିଫ୍ ବଣ୍ଟନରେ ଦୁର୍ଗତଙ୍କ ଦୁଃଖ ଦୂର ହୁଏ ନାହିଁ । ନେତା ରିଲିଫ୍ ବଣ୍ଟନକାରୀଙ୍କ ପଡିଆରା ବଢ଼େ । କ୍ଷୀର ଗ୍ଲାସେ ପାଇବା ପାଇଁ କେନ୍ଦ୍ର ନିକଟରେ ପାହାନ୍ତାରୁ ଲମ୍ବା ଲାଇନ୍ ଲାଗେ । ନରି ଓ ଝରି ମଧ୍ୟ ସେହି ଲମ୍ବା ଧାଡ଼ିରେ ଛିଡ଼ା ହୁଅନ୍ତି । କେତକୀ ଲାଇନ୍‌ରେ ଛିଡ଼ା ହୋଇ କ୍ଷୀର ବା ରିଲିଫ୍ ଜିନିଷ ଆଣିବାକୁ ସଂକୋଚ କରେ । ରିଲିଫ୍ ବାଣ୍ଟୁଥିବା ନିଶୁଆବାବୁର ଟାହିଟାପରା ତାକୁ ଭଲ ଲାଗେ ନାହିଁ । ରିଲିଫ୍ ବଣ୍ଟନରେ ହେରଫେର୍ ପାଇଁ ସେଇ ନିଶୁଆ ଲୋକକୁ ସେ ଦାୟୀ କରେ । ଠେଲା ପେଲାରେ ନରି ଓ ଝରି ଧାଡ଼ିରେ ପଛକୁ ପଛକୁ ଚାଲି ଯାଇଛନ୍ତି । ବଡ଼ ମଣିଷଙ୍କ ସାଙ୍ଗରେ କଳି କରିବାକୁ ନରିର ବଳ ପାଇନି । ତଥାପି ଭିଡ଼ ଠେଲି ଆଗକୁ ଯାଇଛି । ନିଶୁଆ ବୁଢ଼ା ଓ ତା'ର ସହକର୍ମୀମାନଙ୍କର ଆକ୍ରୋଶର ଶିକାର ହୋଇଛନ୍ତି ନରି ଓ ଝରି । ହଠାତ୍ ସେଠାରେ ନେତାଙ୍କର ଆବିର୍ଭାବ ହୋଇଛି । ପିଲାଦୁଇଟାଙ୍କ ପାଇଁ ଦରଦ ଦେଖାଇ ସହାନୁଭୂତିର କୁମ୍ଭୀର କାନ୍ଦଣା କାନ୍ଦୁଚନ୍ତି । ନେତାଙ୍କ ବିବୃତି ବେଳେ ଫଟୋ ଉଠାଗଲା । ଧାଡ଼ିରେ ଛିଡ଼ା ହୋଇଥିବା ପିଲାଙ୍କ ମୁଣ୍ଡ ଆଉଁସି ଦେବାର ଫଟୋ ନେତାଙ୍କର ଉଠାଗଲା, କିନ୍ତୁ ନରିର ଆଖିରୁ ଲୁହ ଶୁଖି ଯାଇଥିଲା । କ୍ଷୀର ପିଇବା ପାଇଁ ତା ମନରେ ଟିକିଏ ହେଲେ ଆଗ୍ରହ ନଥିଲା । ରିଲିଫ୍ ନାଆଁରେ ଲୋଭ ଦେଖେଇ ଏ ଦେଶର ଶହଶହ ଛୁଆଁଙ୍କୁ ଅମଣିଷ କରାଯାଉଛି ବୋଲି କେତକୀ ନେତାଙ୍କ ଆଗରେ ପ୍ରତିବାଦ କଲା । କେତକୀର ବକ୍ତବ୍ୟକୁ ନେତା ବିରୋଧୀଦଳର ଷଡ଼ଯନ୍ତ୍ର ବୋଲି ଭାବି ଅସଲ ହେରଫେର୍ ଘଟଣା ପ୍ରତି ଆଖି ବୁଜି ଦିଅନ୍ତି । ନିଶୁଆ ବୁଢ଼ା କେତକୀ ପ୍ରତି ଅପମାନ ସୂଚକ ବାକ୍ୟ ପ୍ରୟୋଗ କଲାପରେ ମା'ପ୍ରତି ଅସମ୍ମାନ ଓ ଅପମାନ ଦେଖି ହିଂସ୍ର ହୋଇ ଉଠିଲା ଛୋଟ ବାଳକ ନରି । ଦେହରେ ତା'ର ବାଘର ବଳ । ଢେଲାପରେ ଢେଲା ଫିଙ୍ଗି ଚାଲିଲା । ତା' ସହିତ ସାମିଲ ହେଲେ ଧାଡ଼ିରେ ଥିବା ପିଲାମାନେ । ରିଲିଫ୍ କେନ୍ଦ୍ର ଏକ କ୍ଷୁଦ୍ର ରଣକ୍ଷେତ୍ରରେ ପରିଣତ ହେଲା । ଦୁଃସ୍ଥ, ଦରିଦ୍ର ବଞ୍ଚିତମାନଙ୍କ କ୍ରୋଧର ଶିକାର ହେଲେ ନେତା ଓ ତାଙ୍କ କର୍ମୀଗଣ । ଢେଲାମାଡ଼ରେ କ୍ଷୀର ହାଣ୍ଡି ବି ଭାଙ୍ଗିଗଲା । ଏ କ୍ଷୀର ସମୁଦ୍ର ମନ୍ଥନରୁ ଯୁଗଯୁଗର ବଞ୍ଚିତମାନେ ଟୋପାଏ ବି କ୍ଷୀର ପାଇଲେ ନାହିଁ । ପୌରାଣିକ ସମୁଦ୍ର ମନ୍ଥନର ଦୃଶ୍ୟପଟ୍ଟ ସହିତ ଏ ଗଳ୍ପର ଘଟଣାବଳୀକୁ ବେଶ୍ ପ୍ରତୀକାତ୍ମକ ଭାବରେ ଗାଳ୍ପିକ ଯୋଡ଼ି ଦେଇଛନ୍ତି । ଗଳ୍ପର ନାମକରଣ 'ମନ୍ଥନ' ସେହି ଦୃଷ୍ଟିରୁ ସାର୍ଥକତା ଲାଭ କରିଛି ।

ପ୍ରଶ୍ନାବଳୀ :

୧ । 'ମନ୍ଥନ' ଗଳ୍ପର ନାମକରଣ ସାର୍ଥକତା ବିଚାର କର ।

୨ । 'ମନ୍ଥନ' ଗଳ୍ପରୁ ଗାଳ୍ପିକଙ୍କ ସମାଜବାଦୀ ଦୃଷ୍ଟିକୋଣ ଆଲୋଚନା କର ।

୩ । 'ମନ୍ଥନ' ଗଳ୍ପରେ ସ୍ଥାନିତ ଚରିତ୍ରମାନଙ୍କ ଚିତ୍ରଣ କର ।

୪ । 'ମନ୍ଥନ' ଏକ ପ୍ରତୀକଧର୍ମୀ ଗଳ୍ପ - ଏହାର ଯଥାର୍ଥତା ବିଚାର କର ।

୫ । 'ମନ୍ଥନ' ଗଳ୍ପରୁ ସାଂପ୍ରତିକ ସମାଜ, ରାଜନୀତି ଓ ଦେଶସେବାର ଚିତ୍ର ପ୍ରଦାନ କର ।

ଆନ୍ତର୍ଜାତିକ ଗଳ୍ପ
ଭାରତୀୟ କବିତା
ପ୍ରବନ୍ଧ

ପାହାଡ଼ ଗଡ଼ାଣିରେ

କମଳା ଦାସ

ଅନୁବାଦ : ବିକ୍ରମ ଜେନା

ନିଜ ଲୁଗାପଟା ବନ୍ଧାବନ୍ଧି କରି ରଖୁଥିଲା ବେଳେ ସେ ଭିତରକୁ ପଶିଆସିଲେ । ସ୍ତ୍ରୀ ଲୋକଟି ଆଶା କରି ନ ଥିଲା ଯେ, ସେ ଏଭଳି ଏକ ସମୟରେ ଆସିବେ । ଘର ଭିତରେ ଆଲୋକ ଖୁବ୍ ଉଜ୍ଜ୍ୱଳ ଥିଲା । ଘର ଭିତରେ ତାଙ୍କ ପ୍ରବେଶ ଥିଲା ଅପ୍ରତ୍ୟାଶିତ ଆଉ ଶବ୍ଦହୀନ ।

'ତମେ କାହିଁକି ଜିନିଷପତ୍ର ବନ୍ଧାବନ୍ଧି କରୁଛ ?'

ସ୍ତ୍ରୀ ଲୋକଟି ଭୟରେ ଉପରକୁ ଚାହିଁଲା । ପୁଣିଥରେ ସେଇ ଦୃଶ୍ୟ- ଛାୟାମୂର୍ତ୍ତିଟିଏ, କପାଳରେ ବୁନ୍ଦା ବୁନ୍ଦା ଝାଳ, ଅଣ୍ଟା ଚାରିପଟେ ଗୁଡ଼ାହୋଇଥିବା ବାଣ୍ଡେଜ - ନ ଦେଖିବାକୁ ସେ ଅନ୍ୟ ଆଡ଼କୁ ମୁହଁ ବୁଲାଇଦେଲା । କୋଠରୀଟି ଭିତରେ କ୍ଲୋରୋଫର୍ମର ମିଠା ମିଠା ବାସ୍ନା ଖେଳିବୁଲୁଥାଏ ।

'ତମେ କ'ଣ ମୋତେ ଛାଡ଼ି ଚାଲିଯିବ ?'

ସେ କିଛି ଉତ୍ତର ଦେଲା ନାହିଁ । ତା' ଛାତି ଭିତରେ ଭୟ ଡେଣାମେଲି ଉଡ଼ିବାକୁ ଲାଗିଲା । ଗତ ସାରା ସପ୍ତାହର ଯନ୍ତ୍ରଣାରେ ତା' ଆଖି କାଳୁଆ ହୋଇଯାଇଥାଏ । ବହୁତ ଚେଷ୍ଟା ସତ୍ତ୍ୱେ ସେ ଆଖିପତା ବନ୍ଦ କରିପାରୁ ନ ଥିଲା ।

'କୁହ, ତମେ କ'ଣ ମୋତେ ଛାଡ଼ି ଚାଲିଯାଉଛ ?' ସେ ବ୍ୟାଗ ବନ୍ଦ କରିଦେଲା । ବ୍ୟାଗ୍ ଉପରେ ମୁହଁ ମାଡ଼ି ନୀରବରେ କାନ୍ଦିବାକୁ ଲାଗିଲା । ଆଖିରୁ କିନ୍ତୁ ତା'ର ଲୁହ ଝରୁ ନ ଥିଲା । କେବଳ କ୍ଲାନ୍ତି ତାକୁ କମ୍ବଳଟିଏ ଭଳି ଢାଙ୍କି ରଖିଥିଲା । ପୁଣି ଥରେ କ୍ଲୋରୋଫର୍ମର ବାସ୍ନା ତା' ନାକରେ ବାଜିଲା ।

'ତୁମେ ଛାଡ଼ି ଚାଲିଗଲେ ମୁଁ କ'ଣ କରିବି ?' ସ୍ତ୍ରୀ ଲୋକଟି ତାକୁ ମୁହଁଟେକି ଚାହିଁଲା । ଲୋକଟିର ମଳିନ କପାଳରେ ବୁନ୍ଦା ବୁନ୍ଦା ଝାଳ ଜମିଥଲା । ଦୟାର ମାଳମାଳ ଢେଉ ତା ଭିତରେ ଉଠିବାକୁ ଲାଗିଲା । ତଥାପି ସେ କିଛି କହିପାରିଲା ନାହିଁ । କାନ୍ଥରେ ଝୁଲୁଥିବା ପୁରୁଣା ଘଣ୍ଟାଟିର ପେଣ୍ଡୁଲମ୍‌ଟି ଆଉ ହଲୁ ନ ଥିଲା । ସେ ବି କ'ଣ ମୃତ । ସେ ଆଶ୍ଚର୍ଯ୍ୟ ହୋଇ ଭାବୁଥିଲା । ସମସ୍ତେ କ'ଣ ମୃତ... ସେଇ ଲୋକଟି ପରି ? ଏଇ ଧଳାକାନ୍ଥଥିବା ହସ୍‌ପିଟାଲ୍, ସବୁବେଳେ ଏପଟ ସେପଟ ଦୌଡୁଥିବା ନର୍ସମାନେ, ଏହି ବିରାଟ କାନ୍ଥଘଣ୍ଟା... ସମସ୍ତେ କ'ଣ ମୃତ । କ'ଣ ଘଟିଗଲା ? କିଏ ଜଣେ କବାଟ ଠେଲି ଭିତରକୁ ପଶିଆସିଲା ।

ଯିବାକୁ ପ୍ରସ୍ତୁତି ସବୁ ଶେଷ ତ ?

ଘର ଭିତରକୁ ତାଙ୍କ ସ୍ୱାମୀ ପଶିଆସି ହସି ହସି ପଚାରିଲେ । ତାଙ୍କର ଓଜନିଆ ହାତ ତା' କାନ୍ଧ ଉପରେ ଭରାଦେଇଥିଲା । ସେ ଚାରିଆଡ଼କୁ ଚାହିଁଲା । ନିଜ ସ୍ୱାମୀଙ୍କ ବ୍ୟତୀତ ସେଠି ଆଉ କେହି ନ ଥିଲେ । ସେ ଆଶ୍ୱସ୍ତ ହୋଇ ସ୍ୱାମୀଙ୍କୁ ଜାବୁଡ଼ି ଧରିଲା ।

'ତମେ କାହିଁକି କାନ୍ଦୁଛ ? ତମେ ଥରେ ଏ ଜାଗା ଛାଡ଼ି ଚାଲିଗଲେ ସଂପୂର୍ଣ୍ଣ ଭାବେ ଭଲ ହୋଇଯିବ । ତମକୁ ଏଠି ଏତେଦିନ ରଖିବା ଉଚିତ୍ ନ ଥିଲା । ଅପରେସନ୍‌ର ଦୁଇତିନିଦିନ ପରେ ତମକୁ ଘରକୁ ନେଇଯିବା ଉଚିତ୍ ଥିଲା । ତା' ସ୍ୱାମୀ ଖୁବ୍ କୋମଳ ଭାବରେ ଏକଥା କହୁଥିଲେ, ଯେମିତି ପ୍ରତ୍ୟେକଥର ଆଶ୍ୱାସନା ଦେଲାବେଳେ ସେ ତାକୁ ବୁଝାନ୍ତି ।

ସେ ଥରିଲା କଣ୍ଠରେ କହିଲା, 'ମୋତେ ଡର ଲାଗୁଛି ।' 'ଏଥିରେ ଡରିବାର କ'ଣ ଅଛି ? ତମେ କେବଳ କଳ୍ପନାରେ ସବୁକଥା ଭାବିଭାବି ଡରୁଛ ? ମୋତେ ବିଶ୍ୱାସ କର । କେବଳ ପିଲାମାନେ ଭୂତ ପ୍ରେତରେ ବିଶ୍ୱାସ କରନ୍ତି । ତୁମେ ଖୁବ୍ କ୍ଳାନ୍ତ, ତେଣୁ ଏସବୁ କଥା ତମ ମନକୁ ଆସୁଛି ।

'କିନ୍ତୁ...'

'କିନ୍ତୁ କ'ଣ ?' ତମେ ଥରେ ଘରକୁ ଚାଲିଗଲେ ସବୁକଥା ଠିକ୍ ହୋଇଯିବ । ଭାବ, ତମକୁ ପୁଣିଥରେ ଦେଖି ବେବି କେତେ ଖୁସି ହେବ ।

ବେବିର ସବୁବେଳେ ହସୁଥିବା ମୁହଁ, ତାଙ୍କ ଶୋଇବା ଘର ଝର୍କାର ସବୁଜ ପର୍ଦ୍ଦା, ଧାଡ଼ିବାନ୍ଧି କାଶୀଗୁମ୍ବା ଗଛରେ ଭର୍ତ୍ତି ତାଙ୍କ ବଗିଚା, ଖାଇବା ଟେବୁଲ ପାଖେ ସେମାନେ ବସିଥିବା ବେଳେ ଲାଞ୍ଜ ହଲାଉଥିବା ତାଙ୍କ ଛୋଟ କୁକୁର - ଏସବୁ ସେ ଆଉଥରେ ଦେଖିବ । ପୁଣି ଥରେ ତା'ର ସବୁ ଖୁସି ଫେରିଆସିବ । ସେ ପୁଣିଥରେ ତା'ର ପୁରୁଣା ଜୀବନକୁ ଫେରିଯିବ, ପଛରେ ଛାଡ଼ିଯିବ ଯନ୍ତ୍ରଣାର ସ୍ମୃତିସବୁ ଯାହା ପାହାଡ଼ ଗଡ଼ାଣିରେ ଜହ୍ନ ଆଲୁଅରେ ଶୀତଳ ହୋଇ ଘୂରି ବୁଲୁଥିଲା ।

ସେ ହସିଲା ।

'ସାହସ ଧର । ଆଉ ଦୁଇଘଣ୍ଟା ଭିତରେ ଆମେ ଘରେ ପହଞ୍ଚିବା ।

ବର୍ତ୍ତମାନ ମୁଁ...'

ତାଙ୍କ କଣ୍ଠସ୍ୱର କ୍ରମେ କ୍ଷୀଣ ଶୁଭୁଥିଲା । ଏହି ସମୟରେ ଆଉ ଗୋଟିଏ ଧ୍ୱନି ତା' କାନରେ ଖୁବ୍ ଯୋରରେ ବାଜୁଥିଲା । କ୍ରମଶଃ ବଢ଼ିଯାଉଥିବା ଗୋଟିଏ ଗର୍ଜନ... ଗୋଟିଏ ବଡ଼ ମେସିନ୍‌ର ଶବ୍ଦ ବା ସମୁଦ୍ରର ଗର୍ଜନ । ଘର୍ଘର ଶବ୍ଦରେ ତା କାନ ଅତଡ଼ା ପଡ଼ିଯାଉଥିଲା ।

ଗର୍ଜନଟି ବନ୍ଦ ହୋଇଗଲା । ଲାଗୁଥିଲା ସମୁଦ୍ର କୂଳରେ ସେ ଶୋଇଛି । ପିଠିତଳେ ଥଣ୍ଡା ବାଲି । ସେ ବହୁତ କ୍ଳାନ୍ତ । ଯେମିତି ତା' ହାଡ଼ସବୁ ଚୂନା ହୋଇଯାଉଛି ସମୁଦ୍ରରେ ଉଚ୍ଚ ଉଚ୍ଚ ଜୁଆର ଉଠୁଥିଲା । ତା ବାଳ ଓଦା ହୋଇଯାଇଥିଲା । ତଥାପି ଏ ଅନୁଭୂତି ତା' ପାଇଁ ବିଶେଷ ଅପ୍ରୀତିକର ନ ଥିଲା । ଯେମିତି ସାରା ପୃଥିବୀଟି ତା'ର । ତା'କୁ ବିଶ୍ରାମ କଲା ଭଳି ଲାଗୁଥିଲା ।

ମଳିନ ପଡ଼ିଯାଇଥିବା ଶରୀରଟିଏ ସେଇ ନୀଳ ପାହାଡ଼ ଗଡ଼ାଣିରେ ଚାଲିଚାଲି ଆସୁଥିଲା । ସ୍ତ୍ରୀ ଲୋକଟି ପଚାରିଲା: 'ତମେ ମୋତେ ଏ ଜାଗାକୁ କାହିଁକି ଆଣିଲ ?'

ତାଙ୍କ ଚାରିପଟର ରଙ୍ଗ ବଦଳୁଥାଏ । ପାହାଡ଼ର ଦୁଇ ଶୃଙ୍ଗ ଭିତରେ ଚାପି ହୋଇ ମେଘସବୁ ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ । ଜଳପ୍ରପାତ ପାହାଡ଼ ଗଡ଼ାଣିଦେଇ ଶବ୍ଦକରି ତଳେ ତ ପଡୁଥିଲା । ସାରା ପାହାଡ଼ଟି କୁହୁଡ଼ି ଭିତରେ ବୁଡ଼ିଯାଇଥିଲା ।

'ଏମିତି କ'ଣ ଅଛି ଯେ, ତୁମେ ଛାଡ଼ିବାକୁ ଏତେ କୁଣ୍ଠିତ ।'

ହସ ଓ ମଜାରେ ବିତୁଥିବା କିଛି ସନ୍ଧ୍ୟା, ହାତଗୋଡ଼ ହଲାଇ ତଳେ ଶୋଇଥିବା ଶିଶୁଟିଏ, ରାତିରେ ତା' ଦେହ ଉପରେ ଲଦି ହୋଇଯାଉଥିବା ଦୁଇଟି ଓଜନିଆ ହାତ... ସୁଖ... ସେ କ'ଣ ଉତ୍ତର ଦେବ ଭାବିପାରୁ ନ ଥିଲା ।

'ଏଠି ସବୁ ଶୀତଳ... ସବୁ କିଛି ।'

ଲୋକଟିର ଆଖିରେ ଲୁହ ଆସିଯାଇଥିଲା । ସ୍ତ୍ରୀଲୋକଟି କହିଲା- 'ମୁଁ ଦୁଃଖକୁ ଡରେ...'

'ମୁଁ ତୁମକୁ କେବଳ ଦୁଃଖ ଦେଇପାରିବି । ଦୁଃଖ ଗୋଟିଏ ମୃତ ଆବେଗ । ଯେତେବେଳେ ସୁଖର ମୃତ୍ୟୁ ହୁଏ ସେତେବେଳେ ଦୁଃଖ ଆସେ । ମୁଁ ତୁମକୁ କେବଳ...'

'ବନ୍ଦ କର ।'

ସ୍ତ୍ରୀ ଲୋକଟି ନିଜର ଆଖି ବନ୍ଦ କରିବାକୁ ଚେଷ୍ଟା କଲା । ଏସବୁ ଯଦି ସ୍ୱପ୍ନ ବୋଲି ଜଣାପଡ଼ନ୍ତା, ତେବେ କ'ଣ ହୁଅନ୍ତା ? ମୁଁ ମୋ ମା ପାଖରେ ତକିଆଟିଏ କୁଣ୍ଢାଇ ଶୋଇପଡ଼ିବି । ନିଦ ଭାଙ୍ଗିବାରେ କୌଣସି ବଣ୍ୟ ମହିଁଷି ମୋତେ ଆଘାତ କରିବ ନାହିଁ, ମୋ ପାଦତଳେ କୌଣସି ସାପ ଚାଲିଯିବ ନାହିଁ । ହସୁଥିବା ପାଗଳଟିଏ ମୋ ପାଖକୁ ଆସିବ ନାହିଁ । ଏମିତି କୌଣସି ଘଟଣା ଘଟିବ ନାହିଁ ।

'ଏ ନିଶ୍ଚୟ ଗୋଟିଏ ସ୍ୱପ୍ନ ।'

'ସ୍ୱପ୍ନମାନେ ସାରାକାଳ ରହିଥାନ୍ତି । ପୃଥିବୀର ଅନ୍ୟ ସମସ୍ତ ବସ୍ତୁ ନଷ୍ଟ ହୋଇଗଲା ପରେ ସ୍ୱପ୍ନମାନେ ବଞ୍ଚିଥା'ନ୍ତି। ପିଲାଟିଦିନରୁ ତୁମେ ଯେଉଁ ସ୍ୱପ୍ନମାନ ଦେଖିଆସୁଛ ସେସବୁ ମୃତ୍ୟୁର ଗୋଟିଏ ଗୋଟିଏ ଅଂଶ ।

'ବନ୍ଦ କର ।'

ରୂପାରଙ୍ଗୀ । ବାଦଲସବୁ ଆକାଶରେ ଭାସି ଭାସି ଯାଉଥିଲେ । ତାଙ୍କ ଆଲୋକରେ ସେ ଲୋକଟିର ମୁହଁ ଆହୁରି ମଳିନ ଦେଖାଯାଉଥିଲା ।

ସ୍ତ୍ରୀ ଲୋକଟି ଖୁବ୍ ଯୋରରେ ନିଜ ଆଖି ବନ୍ଦ କରି ରଖିଥିଲା । ତମେ ଆଖି ବନ୍ଦ କରିଥିବା ବେଳେ ଆଲୁଅ ସବୁ ଆଖି ବାହାରେ ରହିଯିବେ, ଏବଂ ଆଖି ଭିତରେ ଗୋଟିଏ ଅନ୍ଧାର ଆକାଶ । ରୂପେଲୀ ଡେଣାଥିବା ଚଢ଼େଇମାନେ ବେଳେବେଳେ ସେ ଆକାଶରେ ଉଡ଼ିବେ । ବୋଧହୁଏ ସେଇଟା ଆକାଶ ନ ହୋଇ ସମୁଦ୍ରଟିଏ ମଧ୍ୟ ହୋଇପାରେ । ସେଇ ରୂପେଲୀ ଜିନିଷଗୁଡ଼ିକ ଛୋଟ ଛୋଟ ଡଙ୍ଗା ହୋଇ ପାରନ୍ତି ।

'ଦୟାକରି ପିଇଦିଅ...'

ସ୍ତ୍ରୀଲୋକଟି ଯେତେବେଳେ ଆଖି ଖୋଲିଲା, ଦେଖିଲା ନର୍ସଟିଏ ତା' ବିଛଣା କଡ଼ରେ ଗୋଟିଏ ହାତରେ ଔଷଧ ଓ ଅନ୍ୟ ହାତଟିରେ ପାଣି ଗ୍ଲାସ ଧରି ଠିଆ ହୋଇଛି ।

ତା' ସ୍ୱାମୀ କହିଲେ 'ତମେ ହଠାତ୍ ମୂର୍ଚ୍ଛା ହୋଇଗଲ । ବର୍ତ୍ତମାନ ଭଲ ଲାଗୁଛି ତ ?'

ସ୍ତ୍ରୀ ଲୋକଟି ତା' କପାଳକୁ ଛୁଇଁ ଦରଦ ଲାଗୁଛି ବୋଲି କହିଲା ।

'ବିନ୍ଧୁଛି !'

'ବ୍ୟସ୍ତ ହୁଅନି । ଆମେ ଶୀଘ୍ର ଘରକୁ ଚାଲିଯିବା ।'

'ମୁଁ...'

ସ୍ତ୍ରୀଲୋକଟି ଖୁସିରେ ସ୍ୱାମୀର ଅଙ୍ଗୁଳିଗୁଡ଼ିକ ଧରିପକାଇଲା । 'ମୁଁ ଏ ବଟିକାଗୁଡ଼ିକ ଖାଇବି ନାହିଁ । ସବୁବେଳେ ନିଦରେ ଶୋଇବା କ'ଣ ଦରକାର ?'

'କିନ୍ତୁ...'

'ମୁଁ ତ ପାଗଳ ନୁହେଁ ଡାକ୍ତର ।'

'ଆପଣଙ୍କୁ ପାଗଳ ବୋଲି କିଏ କହିଲା ?'

'କ୍ଲାନ୍ତ... ତେଣୁ । ଥରେ ଘରକୁ ଚାଲିଗଲେ...'

'ଶୋଇଲା ଭଳି ଜଣାପଡୁଛି...'

'ମୋ ମତରେ ସେ ଖୁବ୍ ଡରିଯାଇଛନ୍ତି । ବୋଧହୁଏ ଏଠି କୌଣସି ଦୃଶ୍ୟ ଦେଖି...'

'ସେ ସବୁ ବାଜେ କଥା ବନ୍ଦ କର, ନର୍ସ...'

କଥାବାର୍ତ୍ତା ଆସ୍ତେ ଆସ୍ତେ କ୍ଷୀଣ ହୋଇ ମିଳାଇ ଯାଉଥିଲା । ପୁଣି ଥରେ ଗଭୀର ନିଦରୁ ଉଠି ସ୍ତ୍ରୀ ଲୋକଟି କହିଲା : 'ମୁଁ କୌଣସି ସ୍ୱପ୍ନ ଦେଖି ନାହିଁ ।'

ତା' ସ୍ୱାମୀ ହସିଦେଲେ ।

'ଆସ, ଏଥର ଯିବା'

ହସପିଟାଲ୍‌ର ପାହାଚ ଓହ୍ଲାଇବା ବେଳେ, ତାଙ୍କ କାନରେ ନର୍ସ କହିଲା 'ଗୋଟିଏ ଡେଉଁରିଆ ବାନ୍ଧିବାକୁ ଭୁଲିବ ନାହିଁ । ତମ ଗାଁ ଲୋକଙ୍କୁ ଗୁଣିଗାରିଡ଼ି ଜଣା, ନୁହେଁ ?'

କାର୍‌ରେ ବସି ସ୍ତ୍ରୀ ଲୋକଟି କହିଲା 'ମୋତେ ସ୍ୱପ୍ନ ଭଲ ଲାଗେନା ।'

ତା' ସ୍ୱାମୀ କିଛି ଉତ୍ତର ଦେଲେ ନାହିଁ । ଗାଡ଼ି ଚଳାଇବା ବେଳେ ବେଶୀ କଥାବାର୍ତ୍ତା କରିବା ତାଙ୍କ ଅଭ୍ୟାସ ନ ଥିଲା । ସ୍ତ୍ରୀ ଲୋକଟି ପୁଣି ଥରେ ପଚାରିଲା :

'ବେବି ନିଦରେ ଶୋଇଥିବା ବେଳେ କାହିଁକି ହସେ ?'

ଏହା କହି ସେ ନିଜେ ହସିଦେଲା । ତା' ଦାନ୍ତଗୁଡ଼ିକ କାର୍ ଆଇନାରେ ସ୍ପଷ୍ଟରୂପେ ପ୍ରତିଫଳିତ ହେଉଥିଲା ।

'ଆମର ବେଶୀ ପିଲା ହେବା ଦରକାର ।'

'ହଁ'

'ଚାରୋଟି ପୁଅ, ଗୋଟିଏ ଝିଅ ।'

'ହଁ ।'

ଘରେ ପିଲାଭର୍ତ୍ତି ହୋଇଥିଲେ ତାକୁ ସେଠୁ ଆଉ କେହି ନେଇଯାଇ ପାରିବେ ନାହିଁ । ଏତେ ପ୍ରେମ, ସ୍ନେହ ଏତେ ସୁଖମୟ ଜୀବନ ଭିତରୁ ତା'କୁ କେହି ନେଇଯାଇ ପାରିବେ ନାହିଁ ।

ସେ ଖୁସିରେ ହସୁଥିଲା ।

'ଭୂତମାନଙ୍କୁ କ'ଣ ଆଘାତ ଦେଇହେବ ? ତାଙ୍କୁ କ'ଣ ଏଡ଼ିଦେଇ ହେବ ?'

'ମୁଁ ତୁମକୁ କହିଲି ପରା ଭୂତ ବୋଲି କିଛି ନାହିଁ ।'

'ହଁ । ମୁଁ ଏମିତି ପଚାରିଦେଲି । ସେମିତି କିଛି ନାହିଁ ବୋଲି ମୁଁ ମଧ୍ୟ ଜାଣିଛି ।'

'ତମକୁ ଯଦି କ୍ଳାନ୍ତ ଲାଗୁଛି, ତେବେ ଆଖି ବନ୍ଦକରି ଶୋଇପଡ଼ । ଘରେ ପହଞ୍ଚିଲେ ତମକୁ ଉଠାଇଦେବି ।'

ସ୍ତ୍ରୀ ଲୋକଟି ଆଖି ବୁଜିଦେଲା । ତଥାପି ରାସ୍ତାର ଆଲୁଅ ତା ଆଖି ଭିତରକୁ ପଶିଯାଉଥିଲା । ବେଳେବେଳେ ନିଜ ଚାରିଆଡ଼େ କୁହୁଡ଼ି ଘୋଟିଯାଇଥିଲା ଭଳି ଲାଗୁଥିଲା । ଏତିକିବେଳେ ତା'ର ଦିନକର ଘଟଣା ମନେପଡ଼ିଲା । ଏମିତି କିଛି ସେଦିନର ସ୍ୱତନ୍ତ୍ରତା ବା ମାଧୁର୍ଯ୍ୟ ନ ଥିଲା । ମାତ୍ର ସେ ସ୍ମୃତିଟି ଗୋଟିଏ ଫୁଲର ବାସ୍ନା ଭଳି ତାକୁ ବିମୋହିତ କରିବାକୁ ଲାଗିଲା । ଖରାଦିନର ଗୋଟିଏ ଅପରାହ୍ଣ । ବୁଦ୍ଧ ମନ୍ଦିର ଯିବାକୁ କାର୍‌ରେ ସେ ଡ୍ରାଇଭରର ବାଁ କଡ଼ରେ ବସିଥିଲା । ତା' ବାପା, ମା କାର୍‌ର ପଛ ସିଟ୍‌ରେ ବସିଥିଲେ । ରାସ୍ତାରେ ଗରମ ପବନ । ବାହାରେ ସୂର୍ଯ୍ୟକିରଣ ରୁପା ଭଳି ଚିକ୍‌ଚିକ୍ କରୁଥାଏ । ତା' ଆଖି ନିଦରେ ପଡ଼ିଆସିଲା । କାର୍‌ଟି ଯୋରରେ ଚାଲିଥାଏ । ...ଏ କ'ଣ ସୁଖ ? ଗୋଟିଏ ଅପ୍ରତ୍ୟାଶିତ ଅତିଥି ଭଳି ଖବର ନ ଦେଇ ଆସି ପହଞ୍ଚେ । ବିନା ଜାକଜମକରେ ? ଏମିତି ମୂର୍ତ୍ତିଟିଏ ଯିଏ କାନ୍ଧରେ ନିଜ ଜିନିଷପତ୍ର ଧରି ଘରୁ ବାହାରି ରାସ୍ତାରେ ଫେରିଯାଉଥାଏ । ଜଣେ କହିଥିଲେ 'ଏହା ହିଁ ସୁଖ...'

'କ'ଣ କହିଲ ?' ତା' ସ୍ୱାମୀ ପଚାରିଲେ ।

'ମୁଁ ଭାବୁଥିଲି ।'

'କେଉଁ ବିଷୟରେ ?'

'ଗୋଟିଏ ମନ୍ଦିର ଯାହାକୁ ମୁଁ ଅନେକ ବର୍ଷ ତଳେ ଦେଖିଥିଲି ।' ସେ ହସିଦେଲେ ।

'ଏବଂ ସେଇ ଶାଢ଼ୀଟି ବିଷୟରେ, ଯାହାକୁ ପିନ୍ଧି ତମେ ସେଦିନ ମନ୍ଦିର ଯାଇଥିଲ ?' ତା' ସ୍ୱାମୀ କହିଲେ ।

ତା' ମନକଥା ସେ ଜାଣିପାରନ୍ତି ବୋଲି ବହୁବାର ତା ସ୍ୱାମୀ କହିଥିବାର ତା'ର ମନେ ପଡ଼ିଲା ।

ସ୍ତ୍ରୀ ଲୋକଟି ହସି ହସି କାର୍ ଦର୍ପଣକୁ ଚାହିଁ ସ୍ୱାମୀଙ୍କୁ କହିଲା,

'ହଁ, ତମେ କେମିତି ସେକଥା ଜାଣିଲ ?'

ତା'କଥା ଶୁଣି ସେ ହସିବାକୁ ଲାଗିଲେ । କାର୍‌ଟି ଗୋଟିଏ ମୋଡ଼ ପାରହୋଇ ଚଉଡ଼ା ରାସ୍ତାରେ ଯିବାକୁ ଲାଗିଲା। ସ୍ତ୍ରୀଲୋକଟି ନିଜକୁ ପ୍ରଶ୍ନ କଲା । 'ସେ କ'ଣ ମୋ ଭାବନାକୁ ବୁଝିପାରିବେ ? ବାକ୍‌ସ ଭିତରେ ଥିବା ଚନ୍ଦନକାଠ ଭଳି ତା ସ୍ମୃତିକୁ ବାହାର କରି ତାଙ୍କୁ ଦେଖାଇ ଲାଭ ବା କ'ଣ ? ଗୋଲାପୀ ରଙ୍ଗର ମନ୍ଦିର, ପାହାଚ ପାଖରେ ବିକ୍ଷିପ୍ତ ହୋଇ ପଡ଼ିଥିବା ନାନା ରଙ୍ଗର ଚପଲ, ନଈ କୂଳରେ ଖାଲିପାଦରେ ବୁଲୁଥିବା ସନ୍ନ୍ୟାସିନୀଗଣ, ମନ୍ଦିର ଆଗ ବଗିଚାରେ ବସିଥିବା ମା'ଟିଏ, ହସୁଥିବା ବାପା... ଯଦିଓ ଏସବୁ ଚିତ୍ରଗୁଡ଼ିକୁ ସେ ଏକତ୍ର କରି ତାଙ୍କୁ ବୁଝାଏ ତଥାପି ବି ସେ ଦିନର ବିପୁଳ ସୌନ୍ଦର୍ଯ୍ୟକୁ ସେ ତାଙ୍କୁ ବୁଝାଇପାରିବ ନାହିଁ । ସେ ନିଶ୍ଚୟ ତାଙ୍କର ସ୍ୱଭାବସୁଲଭ ଢଙ୍ଗରେ ପଚାରିବେ, 'ତା'ପରେ କ'ଣ ହେଲା ?'

ତା'ପରେ କ'ଣ ହେଲା । କିଛି ନୁହେଁ । ଚିତ୍ରଗୁଡ଼ିକ ଆଖି ଆଗରେ କେବଳ ବଡ଼ ହେବାକୁ ଲାଗିଥିଲା । ସବୁ ମୃତ ଜିନିଷଗୁଡ଼ିକ ସ୍ମୃତି ହୋଇ ରହିଥିଲା । ରଙ୍ଗ, ସ୍ୱର, ଗନ୍ଧ... ସବୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲା । ତଥାପି ସେସବୁକୁ ସେ ବେଳେବେଳେ ମନେ ପକାଉଥିଲା । ଏଣୁ ମୃତ୍ୟୁ ସବୁ ଜିନିଷର ଅନ୍ତ ନୁହେଁ ।

ମୃତ୍ୟୁ ଆରମ୍ଭ କି ଶେଷ ନୁହେଁ । ଏହା ବ୍ୟାପ୍ତ ହୋଇ ରହିଥାଏ । ଜୀବନ ପୂର୍ବରୁ ଓ ପରେ ।' କ୍ଳାନ୍ତ ଦିଶୁଥିବା ଲୋକଟି ଏକଥା ତାକୁ କହୁଥିଲା ।

ସେଦିନ ଜହ୍ନ ଆଲୁଅ ଝର୍କାବାଟେ ଆସି ତା' ବିଛଣା ଉପରେ ଶୋଇ ପଡ଼ିଥାଏ । ବାହାର ବାରଣ୍ଡାରେ ନର୍ସମାନଙ୍କର କଥାବାର୍ତ୍ତା ଶୁଭୁ ନ ଥିଲା । ସେ ଭୟରେ ମୁହଁ ଉପରେ ତକିଆ ମାଡ଼ି ରଖିଥିଲା ।

ତା'ପରେ ଲୋକଟି କହିଲା, 'ମୁଁ ତମକୁ ଭଲପାଏ ।' ସ୍ମୃତିସବୁ ଦୂରେଇ ରଖିବାକୁ, ସେ ସ୍ୱାମୀ ଆଡ଼କୁ ଅନାଇ କହିଲା: 'ଶୀଘ୍ର ଘରେ ପହଞ୍ଚିବାକୁ ମୋ ମନ ବ୍ୟାକୁଳ ହେଲାଣି ।'

ସେ ହସିଲେ ।

'ତମ ହସ ମୋତେ ଭଲ ଲାଗେ । ସେଇ ହସଟିଏ ଧୀରେ ଧୀରେ ଶବ୍ଦହୀନ ଭାବେ ତମ ମୁହଁ ଉପରେ ଖେଳିଯାଏ ଓ ଅଦୃଶ୍ୟ ହୋଇଯାଏ ।'

ଏହା କହି ସ୍ତ୍ରୀ ଲୋକଟି ହଠାତ୍ ଚୁପ୍ ହୋଇଗଲା । କିନ୍ତୁ ତା'ର ଅନେକ କଥା କହିବାର ଥିଲା । କେମିତି ବାସର ରାତିରେ ସେମାନେ ସମୁଦ୍ର କୂଳରେ ଗର୍ଜୁଥିବା ଲହଡ଼ିମାନଙ୍କୁ ମୁହଁକରି ଠିଆ ହୋଇଥିଲେ । ଲହଡ଼ିକୁ ମୁଣ୍ଡ ଦେଖାଇ ହସି ହସି ଫାଟି ପଡୁଥିଲେ । ଛୁଟିଦିନରେ ସେମାନେ ପଡ଼ିଆରେ ପିଲାଙ୍କ ପରି ଗୁଡ଼ି ଉଡ଼ାଉଥିଲେ, ତା'ର ଅସଜଡ଼ା ବାଳ ପବନରେ ଉଡ଼ି ତା' ମୁହଁ ଉପରେ ଲାଗିଯାଉଥିଲା । ଏସବୁ କଥା ସେ ତାଙ୍କୁ କହିବାକୁ ଚାହୁଁଥିଲା ମାତ୍ର କେବଳ ସେ କହିଲା : 'ମୁଁ ତୁମକୁ ବହୁତ ଭଲ ପାଉଥିଲି ।'

'ଆଉ ଏବେ ?'

'ଏବେ ବି ।'

ଏକଥା କହିବାବେଳେ ସେ ଥଙ୍ଗ ଥଙ୍ଗ ହୋଇଯାଉଥିଲା ।'

ତା' ପୂର୍ବଦିନ...

'ଏବେ ଆମେ ଘର ପାଖାପାଖି ହୋଇଗଲେଣି । ତାଙ୍କ ଘର ଆଡ଼କୁ ଯାଇଥିବା ଅଣଓସାରିଆ ରାସ୍ତାରେ କାର୍‌ଟି ପ୍ରବେଶ କଲା । ବିପରୀତ ଦିଗରୁ ଯୋରରେ ଆସୁଥିବା ଟ୍ରକ୍‌ର ଉଜ୍ଜ୍ୱଳ ହେଡ୍‌ଲାଇଟ୍‌କୁ ଦେଖି ସେ କହିଲା 'ସାବଧାନ ହୋଇ ଗାଡ଼ି ଚଲାଅ । ଏସବୁ ଟ୍ରକ୍ ଡ୍ରାଇଭରମାନେ ଖୁବ୍ ଦାୟିତ୍ୱହୀନ ।

ଆଲୁଅ ଓ ଶବ୍ଦ ତାଙ୍କର ଖୁବ୍ ନିକଟ ହୋଇ ଆସୁଥିଲା । କାର୍‌ଟିକୁ ରାସ୍ତାର ଗୋଟିଏ ପାଖକୁ ନେଇଯିବାକୁ ସେ ତା' ସ୍ୱାମୀଙ୍କୁ କହିଲା ।

'ସାବଧାନ ହୋଇ ଚଲାଅ ।'

ଏହି ସମୟରେ ଟ୍ରକ୍ ଚାଳକର ମୁହଁଟି ତାକୁ ସ୍ପଷ୍ଟ ଦେଖାଗଲା । ମଳିନ ମୁହଁରେ ଜଳନ୍ତା ଆଖି ଯୋଡି, ଝାଳ ଜକେଇ ଆସିଥିବା କପାଳ, ବ୍ୟାଣ୍ଡେଜ୍...

'ଓଃ !'

ଅଗ୍ନିଶିଖା ଆସ୍ତେ ଆସ୍ତେ ଲିଭିଆସିଲା । ଦେହକୁ ପୋଡ଼ି ଦେଉଥିବା ଉତ୍ତାପ ବି କମି ଆସିଲା । ସେ ଆଖି ଖୋଲିଲା । କ୍ଲୋରୋଫର୍ମର ଥଣ୍ଡା ମଧୁର ବାସ୍ନା ଖେଳିଯାଇଥିଲା ।

'ମୁଁ କ'ଣ ହସ୍‌ପିଟାଲ୍‌ରେ ?'

ତା ପାଖରେ ବସିଥିବା ଲୋକଟି ହସିଦେଲା । ସେ ନିଜେ ବି ହସିଲା । ଲୋକଟିର ବାହୁକୁ ଧରି ସେ ଠିଆ ହେଲା । ରୂପେଲି ମେଘମାନେ ଆକାଶରେ ବୁଲୁଥାନ୍ତି । ଜଳପ୍ରପାତ ପାହାଡ଼ ଧାରରୁ ଗର୍ଜି ଗର୍ଜି ଗଡ଼ିଆସୁଥାଏ । ସବୁଆଡ଼ ଖାଲି କୁହୁଡ଼ିରେ ଭର୍ତ୍ତି । ମୃତ୍ୟୁ ପରେ ଅନ୍ତହୀନ ଗୋଟିଏ ନୀଳ ନଈ କେଉଁ ଅଜଣା ଜାଗାକୁ ବହିଯାଉଥାଏ...

ସୁଖ ? ...ଏକ ଅର୍ଥହୀନ ଶବ୍ଦ ।

ଦୀପକ ! ଜଳ ମଧୁର ମଧୁର

ମହାଦେବୀ ବର୍ମା
ଅନୁବାଦ : ବିଦ୍ୟୁତ୍‌ଲତା ଗନ୍ତାୟତ

ଦୀପକ ! ଜଳ ମଧୁର ମଧୁର
ଯୁଗଯୁଗ, ପ୍ରତିଦିନ, ପ୍ରତିକ୍ଷଣ
ଆଲୋକିତ କରି ପଥ ପ୍ରିୟତମର !

ସୂର୍ଯ୍ୟାଲୋକ ସମ ସୌରଭ ପ୍ରସରି
ମୃଦୁ ତନୁରେ ସ୍ନିଗ୍ଧତା ସିଞ୍ଚିତ କରି
ଢାଳ ଜ୍ୟୋତିର୍ମୟ ସିନ୍ଧୁ ଅପାର
ଅନ୍ତରୁ ବିସର୍ଜି ଅମୃତ ଝର ।

ଦୀପକ ! ଜଳ ପୁଲକିତ
କରି ପ୍ରିୟ ପଥ ଆଲୋକିତ !

ସଂସାରେ ଅନେକ କୋମଳ ପ୍ରାଣ
ଯାଚଞ୍ଚା କରନ୍ତି ଜ୍ୱାଳା ନିର୍ମମ
ନିରୀହ ପତଙ୍ଗ କହେ ଆବେଗେ
ହାୟ ମୁଁ ଜଳନ୍ତି ତୁମ ଗରଭେ ।

ଦୀପକ ! ଜଳ ଶିହରିତ
କରି ପ୍ରିୟ ପ୍ରାଣ ପ୍ରୀତିସ୍ନାତ !

ଜଳନ୍ତି ଆକାଶେ ଦେଖ ଅସଂଖ୍ୟ
ପ୍ରତ୍ୟୟ ବଞ୍ଚିତ ପ୍ରାୟେ ତାରକ
ବିଦ୍ୟୁତ୍ ଆବେଶେ ବନ୍ଦୀ ବାଦଲ
ଜଳଧି ମାନସେ ବହ୍ନି ହିନ୍ଦୋଳ ।

ଦୀପକ ! ଜଳ ବିହସିତ
କରି ପ୍ରିୟ ପଥ ଗୁଞ୍ଜରିତ !

ଦ୍ରୁମକାୟା ଚିର ହରିତ ନମ୍ର
ଜ୍ୱାଳା ଚୋଟ କରେ ହୃଦୟଙ୍ଗମ,
ବସୁଧା ଅନ୍ତର ତଳେ ତରଳ
ଜ୍ୱାଳାମୁଖୀ ହୃଦେ ଲାଭା ପ୍ରଜ୍ୱଳ ।

ଦୀପକ ! ଜଳ ବିଚ୍ଛୁରିତ
କରି ପ୍ରିୟ ପଥ ଆଲୋକିତ !

ଶ୍ୱାସ-ପ୍ରଶ୍ୱାସ ସମ ଦ୍ରୁତ ପ୍ରଖର
ବନ୍ଧୁ ! ଲିଭିଯିବା ଭୟ ମନେ ନ ଧର,
ଅଞ୍ଚଳ ଉହାଡ଼େ ଆବୋରିନେବି
ମୃଦୁ ପଲକ ଛାୟାର ସ୍ନିଗ୍ଧତା ଦେବି ।

ଦୀପକ ! ଜଳ ସହଜ ସହଜ
ଆଲୋକିତ କରି ପ୍ରିୟ ପଦ ପଙ୍କଜ !

ସୀମାର ବନ୍ଧନ ଲଘୁତା ଆଣେ
ଅସୀମ କେବେ କି ସମୟ ଗଣେ,
ଦୃଷ୍ଟିର ଅକ୍ଷୟ କୋଷରୁ ନେଇ
ନୀରଭରା ତୁମ ନୟନ ଦୁଇ ।

ଦୀପକ ! ଜଳ ତରଳ ତରଳ
ପ୍ରିୟ ପଥ କରି ଚିର ସଜଳ !

ତୁମ ଔଜ୍ଜଲ୍ୟକୁ ନିନ୍ଦି ତମୋ ଅସୀମ
ଅଭିନବ ରଙ୍ଗ ରଚଇ ବ୍ୟୋମ,
ତମୋ ତନୁ ପରେ ବିନ୍ଦୁ ବିନ୍ଦୁରେ
ଆଙ୍କିଦିଅ ବହ୍ନି ଛଟା ଅଚିରେ ।

ଦୀପକ ! ଜଳ ମୃଦୁ ମୃଦୁଳ
ପ୍ରିୟ ପଥ କରି ରଶ୍ମି ଉଜ୍ଜ୍ୱଳ !

ଜଳି ଜଳି କ୍ଷୟ ହୁଅ ଯେ ଭାବେ
ଛଳେବଳେ ପ୍ରିୟ ଆସେ ସମୀପେ
ତା'ର ସ୍ନିଗ୍ଧ ମଞ୍ଜୁଳ ସ୍ନେହ ପରଶେ
ମଧୁର ମିଳନୀ ଶୃଙ୍ଗାର ରଚେ ।

ଦୀପକ ! ଜଳ ମଦିର ମଦିର
ପ୍ରିୟ ପଥ କରି ସ୍ମୃତି ମଧୁର !

ପ୍ରକଳ୍ପ

ପ୍ରଦତ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ-

୧) ବୃକ୍ଷରୋପଣ, ୨) ରକ୍ତଦାନ ଶିବିର, ୩) ସ୍ୱାସ୍ଥ୍ୟରକ୍ଷା ଶିବିର, ୪) ପୁସ୍ତକ ସମୀକ୍ଷା, ୫) ପୁସ୍ତକ/ପତ୍ରିକା ସମ୍ପାଦନା, ୬) ପ୍ରଦୂଷଣ ନିୟନ୍ତ୍ରଣ, ୭) ବିଦ୍ୟାଳୟରେ ଶୃଙ୍ଖଳା ରକ୍ଷା, ୮) ବନ୍ୟ ପ୍ରାଣୀ ସଂରକ୍ଷଣ ।

ନିମ୍ନରେ ବୃକ୍ଷରୋପଣ ପ୍ରକଳ୍ପଟି ଦୃଷ୍ଟାନ୍ତ ସ୍ୱରୂପ ଗୃହୀତ ।

ବୃକ୍ଷରୋପଣ ପ୍ରକଳ୍ପ

ଭୂମିକା :-

ମାନବ ସଭ୍ୟତାର ବିକାଶ କ୍ଷେତ୍ରରେ ବୃକ୍ଷ ବା ଅରଣ୍ୟର ଭୂମିକା ଉଲ୍ଲେଖଯୋଗ୍ୟ । ସ୍ନେହ ଶୀତଳଛାୟା, ଉଦାର ପ୍ରଶାନ୍ତ ପରିବେଶ ଓ ଶ୍ୟାମଳତାର ଆକର୍ଷଣରେ ମଣିଷ ଆଶ୍ରୟ ନେଇଥିଲା ଅରଣ୍ୟ କୋଳରେ । ଅରଣ୍ୟ ମଣିଷର ବିଚରଣକ୍ଷେତ୍ର । ଏହା ଦାନ କରିଛି ଫଳମୂଳ, ଔଷଧୀୟ ଦ୍ରବ୍ୟ, ବସନର ବଳ୍କଳ, ଅଳଂକରଣର ପୁଷ୍ପ ସମ୍ଭାର, ଯଜ୍ଞର ସମିଧ, ବାସଗୃହର ଉପାଦାନ । ଭାରତର ବୈଦିକ ସଭ୍ୟତା ମୁଖ୍ୟତଃ ଅରଣ୍ୟକେନ୍ଦ୍ରିକ । ମୁନିଋଷିମାନଙ୍କର ସାଧନା କ୍ଷେତ୍ର ଥିଲା ତପୋବନ । ରାମାୟଣ ଓ ମହାଭାରତ ଆଦି ପୁରାଣରେ ବହୁ ଅରଣ୍ୟ କେନ୍ଦ୍ରିକ କାହାଣୀ ମିଳେ ।

ସମସ୍ୟା :-

ବର୍ତ୍ତମାନ ଜଳ, ମାଟି, ବାୟୁ ପ୍ରବଳମାତ୍ରାରେ ଦୂଷିତ ହେଉଛି । ଜନ ବିସ୍ଫୋରଣ, ନଗରାୟନ, ଶିଳ୍ପ ସଂସ୍ଥାପନ, ପଶୁଚାରଣ, ଭୂମି ସଂପ୍ରସାରଣ, ବୃକ୍ଷ ଛେଦନ, ପଥ ନିର୍ମାଣ ଇତ୍ୟାଦି ପାଇଁ ଅରଣ୍ୟଭୂମି ସଂକୁଚିତ ହେଉଛି ।

ଅତ୍ୟଧିକ ଜନସଂଖ୍ୟାର ପ୍ରୟୋଜନ ମେଣ୍ଟାଇବାକୁ ଓ କୃଷିଭୂମିର ପରିମାଣ ବୃଦ୍ଧି କରିବାକୁ ନିର୍ମମଭାବରେ ଅରଣ୍ୟକୁ ନିଧନ କରାଯାଉଛି । ଗୋଟିଏ ଦେଶର ମୋଟ ଭୂମିର ୩୩% ଅରଣ୍ୟ ରହିବା ଦରକାର । କିନ୍ତୁ ଆମ ଦେଶରେ ମୋଟେ ୧୪% ଭୂମି ଅରଣ୍ୟ ବେଷ୍ଟିତ । ଭାରତରେ ବନର ପରିମାଣ ପୃଥିବୀରେ ସବୁଠାରୁ କମ ବୋଲି ଜଣାଯାଏ ।

ବ୍ୟାବସାୟିକ ଓ ବ୍ୟକ୍ତିଗତ ସ୍ୱାର୍ଥରେ ଗୋଟିଏ ବର୍ଷରେ ୧୧ ମିଲିୟନ ଗଛ ଆମଦେଶରେ କଟାଯାଏ । ଶିଳ୍ପପାଇଁ ଗୋଟିଏ ବର୍ଷରେ ୮୦୦ ବର୍ଗ ମାଇଲ ଗଛର ଅବଲୁପ୍ତି ଲକ୍ଷ୍ୟ କରାଯାଏ । ଆମ ଦେଶରେ ପ୍ରତିଦିନ ଅସଂଖ୍ୟ ଗଛ ବେଆଇନ ଭାବେ କଟାହୁଏ । ଏହାଛଡ଼ା ଅତିରିକ୍ତ ପଶୁଚାରଣ ପାଇଁ ୧୫୦୦୦ ବର୍ଗ କିଲୋମିଟର ଅରଣ୍ୟ ବ୍ୟବହୃତ ହୁଏ ।

ବନଭୂମିର ଉପଯୋଗିତା ଓ ବନଭୂମିର ଭୟାବହ ପରିଣତି ବିଷୟ ବିବେଚନାକରି ଯେଉଁ ପ୍ରକଳ୍ପଟି ଗ୍ରହଣ କରାଗଲା, ତାହା ହେଉଛି ବୃକ୍ଷରୋପଣ ।

ଉଦ୍ଭିଦ ଆମର ପରମବନ୍ଧୁ । ଏହା ଆମର ପ୍ରାଣ । ପ୍ରସ୍ୱେଦନ ପ୍ରକ୍ରିୟା ଦ୍ୱାରା ଉଦ୍ଭିଦ ଅରଣ୍ୟ ଅଞ୍ଚଳରେ ବାୟୁମଣ୍ଡଳରେ ଜଳୀୟ ବାଷ୍ପର ପରିମାଣ ବୃଦ୍ଧି କରେ । ଫଳରେ ବୃଷ୍ଟି ହୁଏ । ଦୂଷିତ କାର୍ବନ ଡାଇ ଅକ୍ସାଇଡ୍‌କୁ ଶୋଷି ନେଇ ଏହା ପ୍ରାଣ ପାଇଁ ଅପରିହାର୍ଯ୍ୟ ଅକ୍ସିଜେନ ଦିଏ । ଗୋଟିଏ ଗଛ ଦେଉଥିବା ଅକ୍ସିଜେନର ଆର୍ଥିକ ମୂଲ୍ୟର ଅଙ୍କ ହେଉଛି ୧୫,୭୦.୦୦୦ ଟଙ୍କା । ଅରଣ୍ୟ ଝଡ଼ର ଗତିକୁ ପ୍ରତିରୋଧ, ମରୁଭୂମିର ସମ୍ଭାବନା ଓ ପ୍ରସାରକୁ ପ୍ରତିରୋଧ ଓ ଜୈବ ପଦାର୍ଥ ସଂଯୋଜନାରେ ମୃତ୍ତିକାକୁ ଉର୍ବର କରେ । ଭୂମିକ୍ଷୟ ନିବାରଣ, ବନ୍ୟାରୋଧ ପ୍ରଭୃତି କଲ୍ୟାଣକର କାର୍ଯ୍ୟରେ ଏହାର ଅତୁଳନୀୟ ଅବଦାନ । ଶିଷ୍ୟକ୍ଷେତ୍ରରେ ମଧ୍ୟ ଏହାର ଅବଦାନ ସ୍ମରଣୀୟ । ଜାଳେଣିରେ, ଆସବାବପତ୍ର ନିର୍ମାଣରେ, ଜାହାଜ, ରେଲଗାଡ଼ି ନିର୍ମାଣ ଓ ଗୃହ ନିର୍ମାଣରେ କାଠର ବ୍ୟବହାର ହୁଏ । ବଣରୁ ମିଳେ ଝୁଣା, ରବର, ଲାକ୍ଷା, କର୍ପୂର, ମଧୁ, ମହମ ଓ କୁଇନାଇନ ପ୍ରଭୃତି ନାନା ଔଷଧ । ଭେଷଜ ଔଷଧର ଉପାଦାନ ହିସାବରେ ଗଛପତ୍ର, ଚେର, ମୂଳ ବ୍ୟବହୃତ ହୁଏ । ଏହା ସତ୍ତ୍ୱେ ମଣିଷ ସ୍ୱାର୍ଥସିଦ୍ଧି ପାଇଁ ଅରଣ୍ୟ ଉଚ୍ଛେଦ କରିବାକୁ କୁଣ୍ଠାବୋଧ କରେନା ।

ପ୍ରକଳ୍ପର ଉଦ୍ଦେଶ୍ୟ :-

୧ । ବନଭୂମିର ପରିମାଣ ବୃଦ୍ଧି ।

୨ । ପତିତ ଜମି ଉଦ୍ଧାର ଓ ତାହାର ଯଥାଯଥ ବ୍ୟବହାରରେ ଦେଶର ସମ୍ପଦ ଉତ୍ପାଦନ ।

୩ । ବନଭୂମିରୁ ପ୍ରୟୋଜନରେ ଅନୁମତି ସାପେକ୍ଷ ଗଛପତ୍ର, ଡାଳ, କାଠ ସଂଗ୍ରହ କରାଯାଇପାରେ ।

୪ । ବୃକ୍ଷରୋପଣ କାର୍ଯ୍ୟରେ ଛାତ୍ରମାନଙ୍କ ଆଗ୍ରହ ସୃଷ୍ଟି କରିବା ଏବଂ ଅଞ୍ଚଳର ଲୋକମାନଙ୍କୁ ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ପ୍ରେରଣା ଯୋଗାଇବା ।

୫ । ସବୁ ସ୍ତରର ମଣିଷଙ୍କୁ ବୃକ୍ଷରୋପଣର ତାତ୍ପର୍ଯ୍ୟ ବୁଝାଇବା ।

ଅକ୍ସିଜେନ ଓ କାର୍ବନ ଡାଇଅକ୍ସାଇଡର ଭାରସାମ୍ୟ ରକ୍ଷା :-

ମଣିଷ ପ୍ରାଣୀମାନଙ୍କ ବଞ୍ଚିରହିବା ପାଇଁ ଅକ୍ସିଜେନର ଏକାନ୍ତ ପ୍ରୟୋଜନ । ଉଦ୍ଭିଦ ସାଲୋକ ସଂଶ୍ଳେଷ ପ୍ରକ୍ରିୟାରେ ଖାଦ୍ୟ ତିଆରି ସମୟରେ ଅକ୍ସିଜେନ ତ୍ୟାଗକରି ପରିବେଶକୁ ମୁକ୍ତ କରେ । ଫଳରେ ପରିବେଶରେ ଅକ୍ସିଜେନ ହ୍ରାସ ପାଏନା । ଅନ୍ୟଦିଗରୁ ଆମେ ଶ୍ୱସନ ପ୍ରକ୍ରିୟାରେ ଯେଉଁ କାର୍ବନ ଡାଇଅକ୍ସାଇଡ ତ୍ୟାଗ କରନ୍ତି ଉଦ୍ଭିଦ ତାହା ଗ୍ରହଣ କରି ପରିବେଶରେ କାର୍ବନ ଡାଇ ଅକ୍ସାଇଡର ପରିମାଣ ବଢ଼ାଇବାକୁ ଦିଏନା । ଏହିଭାବେ ଗଛ ପରିବେଶରେ ଅକ୍ସିଜେନ ଓ କାର୍ବନ ଡାଇଅକ୍ସାଇଡ୍‌ର ଭାରସାମ୍ୟ ରକ୍ଷା କରେ ।

କାଠର ପ୍ରୟୋଜନ :-

ଆସବାବ ପତ୍ର ତିଆରି ଓ ଘର ତିଆରିରେ କାଠର ବ୍ୟବହାର ହୁଏ । ଏହା ନାନା ଧରଣର ଶିଳ୍ପରେ କଞ୍ଚାମାଲ ହିସାବରେ ବ୍ୟବହୃତ ହୁଏ ।

ଖଣିଜ ସମ୍ପଦର ଉତ୍ସ :-

କୋଇଲା, ପେଟ୍ରୋଲିୟମ ପ୍ରଭୃତି ଖଣିଜ ସମ୍ପଦର ଉତ୍ସ ହେଉଛି ବୃକ୍ଷ ।

ଆବହାଓ୍ୱା :-

ବୃକ୍ଷ ଆବହାଓ୍ୱାକୁ ନିୟନ୍ତ୍ରଣ କରେ । ଜଣାଯାଏ, ଗୋଟିଏ ଅଞ୍ଚଳରେ ବଣ ଜଙ୍ଗଲ କଟା ହେଲେ ସେଠାରେ ବୃଷ୍ଟିପାତର ପରିମାଣ କମିଯାଏ । ବନାଞ୍ଚଳ ତାପମାତ୍ରା ନିୟନ୍ତ୍ରଣ କରେ । ସେଠାରେ ଅପେକ୍ଷାକୃତ ତାପମାତ୍ରା କମ ହୁଏ ।

ପ୍ରକଳ୍ପ ପରିକଳ୍ପନା :-

୧ । କେଉଁ ଅଞ୍ଚଳରେ କେଉଁଠି ବୃକ୍ଷ ରୋପଣ କରିବାକୁ ହେବ ତାହା ପଞ୍ଚାୟତ ସହିତ ଆଲୋଚନା କରିବାକୁ ହେବ ଏବଂ ପଞ୍ଚାୟତର ସଦସ୍ୟଙ୍କୁ ମଧ୍ୟ ଉପସ୍ଥିତ ରହିବାକୁ ଅନୁରୋଧ କରାଯିବ । ଏହାପରେ ଆମ ବିଦ୍ୟାଳୟରୁ ପରିବେଶ ବିଦ୍ୟାର ଭାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନେତୃତ୍ୱ ଓ ପରାମର୍ଶରେ ପ୍ରକଳ୍ପଟି ନିର୍ଦ୍ଧାରଣ କରାଯିବ ।

୨ । ଚାରାଗଛ, କୋଦାଳ, ଦଉଡ଼ି, ବାଉଁଶ ଆଗରୁ ସଂଗ୍ରହ କରି ରଖିବାକୁ ହେବ ।

୩ । ନିର୍ଦ୍ଧାରିତ ଦିନରେ ଶ୍ରେଣୀର ପାଠପଢ଼ା ବନ୍ଦ କରିବାକୁ ହେବ ।

୪ । ଅଞ୍ଚଳର ଉତ୍ସାହୀଲୋକଙ୍କୁ ସାଙ୍ଗରେ ରଖିବାକୁ ହେବ ।

୫ । ଜଳଖିଆର ବ୍ୟବସ୍ଥା କରିବାକୁ ହେବ ।

ପ୍ରୟୋଜନୀୟ ଉପକରଣ :-

ବିଭିନ୍ନ ପ୍ରକାର ଚାରାଗଛ, କୋଦାଳ, ଦାଆ, ଦଉଡ଼ି, ଝୁଡ଼ି, ବାଲତି, ସାର, ଛୋଟ ଛୋଟ କାଠି ପ୍ରଭୃତି ପ୍ରୟୋଜନା

ଦ୍ୱିତୀୟ ପରିଚ୍ଛେଦ :-

ଚାରା ରୋପଣର କେତେକ ସାଧାରଣ ନିୟମ :-

୧ । ଚାରାଗୁଡ଼ିକ ଯେପରି ସତେଜ ଥାଏ ଏବଂ ଚେରର ଯେମିତି କ୍ଷତି ନ ହୁଏ ।

୨ । ଯେଉଁମାଟିରେ ଚାରା ଲଗାଯିବ ସେ ମାଟି ଝୁରଝୁରିଆ ହେବ । ଚାରା ଲଗାଇବା ସମୟରେ ସାର ଖୁବ୍ ଅଳ୍ପ ଦେବାକୁ ହେବ ।

୩ । ଚାରା ଲଗାଇବା ପରେ ଉପଯୁକ୍ତ ପରିମାଣରେ ପାଣିଦେବାକୁ ହେବ ଏବଂ ଛୋଟ ଛୋଟ କାଠି ଦେଇ ଗଛଗୁଡ଼ିକୁ ବାନ୍ଧି ଦେବାକୁ ହେବ ।

୪ । ଗୋରୁ, ଛେଳି, ମେଣ୍ଢା, ପ୍ରଭୃତି ତୃଣଭୋଜୀ ପ୍ରାଣୀମାନେ ଯେପରି ଗଛଗୁଡ଼ିକର କ୍ଷତି କରି ନ ପାରନ୍ତି ସେଥିପାଇଁ ଘେର ଦେବାକୁ ହେବ।

୫ । ଚାରା ଲଗାଇବା ପରେ ବେଶ୍ କିଛିଦିନ ଗଛ ଗୁଡ଼ିକରେ ଜଳ ଓ ସାର ଦେବାକୁ ହେବ, ଡାଳ ଅଗରୁ ଅଳ୍ପ ଟିକିଏ କାଟିବାକୁ ହେବ ।

୬ । ଝାମ୍ପୁରା ଶ୍ରେଣୀର ଗଛହେଲେ ଅଗ କାଟିବାକୁ ହେବ ।

୭ । ଔଷଧ ଓ ଫୁଲଗୁଡ଼ିକୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲଗାଇବାକୁ ହେବ ଓ ଘେର ମଧ୍ୟରେ ରଖିବାକୁ ହେବ ।

ତଥ୍ୟ ବିଶ୍ଳେଷଣ :-

ଅରଣ୍ୟର ଉପଯୋଗିତା ହୃଦୟଙ୍ଗମ କରି ପ୍ରକଳ୍ପଗୁଡ଼ିକୁ ଗ୍ରାମ ଓ ସହରରେ ବ୍ୟାପକ ଭାବେ ଗ୍ରହଣ କରିବାକୁ ହେବ । ପ୍ରକଳ୍ପଗୁଡ଼ିକ ହେଉଛି ନିବିଡ଼ ବନ ପ୍ରକଳ୍ପ (Intensive Plantation), ଉତ୍ପାଦନଭିତ୍ତିକ ବନପ୍ରକଳ୍ପ (Captive Plantation), ସାମାଜିକ ବନ ସୃଜନ ପ୍ରକଳ୍ପ (Social Forestry) ଓ କୃଷିଭିତ୍ତିକ ବନପ୍ରକଳ୍ପ (Aqro Forestry) ।

ବୃକ୍ଷ ରୋପଣର ପଦ୍ଧତି :-

ଅରଣ୍ୟର ସମ୍ପ୍ରସାରଣ ଓ ସଂରକ୍ଷଣ ଉଦ୍ଦେଶ୍ୟରେ ସରକାରୀ ସ୍ତରରେ ବନବିଭାଗ ନାମରେ ଗୋଟିଏ ବିଭାଗ ରହିଛି । ସେହି ବିଭାଗ ତରଫରୁ ଅରଣ୍ୟ ସଂପ୍ରସାରଣ ଓ ସଂରକ୍ଷଣ କାର୍ଯ୍ୟକ୍ରମ ରୂପାୟିତ ହେଉଛି । ଏହି ଉଦ୍ଦେଶ୍ୟରେ ପଞ୍ଚବାର୍ଷିକ ପରିକଳ୍ପନାରେ ଆର୍ଥିକ ବ୍ୟୟ ବରାଦ ପାଇଁ ବ୍ୟବସ୍ଥା ହୋଇଛି । ଏହି ପ୍ରସଙ୍ଗରେ ବନ ସଂରକ୍ଷଣ ପାଇଁ କେତେକ ଅନୁସରଣୀୟ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରାଯାଇପାରେ । ଯଥା :- ପରିଣତ ଗଛକୁ କାଟି ନୂଆ ଗଛଲତା ଲଗାଇବା, ଫାଙ୍କା ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ, ଜାତୀୟ ସଡ଼କ ବା ପଥ ଧାରରେ ଧାଡ଼ି ଧାଡ଼ି ବୃକ୍ଷରୋପଣ କରିବା ।

ବୃକ୍ଷରୋପଣର ସୁଫଳ :-

ବୃକ୍ଷର ମୂଲ୍ୟନିର୍ଦ୍ଧାରଣ କରିବାକୁ ହେଲେ କେବଳ ତା'ର କାଠ, ପତ୍ର, ଫଳ ଇତ୍ୟାଦିକୁ ହିସାବକୁ ଆଣିଲେ ଭୁଲ ହେବ । କାରଣ ବୃକ୍ଷଦ୍ୱାରା ମଣିଷ ତଥା ସମଗ୍ର ପ୍ରାଣୀଜଗତ ଯେତେ ଉପକାର ପାଏ, ତାହା ଅମୂଲ୍ୟ । ବୃକ୍ଷଠାରୁ ଆମେ ନାନା ଭାବରେ ଉପକୃତ ହେଉ । ଯଥା :- ଖାଦ୍ୟ : ବଞ୍ଚିବାକୁ ହେଲେ ଆମର ଖାଦ୍ୟ ଦରକାର । ଶକ୍ତି ମିଳେ ଖାଦ୍ୟରୁ । ଖାଦ୍ୟ ଉତ୍ପନ୍ନ କରେ ଉଦ୍ଭିଦ । ସମସ୍ତ ଶକ୍ତିର ଉତ୍ସ ସୂର୍ଯ୍ୟ । ଉଦ୍ଭିଦ ସାଲୋକ ସଂଶ୍ଳେଷ ପ୍ରକ୍ରିୟାରେ ଖାଦ୍ୟ ତିଆରି କରିବା ସମୟରେ ସୌରଶକ୍ତିକୁ ରାସାୟନିକ ଶକ୍ତିରେ ରୂପାନ୍ତରିତ କରି ସ୍ଥିତିଶକ୍ତି ରୂପେ ଖାଦ୍ୟ ମଧ୍ୟରେ ଆବଦ୍ଧ କରେ । ଏହି ସଞ୍ଚିତ ଶକ୍ତିକୁ ଆମେ କାମରେ ଲଗାନ୍ତି ।

ପୃଥିବୀରେ ବୃକ୍ଷର ସଂଖ୍ୟାହ୍ରାସ ପାଉଛି । ଏହି ଦୃଷ୍ଟିରୁ ବ୍ୟାପକ ଭାବରେ ବୃକ୍ଷରୋପଣ କରିବା ଛଡ଼ା ପୃଥିବୀକୁ ବଞ୍ଚେଇ ରଖିବାର କୌଣସି ଉପାୟ ନାହିଁ । ଗଛକଟା ବଢ଼ିଯାଉଥିବାରୁ ଭୂମିକ୍ଷୟ ମଧ୍ୟ ବଢ଼ିଯାଉଛି । ଭୂମିକ୍ଷୟ ରୋଧ କରିବାକୁ ହେଲେ ବୃକ୍ଷରୋପଣ କରିବାକୁ ହିଁ ହେବ । ଆମେ ଯେଉଁ କାର୍ବନ ଡାଇଅକ୍ସାଇଡ ତ୍ୟାଗ କରନ୍ତି, ଗଛ ତାହା ଶୋଷିନିଏ । ତାହା ପରିବର୍ତ୍ତେ ସେ ଆମକୁ ଅକ୍ସିଜେନ ଦିଏ । ଗଛଟି ତା' ଜୀବନକାଳ ମଧ୍ୟରେ ଯେଉଁ ପରିମାଣ ଅକ୍ସିଜେନ ଦିଏ ତା'ର ମୂଲ୍ୟ ଅପରିସୀମ । ଏଥିପାଇଁ କୁହାଯାଏ ଗଛ ହେଉଛି ମଣିଷର ପ୍ରାଣ । ବୃକ୍ଷ ମଣିଷର କେତେ କାମରେ ଲାଗେ ତାହା କହି ଶେଷ କରିହେବ ନାହିଁ । ଖାଦ୍ୟ, ବସ୍ତ୍ର, ବାସସ୍ଥାନ ପାଇଁ ମଣିଷ ବୃକ୍ଷନିକଟରେ ଋଣୀ । ମୂଲ୍ୟବାନ ଔଷଧ ତିଆରି ପାଇଁ ଗଛ ଦରକାର ହୁଏ । ତେଣୁ ନିଜ ସ୍ୱାର୍ଥ ପାଇଁ ମଣିଷକୁ ବୃକ୍ଷରୋପଣ କରିବାକୁ ହେବ।

ସିଦ୍ଧାନ୍ତ (Inference) :-

କୃତ୍ରିମ ନାଗରିକ ଜୀବନରୁ ମଣିଷ ବିଦାୟ ନେବାକୁ ଚାହିଁଲେ ବି ତାହା ସମ୍ଭବ ନୁହେଁ । ତା'ପକ୍ଷରେ ଅରଣ୍ୟକୁ ଫେରିଯିବା ମଧ୍ୟ ସମ୍ଭବ ନୁହେଁ । ଘର ଅଗଣା ନିକଟରେ, ଯିବା ଆସିବା ରାସ୍ତା କଡ଼ରେ, ହାଟ ବଜାର, ପାର୍କରେ

ଗ୍ରାମମୁଣ୍ଡରେ, ସହରର ଉପକଣ୍ଠରେ ବୃକ୍ଷ ରୋପଣ କରି ଅରଣ୍ୟର ପୁଣ୍ୟ ଛାୟାର ସ୍ନିଗ୍ଧତା ମଣିଷ ପାଇପାରେ । ଉଭ ିଦ ବନ୍ଧୁ ହିଁ କୃତ୍ରିମତାର ଅଭିଶାପକୁ ମ୍ଳାନ କରିଦେଇ ପାରେ ।

ଶୁଧୁ ଗଛ ଲଗାଇଲେ ହେବ ନାହିଁ, ଗଛକୁ ବଞ୍ଚେଇ ରଖିବା ପାଇଁ ସବୁ ଶ୍ରେଣୀର ମଣିଷ ସକ୍ରିୟ ହେବା ଦରକାର। ତାହା ନହେଲେ ବୃକ୍ଷରୋପଣ କେବଳ ଏକ ପ୍ରଥା ବା ପର୍ବ ଭଳି ରହିଯିବ । ବୃକ୍ଷରୋପଣ ମଣିଷର ଆତ୍ମରକ୍ଷାର ନାମାନ୍ତର । ପୃଥିବୀ ପୃଷ୍ଠରେ ମଣିଷ ତା'ର ଅସ୍ତିତ୍ୱ ରକ୍ଷା କରିବାକୁ ହେଲେ ବ୍ୟାପକ ବୃକ୍ଷରୋପଣ ଛଡ଼ା ଅନ୍ୟ ଉପାୟ ନାହିଁ ।

କେଉଁ କେଉଁ ବୃକ୍ଷ ରୋପଣ କଲେ ଅଧିକ ଲାଭ ଦାୟକ ହେବ ତାହା ମଧ୍ୟ ଜାଣିବା ଦରକାର । ବୃକ୍ଷରୋପଣ କାର୍ଯ୍ୟ କ୍ରମରେ ଔଷଧୀ ବୃକ୍ଷର ରୋପଣ ଯେପରି ହୁଏ ସେଥିପ୍ରତି ଧ୍ୟାନ ଦେବା ଉଚିତ ।

ଚାରା ଗଛର ତାଲିକା : ବୃକ୍ଷ ଜାତୀୟ - ଶିଶୁ, ନିମ୍ବ, ଦେବଦାରୁ, ଅଶୋକ, ବଟ, ଶିରିସ, ଶିମୂଳ, ପଲାଶ, ଆମ୍ବ, କୃଷ୍ଣଚୂଡ଼ା, ଶାଳ, ଶାଗୁଆନ ପ୍ରଭୃତି ।

ଗୁଳ୍ମ ଜାତୀୟ - ଟଗର, ରାଧା ଚୂଡ଼ା, ଜବା, ବାସଙ୍ଗ, କାମିନୀ ପ୍ରଭୃତି ।

ଔଷଧୀ ଜାତୀୟ - ପଥରଚଟା, ତୁଳସୀ, ନୟନ ତାରା, ଅପରାଜିତା, ଅରଖ, ଥାଳକୁଡ଼ି ପ୍ରଭୃତି ।

ତୃତୀୟ ପରିଚ୍ଛେଦ :-

ପ୍ରକଳ୍ପଟି ଗୋଟିଏ ଦିନର କାର୍ଯ୍ୟ ନୁହେଁ, ଏହା ଏକ ଦୀର୍ଘ ସୂତ୍ରୀ ପ୍ରକଳ୍ପ । ଚାରା ସଂଗ୍ରହ, ରୋପଣ, ରୋପଣ ପାଇଁ ଆନୁଷଙ୍ଗିକ ପ୍ରସ୍ତୁତି ଓ ପରିଚର୍ଯ୍ୟା ପାଇଁ ଅନେକ ସମୟ ଲାଗେ । ଏହା ଏକ ବ୍ୟୟ ସାପେକ୍ଷ ପ୍ରକଳ୍ପ ମଧ୍ୟ ।

ସୀମାବଦ୍ଧତା :-

୧ । ସାଧାରଣ ମଣିଷକୁ ସଚେତନ ହୋଇ ଏହି ପ୍ରକଳ୍ପରେ ଅଂଶୀଦାର ହେବାକୁ ଅଧିକ ସମୟ ଅପେକ୍ଷା କରିବାକୁ ହେବ ।

୨ । ପତିତ ଜମିର ପରିମାଣ ଖୁବ୍ ସାମାନ୍ୟ ।

୩ । ଚାରା କିଣିବାକୁ ବିଦ୍ୟାଳୟର ଆର୍ଥିକ ସମ୍ବଳ ଉପରେ ନିର୍ଭର ଶୀଳ ହେବାକୁ ହେବ ।

୪ । ସାମାଜିକ ବନସୃଜନରେ ପଞ୍ଚାୟତର ଭୂମିକା ସନ୍ତୋଷ ଜନକ ନୁହେଁ ।

୫ । ସବୁ ସମୟରେ ବୃକ୍ଷର ସୁରକ୍ଷା ପାଇଁ ପହରା ଦେବା ସମ୍ଭବ ନୁହେଁ ।

୬ । ନିୟମିତ ପରିଚର୍ଯ୍ୟା କରିବା ସମ୍ଭବ ନୁହେଁ ।

କୃତଜ୍ଞତା :-

୧ । ବହୁଲୋକ ପ୍ରକଳ୍ପ ରୂପାୟନରେ ସହାୟକ ହୋଇଛନ୍ତି । ସେମାନଙ୍କ ପ୍ରତି ଆମେ କୃତଜ୍ଞ ।

୨ । ଯେଉଁ ଲୋକମାନେ ରୋପିତ ଚାରା ଗଛଗୁଡ଼ିକ ପ୍ରତି ଯତ୍ନ ନେଇଛନ୍ତି, ସେମାନଙ୍କ ନିକଟରେ ଆମେ କୃତଜ୍ଞ।

୩ । ସ୍ଥାନୀୟ ପଞ୍ଚାୟତ ଆମକୁ ଚାରା ଯୋଗାଇ ଦେଇ ଥିବାରୁ ଆମେ ପଞ୍ଚାୟତ ପ୍ରଧାନଙ୍କ ନିକଟରେ କୃତଜ୍ଞ ।

୪ । ବିଦ୍ୟାଳୟର ପରିବେଶ ଶିକ୍ଷାର ଶିକ୍ଷକ/ଶିକ୍ଷୟିତ୍ରୀ ଆମକୁ ସୁପରାମର୍ଶ ଓ ଉପଦେଶ ଦେଇ ପ୍ରକଳ୍ପଟିକୁ ସାର୍ଥକ କରିଥବାରୁ ଆମେ ତାଙ୍କ ପ୍ରତି କୃତଜ୍ଞ ।

୫ । ଲାଇବ୍ରେରିଆନ ମୂଲ୍ୟବାନ ତଥ୍ୟପୂର୍ଣ୍ଣ ପୁସ୍ତକ ଯୋଗାଇ ଥିବାରୁ ଆମେ ତାଙ୍କ ପ୍ରତି କୃତଜ୍ଞ ।

୬ । ସହପାଠୀମାନେ ନିସ୍ୱାର୍ଥପର ସାହାଯ୍ୟ ଦେଇଥିବାରୁ ସେମାନେ ଆମର ଧନ୍ୟବାଦାର୍ହ ।

ପ୍ରତିବେଦକର ସ୍ୱାକ୍ଷର — ଶିକ୍ଷକ/ଶିକ୍ଷୟିତ୍ରୀ

ତାରିଖ..... — ତାରିଖ.....

ପ୍ରକଳ୍ପ ଭିତ୍ତିକ କେତୋଟି ମୌଳିକ ପ୍ରଶ୍ନ :-

୧ । ବୃକ୍ଷରୋପଣ କାହିଁକି ଆବଶ୍ୟକ ?

୨ । ସାମାଜିକ ବନସୃଜନ କାହାକୁ କହନ୍ତି ?

୩ । ସାମାଜିକ ବନସୃଜନର ତିନୋଟି ଉଦ୍ଦେଶ୍ୟ କ'ଣ ?

୪ । ଗଛର ଚାରାକୁ କିପରି ରକ୍ଷଣାବେକ୍ଷଣ କରାଯାଏ ?

୫ । ଗଛର ଚାରା ଲଗାଇବାକୁ ବିଶେଷ ସ୍ଥାନର ସୂଚନା ଦିଅ ।

୬ । ଦୁଇଟି ଗୁଳ୍ମଜାତୀୟ ଭେଷଜ ଉଦ୍ଭିଦର ନାମ କ'ଣ ?

୭ । ଦୁଇଟି ଭେଷଜ ଉଦ୍ଭିଦର ନାଆଁ କୁହ ଓ ସେଗୁଡ଼ିକର ଉପକାରିତା କ'ଣ କୁହ ?

୮ । ଚାରା ଲଗାଇବାବେଳେ କି କି ସାବଧାନତା ଦରକାର ?

୯ । ଘରର ଚାରିପାଖରେ ବୃକ୍ଷରୋପଣର ଉପଯୋଗିତା କ'ଣ ?

ଗଦ୍ୟ

ଓଡ଼ିଆ ଜାତି କିଏ ?

ପଣ୍ଡିତ ଗୋପବନ୍ଧୁ ଦାସ

ଓଡ଼ିଆ ଜାତି କିଏ ? ପୃଥିବୀରେ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସ୍ୱତଃ ମାୟା-ମମତା ଜନ୍ମେ । ସେମାନଙ୍କର ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟଃ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଏବଂ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି; ସେମାନଙ୍କ ଦୃଷ୍ଟିରେ 'ସ୍ୱର୍ଗାଦପି ଗରୀୟସୀ' । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି, ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡର ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାର ସମାନ ଆଶା, ଆକାଙ୍କ୍ଷା ଧରି ଜନ୍ମ ମରଣରେ ସମାନ ଶ୍ରେୟଃ ସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆ ଜାତି ।

କେହି କେହି ପୁଣି ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, କିମ୍ବା ରହିବା ଉଚିତ ନୁହେଁ । ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାର୍‌ବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ, ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଅଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜିକାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକ ପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀରେ ଏପରି ପ୍ରାୟ ସ୍ଥାନ ନାହିଁ, ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ଏକତ୍ର ବାସ କରୁନାହାନ୍ତି । ମାତ୍ର ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳକ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ ଷ୍ଟେଟସ୍ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣ ସ୍ଥଳ ।

ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲା ପରି ଜଣାଯାଏ; ମାତ୍ର ଏକ ଦେଶ ବା ପ୍ରଦେଶର ଜାତି ବିଶେଷ କାଳକ୍ରମେ ଅନ୍ୟ ଜାତିର ସଂଶ୍ରବରେ ଆସିଲେ ସେହି ଦେଶର ଭାଷା, ଆଶା, ଶିକ୍ଷା ସଭ୍ୟତାରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଏହି ନବ ପରିବର୍ତ୍ତିତ ସଭ୍ୟତା ସେ ଦେଶର ନୂତନ ଏବଂ ପୁରାତନ ଅଧିବାସୀଙ୍କର ସଭ୍ୟତା ହୁଏ ।

ପ୍ରାକୃତିକ ଅବସ୍ଥାନଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ । ଆଜିକାଲିର ରାଜନୈତିକ ଓଡ଼ିଶା ନୁହେଁ, ସ୍ୱାଧୀନ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ, ମହୋଦଧିଠାରୁ ମଧ୍ୟପ୍ରଦେଶର ପର୍ବତଶ୍ରେଣୀ ପର୍ଯ୍ୟନ୍ତ, ସେହି ବିଶାଳ ରାଜ୍ୟ ଯେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ ଏହା ଦେଖିବା ମାତ୍ରେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବେ ନାହିଁ । ଓଡ଼ିଆମାନେ ଏଠାରେ ବାସକରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ । କାଳକ୍ରମେ ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରିଅଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମିଳନରେ ଆଜି ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଅଛି, ଏହା ବୋଲିବା ବାହୁଲ୍ୟ ।

ଭାଇ, ଉତ୍କଳବାସୀ ! ତୁମ୍ଭେ ଯେ ହୁଅ- ବଙ୍ଗାଳୀ, ଓଡ଼ିଆ, ତେଲଙ୍ଗା, ହିନ୍ଦୁସ୍ତାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟିଆନ୍, ମୁସଲମାନ ଯେ ହୁଅ, -ଉତ୍କଳ ଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମ୍ଭର ହେଉ ବା ତୁମ୍ଭର ଶିଶୁ ସନ୍ତାନମାନଙ୍କର ହେଉ, ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥାନ ଏବଂ ଅନ୍ତିମ କାଳର ଆଶ୍ରୟ । ଏ ଦେଶକୁ ଏପରି ଭାବରେ ଯେବେ ଗ୍ରହଣ କରୁଥାଅ, ଦେଶାନୁରାଗର ପବିତ୍ର ସୂତ୍ରରେ ଏ ଦେଶର ଅନ୍ୟମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ, ତେବେ ଏ ଦେଶ ଅନୁସାରେ ତୁମ୍ଭର ଜାତି, ଏ ଦେଶର ଇତିହାସ ଓ ସଭ୍ୟତା ତୁମ୍ଭର । କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମ୍ଭେ ଯୋଗ ଦେଉଛ । ସୁତରାଂ ତୁମ୍ଭେ ଓଡ଼ିଆ, ତୁମ୍ଭେ ଉତ୍କଳ, ଉତ୍କଳ ସମ୍ମିଳନୀରେ ତୁମ୍ଭ ନିମନ୍ତେ ପ୍ରଶସ୍ତ ସ୍ଥାନ ରହିଅଛି । ଉତ୍କଳମାତା ମଧ୍ୟ ତୁମ୍ଭର ସେବା-ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇ ରହିଛନ୍ତି ।

ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି । ନାନା ଭାଷା, ନାନା ଧର୍ମ, ନାନାବିଧ ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ, ଭାରତର ଜାତୀୟତା ଏକାବେଳକେ କେହି କେହି ଅସମ୍ଭବ ମନେ କରନ୍ତି । ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାର ଭେଦ ଘଟିଲେ ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ । ଏକ ପ୍ରଦେଶରେ ବାସକରି ସମସ୍ତ ଶ୍ରେୟଃ ସ୍ୱାର୍ଥ ମାୟା-ମମତା ତାହା ସଙ୍ଗେ ମିଶାଇ ନ ଦେଇ ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସ୍ୱତନ୍ତ୍ରତା ଦାବୀ କରନ୍ତି, ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ । ନିଜର ସଂକୀର୍ଣ୍ଣ ଆପାତ ସ୍ୱାର୍ଥଲାଗି ଅନ୍ୟ ଜାତିର ଉନ୍ନତିରେ ଅନ୍ତରାୟ ଏବଂ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବାଦ୍ୱାରା ଭାରତର ସମୂହ କଲ୍ୟାଣର ଶତ୍ରୁ, ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ଶ୍ରେଣୀ ସମ୍ପ୍ରଦାୟର ଲୋକେ ବାସକରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରିଅଛନ୍ତି, ସେ ସମସ୍ତଙ୍କ ସମ୍ମିଳନରେ ଯେଉଁ ଓଡ଼ିଆ ଜାତି ସଂଗଠିତ, ତାହାର ଜାତୀୟତା ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ।

ଯେ ଯେଉଁ ଜାତିର ହୁଅନ୍ତୁ, ସେ ସର୍ବପ୍ରଥମେ ମନୁଷ୍ୟ, ଈଶ୍ୱରଙ୍କ ସନ୍ତାନ । ଏହି ମମତା ଏବଂ ଭ୍ରାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ରରେ ପ୍ରତିପାଦିତ ହୋଇଅଛି ଏବଂ ଏହା ହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ । ମାନବ ସମାଜ କ୍ରମେ ବଢ଼ିବାକୁ ଲାଗିଲା । ଭିନ୍ନ ଭିନ୍ନ ଭୂଖଣ୍ଡରେ ବିଭିନ୍ନ ଦଳର ମନୁଷ୍ୟ ବାସକରି ସେଠାରେ ସେମାନେ କେତେଗୁଡ଼ିଏ ସ୍ୱାତନ୍ତ୍ର୍ୟ ଲାଭ କଲେ । ଏହି ସ୍ୱାତନ୍ତ୍ର୍ୟ ସେମାନଙ୍କ ଜାତୀୟ ଚରିତ୍ର । ଏହି ଜାତୀୟ ଚରିତ୍ର ଛଡ଼ା ପୁଣି ବ୍ୟକ୍ତି ବିଶେଷର କେତେଗୁଡ଼ିଏ ସ୍ୱତନ୍ତ୍ର ପ୍ରବୃତ୍ତି, ଅଭ୍ୟାସ, ଇଚ୍ଛା, ଅନୁରାଗ, ଅଭିପ୍ରାୟ ରହିବା ସ୍ୱାଭାବିକ । ଆମ୍ଭେମାନେ ବ୍ୟକ୍ତିଗତ ଭାବରେ ବା ଜାତିଗତ ଭାବରେ ଯାହା କରୁଁ, ତାହା ମାନବ ଧର୍ମର ଅନୁକୂଳ ନ ହେଲେ, ଉଦାର ମାନବ ଭାବର ପରିପୋଷକ ନ ହେଲେ, ଆମ୍ଭମାନଙ୍କର ହେବ ଅକର୍ତ୍ତବ୍ୟ । ମାନବ ଆତ୍ମାର କ୍ରମେ ବିକାଶ ହେଉଅଛି, ମାନବ ସମାଜ କ୍ରମେ ବିଧାତାଙ୍କର ସୃଷ୍ଟି ନିୟମର ନୂତନ ଅଧ୍ୟାୟ ଫିଟାଇଅଛି । ମାନବ ଜୀବନରେ କ୍ରମେ ଭଗବାନଙ୍କର ଇଚ୍ଛା ଅଧିକରୁ ଅଧିକତର ଭାବରେ ପରିସ୍ଫୁଟ ହେଉଅଛି । ମାନବଜାତିର ଏହି କ୍ରମୋନ୍ନତି ଓ ମାନବଧର୍ମର ଏହି ଅଭ୍ୟୁଦୟ ଫଳରେ ପ୍ରତ୍ୟେକ ଜାତିର ଉନ୍ନତି । ସୁତରାଂ ଉଦାର ମାନବିକତା ପ୍ରତ୍ୟେକ ଜାତୀୟ ଅନୁଷ୍ଠାନର ଲକ୍ଷ୍ୟହେବା ଉଚିତ । ଅନେକ କ୍ଷୁଦ୍ର ଜଳପ୍ରବାହର ମିଳନରେ ନଦୀର ଉତ୍ପତ୍ତି; ପୁଣି ଏହିପରି ଅନେକ ନଦୀ ମିଶି ମହାନଦୀରେ ପରିଣତ ଏବଂ ପରିଶେଷରେ ସମସ୍ତ ମହାନଦୀର ପ୍ରବେଶ ସମଦ୍ରରେ । ଆମ୍ଭମାନଙ୍କର ବ୍ୟକ୍ତିଗତ ଏବଂ ଜାତିଗତ ଆତ୍ମାର ପୂର୍ଣ୍ଣ ପରିଣତି ମାନବ ଆତ୍ମାର ମିଳନରେ । ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ଏପରି ହେବା ଉଚିତ ଯେ ସମସ୍ତ ବ୍ୟକ୍ତିଗତ କ୍ରିୟାର ସମଷ୍ଟିରେ ସମୂହ ଜାତିର କଲ୍ୟାଣ ସାଧିତ ହେବ । ପୁଣି ଭିନ୍ନ ଭିନ୍ନ ଜାତିର କାର୍ଯ୍ୟ ଏବଂ ଗତି ପରିମାଣରେ ସମଗ୍ର ମାନବଜାତିର କଲ୍ୟାଣରେ ସହାୟ ହେବ । ଏହି ଲକ୍ଷ୍ୟରେ ଜାତୀୟ ଆକାଙ୍କ୍ଷା ପରିଚାଳିତ ଏବଂ ନିୟମିତ ନ ହେଲେ ଜାତୀୟ ଉନ୍ନତି ଏବଂ ପୂର୍ଣ୍ଣତା ଦିଗରେ ଜାତିର ଗତି ଅସମ୍ଭବ ।

ସାର୍ବଜନୀନ ମାନବ ସମାଜ ଭଗବାନଙ୍କର ଅଭିବ୍ୟକ୍ତି । ମାନବସେବା ହିଁ ଭଗବତ୍ ସେବା । ମାତ୍ର ବ୍ୟକ୍ତି ବିଶେଷର ଶକ୍ତି କ୍ଷୀଣ, ବାହୁ କ୍ଷୁଦ୍ର, ଦୃଷ୍ଟି ସଂକୀର୍ଣ୍ଣ, ଗତି ସୀମାବଦ୍ଧ । ସୁତରାଂ ବିଶ୍ୱଜନୀନ ସମଗ୍ର ମାନବ ସମାଜର ସେବା ତା' ପକ୍ଷରେ ଅସମ୍ଭବ । ସେ ଯେଉଁ ନିର୍ଦ୍ଦିଷ୍ଟ ଦେଶରେ ଏବଂ ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ବାସ କରନ୍ତି, ସେହି ଦେଶ ତାଙ୍କର ପୂଜାପୀଠ ଏବଂ ସେହି ଜାତିର ସେବାରେ ହିଁ ତାଙ୍କର ମାନବ ସେବା । 'ସର୍ବଦେବ ନମସ୍କାରଂ କେଶବଂ ପ୍ରତିଗଚ୍ଛତି ।'

ଏହି ଉଦାର ମାନବିକତାକୁ ଲକ୍ଷ୍ୟ କରି ଜାତୀୟ ଉନ୍ନତି ପଥରେ ଅଗ୍ରସର ହେବାକୁ ହେବ । ଏଥିରେ କୌଣସି ଭୟ ନାହିଁ, ଅକଲ୍ୟାଣ ନାହିଁ । 'ନହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି ।'

ହୃଦୟରେ ଏହି ବିଶ୍ୱାସ ଜାଗ୍ରତ ଥିଲେ, ଏହି ଉଦାର ନୀତିରେ ଜୀବନର ଗତି ନିୟମିତ ହେଲେ, କ୍ଷୁଦ୍ର ପଲ୍ଲୀରେ, ସୀମାବଦ୍ଧ କାର୍ଯ୍ୟକ୍ଷେତ୍ରରେ ରହି ମନୁଷ୍ୟ ସମଗ୍ର ମାନବ କଲ୍ୟାଣରେ ଆତ୍ମ-ବିନିଯୋଗ କରିପାରେ । ଏହି ବିଶ୍ୱାସ, ଏହି ମହାଲକ୍ଷ୍ୟ ବିଭିନ୍ନ ପ୍ରକୃତିର, ବିଭିନ୍ନ ଜାତିର ଲୋକମାନଙ୍କୁ ଏକ ସୂତ୍ରରେ ଆବଦ୍ଧକରି ସମଗ୍ର ମାନବ ସମାଜରେ ମଧୁମୟ ସମନ୍ୱୟ ସ୍ଥାପନ କରିବ । ଏହି ବିଶ୍ୱାସ ଦୃଢ଼ ନ ହେଲେ ମନୁଷ୍ୟ ନିଜ ଜାତିର ଦେବତ୍ୱ ଦେଖିବେ ନାହିଁ । ଉତ୍କଳ ଜାତିର ପବିତ୍ର ମୂର୍ତ୍ତି ଆମ୍ଭମାନଙ୍କର ଏହି ସମ୍ମିଳନୀ, ଆମ୍ଭମାନଙ୍କର ଆରାଧ୍ୟ ଈଶ୍ୱର । ଏହି ସ୍ଥାୟୀ ଜ୍ଞାନ ହୃଦୟରେ ଜାଗ୍ରତ ରହିବ, କେବଳ ଉଦାର ମାନବିକତା ଆଡ଼କୁ ଲକ୍ଷ୍ୟ ରଖି ଆମ୍ଭମାନଙ୍କର ଜାତୀୟ ଜୀବନ ଗଠନ କରିବାରେ ।

ଓଡ଼ିଆମାନେ ଯେ ଏହି ଉଦାର ମାନବଧର୍ମରେ ଚିରଦିନ ଦୀକ୍ଷିତ ଏବଂ ଭାରତ ସହିତ ଉତ୍କଳର ନିତ୍ୟ ସମ୍ବନ୍ଧ ଅନୁଭବ କରିଅଛନ୍ତି, ଓଡ଼ିଆ ଜାତିର ଇତିହାସ ଅଭ୍ରାନ୍ତ ଭାବରେ ଏହା ପ୍ରମାଣ କରୁଅଛି । ଓଡ଼ିଶାର ଯଥାର୍ଥ ଇତିହାସ ଏପର୍ଯ୍ୟନ୍ତ ଲେଖାହୋଇ ନାହିଁ । ଏହାର ଗିରି ବନ କନ୍ଦରାରେ ଯେ ସମସ୍ତ ଉପାଦାନ ବିକ୍ଷିପ୍ତ ଭାବରେ ପଡ଼ି ରହିଅଛି, ଭଗ୍ନ ମନ୍ଦିରରେ ଯେ ସମସ୍ତ ସ୍ମୃତି ଏବଂ ସଂସ୍କାର ଜଡ଼ିତ ଏବଂ ପୁଣ୍ୟ ପର୍ବମାନଙ୍କରେ, ଏମନ୍ତ କି ଯେ ସମସ୍ତ ଅନୁଷ୍ଠାନ ଆଜି ଅନେକଙ୍କ ନିକଟରେ କୁସଂସ୍କାର, ସେସବୁର ମଜ୍ଜାରେ ଯେ ସତ୍ୟସାର ନିହିତ ଅଛି, ପ୍ରବାଦ ପ୍ରବଚନ ପରମ୍ପରାରେ ଜୀବନର ଯେ ସମସ୍ତ ତଥ୍ୟ ପ୍ରକାଶ ପାଉଅଛି, ସେସବୁର ଭିତରକୁ ଦେଖିଲେ ଜଣାଯାଏ, ଓଡ଼ିଆ ଜାତି ଇତିହାସରେ କେବେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନ ଥିଲେ । ନଦୀ ପର୍ବତଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା ଓଡ଼ିଆମାନେ ସର୍ବଦା ସେ ସୀମା ଅତିକ୍ରମ କରି ବିଶାଳତା ଆଡ଼କୁ ଗତି କରିଅଛନ୍ତି । ଜାତୀୟତାର ଲକ୍ଷ୍ୟ ଯେ ଉଦାର ମାନବିକତା, ସମଗ୍ର ଭାରତର ତାହା ଓଡ଼ିଆ ହିଁ ବୁଝିଥିଲେ । ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା । ଓଡ଼ିଆର ଏ ଜାତୀୟତା, ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନୀରସ ଓ ସ୍ୱାର୍ଥ-ଜଡ଼ିତ ନୁହେଁ । ରାଜ୍ୟଲାଭ ବା ରକ୍ତପାତରେ ଏହାର ପ୍ରତିଷ୍ଠା ନୁହେଁ, ଗଭୀର ଧର୍ମଭାବ ଏବଂ ଦୃଢ଼ ବିଶ୍ୱାସ ଏହାର ଭିତ୍ତି; ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହାର ବିଗ୍ରହ । ଓଡ଼ିଶାର ଏହି ଭାବ ନୀଳାଚଳ ଧାମରେ ପ୍ରକଟିତ; ତେଣୁ ଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା । ବଦ୍ରିନାଥ, ରାମନାଥ, ଦ୍ୱାରିକା ନାଥ ସ୍ଥାନବିଶେଷର ନାଥ; ମାତ୍ର ଜଗତର ନାଥ ନୁହଁନ୍ତି । ପ୍ରାଚୀନ କାଶୀଧାମରେ ବିଶ୍ୱନାଥ ଅଛନ୍ତି; କିନ୍ତୁ ସମସ୍ତ ବିଶ୍ୱକୁ ଆଲିଙ୍ଗନ କରିବାର ଉଦାରତା ସେଠାରେ ନାହିଁ । କାଳକ୍ରମେ ଆମ୍ଭମାନଙ୍କ ଜାତୀୟ ଅଧୋଗତି ସଙ୍ଗେ ସଙ୍ଗେ ନୀଳାଚଳର ମୌଳିକ ଉଦାରଭାବ ଆଜି ବହୁ ସଙ୍କୁଚିତ ହୋଇଅଛି ସତ୍ୟ; କିନ୍ତୁ ଧର୍ମ ଜୀବନରେ ସାର୍ବଜନୀନ ଉଦାରତା ଯେ ଏକମାତ୍ର ସତ୍ୟ, ଏ ଭାବ ଓଡ଼ିଶାରୁ ଲୋପ ପାଇନାହିଁ । ନୀଳାଚଳର ନୀତିରେ କ୍ଷୁଦ୍ର ବୃହତ୍ ନାହିଁ, ରାଜା ପ୍ରଜା ନାହିଁ, ଚଣ୍ଡାଳ ବ୍ରାହ୍ମଣ ନାହିଁ, ପାମର ପ୍ରେମିକ ନାହିଁ; ଏମନ୍ତ କି ହିନ୍ଦୁ ବୌଦ୍ଧର ଭେଦ ନାହିଁ । ପରବର୍ତ୍ତୀ ଚୈତନ୍ୟ ଯୁଗରେ ମଧ୍ୟ ହିନ୍ଦୁ ମହମ୍ମଦୀୟ ଭେଦ ପର୍ଯ୍ୟନ୍ତ ଲୁଚି ଯାଇଥିଲା । ଏହି ଉଦାର ମାନବିକତା ଓ ମହାଭାରତ ଜାତୀୟତାର ବୀଜ ନୀଳାଚଳ ଧାମରେ ଅଛି ବୋଲି ତ କାଳେ କାଳେ ଭାରତର ଦିଗଦିଗନ୍ତରୁ ସିଦ୍ଧସାଧକ ମହାପୁରୁଷମାନେ ଆକୃଷ୍ଟ

ହୋଇ ଆସିଅଛନ୍ତି । ଜଗନ୍ନାଥ ତ ସାକ୍ଷାତ୍ ବୌଦ୍ଧାବତାର । ଶଙ୍କରଙ୍କର ପ୍ରଦାନ ମଠ ପୁରୀରେ । ରାମାନୁଜଙ୍କର ଏହା ପୁଣି ଏକ ପ୍ରଧାନ ଧର୍ମକେନ୍ଦ୍ର । ନାନକ ପୁରୀର ସାଗର ସୈକତରେ ନିଜର ସର୍ବୋତ୍କୃଷ୍ଟ ମଧୁମୟ ସଙ୍ଗୀତ ଗାଉଥିଲେ । କବୀରଙ୍କର ମଧ୍ୟ ଆସ୍ଥାନ ଏହିଠାରେ । ଅବଶେଷରେ ପ୍ରେମର ଅବତାର ଭଗବାନ ଶ୍ରୀକୃଷ୍ଣ ଚୈତନ୍ୟ ଭାରତର ସମଗ୍ର ତୀର୍ଥଭୂମି ଏହି ସାର୍ବଜନୀନ ପ୍ରେମଧାମରେ ସ୍ଥାୟୀ ନିବାସ କରି ଗାଇଲେ, 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମୋ' ମୁସଲମାନ ଭକ୍ତ ହରିଦାସ, ସାଲବେଗ ପ୍ରଭୃତିଙ୍କର ସମାଧି ମଧ୍ୟ ଏହି ପୁରୀରେ ପ୍ରତିଷ୍ଠିତ ।

ବାସ୍ତବିକ ଉତ୍କଳଭୂମି ସଂକୀର୍ଣ୍ଣ ଭୂମି ନୁହେଁ । ଓଡ଼ିଆ କେବେ କ୍ଷୁଦ୍ରରେ ସୀମାବଦ୍ଧ ନୁହେଁ । ପୁରୀ, ଭୁବନେଶ୍ୱର, କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ । ମନୁଷ୍ୟ-ହାତଗଢ଼ା ଏ ଶିଳ୍ପ ଛଡ଼ା ଓଡ଼ିଶାର ପାରିପାର୍ଶ୍ୱିକ ବେଷ୍ଟନୀ, ଓଡ଼ିଶାର ସେହି ବିଶାଳ ଭାବ ଓ ଉଦାରତାର ପ୍ରମାଣ । ଯେଉଁ ଦେଶର ଦେବତା ଜଗନ୍ନାଥ, ସେ ଦେଶର ନଦୀ, ଗିରି, ସାଗର, ଶ୍ମଶାନରେ ଯେ ସେହି ମହା ଉଦାର ଭାବ ବିକାଶ ପାଇବ ତାହା ସ୍ୱାଭାବିକ । ଓଡ଼ିଶାର ନଦୀ ମହାନଦୀ, ସମୁଦ୍ର ମହୋଦଧି, ଗିରି ମହେନ୍ଦ୍ର, ବୃକ୍ଷ କଳ୍ପବଟ, ଏମନ୍ତ କି ଶ୍ମଶାନ ମାନବର ଅନ୍ତିମ ସ୍ଥାନ ନୁହେଁ; ଦିବ୍ୟ ଅନନ୍ତଧାମର ପ୍ରବେଶ ଦ୍ୱାର, ସ୍ୱର୍ଗଦ୍ୱାର । ଏହି ନାମସବୁ କ'ଣ ପ୍ରକାଶ କରୁଅଛି ? ଓଡ଼ିଆ ପ୍ରାଣ ଯେ ମହାଭାରତ କଳ୍ପନା କରିଅଛି, ଚତୁର୍ଦ୍ଦିଗରେ ତାହା ହିଁ ଦେଖିବାକୁ ପ୍ରୟାସୀ ହୋଇଅଛି । ଗୋଟିଏ ଗୋଟିଏ ଶବ୍ଦ ଏକ ଏକ ଜାତିର ଇତିହାସ ପଟ ଫିଟାଇଦେଇ ଅତୀତ ଅନ୍ଧାରରେ ଆଲୋକ ଦେଉଅଛି । ମହାନଦୀ ମହୋଦଧି ପ୍ରଭୃତି ଓଡ଼ିଆ ପ୍ରାଣର ବିଶାଳତା ଏବଂ ପୂର୍ଣ୍ଣତା ନିମନ୍ତେ ଓଡ଼ିଶାର ହୃଦୟର ଆକାଙ୍କ୍ଷା ପ୍ରକାଶ କରୁ ନାହିଁକି ? ଶିଳ୍ପରେ ଏବଂ ଦେବମୂର୍ତ୍ତିରେ ଓଡ଼ିଶାର ହୃଦୟ ଯେ ଭାବ ବ୍ୟକ୍ତ କରିଅଛି, ଏହିପରି ଗୋଟିଏ ଶବ୍ଦରେ ତାହାର ପ୍ରାଣର କବିତା ସେହି ଉଦାର ମନୋଭାବ ପ୍ରକାଶ କରିଅଛି ।

ପୃଷ୍ଠବଂଧ

ଲେଖକ : ଉତ୍କଳମଣି ଗୋପବନ୍ଧୁ ଦାସ (ଖ୍ରୀ. ୧୮୭୭-ଖ୍ରୀ. ୧୯୨୮)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ସେ ଏକାଧାରରେ ଜଣେ ସାହିତ୍ୟିକ, ସଂସ୍କାରକ, ଜନସେବକ, ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସଙ୍ଗଠକ ଓ ବାଗ୍ମୀ । ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ତାଙ୍କର ଜନ୍ମ । ପିତା-ଦୈତ୍ୟାରି ଦାଶ, ମାତା- ସ୍ୱର୍ଣ୍ଣମୟୀ ଦେବୀ । ୧୯୦୫ ମସିହାରେ ସେ କଲିକତାରୁ ଓକିଲାତି ପାସ୍‌କରି କେତେକ ସ୍ଥାନରେ ଓକିଲାତି କରିଥିଲେ । ମାତ୍ର ଅର୍ଥ ଉପାର୍ଜନ କରିବା ତାଙ୍କର ଅଭିଳାଷ ନ ଥିବାରୁ ସେ ଶିକ୍ଷକତା କରିଥିଲେ । ୧୯୦୯ ମସିହାରେ ସେ ସାକ୍ଷୀଗୋପାଳଠାରେ ବନବିଦ୍ୟାଳୟ ସ୍ଥାପନ କଲେ । ବାସ୍ତବରେ ଏହା ଥିଲା ଆଦର୍ଶ ମଣିଷ-ଗଢ଼ା କାରଖାନା । ଦୁର୍ଗତ ଜନସାଧାରଣଙ୍କ ସେବା, ବିଭୁପ୍ରୀତି ଏବଂ ଦେଶପ୍ରୀତି ଥିଲା ଗୋପବନ୍ଧୁଙ୍କ ଜୀବନର ମହାମନ୍ତ୍ର । ଓଡ଼ିଆ ଭାଷା-ଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଥିଲା ତାଙ୍କ କର୍ମମୟ ଜୀବନର ମହାବ୍ରତ । 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ସଂପାଦନ ଓ ଦୈନିକ ସମ୍ବାଦ ପତ୍ରିକା 'ସମାଜ' ପ୍ରକାଶନ ତାଙ୍କର ଅକ୍ଷୟ କୀର୍ତ୍ତି । ତାଙ୍କ ରାଜନୀତିକ ଜୀବନଠାରୁ ସାହିତ୍ୟିକ ଜୀବନ କମ୍ ଶୁଭ୍ର ଓ ଉଜ୍ଜ୍ୱଳ ନ ଥିଲା । ତାଙ୍କର ଅମରକୃତି ହେଲା - 'ଧର୍ମପଦ, ବନ୍ଦୀର ସ୍ୱଦେଶ ଚିନ୍ତା, ବନ୍ଦୀର ଆତ୍ମକଥା, କାରା କବିତା, ଗୋ-ମାହାତ୍ମ୍ୟ । ସେ ଥିଲେ ଜଣେ ଅସାମାନ୍ୟ ଗଦ୍ୟଶିଳ୍ପୀ ।

ପ୍ରବନ୍ଧ ସଂପର୍କରେ :-

ପଠିତ ପ୍ରବନ୍ଧ 'ଓଡ଼ିଆ ଜାତି କିଏ'ରେ ଲେଖକ ଜାତୀୟତାକୁ ସଂକୀର୍ଣ୍ଣ ଦୃଷ୍ଟିରେ ନ ଦେଖି ବ୍ୟାପକ ଦୃଷ୍ଟିକୋଣରୁ ବିଚାର ଆଲୋଚନା କରିଛନ୍ତି । ବିଶ୍ୱଦୃଷ୍ଟି ଓ ମାନବ ଧର୍ମକୁ ଗୁରୁତ୍ୱ ଦେବା ହିଁ ଏ ପ୍ରବନ୍ଧର ମୁଖ୍ୟ ସ୍ୱର । ଓଡ଼ିଆଙ୍କ ଜାତୀୟ ଭାବନା ଜାଗ୍ରତ ପାଇଁ 'ଉତ୍କଳ ସମ୍ମିଳନୀ'ରେ ସେ ଏହାକୁ ତାଙ୍କ ଅଭିଭାଷଣ ରୂପେ ଉପସ୍ଥାପନ କରିଥିଲେ ।

ଓଡ଼ିଆ ଜାତିର ପରିଚୟ ଖୋଜିବାକୁ ଯାଇ ଲେଖକ କହିଛନ୍ତି - ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି ସେମାନେ ଏକ ଜାତି । ସେହି ଭୂଖଣ୍ଡର ନାମ ଅନୁସାରେ ସେ ଜାତି ନାମିତ ହୁଏ । ଆଜିକାଲି ଏକ ସ୍ଥାନରେ ଏକ ପ୍ରକାର ଲୋକ କାମ କରିବା ଅସମ୍ଭବ । ଗୋଟିଏ ପ୍ରଦେଶର ଜାତି ଅନ୍ୟ ଏକ ଜାତିର ସଂସ୍ପର୍ଶରେ ଆସିଲେ ସେମାନଙ୍କର ଭାଷା ଓ ଶିକ୍ଷା ସଭ୍ୟତାରେ ପରିବର୍ତ୍ତନ ଆସେ । ଓଡ଼ିଶାରେ ଓଡ଼ିଆମାନେ ଏକତ୍ର ବାସକରି ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଅଛନ୍ତି । କାଳକ୍ରମେ ଅନ୍ୟ ଧର୍ମ, ଜାତି ଓ ଅଞ୍ଚଳର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ବସବାସ କରୁଛନ୍ତି । ଯିଏ ଏ ଭୂମିର ବାସିନ୍ଦା, ସେମାନେ ଓଡ଼ିଆ । ସହାବସ୍ଥାନ, ମମତା ଓ ଭ୍ରାତୃଭାବ ଜାତୀୟ ଜୀବନର ମୂଳମନ୍ତ୍ର । ଉଦାର ମାନବିକତା ଓଡ଼ିଆ ଜାତିର ଲକ୍ଷ୍ୟ । ଏହାକୁ ଆଖି ଆଗରେ ରଖି ଜାତୀୟ ଉନ୍ନତି ପଥରେ ଅଗ୍ରସର ହେବାକୁ ପଡ଼ିବ । ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା । ଗଭୀର ଧର୍ମଭାବ ଓ ଦୃଢ଼ବିଶ୍ୱାସ ଏହାର ଭିତ୍ତିଭୂମି । ଓଡ଼ିଆ ଜାତିର ସତ୍‌ଭାବନା ନୀଳାଚଳ ଧାମରେ ପ୍ରକଟିତ । ସବୁ ମହାନତାରେ ଓଡ଼ିଆ ଜାତୀୟ ଭାବନା କଲ୍ଲୋଳିତ ।

କଠିନ ଶବ୍ଦାର୍ଥ :-

ଶ୍ରେୟ	-	ମଙ୍ଗଳ ବା କଲ୍ୟାଣ
ସ୍ୱର୍ଗାଦପି ଗରୀୟସୀ	-	ସ୍ୱର୍ଗଠାରୁ ଶ୍ରେଷ୍ଠ
ବିଧାନ	-	ନିୟମ
ଏକୀଭୂତ ହେବା	-	ମିଶି ରହିବା, ଏକାକାର ହେବା
ସ୍ଥାନାନ୍ତର	-	ଅନ୍ୟସ୍ଥାନକୁ ଗମନ, ଭିନ୍ନ ସ୍ଥାନ
ଦେଶାନୁରାଗ	-	ଦେଶପ୍ରୀତି
ସତୃଷ୍ଣ ନୟନରେ	-	ଅତ୍ୟନ୍ତ ଆଗ୍ରହ ଦୃଷ୍ଟିରେ
ନାନାବିଧ	-	ନାନାପ୍ରକାର
ଦୁଃସାଧ୍ୟ	-	ଅତୀବ କଷ୍ଟସାଧ୍ୟ
ଆପାତ	-	ତତ୍‌କାଳ; ପ୍ରାୟତଃ
ପରିପୋଷକ	-	ପରିପୁଷ୍ଟିସାଧକ, ସୁବର୍ଦ୍ଧିତ
ସାର୍ବଜନୀନ	-	ସମସ୍ତଙ୍କ ପକ୍ଷରେ ଉପଯୁକ୍ତ କିମ୍ବା ହିତକାରକ
ଅକଲ୍ୟାଣ	-	ଯାହା କଲ୍ୟାଣକାରକ ନୁହେଁ, ଅମଙ୍ଗଳ
ବିଶ୍ୱଜନୀନ	-	ବିଶ୍ୱଧର୍ମୀ; ବିଶ୍ୱଭିତ୍ତିକ
ଅଭ୍ରାନ୍ତ	-	ଭ୍ରମଶୂନ୍ୟ, ନିର୍ଭୁଲ
ସୈକତ	-	ବାଲୁକାମୟ ତୀର
ମହମ୍ମଦୀୟ	-	ଇସ୍‌ଲାମ ଧର୍ମ ସମ୍ବନ୍ଧୀୟ
ଅନ୍ତିମ	-	ଶେଷ

ସର୍ବଦେବ ନମସ୍କାରଂ

କେଶବଂ ପ୍ରତିଗଚ୍ଛତି - ଯେତେ ଯେଉଁ ଦେବଦେବୀଙ୍କୁ ନମସ୍କାର କରାହୁଏ ତାହା ଭଗବାନ ବିଷ୍ଣୁଙ୍କ ପାଖକୁ ଯାଏ ।

ନହି କଲ୍ୟାଣକୃତ କଶ୍ଚିତ୍

ଦୁର୍ଗତିଃ ତାତ ଗଚ୍ଛତି - ଯଦି କିଛି କଲ୍ୟାଣ ନ ହେଲା ଦୁର୍ଗତିରେ ପଡ଼ିବାର ଚିନ୍ତା କରିବା ଅନୁଚିତ ।

ହରିଦାସ - ଯଶୋହର ଜିଲ୍ଲାର ବ୍ୟକ୍ତି ସେ । ମୁସଲମାନରୁ ଧର୍ମାନ୍ତରିତ ହୋଇ ହରିଦାସ ବୋଲାଇଥିଲେ । ଚୈତନ୍ୟଙ୍କ ସମସାମୟିକ ।

ସାଲବେଗ - ସପ୍ତଦଶ ଶତାବ୍ଦୀର ଜଣେ ଯବନ ଲାଲବେଗ ଓ ତାଙ୍କ ବ୍ରାହ୍ମଣୀ ପତ୍ନୀଙ୍କର ସେ ପୁତ୍ର ଥିଲେ । ସେ ଥିଲେ ଜଗନ୍ନାଥପ୍ରେମୀ ଭକ୍ତକବି ।

ମହୋଦଧି - ସମୁଦ୍ର

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ଓଡ଼ିଆ ଜାତି କିଏ' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଜାତୀୟତା ମନୋଭାବ ସଂପର୍କୀୟ ଦୃଷ୍ଟିକୋଣ ବିଶ୍ଳେଷଣ କର ।

୨ । 'ଓଡ଼ିଆ ଜାତି କିଏ' ପ୍ରବନ୍ଧରେ ପ୍ରତିଫଳିତ ଉଦାର ନୈତିକ ମାନବତାବାଦର ପରିଚୟ ଦିଅ ।

୩ । ଜାତୀୟତାବାଦକୁ ନେଇ ସୃଷ୍ଟି ହୋଇଥିବା ସଂକୀର୍ଣ୍ଣ ଗଣ୍ଡିକୁ ପରିହାରକରି ବିଶ୍ୱ ଦୃଷ୍ଟିକୋଣ ପ୍ରକାଶ ନିମିତ୍ତ ପଠିତ ପ୍ରବନ୍ଧରେ ଯେଉଁ ଆହ୍ୱାନ ରହିଛି ତାହା ଉଲ୍ଲେଖ କର ।

୪ । ଜାତୀୟତା ଗଠନରେ ଥିବା ଅନ୍ତରାୟଗୁଡ଼ିକ ଆଲୋଚନା କର ।

୫ । ଦେଶପ୍ରେମ, ବିଭୁପ୍ରୀତି ଓ ମାନବତାବାଦ - ଏହି ତିନିଗୋଟି ଦୃଷ୍ଟିକୋଣର ପ୍ରତିଫଳ 'ଓଡ଼ିଆ ଜାତି କିଏ' ପ୍ରବନ୍ଧରେ କିପରି ଘଟିଛି ବୁଝାଇ ଲେଖ ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର)

୧ । ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ସାହିତ୍ୟରେ କେଉଁ ଯୁଗର ପ୍ରତିନିଧିତ୍ୱ କରନ୍ତି ?

୨ । ପଣ୍ଡିତ ଗୋପବନ୍ଧୁ ଦାସ କେଉଁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ରର ସଂପାଦନା କରୁଥିଲେ ?

୩ । ଗୋଟିଏ ଜାତିର ନାମକରଣ କିପରି ହୋଇଥାଏ ?

୪ । ଉତ୍କଳ ଓ ଓଡ଼ିଶା ମଧ୍ୟରେ କି ସଂପର୍କ ପ୍ରାବନ୍ଧିକ ଲକ୍ଷ୍ୟ କରିଛନ୍ତି ?

୫ । ଜାତୀୟତା ଗଠନରେ ୟୁନାଇଟେଡ ଷ୍ଟେଟସ୍ କିପରି ଏକ ଦୃଷ୍ଟାନ୍ତ ହୋଇଛି ?

୬ । ପୂର୍ବେ ସ୍ୱାଧୀନ ଓଡ଼ିଶାର ସୀମାରେଖା କେଉଁଯାଏ ବିସ୍ତୃତ ଥିଲା ?

୭ । 'ଉତ୍କଳ ମାତା ମଧ୍ୟ ତୁମ୍ଭର ସେବା-ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇ ରହିଛନ୍ତି' - କେଉଁମାନଙ୍କ ଉଦ୍ଦେଶ୍ୟରେ ଏହା କୁହାଯାଇଛି ?

୮ । ଭାରତର ଜାତୀୟତା ଗଠନରେ କେଉଁ କେଉଁ ଅନ୍ତରାୟ ରହିଛି ?

୯ । ଜାତୀୟତା ଗଠନର ଅନ୍ତରାୟଗୁଡ଼ିକ କିପରି ଦୂର କରିବାକୁ ହେବ ?

୧୦ । ଜାତୀୟ ଜୀବନର ମୂଳମନ୍ତ୍ର କ'ଣ ହେବା ଉଚିତ ?

୧୧ । ଉଦାର ମାନବିକତା କାହିଁକି ପ୍ରତ୍ୟେକ ଜାତୀୟ ଅନୁଷ୍ଠାନର ଲକ୍ଷ୍ୟ ହେବା ଉଚିତ ?

୧୨ । 'ଅନେକ କ୍ଷୁଦ୍ର ଜଳପ୍ରବାହର ମିଳନରେ ନଦୀର ଉତ୍ପତ୍ତି, ପୁଣି ଏହିପରି ଅନେକ ନଦୀ ମିଶି ମହାନଦୀର ପରିଣତ ଏବଂ ପରିଶେଷରେ ସମସ୍ତ ମହାନଦୀର ପ୍ରବେଶ ସମୁଦ୍ରରେ' - ପ୍ରାବନ୍ଧିକ କେଉଁ ଉଦ୍ଦେଶ୍ୟରେ ଏହା କହିଛନ୍ତି ?

୧୩ । 'ମାନବ ସେବା ହିଁ ଭଗବତ୍ ସେବା' - କେଉଁ ପ୍ରସଙ୍ଗରେ ଏହା କୁହାଯାଇଛି ?

୧୪ । ମାନବ କଲ୍ୟାଣରେ ଆତ୍ମ-ବିନିଯୋଗ କରିବା ପାଇଁ କେଉଁ ବିଶ୍ୱାସ ଓ ଉଦାର ନୀତି ହୃଦୟରେ ଜାଗ୍ରତ କରିବାକୁ ହେବ ?

୧୫ । 'ବିଶ୍ୱ ପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା' -ଏହାର ଭାବାର୍ଥ କ'ଣ ?

୧୬ । ମହାଭାରତୀୟତା ଓ ଉଦାର ନୈତିକତାର ବୀଜ ନୀଳାଚଳ ଧାମରେ କିପରି ନିହିତ ଅଛି ?

୧୭ । 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ' - ଏହା କିଏ ଗାଇ ଉଠିଥିଲେ ?

୧୮ । ଉତ୍କଳ ଭୂମି କାହିଁକି ସଂକୀର୍ଣ୍ଣ ଭୂମି ନୁହେଁ ?

୧୯ । ବିଶାଳତା ଓ ମହାଭାରତୀୟତାର ପ୍ରକାଶ ଉତ୍କଳ ଭୂମିରେ କିପରି ଭାବରେ ରହିଅଛି ?

୨୦ । 'ତାହାର ପ୍ରାଣର କବିତା ସେହି ଉଦାର ମନୋଭାବ ପ୍ରକାଶ କରିଅଛି ।' - କେଉଁ ପ୍ରସଂଗରେ ଓ କାହିଁକି ଏହା କୁହାଯାଇଛି ?

୨୧ । ଜଗନ୍ନାଥ ସାକ୍ଷାତ୍ କେଉଁ ଅବତାର ବୋଲି କୁହାଯାଇଛି ?

୨୨ । ଆମେ ଦେଶର ଅତୀତଠୁଁ କ'ଣ ଭୋଗ କରୁଛୁ ?

୨୩ । ଏହି ପ୍ରବନ୍ଧଟି କେଉଁ ମଞ୍ଚରେ ଅଭିଭାଷଣ ରୂପେ ଉପସ୍ଥାପିତ ହୋଇଥିଲା ?

୨୪ । ଗୋପବନ୍ଧୁ ଦାସଙ୍କର ଦୁଇଖଣ୍ଡ ଗ୍ରନ୍ଥର ନାମ ଲେଖ ।

ସତ୍ୟଯୁଗ ପହଞ୍ଚିଲାଣି ତ !

ମନମୋହନ ମିଶ୍ର

ମୋର ଏ ଲେଖା ଓଡ଼ିଶା ଦେଶର ଗରିବ ଚଷା ପାଇଁ ନୁହେଁ - ଯିଏ ମଶାରି ଅଭାବରେ ମଶାଖିଆ ଲଗାଏ, ଅଥବା ଗଡ଼ଜାତର ଯେଉଁ ଜଙ୍ଗଲ ପ୍ରାଣୀମାନେ ପାହାଡ଼ ଗୁମ୍ଫାରେ ରହିଛନ୍ତି - ସେହି ଗ୍ରହାନ୍ତରର ଜୀବମାନଙ୍କ ପାଇଁ ନୁହେଁ। ଆଜି ପୃଥିବୀର ଦୃଷ୍ଟିରେ ସେମାନେ ଅତି ସାମାନ୍ୟ ଆଉ ଅତି ଅସଭ୍ୟ । ମୋର ଏ ଲେଖା ହେଉଚି ସେମାନଙ୍କ ପାଇଁ ଯେଉଁମାନେ ମଟର ଟ୍ରାମରେ ଚଢ଼ି ବୁଲନ୍ତି - ଏରୋପ୍ଲେନ୍, ରେଡିଓ ଦେଖି ଶୁଣି 'କଂସାରି ଘରର ପାରା' ପାଲଟି ଗଲେଣି। ଟେଲିଭିଜନ ବା ଟେଷ୍ଟ ଟିଉବ୍ ଚାଇଲ୍ଡ ନାମ ଶୁଣିଲେ ଯେଉଁମାନେ ଚମକି ପଡ଼ନ୍ତି ନାଇଁ, ଅଥବା ଯେଉଁମାନେ ସାମ୍ୟବାଦର ଧ୍ୱଜା ତଳେ ଛିଡ଼ାହେବାକୁ ଗୌରବ, ଆଉ ବେଶ୍ୟାବୃତ୍ତିକୁ ବିବାହଠାରୁ ଆହୁରି ଶ୍ରେୟ ମନେ କରନ୍ତି, ସେଇମାନଙ୍କ ପାଇଁ ।

କାରଣ ଏଇମାନେ ହିଁ ଆଧୁନିକ । ଏ ସଭ୍ୟତା ସାଙ୍ଗରେ ସମାନ ବେଗରେ ଗତିକରି ଚାଲିଛନ୍ତି ବୋଲି ଆମର ଏ ଲେଖା ଶୁଣିଲେ ବା ପଢ଼ିଲେ ନାକ ଟେକିବେ । ବିଲାତି ଲୋକ ହେଲେ କହିବେ ବଡ଼ 'ପ୍ରି-ଉଆର୍'; ଆଉ ଆମ ଦେଶର ଲୋକ କହିବେ - ମାନ୍ଧାତା ଅମଳ କଥା । ମୁଁ ଏଥିରେ ପୃଥିବୀର ସଭ୍ୟତାର ଉଜ୍ଜ୍ୱଳ ପ୍ରତୀକ ସେଇ ଅସ୍ତ୍ରସଜ୍ଜା କିମ୍ବା ଗୋଲାମି କରିବା ପ୍ରବୃତ୍ତି ବିଷୟ ବେଶି କହିବି ନାହିଁ । କାରଣ ସେ ସମ୍ବନ୍ଧରେ ଯେତେ ଭୟାବହ କଥା କୁହାଯାଉଚି, କିମ୍ବା ଆଶା କରାଯାଉଚି ତାହା ନ ଘଟିପାରେ । ଆଜି ଯଦି ଜର୍ମାନୀ ଆଉ ରୁଷିଆ ଧଳା ଆଉ ନାଲିହାତ ଦୁଇଟା ଖୁବ୍ ଜୋରରେ ମିଳେଇ ନିଅନ୍ତି; ଅଧିକନ୍ତୁ ଆଜି ଯଦି ସମଗ୍ର ସଂସାର ଯାକରେ ଏକ ରାଜତ୍ୱ ପ୍ରତିଷ୍ଠା ହୁଏ ଏବଂ ଯୁଦ୍ଧର ଆଶା କେଉଁଆଡ଼େ ଉଭେଇଯାଏ, ତଥାପି ଏ ସଭ୍ୟତାର ଆୟୁଷ ବେଶି ଦିନ ନୁହେଁ ।

ଯାର କାରଣ ? ଯେତେବେଳେ ମଧ୍ୟଯୁଗର ଫିଉଡାଲିଜିମ୍ ଢେଉରେ ପୃଥିବୀ ହନ୍ତସନ୍ତ ହୋଇଥିଲା, ଧର୍ମ ନାଁ ଶୁଣିଲେ ଲୋକେ ଆଖିବୁଜି ପାଣିକି ଡେଇଁ ପଡୁଥିଲେ,ସେତେବେଳେ ବଳିଷ୍ଠର ଅତ୍ୟାଚାର ଏବଂ ଦୁର୍ବଳର ଦୁର୍ଗତିରେ ପୃଥିବୀ ଥରହର ହେଉଥିଲା । ସେତେବେଳେ ତ ଏ ସଭ୍ୟତା ଆଗେଇ ଚାଲିଥିଲା । ସେତେବେଳେ ତ ଲୋକେ ଯାହା ସତ୍ୟ, ଯାହା ଶିବ, ଯାହା ସୁନ୍ଦର, ସବୁଥିରେ ବିଶ୍ୱାସ କରିଥିଲେ; କିନ୍ତୁ ଆଜି ଏପରି ଯୁଗରେ ଯେତେବେଳେ ବୀରପୂଜାକୁ ସମସ୍ତେ ବୁଝୁଚନ୍ତି, ଯେତେବେଳେ ମଣିଷର କରଣି ଆଉ ଜଣେ ମଣିଷ ଆନନ୍ଦରେ ବୁଝୁଚି ଆଉ ମାନୁଚି, ଯେତେବେଳେ ସାମ୍ୟବାଦ, ଜାତୀୟବାଦ, ଉନ୍ନତ ମାନବିକତାର ଆନନ୍ଦରେ ପୃଥିବୀ ପୂରି ଉଠୁଚି, ସେତେବେଳେ ଦିନ ଦ୍ୱିପ୍ରହରରେ ମୋର ଏ ଭବିଷ୍ୟତ ବାଣୀ ଶୁଣି ଅନେକ ବିଚାରିବେ ମୁଁ ପ୍ରଳାପ କରୁଛି । ମୁଁ ମଧ୍ୟ ମାନୁଚି ପୃଥିବୀ ଉନ୍ନତି ଆଡ଼କୁ ଗତି କରୁଚି । ଏଇ ଯେ ବେତାର ବାର୍ତ୍ତା, ପୁଷ୍ପକ ବିମାନ ଆମେ ଦେଖୁଚୁ, ଆଉ ଯେଉଁ ଟେଲିଭିଜନ ଦ୍ୱାରା ଧ୍ୱାନବଳରେ ଦୂରରେ ଥିବା ପରିଚିତ ଲୋକେ ଦେଖିବା କଥା ଆମ ଚଉଦ ପୁରୁଷ ଜାଣି ନ ଥିଲେ, ଯେଉଁ ଗ୍ରହରାଜଙ୍କୁ ଦେଖି ଆମେ ନମସ୍ତେ ନମସ୍ତେ କରି ମଙ୍ଗଳବାର ଉପାସ ନ କଲେ ବାଟ ଦିଶୁ ନ ଥିଲା, ତାଙ୍କୁ ଆମରି ଏଇ ବସୁନ୍ଧରା ସଙ୍ଗେ ଲେଖା କଲୁ, ଏ କଥା ଉନ୍ନତି ନୁହେଁ କ'ଣ ଅବନତି ? ଆଦିମ ଅନ୍ଧାର ଯୁଗର ହନୁମନ୍ତିଆ ଆଡାମ୍ ଯଦି ଆଉ ଥରେ ଏଠି ପହଞ୍ଚନ୍ତା ତେବେ ସେ ମୁହଁ ଲୁଚେଇବା ପାଇଁ ପିମ୍ପୁଡ଼ି ବିଳ ଖୋଜନ୍ତାଣି ।

ତେବେ ଏ ଉନ୍ନତିର ବତାସ ବହିଲାବେଳେ ଯେତେବେଳେ ପୁରୁଷ ଓ ନାରୀ ସମସ୍ତେ ଆଗୁସାର ହୋଇ ଜୀବନର ପଥ ଉଜ୍ଜ୍ୱଳ କରିବାକୁ ଧାଇଁ ପଡ଼ିଚନ୍ତି ସେତେବେଳେ ଏସବୁ ଅସାର, ଏସବୁ ମାୟା ବୋଲି କହି ଦାର୍ଶନିକ ପାଲଟିଲେ, ମୋ ପିଠିରେ ଘୋଡ଼ା କୋରଡ଼ା ପଡ଼ିବାର କଥା । ଜୀବନକୁ ପୂର୍ଣ୍ଣ କରିବାକୁ ଦୁନିଆର ଯେତେକ କାମ୍ୟବସ୍ତୁ ସବୁ ଏକାଠି ରଖି ଚଳିବାକୁ ମନୁଷ୍ୟର ଯେ ପ୍ରବୃତ୍ତି ସେ ଆଜି ଚରିତାର୍ଥ ହୋଇଚି । ଭବିଷ୍ୟତରେ ଆଉ ଯେ କଣ ଅବାଙ୍‌ମାନସଗୋଚର ଜିନିଷ ଦେଖା ନ ଦେବ ତା ମଧ୍ୟ ନୁହେଁ । ଆମର ବିଦ୍ୟାବୁଦ୍ଧି ଆଉ ମସ୍ତିଷ୍କ ଚାଳନା ତ ବର୍ଷାଦିନର ମହାନଦୀ ବଢ଼ିପାଣି ପରି ମାଡ଼ିଯାଉଚି । କିନ୍ତୁ ମୁଁ କହୁଚି ଏ ଉନ୍ନତି ଉନ୍ନତି ସତ, ହେଲେ ଏଥିରେ ଅଛି ଆତ୍ମହତ୍ୟା ଆଉ ଧ୍ୱଂସ । ଏକଥା କହିଲାବେଳେ ମୁଁ ମଧ୍ୟ ମାନୁଚି ମୋର ଏ ସଭ୍ୟତା ପାଇଁ ପୂର୍ଣ୍ଣ ସହାନୁଭୂତି ଅଛି । ଆମେ ଯେଉଁ ବାଟରେ ଚାଲିଥାଉଁ ତାହା ହିଁ ପ୍ରକୃତ ଜୀବନ ଥିବାର ଚିହ୍ନ ବୋଲି ଜଣେଇ ଦେଉଚି । ଆଜି ଯଦି ସଂସାର ଏତିକିରେ ସ୍ଥିର ପଡ଼ିଯାଏ, ଆମେସବୁ ହିଡ଼ ଭିତର ପାଣି ପରି ପୋଚିଆ ହୋଇଯିବୁ; -ଆମର ଫୂର୍ତ୍ତି ଫାଜିଲାମି ସବୁ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯିବ । ନୋହିଲେ ଆମେ ଇଲାଗେ ଯଦି ପଛକୁ ହଟିରହିବା, ଆମର ଏ ସଭ୍ୟତା ଲୋଡ଼ା ନାହିଁ ବୋଲି କହିବା, ତେବେ ନୈମିଷାରଣ୍ୟରେ ଆଶ୍ରୟ ନେବାକୁ ହେବ; ଆଉ ନୀଳଗାଈକୁ ଧରି ଘର କରିବାକୁ ପଡ଼ିବ ।

ଚାରିଆଡ଼େ ବିଲପ୍ରାନ୍ତର ଜଙ୍ଗଲ; ମଝିରେ ମେଟାଲ୍ ରୋଡ । ସେଥିରେ ମଟରଗାଡ଼ି ଖଣ୍ଡିକରେ ଯେତେବେଳେ ଦକ୍ଷିଣା ପବନକୁ ମୁହଁକରି ଆମେ ଚାଲିଥାଉଁ ସେତେବେଳେ ଚାରିଆଡ଼ ସୁନ୍ଦର ଦିଶେ । ଲାଗେ ଯେପରି ଏପରି ଜୀବନ ଆଉ କଦାପି ମିଳିବ ନାହିଁ । ଆମର ଯେ ସଭ୍ୟତା ଏ ପର୍ଯ୍ୟନ୍ତ ଧାବମାନ ତାହା ସେପରି ସଂସାରର ଶଗଡ଼ଗୁଳା ବାଟରେ ବିନା ମେଟାଲ୍ ରୋଡରେ ଗଡ଼ି ଚାଲିଥିଲା । କିନ୍ତୁ ବର୍ତ୍ତମାନ ଏପରି ଅବସ୍ଥା ଆସିଲାଣି ଚାରିଆଡ଼େ ମେଟାଲ୍ ରୋଡ । ପୃଥିବୀର ଅପନ୍ତରା ପାଟ, ସମୁଦ୍ର, ପାହାଡ଼ସବୁ ସମତଳ କରି ଯଦି ଚାରିଆଡ଼େ ଶଙ୍ଗମଲ୍‌ମଲ୍ ପଥର ରାସ୍ତା କରାଯାଏ ତେବେ ପୃଥିବୀଟା ବଡ଼ ଚିକ୍‌କଣ ଦିଶିବ । ଲୋକେ ଶେଯ ନ ଲୋଡ଼ି ଖାଲି ତଳରେ ଗଡ଼ିବେ । ଆଉ କାହା ଗୋଡ଼ରେ ଟିକିଏ ହେଲେ ମାଟି ଲାଗିବ ନାହିଁ । ଦଳେ ଔପନ୍ୟାସିକ - ଯେଉଁମାନଙ୍କର ନାୟକ ନାୟିକାମାନେ ସାଫ୍ ଚିକ୍କଣ ରହିବାକୁ ଭଲ ପାଆନ୍ତି; -ସେମାନଙ୍କ ବହି ଭାରି ବିକ୍ରି ହେବ । ଏସବୁ ହେବ, କିନ୍ତୁ ଆମ ମନ ତୃପ୍ତ ହେବ କି ? ମୁଁ ମୋ ଘରକୁ ଚିକ୍‌କଣ କରିବାକୁ ଭଲପାଏ; କିନ୍ତୁ ପୃଥିବୀକୁ ଶ୍ୟାମଳ ନ ଦେଖିଲେ ମୁଁ ଆନନ୍ଦିତ ହୋଇପାରିବି ତ ?

ଏଇଠି ଏଇ କପିକଳ ସଭ୍ୟତାର ଲାଙ୍ଗୁଳଟା ଆପଣଙ୍କୁ ଧରାଇଦେବି । ଆପଣମାନେ ବୁଝିଯିବେ ଯେ ଏଥିରେ ବାଦୀବାଲାର ଭାଙ୍ଗ ମଉଜ ଅଛି, ନବାତ- ପକା ଚୂଡ଼ାଘଷା ଅଛି, ଆଉ ଫୁଲମାଳ-ପକା ଚନ୍ଦନବୁଡ଼ ଅଛି; କିନ୍ତୁ ତହିଁ ସହିତ ଅଛି ପ୍ରଳାପ, ଅଜୀର୍ଣ୍ଣ ଆଉ ସର୍ଦ୍ଦି । ଆମେ ଯେ ଆଜି ଚଳନ୍ତି ମେସିନ୍ ହୋଇଗଲୁଣି ସେକଥା ଆଉ କହିବାକୁ ପଡ଼ିବ ନାହିଁ । ଆମରି ପାଣି ମେସିନ୍ ଗରମ କରିଦେଉଚି, ଆମେ କଳରେ ଗାଧୋଉଚୁ, ଆମ ବହି ଆଲମାରୀ ମେସିନ୍ ସଜାଡ଼ି ଦେଉଚି । ହୋଟେଲରୁ ଆମ ଭାତ ତିଅଣ ଲରୀ ଭିତରେ ବୁହାହୋଇ ଆସି ଆମ ଗୋଡ଼ତଳେ ପଡୁଚି । ଆମ ଦେଶର ବାବୁ-ଭାୟାଙ୍କୁ ଆମେ କଥାବାର୍ତ୍ତା କରୁଚୁ । ତା'ପରେ ଟିକିଏ ପଇସା ଖର୍ଚ୍ଚକଲେ ଆମ ଘର ଚଉକିରେ ବସି ଦେଖିପାରୁଚୁ ବୋଲି ଆମର ଆନନ୍ଦ ହେଲାଣି । କିନ୍ତୁ ଏସବୁ ଯେ ମଣିଷର ଜୀବନ୍ତ ଶକ୍ତିର ଆବିର୍ଭାବ, ଏହା ବୁଝିବା ସଙ୍ଗେ ସଙ୍ଗେ ଆମେ ବୁଝୁନାହୁଁ କି ଏଥିରେ ମଣିଷ ଜୀବନର ଅପଚୟ ଘଟୁଚି ।

ଆମର ପରିବାର ଜୀବନ ଲୋପ ପାଇଚି । ବିବାହରେ ସୁଖଶାନ୍ତି ନାହିଁ । କାହିଁକି ନା ବିବାହ ଆର୍ଥିକ ଦାସତ୍ୱର ଲୁହା ଶାଙ୍କୁଳିରେ ବାନ୍ଧି ରଖିଥିଲା । ସେଥିପାଇଁ ମାଈଗୋରୁର ବାଛୁରୀ ପରି ଆମେ ଅଜ୍ଞାତ-ପିତା ଏବଂ ଅନାମଧେୟ ରହିବାକୁ ଗୋଟାଏ ବଡ଼ପାହ୍ୟା ବୋଲି ଲେଖାକଲୁଣି । କୋଇଲାରୁ ଚିନି, ପଥରରୁ ପାଣି, ଆଉ ନିଆଁରୁ ବାୟୁ ରଚନା କଲୁଣି । ସଭ୍ୟତାର ତୀବ୍ର ଘୋଡ଼ା ପଛରେ ଧଇଁସଇଁ ହୋଇ ଧାଇଁବା ଫଳରେ ଆମର ଦିହରୁ ଚରିତ୍ରର ମୋହ, ନନା ବୋଉଙ୍କ ସ୍ନେହ-ପ୍ରୀତି, ଦୟା-ଦାକ୍ଷିଣ୍ୟ, ଜୀବନଧାରଣ ପାଇଁ ଚେଷ୍ଟା ସବୁ ଗୋଟି ଗୋଟି ହୋଇ ଝଡ଼ିଯିବା ଉପରେ । ଉଚ୍ଚ

ସାହିତ୍ୟ, ଉଚ୍ଚ ଚିନ୍ତା, ଉଚ୍ଚ କବିତାପାଇଁ ଆମର ସମୟ ନାହିଁ । ମିଲଟନ୍ ବା କାଳିଦାସଙ୍କ ଲେଖା ଦେଖିଲେ ମୁଣ୍ଡ ବ୍ୟଥା ଆରମ୍ଭ ହେଉଚି । ଖବରକାଗଜରୁ ଧାଡ଼ିଏ ପଢୁଥିଲେ; ଏବେ ବି ଟିଭି ସେଟ୍ ଘରେ ରହିଲାଦିନୁଁ ସେତକ ମଧ୍ୟ ବନ୍ଦହେବାକୁ ବସିଲାଣି ।

ଅଳ୍ପଦିନ ହେଲା ସିଟ୍‌ୱେଲ୍ ଏବଂ କନିଙ୍ଗହାମ୍ ପ୍ରଭୃତି କବିମାନେ କହିଲେଣି ଯେ, କବିତା ଆଉ ଆଗପରି ସଳଖ ସୁନ୍ଦର ଲମ୍ବା ଲମ୍ବା ସରଳରେଖା ହୋଇ ଚାଲିବ ନାହିଁ । ଏଥରକ ସେଇ ଅନାଦିଯୁଗର ରାଜନୀତିର ପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ । ବଳଦ ଗାଡ଼ିରେ ବସି ଗଲାବେଳେ ଢୁଳେଇ ଢୁଳେଇ ଯେଉଁ 'ରାମ ଯେ ଲଇକ୍ଷଣ ହୋ ଗଲେ ମୃଗ ମାରି' କରୁଥିଲୁ ସେ କାଳ ଗଲାଣି । ଏ ତ ମଟର ଟ୍ରାମର ଯୁଗ । ଏ କବିତା ଚେସ୍ ବୋର୍ଡ଼ର ଘୋଡ଼ାପରି ଦେଢ଼ଗୋଡ଼ିଆ ହୋଇ ଚାଲିବ । ଏ ସୃଷ୍ଟିଛଡ଼ା କବିତାର ଜୀବନ ମଧ୍ୟ ଇଂଲଣ୍ଡରେ ଆରମ୍ଭ ହେଲାଣି । ଏଣିକି ଯୁଦ୍ଧ ବର୍ଣ୍ଣନା ନାଲି କାଳିରେ ହେବା ଆଉସବୁ ବିଷୟ ପୂର୍ଣ୍ଣ କ୍ଷିପ୍ରଲିପି (Shorthand)ରେ ଚାଲିବ ।

ଚିତ୍ରବିଦ୍ୟା ସମ୍ବନ୍ଧରେ ବେଶି କିଛି କହିବାକୁ ପଡ଼ିବ ନାହିଁ । ଆଜିର ଚିତ୍ରବିଦ୍ୟା ମଧ୍ୟ ଏପରି ଅରଣ୍ୟ-ଆଦର୍ଶ ମଧ୍ୟରେ ପଡ଼ି ହନ୍ତସନ୍ତ ହେଉଚି । ଏଇ ଯେଉଁ ଆର୍ଟ ଆମେ ଦେଖି ଆଖିକୁ ସ୍ତବ୍‌ଧକରି ଦେଉଥାଉଁ, ତା ଭିତରେ ଯେଉଁ ସୂକ୍ଷ୍ମ ଇଙ୍ଗିତ, କିପରି ସେ କଥା ଭାବିଲେ ହସମାଡ଼େ । ନିଶରେ ଗବକ୍ଷୀର ମାରି ଦୁଧ ପିଇଚି ବୋଲି ଭାବିବା ଯେପରି ତୃପ୍ତି ଦିଏ, ଏଇ ଆଧୁନିକ କବିତା ଏବଂ ଏଇ ଚିତ୍ରବିଦ୍ୟା, ତାପରେ ପୃଥିବୀର ଏଇ ଆଚାର ବ୍ୟବହାର, ପୃଥିବୀର ଅଧିକାଂଶ ଚିନ୍ତାଶୀଳ ବ୍ୟକ୍ତିଙ୍କ ମନରେ ନିଶ୍ଚୟ ସେଇ ଫୂର୍ତ୍ତି ଦେଉଥିବ, ଏ କଥା ମୋର ପୂର୍ଣ୍ଣ ବିଶ୍ୱାସ ।

ଆମର ପାରିପାର୍ଶ୍ୱିକ ଜୀବନ ଯେପରି ଅତି ଦ୍ରୁତ ଗତିରେ ମାଡ଼ି ଚାଲିଚି, ଚାରିଆଡ଼େ ଯେପରି ଉନ୍ନତ ଚିନ୍ତାର ଢେଉ ଫଳରେ ଆମେ ଲକ୍ଷ ଲକ୍ଷ ନୂତନ କଳକବ୍‌ଜା ଆଉ ମୋଟର ମେସିନ୍ ଗଢ଼ିଚାଲିଚୁ, ଆମର ହୃଦୟ ସେପରି ଅର୍ବାଚୀନ ସୌନ୍ଦର୍ଯ୍ୟର ଉପଭୋଗ ପାଇଁ ଆଗୁସାର ହୋଇପାରୁ ନାଇଁ । ବର୍ତ୍ତମାନ ଆମ୍ଭେ କେବଳ ଏକ ଉଚ୍ଛୃଙ୍ଖଳ ପ୍ରତିଯୋଗିତା ମଧ୍ୟରେ ପଡ଼ି 'ସିଏ ରେଳଗାଡ଼ି କଲା ତ ମୁଁ ମଟର କରିବି, ସିଏ ରେଡିଓ କିଣିଲା ତ ମୁଁ ଟେଲିଭିଜନ କିଣିବି' - ଏପରି ନୀତି ଧରିଚୁ କିନ୍ତୁ କଦାପି ଏଥିରେ ଆମର ଆତ୍ମାର ଶାନ୍ତି ବିଧାନ ହୋଇ ନ ପାରେ । ହରିବୋଲିଆ ଚୈତନ୍ୟ ଦଳ ଯେପରି ଚିଲମ ଟାଣି ଚୈତନ୍ୟପ୍ରାପ୍ତି ଲଭନ୍ତି, ଆମରି ଏ ସୁଲଭ ଜୀବନ ଯାତ୍ରା ଯେପରି ଆମକୁ ଏକ ଅବନତ ଜୀବ ଭିତରେ ମାଡ଼ି ଦେବାକୁ ବସିଚି । ଆମର ଚାରିଆଡ଼େ ପରିବର୍ତ୍ତନ; କିନ୍ତୁ ଆମେ ଖାଲି ସମୟ ଜଗି ରହିଚୁ । ଆମର ପ୍ରକୃତ ହୃଦୟାନ୍ତର ଘଟିନାଇଁ ଏବଂ ଯେଉଁ ପର୍ଯ୍ୟନ୍ତ ସେପରି ହୃଦୟାନ୍ତର ନ ଘଟିବ-ଘଟିବା ସମ୍ଭବ ମଧ୍ୟ ନୁହେଁ- ସେ ପର୍ଯ୍ୟନ୍ତ ଏ ଅଣନିଃଶ୍ୱାସୀ ସଭ୍ୟତା ଆମ ପାଚିଲା ପ୍ରାଣ ଉପରେ କୌଣସି ଶ୍ୟାମଳତା ଆଣି ନ ପାରେ ।

ଆମକୁ ଚିକ୍‌କଣ-ଚାକଣ କରି ଆମ ମୁଣ୍ଡରେ ଧୀରେ ଧୀରେ ଏ ଯେଉଁ ଶୃଙ୍ଖଳ ଗଳିଯାଉଚି ଏଥିରୁ ଉତୁରିବାର ଉପାୟ ନାଇଁ । ଏ ଶୃଙ୍ଖଳ ଦଳେ ବଡ଼ମୁଣ୍ଡିଆଙ୍କ ବୁଦ୍ଧିରୁ ବାହାରି ଆମକୁ ଗ୍ରାସିବାକୁ ବସିଚି । ସାମ୍ୟବାଦୀ, ଆଗରୁ ସାବଧାନ ହୁଅ । ତୁମର ପୂର୍ବବର୍ଣ୍ଣିତ ପୋଥି, ତୁମ କାର୍ଲମାର୍କସ୍, ଆଉ ତୁମ 'ସର୍ବହରା କୃଷକ ଶ୍ରେଣୀ' ଏଇ ସଭ୍ୟତାର ମୂର୍ତ୍ତିମନ୍ତ ବିଗ୍ରହ ମେସିନ୍ କଳ ତଳରେ ପଡ଼ି ପୋଡ଼ି ପାଉଁଶ ହୋଇଯିବେ । ସେତିକିବେଳେ ଏଇ ସଭ୍ୟତାର ସିଧା ରାସ୍ତା ଉପରେ ଆସି ମେଘନାଦ ପାଚିରୀ ଛିଡ଼ା ହୋଇଯିବ । ସେଇଠୁ -

ପୃଷ୍ଠବଂଧ

ଲେଖକ : ମନମୋହନ ମିଶ୍ର (ଖ୍ରୀ. ୧୯୨୦-ଖ୍ରୀ. ୨୦୦୦)

ଓଡ଼ିଆ କାବ୍ୟ-ଜଗତରେ ନବଚେତନାର ଅନ୍ୟତମ ବାର୍ତ୍ତାବହ ଥିଲେ ମନମୋହନ ମିଶ୍ର । ପୁରୀ ଜିଲ୍ଲା ବୀର ନରସିଂହପୁର ଶାସନରେ ତାଙ୍କର ଜନ୍ମ । କଲେଜ ଜୀବନରୁ ତାଙ୍କ ପ୍ରାଣରେ ସମାଜର ସ୍ଥିତାବସ୍ଥା ପ୍ରତି ବିଦ୍ରୋହ ଜାତ ହୋଇଥିଲା । ରେଭେନ୍‌ସା କଲେଜରେ ପଢୁଥିବାବେଳେ ସେ ଇଂରେଜ ଶାସନର ପ୍ରତିବାଦ କରି କଲେଜ କୋଠାରୁ ୟୁନିଅନ ଜାକ୍ ପତାକା ଓହ୍ଲାଇ ଅତି ଦୁଃସାହସିକତାର ପରିଚୟ ଦେଇଥିଲେ । ସେ ମୁକ୍ତି ସଂଗ୍ରାମରେ ଝାସଦେଇ ବ୍ରିଟିଶ ସରକାରଙ୍କ କୋପ ଦୃଷ୍ଟିରେ ପଡ଼ିଥିଲେ । ବିପ୍ଳବୀ କବି ହିସାବରେ ତାଙ୍କର ଯେମିତି ଖ୍ୟାତି, ଜଣେ ସୁବକ୍ତା ଭାବରେ ତାଙ୍କର ସେହିଭଳି ଥିଲା ଜନପ୍ରିୟତା । କବିତା ଆବୃତ୍ତିର ଢଙ୍ଗ ତାଙ୍କର ଚମତ୍କାର । ସେ ଥିଲେ ବାମପନ୍ଥୀ ତଥା ସାମ୍ୟବାଦୀ ଲେଖକ । ସାମନ୍ତବାଦୀ ଆଦର୍ଶର ବିରୋଧୀ । ତେଣୁ ଜୀବନରେ ସବୁବେଳେ ଆନ୍ଦୋଳନର କର୍ଣ୍ଣଧାର ସାଜି ଅଧିକାଂଶ ସମୟ କଟାଇଥିଲେ ଜେଲ୍‌ରେ କିମ୍ବା ଅଜ୍ଞାତ ବାସରେ । କିଛିଦିନ ପାଇଁ ତତ୍‌କାଳୀନ ରାଜନୀତି ସହ ତାଙ୍କର ଭଲ ପଡ଼ିବାରୁ କଟକ ମୁନିସ୍‌ପାଲିଟିର ସେ ହୋଇଥିଲେ ଚେୟାରମ୍ୟାନ୍ । 'କଳିଙ୍ଗ' ନାମକ ଦୈନିକ ସମ୍ବାଦପତ୍ରର ଥିଲେ ସମ୍ପାଦକ । ଛନ୍ଦ ଓ ଭାବର ଅପୂର୍ବ ସମନ୍ୱୟ ସହିତ ଚିତ୍ରକଳ୍ପ ଓ ମିଥ୍ ପ୍ରୟୋଗରେ ନୂତନତା ତାଙ୍କର କାବ୍ୟ-ସୃଷ୍ଟିର ବୈଶିଷ୍ଟ୍ୟ । ଏକ ଶୋଷଣହୀନ, ଶ୍ରେଣୀହୀନ ସମାଜ ପ୍ରତିଷ୍ଠା ପାଇଁ ବୈପ୍ଳବିକ ଆବେଦନ ତାଙ୍କ କବିତାର ମୁଖ୍ୟ ସ୍ୱର । ତାଙ୍କ ଯଶସ୍ୱୀ ଲେଖନୀ ନିଃସୃତ କାବ୍ୟଗ୍ରନ୍ଥ ମଧ୍ୟରୁ 'ଆବାଜ', 'କୋଟିକଣ୍ଠେ', 'ନୂଆ ଗପଟିଏ ଲେଖ', 'ଜନତାର ଜୟଗାନ' ଆଦି ଉଲ୍ଲେଖନୀୟ । ଅନୁବାଦ କର୍ମ ଓ ପ୍ରବନ୍ଧ ରଚନା କ୍ଷେତ୍ରରେ ତାଙ୍କର ଦକ୍ଷତା ପ୍ରଶଂସନୀୟ । ଓଡ଼ିଆ ସାହିତ୍ୟର ଇତିହାସ ପୃଷ୍ଠାରେ ସେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଏହି ବିଦ୍ରୋହୀ କାବ୍ୟ-ପୁରୁଷ ଜୀବନର ଶେଷସନ୍ଧ୍ୟା ପର୍ଯ୍ୟନ୍ତ ସାଲିସହୀନ-ଜୀବନକୁ ପସନ୍ଦକରି ଆସିଥିଲେ ।

ପ୍ରବନ୍ଧ ସଂପର୍କରେ :-

ମନମୋହନ ମିଶ୍ରଙ୍କ ପ୍ରବନ୍ଧଗୁଡ଼ିକ ବାସ୍ତବବାଦୀ ଚିନ୍ତାଧାରା ସମ୍ବଳିତ । ସାମାଜିକ ପ୍ରତିବଦ୍ଧତା ତାଙ୍କ ପ୍ରବନ୍ଧମାନଙ୍କର ଅନ୍ତଃସ୍ୱର । ଆଲୋଚ୍ୟ ପ୍ରବନ୍ଧ 'ସତ୍ୟଯୁଗ ପହଞ୍ଚିଲାଣି ତ !' ଆଶାବାଦୀ ମଣିଷଙ୍କର ଏକ ଆଗାମୀ ଆଶ୍ୱାସନା । ଏବେ କଳିଯୁଗ ଚାଲିଚି । ଏହାପରେ ସତ୍ୟଯୁଗର ଆଗମନ । ସେତେବେଳେ ଅସତ୍ୟ, ଅନୀତି ଓ ଅନ୍ୟାୟ ନ ରହିବାର ବିଶ୍ୱାସ କରାଯାଏ ।

ପଠିତ ପ୍ରବନ୍ଧରେ ପ୍ରାବନ୍ଧିକ ସାଂପ୍ରତିକ କାଳରେ ବସ୍ତୁବାଦୀ ସଭ୍ୟତାର ଅଗ୍ରଗତି ସଂକର୍ପରେ ସୂଚନା ଦେବା ସଙ୍ଗେ ସଙ୍ଗେ ଏହା କିପରି ମଣିଷକୁ ମେସିନ୍‌ରେ ପରିଣତ କରିଦେଉଛି ତାର ବିଶ୍ଳେଷଣ କରିଛନ୍ତି । ଆଜି ମଣିଷର ନିତିଦିନିଆ ଜୀବନଚର୍ଯ୍ୟା ବିଶ୍ଳେଷଣ କଲେ ଜଣାପଡ଼ିବ ଯେ ଏହି ସଭ୍ୟତାର ମାୟାମୃଗ ପଛରେ ସେ ଅଣନିଃଶ୍ୱାସୀହୋଇ ଦୌଡ଼ିବାରେ ଲାଗିଛି । ତା' ନିକଟରେ ଉଚ୍ଚ ଚିନ୍ତା, ମହନୀୟ ଭାବଧାରା ପୋଷଣ ପାଇଁ ଅବକାଶ ନାହିଁ । ଚତୁର୍ଦ୍ଦିଗରେ ଚାଲିଛି ଉଚ୍ଛୃଙ୍ଖଳ ପ୍ରତିଯୋଗିତା । ହୃଦୟବୃତ୍ତିର ଅଭାବ ସର୍ବତ୍ର ଏବେ ପରିଲକ୍ଷିତ ହେଉଛି । ଏପରି ଏକ ଅବସ୍ଥାରେ ମଣିଷ ଧୀରେ ଧୀରେ ଯେପରି ଦାସତ୍ୱର ବୃତ୍ତି ବା ଶୃଙ୍ଖଳ ମଧ୍ୟରେ ଛନ୍ଦି ହୋଇପଡୁଛି । ତେବେ ଦିନେ ନା ଦିନେ ତଥାକଥିତ ଏହି ବସ୍ତୁବାଦୀ ସଭ୍ୟତାର ଅବସାନ ଘଟିବ । ଏହି ସଭ୍ୟତା ନିଜେ ନିଜର କବର ରଚନା କରିବ । ସେତେବେଳକୁ ସତ୍ୟଯୁଗର ଆଗମନ ହୁଏତ ବେଶି ଡେରି ନ ଥିବ ।

କଠିନ ଶବ୍ଦାର୍ଥ :-

ସତ୍ୟଯୁଗ	-	ଏକ କଳ୍ପନାସମ୍ଭୂତ ପୌରାଣିକ ଯୁଗ । ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଏହି ଚାରୋଟି ଯୁଗ। ଏବେ କଳିଯୁଗ ଚାଲିଚି । ଏହାପରେ ଚକ୍ରାକାର ଗତିରେ ସତ୍ୟଯୁଗ ଆସିବ । ଏହି ଯୁଗ ପହଞ୍ଚିଗଲେ ଅସତ୍ୟ, ଅନ୍ୟାୟ ଓ ଅନୀତି ରହିବ ନାହିଁ ବୋଲି ଲୋକବିଶ୍ୱାସ ।
ମଶାଖିଆ	-	ମଶା ନ ଖାଇବା ପାଇଁ ଦିଆଯିବା ପ୍ରତିରୋଧକ ବତୀ ବା ମହମ ।
ଟ୍ରାମ୍	-	ଲୁହା ଧାରଣାରେ ଚାଲୁଥିବା ସହରାଞ୍ଚଳରେ ପ୍ରଚଳିତ ପାତି ରେଳ ।
କଂସାରି ଘରର ପାରା	-	ତୀବ୍ର ଶ୍ରୁତିକଟୁ ଧ୍ୱନି ଶୁଣିବାରେ ଅଭ୍ୟସ୍ତ ।
ଟେଷ୍ଟଟିଉବ୍ ଚାଇଲ୍ଡ	-	ପରୀକ୍ଷା ନଳୀ ମଧ୍ୟରେ ଯେଉଁ ପିଲାର ଜନ୍ମଜାତକ ପରିକଳ୍ପିତ ।
ପ୍ରି-ଉଆର୍	-	ବିଶ୍ୱଯୁଦ୍ଧ ପୂର୍ବର; ମାନ୍ଧାତା ଅମଳର ।
ମାନ୍ଧାତା ଅମଳ	-	ଅତି ପୁରାତନ କାଳ
ଧଳା ଆଉ ନାଲି ହାତ	-	ଜର୍ମାନ୍‌ର ଧଳା ହାତ ଓ ରୁଷର ନାଲି ହାତ ।
ଫିଉଡାଲିଜିମ୍	-	ସାମନ୍ତବାଦ ।
ମଣିଷର କରଣି	-	ମଣିଷର କାର୍ଯ୍ୟ ବା କୃତିତ୍ୱ ।
ସାମ୍ୟବାଦ	-	ସୋସିଆଲିଜିମ୍; ବାମପନ୍ଥୀ ରାଜନୀତିକ ମତବାଦ; ସମସ୍ତେ ସମାନ; ପୃଥିବୀର ସମସ୍ତ ଧନ ଉପରେ ସମସ୍ତଙ୍କର ସମାନ ଅଧିକାର - ଏହି ମତ ।
ଜାତୀୟବାଦ	-	ନିଜ ଦେଶ ବା ଜାତି ପ୍ରତି ଅତ୍ୟନ୍ତ ମମତାଯୁକ୍ତ ମତବାଦ ।
ପ୍ରଳାପ	-	ଅର୍ଥହୀନ କଥା; ବିଳାପ ।
ପୁଷ୍ପକ ବିମାନ	-	ମନର ଇଚ୍ଛା ମୁତାବକ ଗମନକାରୀ ଯାନ; (ଏଠାରେ) ଉଡ଼ାଜାହାଜ ।
ଆଡାମ୍	-	ଖ୍ରୀଷ୍ଟୀୟ ଧର୍ମବିଶ୍ୱାସର ଆଦିପୁରୁଷ ।
ବିଳ	-	ଗାତ
ବସୁନ୍ଧରା	-	ପୃଥିବୀ
ଅସାର	-	ସାରହୀନ; ଅପଦାର୍ଥ
କାମ୍ୟବସ୍ତୁ	-	ଭୋଗ୍ୟ ଜିନିଷ; ସୁନ୍ଦର ବସ୍ତୁ ।
ପ୍ରବୃତ୍ତି	-	ଇଚ୍ଛା; କାମନା
ଅବାଙ୍‌ମାନସଗୋଚର	-	ଯାହା ବାକ୍‌ମନ ଆଦି ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁ ନୁହେଁ; ମନ ବଚନ ଅତୀତ ବସ୍ତୁ ।
ପୋଚିଆ	-	ପଚମାନ; ପଚା
ଇଲାଗେ	-	ଏବେ; ବର୍ତ୍ତମାନ; ଏଇକ୍ଷଣି

ନୈମିଷାରଣ୍ୟ - ଋଷିଗଣ ଅଧ୍ୟୁଷିତ ଏକ ପ୍ରାଚୀନ ପବିତ୍ର ଅରଣ୍ୟ ।

ନୀଳଗାଈ - କୃଷ୍ଣସାର ଜାତୀୟ ଟାଣ ଚମଡ଼ାଯୁକ୍ତ ଧୂସର ବର୍ଣ୍ଣର ବନ୍ୟପଶୁ ।

ଧାବମାନ - ଗତିଶୀଳ; ଦଉଡୁଥିବା

ଅପନ୍ତରା - ଜନହୀନ ପ୍ରାନ୍ତର; ତୁଚ୍ଛ

କପିକଳ - ଟିଉବ୍‌ୱେଲ; (ଏଠାରେ) ଅନୁକରଣପ୍ରିୟ ମାଙ୍କଡ଼ାମି ସଭ୍ୟତା

ଲରୀ - ଏକପ୍ରକାର ଲମ୍ବା ପାର୍ଶ୍ୱହୀନ ମଟରଗାଡ଼ି (Lorry)

ଅନାମଧେୟ - ଅପ୍ରସିଦ୍ଧ; ନାମ ଅଜଣା ।

ଅରଣ୍ୟ-ଆଦର୍ଶ - ଜନମାନବ ଶୂନ୍ୟ ଅଞ୍ଚଳ; ଅର୍ଥାତ୍ ମାନବିକ ସହୃଦୟତା ପାଉ ନ ଥିବା ସ୍ଥାନ ।

ଉଚ୍ଛୃଙ୍ଖଳ - ଶୃଙ୍ଖଳହୀନ; ଔଦ୍ଧତ୍ୟପୂର୍ଣ୍ଣ

ହୃଦୟାନ୍ତର - ଚିତ୍ତ ପରିବର୍ତ୍ତନ

ଉତୁରିବା - ଖସିବା; ଓହ୍ଲାଇବା

ମେଘନାଦ ପାଚିରୀ - ଜଗନ୍ନାଥ ମନ୍ଦିରର ଉଚ୍ଚ ବାହାର ବେଢ଼ା; ଭିତର ବେଢ଼ାକୁ କୂର୍ମ ପାଚିରୀ କହନ୍ତି ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ସତ୍ୟଯୁଗ ପହଞ୍ଚିଲାଣି ତ' ପ୍ରବନ୍ଧର ଆଭିମୁଖ୍ୟ ବୁଝାଇ ଲେଖ ।

୨ । 'ସତ୍ୟଯୁଗ ପହଞ୍ଚିଲାଣି ତ' ପ୍ରବନ୍ଧର ନାମକରଣ-ଗତ ଯଥାର୍ଥତା ଉଲ୍ଲେଖ କର ।

୩ । ସଭ୍ୟତାର ଅଗ୍ରଗତି ହୋଇଛି ବୋଲି ଲେଖକ ପଠିତ ପ୍ରବନ୍ଧରେ କେଉଁ କେଉଁ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି?

୪ । ପଠିତ ପ୍ରବନ୍ଧରେ ଆଧୁନିକ ସଭ୍ୟତା ମଣିଷ ଜୀବନର କି କି କ୍ଷତି କରୁଚି ବୋଲି ଲେଖକ ମତ ଦେଇଛନ୍ତି ?

୫ । ଆମର ପ୍ରଗତିକାମୀ ଜୀବନଧାରାକୁ ସୁଧାରିବା ପାଇଁ ଲେଖକ କି ଉପଦେଶ ଦେଇଛନ୍ତି, ବୁଝାଇ ଲେଖ ।

୬ । 'ସତ୍ୟଯୁଗ ପହଞ୍ଚିଲାଣି ତ' ପ୍ରବନ୍ଧର ସାରମର୍ମ ଲେଖ ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର)

୧ । ଗ୍ରହାନ୍ତରର ଜୀବ ବୋଲି କେଉଁମାନଙ୍କୁ କୁହାଯାଇଛି ?

୨ । ଲେଖକଙ୍କର ଏ ଲେଖା କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ?

୩ । 'କଂସାରି ଘରର ପାରା' କେଉଁମାନେ ?

୪ । କେଉଁମାନେ ଏ ଲେଖା ପଢ଼ି ନାକ ଟେକିବେ ବୋଲି ଲେଖକ ଉଲ୍ଲେଖ କରିଛନ୍ତି ?

୫ । ଆମ ଦେଶର ଲୋକେ ଏ ଲେଖା ପଢ଼ି କ'ଣ କହିବେ ?

୬ । ଧଳା ଆଉ ନାଲି ହାତ କାହାର ?

୭ । ପୃଥିବୀ କ'ଣ ଦେଖି ଥରହର ହେଉଥିଲା ?

୮ । କେଉଁ ଆନନ୍ଦରେ ପୃଥିବୀ ପୂରି ଉଠୁଛି ?

୯ । କେଉଁ କେଉଁ କଥା ଆମ ଚଉଦ ପୁରୁଷ ଜାଣି ନ ଥିଲେ ?

୧୦ । କେଉଁ ଗ୍ରହକୁ ଆମ ବସୁନ୍ଧରା ସଙ୍ଗେ ସମାନ ବୋଲି କହିଲୁ ?

୧୧ । କିଏ ମୁହଁ ଲୁଚାଇବା ପାଇଁ ପିମ୍ପୁଡ଼ି ଗାତ ଖୋଜନ୍ତା ?

୧୨ । ଆଜିର ପ୍ରଗତି ଦେଖି ଲେଖକ ଦାର୍ଶନିକ ପାଲଟିଲେ ତାଙ୍କର ଅବସ୍ଥା କ'ଣ ହୁଅନ୍ତା ?

୧୩ । ଆଜି ମଣିଷର କେଉଁ ପ୍ରବୃତ୍ତି ଚରିତାର୍ଥ ହୋଇଚି ?

୧୪ । ଆଜିର ଉନ୍ନତିରେ କ'ଣ ଅଛି ବୋଲି ଲେଖକ କହିଛନ୍ତି ?

୧୫ । ଆଜିର ସଂସାର-ଜୀବନ ଏତିକିରେ ସ୍ଥିର ହୋଇଗଲେ ଆମର କି କ୍ଷତି ହୁଅନ୍ତା ?

୧୬ । ଆମର ଏ ସଭ୍ୟତା ଲୋଡ଼ା ନାହିଁ ବୋଲି କହିଲେ ଆମକୁ କେଉଁ ଅବସ୍ଥା ଭୋଗ କରିବାକୁ ହେବ ?

୧୭ । କ'ଣ କଲେ ପୃଥିବୀଟା ବଡ଼ ଚିକ୍‌କଣ ଦିଶିବ ?

୧୮ । କେଉଁ ବହି ଭାରି ବିକ୍ରି ହେବ ?

୧୯ । ଆମେ ଆଜି କିଭଳି ହୋଇଗଲୁଣି ?

୨୦ । କେଉଁ କଥାକୁ ମଣିଷର ଜୀବନ୍ତ ଶକ୍ତିର ଆବିର୍ଭାବ ବୋଲି କୁହାଯାଇଛି ?

୨୧ । 'ବିବାହରେ ସୁଖଶାନ୍ତି ନାହିଁ' - କୁହାଯିବାର ତାତ୍ପର୍ଯ୍ୟ କ'ଣ ?

୨୨ । କେଉଁ କଥାକୁ ଆମେ ବଡ଼ପାହ୍ୟା ବୋଲି ବିଚାର କରୁଛୁ ?

୨୩ । ଆମ ଦେହରୁ କ'ଣ କ'ଣ ଝଡ଼ିଯିବାକୁ ବସିଛି ?

୨୪ । କେଉଁ କାମ ପାଇଁ ଆମର ସମୟ ନାହିଁ ?

୨୫ । ଖବରକାଗଜ ପଢ଼ା ବନ୍ଦହେବାକୁ ବସିଲାଣି କାହିଁକି ?

୨୬ । କିଏ କିଏ କହିଲେ ଆଗଭଳି ସଳଖ ସୁନ୍ଦର କବିତା ଆଉ ଚାଲିବ ନାହିଁ ?

୨୭ । କେଉଁଥିରେ ଯୁଦ୍ଧ ବର୍ଣ୍ଣନା ହେବ ?

୨୮ । ଅରଣ୍ୟ-ଆଦର୍ଶ କ'ଣ ?

୨୯ । ଯନ୍ତ୍ର ସଭ୍ୟତାର ଉନ୍ନତି ଆମ ହୃଦୟକୁ କ'ଣ ଦେଉ ନାହିଁ ?

୩୦ । ଆମେ ବର୍ତ୍ତମାନ କେଉଁ କର୍ମରେ ପଡ଼ିଯାଇଚୁ ?

୩୧ । କେଉଁ ନୀତି ଯୋଗୁଁ ଆମ ଆତ୍ମାର ଶାନ୍ତି ବିଧାନ ହୋଇପାରୁ ନାହିଁ ?

୩୨ । କିଏ ଆମକୁ ଅବନତ ଜୀବ ଭିତରେ ମାଡ଼ିଦେବାକୁ ବସିଚି ?

୩୩ । କ'ଣ ହେଲା ପର୍ଯ୍ୟନ୍ତ ଆଧୁନିକ ସଭ୍ୟତା ଆମ ପ୍ରାଣରେ ଶ୍ୟାମଳତା ଆଣି ପାରିବ ନାହିଁ ?

୩୪ । କେଉଁମାନଙ୍କୁ ଆଗରୁ ସାବଧାନ ହେବାକୁ ଲେଖକ କହିଛନ୍ତି ?

ଜାତିର ଜୀବନ ଓ ସଂସ୍କୃତି

ଗୋଲୋକବିହାରୀ ଧଳ

ଖବରକାଗଜରେ ବେଳେବେଳେ ସମ୍ବାଦ ବାହାରେ, ଅମୁକ ଅଞ୍ଚଳରେ ଅନେକ ଦିନଧରି ବର୍ଷା ହେଉନି, ଗାଁ-ଲୋକେ ବର୍ତ୍ତମାନ ହୋମ ଯଜ୍ଞକରି ଘିଅ ପୋଡ଼ିବାରେ ଲାଗିଛନ୍ତି । ଗାଉଁଲୀ ଲୋକଙ୍କ କଥା ତ, କିଏ ପଚାରି ଯାଉଛି । ପୁଣି ହଠାତ୍ ଦିନେ ଖବର ବାହାରେ ଖୋଦ୍ ଦିଲ୍ଲୀ ସହରରେ ବି ହୋମ ଯଜ୍ଞ ଚାଲିଛି । କାରଣ ସେଠି ବି ବର୍ଷା ହେଉନି । ଗାଁ କହିଲେ ଆମକୁ ଦେଖାଯାଏ ଝାଟିମାଟି, ତାଳତାଟି, ଅଜ୍ଞାନ, ଅନ୍ଧକାର, କୁସଂସ୍କାର, ଯେତେସବୁ ପୁରୁଣା, ପଚାସଢ଼ା କଥା; କିନ୍ତୁ ସହର, ପୁଣି ଦିଲ୍ଲୀ ପରି ସହର କହିଲେ ଆଖି ଆଗରେ ଝଲସି ଉଠେ ବିଦ୍ୟା, ବିଜ୍ଞାନ, ବାଣିଜ୍ୟ, ବିଜୁଳିବତୀ, କେତେ କ'ଣ - ସବୁ ନୂଆ; କିନ୍ତୁ ସେଠି ବି ବିପଦବେଳେ ଇନ୍ଦ୍ର ଦେବତାଙ୍କୁ ଡାକରା ।

ନୂଆଘର ପାଇଁ ଖୁଣ୍ଟ ପଡ଼ିଲାବେଳେ ଗାଁ ପୁରୋହିତ ମନ୍ତ୍ରପଢ଼ି ନଡ଼ିଆ ଭାଙ୍ଗେ । ମନେହୁଏ ସତେ କ'ଣ ନଡ଼ିଆ ନ ଭାଙ୍ଗିଲେ ଘରଟା ଭାଙ୍ଗି ପଡ଼ିଥାନ୍ତା; କିନ୍ତୁ ଦେଖିବେ ଖାଲି ଗାଁ କଥା ନୁହେଁ; ହୀରାକୁଦ ଓ ଭାକ୍ରାନଙ୍ଗଲ ପରି ପୃଥିବୀ ବିଖ୍ୟାତ ବନ୍ଧ ତିଆରି ହେଲାବେଳେ ମଧ୍ୟ ବ୍ରାହ୍ମଣ ବେଦ ପଢ଼ନ୍ତି, ନଡ଼ିଆ ଭାଙ୍ଗନ୍ତି, ଶିଳାନ୍ୟାସ ହୁଏ । ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କିଛି ବୈଦିକ ପଣ୍ଡିତ ନୁହଁନ୍ତି, ବିଲାତପଢୁଆ ବୈଜ୍ଞାନିକ । ତେବେ ବି ସେ ମୁଣ୍ଡ ନୁଆଇଁ ପୁରୋହିତଙ୍କ ହାତରୁ ପୁଷ୍ପଚନ୍ଦନ ନିଅନ୍ତି । ମନରେ ପୁଣି ସେହି ପ୍ରଶ୍ନ ଉଠେ - ପୃଥିବୀ ବିଖ୍ୟାତ ବୈଜ୍ଞାନିକମାନେ ଇଞ୍ଚ ଇଞ୍ଚ ମାପକରି ବନ୍ଧ ପକାଇବେ; ବିଜ୍ଞାନର ଯେତେ ଯାହା କାରସାଦି ଅଛି ସବୁ ଆଣି ଯୋଗାଇଦେବେ । ତଥାପି ଏ ବେଦମନ୍ତ୍ର ଓ ଦୂର୍ବାକ୍ଷତର ଅର୍ଥ କ'ଣ ? ଏ କଥା ଯେକୌଣସି ଲୋକଙ୍କୁ ପଚାରିଲେ ଉତ୍ତର ମିଳେ, ଏଟା ଆମ ପ୍ରାଚୀନ ସଂସ୍କାର, ଆମ ସଂସ୍କୃତି । ଏହି ସଂସ୍କୃତିକୁ ସହଜରେ ମନୁଷ୍ୟ ଭୁଲେ ନାହିଁ ।

ଗଲାବର୍ଷ ରାଜାଜୀ ଭାରତୀୟ ବିଦ୍ୟାଭବନରେ ଭାରତୀୟ ସଂସ୍କୃତି ବିଷୟରେ ତିନୋଟି ଭାଷଣ ଦେଇଥିଲେ । ତାଙ୍କ ପ୍ରଥମ ଭାଷଣରେ ସେ ଭାରତୀୟ ସଂସ୍କୃତିକୁ 'ଆତ୍ମ ସଂଯମର ସଫଳ ଅଭ୍ୟାସ' ବୋଲି ଆଖ୍ୟା ଦେଇଥିଲେ । ତାଙ୍କ ମତରେ କାୟ, ମନ, ବାକ୍ୟ ସର୍ବତ୍ର ସଂଯମ ହିଁ ତପସ୍ୟା ଓ ସେହି ତପସ୍ୟା ହିଁ ଭାରତର ସଂସ୍କୃତି । ସତ୍ୟ, ସଂଯମ ଓ ସାଧୁତା ହିଁ ଏହି ସଂସ୍କୃତିର ଲକ୍ଷଣ । ତାଙ୍କ ଦ୍ୱିତୀୟ ଭାଷଣରେ ଆମ ପରିବାର ଓ ସମାଜକୁ ଆମ ସଂସ୍କୃତି ଦୃଷ୍ଟିରୁ ବିଶ୍ଳେଷଣ କରିଥିଲେ । ଆମ ଏକାନ୍ନବର୍ତ୍ତୀ ପରିବାରକୁ ସେ ଆମ ସଂସ୍କୃତିର ଏକ ବୈଶିଷ୍ଟ୍ୟ ବୋଲି କହିଥିଲେ । ଯେଉଁ ଜାତି; ଜାତିଆଣ ଭାବ, ଜାତିପ୍ରୀତି କିମ୍ବା ପ୍ରିୟାପ୍ରୀତି-ତୋଷଣକୁ ଆଜି ନାନା ଭାବରେ ସମାଲୋଚନା କରାଯାଉଛି ତାକୁ ସେ ଏକପ୍ରକାର ଜନମଙ୍ଗଳ ସମାଜବାଦର ଅନ୍ୟ ରୂପ ବୋଲି ବର୍ଣ୍ଣନା କରିଥିଲେ । ଅବଶ୍ୟ ଆମର ଯାହା ଚାଲିଛି ଓ ସେ ଯେଉଁ ଆଦର୍ଶ ଦୃଷ୍ଟିକୋଣରୁ ତାକୁ ବିଚାର କରିଥିଲେ ସେ ଦୁଇ କଥାକୁ କେହି ଏକ ବୋଲି ଭାବିବା ଉଚିତ ନୁହେଁ । ତାଙ୍କ ତୃତୀୟ ଭାଷଣରେ ଭାରତୀୟ ଜୀବନର ପ୍ରତ୍ୟେକ ବିଭାଗରେ ଆଧ୍ୟାତ୍ମିକତାର ପ୍ରାଧାନ୍ୟ ଦେଖାଇବା ପାଇଁ ସେ ଚେଷ୍ଟା କରିଥିଲେ । ଆମ ଲୋକଙ୍କର 'ସକଳ ଦେହେ ନାରାୟଣ' ଭାବନା, ନିରାମିଷ ଭୋଜନ, ସନ୍ନ୍ୟାସ,

ଦାନ, ଧର୍ମ ଓ ଯଜ୍ଞ; ଏସବୁର ଏକମାତ୍ର କାରଣ ପୁନର୍ଜନ୍ମ ଓ କର୍ମଫଳର ବିଶ୍ୱାସ ବୋଲି ସେ କହିଥିଲେ । ଆମ ବାହାଘର ହାତଗଣ୍ଠି ନୁହେଁ, ହୃଦୟର ଗଣ୍ଠି । ଏଥିରେ ପାଞ୍ଚଦିନିଆ ପ୍ରେମ ପରେ ଗୋଇଠାମାଡ଼ କିମ୍ବା ଛାଡ଼ପତ୍ର ନ ଥାଏ; ସ୍ୱାମୀର ମୃତ୍ୟୁ ପରେ ମଧ୍ୟ ତାହା ବୈଧବ୍ୟର ତପସ୍ୟାରେ ଉଜ୍ଜ୍ୱଳ ହୋଇଉଠେ । ଅନ୍ୟ ପତି ଅନ୍ୱେଷଣରେ ଅସ୍ତବ୍ୟସ୍ତ ହୁଏ ନାହିଁ । ଅତିଥି ଦେବତାର ସେବା ଭିକ୍ଷୁକର ଭିକ୍ଷାଥାଳରେ ଅନ୍ନଦାନ ପ୍ରଭୃତି ଯାବତୀୟ ଉଦାରତା ମୂଳରେ ଥାଏ ସେହି କର୍ମଫଳର ବିଶ୍ୱାସ ।

ରାଜାଜୀ କହିଛନ୍ତି ତଥାକଥିତ ଆଧୁନିକ ସଭ୍ୟତାର ପ୍ରଭାବରେ ଆମ ସଂସ୍କୃତିର ଅନେକ ମୂଲ୍ୟବୋଧରେ ପରିବର୍ତ୍ତନର ସୂଚନା ଥିଲେ ମଧ୍ୟ ସେସବୁ ପରିବର୍ତ୍ତନ ସମୟ-ସ୍ରୋତରେ ପୁଣି ଲିଭିଯିବ । ଏ ସଂସ୍କୃତି ଚିରନ୍ତନ । ଏହା ନଷ୍ଟହେବା ପୂର୍ବରୁ କେହି ନା କେହି ଜଣେ ମହାପୁରୁଷ ଆସି ପୁଣି ଏହାକୁ ନୂଆକରି ଦେଇଯିବେ । ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଏହି ପୁସ୍ତକର ଏକ ମୁଖବନ୍ଧ ଲେଖି, ସେଥିରେ କହିଛନ୍ତି - ଏହି ଦେଶର ଲୋକେ ଆଗେ ଯେମିତି 'ସାହେବ' ହେବା ପାଇଁ ପାଗଳ ପରି ଦଉଡୁଥିଲେ ସେ ଦଉଡ଼ ମଝିରେ ବନ୍ଦ ହୋଇଯାଇଥିଲା; କିନ୍ତୁ ଏବେ ପୁଣି ଆମ ସଂସ୍କୃତି ଓ ଆମ ମୂଲ୍ୟବୋଧ ଏକ ନୂତନ ପରୀକ୍ଷାର ସମ୍ମୁଖୀନ ହୋଇଛି । ରାଜାଜୀ କହନ୍ତି, ଯାହା ହେଲେ ମଧ୍ୟ ଆମ ସଂସ୍କୃତି ଓ ଆମ ମୂଲ୍ୟବୋଧରେ ଆଧ୍ୟାତ୍ମିକତାର ପ୍ରଭାବ ଅଧିକ ରହିବ ନିଶ୍ଚୟ ।

ଏ ଦେଶରେ ଇଂରେଜମାନଙ୍କର ଶକ୍ତି ବେଳୁବେଳ ବଢ଼ିବାର ଦେଖି ଶିଖ୍‌ନେତା ରଣଜିତ୍ ସିଂହ ଥରେ କହିଥିଲେ - 'ସବ୍ ଲାଲ ହୋ ଜାଏଗା'; ମାନେ ସମଗ୍ର ଭାରତବର୍ଷର ମାନଚିତ୍ର ଦିନେ ଲାଲରଙ୍ଗରେ ଚିତ୍ରିତ ହୋଇଯିବ; ଅର୍ଥାତ୍ ଇଂରେଜମାନେ ଦିନେ ସମଗ୍ର ଭାରତର ରାଜା ହେବେ । ମହାପୁରୁଷମାନଙ୍କର କଥା କେବେ ଅନ୍ୟଥା ହୁଏ ନାହିଁ । ସତକୁ ସତ ଇଂରେଜମାନେ ରାଜା ହେଲେ; ମାତ୍ର ଦେଢ଼ଶହ ବର୍ଷ ଭିତରେ ଗଣ୍ଠିଲି ବାନ୍ଧି ଚାଲିଯିବା ପାଇଁ ସେମାନେ ବାଧ୍ୟ ହେଲେ । ମଜାକଥା ହେଉଛି, ଇଂରେଜ ଲୋକମାନେ ଏ ଦେଶରୁ ଯିବା ପରେ ଇଂରେଜ ସଭ୍ୟତା ଏଠି ବଢ଼ିଚାଲିଛି । ଆମର ସମସ୍ତ ଚେଷ୍ଟାର ଗତି ପଶ୍ଚିମ ଆଡ଼କୁ ମେକ୍ସିକୋରୁ ମାଳୟ ସବୁଠିଁ ଏବେ କୋକାକୋଲା, ସବୁଠିଁ ଚାଲିଲାଣି 'ବ୍ଲୁ ଜିନ୍ ପ୍ୟାଣ୍ଟ' ସହ ଶିକ୍ଷାର ରୋମାନ୍‌ସ ମଧ୍ୟ ଆସ୍ତେ ଆସ୍ତେ ଆରମ୍ଭ ହୋଇଗଲାଣି । କଳକାରଖାନା, ବିଜ୍ଞାନ ଓ ବିଜୁଳିବତୀ ଦେଖି ଆଖି ଝଲସିଯାଉଛି । ଏସବୁ ଦେଖି କେହି କେହି କହୁଛନ୍ତି 'ସବ୍ ସଫେଦ୍ ହୋ ଜାଏଗା' ଅର୍ଥାତ୍ ପଶ୍ଚିମର ଯେଉଁ ଧଳା ସଭ୍ୟତା, ତା'ରି ପ୍ରଭାବରେ ଦିନେ ସବୁ ଧଳା ହୋଇଯିବ । କେବଳ ସେହି ସଭ୍ୟତା ଏଠି ରହିବ; ଅନ୍ୟ ସଭ୍ୟତା, ଅନ୍ୟ ଚିନ୍ତା ଏଠି ମୁଣ୍ଡ ଟେକିପାରିବ ନାହିଁ ।

କିନ୍ତୁ ବାସ୍ତବ କ୍ଷେତ୍ରରେ ଯାହା ଦେଖାଯାଉଛି, ସେଥିରୁ ଏହା ସହଜ ମନେ ହେଉନି । ଗାଁ-ଗଣ୍ଡାରେ କଳକାରଖାନା ଓ ବିଜୁଳି ଆଲୁଅ ବଢୁଛି । ଆମ ଲୋକେ ପୂର୍ବ ଅପେକ୍ଷା ଏବେ ଭଲ ଖାଇଲେଣି, ଭଲ ପିନ୍ଧିଲେଣି, ବଡ଼ ଘରେ ରହିଲେଣି । ବେଶୀ ସିନେମା ଦେଖିଲେଣି ଓ ବେଶୀ ପିଲାଙ୍କୁ ସ୍କୁଲ କଲେଜକୁ ପଠାଇଲେଣି; କିନ୍ତୁ ଏସବୁ ତଥାକଥିତ ପ୍ରଗତି ଭିତରେ ପ୍ରାଣରେ କାହାରି ବିଶେଷ କିଛି ଫୁର୍ତ୍ତି ନାହିଁ । ଲୋକେ ବରଂ ଅନୁଭବ କରୁଛନ୍ତି ସତେ ଯେମିତି ତାଙ୍କ ମୂଳ ଉପୁଡ଼ିଯାଇଛି; ତାଙ୍କ ପୂର୍ବପୁରୁଷମାନଙ୍କର ସେ ଭାରତବର୍ଷ ଆଉ ନାହିଁ । ମନୁଷ୍ୟ ନିଜକୁ ନିଜେ ଏବେ ପ୍ରଶ୍ନ କରୁଛି ସେ କ'ଣ ତା'ର ପୁରାତନ ବୈଶିଷ୍ଟ୍ୟ ବଜାୟ ରଖି ଆଧୁନିକ ସଭ୍ୟତା ଭିତରେ ମୁଣ୍ଡଟେକି ରହିପାରିବ ନାହିଁ ? ଜାପାନ ତ ପୁଣି ରହିଛି । ବାସ୍ତବରେ କୌଣସି ଜାତିର ବାହାର ଉନ୍ନତିରେ କିଛି ମୂଲ୍ୟ ନାହିଁ, ଯଦି ତା'ର ନୈତିକ ମୂଲ୍ୟରେ କିଛି ପୁନରୁଦ୍ଧାର ନ ହୁଏ ।

ବଡ଼ ବଡ଼ ଚିନ୍ତାଶୀଳ ଲୋକମାନେ ଏବେ ଏହି କଥା ବରାବର କହୁଛନ୍ତି । ଆମ ନତିଜା ଗାଁ-ଗଣ୍ଡା କଥା ବିଚାର କଲେ ସେଠି ମଧ୍ୟ ଏହି କଥା ଦେଖାଯାଉଛି । ଆମେ ଦେଖୁଛୁଁ ସରକାର ଏବେ ଗାଁ-ଗଣ୍ଡାର ଲୋକମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି, ଲୋକେ ଯାହା ଦିନେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ ଆଜି ତାହା ମଧ୍ୟ ହୋଇଗଲାଣି ।

ଗାଁ-ଗଣ୍ଡାରେ ବିଜୁଳିବତୀ, ଗାଁ ଦାଣ୍ଡରେ ସଡ଼କ । ତେବେ ଲୋକଙ୍କର ଏଥିରେ ପ୍ରାଣ ନାହିଁ କିମ୍ବା ବିଶ୍ୱାସ ନାହିଁ । କାହିଁକି? ଯେଉଁ ଜାତି ପାଣି, ପବନ, ଆକାଶ, ପୃଥିବୀ ପ୍ରଭୃତି ନିର୍ଜୀବ ବସ୍ତୁମାନଙ୍କୁ ଦେବତା ବୋଲି ବିଶ୍ୱାସ କରିଆସିଛି, ଇନ୍ଦ୍ର, ରୁଦ୍ର, ବରୁଣ ଭବିଷ୍ୟତରେ କେବେ ଆଶୀର୍ବାଦ ଦେବେ ବୋଲି ସେମାନଙ୍କ ଉପରେ ଆସ୍ଥା ରଖି ଯୁଗ ଯୁଗ ଧରି ସେମାନଙ୍କୁ ମୁଣ୍ଡିଆ ମାରିଆସିଛି, ସେହି ଜାତିର ଲୋକ ହାତକୁ ହାତ ଯେଉଁମାନଙ୍କଠାରୁ ଅର୍ଥ, ଆଶ୍ୱାସନା ଓ ଆଶୀର୍ବାଦ ପାଉଛନ୍ତି, ସେମାନଙ୍କୁ ବିଶ୍ୱାସ କରୁନାହାନ୍ତି କାହିଁକି ? ଯା ଭିତରେ ନିଶ୍ଚୟ କେଉଁଠି ଗୋଟାଏ କେଁ ଅଛି । ତଳେଇ ଦେଖିଲେ ପ୍ରକୃତରେ ଦୁଇଟି କଥା ମନକୁ ଆସେ । ଏକରେ ପ୍ରାଚୀନ ସଂସ୍କୃତି ପ୍ରତି ଲୋକଙ୍କର ଗଭୀର ବିଶ୍ୱାସ; ଦୁଇରେ ଆଧୁନିକ ସଭ୍ୟତା ଓ ଶାସନ ପ୍ରତି ଘୋର ସନ୍ଦେହ । ଗତ ଦୁଇଶହ ବର୍ଷ ଭିତରେ ଯଦି କିଛି ପରିବର୍ତ୍ତନ ହୋଇଥାଏ, ତାହା ଆମ ଶିକ୍ଷିତ ଲୋକଙ୍କର, ଆମ ଉପରବାଲାଙ୍କର । ଦିନ ଥିଲା ଯେତେବେଳେ ସେମାନେ ରାମାୟଣ ଛାଡ଼ି ବାଇବେଲ ପଢୁଥିଲେ, ଧୋତି ଛାଡ଼ି ପ୍ୟାଣ୍ଟ୍ ପିନ୍ଧୁଥିଲେ । ମଥୁରାମଙ୍ଗଳ ଛାଡ଼ି ମଡର୍ଣ୍ଣ କବିତା ପଢୁଥିଲେ । ମୋଟ ଉପରେ ସବୁ ଦେଶୀ ଛାଡ଼ି ବିଦେଶୀ ଚାହୁଁଥିଲେ; କିନ୍ତୁ ଗାନ୍ଧୀଙ୍କ ଆଣ୍ଠୁଟେକା ଖଦୀ ଦେଖି ଓ ଗୀତା ଶୁଣି ପୁଣି ଟିକିଏ ପଛକୁ ଫେରି ଆସିଛନ୍ତି । ଏବେ ଆମ ରେଡିଓ ମଥୁରାମଙ୍ଗଳ ଗାଇଲାଣି ଓ ଇଣ୍ଡଷ୍ଟ୍ରି ଲୁଗା ଆମର ପସନ୍ଦ ହେଲାଣି । ମୋଟ ଉପରେ ଯେଉଁ ପାଠୁଆ ଲୋକେ ସେତେବେଳେ ସାହେବ ହେବା ନିଶାରେ ଆଗେଇ ଯାଇଥିଲେ ସେହିମାନେ ଏବେ ପଛକୁ ଫେରିଆସିଲେଣି; କିନ୍ତୁ ଗାଁ ଯେମିତି ଥିଲା ସେମିତି ଚାଲିଛି । ମଥୁରାମଙ୍ଗଳ ଓ ମହାଭାରତର ଆଧିପତ୍ୟ ସେଠି କମି ନାହିଁ । ଇନ୍ଦ୍ର, ଅଗ୍ନି, ରୁଦ୍ର, ବରୁଣ ଦେବତା ଏବେ ମଧ୍ୟ ସେଠି ବଡ଼ ହୋଇ ରହିଛନ୍ତି । ଗାଁ-ଲୋକଙ୍କର ଯେଉଁ ଧର୍ମ-ଧାରଣା, ସେମାନଙ୍କର ଯେଉଁ ଅଖଣ୍ଡ ଉଜ୍ଜ୍ୱଳ ବିଶ୍ୱାସ, ତାକୁ ଛାଡ଼ି ସାହେବୀ ଶାସକମାନଙ୍କୁ ବିଶ୍ୱାସ କରିବା ପାଇଁ ମୋଟେ ସେମାନେ ଆରମ୍ଭ କରିନାହାନ୍ତି ।

ଭାରତ ଲୋକେ ଏବେ ମଧ୍ୟ ରାମ, ସୀତା ଓ ଭରତଙ୍କୁ ପ୍ରତ୍ୟକ୍ଷଭାବରେ ଅନୁଭବ କରନ୍ତି । ବାସ୍ତବରେ ଆମ ପୋଥିପୁରାଣ ଆମ ଧର୍ମ-ଧାରଣା ଆମ ଜୀବନକୁ କେମିତି ନିୟନ୍ତ୍ରିତ କରୁଛି ଦେଖିବାର କଥା । ଲୋକେ ଯେ ସରକାରଙ୍କୁ ସନ୍ଦେହ କରୁଛନ୍ତି ତା'ର କାରଣ ହେଉଛି ସେମାନେ ଶାସ୍ତ୍ରପୁରାଣରେ ଯାହା ପଢୁଛନ୍ତି କିମ୍ବା ଶୁଣୁଛନ୍ତି, ସରକାରୀ କାରବାରରେ ତାହା ଦେଖୁନାହାନ୍ତି । ଉଦାହରଣ ସ୍ୱରୂପ ଧରନ୍ତୁ ରାମାୟଣ । ସୀତା ଯେତେବେଳେ ରାବଣ ହାତରୁ ମୁକ୍ତି ପାଇଲେ ସେତେବେଳେ ରାମ ତାଙ୍କୁ ସିଧା ଗ୍ରହଣ କରି ନ ଥିଲେ; ବରଂ ତାଙ୍କୁ ଅଗ୍ନିରେ ପରୀକ୍ଷା କରି ନେଇଥିଲେ; କିନ୍ତୁ ସେମାନେ ଯେତେବେଳେ ଆସି ଅଯୋଧ୍ୟାରେ ରହିଲେ ହଠାତ୍ ଦିନେ ଦେଖାଗଲା ସୀତାଙ୍କୁ ଅସତୀ ଦୋଷରେ ଅରଣ୍ୟ ପଠାଇ ଦିଆଗଲା । ସୀତା ଅସତୀ ବୋଲି ଜଣା ପଡ଼ିଲା କେମିତି ? କେହି ଜଣେ ପ୍ରଜା ସୀତା ସତୀ ନୁହଁନ୍ତି ବୋଲି ତା' ଘରେ କହିଲା । କଥାଟି ଅତି ପ୍ରାଇଭେଟ୍; କିନ୍ତୁ ରାମଙ୍କ କାନରେ ବାଜିବା ମାତ୍ରେ ଅନ୍ୟର ଏହି ସାମାନ୍ୟ ସନ୍ଦେହ ପାଇଁ ମଧ୍ୟ ସୀତାଙ୍କୁ ବିଦାୟ କରାଗଲା । ମୋଟ ଉପରେ ଏହି ଦେଶର ଲୋକେ ଏହିପରି ଚିନ୍ତାଧାରାରେ ଜୀବନ କାଟି ଆସିଛନ୍ତି । ଏହାର ବ୍ୟତିକ୍ରମ ହେଲେ ସେମାନେ କେବେହେଲେ ବିଶ୍ୱାସ କରିବେ ନାହିଁ । ଆଜିକାଲି ଶାସନରେ ବହୁଲୋକଙ୍କ ବିଷୟରେ ବହୁ ଅନାଚାର କାହାଣୀ ଶୁଣାଯାଉଛି । ସେମାନେ ନିଜକୁ ନିଜେ ଶୁଦ୍ଧ କରିବା ତ ଦୂରର କଥା, ସରକାରଙ୍କର ବି ସେମାନଙ୍କୁ ଛୁଇଁବାର ସାହସ ନାହିଁ; ଓଲଟା ସେମାନଙ୍କୁ ପ୍ରମୋସନ ଦିଆଯାଉଛି । ଆଚ୍ଛା, ଯେଉଁ ଲୋକଙ୍କର ରକ୍ତମାଂସରେ ରାମାୟଣର ଆଦର୍ଶ ପୁରୁଷାନୁକ୍ରମେ ମିଶିଗଲାଣି; ଦୋଷୀକୁ ଦଣ୍ଡ ନ ଦେଇ ପୁରସ୍କାର ଦେଉଥିବା ଶାସନକୁ କେବେ ସେମାନେ ବିଶ୍ୱାସ କରିପାରିବେ ? ମୋଟେ ନୁହେଁ । ବିଶ୍ୱାସରେ ବିଷ ଖାଇଲେ ମଧ୍ୟ ପାର ହୁଏ; କିନ୍ତୁ ଅବିଶ୍ୱାସରେ ଅମୃତ ମଧ୍ୟ ଅଜୀର୍ଣ୍ଣ ସୃଷ୍ଟି କରେ । ସେଇ ହୋଇଛି ଆମର ଅବସ୍ଥା । ହଁ, ପୁଣି ରାଜତନ୍ତ୍ର ଶାସନରେ ଏହି ବିଶ୍ୱାସ ବା ଅବିଶ୍ୱାସରେ ବିଶେଷ କିଛି ଯାଏ ଆସେ ନ ଥିଲା; କିନ୍ତୁ ଯେଉଁ ଗଣତନ୍ତ୍ର ଶାସନ ଲୋକ ବିଶ୍ୱାସ ଉପରେ ବିଶେଷଭାବରେ ନିର୍ଭର କରେ ଓ ଯେଉଁଠି ଜନତା ହିଁ ଶାସନର ନିର୍ଦ୍ଦେଶକ, ସେଠି ଯଦି ତା'ର ବିଶ୍ୱାସ ସୃଷ୍ଟି କରାଯାଇ ନ ପାରିଲା ତେବେ କଳ୍ପନା ମୂଳରେ କାଳ ଥିଲା ପରି ଅବିଶ୍ୱାସ ଯୋଗୁଁ ସବୁ ବିଧ୍ୱସ୍ତ ହୋଇଯିବା

ରାଜାଜୀ କହନ୍ତି ଭାରତରେ ଯଦି ଆଜି ଦାନ, ଧର୍ମ, ଧ୍ୟାନ ବୋଲି କିଛି ବାକି ରହିଯାଇଛି ତା' କେବଳ ଆମ ସଂସ୍କୃତି ଓ ଆମ ଧର୍ମଜ୍ଞାନ ପାଇଁ । ପ୍ରକୃତରେ ଦେଖିବାକୁ ଗଲେ ପୁନର୍ଜନ୍ମରେ ପୂରାପୂରି ବିଶ୍ୱାସ ଥିଲାବେଳେ ଯେଉଁ କାମ ଅତି ସହଜରେ ହୋଇପାରୁଥିଲା, ଆଜି ସେହି କାମ ସରକାରୀ କଳ ସହଜରେ କରିପାରୁ ନାହିଁ । ଆଜିକାଲି ଶିଳ୍ପ ବାଣିଜ୍ୟର ଯୁଗ, କୋ-ଅପରେଟିଭ୍‌ର ଯୁଗ । ସରକାରୀ ସାହାଯ୍ୟ ମିଳୁଛି । ଲୋକେ ମନଇଚ୍ଛା କାନିରେ ବାନ୍ଧି ଋଣ ନେବାରେ ଲାଗିଛନ୍ତି । ମୋଟେ ବ୍ୟବସାୟ ନ କରି ମଧ୍ୟ ବ୍ୟବସାୟ ନାଁରେ ଖଣ୍ଡେ ଖଣ୍ଡେ ପଟା ମାରିଦେଇ ଲୋକେ ଋଣନେଇ ଚାଲି ଯାଉଛନ୍ତି । ସେସବୁ ପୋଖରୀକୁ ପାଣି ପିଇବାକୁ ଯାଉଥିବା ଜୀବଜନ୍ତୁମାନଙ୍କର ଲେଉଟ ପାଦ-ଚିହ୍ନକୁ ମାଙ୍କଡ଼ ନ ଦେଖିଲା ପରି 'ଗତାନି ଗତ ପଦାନି ଆଗତାନି ନ ଦୃଶ୍ୟନ୍ତେ ।' ଯେଉଁ ଧନ ହାତରୁ ଗଲା ସେ ଆଉ ଫେରିବାର ନୁହେଁ । ଲୋକଙ୍କଠାରୁ ଟଙ୍କା ଫେରିପାଇବା କାଠିକର ପାଠ ହେଲାଣି; କିନ୍ତୁ ଆମ ସଂସ୍କୃତି ଆମ ଧର୍ମ ବିଶ୍ୱାସ ଥିଲା କ'ଣ ? ଋଣନେଇ ଶୁଝି ନ ପାରିଲେ, ଧାରୁଆ ହୋଇ ମଲେ ପୁଣି ଆର ଜନ୍ମରେ ମହାଜନ ବାଡ଼ିରେ ଲଙ୍କାମରିଚ ଗଛ ହୋଇ ଋଣ ଶୁଝିବାକୁ ପଡୁ ନ ଥିଲା । ବାପ ଋଣକରି ମରିଗଲେ ପୁଅକୁ ଶୁଝିବାକୁ ପଡୁଥିଲା । ଏବେ ତ ଆଉ ସେ ପୂର୍ବଜନ୍ମରେ ବିଶ୍ୱାସ ନାହିଁ; ତେଣୁ ଋଣକୁ ପାଟିରେ ପକାଇ ହାତପୋଛି ଲୋକେ ଆରାମରେ ବୁଲୁଛନ୍ତି । ଦେଖାଯାଉଛି, ପୁରୁଣା ସଂସ୍କୃତି ଯେତିକି ମରି ମରି ଯାଉଛି, ଅନାଚାର ପାଇଁ ସେତିକି ବାଟ ଫିଟିଯାଉଛି ।

ଏବେ ଜଣେ ଭାରତୀୟ ଭଦ୍ରଲୋକ ବିଲାତରେ ଥିବା ଭାରତୀୟ ଛାତ୍ରମାନଙ୍କ ବିଷୟରେ ଏକ ପିଏଚ୍.ଡି. ଥେସିସ୍ ଲେଖି ସେଥିରେ ଭାରତୀୟ ସଂସ୍କୃତି ଉପରେ ଇଂରେଜୀର ପ୍ରଭାବ ଓ ପରାଭବ ବିଷୟରେ କେତେକ ସୁନ୍ଦର କଥା ଲେଖିଛନ୍ତି । ପାଠକଙ୍କ କୌତୂହଳ ନିବାର ପାଇଁ ସେଥିରୁ ଗୋଟାଏ ଦୁଇଟା କୁହାଯାଇପାରେ ।

ଭାରତରେ ଇଂରେଜ ପ୍ରଭାବର ପ୍ରଥମାବସ୍ଥାରେ ଇଂରେଜୀ-ପାଠୁଆ ଲୋକ ପରି ହେଲେ, ଆଜି ଶୁଣିଲେ କେହି ନ ହସି ରହିପାରିବ ନାହିଁ । ପ୍ରଥମ କଥା, ଯେତେ ଯାହା ଭାରତୀୟ, ସେଗୁଡ଼ା ସବୁ ରଦ୍ଦି ବାଜେ ବୋଲି ସେମାନେ ପ୍ରଚାର କଲେ । ଭାରତୀୟ ଜିନିଷକୁ ଯେ ଯେତେ ଘୃଣା କରିପାରିଲା ସେ ସେତେ ସଭ୍ୟ ବୋଲାଇଲା । ୧୮୧୭ ଖ୍ରୀଷ୍ଟାବ୍ଦରେ କଲିକତାରେ ଯେଉଁ ହିନ୍ଦୁ କଲେଜ ସ୍ଥାପିତ ହୋଇଥିଲା ତା'ର ଛାତ୍ରମାନେ ସେକ୍‌ସପିଅର ଯେତିକି ପଢ଼ିଲେ, ମଦ ମାଂସ ସେତିକି ଖାଇଲେ । ନିଜେ ତ ଯାହା ଖାଇଲେ, ସେଥିରେ ମନ ତୃପ୍ତି ହେଲାନି, ବ୍ରାହ୍ମଣମାନଙ୍କ ଘରକୁ ଗୋ-ମାଂସ ଫିଙ୍ଗିଲେ । ଗୋରୁ ମାଂସ କିଣିବା ପାଇଁ କଲେଜ ରେଲିଂ ଡେଇଁ ଯିବା ଆସିବା କଲେ । ବଙ୍ଗଳାରେ ଲେଖା ହୋଇଥିବା ରାସ୍ତାଘାଟ ତାଙ୍କୁ ଭଲ ଲାଗିଲା ନାହିଁ । ଗୋଟାଏ ରାସ୍ତାର ନାଁ ସେମାନେ ଦେଲେ 'ମେ ଫେଆର୍' ଓ କାଳୀଘାଟ ରାସ୍ତାର ନାଁ ଦେଲେ 'ଷ୍ଟୋର ରୋଡ' । ଏହି କଲେଜରେ ଜଣେ ଛାତ୍ରଙ୍କୁ ତାଙ୍କ ବାପା ଥରେ କାଳୀଙ୍କ ଦର୍ଶନ କରିଯିବା ପାଇଁ ବାଧ୍ୟ କଲେ । ଛାତ୍ର ବିଚାରା କଷ୍ଟେମଷ୍ଟେ କାଳୀ ଯାଏ ଗଲା; କିନ୍ତୁ କାଳୀଙ୍କୁ ନମସ୍କାର କରିବା ପାଇଁ ମୋଟେ ରାଜିହେଲା ନାହିଁ । ଶେଷରେ ବାପା ଅତି ବାଧ୍ୟ କଲାରୁ କାଳୀଙ୍କୁ ସାହେବୀ-କାଇଦାରେ 'ଗୁଡ୍‌ମର୍ଣ୍ଣିଂ ମାଡାମ୍' ବୋଲି କହିଲା । ଏହିଥିରୁ ବୁଝାଯିବ ଭାରତୀୟମାନଙ୍କର କି ଦୁର୍ଦଶା ହେଲା । ଗୁଡ଼ାଏ ଭାରତୀୟ ସାହେବମାନଙ୍କୁ ମାଙ୍କଡ଼ ପରି ଅନୁକରଣ କଲେ ଓ ନିଜକୁ ଭାରତୀୟ ବୋଲି ପରିଚୟ ଦେବା ପାଇଁ ଲଜ୍ଜାବୋଧ କଲେ । ମନୁଷ୍ୟ ଭ୍ରଷ୍ଟ ହେଲେ କ'ଣ ହୁଏ ଏହା ବୋଧହୁଏ ତା'ର ଚରମ ନିଦର୍ଶନ ।

କିନ୍ତୁ ଆମ ଦେଶରେ ସମସ୍ତଙ୍କର ବିଶ୍ୱାସ - ଅବସ୍ଥା ଗୁରୁତର ହେଲେ ପୁଣି କେହି ଜଣେ ହଜିଲା ବାଟକୁ ଖୋଜି ଦେଖାଇବା ପାଇଁ ନିଶ୍ଚୟ ବାହାରିବେ । ଭାରତ ଇତିହାସରେ ଏ କଥା ବାରମ୍ବାର ଘଟିଛି । ପୁଣି ଦିନ ଆସିଲା, ଲୋକେ ବୁଝିଲେ ଆମ ସଂସ୍କୃତି ଖୁବ୍ ଖରାପ ନୁହେଁ, କିମ୍ବା ପାଶ୍ଚାତ୍ୟ ସଂସ୍କୃତି ଗୋଟାପଣେ ଭଲ ନୁହେଁ । ସେହି ପାଶ୍ଚାତ୍ୟ ଲୋକେ ମଧ୍ୟ ଆମକୁ ସେଇ କଥା ବୁଝାଇଲେ । ପାଶ୍ଚାତ୍ୟ ଦେଶମାନଙ୍କରେ ସଂସ୍କୃତ ଭାଷା ଯେତେବେଳେ ପ୍ରଚାରିତ ହେଲା ଜର୍ମାନ କବି ଗେଟେ କହିଲେ, କାଳିଦାସଙ୍କୁ ବଳି ବଡ଼ କବି ନାହାନ୍ତି । ଦାର୍ଶନିକ ସୋପେନ୍‌ହୋର କହିଲେ

ଉପନିଷଦ ତାଙ୍କ ଜୀବନର ଶାନ୍ତିର ପ୍ରସ୍ରବଣ । ମାକ୍ସ ମୁଲାର କହିଲେ ଜୀବନରେ ସେ ସବୁଠୁ ବେଶୀ ସୁଖ ପାଇଛନ୍ତି ବେଦ ପଢ଼ି । ତା'ଛଡ଼ା ଧର୍ମ, ଦର୍ଶନ, ଗଣିତ, କଳା, ସ୍ଥାପତ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯେତେବେଳେ ନୂଆ ନୂଆ କଥା ଜଣାଗଲା ଓ ହରପ୍ପା ମହେଞ୍ଜୋଦାରୋ ସଭ୍ୟତା ଭାରତର ଗୌରବ ବୋଲି ଜଣାଗଲା, ସେତେବେଳେ ଭାରତୀୟମାନଙ୍କର ଆତ୍ମବିଶ୍ୱାସ ଫେରି ଆସିଲା । ସେମାନେ ଦେଖିଲେ ନିଜକୁ ସେମାନେ ଯେତେ ଛୋଟ ମନେ କରୁଥିଲେ, ସେତେ ଛୋଟ ମନେ କରିବାର କୌଣସି କାରଣ ନାହିଁ । କାଳକ୍ରମେ ଲୋକେ ଠିକ୍ ବୁଝିଗଲେ, ଜୀବନର ଅର୍ଥନୈତିକ ମାନ ବଢ଼ାଇବା ପାଇଁ ପାଶ୍ଚାତ୍ୟ ବିଜ୍ଞାନ ଓ କୌଶଳ ଯେତିକି ଦରକାର, ଭାରତର ନିଜସ୍ୱ ବଜାୟ ରଖିବାପାଇଁ ପ୍ରାଚୀନ ସଂସ୍କୃତିକୁ ରକ୍ଷାକରିବା ମଧ୍ୟ ସେତିକି ଦରକାର । ସ୍ୱୟଂ ନେହେରୁ ମଧ୍ୟ ଏହି ମତ ପୋଷଣ କରୁଥିଲେ । ଗାନ୍ଧିଜୀ କହୁଥିଲେ, ସବୁ ସଂସ୍କୃତି ଏ ଦେଶରେ ସ୍ୱାଧୀନଭାବରେ ବଞ୍ଚିରହୁ; କିନ୍ତୁ ଆମେ କୌଣସି ସଂସ୍କୃତିର ଦାସ ହୋଇ ରହିବାକୁ ଚାହୁଁନାହିଁ । ବିଶ୍ୱକବି ରବୀନ୍ଦ୍ର ମଧ୍ୟ କହୁଥିଲେ - ଆମ ସଂସ୍କୃତିକୁ ବିକି ଅନ୍ୟ ସଂସ୍କୃତିକୁ କିଣିବା ପୂର୍ବରୁ ଆମକୁ ସ୍ଥିର ଚିତ୍ତରେ ଚିନ୍ତା କରିବାକୁ ହେବ । ଯେତେ ଯାହାହେଲେ ବି ଗୋଟିଏ ଜାତିର ଇତିହାସକୁ ଆଉ ଗୋଟିଏ ଜାତି ଉଧାର ନେଇ ପାରେନା ।

ମୋଟ ଉପରେ ସଂସ୍କୃତି କଥା ଭାବିବାବେଳେ ମଣିଷ ମନରେ ପ୍ରଶ୍ନ ଉଠେ କୌଣସି ସଂସ୍କୃତି ଦେହରେ ଯଦି କୌଣସି ମୂଲ୍ୟ ନ ଥାନ୍ତା, ତା'ହେଲେ ସେ ବିଷୟରେ ମହାପୁରୁଷମାନେ ବି ଏତେ ମୁଣ୍ଡ ଖେଳାନ୍ତେ କାହିଁକି ? ତା'ଛଡ଼ା ଗୋଟାଏ ଜାଗାରେ ଗୋଟାଏ ପ୍ରକାର ସଂସ୍କୃତି ଗଢ଼ିଉଠେ କାହିଁକି ? ପୁଣି ଗୋଟାଏ ଜାଗାରେ ଆଉ ଗୋଟାଏ ସଂସ୍କୃତିକୁ ସ୍ଥାପନ କରିବା ପାଇଁ ଚେଷ୍ଟା କଲାବେଳେ ଏତେ ବିଶୃଙ୍ଖଳା ହୁଏ କାହିଁକି ? ବିଭିନ୍ନ ଦେଶର ସ୍ୱତନ୍ତ୍ର ପରିବେଶ ମଧ୍ୟରେ ସ୍ୱତନ୍ତ୍ର ସଂସ୍କୃତି ଗଢ଼ିଉଠୁଥିବ ନିଶ୍ଚୟ । ଉଦାହରଣ ସ୍ୱରୂପ, ଆମ ଦେଶ ଅତି ଗରିବ ହେଲେ ମଧ୍ୟ ଓ ଧୂଳିମଳିରେ ପୂର୍ଣ୍ଣ ହେଲେ ମଧ୍ୟ ଆମ ସଂସ୍କୃତିରେ ନିତ୍ୟ ସ୍ନାନ ପାଇଁ ବିଧି ଅଛି । ଲୋକ ଦରିଦ୍ର ହେଉ, ଅକ୍ଷମ ହେଉ, ଶିଶୁ ହେଉ, ବୃଦ୍ଧ ହେଉ - ଏପରି କି ଶଯ୍ୟାଗତ ହେଉ, ତା'ର ସ୍ନାନ କରିବା ନିତାନ୍ତ ଦରକାର । ସ୍ନାନ କରି ନ ପାରିଲେ ପାଣି ମୁନ୍ଦାଏ ସିଞ୍ଚିହୋଇ ଶୌଚହେବା ଦରକାର । ଯଦି ଏହି ବିଧି ନ ଥାନ୍ତା ତା'ହେଲେ ଏହି ଗ୍ରୀଷ୍ମ ଜଳବାୟୁରେ ଲୋକେ ଯେତିକି ମଇଳା ହେଉଛନ୍ତି, ତା'ଠୁ ଆହୁରି ଢେର ବେଶି ମଇଳା ହୁଅନ୍ତେ; କିନ୍ତୁ ରୁଷ୍ କିମ୍ବା ଇଂଲଣ୍ଡ ପରି ଗୋଟିଏ ଶୀତପ୍ରଧାନ ଦେଶରେ ନିତ୍ୟ ସ୍ନାନ ପାଇଁ ଧର୍ମ ବ୍ୟବସ୍ଥା ନ ଥିବ ନିଶ୍ଚୟ । ଆମେ ଜାଣୁ ଆମ ଦେଶରେ ଏମିତି ବିଲାତ-ଫେରନ୍ତା ଲୋକ ଅଛନ୍ତି, ଯେଉଁମାନେ ଅଭ୍ୟାସବଶରୁ ହେଉ କିମ୍ବା ଅନ୍ୟମାନଙ୍କଠାରୁ ନିଜକୁ ଭିନ୍ନ ଦେଖାଇବାକୁ ହେଉ, ପ୍ରତିଦିନ ସ୍ନାନ କରିବା ପାଇଁ ପସନ୍ଦ କରନ୍ତି ନାହିଁ; ଦାନ୍ତ ଘଷିଲେ ଜିଭ ଛେଲନ୍ତି ନାହିଁ । ବିଲାତରେ ଯାହା ହେଉ ଆମ ଦେଶରେ ଏଗୁଡ଼ା ବେଶୀ ଦିନ କଲେ ଫଳ ନିଶ୍ଚୟ ଭଲ ହେବ ନାହିଁ । ସାହେବମାନଙ୍କର ଅଧିକାଂଶର କୃତ୍ରିମ ଦାନ୍ତ; କାରଣ ତାଙ୍କ ଅସଲ ଦାନ୍ତଯାକ ଅକାଳରେ ପଡ଼ିଯାଇଥାଏ । ଆମେ ସାହେବଙ୍କ ବିଜ୍ଞାନକୁ ଅନୁସରଣ କରିବା ବୋଲି କ'ଣ ଆମ କଇଁଫୁଲ ଧଳା ଦାନ୍ତକୁ ଅକାଳରେ ନଷ୍ଟ କରିଦେବା ? ସୁତରାଂ ପ୍ରତ୍ୟେକ ସଂସ୍କୃତିର ନିଶ୍ଚୟ ସ୍ଥାନୀୟ ମୂଲ୍ୟ ଥିବ, ଯାହାକୁ ସ୍ୱୀକାର କରିବାକୁ ପଡ଼ିବ । ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଚଗଲା ଇଂରେଜ ଶିକ୍ଷା ପାଇଁ ସବଳ ଯୁକ୍ତି ବାଢ଼ିଥିଲା ବେଳେ ପ୍ରତି ରାଜ୍ୟରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ରଖିବା ପାଇଁ ମଧ୍ୟ ଭାବିଛନ୍ତି । ତା'ର ଅର୍ଥ ହେଉଛି ବିଜ୍ଞାନ ଓ ଶିଳ୍ପ-କୌଶଳକୁ ବଢ଼ାଇବା ସଙ୍ଗେ ସଙ୍ଗେ ଜାତିର ସଂସ୍କୃତିକୁ ମଧ୍ୟ ବଜାୟ ରଖିବାକୁ ହେବ ।

ମନୁଷ୍ୟର ସଂସ୍କୃତିଟା ଅନେକ ଦିନର କଥା । ଅତୀତରେ ତାହା ଆସ୍ତେ ଆସ୍ତେ ଗଢ଼ି ଉଠିଥିଲା । କୌଣସି ଜାତି ଯେତେ ନୂତନ ହେଉ ପଛେ, ସେ ବରାବର ପଛକୁ ଚାହେଁ । ନିଜକୁ ବର୍ତ୍ତମାନର ବଡ଼କରି ଗଣିବା ପାଇଁ ଅତୀତର ମର୍ଯ୍ୟାଦା ସେ ଖୋଜେ । ଅତୀତ ପାଇଁ ମଣିଷର ଏହି ପ୍ରୀତି ବୋଧହୁଏ ଚିରନ୍ତନ । ଇଂଲଣ୍ଡ ଆମେରିକାଠାରୁ ବହୁତ ପୁରୁଣା; କିନ୍ତୁ ଆମେରିକା ବହୁତ ଅଗ୍ରଗାମୀ । ବିଲାତ-ଲୋକ ଏଇଟା ଆମର ବାରଶ ବର୍ଷ ପୁରୁଣା କହି

ଦେଖାଇଲାବେଳେ, ଆମେରିକା ଲୋକେ ଦୁଇଶ ବର୍ଷର ପୁରୁଣା ଜିନିଷ ମଧ୍ୟ ଦେଖାନ୍ତି । ମୋଟ ଉପରେ କଥା ହେଉଛି ପୁରୁଣା ଜିନିଷ ହିଁ ଦେଖାଇବା ଜିନିଷ । ଯା'ର ପୁରୁଣା ଜିନିଷ ନାହିଁ, ତା'ର ବୁନିୟାଦି ନାହିଁ - ଏଭଳି ଗୋଟାଏ ହାଲୁକା ଭାବ ମଣିଷ ମନରେ ଜାତହୁଏ । ସାଧାରଣ ଗରିବ ଲୋକଟିଏ, କେହି ତାକୁ ଚିହ୍ନନ୍ତି ନାହିଁ; କିନ୍ତୁ ସେ ଯେତେବେଳେ ଭାଗ୍ୟବଳରୁ ବଡ଼ ହୋଇଯାଏ, ସେହି ବଡ଼ଲୋକୀରେ ତା'ର ମନ ମାନେ ନାହିଁ । ସେ ପୁଣି ଖୋଜି ବାହାରକରେ ତା ଜେଜେବାପା କେଉଁଠି ମରହଟ୍ଟା ସଙ୍ଗରେ ଲଢ଼ାଇ କରିଥିଲେ, ତା ମାମୁଙ୍କ ଶଶୁରଙ୍କ ବଡ଼ବାପା କେଉଁଠି ଦେଶ ପାଇଁ ଆତ୍ମବଳି ଦେଇଥିଲେ । ମୋଟ ଉପରେ ତା'ର ବର୍ତ୍ତମାନଟା ଯେତିକି ଉଚ୍ଚ ତା'ର ଅତୀତଟା ସେତିକି ଉଚ୍ଚ ନ ଦିଶିଲେ ତା'ର ଆତ୍ମସନ୍ତୋଷ ହୁଏ ନାହିଁ; କିନ୍ତୁ ଆମ ଭାରତୀୟମାନଙ୍କୁ ଭଗବାନ ଏକ ବିଶାଳ ଅତୀତ ଓ ପୁଷ୍କଳ ସଂସ୍କୃତି ଦେଇଛନ୍ତି । ସେହି ସଂସ୍କୃତିର ମୌଳିକତା ରକ୍ଷାକରି ନିଜକୁ ସର୍ବାଗ୍ରେ ଭାରତୀୟ ବୋଲି ପରିଚୟ ଦେଇ ଭବିଷ୍ୟତକୁ ଆଗେଇ ନେବା ପାଇଁ ଆମର କିଛି ଅସୁବିଧା ହେବ ନାହିଁ; କିନ୍ତୁ ଆମର ଏକ ବିଶାଳ ସଂସ୍କୃତି ଅଛି, ଏହାକୁ ହୃଦୟଙ୍ଗମ କରିବା ପାଇଁ ଶିକ୍ଷା-ଦୀକ୍ଷାରେ ସେହିପରି ସୂଚନା ରହିବା ଉଚିତ ।

ପୃଷ୍ଠବଂଧ

ଲେଖକ : ଗୋଲୋକବିହାରୀ ଧଳ (ଖ୍ରୀ. ୧୯୨୧-ଖ୍ରୀ. ୧୯୭୪)

ପ୍ରଫେସର ଗୋଲୋକବିହାରୀ ଧଳ ଜଣେ ବିଶିଷ୍ଟ ଭାଷାତତ୍ତ୍ୱବିଦ୍, ଅନୁବାଦକ, ଜୀବନୀ ଓ ଭ୍ରମଣକାହାଣୀ ଲେଖକ ତଥା ପ୍ରାବନ୍ଧିକ ଭାବରେ ପରିଚିତ । ଢେଙ୍କାନାଳ ଜିଲ୍ଲାର ଗଞ୍ଜେଇଡିହ ଗ୍ରାମରେ ତାଙ୍କର ଜନ୍ମ । 'ଧ୍ୱନି ବିଜ୍ଞାନ' 'ଭାଷାଶାସ୍ତ୍ର ପରିଚୟ' 'ଇଂରାଜୀ ଉଚ୍ଚାରଣ ଶିକ୍ଷା' 'ମଣିଷର ଭାଷା' 'ଓଡ଼ିଆ କେବେ ?' ପ୍ରଭୃତି ଭାଷାତତ୍ତ୍ୱ ସଂପର୍କୀୟ ଗ୍ରନ୍ଥଗୁଡ଼ିକ ବ୍ୟତୀତ 'ଆମେରିକା ଅନୁଭୂତି' 'ଲଣ୍ଡନ ଚିଠି' ଆଦି ଭ୍ରମଣ କାହାଣୀ ତାଙ୍କ ପ୍ରତିଭାର ବଳିଷ୍ଠ ସ୍ୱାକ୍ଷର ନେଇ ପ୍ରକାଶିତ। 'ଗାନ୍ଧିଜୀଙ୍କ ସହ ୧୪ ସପ୍ତାହ', 'ଗୋଦାନ', 'ଗବନ', 'ବିସ୍ମୃତିର ଚିତ୍ର', 'ପ୍ରେମଚନ୍ଦ ଗଳ୍ପମାଳା' ପ୍ରଭୃତି ଅନୁବାଦ ତାଙ୍କର ସିଦ୍ଧି ଓ ସାଧନାର ପରିଚୟ ଦିଏ । ତାଙ୍କର ପ୍ରବନ୍ଧ ଗ୍ରନ୍ଥ 'ବିଚାର ଓ ଆଲୋଚନା'ରେ ପାଠକ ସାଂପ୍ରତିକ କାଳର ବିବିଧ ସମସ୍ୟା ଉପରେ ତାଙ୍କର ସ୍ପଷ୍ଟ ଓ ଚିନ୍ତାଗର୍ଭକ ଅଭିମତ ଲକ୍ଷ୍ୟ କରିଥାଏ । ସେ ଜଣେ ଜାତୀୟ ଖ୍ୟାତିସମ୍ପନ୍ନ ଭାଷାବିତ୍ ଥିଲେ ।

ପ୍ରବନ୍ଧ ସଂପର୍କରେ :

ପଠିତ ପ୍ରବନ୍ଧରେ ଲେଖକ ସଂସ୍କୃତିର ସ୍ୱରୂପ ଓ ବୈଶିଷ୍ଟ୍ୟ ଆଲୋଚନା କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତିର ବୈଚିତ୍ର୍ୟ ପ୍ରତିପାଦନ କରିଛନ୍ତି । ସଂସ୍କୃତିର ପରିଶୀଳନ ସାଂପ୍ରତିକ କାଳରେ କିପରି ଆବଶ୍ୟକ ସେ ସଂପର୍କରେ ମଧ୍ୟ ଏହି ପ୍ରବନ୍ଧରେ ଆଲୋକପାତ କରିଛନ୍ତି । ପ୍ରତ୍ୟେକ ଅଞ୍ଚଳର ସ୍ଥାନୀୟ ମୂଲ୍ୟ ସେହି ସଂସ୍କୃତିରେ ପ୍ରତିଫଳିତ ହୋଇଥାଏ। ଅତୀତର ଜୀବନବୋଧ ଓ ସାଂସ୍କୃତିକ ଚେତନାର ପଟ୍ଟଭୂମି ଉପରେ ବର୍ତ୍ତମାନର ଜୀବନ ଚର୍ଯ୍ୟା ଗଢ଼ିଉଠେ । ତାହା ହିଁ ପ୍ରତିପାଦିତ ହୋଇଛି 'ଜାତିର ଜୀବନ ଓ ସଂସ୍କୃତି' ପ୍ରବନ୍ଧରେ ।

ସଂସ୍କୃତି ମଣିଷର ଜୀବନ ପ୍ରବାହ ସହିତ ସଂପୃକ୍ତ । ଏହି ସଂସ୍କୃତିକୁ ସହଜରେ ମଣିଷ ଭୁଲେ ନାହିଁ । ଲେଖକ ଏହାକୁ ପ୍ରତିପାଦନ କରିବାକୁ ଯାଇ ରାଜାଜୀ ଭାରତୀୟ ବିଦ୍ୟାଭବନରେ ଦେଇଥିବା ସଂସ୍କୃତି ସଂପର୍କୀୟ ତିନିଗୋଟି ଅଭିଭାଷଣର ଉଦାହରଣ ଦେଇଛନ୍ତି । ତାଙ୍କର ପ୍ରଥମ ଅଭିଭାଷଣରେ ସେ ଭାରତୀୟ ସଂସ୍କୃତିକୁ ଆତ୍ମସଂଯମର ସଫଳ ଅଭ୍ୟାସ, ଦ୍ୱିତୀୟ ଅଭିଭାଷଣରେ ସେ ଆମର ଏକାନ୍ନବର୍ତ୍ତୀ ପରିବାରକୁ ଆମର ସାଂସ୍କୃତିକ ବୈଶିଷ୍ଟ୍ୟ ଭାବରେ ଅଭିହିତ

କରିଥିଲେ । ତାଙ୍କର ତୃତୀୟ ଅଭିଭାଷଣରେ ସେ ଭାରତୀୟମାନଙ୍କର ଆଧ୍ୟାତ୍ମିକ ଭାବନାକୁ ଭାରତୀୟ ସଂସ୍କୃତିର ଅନ୍ୟତମ ଦିଗଭାବରେ ଗ୍ରହଣ କରିଥିଲେ । ଏବେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି ଘଟିଛି । ବିଜ୍ଞାନର ଅଗ୍ରଗତି ଓ କୌଶଳର ପ୍ରଭାବ ସହରଠାରୁ ଗାଁଗଣ୍ଡା ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏସବୁ ସତ୍ତ୍ୱେ ବି ଆମର ସଂସ୍କୃତି ଓ ଆମର ପୁଷ୍କଳ ଅତୀତକୁ ବିସ୍ମୃତ ହେଲେ ଚଳିବ ନାହିଁ । କାରଣ ତାହା ମଧ୍ୟରେ ନିହିତ ଜାତିର ଆତ୍ମା ।

କଠିନ ଶବ୍ଦାର୍ଥ :

ଦୂର୍ବାକ୍ଷତ	-	ଦୂବ ଓ ଚାଉଳ
ଏକାନ୍ନବର୍ତ୍ତୀ	-	ଏକ ଅନ୍ନରେ ପରିପାଳିତ
ପୁନର୍ଜନ୍ମ	-	ପୁଣିଥରେ ଜନ୍ମଗ୍ରହଣ କରିବା
ଚିରନ୍ତନ	-	ସବୁକାଳର
ରାଜାଜୀ	-	ବିଶିଷ୍ଟ ଜନନାୟକ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ
ଇନ୍ଦ୍ର	-	ଦେବତାମାନଙ୍କର ରାଜା
ବରୁଣ	-	ଜଳଦେବତା
ରୁଦ୍ର	-	ଶିବ, ମହାଦେବ
ମଥୁରାମଙ୍ଗଳ	-	ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ, ଏହାର କବି ହେଉଛନ୍ତି ଭକ୍ତଚରଣ ଦାସ
ସୋପେନହୋର	-	ଆର୍ଥର ସୋପେନହୋର (ଖ୍ରୀ : ୧୭୮୮-୧୮୬୦) ପ୍ରସିଦ୍ଧ ଜର୍ମାନ ଦାର୍ଶନିକ । ୟୁରୋପରେ ଦୁଃଖବାଦର ସେ ପୁରୋଧା । ଭାରତୀୟ ଦର୍ଶନରେ ସେ ଗଭୀରଭାବେ ଅନୁପ୍ରାଣିତ ହୋଇଥିଲେ ।
ଅନାଚାର	-	ଆଚାରହୀନ
ରାଜତନ୍ତ୍ର	-	ରାଜାମାନଙ୍କର ଶାସନ ପଦ୍ଧତି
କୋଅପରେଟିଭ୍	-	ସମବାୟ
ଗତାନି ଗତ ପଦାନି		
ଆଗତାନି ନ ଦୃଶ୍ୟନ୍ତେ	-	ଯାହା ଚାଲିଯାଇଛି, ଯାଇଛି; ଯାହା ଆଗକୁ ଘଟିବ ତାହା କହିହେବ ନାହିଁ ।
ଥେସିସ୍	-	ଗବେଷଣା ନିବନ୍ଧ
ନିଦର୍ଶନ	-	ଚିହ୍ନ
ପ୍ରସ୍ରବଣ	-	ଝରଣା
ମାକ୍ସମୁଲାର	-	ସେ (ଖ୍ରୀ: ୧୮୨୩-୧୯୦୦) ଥିଲେ ଜର୍ମାନର ଲୋକ; କିନ୍ତୁ ଭାରତୀୟ ଭାଷାତତ୍ତ୍ୱବିଦ୍ ଓ ସଂସ୍କୃତଜ୍ଞ । 'Sacred books of the East' ନାମରେ ୫୧ ଖଣ୍ଡ ପୁସ୍ତକ ସେ ସମ୍ପାଦନା କରିଛନ୍ତି ।
ପୁଷ୍କଳ	-	ବିକଶିତ

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । ପଠିତ ପ୍ରବନ୍ଧର ଅନୁସରଣରେ ସଂସ୍କୃତିର ସ୍ୱରୂପ ଦର୍ଶାଇ ଏହାର ବୈଶିଷ୍ଟ୍ୟଗୁଡ଼ିକ ଉଲ୍ଲେଖ କର ।

୨ । ଭାରତୀୟ ସଂସ୍କୃତିର ମହତ୍ତ୍ୱ 'ଜାତିର ଜୀବନ ଓ ସଂସ୍କୃତି' ପ୍ରବନ୍ଧରେ ଯେପରି ରୂପ ପାଇଛି ତାହା ଆଲୋଚନା କର ।

୩ । ଯାବତୀୟ ପ୍ରତିବନ୍ଧକ ସତ୍ତ୍ୱେ ଭାରତୀୟ ସଂସ୍କୃତିର ମୂଳଭିତ୍ତି ସୁଦୃଢ଼ ରହିବ - ଏହାର ଯୁକ୍ତିନିଷ୍ଠତା 'ଜାତିର ଜୀବନ ଓ ସଂସ୍କୃତି' ପ୍ରବନ୍ଧ ଅବଲମ୍ବନରେ ବିଚାର କର ।

୪ । 'ଜାତିର ଜୀବନ ଓ ତାର ସଂସ୍କୃତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ'- ପଠିତ ପ୍ରବନ୍ଧ ଭିତ୍ତିରେ ଏହାର ସତ୍ୟତା ଆଲୋଚନା କର ।

୫ । 'ଜାତିର ଜୀବନ ଓ ସଂସ୍କୃତି' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଚିନ୍ତାଧାରାର ପରିଚୟ ଦିଅ ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର)

୧ । ଗୋଲୋକବିହାରୀ ଧଳଙ୍କର ଦୁଇଗୋଟି କୃତିର ନାମୋଲ୍ଲେଖ କର ।

୨ । 'ଭାରତୀୟ ସଂସ୍କୃତି ହେଉଛି ଆମ୍ ସଂଯମର ସଫଳ ଅଭ୍ୟାସ'- ଏହା କିଏ କହିଥିଲେ ?

୩ । କେଉଁ ତିନିଗୋଟି ବିଶିଷ୍ଟ ଗୁଣ ଭାରତୀୟ ସଂସ୍କୃତିରେ ରହିଛି ?

୪ । 'ସବ୍ ଲାଲ୍ ହୋ ଜାଏଗା' - ଏହା କିଏ କହିଥିଲେ ?

୫ । 'ଆମର ସମସ୍ତ ଚେଷ୍ଟାର ଗତି ପଶ୍ଚିମ ଆଡ଼କୁ' - ପ୍ରାବନ୍ଧିକ ଏହା କାହିଁକି କହିଛନ୍ତି ?

୬ । 'ସବ୍ ସଫେଦ୍ ହୋ ଜାଏଗା' - ଏହି ଆଶଙ୍କା କାହିଁକି ପ୍ରାବନ୍ଧିକ ପୋଷଣ କରିଛନ୍ତି ?

୭ । ପୁରାତନ ବୈଶିଷ୍ଟ୍ୟକୁ ବଜାୟ ରଖି ଆଧୁନିକ ସଭ୍ୟତା ଭିତରେ ମୁଣ୍ଡଟେକି ରହିବାର ଦୃଷ୍ଟାନ୍ତ କେଉଁ ଦେଶ କ୍ଷେତ୍ରରେ ଦେଖାଯାଏ ?

୮ । ଗାଁ-ଗଣ୍ଡାର ଲୋକମାନେ ସଭ୍ୟତାର ଆଲୋକ ଦେଖିଲେ ମଧ୍ୟ ତାହା ସେମାନଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ କାହିଁକି ?

୯ । ଗତ ଦୁଇଶହ ବର୍ଷ ମଧ୍ୟରେ ଯଦି କାହାର କିଛି ପରିବର୍ତ୍ତନ ହୋଇଥାଏ ତାହା ଉପରବାଲାଙ୍କର ନା ତଳ ସ୍ତରରେ ବଞ୍ଚିଥିବା ମଣିଷଙ୍କର ?

୧୦ । ଆମର ପୁରାଣ ଓ ଧର୍ମଶାସ୍ତ୍ର କିପରି ଆମର ଜୀବନଧାରାକୁ ନିୟନ୍ତ୍ରଣ କରୁଛି ତା'ର ଗୋଟିଏ ଉଦାହରଣ ଦିଅ ।

୧୧ । 'ଭାରତରେ ଆଜି ଯଦି ଦାନ, ଧର୍ମ, ଧ୍ୟାନ ବୋଲି କିଛି ବାକି ରହିଯାଇଛି ତା' କେବଳ ଆମର ସଂସ୍କୃତି ଓ ଧର୍ମଜ୍ଞାନ ପାଇଁ'- ଏହା କିଏ କହିଥିଲେ ?

୧୨ । ୧୮୧୭ ମସିହାରେ କଲିକତାରେ ଯେଉଁ ହିନ୍ଦୁ କଲେଜ ସ୍ଥାପିତ ହୋଇଥିଲା ତାର ଛାତ୍ରମାନେ କିପରି ଆଚରଣମାନ ପ୍ରଦର୍ଶନ କରୁଥିଲେ ?

୧୩ । ପାଶ୍ଚାତ୍ୟ ଦେଶମାନଙ୍କରେ ସଂସ୍କୃତ ଭାଷା ପ୍ରଚାରିତ ହେଲାବେଳେ ଜର୍ମାନ କବି ଗେଟେ କ'ଣ କହିଥିଲେ?

୧୪ । ଦାର୍ଶନିକ ସୋପେନ୍‌ହୋର କ'ଣ କହିଥିଲେ ?

୧୫ । ଗାନ୍ଧିଜୀ ସଂସ୍କୃତି ବିଷୟରେ କ'ଣ କହିଥିଲେ ?

୧୬ । ସଂସ୍କୃତି ସଂପର୍କରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମନ୍ତବ୍ୟ କ'ଣ ଥିଲା ?

୧୭ । ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ଚଗଲା ସଂସ୍କୃତିର ସୁରକ୍ଷା ପାଇଁ କେଉଁ ଯୁକ୍ତି ବାଢ଼ିଥିଲେ ?

୧୮ । ସଂସ୍କୃତି ସହିତ ଅତୀତ ପ୍ରୀତି କିପରି ଜଡ଼ିତ ତାହା ଦର୍ଶାଅ ।

୧୯ । ଇଂଲଣ୍ଡ ଓ ଆମେରିକା ମଧ୍ୟରେ କାହାର ସାଂସ୍କୃତିକ ଦୃଷ୍ଟି ସ୍ଥାନ ଉଚ୍ଚରେ ?

୨୦ । ଯାହାର ପୁରୁଣା ଜିନିଷ ନାହିଁ, ତା'ର ବୁନିୟାଦି ନାହିଁ - କେଉଁ ପ୍ରସଙ୍ଗରେ ଏକଥା କୁହାଯାଇଛି ?

୨୧ । ଆମ ବିଶାଳ ସଂସ୍କୃତିକୁ ସବୁଦିନ ପାଇଁ ମନେରଖିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

ପଦ୍ୟ

ଉଦ୍ଧାମ ସିଂ

ରାଧାମୋହନ ଗଡ଼ନାୟକ

ଜନ୍ମଦା ମୋର ଭାରତ ଭୂଇଁର ବହୁଦୂରେ ସାଥି ବହୁଦୂରେ
ବନ୍ଦୀ ମୁଁ ଆଜି ଉଦ୍ଧାମ ସିଂ ଏଇ ଲଣ୍ଡନ କାରାପୁରେ ।
ସମ୍ମୁଖେ ମୋର ଫାଶିକାଠ
ଶିଖ ସନ୍ତାନ ଶୁଣାଉଚି ମୁହିଁ ଜନ୍ମମାଟିର ଜୟପାଠ ।
ଅପରାଧ ମୋର ଅପରାଧ ମୋର ଶୁଣ ତେବେ ସାଥି, ଶୁଣ ତେବେ
ତରୁଣ ଅରୁଣ ଜୀବନେ ମୋହର ମୃତ୍ୟୁ ବରୁଚି କିଆଁ ଏବେ ?
ଝଡ଼ ବିପ୍ଳବ-ସଂଘାତେ
ନରହନ୍ତା ସେ ଡାଇଆର ବୁକେ ଗୁଳି ମାରିଚି ମୁଁ ଏଇ ହାତେ ।
ତୁମେ ଜାଣିଥିବ ତୁମେ ଶୁଣିଥିବ ଭଲ କରି ଶୁଣ ଏଇବାର ।
ଆମରି ଦେଶର ଆମରି ଜାତିର ଦୁଷ୍‌ମନ ସେଇ ଡାଇଆର ।
ପଞ୍ଜନଦର ଅଞ୍ଚଳେ
ରକ୍ତର ସୁଅ ବୋହିଲା ସେଦିନ ଜାଲିଆନାବାଗ ଭୂଇଁତଳେ ।
ଦୁର୍ମତି ସେଇ ଓଡାୟାର
କିଏ ସେ କହିବ ମଣିଷ ତାହାକୁ ? ମଣିଷ ରୂପେ ସେ ଜାନୁଆର ।
ତୀବ୍ର ତେଜରେ ସଭା ବସିଥିଲା କ୍ଷୁବ୍‌ଧ ଦଳିତ ଜନତାର
କଥା ଉଠୁଥିଲା 'ବଡ଼ ଧପାବାଜ ଆମ ଏ ବିଦେଶୀ ସରକାର ।
ଯୁଦ୍ଧକୁ ଆମେ ସଂପଦ ଦେଲୁ ଢାଳିଦେଲୁ ଛାତି-ଲହୁଧାର
ଆମ ଦୁର୍ଦ୍ଦଶା ଦେଖିବାକୁ ଟିକେ ବିଚାରିଲା ନାହିଁ ସରକାର ?
ଶାସନ ନୀତିର ଶୋଷଣ ପେଷଣ ସହିବାନି ଆଉ ମଥାପାତି
ଶକ୍ତି ଏଥର ଦେଖାଇବା ଆମେ, ଲୁହାରେ ଗଢ଼ିବା ଏଇ ଛାତି ।'

ଗୁଡ଼ୁମ୍ ଗୁଡ଼ୁମ୍ ଆବାଜ ଶୁଭିଲା, ହୁକୁମ ଦେଇଚି ଓଡାୟାର,
ଅଗ୍ନିଶିଖାରେ କି ଖେଳ ଖେଳୁଚ ? ହୁସିଆର ଏବେ ହୁସିଆର ।'
ବୁଲେଟ ଚାଲିଲା ଅସୁମାରି
ଭାଗ ଭାଗ ହୋଇ ଛୁଟିଲେ ହଠାତ୍ ତହିଁ ଥିଲେ ଯେତେ ନରନାରୀ ।
ଝଡ଼ି ପୋକ ପରି ଧରାତଳେ ତେବେ ଝଡ଼ିଲେ ମଣିଷ ଦଳ ଦଳ
ଛାତି କିଲାଲରେ ରଞ୍ଜିତ ହେଲା ଜାଲିଆନାବାଗ ଭୂଇଁତଳ ।
କ୍ଷିପ୍ର ବ୍ୟଥିତ ପଞ୍ଜାବ ସାରା ଉଛେ ଉଠିଲା ପ୍ରତିବାଦ
ସରକାର ତହୁଁ ହୁଙ୍କାର ଦେଲା 'ନ୍ୟାଯ୍ୟ ନୁହେଁ, ଏ ଅପରାଧ' ।
ପଞ୍ଜାବ ସାରା ରଣଭୂଇଁ ହେଲା, ଯୁଦ୍ଧ ଆଇନ ହେଲା ଜାରି
ପଥେ ପଥେ ଘୂରି ଫଉଜ କୁଦିଲେ, ବେଇଜତ ହେଲେ ପୁରନାରୀ ।
ଶମନ ପରାଏ ଦମନର ଲୀଳା ଚଳାଇଲା ଆମ ସରକାର
ପରିଶେଷେ ଯେଉଁ ପ୍ରତିକାର ହେଲା, ତାହାରି ନାଆଁ କି ପ୍ରତିକାର ?
ବହୁଦିନ ପରେ ସେଇକଥା ଶୁଣି ଜଳି ଜଳି ମୁହିଁ ଛାତି ତଳେ
ଉଦ୍ଦାମ ମୁହିଁ ଗୁଳି ବସାଇଚି ସେଇ ଓଡାୟାର ଛାତିପରେ ।
ଏଥିପାଇଁ ଆଜି କିଏ ଦାୟୀ ?
ଅତ୍ୟାଚାରୀକି ହତ୍ୟା କରି ମୁଁ ହୋଇଅଛି ଖୁନି ଆତତାୟୀ ।
ଜାଗିଥିଲା ଯେଉଁ ବହ୍ନିର ଲୀଳା ପଞ୍ଚନଦର ମାଟିପରେ
ନୟନରେ ତାହା ଦେଖି ନ ଥିଲି ମୁଁ ଶୁଣିଥିଲି ଖାଲି ଶ୍ରବଣରେ ।
ପରଥମ କରି ଶୁଣିଲି ଯେଦିନ ହୋଇଗଲି ମୁହିଁ ସତେ ଜଡ଼
ଜଡ଼ତାକୁ ମୋର କଂପିତ କରି ଉଥଳି ଉଠିଲା ମହାଝଡ଼ ।
ଅଜ୍ଞାତେ ଆସି କିଏ କରିଦେଲା ପଥେ ପଥେ ମୋର ଗତିରୋଧ
ବିଦ୍ୟୁତ ସମ ଚିତ୍ତେ ସ୍ଫୁରିଲା ପ୍ରତିଶୋଧ ଖାଲି ପ୍ରତିଶୋଧ ।
ଉନ୍ମାଦ ସମ ଛୁଟିଗଲି ମୁହିଁ ଜାଲିଆନାବାଗ ଅଞ୍ଚଳେ
ଉତ୍କଟ ଏକ ଉଦ୍‌ବେଗ ମୁହିଁ ଅନୁଭବ କଲି ଅନ୍ତରେ ।
ଧୋଇଲାଣି ସେଇ ପ୍ରାନ୍ତର ଛାତି କେତେ ଆଷାଢ଼ର ବାରିଝର,
ଦେଖାଗଲା ମତେ ପ୍ରାନ୍ତର ଛାତି ତାଜା ରକତରେ ଜରଜର ।
ଉନ୍ମାଦ ପରି ଶୋଇଲି ମାଟିରେ ତାର ତଳେ ଯେଉଁ ଲାଭା ଥିଲା

ବହ୍ନି ତାପରେ ଭରିଦେଲା ମୋର ସ୍ପନ୍ଦିତ ଶିରା ଉପଶିରା ।
ଚମକି ଉଠି ମୁଁ ସେ ପଥର ଧୂଳି ବୋଳିହେଲି ମୋର ଦେହମୟ
ଜଳିଗଲା ମୋର ମର୍ମ ଭିତର - ଦୁଃସହ ବଡ଼ ଦୁଃସହ ।
ମାଟିରୁ ମୁଠାଏ ଘେନି ସଂଭ୍ରମେ ଚିପୁଡ଼ିଲି ମୁହିଁ ଜୋର୍ କରି
ରକ୍ତର ରାଗେ କରତଳ ମୋର ଲୋହିତ ହୋଇଲା ଜବା ପରି ।
'କେଉଁଠି ଧୋଇବି ଏହି ଦାଗ ମୋର ? କେଉଁଠି ଧୋଇବି କରତଳ
ଧୋଇ ପାରିବ ସେ କେଉଁ ଶତଲେଜ୍-ସିନ୍ଧୁ-ଝିଲମ୍-ନଦୀ ଜଳ ?'
ଶପଥ କଲି ମୁଁ ଥରି ଥରି
'ଧୋଇବି ନାହିଁ ମୁଁ ଏ ହାତ ମୋହର, ରହିଥାଉ ଏହା ଏଇପରି ।'
କାହିଁରେ ହୋଇବ ମନବୋଧ
ବିଦ୍ୟୁତ୍ ସମ ଚିତ୍ତେ ସ୍ଫୁରିଲା ପ୍ରତିଶୋଧ ଖାଲି ପ୍ରତିଶୋଧ ।
ଦୁର୍ଗମ ଏଇ ମହାନଗରୀର ରାଜ ପ୍ରତିନିଧି ସଭାଘରେ
ଗୋପନେ ପଶି ମୁଁ ଗୁଳି ବସାଇଚି ସେଇ ଓଡାୟାର ଛାତି ପରେ
ଶହ ଶହ ବାଣ ବଦଳରେ ମୁହିଁ ମାରିଅଛି ସେଇ ଏକ ବାଣ
ଶହ ଶହ ପ୍ରାଣ ବଦଳରେ ଆଜି ନେଇଅଛି ସେଇ ଏକ ପ୍ରାଣ ।
ମାତୃଭୂଇଁର ଇଜ୍ଜତ ଲାଗି ଯାହା ଜୀବନରେ ଅଛି ସାଧ୍
ଆମ ସରକାର ଚକ୍ଷୁରେ ମୁହିଁ ଆତତାୟୀ, ମୁହିଁ ଅପରାଧୀ ।
ସମ୍ମୁଖେ ମୋର ଫାଶିକାଠ
ମୃତ୍ୟୁରେ ଆଜି ଶୁଣାଉଚି ମୋର ଜନ୍ମମାଟିର ଜୟପାଠ ।

ପୃଷ୍ଠବଂଧ

୧ । କବିପରିଚୟ :

କ) କବି - ରାଧାମୋହନ ଗଡ଼ନାୟକ (୧୯୧୧-୨୦୦୦) ଜନ୍ମସ୍ଥାନ - କଲଣ୍ଡାପାଳ, ଜିଲ୍ଲା - ଅନୁଗୁଳ

ଖ) ସୃଷ୍ଟି ସମ୍ଭାର - କବିତା - ଉତ୍କଳିକା, ସ୍ମରଣିକା, କାବ୍ୟନାୟିକା, କୈଶୋରିକା, ଧୂସର ଭୂମିକା, ପଶୁପକ୍ଷୀର କାବ୍ୟ, ଗାନ୍ଧୀଗାଥା, ଶାମୁକାର ସ୍ୱପ୍ନ, ସୂର୍ଯ୍ୟ ଓ ଅନ୍ଧକାର, ଅବାଚୀର ତାରା, ମୌସୁମୀ ଇତ୍ୟାଦି । ଅନୁବାଦ - ମେଘଦୂତ, କୁମାର ସମ୍ଭବ, ସୋରାବ ଓ ରୁସ୍ତମ୍ ।

ସମ୍ମାନ ଓ ସ୍ୱୀକୃତି - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (ସୂର୍ଯ୍ୟ ଓ ଅନ୍ଧକାର), ଅତିବଡ଼ୀ ଜଗନ୍ନାଥ ପୁରସ୍କାର, ପଦ୍ମଶ୍ରୀ, ଉତ୍କଳରତ୍ନ ।

ଗ) ସୃଜନ ଆଭିମୁଖ୍ୟ - ରାଧାମୋହନ ଗଡ଼ନାୟକ ଥିଲେ ସବୁଜ ସମସାମୟିକ କବି । ସେ ଉଭୟ ଗୀତିକବି ଓ ଗାଥାକବି ଭାବେ ପରିଚିତ । ମାତ୍ର ଗାଥାକବି ଭାବେ ସେ ଅଦ୍ୱିତୀୟ ସିଦ୍ଧିର ଅଧିକାରୀ । ରଚନାରୀତି ଦୃଷ୍ଟିରୁ ସେ ରୋମାଣ୍ଟିକ । ଅତୀତ ଓ ଐତିହ୍ୟ ତାଙ୍କ କବି ମାନସକୁ ପରିପୁଷ୍ଟ କରିଛି । ଦେଶାତ୍ମବୋଧ, ଜାତୀୟତା ଏବଂ ବାସ୍ତବତାମୂଳକ ବିପ୍ଳବୀ ଚେତନା ତାଙ୍କ କବିତାର ପ୍ରାଣଧର୍ମ । ସେ ଛନ୍ଦ ଧୁରନ୍ଧର କବି । ମାତ୍ରାବୃତ୍ତ ବା ଯୁକ୍ତାକ୍ଷରିକ ଛନ୍ଦସହିତ ବହୁ ନୂତନଛନ୍ଦ ସେ ବ୍ୟବହାର କରିଛନ୍ତି ।

ଘ) କବିତାର ଭାବଧାରା - 'ଉଦ୍ଦାମ ସିଂ' କବିଙ୍କର ଏକ ଗାଥାମୂଳକ କବିତା । ଉଦ୍ଦାମ ସିଂ ଥିଲେ ଜଣେ ଶିଖ୍ ଯୁବକ । ଜେନେରାଲ୍ ଡାୟାର ପଞ୍ଜାବରେ ଲାଟ୍ ଥିଲାବେଳେ ତାଙ୍କ ନେତୃତ୍ୱରେ ଜାଲିଆନାବାଗ୍‌ରେ ଭାରତ ମୁକ୍ତି ସଂଗ୍ରାମର ସଂଗ୍ରାମୀମାନଙ୍କ ଉପରେ ଗୁଳି ଚଳାଇ ବହୁଲୋକଙ୍କର ମୃତ୍ୟୁର କାରଣ ହୋଇଥିଲେ । ଏହି ଘଟଣା ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲେ ମଧ୍ୟ ଡାୟାରଙ୍କୁ ଦଣ୍ଡ ମିଳି ନ ଥିଲା । ଘଟଣାର ବହୁଦିନ ପରେ ଉଦ୍ଦାମ ସିଂ ପ୍ରତିଶୋଧ ନେବା ପାଇଁ ବଦ୍ଧପରିକର ହେଲେ । ମୁକ୍ତି ସଂଗ୍ରାମର ଇତିହାସରେ ତାହା ଏକ ରକ୍ତରଞ୍ଜିତ ଅଧ୍ୟାୟ । ଉଦ୍ଦାମ ସିଂ ଲଣ୍ଡନର ପାର୍ଲାମେଣ୍ଟ ଭବନରେ ଡାୟାର୍‌ଙ୍କୁ ହତ୍ୟାକରି ଫାଶୀ ବରଣ କରିଥିଲେ । ସେଥିପାଇଁ ସେ ଭାରତ ଇତିହାସରେ ଅମର ସହୀଦ୍ ଭାବରେ ସ୍ଥାନ ପାଇଛନ୍ତି । ଏହା ହିଁ କବିତାଟିର ପୃଷ୍ଠଭୂମି । କବିତାଟି କବିଙ୍କ 'ମୌସୁମୀ' ଗ୍ରନ୍ଥରେ ସ୍ଥାନିତ ।

୨ । କଠିନ ଶବ୍ଦାର୍ଥ :

ଜନ୍ମଦା - (ଯେପରି ଅନ୍ନଦା, ନର୍ମଦା) ଜନ୍ମଦାତ୍ରୀ, ଜନ୍ମଭୂମି ।

ହନ୍ତା - ହତ୍ୟାକରୀ ।

ବହ୍ନି - ନିଆଁ ।

ଉନ୍ମାଦ - ଉନ୍ମତ୍ତ, ପାଗଳ ।

ଲୋହିତ - ଲାଲ ।

ଜବା - ମନ୍ଦାରଫୁଲ ।

ପଞ୍ଚନଦ - ଶତଦ୍ରୁ, ବିପାଶା, ରାବି, ଝେଲମ୍, ଚେନାବ୍ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । କବିଙ୍କୁ ଅନୁସରଣ କରି ଉଦ୍ଦାମ ସିଂଙ୍କ ତ୍ୟାଗର କାହାଣୀ ବର୍ଣ୍ଣନା କର ।

୨ । ଉଦ୍ଦାମ ସିଂ ଏକ ସାର୍ଥକ ଜାତୀୟତାବାଦୀ କବିତା - ବିଚାର କର ।

୩ । ଉଦ୍ଦାମ ସିଂ କବିତା କବିଙ୍କ ସ୍ୱଦେଶ ପ୍ରେମର ଏକ ସାର୍ଥକ ଅଭିବ୍ୟକ୍ତି - ଆଲୋଚନା କର ।

୪ । ପଠିତ କବିତା ଅବଲମ୍ବନରେ ଉଦ୍ଦାମ ସିଂ ଚରିତ୍ରର ମହତ୍ତ୍ୱ ନିର୍ଣ୍ଣୟ କର ।

୫ । ଉଦ୍ଦାମ ସିଂ କବିତାରୁ କବିଙ୍କ କବିତ୍ୱର ଉତ୍କର୍ଷ ନିର୍ଣ୍ଣୟ କର

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଦୁଇ ବା ତିନୋଟି ବାକ୍ୟରେ ଉତ୍ତର)

୧ । ଉଦ୍ଦାମ ସିଂ କିଏ ?

୨ । ଉଦ୍ଦାମ ସିଂ କେଉଁଠି ବନ୍ଦୀ ହୋଇଥିଲେ ?

୩ । ଡାଇଆର କିଏ ?

୪ । ଡାଇଆର କାହିଁକି ଗୁଳିକାଣ୍ଡ ଭିଆଇଥିଲେ ?

୫ । ଲୁହାର ଛାତି ଗଢ଼ିବା ପାଇଁ କାହିଁକି କୁହାଯାଇଛି ?

୬ । କିଏ କାହିଁକି ଖୁନୀ ଆତତାୟୀ ହୋଇଛି ?

୭ । କାହାର କରତଳ କାହିଁକି ଜବା ପରି ଲୋହିତ ହୋଇଗଲା ?

୮ । ସରକାର ଚକ୍ଷୁରେ କିଏ ଓ କାହିଁକି ଅପରାଧୀ ?

୯ । ଉଦ୍ଦାମ ସିଂ ମୃତ୍ୟୁବେଳେ କ'ଣ ଶୁଣାଇଥିଲେ ?

୧୦ । ଜାଲିଆନାବାଗରେ କାହିଁକି ଲୋକେ ଏକତ୍ରିତ ହୋଇଥିଲେ ?

୧୧ । ପଞ୍ଚନଦ କ'ଣ ଓ କାହିଁକି ?

ଗ୍ରାମପଥ

ବିନୋଦ ଚନ୍ଦ୍ର ନାୟକ

(୧)

ଦୂରେ ତାଳବଣ ଆକାଶେ ଶୁଣାଏ
ମାଟିର କବିତା କି ସେ
ଏ ଗ୍ରାମର ପଥ ତହିଁ ଦିଗନ୍ତ ମିଶେ ।
କ୍ଷେତ ପରେ କ୍ଷେତ
କାଶ ଫୁଲ ଆଉ
ବେଣାରେ ଜଟିଳ ପାଟ
ପାଟପରେ ବଣ, ବଣ ପାରି ହେଲେ
ମାମୁ ଘର ଗାଆଁ ଦିଶେ ।

(୨)

ପଥର ସେ ପାଖେ ବୁଣା ହରଡ଼ ଓ ବୁଟ,
ଆଗରେ ଚାରଣ ପଡ଼ିଆ ଗୋରୁଗୋଠ,
ଶିମୁଳି ଶାଖାରେ
ବାହୁନେ କପୋତୀ
ଉଠ୍ ପୁତ ଉଠ୍
ଉଠ୍ ପୁରିଲାଣି ମାଣ,
ଏ ପାଖେ କଇଁର ପୋଖରୀ ଗାଧୁଆ ତୁଠ ।

(୩)

ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି
ନଣନ୍ଦ ତାହାର

ଅଧିକ ଚତୁରୀ

ଗାଲରେ ହଳଦୀ ମାଖେ

ହଲିଲା ପାଣିରେ ମୁହଁର ଛାଇକି ଦେଖେ ।

(୪)

ପୋଇଶାଗ ଆଉ ପାଣି କଖାରୁର ଲତା

ମାଡ଼ି ମାଡ଼ି ଆସି ଟପିଲାଣି ଘର ମଥା

ସଜନାର ଶାଖୁଁ

ଝରି ପଡ଼େ କେତେ ଫୁଲ

ବାଡ଼ ଦେହେ ପୁଣି ଅପରାଜିତାର ଛଟା ।

(୫)

ସେଇ ପଥେ ଫେରେ ଗ୍ରାମ ବଧୂ ସାରି

ସକାଳ ସ୍ନାହାନ ଏକା

ଧୂଳିରେ ଆଙ୍କି ସଜଳ ଚରଣ ରେଖା

ମାଆ ବୋଲି ଥରେ

ଡାକିବାକୁ ପ୍ରାଣ ଲୋଡ଼େ,

ପୃଥିବୀର ସମ ସହନଶୀଳା ସେ

ଅସୀମ କରୁଣାବତୀ

ନୟନେ ଶତେକ ଯୁଗର ବେଦନା ଲେଖା ।

(୬)

ଏ ପଥେ ଗ୍ରାମର ତରୁଣ ବିଦେଶେ ଯାଏ

ଲେଉଟା ପଥକୁ ନୂତନ ଘରଣୀ

ଆକୁଳେ ଅନାଇଥାଏ ।

କି ବାରତା ତାରେ ଆଣେ

କିଏ ଜାଣେ

ଅଧାର ଲୋଭୀ ଏ କାକ ।

ଏ ଗ୍ରାମଦେବତୀ

ସେ ବ୍ୟଥା ବୁଝେ କି ହାୟ !

(୭)

ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ
ପୁଅ ଝୁଅ ନାତିନାତୁଣୀରେ ରଖି
ମଶାଣି ଏ ପଥେ ଫେରେ
ଆସିବା ଜନର ସାକ୍ଷୀ ଏ ପଥ
ଫେରିବା ଜନର ବନ୍ଧୁ ।

(୮)

ଜହ୍ନ ଏ ପଥେ ଢାଳଇ ରଜତ ମାୟା
କୁମାରୀ ଦଳର ମିଳିତ କଣ୍ଠୁଁ
ସଙ୍ଗୀତ ଉଠେ ଆହା,
ଧାନ କ୍ଷେତେ ଚଳେ
କୃଷକ ତରୁଣ
ରାତ୍ରି ଶୟନ ପାଇଁ
ପ୍ରାନ୍ତର ଦେଇ ଧାଏଁ ଦେଖ ଦେଖ
ଭସାଣି ମେଘର ଛାୟା ।

(୯)

ଧୂଳିଘର ଛାଡ଼ି ଏ ପଥେ ଚଳଇ
ଶାଶୂ ଘର ଗାଆଁ ଝୁଅ
ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖି ଲୁହ ।
ଏ ପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା ।
ଛାତି ଫାଟିଯାଏ କ୍ରନ୍ଦନେ ତାର
ବିଧାତା କି ପାଇଁ ଏ ବିଧାନ କଲା କୁହ ।

(୧୦)

ଶ୍ୟାମ ପ୍ରାନ୍ତରେ ଉଲଙ୍ଗ ଶିଶୁ ସମ
ଏ ପଥ ଘୁମାଏ
ନୀଳ ନଭେ ଯଥା

ଛାୟାପଥ ମନୋରମ ।
ଗ୍ରାମ ଝରଣାରେ
ଲଙ୍ଘି ଏ ପଥ
ସରଗ ସୀମାକୁ ଧାଏଁ
ସନ୍ନ୍ୟାସୀ ସେ କି, ବିତରି କରୁଣା ଧନ ।

(୧୧)

ବନ୍ଦନା ତତେ କରଇରେ ଗ୍ରାମ ପଥ
ବାଳକ ବେଳର ହେ ମୋର ପ୍ରିୟ ସାଥି
ଅଯୁତ ଦଣ୍ଡବତ ।
ତରୁଣ ଦିନର କେଳିକୁଞ୍ଜ
ତୋ ତନୁ କର୍ପୂର ରେଣୁ
ତୋର ବେଣୁବନ ବିତାନେ ମୁଁ ଆଜି
କ୍ଳାନ୍ତ ଦିବସ ଯାପନରେ ଉପଗତ ।

(୧୨)

ଭିକ୍ଷାଶୀ ପ୍ରାଣ ପୀଡ଼େ ମତେ ଅହରହ
ପାଥେୟ ବିହୀନ ପଥିକ ମୁଁ ମଣେ
ଯାତ୍ରା ଏ ଦୁରୁବହ
ଖଇ ଓ ତୂଳାରେ ଶୁଭ୍ର କରି ତୋ ତନୁ
ରାମନାମ ସତ ମନ୍ତ୍ରେ ଚଳିବି
ତୋ ତୀର ଶମଶାନେ
କେବେ କହ କେବେ କହ ।

ପୃଷ୍ଠବଂଧ

୧ । କବି ପରିଚୟ :

କ) କବି - ବିନୋଦ ଚନ୍ଦ୍ର ନାୟକ (୧୯୧୯-୨୦୦୩) ଜନ୍ମସ୍ଥାନ - ତେଲିପାଳ, ସୁନ୍ଦରଗଡ଼ ଜିଲ୍ଲା ।

ଖ) ସୃଷ୍ଟି ସମ୍ଭାର - କବିତା - ହୈମଶ୍ରୀ, ନନ୍ଦାଦେବୀ, ନୀଳଚନ୍ଦ୍ରର ଉପତ୍ୟକା, ସରୀସୃପ (କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ), ଚନ୍ଦ୍ର ଓ ତାରା, ଇଳାବୃତ୍ତ, ସାତତାରାର ଦୀପ, ପୋହଳାଦୀପର ଇତିକଥା, ଅନ୍ୟ ଏକ ଅସରପି।

ଗ) ସୃଜନ ଆଭିମୁଖ୍ୟ - ପ୍ରାକ୍ ସ୍ୱାଧୀନତା କାଳରେ କବି ବିନୋଦ ନାୟକଙ୍କ କାବ୍ୟ ଚେତନାର ଉନ୍ମେଷ ଘଟିଥିଲା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ତାହାର ବିକାଶ ସାଧିତ ହୋଇଥିଲା । ରୋମାଣ୍ଟିକ ଲକ୍ଷଣ ତାଙ୍କ କବିତାର ବିଶିଷ୍ଟ ଗୁଣ ହେଲେ ହେଁ ସେ କମ୍ ବାସ୍ତବବାଦୀ ନୁହଁନ୍ତି । ସୁଦୂର ପ୍ରତି ମୋହ ଓ ଆକର୍ଷଣ, ପ୍ରକୃତିର ମୁଗ୍ଧ ବନ୍ଦାପନା, ପ୍ରେମ ପ୍ରତି ସଂଶୟାତ୍ମକ ଭାବାବେଶ, ଗ୍ରାମ୍ୟ ଜୀବନ ପ୍ରତି ଗଭୀର ଆସକ୍ତି ତାଙ୍କ କବିତାର ମୁଖ୍ୟ ବୈଶିଷ୍ଟ୍ୟ । କବି କଳ୍ପନା ଜଗତରେ ଦେଖିଛନ୍ତି ଚନ୍ଦ୍ର ଓ ତାରାର ଦେଶ, ଇଳାବୃତ୍ତ, ଲବଙ୍ଗଦ୍ୱୀପ, ନନ୍ଦାଦେବୀ ଏବଂ ସାତ ଦରିଆ ମଧ୍ୟସ୍ଥ କେତେ ଅଜଣା ସ୍ଥାନ । ଯେମିତିକି ସେ ଭୂଗୋଳର ରେଖାରେ ରେଖାରେ ବିଚରଣ କରୁଛନ୍ତି, ଏହିପରି ଅନୁମାନ କରିଥାନ୍ତି ତାଙ୍କ ପାଠକମାନେ । ତାଙ୍କ କବିତାର ଆଙ୍ଗିକ ଯେମିତି ଗୀତିମୟ ସେମିତି ଗଦ୍ୟାତ୍ମକ ।

୨ । କବିତାର ଭାବଧାରା :

କବିତାଟି କବିଙ୍କ ପଲ୍ଲୀପ୍ରୀତିର ଏକ ଉଜ୍ଜ୍ୱଳ ସ୍ୱାକ୍ଷର । ଗ୍ରାମପଥ ଗ୍ରାମ ପରିବେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବହୁ ସ୍ମୃତି ସୁଖ ଓ ସନ୍ତାପର ମୂକସାକ୍ଷୀ । ତାହା ପଲ୍ଲୀ ଜୀବନ ଓ ସଂସ୍କୃତି ସହ ମିଶି ସୃଷ୍ଟି କରିଛି ଏକ ଅନନ୍ୟ ଅନୁଭୂତି । ଗ୍ରାମପଥ ସହ କବିଙ୍କର ସମ୍ପର୍କ ବଡ଼ ଆବେଗିକ ଓ ନିବିଡ଼ । ସେଇ ସମ୍ପର୍କର କଥା, ଗ୍ରାମର ପ୍ରକୃତି ଓ ସଂସ୍କୃତି, ଜୀବନର ଭାବମଧୁର ଚିତ୍ର, ମାଟି ଓ ମଣିଷ ପ୍ରତି ଅସରନ୍ତି ଶ୍ରଦ୍ଧା ପରିବେଷଣ କରିବା କବିତାଟିର ଉଦ୍ଦେଶ୍ୟ ।

ଅତୀତରେ ନନ୍ଦକିଶୋର ପଲ୍ଲୀପ୍ରକୃତିର ମନୋଜ୍ଞ ଚିତ୍ରର ମୁଗ୍ଧ ଜୟଗାନ କରିଥିଲେ । ସଚ୍ଚିରାଉତରାୟ ପ୍ରଥମେ ପଲ୍ଲୀ ଦୃଶ୍ୟର ସୌନ୍ଦର୍ଯ୍ୟ ସହ ଜୀବନର ଦ୍ୱନ୍ଦ୍ୱ ଓ ଅବକ୍ଷୟ ଦେଖାଇବାକୁ ଯତ୍ନ କରିଥିଲେ । ମାତ୍ର ବିନୋଦ ନାୟକ 'ଗ୍ରାମପଥ' କବିତାରେ ଜୀବନର ଶାନ୍ତ, ସରଳ, ନିଷ୍କପଟ ହସକାନ୍ଦଭରା ଜୀବନଚିତ୍ର ଏବଂ ଜଟିଳତା ପ୍ରକାଶ କରିବା ସଙ୍ଗେ ସଙ୍ଗେ ତା'ଭିତରେ ଜୀବନର ପ୍ରାଣ ପ୍ରାଚୁର୍ଯ୍ୟ ଲକ୍ଷ୍ୟ କରିଛନ୍ତି ।

ଗ୍ରାମର ସବୁଜ ଶ୍ୟାମଳ ଶସ୍ୟକ୍ଷେତ୍ର, ପାଟବିଲ, କାଶଫୁଲ, ବେଣାପାଟ, ପୋଖରୀ ତୁଠରେ ସଦ୍ୟସ୍ନାତା ଗ୍ରାମ ରମଣୀର ମୋହନ ରୂପ, ମଥାନକୁ ଛୁଇଁଥିବା ପୋଇଶାଗ ଓ ପାଣିକଖାରୁ ଲତା, କୁମାର ପୂର୍ଣ୍ଣମୀର ଚନ୍ଦ୍ରଚକିତ ରାତି, କୁମାରୀ ଝିଅର ଶାଶୁଘର ଯିବାର ହୃଦୟ ବିଦାରକ ଦୃଶ୍ୟ, ତରୁଣର ବିଦେଶ ଯାତ୍ରା ଏସବୁର ଜୀବନ୍ତ ସଜଳ ଚିତ୍ର କବିତାଟିରେ ବର୍ଣ୍ଣନା କରାଯାଇଛି । ଗ୍ରାମପଥ କବିଙ୍କ ବାଲ୍ୟକାଳର ସାଥୀ, ଯୌବନର କେଳିକୁଞ୍ଜ ଓ କ୍ଲାନ୍ତ ବୟସର ବନ୍ଧୁ । ତେଣୁ ସେ ତାକୁ ପ୍ରଣାମ କରନ୍ତି । ଆଶା ମଧ୍ୟ କରନ୍ତି ଯେ ସେଇ ପଥରେ ଦିନେ ତାଙ୍କର ଶବାଧାର ଯିବ । ପଥ ହୋଇଯିବ ଖଇ ଓ କଉଡ଼ିର ଶୁଭ୍ରତାରେ ବିଚିତ୍ରବର୍ଣ୍ଣା ।

କବିତାଟିରେ କବିଙ୍କ ରୋମାଣ୍ଟିକ ଭାବପ୍ରବଣତା ସହ ବାସ୍ତବବାଦୀ ଦୃଷ୍ଟିକୋଣ ମିଶିଯାଇ ନୂଆ ଶୈଳୀଟିଏ ସୃଷ୍ଟି ହୋଇଛି।

୩ । କଠିନ ଶବ୍ଦାର୍ଥ :

କାଶଫୁଲ - ଶରତ ଋତୁରେ ଫୁଟୁଥିବା କାଶତଣ୍ଡୀ ଫୁଲ । ବେଣା - ବିଲରେ ହେଉଥିବା ଟାଆଁସିଆ ସରୁ ପତ୍ରର ବୁଦା ବିଶେଷ । ପାଟ - ବିସ୍ତୀର୍ଣ୍ଣ ଜଳପୂର୍ଣ୍ଣ ଧାନଜମି । ଚାରଣ - ଗୋରୁ ଚରିବା ପଡ଼ିଆ, ଗୋଚର । ଗୋଠ - ପଲ, ଗୋଷ୍ଠ । ବାହୁନେ - ଗୁଣ ସୁମରି ବିଳାପ କରିବା । ମାଜେ - ଘଷାଘଷି କରି ପରିଷ୍କାର କରିବା । ପାହୁଡ଼ - ପାଦର ଅଳଙ୍କାର ବିଶେଷ, ପାଉଁଜ । ମାଖେ - ବୋଳେ । ଛଟା - ଦୀପ୍ତି, ଭଙ୍ଗୀ । ସଜଳ - ଲୁହ, ଜଳସହିତ, ଲୋତକପୂର୍ଣ୍ଣ । ଲେଉଟା ପଥ - ଫେରିବା ବାଟ । ଆଧାର - ଆହାର, ଖାଦ୍ୟ । ବିତରି - ବିତରଣ କରି, ବାଣ୍ଟି । ରଜତ - ରୂପା ।

ରଜତମାୟା - ରୂପାପରି ଧଳା ରଙ୍ଗର ମାୟା, ଜହ୍ନରାତି ପ୍ରସଙ୍ଗରେ କୁହାଯାଇଛି । ପ୍ରାନ୍ତର- ପଡ଼ିଆ । ଉଲଙ୍ଗ - ଲଙ୍ଗଳା । ଛାୟାପଥ - ଆକାଶର ବହୁଦୂରେ ପଡ଼ିଥିବା ତାରକାଶ୍ରେଣୀ । ମନୋରମ - ସୁନ୍ଦର । ଅୟୁତ - ଏକ ହଜାରର ଦଶଗୁଣ । ବେଣୁବନ - ବାଉଁଶବଣ । ଉପଗତ - ଉପସ୍ଥିତ । ଭିକ୍ଷାଶୀ - ଭିକ୍ଷୁକ । ପାଥେୟ - ପଥର ସମ୍ବଳ । ଦୁରୂବହ - କଷ୍ଟ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । 'ଗ୍ରାମପଥ' ଗ୍ରାମ୍ୟ ଜୀବନର କିପରି ଏକ ସୁନ୍ଦର ବାସ୍ତବ ଅଭିବ୍ୟକ୍ତି - ଦର୍ଶାଅ ।

୨ । ଗ୍ରାମ୍ୟ ପ୍ରକୃତିର ରୂପବର୍ଣ୍ଣନା ଓ ସରଳ ସୁନ୍ଦର ଗ୍ରାମୀଣ ଜୀବନର ନିଛକ ପ୍ରତିଛବି 'ଗ୍ରାମପଥ' କବିତାଟିକୁ ସଫଳତା ପ୍ରଦାନ କରିଛି - ଆଲୋଚନା କର ।

୩ । ଏକ ରୋମାଣ୍ଟିକ କବିତା ଭାବରେ ଗ୍ରାମପଥ କବିତାର ମୂଲ୍ୟାଙ୍କନ କର ।

୪ । ଅନୁଭୂତିର ବାସ୍ତବତା ଓ ଜୀବନ ଦର୍ଶନର ଅଭିବ୍ୟକ୍ତି କିପରି ଗ୍ରାମପଥକୁ ଏକ ବିଶେଷ ମହତ୍ତ୍ୱ ପ୍ରଦାନ କରିଛି - ଦର୍ଶାଅ ।

୫ । ଗ୍ରାମପଥ ପଲ୍ଲୀ ଜୀବନର ବହୁ ଆନନ୍ଦ ଓ ବିଷାଦର ସାକ୍ଷୀ - ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଦୁଇ କିମ୍ବା ତିନୋଟି ବାକ୍ୟରେ ଉତ୍ତର)

୧ । କ'ଣ ଅତିକ୍ରମ କଲେ ମାମୁଘର ଗାଆଁ ଦିଶେ ?

୨ । କପୋତୀ କେଉଁଠି ଓ କ'ଣ ବାହୁନେ ?

୩ । ପୃଥିବୀର ସମ ସହନଶୀଳ - କାହାକୁ ଓ କାହିଁକି କୁହାଯାଇଛି ?

୪ । ଗୃହିଣୀମାନେ ଶୁଭବାରତା ପାଇବାକୁ କ'ଣ କରନ୍ତି ?

୫ । ଗ୍ରାମର ତରୁଣବଧୂ କାହାକୁ ଅପେକ୍ଷା କରିଥାଏ ?

୬ । ଗ୍ରାମପଥରେ ଆସିବା ଜନ ଓ ଫେରିବା ଜନ କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

୭ । ଗ୍ରାମପଥର କେଉଁ କରୁଣ ଦୃଶ୍ୟ ପ୍ରତି ହୃଦୟକୁ ଅଭିଭୂତ କରେ ?

୮ । ଗ୍ରାମପଥକୁ କବି କାହା ସହିତ ତୁଳନା କରିଛନ୍ତି ?

୯ । କ୍ଲାନ୍ତ ଦିବସ ଯାପନରେ ଉପଗତ - ଏପରି କହିବାର ତାତ୍ପର୍ଯ୍ୟ କ'ଣ ?

୧୦ । ଗ୍ରାମପଥ କବିତାରେ କବିଙ୍କର ଶେଷ ଇଚ୍ଛା କ'ଣ ବୋଲି କୁହାଯାଇଛି ?

ଓଡ଼ିଶା

ସୀତାକାନ୍ତ ମହାପାତ୍ର

ଏଇ ନଅ-ତେଇଶି ଛଣଛପର ଘରର
ଏରୁଣ୍ଡିବନ୍ଧ ଡେଇଁ ଯୁଆଡ଼େ ମୁଁ ଯାଏଁ
ଦିଲ୍ଲୀ, କି ଟୋକିଓ କି ଲେନିନ୍‌ଗ୍ରାଡ୍
କାମକୁ, କବିତାକୁ, ଚେରିଫୁଲ ସଭାକୁ
        କି ନେଭା ନଦୀକୁ
ସାଙ୍ଗରେ ନେଇଯାଏ ଘର ସାମ୍ନାରେ
ପୂବେଇ ପବନରେ ନଇଁ ପଡୁଥିବା
ବଉଳଭର୍ତ୍ତି ଆମ୍ବଗଛକୁ
ଯାହା ଭିତରେ ସ୍ୱପ୍ନ ପରି ହଳଦୀବସନ୍ତଟିଏ
'ହେଇ ଅଛି, ହେଇ ନାହିଁ' ଖେଳରେ
ହଜୁଥାଏ, ଦିଶୁଥାଏ,
ପୁଣି ହଜେ, ପୁଣି ଦିଶେ ।
ଏତିକି ମୋ ପାଇଁ ଓଡ଼ିଶା ॥
ସାଙ୍ଗରେ ନେଇଯାଏ
ଦାଣ୍ଡରେ ସଢ଼େଇଖେଳ ଖେଳୁଥିବା
କୁନି କୁନି ଛୁଆଙ୍କ
ନିଷ୍‌ପାପ ଉଦାସ ଆଖିକୁ;
ଭଙ୍ଗା ଚୌକିକୁ ୱିକେଟ୍ କରି ଉଦୁଉଦିଆ ଖରାବେଳେ
କ୍ରିକେଟ୍ ଖେଳରେ ମାତିଥିବା
କିଶୋରଙ୍କ ଉଜ୍ଜ୍ୱଳ ମୁହଁକୁ;
ଧାନ ବିଲରେ କାଦୁଅ ଚକଟି ନଇଁ ପଡ଼ିଥିବା

କୁଶା ଡେରା, ରଘୁ ମଳିକର
ଅନିଶ୍ଚିତ ଅନ୍ଧାରି ଭବିଷ୍ୟତକୁ ।
ଏତିକି ମୋ ପାଇଁ ଓଡ଼ିଶା ।
ସାଙ୍ଗରେ ନେଇଯାଏ
ଫଜେରା ନ ଫାଟୁଣୁ
କଜଳପାତି, କାଉ କି କୋଇଲି ନ ରାବୁଣୁ
ଖଣ୍ଡଗିରି ଗୁମ୍ଫାମାନଙ୍କରୁ ଭାସିଆସୁଥିବା
ଜୈନ ମୁନିଙ୍କ ଉଦାର ପ୍ରାର୍ଥନା ସ୍ୱର;
ରକ୍ତରଞ୍ଜିତ ଦୟାନଦୀ କୂଳରେ
ଅନୁଶୋଚନାରେ ଜୁଡୁସୁଡୁ
ସମ୍ରାଟଙ୍କ ବିନିଦ୍ର ପ୍ରହର;
ସାଙ୍ଗରେ ନେଇଯାଏ,
ସଞ୍ଜ ଅନ୍ଧାରରେ ବାପାକୁ ପ୍ରଥମ ଥର ପାଇଁ
ଭେଟିଥିବା କିଶୋରଟି
ମୁଣ୍ଡ ମାରିଥିବା ମନ୍ଦିର ଚୂଳରୁ
ସମୁଦ୍ରକୁ ଲମ୍ଫ ଦେଇ ଆତ୍ମ ବିସର୍ଜନରେ
ଆଦିଅନ୍ତ କରୁଣ ଶୋକର ପ୍ରହର
ଚିତ୍ରୋତ୍ପଳା ତୁଠରେ ସ୍ନାନତର୍ପଣ ସାରି
କଠୋଉ ଠକ୍ ଠକ୍ କରି
ଲେଉଟି ଆସିଥିବା ଜେଜେଙ୍କ
ସ୍ନେହଶୀଳ ସକାଳର ସ୍ୱର ।
ଏତିକି ମୋ ପାଇଁ ଓଡ଼ିଶା ।
ସାଙ୍ଗରେ ନେଇଯାଏ
ଭଙ୍ଗାମନ୍ଦିର ଗାତ୍ରରୁ
ସମୟକୁ ବେଖାତିର କରି
ସଭିଙ୍କ ଅଲକ୍ଷିତରେ ଦୂରକୁ ଅନେଇ ରହିଥିବା
ପ୍ରୋଷିତଭର୍ତ୍ତୃକା ନାୟିକାମାନଙ୍କୁ;
କଇଁଫୁଲ - ଭର୍ତ୍ତି ଗାଁ ଦୀଘି ଗାଧୁଆ ତୁଠରେ
ଅଳତାରଙ୍ଗା ପାଦ ଘଷୁଘଷୁ
କେଉଁ ଦୂର ସ୍ୱପ୍ନଲୋକରେ ହଜିଥିବା ଅନୂଢ଼ାମାନଙ୍କୁ

କଥାକଥାକରେ ଥଟ୍ଟାରେ ଉଡ଼େଇଦେଇ
ହସି ହସି ଲୋଟିଯାଉଥିବା
ସ୍ନେହଶୀଳା ଭାଉଜଙ୍କୁ ।
ଏତିକି ମୋ ପାଇଁ ଓଡ଼ିଶା ॥
ସାଙ୍ଗରେ ନେଇଯାଏ
ହଳଦୀପତ୍ରର ବାସ୍ନା, କାକରା, ଛୁଞ୍ଚିପତର
ସଞ୍ଜ ଅନ୍ଧାରରେ ଦେବୀପରି ପିଣ୍ଡାକୁ
ଆଉଜି ବସିଥିବା ଜେଜେମା
ଝୋଟିଚିତା, ଦଶରା ନହବତ
ଲକ୍ଷ୍ମୀପାଦ ଦାଣ୍ଡଦୁଆରୁ ଘର ଭିତର;
ନେଇଯାଏ ଭାଗବତର କୁନି କୁନି ଧାଡ଼ି
ନିର୍ମାଲ୍ୟ କଣିକା ଓ ଦୁଇଚକା ଆଖିର
ଏତିକ ମୋ ପାଇଁ ଓଡ଼ିଶା ॥

ସାଙ୍ଗରେ ନେଇଯାଏ ସେଇ ପୁରୁଣା ଟେବୁଲ
ଯାହା ଉପରେ ଧୂଳିକୁ ଭ୍ରୂକ୍ଷେପ ନ କରି
ଜମା ହୋଇରହେ
ମୋ ବହି ଖାତା, ଧାନ ଧାରଣା;
ବାପାଙ୍କ ହାତ ବାଜି ବାଜି ଅଧାଚିରା
ଓ ତେଲଚିକିଟା ପୁରୁଣା ଗୀତାଟିଏ
କୋଠରି ଚାରିକଣରେ ଭର୍ତ୍ତି ହୋଇ ରହେ
ମୋ ପୁଅ ଝିଅଙ୍କର ଯେତିକି ପୁରୁଣା ଖେଳଣା
ଯାହାକୁ ସେମାନେ ଏବେ ଅନେଇ ଯାଆନ୍ତିନି
ଆଉ ସେମାନଙ୍କର ଜାତିଜାତିକା
ନୂଆ ସ୍ୱପ୍ନ, ନୂଆ ଖେଳଣା, ନୂଆ କଳ୍ପନା
କୋହ ଲୁଚେଇ, ସ୍ମିତ ଖେଳାଇ
ତୁଳସୀ ଚଉରାମୂଳେ ନଇଁପଡ଼ି
ମୁଣ୍ଡିଆ ମାରୁଥିବା ଲକ୍ଷ୍ମୀ ପ୍ରତିମାର ନୀରବ ପ୍ରାର୍ଥନା ॥
ଏରୁଣ୍ଡିବନ୍ଧ ଡେଇଁ ବାହାରକୁ ଗଲେ
ଏତିକ ମୁଁ ସାଙ୍ଗରେ ନେଇଯାଏ ।
ଏତିକ ମୋ ପାଇଁ ଓଡ଼ିଶା ॥

ପୃଷ୍ଠବଂଧ

୧ । କବି ପରିଚୟ :

କ) କବି - ସୀତାକାନ୍ତ ମହାପାତ୍ର (୧୯୩୭) ଜନ୍ମସ୍ଥାନ - କୋରୁଆ, ପାଟକୁରା, କେନ୍ଦ୍ରାପଡ଼ା

ଖ) ସୃଷ୍ଟି ସମ୍ଭାର - କବିତା - ଦୀପ୍ତି ଓ ଦ୍ୟୁତି, ଅଷ୍ଟପଦୀ, ଶବ୍ଦର ଆକାଶ, ସମୁଦ୍ର, ଚିତ୍ରନଦୀ, ଆରଦୃଶ୍ୟ, ସମୟର ଶେଷନାମ, କାହାକୁ ପୁଛିବା କହ, ଚଢ଼େଇରେ ତୁ କି ଜାଣୁ, ଫେରି ଆସିବାର ବେଳ, ବର୍ଷା ସକାଳ, ପଦଚିହ୍ନ, କପଟପାଶା । ପ୍ରବନ୍ଧ ଓ ଭ୍ରମଣକାହାଣୀ - ଭିନ୍ନ ଆକାଶ ଭିନ୍ନ ଦୀପ୍ତି, ନିଃସଙ୍ଗ ମଣିଷ, ଅନେକ ଶରତ । ଆଦିବାସୀ କବିତା ସଂକଳନ - ସାରହୁଲ୍‌ର ଜନ୍ମ ।

କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଓ ସ୍ୱୀକୃତି - ଜ୍ଞାନପୀଠ ପୁରସ୍କାର, ପଦ୍ମଭୂଷଣ ।

ଗ) ସୃଜନ ଆଭିମୁଖ୍ୟ - ସୀତାକାନ୍ତ ମହାପାତ୍ର ସାଂପ୍ରତିକ କାଳର ଜଣେ ମନନଶୀଳ ପ୍ରତିଭାବାନ୍ ସ୍ରଷ୍ଟା । ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ କବିତାକୁ ସମନ୍ୱିତ କରି ସେ ଓଡ଼ିଆ କବିତାକୁ କେବଳ ଗଢ଼ି ନାହାନ୍ତି ତାକୁ ଦେଇଛନ୍ତି ନୂତନ ଶକ୍ତି, ଏକ ନୂଆ ପରିଚିତି । ମାଟିରୁ ଆକାଶ ପର୍ଯ୍ୟନ୍ତ ତାଙ୍କ କବିତାର ପରିସର ବିସ୍ତୃତ । ଅନୁଭବର ଗଭୀରତା, ପ୍ରାଣସ୍ପର୍ଶୀ ଆବେଗ ଏବଂ ଚମତ୍କାର ଉପସ୍ଥାପନା ଶୈଳୀ ହିଁ ତାଙ୍କ କବିତାର ବିଶେଷତ୍ୱ । ସାଂପ୍ରତିକ କାଳ ଓ ସମକାଳୀନ ମାନସିକତା ତାଙ୍କ କବିତାର ପୃଷ୍ଠଭୂମି । ମୃତ୍ୟୁବୋଧ, ସମୟଚେତନା, ଈଶ୍ୱରପ୍ରୀତି ଓ ମାନବପ୍ରୀତି ତାଙ୍କ କବିତାର ବୈଶିଷ୍ଟ୍ୟ । ମିଥ୍‌କୁ ନେଇ କବିତା ଲେଖିବାରେ କବି ସିଦ୍ଧହସ୍ତ ।

୨ । କବିତାର ଭାବଧାରା :

କବିତାଟିରେ 'ଓଡ଼ିଶା' ପ୍ରତି କବିଙ୍କର ଗଭୀର ଶ୍ରଦ୍ଧା ଏବଂ ମମତ୍ୱବୋଧ ପ୍ରକଟିତ । ଓଡ଼ିଶା କବିଙ୍କ ପାଇଁ କେବଳ ଏକ ରାଜନୈତିକ ଭୂଖଣ୍ଡ ନୁହେଁ; ଏକ ମୁଗ୍ଧ ଅନୁଭବ, ଏକ ଅଭୁଲା ସ୍ୱପ୍ନ ମଧ୍ୟ । ତାଙ୍କ ସ୍ମୃତିର ନିର୍ଯାସ, ସ୍ଥିତିର ସାରାଂଶ ହେଉଛି ଏହି କବିତା । ଏହାର ଏକ ନିଜସ୍ୱ ପରିଚୟ ରହିଛି; ସ୍ୱାତନ୍ତ୍ର୍ୟ ମଧ୍ୟ । ଓଡ଼ିଶାର ଐତିହ୍ୟ ଓ ପରମ୍ପରା, ସଂସ୍କୃତି ଓ ଚଳଣି, ଜନଜୀବନର ସଜଳ ସ୍ମୃତି, ମାଟି ଓ ମଣିଷ ପ୍ରତି ଗଭୀର ଶ୍ରଦ୍ଧା କବିତାଟିରେ ମୂର୍ତ୍ତିମନ୍ତ । କବିତାଟିର ଭାଷା ସରଳ ଓ ଭାବଗର୍ଭକ । ଆଲୋଚ୍ୟ କବିତାଟି 'କପଟପାଶା' କବିତାଗ୍ରନ୍ଥରେ ସ୍ଥାନିତ ।

୩ । କଠିନ ଶବ୍ଦାର୍ଥ :

ନୋଭାନଦୀ - ଜାପାନର ଏକ ନଦୀ । ନିଷ୍ପାପ - ପାପଶୂନ୍ୟ । ଫଜେରା - ସିନ୍ଦୂରା, ସୂର୍ଯ୍ୟଉଦୟର ପୂର୍ବାବସ୍ଥା । ଉଦାତ୍ତ - ଉଚ୍ଚମନରେ । ଅନୁଶୋଚନା - ଦୁଃଖ । ବିନିଦ୍ର - ନିଦ୍ରାହୀନ, ରାତିସାରା ଅନିଦ୍ରା । ଆଦି ଅନ୍ତ - ଆରମ୍ଭ ଓ ଶେଷ । ଅଲକ୍ଷିତରେ - ଅଲକ୍ଷ୍ୟରେ । ପ୍ରୋଷିତ ଭର୍ତ୍ତୃକା - ନାନା କାର୍ଯ୍ୟ ଉପଲକ୍ଷେ ଯାହାର ସ୍ୱାମୀ ବିଦେଶରେ ରହିଥାଏ । ସ୍ମିତ - ମୁରୁକି ହସିବା । ଛୁଞ୍ଚିପତର - ପୁରଦିଆଯାଇଥିବା ସରୁ ଚକୁଳି ଜାତୀୟ ପିଠା ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

୧ । ଓଡ଼ିଶା ସହିତ କବିଙ୍କର ସଂପର୍କ କିପରି ନିବିଡ଼ ପଠିତ କବିତା ଅବଲମ୍ବନରେ ବିଚାର କର ।

୨ । ଓଡ଼ିଶାର ଐତିହ୍ୟ ଏବଂ ସଂସ୍କୃତିର ପରିଚୟ 'ଓଡ଼ିଶା' କବିତାର ମୁଖ୍ୟ ଅବଲମ୍ବନ କିପରି ଦର୍ଶାଅ ।

୩ । ଓଡ଼ିଶା କେବଳ ଏକ ରାଜନୈତିକ ଭୂଖଣ୍ଡ ନୁହେଁ - ଏହାର ଏକ ନିଜସ୍ୱ ପରିଚୟ ରହିଛି - ପଠିତ କବିତା ଅବଲମ୍ବନରେ ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର ।

୪ । 'ସ୍ମୃତି' ହିଁ କବିତାଟିର ମୁଖ୍ୟ ଆଧାର - ଓଡ଼ିଶା କବିତାକୁ ଆଧାର କରି ଉକ୍ତିଟିର ଯଥାର୍ଥତା ବିଚାର କର ।

୫ । ମାଆ, ମାଟି ଓ ମଣିଷର ପ୍ରେମ କବିତାଟିରେ କିପରି ପ୍ରଦର୍ଶିତ - ଆଲୋଚନା କର ।

୬ । ସରଳଭାଷା ଓ ଉଚ୍ଚ ଭାବଧାରାର ସମନ୍ୱୟରେ 'ଓଡ଼ିଶା' କବିତାଟି କିପରି ସଫଳ - ଆଲୋଚନା କର ।

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ :

(ଦୁଇ ବା ତିନୋଟି ବାକ୍ୟରେ ଉତ୍ତର)

୧ । କେଉଁ ଦୂର ସ୍ଥାନକୁ ଗଲେ ମଧ୍ୟ କବି ଓଡ଼ିଶାକୁ ଭୁଲିପାରନ୍ତି ନାହିଁନ୍ତି ?

୨ । କିଏ 'ଦେଇଅଛି, ଦେଇନାହିଁ', ଖେଳରେ ବ୍ୟସ୍ତ ଥାଏ ?

୩ । କିଶୋରମାନେ ଖରାବେଳେ କ'ଣ କରନ୍ତି ?

୪ । କାହାର ଅନିଶ୍ଚିତ ଭବିଷ୍ୟତ କଥା କବିତାଟିରେ କୁହାଯାଇଛି ?

୫ । ଖଣ୍ଡଗିରି ଗୁମ୍ଫାରୁ ବଡ଼ି ସକାଳୁ କ'ଣ ଶୁଣାଯାଏ ?

୬ । ଦୟାନଦୀ କୂଳରେ କାହାର ଅନୁଶୋଚନା କଥା କୁହାଯାଇଛି ?

୭ । କିଶୋର ବାଳକଟି କାହାକୁ ଭେଟିବାକୁ ଯାଇଥିଲା ?

୮ । କିଏସେ ସମୁଦ୍ରରେ ଆତ୍ମବିସର୍ଜନ ଦେଇଥିଲା ?

୯ । ଗାଧୁଆ ତୁଠରେ ସ୍ୱପ୍ନଲୋକରେ କେଉଁମାନେ ହଜିଥାଆନ୍ତି ?

୧୦ । ଜେଜେଙ୍କ ସଂପର୍କରେ କବିତାଟିରେ କ'ଣ କୁହାଯାଇଛି ?

୧୧ । ଭଙ୍ଗାମନ୍ଦିର ଗାତ୍ରରେ କେଉଁମାନେ ଦୃଷ୍ଟିଗୋଚର ହୁଅନ୍ତି ?

୧୨ । କାହାକୁ 'ଦେବୀ' ବୋଲି କୁହାଯାଇଛି ?

୧୩ । 'ଦୁଇ ଚକାଆଖିର ଅଭୟବର' ଉକ୍ତିଟିରେ କବି କ'ଣ କହିବାକୁ ଚାହୁଁଛନ୍ତି ?

୧୪ । କୋଠରୀ ଚାରିକଣରେ କ'ଣ ସବୁ ଭର୍ତ୍ତି ହୋଇ ରହିଥାଏ ?

୧୫ । 'ଲକ୍ଷ୍ମୀ ପ୍ରତିମା' ବୋଲି କବି କାହାକୁ ଉଦ୍ଦେଶ୍ୟ କରିଛନ୍ତି ?

ଗଳ୍ପ

ନୀଡ଼

ରାଜକିଶୋର ପଟ୍ଟନାୟକ

ମଣିଷ ଯେତେବେଳେ ମଣିଷଠାରୁ କୌତୂହଳ ହରାଏ, ସେତେବେଳେ ସେ ଦୃଷ୍ଟି ଫେରାଏ ମଣିଷରୁ ପଶୁପକ୍ଷୀ ଆଡ଼କୁ । ସେତିକିବେଳେ ଭରତ ମିତ୍ରତା କରିଥିଲା, କେତୋଟି ଘରଚଟିଆଙ୍କ ସାଙ୍ଗରେ । ସେମାନେ ମଣିଷର ବନ୍ଧୁ କେଜାଣି କେତେ ଯୁଗରୁ । ସେମାନଙ୍କର ଜନ୍ମ-ପତ୍ରିକା ସିନା ମିଳେ ନାହିଁ; କିନ୍ତୁ ସେମାନେ ବସା ବାନ୍ଧି ରହି ଆସୁଚନ୍ତି ମଣିଷର ଘରେ । ମଣିଷ ତାକୁ ଘରଚଟିଆ ନାଁ ଦେଇଥିଲା । ମଣିଷ ତିଆରି ଘରେ ସେମାନଙ୍କ ଚିରଦିନ ଆଶ୍ରୟ । ଭରତ ଘରେ ପଲେ ଚଢ଼େଇ ଦିନରାତି ଚଳପ୍ରଚଳ ହେଉଥିଲେ । ସେଥି ଭିତରୁ ଯୋଡ଼ିଏ ତା'ର ବନ୍ଧୁ ।

ଦେଖିବାକୁ ଏକାପରି । ଗତ ବର୍ଷର ଚଢ଼େଇଗୁଡ଼ାକ ଚଳିତ ବର୍ଷ ଅଛନ୍ତି କି ନାହାନ୍ତି - ସେ ସମ୍ବାଦ ଭରତ ପାଖରେ ବି ନାହିଁ । ଭରତ କାମ ଉପରୁ ଆଖି ଉଠାଇଲେ ସେମିତି ଯୋଡ଼ିଏ ପରିଚିତ ଚଢ଼େଇ ଦେଖେ । ଆସିଥାନ୍ତି ଝିଣ୍ଟିକା, ପୋକ, ବୁଢ଼ିଆଣୀ ଖାଇବାକୁ । ବର୍ଷାଦିନର ଓଦା ଛାତ ଭିତରେ ଉଇଙ୍କର ବଳ ଆସେ । ଚୂନ ଫୁଟାଇ ସେମାନେ ମାଟି ଗାଳନ୍ତି, ପଦାରେ ତଳଯାଏ ଆସି ବହି କାଗଜ ଖାଇ ନ ପାରିଲେ ଉପରେ ବର୍ଗା କାଠର ପଳଖାକୁ ଖାଉଥାନ୍ତି । ବାହାରଟା ଊଣାଅଧିକେ ସେମିତି ଥାଏ । ଆଉ ବହୁତ ଉଇଙ୍କର ସଂସାର ।

ମାଟି ଖୋଳ ଭିତରୁ ଉଇଙ୍କୁ ଖାଇଯିବାକୁ ଚଟିଆ ଥଣ୍ଟ ମାରୁଥାନ୍ତି । ଭରତ ଆନନ୍ଦରେ ଚାହିଁ ରହେ - ଏମାନେ ବନ୍ଧୁ । ତାର ସମ୍ପଦର ସାଥୀ ଦୁଃଖର ବନ୍ଧୁ ।

ହଠାତ୍ ଧଳା ନଣ୍ଡି ଆସି ଉପରେ ପଡ଼େ । ଭରତ ଚମକି ପଡ଼େ ତଳେ ଥିବା କାଗଜ, ପିନ୍ଧାଲୁଗା, ବାସନାତେଲମଖା ମୁଣ୍ଡ ଅସନା ହୋଇଯାଏ । ସେ ପାଟି କରେ - ଏଗୁଡ଼ାକ ଯାଉନାହାନ୍ତି କାହିଁକି ? ତାଳି ମାରି ହୁରୁଡ଼ାଏ । କାଗଜଗୁଳା କରି ଫୋପାଡ଼େ - ସେମାନଙ୍କୁ ତଡ଼ିବାକୁ ଚେଷ୍ଟା କରେ ।

ପକ୍ଷୀ ସ୍ୱରରେ ସେମାନେ ପ୍ରତିବାଦ କରନ୍ତି - 'ଆମେ ଯିବୁ ନାହିଁ । ଆମେ ତୁମର ସୁଖସମୃଦ୍ଧିର ବନ୍ଧୁ । ଆମକୁ ଦେଖୁଥିବା ଯାଏ, ତୁମେ ଜାଣିଥିବ ଯେ ତୁମର ସମ୍ପଦ ଅଛି ।' ସେମାନେ ଏଠୁ ଉଡ଼ି ସେଠି ବସନ୍ତି । ଅନ୍ଧାରୁଆ ଜାଗାକୁ ଫେରିଆସନ୍ତି । ଭରତର ହାତ ପାଖରେ ଧରା ଦିଅନ୍ତି ନାହିଁ । ସେ ଧାଇଁ ବୁଲେ ଗୋଡ଼ରେ ଆଉ ଭୂଇଁ ଉପରେ । ସେମାନେ ଉଡ଼ି ବୁଲନ୍ତି ଶୂନ୍ୟରେ । ଭରତ ତଳେ ରହେ, ସେମାନେ ଉପରେ ରହନ୍ତି ।

ଭରତ ଘରେ ପ୍ରତିବର୍ଷ ଭାଦ୍ରବ ମାସରେ ଚଟିଆଙ୍କର ଉତ୍ପାତ ବଢ଼େ । ବାହାରୁ କେତେ କାଠିକୁଟା, ସେମାନେ ଲାଗିପାତି ବୋହୁଥାନ୍ତି - ଛୋଟିଆ ଶରୀର, ଛୋଟିଆ ଥଣ୍ଟ, ହାଲୁକା ନଡ଼ା, ବେଣା, କାଠିକୁଟା ଧରି ଉଡ଼ିଆସନ୍ତି । କଣ୍ଠର କାକଳି କହିଦିଏ- 'ଆମେ ଆସିଛୁ । ତମରି ଘର ଭିତରେ ଆମର ଟିକିଏ ଘର ରହିବ ।' ଆସନ୍ତି ହଳେ ।

ଶିକାର କରିବାକୁ ଆସନ୍ତି ପାଞ୍ଚସାତଟି । ଭାତ ଦି'ଟା ବୁଣି ହୋଇଗଲେ, ଚାଉଳ ବସ୍ତାଟି ଆସିବାର ସମ୍ବାଦ ମିଳିଲେ, ଖିଡ଼ିକିର ଜଳାବାଟେ, ମେଲା ଦୁଆର ବାଟେ ଡାକି ଫୁକାରି ଉଡ଼ି ପଶନ୍ତି - ଛୋଟିଆ ପେଟ, ଅଳପ ଆଧାର ।

- ନିଆଁଲଗା ଚଢ଼େଇ ସବୁ ଭସ୍ମ କଲେ । ବସ୍ତା ଫଟାଇ ଦଉଛନ୍ତି । ରୋଜ ରୋଜ ମୁଠିଏ ନେଲେ - ଯେ ତ ନେଲେଣି ଚଉଠେ । ଆଉ ଚାଉଳ ଅଣ୍ଟିବ କେଉଁଠି ?

କଣ୍ଟ୍ରୋଲ ବଜାର । ଚାଉଳର ଦାମ ବଢୁଛି, ଭିକାରିଙ୍କ ସଂଖ୍ୟା ବଢ଼ିଛି । ଚଟିଆ ଚଢ଼େଇଙ୍କ ଆଧାର ଊଣା ହୋଇ ନାହିଁ । ସେମାନେ ଡାଲଦା ଆଉ ନାନାପ୍ରକାର ମିଶା ଜିନିଷ ଖାଇ ପେଟ ପୂରାନ୍ତି ନାହିଁ । ବସୁମାତା ଯାହା ଫଳେଇଲା, ସେଥିରେ ତାଙ୍କର ଅଧିକାର ଜାହିର କରିଯା'ନ୍ତି; କାରଣ ସେମାନେ ମଣିଷର ବନ୍ଧୁ ।

ସେଇ ବନ୍ଧୁଙ୍କୁ ମାରିବା ପାଇଁ ସରକାରୀ ମହକୁମାର ନାନାପ୍ରକାର ସଭାସମିତି ବସେ । ମାରିବାର ଉପାୟ ସ୍ଥିର କରିବାକୁ ବହୁତ ପଢ଼ିଥିବା ଲୋକେ, ବିଲାତରେ ପାଠ ପଢ଼ିଥିବା କର୍ମଚାରୀମାନେ ବସି ବସି ଅସୁମାରି ଯୋଜନା କରନ୍ତି। ବିଜ୍ଞାପନ ଦିଅନ୍ତି । ସରକାରୀ ବାର୍ତ୍ତା ପ୍ରଚାର କରନ୍ତି - ଘରଚଟିଆ ଫସଲର ପ୍ରଧାନ ଶତ୍ରୁ । ମଣିଷର ପ୍ରଧାନ ଶତ୍ରୁ । ତାକୁ ନିପାତ କର ।

ଚଟିଆମାନେ ସେମିତି ତାଙ୍କର - ନୁହେଁ କର୍କଶ, ନୁହେଁ ମଧୁର - ଗୀତ ଗାଉଥାନ୍ତି... ଆମକୁ ମାର ବା ରଖ, ଆମେ ତମରି କୋଡ଼ ପାଖରେ । ଆମେ ତୁମର ନିଜ ଲୋକ । ତୁମର ବିପଦର ବନ୍ଧୁ, ସମ୍ପଦର ସଖା, ଉନ୍ନତିର ସଂକେତ ।

ଭୟ ଆସେ ନାହିଁ; ସେଇ ଚଢ଼େଇ, ରାଜ୍ୟରେ ଆତଙ୍କ ଖେଳେ ନାହିଁ । କେହି ବସା ବଦଳାନ୍ତି ନାହିଁ, କେହି ବି ପଳାନ୍ତି ନାହିଁ ।

ତାଙ୍କର ବଂଶ ସେମିତି ବଢୁଥାଏ । ସେମାନେ ପ୍ରତିବର୍ଷ ଭରତ ମୁଣ୍ଡରେ, ଭରତ ଉପରେ ତାଙ୍କର ବନ୍ଧୁତାର ଅତ୍ୟାଚାର, ସଖ୍ୟର ଦୌରାତ୍ମ୍ୟ କରିଯାଉଥା'ନ୍ତି ।

ଭରତ ଚାହିଁ ରହେ, ସଂସାର ତା'ର ବଙ୍କା ବାଟରେ ଶତ୍ରୁତା ବିରୋଧରେ ସ୍ୱାର୍ଥପରାୟଣ ବାଟରେ ଯେଣେ ଇଚ୍ଛା ତେଣେ ଗଲେ ବି ଚଟିଆଙ୍କ ସଂସାର ଉପରେ ତା'ର କୌଣସି ଚାପା ପଡ଼ି ନାହିଁ । ସେ ବି ଯେ ବିରୋଧ ନ କରିଛି, ତାହା ନୁହେଁ । ବାପା ଯେଉଁଠି ଚାହା ଖାନ୍ତି, ସେହି ପିଣ୍ଡା ଉପରର ମଥାନ କୋଣରେ ଚଟିଆ ବେଶି ବସା ବାନ୍ଧେ । ବାରମ୍ବାର ସେହି ବସା ଭଙ୍ଗା ହୁଏ । ଆଶ୍ରୟ ହରାଇ ଚଢ଼େଇମାନେ ଏଣେତେଣେ ହୁଅନ୍ତି । କୋଉଠି ଛୁଆ ଦିଅନ୍ତି କେଜାଣି ?

ଭରତର ଅଫିସ୍ ଟେବୁଲ ଉପରେ ସେମିତି ତାଙ୍କ କୁଟା ଆସି ଜମାହୁଏ । ଭରତ ଉଠିଯାଇ ତା'ର ବାଙ୍କୁଲି ବାଡ଼ିରେ ସେଇ ବସାକୁ ଖେଞ୍ଚି ବାହାର କରେ । ତାଙ୍କର କେଇ ଦିନର ପରିଶ୍ରମ ପଡ଼ିଯାଏ ମାଟି ଉପରେ - ପୁଣି ଅଳିଆଗଦାକୁ ଫେରିଯାଏ । ଭରତ ଖାଇସାରିବା ପରେ ଦି'ଟା ଅଇଁଠା ଭାତ ପାଇଁ ଚଢ଼େଇମାନେ ଆସି ଓଜର କରନ୍ତି । କୁକୁଡ଼ା, କାଉ ଜଗି ରହନ୍ତି । ଭରତ ବୁଣିଦିଏ ଚାରିପାଞ୍ଚ ଜାଗାରେ । ଚଟିଆଙ୍କ ଭାଗରେ ଦି'ଟା ପଡୁ ।

ଖାଇଲାବେଳେ ତ ଲାଞ୍ଜ ହଲାନ୍ତି - କୁକୁର ପରି କୃତଜ୍ଞତାରେ ନୁହେଁ । ସେଥିରେ କ'ଣ ଅଛି ନ ଅଛି ସେତକ ପ୍ରତି ଚଢ଼େଇଙ୍କର ଧ୍ୟାନ ନ ଥାଏ । ଭରତର ବି ମନ ନ ଥାଏ । ଅଫିସ୍ ଟେବୁଲ ଉପରେ ଭରତ ସେମାନଙ୍କର ଶତ୍ରୁ । ଖାଇସାରି ହାତ ଧୋଇଲାବେଳେ ଭରତ ସେମାନଙ୍କ ମିତ୍ର । କେହି ନ ଥିଲାବେଳେ ସେହି ଚଢ଼େଇମାନେ ଭରତର ତନ୍ମୟତା ବାରମ୍ବାର ଭାଙ୍ଗି ଦିଅନ୍ତି । ଭରତକୁ ଏକୁଟିଆ କରି ଛାଡ଼ିଯାଆନ୍ତି ନାହିଁ । ସେମାନେ ତା'ର ବନ୍ଧୁହୀନ ସମୟର, ଛୁଟି ବେଳର, ନିର୍ଜନତାର ସାଥୀ ।

ମାଈ ଚଢ଼େଇମାନେ ଟିକିଏ ଛୋଟ - ଠିକ୍ ଆମର ଟିକି ବୋହୂ ପରି ପାତଳ ଆଉ ଗୋରା । ଆଖିରେ ଭୟ । ବ୍ୟବହାରରେ ସଂକୋଚ । ଡରି ଡରି ପାଟି କରନ୍ତି । ଆଦର ନ ପାଇଲେ ପାଖ ପଶନ୍ତି ନାହିଁ ।

ଅଣ୍ଡିରା ଚଢ଼େଇମାନେ ଦେଖିବାକୁ ମୋଟା ଆଉ ବଡ଼ । ବେକ ପାଖରେ ଆଉ ମୁହଁରେ ଥାଏ ଭଲ କଳା ରଙ୍ଗ-କାଳିଆ ଦାଢ଼ି ପରି ଦିଶେ । ଭୟ କମ୍, ପାଟି କରନ୍ତି ବେଶି ।

ଭରତ ଚାହିଁରହେ । ସେମାନେ ବସିବସି ତାଙ୍କର ପର ଝାଡ଼ିବା, ଉକୁଣି ଖାଇବା, ଖେଳିବା, ବୁଲିବା କାମରେ ମଜ୍ଜି ରହିଥାନ୍ତି । ସରକାରଙ୍କର ପ୍ରଚାର ବିଭାଗ ମୋଟା ଦରମାଖିଆ ହାକିମଙ୍କର କରାମତି ନାଲିଫିତା ଭିତରେ କୁଢ଼କୁଢ଼ ଲେଖା ହୁଏ, ସେମାନଙ୍କର ସଂସାରରେ ସେ ସମ୍ବାଦ ପହଞ୍ଚେ ନାହିଁ ।

ପୁରୁଷର ପୁରୁଷପଣିଆ ବଢ଼ାଇବାକୁ କବିରାଜ ଧରି ମୋଦକ କରନ୍ତି । ଛୋଟ ପିଲାଏ ଖେଳିବାକୁ ଘର ବନ୍ଦ କରି ସେମାନଙ୍କୁ ଧରନ୍ତି । ଧରାପଡ଼ିଲେ ନ ମରିବା ଯାଏ ସେମିତି ଭଦ୍ର ପରି ରହିଥାନ୍ତି । ଏମାନେ ଭରତର ବନ୍ଧୁ ।

କେତେଦିନ କେଜାଣି ଭରତ ସେମିତି ତ ଦେଖିଆସିଛି ସେମାନଙ୍କୁ । ବାପ-ପୁଅ, ଭାଇ-ଭାଇ, ମାମୁ-ଭଣଜା, ଦାଦି-ପୁତୁରା ଓ ବାବୁ-ଚାକର ବିଭିନ୍ନ ଭାବରେ ମିଶି ଏଇ ଚଟିଆ ସଂସାରକୁ ଦେଖି ଆସିଥିଲେ ।

ଭରତଙ୍କ ବାପା ମରିବାର କେଇଦିନ ଆଗରୁ ଚଟିଆପଲ ଚାଲିଗଲେ । ମାଳ ମାଳ ହେଉଥାନ୍ତି ଘରେ ବାହାରେ । ଗୋଟିଏ ବି ଦେଖା ନାହିଁ । ସେମାନେ କହିଦେଇ ଗଲେ - ଏଇ ଘରକୁ ବିପଦ ଆସୁଛି ତମର ଖାଇଥିଲୁ । ତମରି ଘରେ ବସା ବାନ୍ଧିଥିଲୁ । ଆମ ଋଣ ଶୁଝେଇ ଦେଇଗଲୁ ।

ବାପାଙ୍କର ସେବାରେ ବ୍ୟସ୍ତ ରହି କେହି ଲକ୍ଷ୍ୟକରି ନ ଥିଲେ । ତାଙ୍କୁ ମଶାଣିରେ ଶୁଆଇ ଦେଇସାରିବା ପରେ ତାଙ୍କରି ଅଭାବର ବୋଝ ଟାଣି ଟାଣି ଦିନ ଗଡୁଥିଲା । ହଠାତ୍ ଦିନେ ପୁଣି ସେହି ପରିଚିତ କାକଳି ଶୁଭିଲା - ସେମାନେ ଫେରି ଆସିଛନ୍ତି । ଯେମିତି ନ କହି ଚାଲିଯାଇଥିଲେ, ସେମିତି ପୁଣି ଲେଉଟି ଆସିଛନ୍ତି ।

- ଆରେ ଚଟିଆମାନେ ଥିଲେ କୁଆଡ଼େ ? ଏତେ ହାଉଯାଉ ହେଉଥିଲେ । ଗୋଟିଏ ବି ଦେଖା ପଡୁ ନ ଥିଲେ ।

- ଜାଣନ୍ତି ନାହିଁ ଆପଣ, ସେମାନେ ମେଘ ହେବ କି ନାହିଁ, କହି ଦିଅନ୍ତି । ବିପଦ ଆସୁଛି କି ନାହିଁ ଜଣେଇ ଦିଅନ୍ତି। ଆପଣଙ୍କ ବିପଦରେ ଆପଣଙ୍କୁ ନ ଚିଡ଼େଇ ସେମାନେ ଚାଲି ଯାଇଥିଲେ । ପୁଣି ଦେଖିବେ । ପରଖ କରିବେ ।

- ତମ ଘରୁ କେତେ ଧାନ ଖାଆନ୍ତି ? ଏଣେ ଛିଣ୍ଡା ପିନ୍ଧୁଛ ଆଉ ତେଣେ ଚଟିଆଙ୍କର ଭଲମନ୍ଦ ପରଖୁଛ । ତମେ ଗାଁ ଲୋକ ବଡ଼ ବୋକା । ନୁହଁ ଟିମା ?

- ବୋକା ନୋହୁଁ କାହିଁକି ? ବୋକା ହେଇ ନ ଥିଲେ ଗାଁରେ କାହିଁକି ଥା'ନ୍ତୁ । ତେବେ ବାବୁ ଏଇ ଚଟିଆ, ମୂଷା, ପିମ୍ପୁଡ଼ି କେତେ ଖାଇବେ ? ତାଙ୍କର ଅବା ପେଟ କେତେ ?

- ଖାଉ ନାହାନ୍ତି ? ମହାଜନଠାରୁ ଦେଢ଼ି କରୁଛ ତ ?

- ସେ ତ ଆମ କପାଳ । କରଜିଆ ହୋଇ ଜନମ ପାଇଛୁ । ଏବେ ନିନ୍ଦିଲେ କ'ଣ ହେବ ?

- ଏଇ ମୂଷା, ଚଟିଆ, ପୋକଜୋକ ମରିଗଲେ କେତେ ଭଲ ନ ହୁଅନ୍ତା ? କେଡ଼େ ଭଲରେ ନ ରୁହନ୍ତ ?

ଉପର ବରଗାରେ ହଳେ ଚଟିଆ ଖୁଜ୍‌ବୁଜ୍ ହେଉଥାନ୍ତି । ପକ୍ଷୀ ଝାଡ଼ି, ପାଟି ଖୋଲି ଆନନ୍ଦ ହେଉଥାନ୍ତି । ଉପରକୁ ଚାହିଁ ଟିମା କହିଲା - ଆହା, ଦେଖନ୍ତୁ ଆଜ୍ଞା, କେଡ଼େ କୌତୁକିଆ ହୋଇଛନ୍ତି । ଏମାନେ ଦି'ଥଣ୍ଟ ନେଲେ ନିଅନ୍ତୁ ।

ଅଭାବ ଅନଟନ ଭିତରେ ଲୋକଟିର ସେଇ ସହାନୁଭୂତିଭରା କଥା କେଇପଦ ଚଟିଆ ଯୋଡ଼ିକ ବୁଝିଲେ ନାହିଁ ସତ; କିନ୍ତୁ ସେତିକି ହେଉଛି ସଂସାରର ଧର୍ମ ।

ଯେ ନିଜେ ନ ଖାଇ ଏମିତି କହିବୋଲି ପାରୁ ନ ଥିବା ଜୀବଜନ୍ତୁଙ୍କ ପ୍ରତି ଦୟା ରଖିଥାଏ, ତାଙ୍କର ଆଧାରରେ ବାଧା ଦିଏ ନାହିଁ, ସେ ହେଉଛି ମଣିଷ । ଆଉ ମଣିଷକୁ ମଣିଷ ବୋଲି ଚେତେଇ ଦେବା ପାଇଁ, ମଣିଷର ମଣିଷପଣିଆ ପରଖ କରିବା ପାଇଁ ସୃଷ୍ଟିକର୍ତ୍ତା ଏମିତି କେତେକ ପ୍ରାଣୀଙ୍କୁ ଛାଡ଼ି ଦେଇଛନ୍ତି ।

କିଏ ପୁରୁଷପଣିଆ ବଢ଼େଇବା ପାଇଁ ତାଙ୍କୁ ଧରି ଖାଉଛି, ଆଉ କିଏ ମଣିଷପଣିଆ ଦେଖାଇବା ପାଇଁ ତାଙ୍କୁ ଖୁଆଉଛି । ନିରକ୍ଷର ଲୋକ ପରି ତାଙ୍କ ଭାବ ଓ ଭାଷା । ସେମିତି ତାଙ୍କର ଭୟ । ସେମିତି ତାଙ୍କର ଭବିଷ୍ୟତ ।

ତଳେ ଭରତବାବୁ । ଉପରେ ଚଟିଆ ଦୁଇଟିକୁ ଆଉ ଗୋଡ଼ ପାଖରେ ବସିଥିବା ଗାଉଁଲି ଲୋକଟିକୁ ବାରମ୍ବାର ଦେଖୁଥିଲେ । ଉପରର ପକ୍ଷୀ ଦୁଇଟିଙ୍କର ତଳ ଲୋକଟି ସାଙ୍ଗରେ ମନ ମିଶୁଛି । ଭରତବାବୁ ଏକୁଟିଆ ।

ଦୀର୍ଘନିଃଶ୍ୱାସ ପକାଇ ସେ ମନେମନେ କହିଥିଲେ ଏତେ ଜ୍ଞାନର ଉପଲକ୍ଷ ଏଇ ଚଢ଼େଇ ଦୁଇଟି - କେଜାଣି ? ହଉ ତାଙ୍କୁ କ୍ଷମା ଦିଆଗଲା ।

କେତେ ବସା ଭଙ୍ଗା ନ ହୋଇଛି - କେତେଥର ତାଙ୍କୁ ଘଉଡ଼େଇ ଦିଆ ନ ହୋଇଛି ? ଅଦରକାରୀ କାଠିକୁଟା ପରି ତାଙ୍କୁ ଠେଲି ଦିଆ ହୋଇଛି । ବୁଲା କୁକୁର ପରି ତାଙ୍କୁ ଦୁଆର କିଳା ହୋଇଛି । ସେମାନେ କେହି ନୁହଁନ୍ତି । କିଛି ନୁହଁନ୍ତି ।

ଭରତବାବୁଙ୍କର ଲୋତକସିକ୍ତ ଆଖି ଉପରେ ଭାସି ବୁଲୁଥିଲା ତାଙ୍କ ବାପାଙ୍କର ମୁହଁ । ତାଙ୍କୁ ମନେପକେଇ ଦେଇଥିଲେ ଏଇ ଚଟିଆ ଦୁଇଟି - ସେ ଗଲେ, ଆମେ ଅଛୁ । ସେ ଯାହାଙ୍କୁ ଘଉଡ଼ାଇବାକୁ ଏତେ ଚେଷ୍ଟା କରୁଥିଲେ, ଆମେ ସେଇ ଦଳର ଜୀବ, ମନକୁ ମନ ଚାଲିଯାଇଥିଲୁ । ପୁଣି ଫେରି ଆସିଛୁ । ଆମକୁ ବାହାର କରି ଦିଅ ନାହିଁ । ସଂସାରଟା ଗୋଟିଏ ଧର୍ମଶାଳା । ଆମ କାମ ସରିଗଲେ ଆମେ ଛୁଟି ନେଇଯିବୁ ।

ଭରତବାବୁ ଚାହିଁ ରହିଥିଲେ ସେଇ ଛୋଟ ଚଢ଼େଇ ଦୁଇଟିଙ୍କର ଚଞ୍ଚଳ ତ୍ରସ୍ତ ଛୋଟିଆ ଆଖିକୁ-ଦେହରେ ଉଷୁମ ରକ୍ତ । ସରୁ ପଞ୍ଜରା ଭିତରେ ସେମିତି ଗୋଟିଏ ଛୋଟ ହୃତ୍‌ପିଣ୍ଡ । ସେଠି ସ୍ନେହ, ପ୍ରୀତି, କୃତଜ୍ଞତା ଓ ଆକାଙ୍କ୍ଷା ସବୁ ଅଛି। ଖାଲି ପରିସର ପ୍ରଭେଦ ।

ପ୍ରତିଦିନ ଭରତବାବୁ ଚାହିଁ ରହନ୍ତି ଚଢ଼େଇଙ୍କୁ । ବାପା କରିଥିଲେ ଘର । ସେଇ ଘର ଅସନା ହେଉଛି, ହେଉ ।

ଚାକର କହେ - ଏଇ ଚଢ଼େଇମାନେ କେତେ ଅସନା କରୁଛନ୍ତି । ବାବୁ ଥିଲେ ଯେ ଏଗୁଡ଼ାକ ସାଧ ହୋଇଥିଲେ ।

ଭରତବାବୁ ଚାହିଁ ରହନ୍ତି ତାଙ୍କ ଚାକରଟିର ମୁହଁକୁ । ତଳ ଚଟାଣ ଟିକିଏ ଅସନା ହୋଇଗଲା ବୋଲି କେତେ ଗାଳି ନ ଦେଉଛି ଏ ? ମନ ଭିତରେ ଟଣକି ଉଠେ । ଚଢ଼େଇଙ୍କର ପଟ ନେବା ପାଇଁ ମୁହଁ ଖୋଲି କହିବାକୁ ତାଙ୍କ ମାର୍ଜିତ ଶିକ୍ଷିତ ରୁଚି ଅନ୍ତରାୟ ହୁଏ । ସେ ତୁନି ରହନ୍ତି ।

ଭାଦ୍ରବ ମାସ ଆସିଛି । ଚଢ଼େଇ ଦୁଇଟି ଆପଣା ମନକୁ କାଠିକୁଟା ବୋହି ଆଣି ତାଙ୍କର ବସା ବାନ୍ଧୁଛନ୍ତି । ମିସ୍ତ୍ରୀ-ମୂଲିଆ କେହି ନାହିଁ । ନକ୍‌ସା ହୋଇ ନାହିଁ । ମ୍ୟୁନିସିପାଲିଟି ଅନୁମତି ଲୋଡ଼ା ହୋଇ ନାହିଁ । ଗେରସ୍ତ-ଭାରିଯା ଦିହେଁ କାମରେ ଲାଗିଛନ୍ତି ।

କିଏ କେଉଁଠି ଆସିଲା ଆଉ କାହିଁକି ଆସିଲା, ତା'ର କୌଣସି ଆଇନକାନୁନ୍ ନାହିଁ । ଖୋରାକ-ପୋଷାକ ମକଦ୍ଦମା ନାହିଁ । ପରସ୍ପର ପ୍ରତି ଦାବି ଓ ଅଭିଯୋଗ ବୋଧହୁଏ ନାହିଁ । ଶିକ୍ଷିତା ତରୁଣୀ ଯେମିତି କଥାକଥାକେ ଉଇଲ୍, ଦଉପତ୍ର, ରେଜିଷ୍ଟ୍ରିଖାନା ଖୋଜି ବୁଲେ - ସେମିତି କିଛି ତ ନାହିଁ । ଉପନ୍ୟାସ ପଢ଼ିବାର, ସିନେମା ଦେଖିବାର କୌଣସି କଳିକନ୍ଦଳ ନାହିଁ । ଏକାଠି ବସା ବାନ୍ଧିଛନ୍ତି ।

ଅଣ୍ଡା ଦେବେ ବୋଲି ବୋହି ଆଣୁଛନ୍ତି କେତେ ନରମ ଜିନିଷ । ଝୋଟ ଦଉଡ଼ି, କୁକୁଡ଼ା ପର, ନଡ଼ିଆ ଚଅଁର, ଛିଣ୍ଡାକନା, ତୁଳା ଆଦି କେତେ ପ୍ରକାରର ଘରକରଣା । ଏଣେ ବସାଟି ଠେଲିହୋଇ ଓହଳି ପଡ଼ିଲାଣି ଗୋଟିଏ ପାଖକୁ, ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ଭାଙ୍ଗିଯିବ ବୋଲି ନିଜର ଅଧ୍ୟବସାୟ ଉଣା କରିବାର କୌଣସି କାରଣ ଦେଖାଦେଇ ନାହିଁ ।

ତଳେ ଭରତବାବୁଙ୍କର ମନରେ ଅସୁମାର କଳ୍ପନା ଓ ଯୋଜନା - ଠିକ୍ ମାଇପଙ୍କ ପରି କ୍ଷତି ସହିବା କାମ କରିବେ ନାହିଁ । ଯେଉଁଥିରେ ଲାଭ ନହେବ ଅବା କରୁକରୁ କ୍ଷତିର ସୂଚନା ଦିଶିବ, ସେଠୁ ଖସି ପଳେଇବେ ।

ଚଢ଼େଇ ଦୁଇଟି ଚାରିଆଡ଼େ ବୁଲି ବୁଲି ଦେଖନ୍ତି - ବସା ଓହଳି ପଡ଼ିଲାଣି ଓଲଟା ପାଖକୁ । ଏଣେ ତାଙ୍କର ପରସ୍ପର ପ୍ରତି ସ୍ନେହ ସଦ୍‌ଭାବ ବଢୁଥାଏ । ଅଣ୍ଡିରା ଚଢ଼େଇଟି ବସି ବସି ବାରମ୍ବାର ଆରଟିର ଦେହରୁ ଉକୁଣି ଖାଏ - ଆର ଚଢ଼େଇଟି ଉଲ୍ଲସି ଉଠେ । ହସଖୁସିର ଉଣା ନାହିଁ ।

ଦିନରାତି ସେଇ ବସା ତିଆରି ଚାଲିଛି । ଅଲରା ହୋଇଥିବା କୁଟାକାଠି ଥରକୁଥର କଢ଼ା ହୋଇ ପୁଣି ଖଞ୍ଜା ହେଉଛି। ଏତେ ସାଧନା - ସେଥିରୁ ବାହାରିବେ କେଇଟି ଶାବକ ।

ସେମାନେ ପାଠ ପଢ଼ିବେ ନାହିଁ । ଚାକିରି କରିବେ ନାହିଁ । ମାଗିଖିଆ ନେତା ହେବେ ନାହିଁ । ଚୋର ଡକେଇତ ହେବେ ନାହିଁ, ମନ୍ତ୍ରୀ ହେବେ ନାହିଁ । କିଛି ହେବେ ନାହିଁ । ଟିକିଏ ରାବିବେ - ସେ ବି ଅତି ବାଜେ । ତାଙ୍କୁ ବିଲେଇ ଖାଇବା ମଣିଷ ଖାଇବେ । ମଣିଷ ପିଲା ଖେଳିବେ । ମଣିଷମାନେ ମାରିବେ ।

ତେବେ ବି ଏତେ ସାଧନା - ମୂଲ୍ୟହୀନ କାରଣରେ ଏତେ ଚେଷ୍ଟା ଓ ଯତ୍ନ । ଭରତବାବୁ ତାଙ୍କର ଘଡ଼ିକୁ ଚାହିଁ କଚିରି ବେଳ ଅଟକଳ କଲାବେଳେ ଉପରେ ବସାଟି ଚଢ଼େଇ ଦୁଇଟିର ସବୁ ସାଧ-ସାଧନା, ସହଯୋଗ, ଅଧ୍ୟବସାୟ ନେଇ ଝୁଲି ରହିଥିଲା ।

ପଡ଼ି ନାହିଁ । ପଡ଼ିଯିବ । ତେବେ ବି ମା' ସେଥିରେ ତା'ର ଛୋଟିଆ ଅଦରକାରୀ, ମୂଲ୍ୟହୀନ ଅଣ୍ଡା ଦୁଇଟି ସମ୍ପାଦି ଥିଲା । ପୁରୁଷ ଚଢ଼େଇଟି ସେଇ ପିଲାଙ୍କ ପାଇଁ ଆଶ୍ରୟ ଗଢ଼ିଥିଲା ।

ବସା ଭାଙ୍ଗି ନାହିଁ । ପଡ଼ିବ ପଡ଼ିବ ବୋଲି ଯେତେ ଭରତବାବୁ ଆଶଙ୍କା କରିଥିଲେ, ସେତେ ଦଦରା ନୁହେଁ ।

ମା'ଟି ସେଇଠି ତା'ର ଅସମାପ୍ତ ଜୀବନର ରୂପରେଖ ଆଙ୍କି ଦେଇଥିଲା- ତା'ରି ପରି ଛୋଟ, ତା'ରି ପରି ମୂର୍ଖ, ପରାନ୍ନଭୋଜୀ, ପରବାସୀ ଚଢ଼େଇ ଦୁଇଟି ଗଢ଼ିବାରେ ।

ଏଇ ହେଉଛି ଜୀବନର ସାଧନା । ସାଧନାର ମୂଲ୍ୟ ।

ସତେ ଯେପରି ଭରତବାବୁଙ୍କର ଆଖି ଆଗରେ ବିଧାତା ଆଣି ଥୋଇଥିଲେ ସଂସାରର ନଶ୍ୱରତା ଭିତରେ ଗୋଟିଏ ଅବିନଶ୍ୱର ଛବି । ସାମାନ୍ୟ ଚଢ଼େଇଟି ତା'ର ଥଣ୍ଟରେ ଦେଖାଇ ଦେଇଥିଲା - ସଂସାରର କାମ ଓ ଲକ୍ଷ୍ୟ ।

ବାରମ୍ବାର ଭରତବାବୁ ସେଇ ବନ୍ଧୁ ଯୋଡ଼ିଙ୍କ ଆଡ଼କୁ ଚାହିଁ ରହୁଥିଲେ । ନିଜର ଅସମର୍ଥ, ବିକଳାଙ୍ଗ ଆଦର୍ଶ ସାଙ୍ଗରେ ଖାପ ଖୁଆଇ ସେଇ ଚିର ହସହସ, ଚିର ଉତ୍ସାହୀ, ଚିର ଆଶାବାଦୀ ଚଢ଼େଇ ଯୋଡ଼ିକୁ ବାରମ୍ବାର ଦେଖୁଥିଲେ।

ଆଶା ନାହିଁ । ଭବିଷ୍ୟତ ନାହିଁ; କିନ୍ତୁ ତାଙ୍କର ବର୍ତ୍ତମାନ ଅଛି ।

ପୃଷ୍ଠବଂଧ

ସ୍ରଷ୍ଟା ପରିଚିତି :-

ରାଜକିଶୋର ପଟ୍ଟନାୟକ (୧୯୧୭-୧୯୯୭) ଜଣେ ଆଇନଜୀବୀ ଓ ସ୍ୱନାମଧନ୍ୟ କଥାକାର ଭାବେ ସୁପ୍ରତିଷ୍ଠିତ। ସେ ୧୯୧୭ ମସିହା ଅପ୍ରେଲ ୮ ତାରିଖରେ ତାଙ୍କ ପିତାଙ୍କ ସରକାରୀ ଚାକିରି କ୍ଷେତ୍ର କଲିକତାର ଗ୍ରେ ଷ୍ଟ୍ରୀଟ୍‌ରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଶ୍ରୀବତ୍ସ ପଟ୍ଟନାୟକ ଓ ମାତାଙ୍କ ନାମ ସୁନ୍ଦରମଣି ଦେବୀ । ଓକିଲାତି ସହ ସାହିତ୍ୟ ସାଧନା ଥିଲା ତାଙ୍କ ଜୀବନର ପବିତ୍ର କର୍ମ । ସେ କିଛିକାଳ ମଧୁସୂଦନ ଆଇନ କଲେଜ, କଟକରେ ଅଧ୍ୟାପନା କରିବାର ସୁଯୋଗ ଲାଭ କରିଥିଲେ ।

ଓଡ଼ିଆ ସାହିତ୍ୟର ଜଣେ ଖ୍ୟାତନାମା ଗାଳ୍ପିକ ଓ ଔପନ୍ୟାସିକ ଭାବରେ ତାଙ୍କର ଅବଦାନ ଅତୁଳନୀୟ । ସିନ୍ଦୂର ଗାର, ଅସରନ୍ତି, ସ୍ମୃତିର ମଶାଣି, ପଞ୍ଜୁରୀ ପକ୍ଷୀ, ପ୍ରେମର ନିୟତି, ସପନ କୁହୁଡ଼ି, ବିରହିଣୀ, ଚଲାବାଟ, ଅଷ୍ଟମୀଚାନ୍ଦ, ସଞ୍ଜବତୀ ପ୍ରଭୃତି ଉପନ୍ୟାସ ଗ୍ରନ୍ଥ, ହୃଦୟର ବନ୍ଧନ, ପଥୁକି, ନିଶାଣଖୁଣ୍ଟ, ଶାଳଗ୍ରାମ, କଳ୍ପନାର ଫୁଲ, ପଥର ଢିମା, ହାଟ ସଉଦା, ହାଟ ବାହୁଡ଼ା ଇତ୍ୟାଦି ଗଳ୍ପ ପୁସ୍ତକ ରାଜକିଶୋରଙ୍କ ସାରସ୍ୱତ କୃତିର ସଫଳ ପରିଚୟ । ଜୀବନ ସଂଧ୍ୟା ତାଙ୍କର ଆତ୍ମ ଜୀବନୀ । ଏତଦ୍ ବ୍ୟତୀତ ଲେଖକ ଓ ପାଠକ, ଓଡ଼ିଆ ସାହିତ୍ୟର ଆଗପଛ ଆଲୋଚନା, ଗୋଆ ଡାମନ ଡ୍ୟୁ ଭ୍ରମଣ କାହଣୀ ମଧ୍ୟ ତାଙ୍କର ଗୋଟିଏ ଗୋଟିଏ ସାରସ୍ୱତ ସୃଷ୍ଟି ।

ଗଳ୍ପ ସମ୍ପର୍କରେ :-

'ନୀଡ଼' ଏକ ସାର୍ଥକ ଗଳ୍ପ । ମଣିଷ ଯେପରି ପଶୁପକ୍ଷୀଙ୍କୁ ଆଦର କରେ, ସେପରି ପଶୁପକ୍ଷୀମାନେ ମଧ୍ୟ ମଣିଷମାନଙ୍କୁ ଆପଣାର କରିଦିଅନ୍ତି । 'ନିଡ଼' ଗଳ୍ପରେ ଏହା ପ୍ରମାଣିତ । ମାନବେତର ଚରିତ୍ରକୁ ମାନବାୟନ କରି ଲେଖକ ସ୍ୱକୀୟ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି । ଯାହା ସାଧାରଣରେ ହେୟ ବା ନଗଣ୍ୟ ତାହାକୁ ନିଜ ସୃଷ୍ଟି ଭିତରେ ଗୁରୁତ୍ୱ ପ୍ରଦାନ କରିବା ରାଜକିଶୋରଙ୍କ ସାରସ୍ୱତ ରଚନାର ବୈଶିଷ୍ଟ୍ୟ । ଭରତ ମିତ୍ରତା କରିଥିଲା କେତୋଟି ଘରଚଟିଆଙ୍କ ସହ । ଦୁଇଟି ଘରଚଟିଆ ଭରତର ଦୁଃଖ ଓ ସୁଖର ସାଥୀ । ସେମାନେ ଭରତକୁ ଆତ୍ମୀୟ ଭାବରେ ଗ୍ରହଣ କରି ନେଇଛନ୍ତି । ପକ୍ଷୀମାନଙ୍କ ଧୈର୍ଯ୍ୟ ଓ କଠୋର କର୍ତ୍ତବ୍ୟନିଷ୍ଠା ଗଭୀର ଭାବେ ରେଖାପାତ କରେ ପାଠକ ମନରେ । ସକଳ ପ୍ରତିବନ୍ଧକ ସତ୍ତ୍ୱେ ବଞ୍ଚିବାର ଅଭିଳାଷ ଏହି ଗଳ୍ପର ସାରମର୍ମ । ଆଶା ନାହିଁ, ଭବିଷ୍ୟତ ନାହିଁ, ତଥାପି ବର୍ତ୍ତମାନକୁ ପ୍ରାଧାନ୍ୟ ଦେଇ ପକ୍ଷୀମାନଙ୍କ କର୍ମତତ୍ପରତା ମଣିଷ ସମାଜକୁ ପ୍ରେରଣା ଦିଏ । ନିରାଶା ନୁହେଁ, ଆଶାହିଁ ଜୀବନକୁ ସରସସୁନ୍ଦର କରେ ।

ଦୀର୍ଘ ପ୍ରଶ୍ନାବଳୀ :-

୧ । ଏକ ସାର୍ଥକ ଗଳ୍ପ ଭାବରେ 'ନୀଡ଼' ଗଳ୍ପର ମୂଲ୍ୟାୟନ କର ।

୨ । 'ଆଶା ନାହିଁ:, ଭବିଷ୍ୟତ ନାହିଁ, କିନ୍ତୁ ବର୍ତ୍ତମାନ ହିଁ ଶ୍ରେୟ' - ପଠିତ ଗଳ୍ପ ଅବଲମ୍ବନରେ ଏହାର ଆଲୋଚନା କରା

୩ । ଭରତ ଚରିତ୍ର ଚିତ୍ରଣ କର ।

୪ । 'ଆଶା ହିଁ ବଞ୍ଚିବାର କଳା'- ନୀଡ଼ ଗଳ୍ପର ଏହି ସତ୍ୟ ପ୍ରମାଣିତ - ମତ ପ୍ରଦାନ କର ।

୫ । ପଶୁପକ୍ଷୀମାନେ ହିଁ ମଣିଷର ବନ୍ଧୁ - ଏହି ଉକ୍ତିର ସତ୍ୟତା 'ନୀଡ଼' ଗଳ୍ପ ଅବଲମ୍ବନରେ ପ୍ରତିପାଦନ କର ।

ଉଗ୍ରସେନ ଉବାଚ

ଅଚ୍ୟୁତାନନ୍ଦ ପତି

ମୁଁ ଯେଉଁମାନଙ୍କ ସମ୍ପର୍କରେ କହୁଥିଲି, ସେମାନେ ସମସ୍ତେ ତୃତୀୟ ପୁରୁଷ । ଆଜିର ସମସ୍ତଙ୍କ ଭଳି ଦୁର୍ନୀତି ସାମନାରେ ଏକ ନଖଦନ୍ତର ସମର ପାଇଁ ମୋ ସଂଗ୍ରାମୀ ମୁହଁରେ ମୁଁ ବାରୁଦ ଜାଳୁଥିଲି ।

ସେ ଜଣେ ମର୍ଯ୍ୟାଦାବନ୍ତ କ୍ଲାସ ୱାନ ଅଫିସର । ଝିଅ ବାହାଘର କଲେ ଯେ, ଅଧସ୍ତନ ଦପ୍ତରମାନଙ୍କରୁ ବାଧ୍ୟତାମୂଳକ ଉପହାରର ଯେଉଁ ବଗମାନେ ଉଡ଼ିଆସିଥିଲେ, ସେଥିରେ ଝିଅ-ଜୋଇଁଙ୍କ ଆକାଶ ଧଳା ହୋଇ ବି ପୁଅ-ବୋହୂଙ୍କ ସରଗ ବି ଦୁଧିଆ ଧରିଗଲା ।

ଆଉ ସେ ହେଲେ ସବ୍ ରେଜିଷ୍ଟ୍ରାର ସାହେବ । ଅଫିସର ଚଢ଼େଇଙ୍କ ଭିତରେ ଅସରପା ବୋଲି ହୀନମନ୍ୟତାର ଅସମ୍ମାନ ତାଙ୍କ ଉପରେ ଅଯଥା ଲଦି ଦିଅନ୍ତି; କିନ୍ତୁ ତାଙ୍କର ଜୀଅନ୍ତା ଓ ମଲା ଦୁଇ ଜଗତ ଉପରେ ଅକ୍ତିୟାର ରହିଛି । ଉଭୟ ସ୍ଥିତିକୁ ନେଇ ସେ ବ୍ୟବସାୟ କରନ୍ତି । ମଲା ବୁଢ଼ୀଟିର ଟିପଚିହ୍ନ ନେଇ ସେଦିନ ବୁଢ଼ୀଟାର ବାର ଲଟରାରେ ଲଟରା ସେ କଣ୍ଟ୍ରୋଲ ଦୋକାନୀଟାକୁ ତା ସମ୍ପତ୍ତିର ସର୍ବେସର୍ବା କରିଦେଲେ । ତା'ପରେ ସେ ମହାଶୟ ଏଣିକି ମଟର ସାଇକେଲରେ ଯିବା ଆସିବା କରୁଛନ୍ତି ।

ହଁ; ସେ ଭଦ୍ରଲୋକ ଡାକ୍ତର ଅଟନ୍ତି । ଡାକ୍ତରଖାନାର ଔଷଧ ବିକ୍ରି, ଖଟିଆ ଯୋଗାଇବା, ମାମୁଲି ମଳମୂତ୍ର ପରୀକ୍ଷା ଜାଲରୁ ଆମଦାନୀ, ଉପୁରି ଇତ୍ୟାଦି ଇତ୍ୟାଦି ପରେ ବି ରିଏମ୍ବର୍ସମେଣ୍ଟ ବିଲ୍ ପାଇଁ ପ୍ରେସ୍‌କ୍ରିପ୍‌ସନ ଯୋଗାଇ ନମ୍ବରୀ କାରବାର କରି ସମାଜ ତାଲିକାରେ ନିଜର ନମ୍ବର ଉପରକୁ ଉପରକୁ ଉଠାଉଛନ୍ତି ।

ଏଇ ସିଭିଲ ସପ୍ଲାଇ ବାବୁ । ଜୀବନ-ବନ୍ଦର ପାଇଁ ତାଙ୍କର ପଣ୍ୟବାହୀ ହିଣ୍ଟରଲେଣ୍ଡଟା ଅତି ବିସ୍ତୃତ । କେବଳ ଚିନିର ସ୍ୱତନ୍ତ୍ର ପରିମିଟ ବଦଳରେ ବି ଜାହାଜଟା ତାଙ୍କର ବୋଝେଇ ହୋଇପାରୁଛି । ଚିନିର କଣ୍ଟ୍ରୋଲ ଦାମ୍ ଧର ଟଙ୍କେ ପତସ୍ତରି । ଖୋଲା ବଜାରରେ ବିକ୍ରି ମୂଲ୍ୟ ପ୍ରାୟ ହେବ ତିନିଟଙ୍କା ପଚାଶ ଉପରେ । କଣ୍ଟ୍ରୋଲ ଓ ଖୋଲାରେ ବ୍ୟବଧାନର ଅଧାଟା ନ୍ୟାୟତଃ ନିମ୍ନତଃ ନିମ୍ନତମ ପ୍ରାପ୍ୟ । ଆଉ ସେତକ ତେଲ, ଲୁଣ ପରେ ବି ଶାଢ଼ୀ, ସିନେମା ପାଇଁ ଆବଶ୍ୟକତାରୁ ଯଥେଷ୍ଟ ଅଧିକ ।

ସେ ପୁଣି ହେଉଛନ୍ତି ଗାଁର ଗୌରବ ସମସ୍ତଙ୍କ ମାଷ୍ଟ୍ରେ । ଭୃଗୁ ସାନ୍ଦିପନୀ ଗୋତ୍ର ପରମ୍ପରା ଦାୟାଦ ବୋଲି ସେ ଭାବନ୍ତି । ଆମେ ବି ବେଳେ ବେଳେ ତାଙ୍କୁ ସେମିତି କହୁଁ । ସମାଜ ବୋଧହୁଏ ତାଙ୍କର କେୟାର୍ ନେଉନି ବୋଲି ଆମେରିକାର କେଆର୍ ସଂସ୍ଥା ବର୍ତ୍ତମାନ ସେମାନଙ୍କର ଯତ୍ନ ନେଉଛି । ସୋୟାବିନ୍ ତେଲ ମକାଗୁଣ୍ଡର ମଲମ ଓ ପାଉଡର ତାଙ୍କ ଦାରିଦ୍ର୍ୟର ଗହୀର ଘାଆକୁ ପୂରାଇ ଘାଆ ଉପରକୁ ଆବୁ ଉଠେଇବାକୁ ଲାଗିଲେଣି ।

ତାଙ୍କୁ ତ ଆପଣ ଜାଣନ୍ତି, ସେ ହେଲେ ବି.ଡ଼ି.ଓ. ବିଶ୍ୱକର୍ମା । ଆଉ ତାଙ୍କ ହାତର ରିଲିଫ, ଟେଷ୍ଟ ରିଲିଫ ଇତ୍ୟାଦିର ସ୍ୱର୍ଣ୍ଣଦ ସ୍ପର୍ଶମଣିମାନ ରହିଛି । ପଥର ଉପରେ ଆଙ୍ଗୁଳିର ଅଗ ଛୁଆଇଁ ସେ ସ୍ୱର୍ଣ୍ଣଲଙ୍କାର ଅଧୀଶ୍ୱର ହୋଇପାରିବେ ।

ଆଉ ଇୟେ ତହସିଲ ଦପ୍ତର, ସିଏ ପୋଲିସିବାଲା । ଖାଇଯିବାର, ନେଇଯିବାର ଲାଇସେନ୍ସ ସେମାନଙ୍କୁ ସରକାର, ସମାଜ, ସର୍ବସାଧାରଣ, ସମସ୍ତେ ସମ୍ମିଳିତ ଭାବରେ ସମର୍ପଣ କରିଛନ୍ତି ।

ଦୁର୍ନୀତି କାରଖାନାର ସର୍ବୋଚ୍ଚତମ କର୍ତ୍ତୃପକ୍ଷ ମନ୍ତ୍ରୀ, ଚେୟାରମେନ୍, ସରପଞ୍ଚ ଏବଂ କାରଖାନାର ଅଶ୍ୱଶକ୍ତି ମିଲ୍‌ବାଲା, ହୋଲସେଲର୍, ଗଦିଦାର ଗୋଷ୍ଠୀ ହେଲେ ଉପର ପାହାଚର ଶିକାରୀ । ଚୁଟୁକୁରିଆ ଡାହାଣୀ ଭଳି କୁଟା ଲଗାଇ ନିଛାଟିଆବେଳେ ସେମାନେ ରକ୍ତ ଚୋଚମନ୍ତି ନାହିଁ । ହତିଆର ଚଳାଇ, ହଲାଇ କରି ଆଞ୍ଜୁଳା ଆଞ୍ଜୁଳା ରକ୍ତ ଢୋକନ୍ତି ।

ସମସ୍ତେ ଯୁଗଧର୍ମର ଘୋଡ଼ାରେ ସବାର ହୋଇଛନ୍ତି । ସମସ୍ତେ ମଣିଷ ପଣିଆର ଇଜ୍ଜତ ନେଉଛନ୍ତି ।

ଦୁର୍ନୀତି ବିରୁଦ୍ଧରେ ଦେହରୁ ପର୍ଯ୍ୟାପ୍ତ କାର୍ବନ ଜଳାଇ ମୁଁ ଘରକୁ ଫେରୁଥିଲି । ରାତି ଚାହିଁବା ସମୟଠୁ ଦି' କଦମ ଆଗେଇ ଯାଇଛି । ଗାଁ ମୁଣ୍ଡରେ ଶଙ୍କରାନା ଚା' ଦୋକାନ ବନ୍ଦକରି ଘରକୁ ଗଲାଣି । ତା' ଚାଳିଆ କଡ଼କୁ ଚିରାକାଠ ଗଦାମରା ହୋଇ ଥୁଆହୋଇଛି । ମୁଁ ଦି'ଖଣ୍ଡ ମୋଟା ମୋଟା କାଠ ତା ଭିତରୁ ଟାଣି ଆଣିଲି । ସକାଳଓଳିର କିଲୋ ଦୁଇଟଙ୍କା କୋଡ଼ିଏ ବାଲା ହରଡ଼ଜାଇକୁ ଶିଳରେ ବାଟିବା ପାଇଁ ନିଶ୍ଚୟ ଦରସିଝା କରିହେବ । (ପୂରା ସିଝିବାର ପ୍ରଶ୍ନ ଉଠୁନି, ଯେଣୁ ସେ ଜାଇ ସିଝିବାକୁ ଜନ୍ମ ନେଇନି ।)

ମୋ ଭିତରର ରାଜା ଉଗ୍ରସେନ କଟୁଆଳଙ୍କୁ ମୁଁ ଶଙ୍ଖ, ଚକ୍ର, ଗଦା, ପଦ୍ମ ଦେଖାଇ ବୁଝାଇଦେଲି ରାତିର ନିଛାଟିଆ ରାସ୍ତାରେ ବାରବୁଲା କୁକୁରମାନେ ପ୍ରାୟ ଉପଦ୍ରବ କରନ୍ତି । ହାତରେ ଖଣ୍ଡେ କିଛି ଥିବା ଦରକାର ।

ପୃଷ୍ଠବଂଧ

ସ୍ରଷ୍ଟା ପରିଚୟ : ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଶ୍ରୀ ଅଚ୍ୟୁତାନନ୍ଦ ପତି ଜଣେ ବହୁ ପରିଚିତ ଯଶସ୍ୱୀ ସ୍ରଷ୍ଟା । ସ୍ୱାଧୀନତା ପରବର୍ତ୍ତୀ ଭାରତର ସାମାଜିକ, ଆର୍ଥନୀତିକ, ରାଜନୈତିକ ଚିତ୍ର ତାଙ୍କ ଗଳ୍ପଗୁଡ଼ିକରେ ଅଧିକ ଶାଣିତ ଓ ସ୍ପଷ୍ଟ ଭାବରେ ପ୍ରତିଫଳିତ । ବିଶେଷତଃ ଏକ ଗଣତନ୍ତ୍ର-ରାଷ୍ଟ୍ରରେ ନିର୍ବାଚିତ ପ୍ରତିନିଧି ଓ ଶାସନ ବ୍ୟବସ୍ଥାର ଧୂସର, ଅବକ୍ଷୟ ଓ ବାସ୍ତବ ସ୍ୱରୂପ ତାଙ୍କ ଗଳ୍ପ ସମୂହରୁ ଉପଲବ୍ଧ । ଗଳ୍ପଗୁଡ଼ିକ ଅନୁଭୂତିସିଦ୍ଧ । ବ୍ୟକ୍ତି ଓ ସମାଜ ଜୀବନକୁ ସେ ଅତି ନିବିଡ଼ ଭାବରେ ପ୍ରତ୍ୟକ୍ଷ କରିଛନ୍ତି । କୁହାଯାଇପାରେ ଯେ ଅଚ୍ୟୁତାନନ୍ଦଙ୍କ ଗଳ୍ପରେ କଳ୍ପନାର ସ୍ପର୍ଶ ନାହିଁ । ଜଣେ ସମୟ ସଚେତନ କଥାକାର ଭାବରେ ଯୁଗରୁଚି ଓ ଯୁଗର ଆହ୍ୱାନକୁ ହିଁ ସେ ବାନ୍ଧିରଖିଛନ୍ତି ତାଙ୍କ କାହାଣୀଗୁଡ଼ିକରେ । ଜଣେ ସମ୍ବେଦନଶୀଳ ମାନବବାଦୀ କଥାକାର ଭାବରେ ଶ୍ରୀ ପତି ଓଡ଼ିଆ ଗଳ୍ପଜଗତରେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି । ଆଜିର ଉପଭୋକ୍ତାବାଦୀ ସମାଜରେ ଅର୍ଥନୀତିସର୍ବସ୍ୱ ମଣିଷର ବିକଳ ଚିତ୍ର ଓ ଚରିତ୍ର ହିଁ ତାଙ୍କ କାହାଣୀର ମୁଖ୍ୟସ୍ୱର । ଏହାଛଡ଼ା କେତେକ ଗଳ୍ପରେ ମଣିଷର ଅସହାୟତାବୋଧ ଓ ଅବଚେତନ ମନର ରହସ୍ୟ ମଧ୍ୟ ପ୍ରତିଫଳିତ ହୋଇଛି । ତେବେ ଜୀବନର ବ୍ୟାପକତା ଓ ବୈଚିତ୍ର୍ୟକୁ କାହାଣୀରେ ଧରି ରଖିବାରେ ଶ୍ରୀ ପତି ଜଣେ ଧୂରୀଣ ସ୍ରଷ୍ଟା ।

'ଅଶୁଭ ପୁତ୍ରର କାହାଣୀ' 'ଉଗ୍ରସେନ ଉବାଚ' 'ନିଆଁ ଜଳୁଛି' 'ସ୍ନାୟୁ ଓ ସନ୍ନ୍ୟାସୀ' ଇତ୍ୟାଦି ଓଡ଼ିଆ ଗଳ୍ପସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ । ପ୍ରତ୍ୟେକ ଗଳ୍ପ ସଂକଳନରେ ଜୀବନ-ଜିଜ୍ଞାସାର ସ୍ୱର ତୀବ୍ର ଓ ଶାଣିତ । ସମସାମୟିକ ସମାଜ ତଥା ପ୍ରଚଳିତ କଥାକଥିତ ମୂଲ୍ୟବୋଧ ପ୍ରତି ଏହି ଗଳ୍ପଗୁଡ଼ିକ ଏକ ଏକ ଆହ୍ୱାନ । ନୀତି-ଅନୀତି, ଆଦର୍ଶ-

ଅନାଦର୍ଶ ଭିତରେ ସେ ଖୋଜିଛନ୍ତି ଦଳିତ ଓ ଶୋଷିତ ମଣିଷର ଦୁଃଖ ଓ ଦୈନ୍ୟ । ଭୋଗବାଦୀ ଆର୍ଥନୀତିକ ବ୍ୟବସ୍ଥାର ପ୍ରାଚୁର୍ଯ୍ୟ ସାଙ୍ଗକୁ ଅଭାବ ଓ ଦୈନ୍ୟ ନିପୀଡ଼ିତ ମାନବାତ୍ମାର ଶୋଚନୀୟ ଅବସ୍ଥାର ସହାବସ୍ଥାନରେ ତାଙ୍କ ଗଳ୍ପଗୁଡ଼ିକ ଖୁବ୍ ବେଶୀ ବାସ୍ତବଧର୍ମୀ । ଉପଭୋକ୍ତାବାଦୀ ଅର୍ଥନୀତିର ସର୍ବଗ୍ରାସୀ କ୍ଷୁଧା ଓ କ୍ଷମତାଶୀଳ ବ୍ୟକ୍ତିମାଙ୍କର ବସ୍ତୁବାଦୀ ଆଭିମୁଖ୍ୟ ଫଳରେ ମଣିଷ ଜୀବନ ଆଜି କିପରି ମୂଲ୍ୟବୋଧର ନ ହୋଇ ମୂଲ୍ୟଭିତ୍ତିକ ହୋଇଛି, ତା'ର ସଫଳ ଚିତ୍ରଣ ଶ୍ରୀ ପତିଙ୍କ ଗଳ୍ପରେ ଦେଖିବାକୁ ମିଳେ ।

ଗଳ୍ପ ସମ୍ପର୍କରେ : ସାମ୍ପ୍ରତିକ ସମାଜରେ ଚାଲିଥିବା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ହିଁ ଆଲୋଚ୍ୟ 'ଉଗ୍ରସେନ ଉବାଚ' ଗଳ୍ପର ମୁଖ୍ୟ ସ୍ୱର । ଏ ଗଳ୍ପର ଚରିତ୍ରମାନେ ସମସ୍ତେ ତୃତୀୟ ପୁରୁଷ । ଏମାନେ ସମସ୍ତେ ମିଳିତ ଭାବରେ ଯେପରି ମଣିଷର ରକ୍ତ ଶୋଷଣ କରୁଛନ୍ତି ଓ ମଣିଷପଣିଆର ଇଜ୍ଜତ ନେଉଛନ୍ତି ସେହି ଚରିତ୍ରମାନେ ହେଉଛନ୍ତି ଜଣେ ମର୍ଯ୍ୟାଦାବନ୍ତ କ୍ଲାସ ୱାନ ଅଫିସର, ସବ୍‌ରେଜିଷ୍ଟର, ଡାକ୍ତର, ସିଭିଲ୍ ସପ୍ଲାଇ ବାବୁ, ମାଷ୍ଟ୍ରେ, ବି.ଡ଼ି.ଓ, ତହସିଲ୍ କିରାଣୀ, ପୋଲିସ୍ ବାଲା ଇତ୍ୟାଦି । ଆଜିର ସମାଜରେ ଦୁର୍ନୀତିର ଚିତ୍ର ହେଉଛି ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ମୂଳରୁ ପାହାଚ, ପାହାଚ । ଉପର ପାହାଚରେ ଅଛନ୍ତି ଦୁର୍ନୀତିର ସର୍ବୋଚ୍ଚତମ କର୍ତ୍ତୃପକ୍ଷ ମନ୍ତ୍ରୀ, ଚେୟାରମ୍ୟାନ, ସରପଞ୍ଚ, ମିଲ୍‌ବାଲା, ହୋଲସେଲର୍, ଗଦିବାଲା ଇତ୍ୟାଦି । ଦୁର୍ନୀତି ଆଜି ଯେମିତି ଏକ ଯୁଗଧର୍ମରେ ପରିଣତ ହୋଇଯାଇଛି । ନୈତିକତା ଓ ଆଦର୍ଶର ଅପମୃତ୍ୟୁ ଘଟିଛି । ଅବିବେକିତା ମଣିଷପଣିଆକୁ ହତ୍ୟା କରିଛି । ମନ୍ତ୍ରୀ, ଯନ୍ତ୍ରୀ, ଅଫିସର, ମାଷ୍ଟର, ଠିକାଦାର, ଡାକ୍ତର, ପୋଲିସବାଲା ସମସ୍ତଙ୍କୁ ଆଜି ସମାଜ, ସରକାର, ସର୍ବସାଧାରଣ ଯେପରି ସମ୍ମିଳିତ ଭାବରେ ଦୁର୍ନୀତି କରିବା ପାଇଁ ଲାଇସେନ୍‌ସ ପ୍ରଦାନ କରିଛନ୍ତି ।

ସମାଜର ସବୁ ସ୍ତରରେ ଚାଲୁଥିବା ଏ ଦୁର୍ନୀତିର କରାଳ ରୂପକୁ ଦେଖିବା ପରେ ଗଳ୍ପର ନାୟକ (ସମ୍ଭବତଃ ଲେଖକ ନିଜେ) ନିଜ ଭିତରେ ଜଳି ଉଠିଛନ୍ତି କ୍ରୋଧରେ । ଦୁର୍ନୀତିର କଂସର ସାମ୍ରାଜ୍ୟକୁ ଜଗିଥିବା ଉଗ୍ରସେନକୁ ଚେତାବନୀ ଦେଇଛନ୍ତି । ନିଜ ଭିତରେ ଥିବା ମଣିଷପଣିଆର ଈଶ୍ୱରୀୟ ଅନୁଭବକୁ ଚିହ୍ନାଇ ଦେଇଛନ୍ତି ଉଗ୍ରସେନ ରୂପୀ ସମାଜ ଜଗୁଆଳମାନଙ୍କୁ । ସତେ ଯେପରି ଦୁଷ୍କୃତ, ଦୁର୍ନୀତିଗ୍ରସ୍ତ, ମଣିଷର ରକ୍ତ ଶୋଷକମାନଙ୍କୁ ବିନାଶ କରି ଏକ ଦୁର୍ନୀତିମୁକ୍ତ, ସୁସ୍ଥ ସମାଜ ଗଠନର ସ୍ୱପ୍ନ, ସମ୍ଭାବନା ଓ ସକଳ ପ୍ରତିଶ୍ରୁତି ନେଇ ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ଭଗବାନ ପୁନଶ୍ଚ ଧରାବତରଣ କରୁଛନ୍ତି ।

'ଉଗ୍ରସେନ ଉବାଚ' ଯଥାର୍ଥରେ ଏକ ସାର୍ଥକ କ୍ଷୁଦ୍ରଗଳ୍ପ । ଗଳ୍ପର କ୍ଷୁଦ୍ର ଆୟତନ ଭିତରେ କଥାକାର ଶ୍ରୀ ପତି ଏକ ବିପୁଳ ଆଖ୍ୟାନ ଭୂମିର ପରିକଳ୍ପନା କରିଛନ୍ତି । ଆକାରରେ କ୍ଷୁଦ୍ର ହେଲେ ବି ଆବେଦନ ଦୃଷ୍ଟିରୁ ଗଳ୍ପଟି ବେଶ୍ ଯୁଗୋପଯୋଗୀ ହୋଇପାରିଛି ।

ଦୀର୍ଘ ପ୍ରଶ୍ନାବଳୀ :

୧ । 'ଉଗ୍ରସେନ ଉବାଚ' ଗଳ୍ପର ଆଭିମୁଖ୍ୟ ବିଚାର କର ।

୨ । 'ଉଗ୍ରସେନ ଉବାଚ' ଗଳ୍ପରେ ସ୍ଥାନିତ ଚରିତ୍ରମାନଙ୍କର ମୂଲ୍ୟାୟନ କର ।

୩ । 'ଉଗ୍ରସେନ ଉବାଚ' ଏକ ବାସ୍ତବଧର୍ମୀ ଗଳ୍ପ - ଆଲୋଚନା କର ।

୪ । ଏକ ସାର୍ଥକ ଗଳ୍ପ ଭାବରେ 'ଉଗ୍ରସେନ ଉବାଚ' ଗଳ୍ପର ମୂଲ୍ୟାୟନ କର ।

୫ । 'ଉଗ୍ରସେନ ଉବାଚ' ଗଳ୍ପର ନାମକରଣ ସାର୍ଥକତା ବିଚାର କର ।

ଜହ୍ନରାତିର ସେତୁ

ମନୋଜ ଦାସ

ଅଶୋକଙ୍କ ବାରନ୍ଦାରୁ ଜହ୍ନ ଥରେ ଥରେ ଏତେ ନିକଟତର ଜଣାଯାଏ ଯେ ମନେହୁଏ ଯେମିତିକି ଦୁଇ ଚାରି ଲମ୍ଫରେ ତାକୁ ଯାଇ ଛୁଇଁଦେଇ ହେବ ।

ପୂର୍ଣ୍ଣିମା ଓ ତା'ର ଆଖପାଖ ରାତିମାନଙ୍କରେ ଅଶୋକ ଆରାମ ଚୌକିରେ ବସିରହି ଜହ୍ନ ସହ କଥାବାର୍ତ୍ତା କରିବାକୁ ଭଲପାଆନ୍ତି । ଉଦାହରଣ ସ୍ୱରୂପ, ଆଜି ସନ୍ଧ୍ୟାରେ ସେ ଜହ୍ନକୁ ପଚାରିଥିଲେ, 'ମୋ ବୟସ ଅଠାଅଶୀ ହେଲା - ତମର?'

ଥରେ ଥରେ ତାଙ୍କର ମନେହୁଏ, ଦିଗ୍‌ବଳୟର କୁହେଳି-ଆବୃତ ବନଲତାର ଶୀର୍ଷ ଓ ଭାସମାନ ହାଲୁକା ମେଘମାଳା ଭିତରେ ଯେଉଁ ଜହ୍ନର ପ୍ଲାବନ, ସେଥିରେ ବହୁ ସଂଖ୍ୟକ ଝିଅ-ପରୀ ଓ ପୁଅ-ପରୀ ଲୁଚୁକାଳି ଖେଳୁଛନ୍ତି । ସେ ତାକୁ ଉପଭୋଗ କରନ୍ତି । ଉପଭୋଗ କରୁଁ କରୁଁ ଦୁଇ-ତିନି ମିନିଟ୍ ପାଇଁ ନିଦରେ ଶୋଇପଡ଼ନ୍ତି, ତେବେ, କେତେବେଳେ ନିଦ୍ରିତ ଅବସ୍ଥାରେ ଓ କେତେବେଳେ ଜାଗ୍ରତ ଅବସ୍ଥାରେ ପରୀମାନଙ୍କୁ ଦେଖନ୍ତି, ସେତକ ଆଜିକାଲି ମନେରହେ ନାହିଁ । ଏହିପରି ମନେ ନ ରହିବାଟା ସମ୍ପ୍ରତି ନାନାଦି ସ୍ଥୂଳ ଘଟଣାକୁ ସଂକ୍ରମିତ କଲାଣି । ଆଜି ସନ୍ଧ୍ୟାରେ ତାଙ୍କୁ ଯେଉଁ ଚାହା ଦିଆଯାଇଥିଲା, ତାକୁ ସେ ନିଜ ହାତପାଆନ୍ତା ଷ୍ଟୁଲ୍ ଉପରେ ଥୁଆହେବାର ଦେଖିଥିଲେ, ମାତ୍ର ପରେ ପରେ ଶୋଇପଡ଼ିଥିଲେ ଓ ମନେ ମନେ ଚାହାତକ ପିଇଥିଲେ । ଯେତେବେଳେ ଚାହା ଶୀତଳ ହୋଇଗଲାଣି ବୋଲି ତାଙ୍କୁ କୁହାଗଲା, ସେତେବେଳେ ସେ ଏଇଆ ଉପଲବ୍ଧି କରି ଚମତ୍କୃତ ହୋଇଥିଲେ ଯେ, ମନେ ମନେ ପିଇଥିବା ଚାହାର ତୃପ୍ତି ସ୍ଥୂଳ ଚାହାପାନର ତୃପ୍ତି ତୁଳନାରେ ମୋଟେ କମ୍ ନୁହେଁ ।

ଏତେ ବୟସ ସତ୍ତ୍ୱେ ତାଙ୍କ ଆଖି ବିଶେଷ ଖରାପ ହୋଇନାହିଁ ବୋଲି ସେ ଗର୍ବ ଅନୁଭବ କରୁଥିଲେ । ବାପା ମା'ଙ୍କର ଶେଷ ସନ୍ତାନ ରୂପେ ପୂରା ପାଞ୍ଚବର୍ଷ କାଳ ମାତୃସ୍ତନ୍ୟପାନ ତାହାର ରହସ୍ୟ ବୋଲି ସେ ଅସଂଖ୍ୟ ବାର ଘୋଷଣା କରିଥିଲେ; କିନ୍ତୁ ଆଜି ସନ୍ଧ୍ୟାରେ ତାଙ୍କ ମନରେ ସେ ସମ୍ପର୍କରେ ଟିକିଏ ସନ୍ଦେହ ଆସିଥିଲା । କାରଣ ଅଦୂରର ସେତୁ, ଯେଉଁଠି ବସି ସେ ଓ ତାଙ୍କ ବନ୍ଧୁମାନେ ପ୍ରାୟ ସନ୍ଧ୍ୟାମାନ ଅତିବାହିତ କରନ୍ତି, ସେ ସେତୁ ଆଜି ଆଉ ଦେଖାଯାଉ ନାହିଁ । ପ୍ରତିଥର ତନ୍ଦ୍ରା ତୁଟିଗଲେ ସେତୁ କଥା ସ୍ମରଣ କରି ସେ ଅନାନ୍ତି; ଦିଶେ ନାହିଁ । ଜହ୍ନ ଆଜି ମ୍ଳାନ ଆଲୁଅ ଦେଉଥିବ ଭାବି ଜହ୍ନଆଡ଼କୁ କଟମଟ କରି ଅନାନ୍ତି । ଗତ କେତେବର୍ଷ ଧରି ତାଜ୍‌ମହଲ ସିଲହୋଟ୍ ସୃଷ୍ଟି କରି ରହିଥିବା ଦିଗନ୍ତର ଏକ ବୃକ୍ଷପୁଞ୍ଜ ଆଡ଼କୁ ଅନାନ୍ତି । ସେମାନେ କିନ୍ତୁ ବେଶ୍ ସ୍ପଷ୍ଟ ଦିଶୁଛନ୍ତି ।

ତା'ପରେ ସେ ଢୁଳେଇ ପଡ଼ିଛନ୍ତି ।

ପାହାଚ ଉପରକୁ ଘୋଷାରି ହୋଇ ଉଠିଆସୁଥିବା ପାଦଶବ୍ଦ ହିଁ ତାଙ୍କର ସେ ତନ୍ଦ୍ରା ତୁଟାଇଦେବା ପାଇଁ ଯଥେଷ୍ଟ ଥିଲା । ସେ ଶବ୍ଦ ତାଙ୍କର ଅନ୍ତରଙ୍ଗ ସୁଧୀରଙ୍କର । ତାଙ୍କଠୁଁ ଦଶବର୍ଷ ସାନ ହୋଇ ମଧ୍ୟ ସୁଧୀର ପାହାଚ ଉଠି ଧଇଁସଇଁ

ହୋଇଯାନ୍ତି । ଧଇଁସଇଁ ହେବା ତ ଦୂରର କଥା, ପାହାଚ ଅତିକ୍ରମ କଲାବେଳେ ଅଶୋକଙ୍କର ସମ୍ପ୍ରତି ବିଚିତ୍ର ଅନୁଭୂତିମାନ ହେଉଛି । ଗତଥର ସେ ସାନ୍ଧ୍ୟ ଭ୍ରମଣ ପରେ କାର୍‌ରୁ ଓହ୍ଲାଇ ପାହାଚ ଆରୋହଣ କଲେ । ଆରୋହଣ କରିବା ମଝିରେ ସେ ସମୟର ପୂର୍ବାପର ସଙ୍ଗତି ଭୁଲିଯାଇଥିଲେ ଓ ମୁହୂର୍ତ୍ତକ ପାଇଁ ତନ୍ଦ୍ରାବିଷ୍ଟ ହୋଇଯାଇଥିଲେ । ବାରନ୍ଦାରେ ପହଞ୍ଚିସାରି ସେ ପୁଣି କାର୍‌ଟି ଖୋଜିଥିଲେ । ଅର୍ଥାତ୍ ଥରେ ଥରେ ସେ ଆରୋହଣ କଲାବେଳେ ଅବତରଣ ଓ ଅବତରଣ କଲାବେଳେ ଆରୋହଣ କରୁଛନ୍ତି ବୋଲି ଭାବୁଥିଲେ ।

'ଆସ ସୁଧୀର, ବୁଲି ବାହାରିବା ।' - ଅଶୋକ ସଳଖି ବସି କହିଲେ ।

'ଆଉ କୁଆଡ଼େ ଯିବା ! ପୁରୁଣା ସେତୁଟି ଥିଲା ଏକମାତ୍ର ଆଶ୍ରା । ଆଉ ଚାରିଆଡ଼େ ତ ମଣିଷ ସାଲୁବାଲୁ ।'

'ମୁଁ ସେହି ସେତୁ ଉପରକୁ ଯିବା କଥା କହୁଥିଲି ।' - ଅଶୋକ କହିଲେ । 'ହେଇଟି, ତମେ ପୁଣି ଭୁଲିଗଲଣି । ସେତୁ ପରା ଭଙ୍ଗାହୋଇଯାଇଛି ! ଆମେ ତେବେ ମାସେହେଲା ଯାଇନାହୁଁ କାହିଁକି ?'

'ଓଃ ହୋ ! ସେଇଆ କୁହ । ମୁଁ ଭାବୁଛି ସେତୁ ମୋତେ ଦେଖାଯାଉ ନାହିଁ କାହିଁକି ! ମୋର କିଛି କଥା ମନେରହୁ ନାହିଁ । ତମ କଥା ଅଲଗା; ତମେ ଟୋକାଲୋକ !' - ଅଶୋକ କହିଲେ ।

'ଆଉ ବର୍ଷ ଗୋଟାଏ ଦୁଇଟାରେ ମୋତେ ଅଶୀ ହେବ ।'

'ତମ ବୟସରେ ତ ମୁଁ ...' ଅଶୋକଙ୍କ ବାକ୍ୟ ମୃଦୁତର ହୋଇ ଅସ୍ପଷ୍ଟ ହୋଇଗଲା ।

'ତମର ଆଉ ଏମିତି କ'ଣ ବେଶି ! ଆଜିକାଲି ତ ଶତାୟୁମାନଙ୍କ ସମ୍ବାଦ ପ୍ରାୟ ଖବରକାଗଜରେ ପଢ଼ିବାକୁ ମିଳେ। ହେଇଟି, ଶୋଇପଡ଼ିଲ କି ? ଅଶୋକ ଭାଇ !'

'ନା ନା, ଶୋଇବି କାହିଁକି ? ତେବେ ଟିକିଏ ତନ୍ଦ୍ରା ଆସିଯାଏ, ଆରାମ ଲାଗେ, କ'ଣ, ସେତୁ ଆଡ଼େ ବୁଲିଯିବା ?'

'ଅଶୋକ ଭାଇ, ତମେ ସବୁ ଭୁଲିଯାଉଛ ଦେଖୁଛି !'

ଅଶୋକ ଟିକିଏ ବିଚଳିତ ଭାବରେ ହାତଗୋଡ଼ ହଲାଇଲେ । ତା'ପରେ କିନ୍ତୁ ଟିକିଏ ରହି କହିଲେ 'ଭୁଲିଯାଉଛି ? ହଁ- ଯେତେବେଳେ ଅନେକ କଥା ଭୁଲିବା ଦରକାର ଥିଲା, ସେତେବେଳେ ଏ ମନ କିଛି ଭୁଲୁ ନ ଥିଲା । ମନଠୁ ବଳି ବଇରୀ ନାହିଁ । ଏବେ ନାନା କଥା ମନେରଖିବା ଦରକାର । ବୁଢ଼ା ହେଲେ ତମ ପାଇଁ ଆଉ କେହି ମନେରଖିବାକୁ ନ ଥାନ୍ତି। ସେମାନଙ୍କ ମନର ରଙ୍ଗ ଭିନ୍ନ । ସେମାନେ ତମର ଯେଉଁ କଥା ମନେରଖିବେ, ସେଥିରେ ତାଙ୍କ ନିଜ ନିଜ ମନର ରଙ୍ଗ ଏମିତି ଲାଗିଯିବ ଯେ ତମେ ତାକୁ ଆଉ ତମର ବୋଲି ଚିହ୍ନିପାରିବ ନାହିଁ ।'

'ଅଶୋକଭାଇ, ତମେ ଅଧ୍ୟାପକ ଥିଲାବେଳେ ଯେଉଁପରି ଚମତ୍କାର ଢଙ୍ଗରେ ବକ୍ତୃତା ଦେଉଥିଲ ନାଟକ କରୁଥିଲ, ଆଜି ଦେଖୁଛି ସେମିତି ଭାବରେ କଥା କହୁଛ ।'

'ସତେ ? ବୁଝିଲ ସୁଧୀର, ସବୁ ଭୁଲିଯିବା ଭିତରେ ହିଁ ସବୁ କ୍ଷୋଭର ଶାନ୍ତି । ମୁଁ ଶାନ୍ତ । ମୁଁ ଯେ ମଝିରେ ମଝିରେ ଶୋଇପଡୁଛି, ତାହା ସେହି ଶାନ୍ତିର ଲକ୍ଷଣ । ଥରେ ଏମିତି ଟିକିଏ ଶୋଇପଡ଼ିଥିବା ଭିତରେ ମୃତ୍ୟୁ ଆସିଗଲେ କେଡ଼େ ଭଲହୁଅନ୍ତା ।'

ସୁଧୀର ବୁଝିଲେ, ଅଶୋକବାବୁ ଆପାତତଃ ତନ୍ଦ୍ରାତୁର ହେବେ ନାହିଁ । ସେ ନିଜକୁ ଆଉ ଟିକିଏ ସଜାଡ଼ିନେଇ ବସିଲେ । ମୁହୂର୍ତ୍ତେ ଇତସ୍ତତଃ କରି କହିଲେ, 'ଅଶୋକଭାଇ ! ଗୋଟାଏ କଥା କହିବି ବୋଲି କେତେ ଦିନରୁ ଭାବୁଛି । ତୁମେ ଯଦି କ୍ଷମାକରିବ, ତେବେ ଆଜି କହନ୍ତି ।'

'କହିବ ? କୁହ !'

ସୁଧୀର କାଶିହେଲେ, ଜାମା ଉପରୁ ନ ଥିବା ଧୂଳି ଝାଡ଼ିଦେଲେ, ହାତଗୋଡ଼ର ଆଗ୍ରହ ନ ଥିଲେ ବି ସେମାନଙ୍କୁ ଥରେ ପ୍ରସାରିତ କରି ତା'ପରେ ପୁଣି ଗୋଟାଇ ଆଣିଲେ । ସଙ୍କୋଚର ଏହିପରି ଦୀର୍ଘାୟିତ ଅଭିବ୍ୟକ୍ତି ଦେଇସାରି ସେ କହିଲେ, 'ଅଶୋକଭାଇ, ଚାରୁ ଅପା ମନେଅଛି ?'

ଅଶୋକଙ୍କ ପ୍ରତିକ୍ରିୟା ଜଣାପଡ଼ିଲା ନାହିଁ ।

'ମନେ ନାହିଁ ? ଚାରୁଅପା ବଡ଼ ସୁନ୍ଦରୀ ନ ଥିଲା ଦେଖିବାକୁ ? ଚାରୁଅପା କଥା କହୁଛି ! ତମେ ନୂଆ ନୂଆ ଅଧ୍ୟାପକ ହୋଇଥାଅ । ବେଶଭୂଷା, ଚାଲିଚଳନ, କଥାବାର୍ତ୍ତାର ଷ୍ଟାଇଲ୍‌ରେ ତମକୁ ସେତେବେଳେ ବଳିଯିବ କିଏ ? ଚାରୁଅପା ଆମଘରେ ରହି ପଢୁଥାଏ । ମନେପଡ଼ିଲା ? ଦୂର ସମ୍ପର୍କରେ ମୋର ଅପା । ମୋଠୁଁ ଦୁଇ-ତିନିବର୍ଷ ବଡ଼ ହୋଇଥିବ । ତମେ ତାକୁ ଭଲପାଉଥିଲ । ହେଇଟି, ଅଶୋକଭାଇ, ପୁଣି ଶୋଇଲଣି ନା କ'ଣ ! ଅଶୋକଭାଇ ମ ! - ସୁଧୀରଙ୍କ କଣ୍ଠରେ ବ୍ୟାକୁଳତା ଫୁଟିଉଠିଲା ।

'ଆରେ ନା - ଶୋଇବି କାହିଁକି ?'

'ଚାରୁଅପା ମନେପଡ଼ିଲା ନା ନାହିଁ କହିଲ !'

'ଆରେ ହଁ - ମନେ ନ ପଡ଼ିବ କେମିତି ? ମୁଁ ପରା ତାକୁ ଭଲପାଉଥିଲି ବୋଲି ତମେ କହିଲ ?'

'ହଁ ଅଶୋକଭାଇ, ପ୍ରବଳ ଭଲ ପାଉଥିଲ; ତା' ପାଇଁ ଝଡ଼ିଯାଇଥିଲ ।'

'ସେଇ ଯେଉଁ ଝଡ଼ିଥିଲି ଆଉ ସାରା ଜୀବନ ମୋଟେଇଲି ନାହିଁ ।'

'ଆଉ ମୋ ହାତରେ ଚିଠିଟାମାନ ପଠାଉଥିଲ ବୋଲି ମୋତେ ଖୁଆଇ ପିଆଇ ସେଇ ଯେଉଁ ମୋଟା କରିଦେଇଥିଲ, ମୁଁ ଜୀବନ ସାରା ଆଉ ଝଡ଼ିଲି ନାହିଁ । ଛାଡ଼ । ଅଶୋକଭାଇ, ସେ ବି ତମକୁ ଭଲପାଉଥିଲା ।'

'ନା, ସେ ଭଲପାଇଲା ନାହିଁ... '

'ପାଇଥିଲା, ଅଶୋକଭାଇ !'

ଅଶୋକ ଜହ୍ନକୁ ଅନାଇଁ ରହିଲେ । ଦଶ ମିନିଟ୍ ବିତିଗଲା । ସେ ସ୍ନିଗ୍ଧ ହସଟିଏ ଫୁଟାଇ କହିଲେ, 'ଆଃ, ମୁଁ ବଡ଼ ଭାଗ୍ୟବାନ୍ । ପ୍ରମାଣ ମୋର ଲୋଡ଼ା ନାହିଁ, ସୁଧୀର; କିନ୍ତୁ ତମେ ଏକଥା ମୋତେ କେଇବର୍ଷ ଆଗରୁ କହିଲ ନାହିଁ କାହିଁକି ? ମୁଁ ନିଜକୁ ଅଧିକ କିଛି କାଳ ଭାଗ୍ୟବାନ୍ ମନେକରିଥାନ୍ତି ।'

'ସେଇଠି ତ କଥା, ଅଶୋକଭାଇ ! ମୁଁ ଆଉ କ୍ଷମା ମାଗୁଛି ତେବେ କାହିଁକି ? ତୁମେ ତ ଜାଣ, ଚାରୁଅପା କେତେ ଲାଜକୁଳୀ ଥିଲା । ତେବେ, ତମର ଫର୍ଦ୍ଦ ଫର୍ଦ୍ଦ ଚିଠି ପାଇବା ପରେ ସେ ଅବଶେଷରେ ତମ ପାଖକୁ ଉତ୍ତରଟିଏ

ଲେଖିଥିଲା । ସେ ସେତୁ ପାଖରେ ତମ ସହିତ ଦେଖା କରିବାକୁ ରାଜି ହୋଇଥିଲା । ନିର୍ଦ୍ଦିଷ୍ଟ ସମୟରେ ଆସିଥିଲା ମଧ୍ୟ । ତମକୁ ନ ଦେଖି ବିଚାରି ବଡ଼ ଅପମାନରେ ଫେରିଗଲା ।'

'କାହିଁ, ମୁଁ ତ ସେ ଚିଠି ପାଇନାହିଁ !' -ଅଶୋକଙ୍କ ସ୍ୱର ଥରିଉଠିଲା ।

'କେମିତି ପାଇଥାନ୍ତ !' - ସୁଧୀର ଛେପ ଢୋକି କହିଲେ, 'ମୁଁ ଚିଠିଖଣ୍ଡିକ ଧରି ଆସିଥିଲି ଯେ, ଭୀଷଣ ପବନରେ ସେତୁ ପାଖରେ ଉଡ଼ିଗଲା ।'

'ଉଡ଼ିଗଲା ?' ଅଶୋକ ଉଠି ଠିଆହେବାକୁ ଉଦ୍ୟତ ହେଲେ 'ଚାଲିଲ, ଖୋଜିବା !'

'ଷାଠିଏ ବର୍ଷ ପରେ ?' ହସିଉଠିଲେ ସୁଧୀର । ଅଶୋକବାବୁ ଆଖି ନିମୀଳିତ କରି ପୁଣି ଆରାମଚୌକିକୁ ଆଉଜିଗଲେ।

ସୁଧୀର ତା'ପରେ ହଠାତ୍ ଗମ୍ଭୀର ହୋଇଗଲେ ଓ କହିଲେ, 'ମୋତେ' କ୍ଷମା କର ଅଶୋକଭାଇ, ଚିଠିଖଣ୍ଡିକ ଉଡ଼ିଗଲା ଯେ, କିନ୍ତୁ ସତ କଥା ହେଲା, ମୁଁ ତାକୁ ଉଡ଼ାଇଦେଇଥିଲି... ପଢ଼ିସାରି, ଚିରିଦେଇ ।'

ଅଶୋକ କିଛି କହିଲେ ନାହିଁ ।

ସୁଧୀର ମୁଣ୍ଡପୋତି କହିଚାଲିଲେ, 'ମୁଁ କହିପାରିବି ନାହିଁ କାହିଁକି ସେପରି କଲି । ଚାରୁଅପା ପ୍ରତି ମୋର ଗଭୀର ଶ୍ରଦ୍ଧା ଥିଲା । ମୁଁ ତା'ର ମଙ୍ଗଳ ହିଁ ଚାହୁଁଥିଲି । ତମର ବ୍ୟକ୍ତିତ୍ୱ ପ୍ରତି ବି ମୋର ଶ୍ରଦ୍ଧା ଥିଲା; କିନ୍ତୁ କାହିଁକି କେଜାଣି, ତମକୁ ଭୟ କରୁଥିଲି - ଚାରୁଅପା ତମର ହୋଇଗଲେ ମୋର ଯେମିତି ତା' ଉପରେ ଆଉ କିଛି ଅଧିକାର ରହିବ ନାହିଁ । ଅବଶ୍ୟ କେଉଁ ଅଧିକାର ବା ରହିଲା ? କେଇଦିନ ପରେ ତା' ବାପାଙ୍କ ବେମାର ଯୋଗୁଁ ଯେ ଚାରୁଅପା ଗଲା ଆଉ ଫେରିଲା ନାହିଁ। କିନ୍ତୁ ଅଶୋକ ଭାଇ ! ଯେଯାଏ ଓକାଲତି ଭିତରେ ଡୁବି ରହିଥିଲି, ସେଯାଏ ସେ କଥା ମନେ ନ ଥିଲା; କିନ୍ତୁ ଅବସର ପରେ ଗତ ଦଶବର୍ଷ ଭିତରେ ଆମେ ଯେତେଥର ସେ ସେତୁ ପାଖକୁ ଯାଇଛୁ, ସେତେଥର ମୋତେ ସେ ସ୍ମୃତି ବଡ଼ ଯନ୍ତ୍ରଣା ଦେଇଛି । କାହିଁକି ମୁଁ ସେପରି କଲି ! ତମକୁ ଥରେ ସବୁ କହିବି ବୋଲି ଆଜିଯାଏ କହିପାରୁ ନ ଥିଲି ।'

ସୁଧୀର ହଠାତ୍ ଚୁପ୍ ହେଲେ । ପାହାଚରେ ପାଦଶବ୍ଦ ଶୁଭୁଥିଲା ଓ ଶୁଭୁଥିଲା ବାଡ଼ିର ଠକ୍ ଠକ୍ । ମହେନ୍ଦ୍ର ଆସି ପହଞ୍ଚିଗଲେ ।

'ବୁଝିଲ ଅଶୋକବାବୁ ! ଆପଣଙ୍କ ଦୃଷ୍ଟାନ୍ତ ହିଁ ମୋ ଭିତରେ ଏଯାଏ ଏତକ ତାକତ୍ ବଜାୟ ରଖିଛି । ଆଚ୍ଛା, ଆପଣ ଏତେ ଶୀଘ୍ର କେମିତି ସେତୁ ପାଖରୁ ଚାଲିଆସିଲେ ? ମୁଁ ସେପଟରୁ ଆପଣଙ୍କୁ ଦେଖିଲି, ଡାକିଲି ମଧ୍ୟ । ଆପଣ ଯେମିତି କିଛି ଖୋଜୁଥିଲେ - ମୋ କଥା ଶୁଣିଲେ ନାହିଁ । ସେଠି ଯେଉଁ ଭଙ୍ଗାପଥର ଜମାହୋଇଛି, ତାକୁ ଟପି ଆପଣଙ୍କୁ ଧରିବା ସମ୍ଭବ ନ ଥିଲା; ଅଥଚ ବୁଲିଆସିବା ବେଳକୁ ଆପଣ ନାହାନ୍ତି - ଏଠି ପହଞ୍ଚିଗଲେଣି । କିଏ କହିବ ଆପଣ ମୋ ଠାରୁ ଚାରିବର୍ଷ ବଡ଼ ?' - ମହେନ୍ଦ୍ର ସପ୍ରଶଂସ ଭାବରେ କହିଲେ ।

'ଅଶୋକଭାଇ ତ ଆଜି କୁଆଡ଼େ ହେଲେ ବାହାରି ନାହାନ୍ତି ! ଆପଣ ଆଉ କାହାକୁ ଦେଖିଛନ୍ତି ।' - ସୁଧୀର କହିଲେ ।

'ଆଉ କାହାକୁ ? ଅସମ୍ଭବ । କିହୋ ଅଶୋକବାବୁ, ଆପଣଙ୍କୁ ଚିହ୍ନିବାରେ ମୋର ଭୁଲ ହୋଇପାରେ ?' ମହେନ୍ଦ୍ର ଉତ୍ତର ପ୍ରତୀକ୍ଷା କରି ମନ୍ତବ୍ୟ ଦେଲେ - 'ଯାଃ, ଶୋଇପଡ଼ିଲେଣି ।'

'ତାଙ୍କ ତନ୍ଦ୍ରା ତ ଏମିତି ଗାଢ଼ ହୁଏ ନାହିଁ ? ଅଶୋକ ଭାଇ !' - ସୁଧୀର ଡାକିଲେ ।

'ଅଶୋକବାବୁ !' -ମହେନ୍ଦ୍ର କଣ୍ଠସ୍ୱର ଉଚ୍ଚ କଲେ ।

'ଅଶୋକ ଭାଇ !'

ସୁଧୀର ଅଶୋକବାବୁଙ୍କୁ ସ୍ପର୍ଶ କଲେ ଓ ଚମକିଉଠି ଚିତ୍କାର କଲେ - 'ଆରେ, କିଏ କେଉଁଠି ଅଛ - ଟେଲିଫୋନ୍ କର ଡାକ୍ତରଙ୍କୁ । ଆରେ, ଆଲୁଅ କାହିଁ ? ସୁଇଚ୍ ବୋର୍ଡଟା କେଉଁଠି ?' କହିଲେ ମହେନ୍ଦ୍ର ବାବୁ - 'ମୁଁ ସବୁ ଭୁଲିଯାଉଛି।'

ପୃଷ୍ଠବଂଧ

ସ୍ରଷ୍ଟା ପରିଚୟ : ଆଧୁନିକ ଓଡ଼ିଆ ସାହିତ୍ୟର ଯଶସ୍ୱୀ ସାହିତ୍ୟ ସାଧକ ରୂପେ ପଦ୍ମଶ୍ରୀ ମନୋଜ ଦାସ ସୁବିଦିତ । ସେ ୧୯୩୪ ଫେବୃଆରୀ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲା ଭୋଗରାଇର ଶଂଖାରି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ମଧୁସୂଦନ ଦାସ, ମାତାଙ୍କ ନାମ କାଦମ୍ବିନୀ ଦାସ । କଟକ ଖ୍ରୀଷ୍ଟ କଲେଜରୁ ଇଂରାଜୀ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ଖ୍ୟାତିସଂପନ୍ନ ପ୍ରତିଭାଧର ଶ୍ରୀ ମନୋଜ ଦାସ ସଂପ୍ରତି ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀଠାରେ ଅଧ୍ୟାପନା-ରତ । ସେ ଏକାଧାରାରେ କବି, ଗାଳ୍ପିକ, ଔପନ୍ୟାସିକ, ଆଲୋଚକ ଓ ସଂପାଦକ। କଥାସାହିତ୍ୟରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ଭାରତୀୟ ସଂସ୍କୃତି, ପରମ୍ପରା, ଦର୍ଶନ ଓ ଅଧ୍ୟାତ୍ମିକ ଚେତନାକୁ ସେ ତାଙ୍କ ରଚନାରେ ଗୁରୁତ୍ୱ ଦେଇଥାନ୍ତି ।

ମନୋଜ ଦାସଙ୍କ ରଚିତ ଗଳ୍ପ - 'ସମୁଦ୍ରର କ୍ଷୁଧା', ବିଷକନ୍ୟାର କାହାଣୀ', 'ଆରଣ୍ୟକ', 'ଶେଷ ବସନ୍ତର ଚିଠି', ମନୋଜ ଦାସଙ୍କ କଥା ଓ କାହାଣୀ, 'ଲକ୍ଷ୍ମୀର ଅଭିସାର', 'ଧୂମ୍ରାଭ ଦିଗନ୍ତ' ଓ ଅନ୍ୟାନ୍ୟ କାହାଣୀ, ଉପନ୍ୟାସ 'ବୁଲ୍‌ଡୋଜର୍ସ', 'ପ୍ରଭଞ୍ଜନ', 'ଅମୃତଫଳ', 'ଆକାଶର ଇସାରା', ଭ୍ରମଣ କାହାଣୀ - ଦୂରଦୂରାନ୍ତର, ଅନ୍ତରଙ୍ଗ ଭାରତ, ପ୍ରବନ୍ଧ ଆଲୋଚନା, କେତେ ଦିଗନ୍ତ, ଅରଣ୍ୟ ଉଲ୍ଲାସ ପ୍ରଭୃତି - ଓଡ଼ିଆ ସାହିତ୍ୟର ଏକ ଏକ ଉଲ୍ଲେଖଯୋଗ୍ୟ କୃତି ।

ଗଳ୍ପ ସମ୍ପର୍କରେ : ଜହ୍ନରାତିର ସେତୁ ଏକ ମନନଧର୍ମୀ ଗଳ୍ପ । ରୋମାଣ୍ଟିକ୍ ଚେତନା ଭିତରେ ସ୍ମୃତିସବୁ ଉଜ୍ଜୀବିତ ହୋଇ ଉଠିଛି । ମଣିଷର ଚେତନା ଜଗତରେ ଜଣେ ଜଣେ ବ୍ୟକ୍ତି ବା ଘଟଣା ପ୍ରଭାବ ବିସ୍ତାର କରିବା ସ୍ୱାଭାବିକ୍ । କୌଣସି ଏକ ଅବସ୍ଥାରେ ଏହିପରି ଅନୁଭୂତି ସହ ପ୍ରତ୍ୟକ୍ଷ ହେଲେ ଘଟଣାଟି ଜୀବନ୍ତ ହୋଇଉଠେ । ଆଧ୍ୟାତ୍ମିକ ଜଗତ ସହ ପରିଚିତ ଥିବା ବ୍ୟକ୍ତିମାନେ ଏହା ସ୍ୱଚ୍ଛ ସତ୍ତାର କଥା ବୋଲି ବିଶ୍ୱାସ କରିପାରନ୍ତି । 'ଜହ୍ନରାତିର ସେତୁ' ଗଳ୍ପ ଏହି ଚିନ୍ତାଧାରା ବହନ କରିଛି । ଜୀବନର ଉତ୍ତୀର୍ଣ୍ଣ ଲଗ୍ନରେ ଯୌବନର ସ୍ମୃତି ଅଶୋକଙ୍କୁ କେବଳ ଭାବପ୍ରବଣ କରି ନାହିଁ ବରଂ ଜୀବନର ଏକ ଭିନ୍ନ ଦିଗକୁ ଉନ୍ମୋଚିତ କରିଛି । ଅଶୋକ ଓ ଚାରୁଙ୍କ ପ୍ରେମରେ ପ୍ରତିବନ୍ଧକ ହୋଇଥିବା ସୁଧୀରଙ୍କ ସ୍ୱୀକାରୋକ୍ତି ଅଶୋକଙ୍କୁ ହତବାକ୍ କରିଦେଇଛି । ଅଳ୍ପରେ ବହୁ କଥାର ପରିପ୍ରକାଶ ହିଁ ଏହାର ଭାବ ଗାମ୍ଭୀର୍ଯ୍ୟ, ଏ ଗଳ୍ପର ବୈଶିଷ୍ଟ୍ୟ ।

ଦୀର୍ଘ ପ୍ରଶ୍ନାବଳୀ :

୧ । ଜହ୍ନରାତିର ସେତୁ ଗଳ୍ପରେ ଗାଳ୍ପିକଙ୍କ ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର - ଆଲୋଚନା କର ।

୨ । 'ସ୍ମୃତି ଚିରଜାଗ୍ରତ' । ତୁମ ପଠିତ ଗଳ୍ପ ଅବଲମ୍ବନରେ ଆଲୋଚନା କର ।

୩ । ଅଶୋକଙ୍କ ଚରିତ୍ର ଚିତ୍ରଣ କର ।

୪ । ଗୋଟିଏ ଗୋଟିଏ ଘଟଣାରେ ମଣିଷ ଭାବପ୍ରବଣ ହୋଇ ମଧ୍ୟ ସତ୍ୟକୁ ଖୋଜେ । ଜହ୍ନରାତିର ସେତୁ ଗଳ୍ପରେ ଏହା ପ୍ରମାଣିତ - ଆଲୋଚନା କର ।

୫ । ଜହ୍ନରାତିର ସେତୁ ଏକ ଜୀବନଧର୍ମୀ ଗଳ୍ପ - ବିଚାର କର ।

ଆନ୍ତର୍ଜାତିକ କବିତା
ଭାରତୀୟ ଗଳ୍ପ
ପ୍ରବନ୍ଧ

ଆଲୋକ ତୁମକୁ ଢାଙ୍କିଦିଏ

ପାବ୍ଲୋ ନେରୁଦା
ଅନୁବାଦ : ସଂଗ୍ରାମ ଜେନା

ଆଲୋକ ତୁମକୁ ଢାଙ୍କିଦିଏ
ତା' ନଶ୍ୱର ଶିଖାରେ ।
ଠିଆ ହୋଇଅଛ ତୁମେ ମୁହଁଟି ଶୁଖାଇ
ଗୋଧୂଳିର ଆଦିମ ସେ ଘୂର୍ଣ୍ଣିଚକ୍ର ଆଗେ
ନିରନ୍ତର ଆବର୍ତିତ ଯାହା
ତମ ଚାରିପଟେ ।

ବିବାକ୍ ବାନ୍ଧବ ମୋର
ମୃତ୍ୟୁର ଏଇ ନିର୍ଜନ ସନ୍ଧିରେ
ଏକା ଏକା ଠିଆହୋଇ
ତୁମେ ଆଲୋକର ପ୍ରାଣକଣିକାରେ ପୂର୍ଣ୍ଣ
ଯଥାର୍ଥ ଦାୟାଦ ତୁମ ଧ୍ୱସ୍ତ ଦିବସର ।

ତୁମ କଳା ପୋଷାକ ଉପରେ
ସୂର୍ଯ୍ୟ ଅବା ଅଜାଡ଼େ ଝୁଡ଼ିଏ ଫଳ
ରାତିର ବିଶାଳ ଚେର
ହଠାତ୍ ବାହାରିଆସେ ତୁମର ଆତ୍ମାରୁ,
ଏବଂ ତୁମ ଛାତି ତଳେ ଚାପିହୋଇ ରହିଥିବା
ଚିଜମାନ, ଆଉଥରେ ବାହାରକୁ ବାହାରନ୍ତି,

ଯେଣୁ ତୁମ ନବଜାତ ନୀଳ ପାଂଶୁଳ ମଣିଷ
ଏ ସବୁକୁ ଖାଇ ବଞ୍ଚିଥାଏ ।

ଓଃ ଚମତ୍କାର, ବୁଦ୍ଧିମାନ, ଆକର୍ଷକ କ୍ରୀତଦାସଗଣ
ପୁନରାୟ କୃଷ ଆଉ ସୁବର୍ଣ୍ଣ ବୃତ୍ତରେ
ଜାଗିଉଠ, ଆଗେ ବଢ଼
ଅଧୀନସ୍ଥ କର ଏ ସୃଷ୍ଟିକୁ, ନିଜ ନେତୃତ୍ୱରେ
ଯାହାର ଜୀବନ ଏତେ ସମୃଦ୍ଧ ଯେ
ଏହାର କୁସୁମ ସବୁ ଝରିପଡ଼େ
ଏବଂ ଏହା ଭରପୂର କେବଳ ଦୁଃଖରେ ।

ଖାତା

ରବୀନ୍ଦ୍ରନାଥ ଠାକୁର

ଅନୁବାଦ : ରବୀନ୍ଦ୍ର ପ୍ରସାଦ ପଣ୍ଡା

ଲେଖିଶିଖିବା ଦିନରୁ ଉମା ଆରମ୍ଭ କରିଦେଇଚି ବିଷମ ଉପଦ୍ରବ । ଘରସାରା କାନ୍ଥବାଡ଼, ଯୋଉଠି ଯା ପାଇଲା, ତା ଉପରେ ଅଙ୍ଗାରରେ ଅଙ୍କାବଙ୍କା ଧାଡ଼ି କାଟି ଡିମା ଡିମା ଅକ୍ଷରରେ ଖାଲି ଲେଖୁଚି - ମେଘ ହେଲେ, ଗଛ ହଲେ । ପୁଣି, ଭାଉଜଙ୍କ ତକିଆ ତଳେ ଥିଲା ଯୋଉ ହରିଦାସର ଗୁପ୍ତ କଥା, ତାକୁ ଖୋଜି ବାହାରକରି ପ୍ରତି ପୃଷ୍ଠାର ତଳେ ଲେଖିଚି ପେନ୍‌ସିଲ୍‌ରେ - ପାଣି ନୀଳ, ଫୁଲ ଲାଲ । ଘରର ନିତ୍ୟ ବ୍ୟବହାର୍ଯ୍ୟ ପାଞ୍ଜିଠୁଁ ଆରମ୍ଭ କରି ଅଧିକାଂଶ କାଗଜପତ୍ର ସେଇ ଡିମା ଅକ୍ଷର ଗହଳରେ ଏକ୍ଷଣି ଲୁପ୍ତପ୍ରାୟ । ବାପର ହିସାବଖାତାରେ ଦୈନିକ ଜମାଖରଚ ମଝି ଜାଗାଟାରେ ଲେଖିଦେଉଚି ଲେଖାପଢ଼ା କରେ ଯେ, ଗାଡ଼ିଘୋଡ଼ା ଚଢ଼େ ସେ । ଏଭଳି ସାହିତ୍ୟ ଚର୍ଚ୍ଚାରେ ସେ ବାଧାପାଇ ନାହିଁ କୋଉଦିନ; କିନ୍ତୁ ଶେଷକୁ ଯା କରିଚି, ତା ଗୁରୁତର ଏକ ଦୁର୍ଘଟଣା । ବଡ଼ଭାଇ ଗୋବିନ୍ଦ ସିନା ଉପରକୁ ଭାରି ନିରୀହ, ସେ କିନ୍ତୁ ଖବରକାଗଜରେ ନିୟମିତ ଲେଖାଲେଖି କରେ । କଥାବାର୍ତ୍ତା ଶୁଣି ପ୍ରତିବେଶୀ କି ଆତ୍ମୀୟପରିଜନ ତାକୁ ଚିନ୍ତାଶୀଳ ବୋଲି ସନ୍ଦେହ କରି ନାହାନ୍ତି କଦାପି; ଆଉ ସେ ଯେ ବାସ୍ତବିକ କୋଉ ବିଷୟରେ କେବେହେଲେ ଚିନ୍ତା କରେ, ସେଭଳି ଅପବାଦ ବି ଦେଇହେବ ନାହିଁ ସହଜରେ; କିନ୍ତୁ ସେ ଲେଖେ; ଆଉ ବଙ୍ଗଦେଶର ଅଧିକାଂଶ ପାଠକ ତା ଲେଖାରେ ଲକ୍ଷ୍ୟ କରିଚନ୍ତି ନିଜ ମତୈକ୍ୟ ।

ଶରୀରତତ୍ତ୍ୱ ବିଷୟରେ ଇଉରୋପର ବିଜ୍ଞାନୀଙ୍କ ଭିତରେ ପ୍ରଚଳିତ ଅଛି ଗୁରୁତର କିଛି ଭ୍ରମ, ଯୁକ୍ତିର ବିନା ସାହାଯ୍ୟରେ ସେଗୁଡ଼ିକୁ ସତେଜ ଖଣ୍ଡନ କରି ଅତି ରୋମାଞ୍ଚକର ଭାଷାରେ ଏକ ଉପାଦେୟ ପ୍ରବନ୍ଧ ରଚନା କରିଚି ଗୋବିନ୍ଦ; ଦିନେ ଦି ପହରେ ସେ ଘରେ ନ ଥିବାବେଳେ ତା ଦୁଆତ-କଲମ ନେଇ ଡିମାଡିମା ଅକ୍ଷରରେ - ଉମା ସେ ରଚନା ଉପରେ ଲେଖିଚି : ଗୋପାଳ ଭାରି ଭଲ ପିଲା, ଯା ଦେଲେ ତା ଖାଏ । ଗୋପାଳ ନାଁ ଦେଇ ସେ ଯେ ଗୋବିନ୍ଦର ପାଠକମାନଙ୍କ ପ୍ରତି ଆକ୍ଷେପ କରିଥିଲା, ଏଭଳି ଅଭିଯୋଗ ଅବଶ୍ୟ ବିଶ୍ୱାସଯୋଗ୍ୟ ନୁହେଁ; ଗୋବିନ୍ଦ କିନ୍ତୁ ରାଗିଯାଇଚି ବିସ୍ତର ! ଆଗେ ମାରିଚି ଦିଚାପୁଡ଼ା, ତାପରେ ଲୁଣ୍ଠନ କରିଚି ଉମାର ଖଣ୍ଡିଆମୁଣ୍ଡ ପେନ୍‌ସିଲ୍, କାଳି ବଲବଲ ଦଛଡ଼ା କଲମ, ବହୁ ଯତ୍ନ ସଞ୍ଚିତ ଲେଖ୍ୟୋପକରଣର ଯତ୍‌ସାମାନ୍ୟ ପୁଞ୍ଜି । ଅପମାନିତା ବାଳିକା ଏତାଦୃଶ ଲାଞ୍ଛନାର କାରଣ ପୂରାପୂରି ହୃଦୟଙ୍ଗମ କରି ନ ପାରି, ଘରକୋଣରେ ବସି କାନ୍ଦିବାକୁ ଲାଗିଚି । ଶାସନ ମିଆଦ ସରିଗଲା ପରେ ଅନୁତପ୍ତ ଗୋବିନ୍ଦ ଲୁଣ୍ଠିତ ସାମଗ୍ରୀ ଉମାକୁ ଫେରାଇଦେଇଚି; ଉପରନ୍ତୁ ବାଳିକାର ହୃଦୟବେଦନା ଉପଶମ କରିବା ଉଦ୍ଦେଶ୍ୟରେ ଖଣ୍ଡିଏ ସୁନ୍ଦର ରୁଲ୍‌ଟଣା ବନ୍ଧାଇ ଖାତା ମଧ୍ୟ ଦେଇଚି ଉପହାର । ଉମାକୁ ସେତେବେଳକୁ ଛ' ପୂରି ସାତ ଚାଲିଚି; ଖାତାଟି ତେଣୁ କେତେବେଳେ ତା କୋଡ଼ରେ ତ କେତେବେଳେ ତା କାଖରେ ବିରାଜ କରୁଚି ଦିନସାରା, ରାତିରେ ସେ ଖାତାର ଅବସ୍ଥାନ ଅବଶ୍ୟ ତା ତକିଆ ତଳେ । ଆଉ, ସାନ ବେଣୀଟିଏ ହଲାଇ ଚାକରାଣୀ ସାଙ୍ଗରେ ଯେତେବେଳେ ସେ ଗାଁ ଚାଟଶାଳୀକୁ

ଯାଏ ପଢ଼ିବାକୁ, ଖାତା ବି ସାଙ୍ଗରେ ଯାଏ ନିୟମିତ, ଯା ଦେଖି, ସାଙ୍ଗ କୋଉ ଝିଅର ଉଦ୍ରେକ ହୁଏ ବିସ୍ମୟ, କାହାର ବା ଲୋଭ, ଆଉ କାହାର ଦ୍ୱେଷ । ଆଗବର୍ଷ ଭାରି ନିଘା କରି ଲେଖିଥିବା ସେ ଖାତାରେ ପାହିଲା ଅନ୍ଧାର ରଜନୀ, ଗୀତ ଗାଇଲେ ପକ୍ଷୀ । ଶୋଇବା ଘର ଚଟାଣରେ ଚକାମାଡ଼ି ବସି ଖାତା ଉପରେ ଝୁଙ୍କିପଡ଼ି ଲେଖେ, ଆଉ ଦୋହଲି ଦୋହଲି ସୁର୍‌କରି ପଢ଼େ । ଏ ବାଗରେ ତାର ଗଦ୍ୟ-ପଦ୍ୟ ସଂଗ୍ରହ ଖୁବ୍ କମ୍ ହେଇ ନାହିଁ; ତେବେ ଦ୍ୱିତୀୟ ବର୍ଷରେ ଦେଖାଦେଇଚି ସ୍ୱାଧୀନ କିଛି ରଚନା, ସଂକ୍ଷିପ୍ତ କିନ୍ତୁ ସାର, ଭୂମିକା ନାହିଁ କି ଉପସଂହାର ନାହିଁ; ଯେପରି, କଥାମାଳାରୁ ବାଘ ଓ ବଗ ଗପଟା ଯୋଉଠି ଉତାରିଚି, ତା ତଳେ ଖାଲି ଜାଗାରେ ରହିଚି ଗୋଟେ ଧାଡ଼ି, କଥାମାଳା ବା ବଙ୍ଗସାହିତ୍ୟର ଅନ୍ୟ କୋଉଠି ଇତିପୂର୍ବେ ଯାର ସାକ୍ଷାତ୍ ମିଳି ନାହିଁ । ସେ ବାକ୍ୟଟି ହେଲା । ଯଶିକୁ ମୋର ଭଲଲାଗେ ସବୁଠୁଁ ବେଶି । କୋଉ ପ୍ରେମଗଳ୍ପର ଉପକ୍ରମଣିକା ନୁହେଁ ଏ । ଯଶି ବି ବାଳକ ନୁହେଁ; ଘରର ପୁରୁଣା ଚାକରାଣୀ, ଭଲ ନାଁ ଯଶୋଦା । ହେଲେ ସୁଦ୍ଧା, ଯଶି ପ୍ରତି ବାଳିକାର ପ୍ରକୃତ ମନୋଭାବ କି ରକମ, ଏ ବାକ୍ୟଟି ତାର ଦୃଢ଼ ପ୍ରମାଣ ହେଇପାରେନା; କାହିଁକିନା, ଏକଥା ଲେଖିଚି ଖାତାର ଯୋଉ ପୃଷ୍ଠାରେ, ତାଠୁଁ ଦି' ପୃଷ୍ଠା ଛାଡ଼ି ଯା ଲେଖିଚି ତା ପୂର୍ବୋକ୍ତ ବାକ୍ୟଟିର ସ୍ପଷ୍ଟ ପ୍ରତିବାଦ । ଉଦାହରଣ ଅବଶ୍ୟ ଗୋଟାଏ ନୁହେଁ କି ଦୁଇଟା ନୁହେଁ, ଉମାର ସ୍ୱାଧୀନ ରଚନାର ବିଶିଷ୍ଟ ଗୁଣ ହେଲା ପଦେପଦେ ପରସ୍ପର ବିରୋଧିତା । ଆଉ ଗୋଟାଏ ଜାଗାରେ ଲେଖିଚି - ହରି ସାଙ୍ଗରେ ଏ ଜନ୍ମରେ କଥା କହିବି ନାହିଁ ଆଉ । ସେ ଅବଶ୍ୟ ଅଭିଧାନ ପ୍ରଣେତା ହରିଚରଣ ନୁହେଁ, ସହପାଠିନୀ ହରିଦାସୀ । ଅନତିଦୂରରେ ପୁଣି ଏଭଳି ବାକ୍ୟ ଅଛି, ପଢ଼ିଲେ ମନେହେବ, ହରିଠୁଁ ବଳି ଅନ୍ତରଙ୍ଗ ତ୍ରିଭୁବନରେ ଆଉ କେହି ନାହିଁ ।

ତା ପରବର୍ଷ, ଝିଅକୁ ବୟସ ଯେତେବେଳେ ନ', ଦିନେ ସକାଳେ ତାଙ୍କଘରେ ବାଜିଚି ସାନାଇ; ଉମାର ବାହାଘରା ବର ପ୍ୟାରୀମୋହନ, ଗୋବିନ୍ଦର ସହଯୋଗୀ ଲେଖକ । ବୟସ ବେଶି ନୁହଁ, ଲେଖାପଢ଼ା ବି ଶିଖିଚି କିଛି; କିନ୍ତୁ ସମାଜର ନବ୍ୟଭାବ ତାକୁ ସ୍ପର୍ଶ କରି ନାହିଁ । ପାଖ ପଡ଼ିଶା ସେଥିପାଇଁ ଧନ୍ୟ ଧନ୍ୟ କରନ୍ତି; ଗୋବିନ୍ଦ ବି ଅନୁକରଣ କରିବାକୁ ଚେଷ୍ଟା କରିଚି, ମାତ୍ର ବେଶି ବାଟ ଆଗେଇ ପାରି ନାହିଁ । ବନାରସୀ ଶାଢ଼ିରେ ସାନ ମୁହଁଟିକୁ ଢାଙ୍କି କାନ୍ଦି କାନ୍ଦି ଉମା ଏଥର ଶାଶୁଘରକୁ ଯାଇଚି । ଗଲାବେଳେ ମା ସଣ୍ଢଣା ଶିଖାଇଦେଲେ, 'ଦେଖି ମା, ଶାଶୁ କଥା ଶୁଣିବୁ, ଘରକାମ କରିବାକୁ ପଛେଇବୁ ନାହିଁ, ଅମାନିଆପଣ ଆଉ ଶୋଭା ପାଏନା ତୋତେ; ବହିପତ୍ର ଲେଖାପଢ଼ାରେ ଘାଣ୍ଟି ହେବୁ ନାହିଁ ବେଶି ।' ଗୋବିନ୍ଦ କହିଲା, 'କାଛବାଡ଼ରେ ଗାରକାଟି ବୁଲିବୁ ନାହିଁ, କହିଦେଉଚି । ତାଙ୍କ ଘର ଭିନେ ରକମ । ଆଉ ପ୍ୟାରୀମୋହନ ଯା ଲେଖିବ, ଖବରଦାର, ତା ଉପରେ ତୁ ଫେର୍ ଫାଳ ଚଳାନା ' ଉମା ସେତେବେଳେ ବୁଝିଗଲା, ସେ ଯାଉଚି କୁଆଡ଼େ; ହୃତ୍‌କମ୍ପ ଉପସ୍ଥିତ ହେଇଚି । ଦୋଷ କେହି ମାର୍ଜନା କରିବେ ନାହିଁ; ଆଉ କୋଉକଥାକୁ ସେଠି ଦୋଷ ଭାବନ୍ତି, କି ତ୍ରୁଟି ବା ଅପରାଧ, ଢେର୍‌ଦିନ ଧରି ଅନେକ ଗାଳିମନ୍ଦ ହଜମ କରି ତାହେଲେ ଶିଖିନେବାକୁ ପଡ଼ିବ ! ସେତେବେଳେ ସୁଦ୍ଧା ସାନାଇ ବାଜୁଚି; କିନ୍ତୁ ବନାରସୀ ସିଲ୍କ୍‌ରେ ମୋଡ଼ିହୋଇ ମୁହଁ ଉପରେ ଲମ୍ବା ଓଢ଼ଣା ପକାଇ ଅଳଙ୍କାରରେ ଲଦି ହେଇଥିବା ଏଇ ସାନ ଝିଅଟା ଛାତି ଭିତରେ କଣ ବାଜୁଚି, ଲୋକାରଣ୍ୟ ଭିତରେ ସେ ଖବର କେହି ରଖିଚି କି ନାହିଁ, ଘୋର ସନ୍ଦେହ।

ଯଶି ବି ଯାଇଚି ସାଙ୍ଗରେ । ସେଠି କିଛିଦିନ ରହି ଉମାକୁ ଠାବ କରି ଫେରି ଆସିବ । ସେଇ କେବଳ ଆଗପଛ ଭାବି ଖାତାଟା ନେଇଚି ସାଙ୍ଗରେ । ଏଣୁତେଣୁ ଲେଖାଯାଇଥିବା ଏଇ ଖାତାଟା ତ ଝିଅର ବାପଘର ସ୍ନେହସିକ୍ତ ସ୍ମୃତିଚିହ୍ନ; ପିତାମାତାଙ୍କ ଅଙ୍କସ୍ଥଳିର ସଂକ୍ଷିପ୍ତ ଇତିହାସ, ଶୈଶବର ସାହିତ୍ୟଚର୍ଚ୍ଚା । ଆଉ, ଏଇ ଅକାଳ ଗୃହିଣୀପଣିଆ ମଝିରେ ବାଳିକା ସ୍ୱଭାବ ସୁଲଭ ସ୍ୱାଧୀନତାର ମଧୁର ଆସ୍ୱାଦ । ତେବେ, ଶାଶୁଘରେ ଯାଇ ଅନେକଦିନଯାଏଁ ଲେଖିପାରି ନାହିଁ କିଛି, ବେଳ ପାଇ ନାହିଁ । ଯଶି ବି ଲେଉଟିଯାଇଚି । ଯୋଉଦିନ ସେ ଗଲା, ସେଦିନ ଖରାବେଳେ ଘର ଭିତରୁ କବାଟ କିଳିଦେଇ ଟିଣ ଟ୍ରଙ୍କ୍‌ରୁ ଖାତାଟି କାଢ଼ିଆଣି କାନ୍ଦୁକାନ୍ଦୁ ଉମା ଲେଖିଲା - ଯଶି ପଳାଇଚି, ମୁଁ ବି ମା' ପାଖକୁ ଯିବି ।

ଚାରୁପାଠ ଆଉ ବୋଧୋଦୟ ବହିରୁ କପି କରିବାକୁ ଅବସର ପାଏନା ଆଜିକାଲି, ଇଚ୍ଛା ବି ହୁଏନା । ସଂକ୍ଷିପ୍ତ ରଚନାଗୁଡ଼ିକ ମଝିରେ ତେଣୁ ପରିଲକ୍ଷିତ ହୁଏ ଦୀର୍ଘ ବିଚ୍ଛେଦ । ଯଶି ସମ୍ବନ୍ଧୀୟ ପୂର୍ବୋଦ୍ଧୃତ ପଦଟି ପଛକୁ ଲେଖାଯାଇଚି - ଦାଦା ଆସି ଯଦି ଆମ ଘରକୁ ଥରେ ନେଇଯାଏ, ଆଉ କେବେହେଲେ ତା ଲେଖାଲେଖିରେ ହାତ ଦେବି ନାହିଁ । ଶୁଣାଯାଏ, ଉମାକୁ ଘରକୁ ଆଣିବାକୁ ତା ବାପା ମଝିରେ ମଝିରେ ଚେଷ୍ଟା କରିଚନ୍ତି; କିନ୍ତୁ ପ୍ୟାରୀମୋହନ ସାଙ୍ଗରେ ମେଣ୍ଟ ବାନ୍ଧି ବାଧା ଦେଇଚି ଗୋବିନ୍ଦ । କାହିଁକିନା, ଏଇ ବେଳଟା କୁଆଡ଼େ ପତିଭକ୍ତି ଶିଖିବା ସମୟ; ଏ ଅବସ୍ଥାରେ ତାକୁ ଯଦି ବାରମ୍ବାର ବାପଘରକୁ ଅଣାଯାଏ, ମନ ହେଇଯାଇପାରେ ଅନର୍ଥକ ବିକ୍ଷିପ୍ତ । ଉପଦେଶ ସହିତ ବିଦ୍ରୁପର ପାଚନ କରି ଏମିତି ଗୋଟାଏ ସୁନ୍ଦର ପ୍ରବନ୍ଧ ସେ ଲେଖିଲା ଯେ ଏକମତବର୍ତ୍ତୀ ସକଳ ପାଠକ ଏ ମତକୁ ଅକାଟ୍ୟ ସତ୍ୟର ମର୍ଯ୍ୟାଦା ନ ଦେଇ କ୍ଷାନ୍ତ ହେଇ ନାହାନ୍ତି । ସେ ଖବର ଯେତେବେଳେ ଉମା କାନରେ ପଡ଼ିଲା, ଖାତାରେ ଲେଖିଚି - ଦାଦା, ତୋ ଗୋଡ଼ ଧରୁଛି, ଥରେ ଆସି ମୋତେ ନେଇଯା, ତୋତେ ଆଉ ରଗାଇବି ନାହିଁ ।

ଆଉ ଦିନେ କବାଟ କିଳିଦେଇ କଣ ଗୋଟାଏ ଅର୍ଥହୀନ ତୁଚ୍ଛ କଥା ଖାତାରେ ଲେଖୁଥିଲା; ନଣନ୍ଦ ତିଳକମଞ୍ଜରୀକୁ ଲାଗିଚି ଭାରି କୌତୁକ; ବେଳ ନାହିଁ କାଳ ନାହିଁ ଭାଉଜ କବାଟ କିଳି ଦଉଚି, କଣ କରୁଚି ଭିତରେ, ଦେଖିବାକୁ ପଡ଼ିବ । କବାଟ ଫାଙ୍କରୁ ଲକ୍ଷ୍ୟ କରି ଦେଖିଲା, ଲେଖୁଚି । ଦେଖି, ଏକେବାରେ ତାଟକା । ତାଙ୍କ ଅନ୍ତଃପୁରକୁ ସରସ୍ୱତୀଙ୍କ ଏଭଳି ଗୋପନ ସମାଗମ ଯାବଚନ୍ଦ୍ରାର୍କେ ଘଟି ନାହିଁ କେବେହେଲେ । ତାଠୁଁ ସାନ କନକମଞ୍ଜରୀ ବି ଆସିଯାଇ ଉଙ୍କି ମାରୁଚି, ସବାସାନ ଅନଙ୍ଗମଞ୍ଜରୀ ବଡ଼ ଦି' ଜଣଙ୍କ ଦେଖାଦେଖି ବୁଢ଼ାଆଙ୍ଗୁଳି ଉପରେ ଠିଆହୋଇ ଯାଉଁଳି କବାଟରେ କଣା ଖୋଜୁଚି । ସେ ମଧ୍ୟ ଯଥାରୀତି ଭେଦ କରିଚି ରୁଦ୍ଧକକ୍ଷର ରହସ୍ୟ । ଉମା ଅବଶ୍ୟ ଦୁଆର ମୁହଁରେ ତିନିଟି ପରିଚିତ ହସର ଶବ୍ଦ ଶୁଣିବାକୁ ପାଇଚି କବାଟ ଉହାଡ଼ରୁ । ଉଠିପଡ଼ି ଖାତାଟା ଲୁଚାଇ ଦେଇଚି ଟ୍ରଙ୍କ୍ ଭିତରେ, ଆଉ ଲଜ୍ଜା ଓ ଭୟରେ ମୁହଁ ଲୁଚାଇ ଶୋଇପଡ଼ିଚି ଯାଇ ବିଛଣାରେ ।

ଯଥାକାଳେ ଏ ସମ୍ବାଦ ଅବଗତ ହୋଇ ପ୍ୟାରୀମୋହନ ହୋଇପଡ଼ିଚି ଚିନ୍ତିତ । ଲେଖାପଢ଼ା ଯଦି ଆଗେଇଚାଲେ ଏମିତି, ନାଟକ-ନଭେଲ୍ ଆମଦାନି ହେବାକୁ ଲାଗିବ ଆଉ କେତେ ବା ଡେରି ! ଘରକରଣା ସିନା ଉଠିବ ଶିକାକୁ ! ଏ କାମଗୁଡ଼ାକ ତା ସ୍ତ୍ରୀକୁ ଅନ୍ତତଃ ଶୋଭାପାଏନା । ଏ ବିଷୟରେ ନିଜ ସ୍ୱୋଦ୍‌ଭାବିତ ସୂକ୍ଷ୍ମତତ୍ତ୍ୱ ଆଗରୁ ଅବଶ୍ୟ ମହଜୁତ୍ ଅଛି; ସ୍ତ୍ରୀ ଶକ୍ତି ଆଉ ପୁଂଶକ୍ତି, ଉଭୟ ଶକ୍ତିର ସମ୍ମିଳନରୁ ଉଦ୍‌ଭବ ହୁଏ ତୃତୀୟ ମାତ୍ରା, ଦାମ୍ପତ୍ୟଶକ୍ତି । କିନ୍ତୁ ଲେଖାପଢ଼ା ବା ଶିକ୍ଷାଦ୍ୱାରା ସ୍ତ୍ରୀ ଭିତରୁ ସ୍ତ୍ରୀଶକ୍ତି ଯଦି ପରାଭୂତ ହୁଏ, ସ୍ତ୍ରୀ ଭିତରେ ପ୍ରାଦୁର୍ଭାବ ଘଟିବ ଏକାନ୍ତ ପୁଂଶକ୍ତିର । ସେତେବେଳେ ସମ୍ମିଳନ ପରିବର୍ତ୍ତେ ପୁଂଶକ୍ତି ସହିତ ପୁଂଶକ୍ତିର ପ୍ରତିଘାତ ଏପରି ଏକ ପ୍ରଳୟଶକ୍ତି ଉତ୍ପନ୍ନ କରିବ, ଯାଦ୍ୱାରା ଦାମ୍ପତ୍ୟ ଶକ୍ତି, ବିନାଶ ଶକ୍ତିରେ ହୁଏ ବିଲୀନ, ଏବଂ ଫଳତଃ, ରମଣୀ ହୁଏ ବିଧବା । କହିବା ବାହୁଲ୍ୟ, ଅଦ୍ୟାବଧି ଏ ସିଦ୍ଧାନ୍ତର ପ୍ରତିବାଦ କରିବାକୁ କେହି ସାହସ କରିପାରି ନାହିଁ । ସଞ୍ଜବେଳେ ତେଣୁ ଘରକୁ ଫେରି ଉମାକୁ ଯଥେଷ୍ଟ ଭର୍ତ୍ସନା କରିଚି ପ୍ୟାରୀମୋହନ, ଏବଂ କିଞ୍ଚିତ୍ ଉପହାସ ମଧ୍ୟ- 'କାରୁକାର୍ଯ୍ୟମଣ୍ଡିତ ପଗଡ଼ି ବରାଦ କରିବାକୁ ପଡ଼ିବ ଏଥର, କାନରେ କଲମ ଗୁଞ୍ଜି ଦପ୍ତର ଯିବେ ଘରଣୀ !'

ଉମା ଏ କଥାର ମର୍ମ ବୁଝିଲା ନାହିଁ; ପ୍ୟାରୀମୋହନର ପ୍ରବନ୍ଧ ସେ ତ କେବେ ପଢ଼ି ନାହିଁ, ସେଥିପାଇଁ ତାର ରସବୋଧ ଯାଇପାରି ନାହିଁ ସେତେଦୂର । ତଥାପି ଭାରି ସଙ୍କୁଚିତ ହୋଇପଡ଼ିଚି; ଭାବୁଚି, ପୃଥିବୀ ଦ୍ୱିଧା ହେଲେ ଯାଇଁ ନିଜକୁ ରକ୍ଷା କରନ୍ତା ଏଇ ଲଜ୍ଜା ଅପବାଦରୁ । ଲେଖିଲା ନାହିଁ ଅନେକଦିନ; କିନ୍ତୁ ହଠାତ୍ ଦିନେ ସକାଳେ, ଶରତ୍‌କାଳ ଆସି ଅପରୂପ ଆଲୁଅ ବିଞ୍ଚିଦେଲା ଝରକାରେ, ଉଠିଆସି ଦେଖିଲା, ଘର ମୁହଁରେ ଛିଡ଼ାହୋଇ ଆଗମନୀ ଗୀତ ଗାଉଚି ଜଣେ ଭିଖାରୁଣୀ । ଝରକା ବନ୍ଧରେ ଚିବୁକ ଥୋଇ ଥିରିହୋଇ ଶୁଣୁଚି, ଶରତ୍ ଆଲୁଅରେ ଆଗମନୀ ଗୀତ ଶୁଣିଲେ

ମନେପଡ଼େ ପିଲାବେଳେ ଯାବତ କଥା, ଏତିକିବେଳେ ତ ଝିଅ ଆସେ ବାପଘରକୁ ! ଉମା କିନ୍ତୁ ଗୀତ ଗାଇପାରେନା; ତେବେ ଲେଖିଶିଖିବା ଦିନରୁ ଏମିତି ଆଦତରେ ପଡ଼ିଯାଇଚି ଯେ କୋଉଠି ଶୁଣିଲେ, ସେ ଗୀତକୁ ଖାତାରେ ଉତାରିନେଇ ଗୀତ ଗାଇ ନ ପାରିବା ଖେଦ ସେ ଭୁଲିଯାଏ । ଆଜି କାଙ୍ଗାଳୀ ଗାଉଚି-

ପୁରବାସୀ କହୁଚନ୍ତି, ଉମାର ମା,
ତୋ ହଜିଲା ଧନ ତ ଫେରିଆସୁଚି, ହେଇ !
ରାଣୀ ତା ଶୁଣି ବାୟାଣୀ,
ଦାଣ୍ଡକୁ ଦଉଡ଼ିଯାଇ ପଚାରୁଚି
କାହିଁ, ମୋ ଉମା କାହିଁ ?
କାନ୍ଦିପକାଇ କହୁଚି, ଆସିଲୁ କିରେ ସତରେ !
ଆ ତ ଥରେ ମୋ କୋଳକୁ, ବେଗି ଆ ।
ଦି' ବାହୁ ପ୍ରସାରି ମା' ଗଳାକୁ ଜଡ଼ାଇ ଧରିଚି ଉମା,
ଅଭିମାନରେ କାନ୍ଦି କାନ୍ଦି ପଚାରୁଚି, କାହିଁ,
ଝିଅ କଥା ଯଦି ମନେଥିଲା, ଆଣିବାକୁ ମୋତେ ଯାଇଥିଲ କେବେ ?

ଅଭିମାନରେ ଛାତି ଉଠୁଚି ପଡୁଚି, ଦି' ଗାଲ ଦେଇ ବହିଯାଉଚି ଲୁହଧାର; ବାଡ଼ିବାଟେ ଗାୟିବାକୁ ଡାକିଆଣି, କବାଟ ଆଉଜାଇ ଦେଇ ବିଚିତ୍ର ବନାନରେ ଟିପି ନେଉଚି ଉମା ଗୀତଟାକୁ ଆମୂଳଚୂଳ; ତିଳକମଞ୍ଜରୀ କନକମଞ୍ଜରୀ ଅନଙ୍ଗମଞ୍ଜରୀ ତିନିହେଁ ଦୁଆର ମୁହଁକୁ ଆସି ତାଳିମାରି ରଡ଼ି ଛାଡ଼ିଲେ, 'ଭାଉଜ, କଣ କରୁଚ, ଆମେ ସବୁ ଦେଖିଛୁଁ !' ଦୁଆର ଖୋଲି ଉମା ବାହାରି ଆସିଚି, କାତର ହୋଇ କହିଚି, 'ଦେଖ, କାହାକୁ କହିବ ନାହିଁ, ରାଣ ପକାଉଚି, ମୁଁ ଆଉ ଲେଖିବି ନାହିଁ ।' କିନ୍ତୁ ତିଳକମଞ୍ଜରୀର ଦୃଷ୍ଟି ଲାଖି ରହିଚି ସେଇ ଖାତା ଖଣ୍ଡିକ ଉପରେ; ଧାଇଁଯାଇ ଖାତାଟା ଉଠାଇଆଣି ଉମା ଛାତି ଉପରେ ଜାକି ଧରିଚି । ଯେତେ ନେହୁରା ହେଲେ ସୁଦ୍ଧା ନଣନ୍ଦ ତିନିହେଁ ବଳ ଖଟାଇ ଖାତାଟା କାଢ଼ିନେବାକୁ ଚେଷ୍ଟା କଲେ; ପାରିଲେ ନାହିଁ । ଶେଷକୁ ଅନଙ୍ଗ ଯାଇ ଭାଇକୁ ଡାକି ଆଣିଲା ।

ପ୍ୟାରୀମୋହନ ଆସି ମୁହଁ ଆମ୍ବିଳାକରି ଖଟ ଉପରେ ବସିଚି; ଆଉ ମେଘମନ୍ଦ୍ର ସ୍ୱରରେ ଆଦେଶ କରିଚି, 'ଖାତା ଦିଅ ।' ଆଦେଶ ପାଳନ ହେଉ ନାହିଁ ଦେଖି, ଆଉ ଦୁଇ ତିନି ଥର ସ୍ୱର ନରମ କରି କହିଚି, 'ଦିଅ !' ବାଳିକା ଖାତାଟି ସେମିତି ଛାତି ଉପରେ ଜାକି ଧରି ସ୍ୱାମୀ ମୁହଁକୁ ଏକ ଦୃଷ୍ଟିରେ ଅନାଇ ରହିଚି, ଆଖିରେ ତାର ଏକାନ୍ତ ଅନୁନୟ । ଯେତେବେଳେ ଦେଖିଲା ଖାତା କାଢ଼ିନେବା ଲାଗି ପ୍ୟାରୀମୋହନ ଉଠି ଠିଆହେଲାଣି, ଖାତାଟା ତଳେ ପକାଇଦେଇ ଦୁଇ ହାତରେ ମୁହଁ ଘୋଡ଼ାଇ ମାଟି ଉପରେ ଲୋଟିପଡ଼ିଲା ଉମା । ପ୍ୟାରୀମୋହନ ଖାତାଟା ତଳୁ ଉଠାଇନେଇ ବଡ଼ ପାଟିରେ ପଢ଼ିବାକୁ ଲାଗିଲା, ଆଉ ଶୁଣୁ ଶୁଣୁ ଧରିତ୍ରୀମାତାଙ୍କୁ ଉତ୍ତରୋତ୍ତର ଗାଢ଼ତର ଆଲିଙ୍ଗନରେ ଆବଦ୍ଧ କରିବାକୁ ଲାଗିଲା ଉମା; ଆଉ ଅପର ତିନିଟି ବାଳିକା - ଶ୍ରୋତା ହସିହସି ଗଡ଼ିଯାଉଚନ୍ତି ।

ଉମା ଅବଶ୍ୟ ଖାତା ଆଉ ଫେରିପାଇ ନାହିଁ । ପ୍ୟାରୀମୋହନର ବି ସୂକ୍ଷ୍ମତତ୍ତ୍ୱକଣ୍ଟକିତ ବିବିଧ ଦର୍ଶନପୂର୍ଣ୍ଣ ଖଣ୍ଡିଏ ଖାତା ଅଛି; ମାତ୍ର ତାକୁ କାଢ଼ିନେଇ ପୋଡ଼ିଦେବ, ମାନବହିତୈଷୀ ସେଭଳି ଲୋକ କେହି ଥିଲେ ନାହିଁ ଆଖପାଖରେ ।

ପ୍ରକଳ୍ପ

ପ୍ରଦତ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ-

୧) ସ୍ୱନିର୍ଭରଶୀଳତା ୨) ଚକ୍ଷୁଦାନ ଅଭିଯାନ, ୩) ସ୍ୱାସ୍ଥ୍ୟ ଶିବିର ସ୍ଥାପନ, ୪) ର୍ୟାଗିଂ ସମସ୍ୟା, ୫) ମୋବାଇଲ ଆସକ୍ତି, ୬) ଜନସ୍ୱାର୍ଥ ମାମଲା ୭) ବୃଷ୍ଟିଜଳ ସଂରକ୍ଷଣ, ୮) ଆଦର୍ଶ ଗ୍ରାମ ଗଠନ ।

ନିମ୍ନରେ ବୃଷ୍ଟିଜଳ ପ୍ରକଳ୍ପଟି ଦୃଷ୍ଟାନ୍ତ ସ୍ୱରୂପ ଗୃହୀତ ।

ବୃଷ୍ଟିଜଳ ସଂରକ୍ଷଣ

ପ୍ରଥମ ପରିଚ୍ଛେଦ :

ଭୂମିକା : ବର୍ଷାପାଣି ଭୂମି ଉପରୁ ତଳକୁ ଗଡ଼ି ଗଡ଼ି ଯାଇ ନଦୀ ଓ ନାଳରେ ପଡ଼େ । ଏହା ସମୁଦ୍ର, ହ୍ରଦ ପ୍ରଭୃତି ଜଳାଶୟରେ ପହଞ୍ଚେ । ଆମେ ଭାବନ୍ତି ନାହିଁ ଯେ ଏହି ପାଣିକୁ ଧରି ରଖିଲେ ବା ଏହାକୁ ସଂଗ୍ରହ କରି ରଖିଲେ ପରେ କାମରେ ଲାଗିପାରେ । ଜଳ ଏକ ପୁନର୍ନବୀକରଣ ଯୋଗ୍ୟ ସମ୍ପଦ । କିନ୍ତୁ ବ୍ୟବହାରଯୋଗ୍ୟ ସଞ୍ଚିତ ଜଳର ପରିମାଣ ନିର୍ଦ୍ଦିଷ୍ଟ । କୃଷି, ଶିଳ୍ପ ଓ ଦୈନନ୍ଦିନ କାମରେ ଆମର ପ୍ରଚୁର ଜଳ ପ୍ରୟୋଜନ ହୁଏ । ବର୍ତ୍ତମାନ ଶିଳ୍ପ ବିସ୍ତାର, ନଗରାୟଣ, ଉନ୍ନତ କୃଷି ପଦ୍ଧତି ପ୍ରୟୋଗ ପ୍ରଭୃତି କାରଣରୁ ଜଳର ଚାହିଦା ବହୁଗୁଣ ବୃଦ୍ଧି ପାଇଛି । ବୈଜ୍ଞାନିକମାନଙ୍କ ଧାରଣା ଯେ ଆଗାମୀ ୫୦ ବର୍ଷ ମଧ୍ୟରେ ପୃଥିବୀରେ ଭୀଷଣ ଜଳ ସଂକଟ ଦେଖାଦେବ । ଏପରିକି ପର୍ଯ୍ୟାପ୍ତ ପାନୀୟ ଜଳ ବି ମିଳିବ ନାହିଁ । ସଂପ୍ରତି ବହୁ ଅଞ୍ଚଳରେ ବ୍ୟବହାରଯୋଗ୍ୟ ଜଳ ମିଳେନା । ମରୁଭୂମିକୁ ମଧ୍ୟ ରୋଧ କରିବା ସମ୍ଭବ ହୁଏନା ଜଳସଂକଟ ଯୋଗୁଁ । ଚେରାପୁଞ୍ଜିରେ ସର୍ବାଧିକ ବୃଷ୍ଟି ହୁଏ ଠିକ୍ କିନ୍ତୁ ସେଠାରେ ମଧ୍ୟ ଜଳ ସଂକଟ ଦେଖାଯାଏ । ବର୍ଷାପାଣିକୁ ଯଦି ଆମେ ଉପଯୁକ୍ତ ପଦ୍ଧତିରେ ସଞ୍ଚୟ କରିପାରନ୍ତେ ତା'ହେଲେ ଜଳ ସଂକଟ ଅନେକ ପରିମାଣରେ ସମାଧାନ କରିପାରନ୍ତେ ।

ଉପରିଲିଖିତ ସମସ୍ୟାକୁ ଦୃଷ୍ଟିରେ ରଖି ଯେଉଁ ପ୍ରକଳ୍ପଟିକୁ ଗ୍ରହଣ କରାଯାଇଛି ତାହା ହେଉଛି ବୃଷ୍ଟି ଜଳ ସଂରକ୍ଷଣ।

ସମସ୍ୟାର ସମାଧାନ :

ବର୍ଷାପାଣିରେ ଆର୍ସେନିକ ବା ଅନ୍ୟାନ୍ୟ କ୍ଷତିକର ରାସାୟନିକ ପଦାର୍ଥ ନ ଥାଏ । ବର୍ଷାପାଣିରେ ଅନ୍ୟାନ୍ୟ ଜୀବାଣୁ ଥିବା ସମ୍ଭାବନା କମ୍ । ଏହି ପାଣି ସ୍ୱାଦଯୁକ୍ତ । ତେଣୁ ଏହା ସ୍ୱାସ୍ଥ୍ୟପ୍ରଦ । ବର୍ଷାପାଣି ସହଜରେ ମିଳେ । ସଂଗ୍ରହ କରିବାକୁ ମଧ୍ୟ କମ୍ ଖର୍ଚ୍ଚ ଲାଗେ । ପାହାଡ଼ ଦେହରେ ବା ମାଳ ଅଞ୍ଚଳରେ ଜଳାଧାର ନିର୍ମାଣ କରି ପାଣି ଧରି ରଖିବାକୁ ଖର୍ଚ୍ଚ ଅନେକ । କିନ୍ତୁ ଥରେ ଖର୍ଚ୍ଚ କଲେ ବାରମ୍ବାର ବେଶୀ ଖର୍ଚ୍ଚ ହୁଏନା ଏବଂ ଜଳାଧାରକୁ ପରବର୍ତ୍ତୀ ସମୟରେ ଜଳ ସରବରାହ ପାଇଁ ପମ୍ପର ଦରକାର ହୁଏନା । ଘରର ପ୍ରୟୋଜନ, ଶିଳ୍ପର ପ୍ରୟୋଜନ ଓ କୃଷି ପାଇଁ ଆମେ ପୋଖରୀ ଖୋଳି ବର୍ଷାପାଣି ସଞ୍ଚୟ କରିପାରନ୍ତି । ଘର ପ୍ରୟୋଜନ ପାଇଁ ଆମେ ଟ୍ୟାଙ୍କ, ଚୌକା ବା ମାଟିରେ ଗାତ ଖୋଳି ବିଶେଷ ପଦ୍ଧତିରେ ପଲିଥିନ ବିଛେଇ ବର୍ଷାପାଣି ସଂଗ୍ରହ କରିପାରିବା । ପ୍ରାଚୀନ କାଳରେ ଭାରତବର୍ଷ ସହିତ ପୃଥିବୀର ବିଭିନ୍ନ ଦେଶରେ ବର୍ଷାପାଣି ସଞ୍ଚୟ କରିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରାଯାଉଥିଲା । ମହାଭାରତ, ରାମାୟଣ, ବୌଦ୍ଧ, ଜୈନ ଧର୍ମ ଗ୍ରନ୍ଥଗୁଡ଼ିକରେ ପୁଷ୍କରିଣୀ, କୂପ, ବନ୍ଧ ପ୍ରଭୃତିର ଉଲ୍ଲେଖ ଅଛି । ବର୍ଷାପାଣି ସଂରକ୍ଷଣ କରିପାରିଲେ

ସାରାବର୍ଷ ଆମେ ସହଜରେ ପ୍ରୟୋଜନୀୟ ପାଣି ପାଇପାରିବା ଏବଂ ଭୂଗର୍ଭରେ ବିଭିନ୍ନ ପଦ୍ଧତିରେ ସେହି ପାଣି ଭର୍ତ୍ତି କରି ଭୂଗର୍ଭର ଜଳସ୍ତର ଠିକ୍ ରଖିପାରିବା ।

ବର୍ଷାପାଣି ସଂଗ୍ରହ କରିବାର କୌଶଳ ଅତୀତରେ ଅଜ୍ଞାତ ନ ଥିଲା । ପାଲେଷ୍ଟାଇନ୍ ଓ ଗ୍ରୀସ୍‌ରେ ଏ ଧରଣର ପ୍ରାଚୀନ ଜଳାଧାରର ସନ୍ଧାନ ମିଳେ । ଘର ଛାତରୁ କିମ୍ବା ଅନ୍ୟ ଜାଗାରୁ ଜଳ ଗଡ଼ିଆସି ଜଳାଧାରଗୁଡ଼ିକ ପୂର୍ଣ୍ଣ କରୁଥିଲା। ପ୍ରଚୀନ କାଳରେ ରୋମର ଅଧିବାସୀମାନେ ବର୍ଷାପାଣି ସଂଗ୍ରହ କରିବାକୁ ନାନା କୌଶଳ ଅବଲମ୍ବନ କରୁଥିଲେ ।

ପ୍ରକଳ୍ପର ଉଦ୍ଦେଶ୍ୟ :

୧) ବର୍ଷାପାଣି ଜମା କରିବା ଫଳରେ ମୃତ୍ତିକାର କ୍ଷୟରୋଧ କରିବା ଅନେକ ପରିମାଣରେ ସମ୍ଭବ ହେଉଥିଲା ।

୨) ବର୍ଷାପାଣିରେ ରାସ୍ତାଘାଟ ବୁଡ଼ିଯାଏ । ସେହି ବର୍ଷାପାଣିକୁ ସଞ୍ଚୟ କଲେ ସେଥିରୁ ଅନେକ ଲାଭ ମିଳେ ।

୩) ଶିଳ୍ପ, କଳ-କାରଖାନାରେ ବର୍ଷାପାଣିକୁ କାମରେ ବ୍ୟବହାର କରାଯାଇପାରେ ।

୪) କୃଷି କାମରେ ବ୍ୟବହାର କରାଯାଏ ।

୫) ପୋଖରୀ ପ୍ରଭୃତି ଜଳାଶୟରେ ବର୍ଷାପାଣି ସଞ୍ଚୟ କରି ମାଛ ଚାଷ କରାଯାଇପାରେ ।

୬) ଲୁଗାପଟା ଧୋଇବା, ବାସନମାଜିବା, ଗାଧୋଇବା, ଘରଦ୍ୱାର, ଦାଣ୍ଡ ଇତ୍ୟାଦି ଧୋଇବା ପ୍ରଭୃତି କାମ କରାଯାଇପାରେ ।

୭) ନିର୍ମାଣ ଶିଳ୍ପରେ ବର୍ଷାପାଣିକୁ ସୁବିଧା ଅନୁସାରେ କାମରେ ଲଗାଯାଇପାରେ ।

୮) ବର୍ଷାପାଣିକୁ ଭୂଗର୍ଭରେ ଭର୍ତ୍ତି କରି ଭୂଗର୍ଭସ୍ଥ ପାଣିର ସ୍ତରକୁ ଠିକ୍ ରଖାଯାଇପାରେ ।

୯) ଆର୍ସେନିକ ଦୂଷଣରୁ ମୁକ୍ତି ମିଳିପାରେ ।

୧୦) ବର୍ଷାପାଣିକୁ ବିଭିନ୍ନ କାର୍ଯ୍ୟରେ ଲଗାଇଲେ ଅନ୍ୟାନ୍ୟ ଜଳ ସରବରାହ ବ୍ୟବସ୍ଥା ଉପରେ କମ୍ ଚାପ ପଡ଼େ।

ପ୍ରକଳ୍ପ ପରିକଳ୍ପନା :

ବର୍ଷାପାଣିର ପ୍ରାଚୁର୍ଯ୍ୟ, ଭୂପ୍ରକୃତିର ଅବସ୍ଥା, ମୃତ୍ତିକାର ଗଠନ, ଚାହିଦା ଓ ପ୍ରୟୋଜନୀୟ ଅର୍ଥ ପ୍ରଭୃତି ଉପରେ ନିର୍ଭର କରି ବର୍ଷାପାଣି ସଂରକ୍ଷଣ ପଦ୍ଧତି ସ୍ଥିର କରାଯାଏ ।

ଏଠାରେ କେତେକ ପଦ୍ଧତି ସମ୍ପର୍କରେ ଆଲୋଚନା କରାଗଲା :

ଘରଛାତରୁ ବର୍ଷାପାଣିକୁ ନଳ ମାଧ୍ୟମରେ ଗୋଟିଏ ଜଳାଧାରକୁ ନିଆଯାଏ । ଜଳାଧାରଟି ଇଟାରେ ତିଆରି ହୋଇପାରେ କିମ୍ବା ପ୍ଲାଷ୍ଟିକ୍ ଟ୍ୟାଙ୍କ ହୋଇପାରେ । ସେହି ଜଳାଧାରରୁ ଗୋଟିଏ ନଳ ବା ପାଇପ୍ ଲଗାଇ ପୋଖରୀ କିମ୍ବା ଅନ୍ୟ କୌଣସି ଜଳାଶୟକୁ ପାଣି ନିଆଯାଇପାରେ, ଯାହା ମାଧ୍ୟମରେ ଅତିରିକ୍ତ ପାଣି ସେହି ଜଳାଶୟରେ ପଡ଼ିପାରେ । ଅତିରିକ୍ତ ପାଣିକୁ ଯତ୍ରତତ୍ର ଜମିବାକୁ ନ ଦେଇ କୌଣସି ପରିତ୍ୟକ୍ତ କୂଅକୁ କିମ୍ବା ଗାତଖୋଳି ତାହା ମଧ୍ୟକୁ ନିଆଯାଇପାରେ। ଏହାଦ୍ୱାରା ଭୂଗର୍ଭର ଜଳସ୍ତର ଠିକ୍ ରଖାଯାଏ । ବିଭିନ୍ନ ସମୟରେ ବୃଷ୍ଟିପାତର ପରିମାଣ, ଘରେ ପ୍ରୟୋଜନୀୟ ପାଣିର ଉପଯୋଗ କେତେ ତାହା ଲକ୍ଷ୍ୟ କରି ଜଳାଧାରର ଆୟତନ ବା ଆକୃତି ଠିକ୍ କରିବାକୁ ହୁଏ । ଯେଉଁ ପାତ୍ରରେ ବା

ଟ୍ୟାଙ୍କରେ ପାଣି ସଂଗ୍ରହ କରି ରଖାଯିବ ତାକୁ ଟିକିଏ ଉପରେ ସ୍ଥାପନ କଲେ ସୁବିଧା ହୁଏ । କାରଣ ସେହି ପାତ୍ରରୁ ପାଣି ନଳଦ୍ୱାରା ଫିଲ୍‌ଟର ମାଧ୍ୟମରେ ସିଧାସଳଖ ଦରକାରୀ ସ୍ଥାନକୁ ନିଆଯାଇପାରିବ । ଜଳ ସଞ୍ଚୟ କ୍ଷେତ୍ରରେ କେତୋଟି ବିଷୟ ଉପରେ ନଜର ରଖିବାକୁ ହେବ । ଯେପରି-

୧) ଜଳାଧାରଟି ପରିଷ୍କାର ରହିବ ।

୨) ଛାତକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବାକୁ ହେବ ।

୩) ମଝିରେ ମଝିରେ ଜଳାଧାରକୁ ଚୂନ, ବ୍ଲିଚିଂଦେଇ ପରିଷ୍କାର କରିବାକୁ ହେବ ।

୪) ଜଳାଧାରରେ ଜଳ ରଖିବା ଆଗରୁ କିଛି ଜଳ ବାହାରେ ପକାଇ ଦେବାକୁ ହେବ, ଯାହା ଫଳରେ ଧୂଳି, ମଇଳା ମିଶ୍ରିତ ଟ୍ୟାଙ୍କରେ ରହିବ ନାହିଁ ।

୫) ଛାତରେ ଧୂଳି, ବାଲି, ଚଢ଼େଇମାନଙ୍କ ମଳମୂତ୍ର ଯେପରି ନ ପଡ଼େ, ସେଥିପ୍ରତି ଲକ୍ଷ୍ୟ ରଖିବାକୁ ହେବ । ଏଥିପାଇଁ ଛାତକୁ ପଲିଥିନ ଦେଇ ଢଙ୍କା ଯାଇପାରେ । ବର୍ଷା ହେଲାବେଳେ ଛାତକୁ ଉନ୍ମୁକ୍ତ ରଖାଯିବ ।

୬) ଜଳ ସଞ୍ଚୟ ସମୟରେ ନଜର ରଖିବା ଦରକାର ।

ବର୍ଷାଜଳ ମାଧ୍ୟମରେ ଭୂଗର୍ଭସ୍ଥ ଜଳସ୍ତର ଠିକ୍ ରହେ । ବେଶି ଭାଗ ବର୍ଷାଜଳ ମାଟିର ଜଳଭାଗକୁ ଗଡ଼ିଯାଏ । ଏହା ନଦୀ, ନାଳକୁ ଚାଲିଯାଏ । ଅନାବୃଷ୍ଟି କାଳରେ ଆମେ ଜଳ ବିହୂନେ ଚାଷକାମ ଓ ଅନ୍ୟାନ୍ୟ କାମ କରିପାରନ୍ତି ନାହିଁ। ଏପରିକି ଗଭୀର କୂଅ ବା ନଳକୂଅ ମାଧ୍ୟମରେ ବି ଆମେ ଅନେକ ସମୟରେ ଜଳ ପାଆନ୍ତି ନାହିଁ । ସେହି କାରଣରୁ ଯଦି ଜଳ ସଞ୍ଚୟ କରାଯାଏ ବା ଭୂଗର୍ଭସ୍ଥ କରାଯାଏ ତାହାହେଲେ ଅନାବୃଷ୍ଟି କାଳରେ ଆମେ ସହଜରେ ଜଳ ପାଇପାରିବା । ପାନୀୟ ଜଳ ପାଇବା କ୍ଷେତ୍ରରେ ଅସୁବିଧା ହୁଏନା । ଆର୍ସେନିକ ଦୂଷଣରୁ ମଧ୍ୟ ଅନେକ ପରିମାଣରେ ରକ୍ଷା ମିଳେ । ଏହାଛଡ଼ା ଆଉ ଯେଉଁ ସବୁ ସୁବିଧା ଉପଲବ୍ଧ ହୁଏ ତାହା ନିମ୍ନରେ ଦିଆଗଲା-

କ) ଭୂଗର୍ଭସ୍ଥ ପାଣିର ପରିମାଣ ଓ ମାନ ବୃଦ୍ଧି ହୁଏ ।

ଖ) ବନ୍ୟା ନିୟନ୍ତ୍ରଣରେ ଏହି ପଦ୍ଧତି ସାହାଯ୍ୟ କରେ ।

ଗ) ବର୍ଷାପାଣିକୁ ଅଯଥାରେ ନଷ୍ଟ କରାଯାଏନା ।

ଘ) ଯେଉଁ ସ୍ଥାନରେ ନଦୀ, ପୋଖରୀ ବା ଅନ୍ୟାନ୍ୟ ଜଳାଶୟ ନାହିଁ ସେହି ସ୍ଥାନରେ ଭୂଗର୍ଭସ୍ଥ ଜଳ ସହଜରେ ମିଳେ।

ଙ) ବର୍ଷାପାଣି ଜୀବାଣୁମୁକ୍ତ ଓ କ୍ଷତିକର ଅଜୈବ ପଦାର୍ଥମୁକ୍ତ । ଏହି ପାଣିର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷରେ ଉତ୍ତମ। ଏହା କୃଷିକର୍ମ ପାଇଁ ମଧ୍ୟ ଉପଯୋଗୀ ।

ଚ) ବର୍ଷାପାଣି ସଞ୍ଚୟ କରିବା ବା ଭୂଗର୍ଭସ୍ଥ କରିବା ପାଇଁ ଯେଉଁ ପ୍ରଯୁକ୍ତି ପ୍ରୟୋଜନ ତାହା ପରିବେଶଭିତ୍ତିକ ପ୍ରଯୁକ୍ତି । ଏହି ପ୍ରଯୁକ୍ତି ପରିବେଶର ମିତ୍ର । ଏହା ପରିବେଶକୁ ଦୂଷଣ କରେନା ।

ଦ୍ୱିତୀୟ ପରିଚ୍ଛେଦ :

ତଥ୍ୟ ସଂଗ୍ରହ : ବର୍ଷାପାଣି ସଂଗ୍ରହ ବା ଜମା କରିବାର ପ୍ରାକ୍ କାଳରେ ଲକ୍ଷ୍ୟ କରିବାକୁ ହେବ ଯେ ବର୍ଷରେ କେଉଁ କେଉଁ ସମୟରେ ବର୍ଷା ହୁଏ ଓ କେତେ ପରିମାଣ ହୁଏ । ଘର ପାଇଁ ବା ଅନ୍ୟାନ୍ୟ କାମ ପାଇଁ କେତେ ପରିମାଣ

ଜଳ ପ୍ରୟୋଜନ, ତାହା ହିସାବ କରି ଜଳାଶୟର ଆୟତନ ଠିକ୍ କରିବାକୁ ହେବ । ଜଳାଧାରକୁ ମାଟିତଳେ ନା ମାଟି ଉପରେ ବସାଇବାକୁ ହେବ କି ଛାତରେ ବା ସ୍ତମ୍ଭରେ ରଖାଯିବ ତା' ଅବସ୍ଥା ଅନୁଯାୟୀ ଚିନ୍ତାଭାବନା କରାଯିବ ଏବଂ ଏଥିପାଇଁ ଆର୍ଥିକ ଦିଗକୁ ମଧ୍ୟ ବିଚାରକୁ ନିଆଯିବ । ଏସବୁ ବିବେଚନା କରି ପରିକଳ୍ପନା କରିବାକୁ ହେବ ।

ତଥ୍ୟ ବିଶ୍ଳେଷଣ :

ମନେ କରାଯାଇପାରେ ଗୋଟିଏ ପରିବାରରେ ବା ଘରେ ୧୦ଜଣ ବାସ କରନ୍ତି । ଘର ଛାତର କ୍ଷେତ୍ରଫଳ ୨୦୦ ବର୍ଗମିଟର । ହାରାହାରି ପ୍ରତିଦିନ ଜଣେ ୧୫ ଲିଟର ପିଇବାକୁ ଓ ହାତ ମୁହଁ ଧୋଇବାକୁ ବ୍ୟବହାର କରେ । ଯେଉଁ ଅଞ୍ଚଳରେ ଏହି ଘରଟି ଅବସ୍ଥିତ ସେହି ଅଞ୍ଚଳର ବାର୍ଷିକ ବୃଷ୍ଟିପାତ ହାର ୨ ମିଟର ।

ଏହି ତଥ୍ୟଭିତ୍ତିରେ ପାଣିର ଯେଉଁ ହିସାବ ମିଳେ-୨୦୦ ବର୍ଗମିଟର ଘର ଛାତରେ ବୃଷ୍ଟିପାତର ପରିମାଣ ୨୦୦ X ୨ = ୪୦୦ ଘନଲିଟର = ୪୦୦୦ ଲିଟର । ଏଠାରେ ଧରାହେଲା ବୃଷ୍ଟିପାତର ୫୦% ଜଳ ସଂଗ୍ରହ କରିବା ସମ୍ଭବ ହେଲା । ତାହାହେଲେ ସଂଗୃହୀତ ଜଳର ପରିମାଣ

୪୦୦୦୦୦ = $\frac{୫୦}{୧୦୦}$ ଲିଟର = ୨୦୦୦୦୦ ଲିଟର ।

ଘରର ପ୍ରତି ସଦସ୍ୟ ହାରାହାରି ପ୍ରତିଦିନ ୨୫ ଲିଟର ପାଣି ବ୍ୟୟ କରିଲେ ମୋଟ ପାଣି ଲାଗିବ ୧୦ X ୨୫ X ୩୬୫ = ୯୧୨୫୦ ଲିଟର । ଏହାଛଡ଼ା ୪ଟି ଗବାଦି ପଶୁ ଓ ବଗିଚା ପାଇଁ ପ୍ରତିଦିନ ପାଣି ଲାଗିବ ୨୫୦ ଲିଟର । ଏ କ୍ଷେତ୍ରରେ ମୋଟ ପାଣି ଲାଗିବ ୯୧୨୫୦ ଲିଟର । ତାହାହେଲେ ମଣିଷ ଗବାଦି ପଶୁ ଓ ବଗିଚା ପାଇଁ ବର୍ଷରେ ମୋଟ ପାଣି ଲାଗେ = ୧୮୨୫୦୦ ଲିଟର ।

ଏବେ ପାଣି ଅବଶିଷ୍ଟ ରହେ = (୨୦୦୦୦୦ - ୧୮୨୫୦୦) ଲିଟର = ୧୭୫୦୦ ଲିଟର । ଦେଖାଯାଉଛି ପାଣିର ଅନ୍ୟ କୌଣସି ଉତ୍ସର ଦରକାର ହୁଏନା ।

ଜଳର ପ୍ରୟୋଜନ, ବୃଷ୍ଟିପାତର ପରିମାଣ, ସ୍ଥାନର ପରିସର ବିଷୟଗୁଡ଼ିକ ନିରୀକ୍ଷା କରି ଜଳପାତ୍ର ନିର୍ମାଣ କରିବାକୁ ହେବ ବା ବରାଦ ଦେବାକୁ ହେବ । ଜଳାଧାରକୁ ମଝିରେ ମଝିରେ ପରିଷ୍କାର କରିବାକୁ ହେବ । ଏହି କାମରେ ବୟସ୍କମାନେ ବିଶେଷଭାବେ ଯୁକ୍ତ ହେବା ଦରକାର ।

ସିଦ୍ଧାନ୍ତ :

ବର୍ଷା ବର୍ଷେ ପ୍ରକୃତିର ନିୟମ ଅନୁସାରେ । ପ୍ରକୃତି ନିୟମରେ ତାହା ଚାଳିତ । ଆମେ ଏହି ବୃଷ୍ଟିଜଳରୁ କିଛି ଅଂଶ ଯଦି ସଂଗ୍ରହ କରି କାମରେ ଲଗାଇ ପାରନ୍ତି, ତେବେ ସହଜରେ ବର୍ଷକ ପାଇଁ ପ୍ରୟୋଜନୀୟ ଜଳ ପାଇପାରିବା । ଏହାଦ୍ୱାରା ଆମେ ଜଳ ସଂକଟର ମୁକାବିଲା କରିପାରିବା ।

ତୃତୀୟ ଅଧ୍ୟାୟ-

ସୀମାବଦ୍ଧତା : ପ୍ରକଳ୍ପଟିର ରୂପାୟନ ପାଇଁ ପରିବାରର ବୟସ୍କ ଲୋକଙ୍କ ସାହାଯ୍ୟ ଏକାନ୍ତ ପ୍ରୟୋଜନ । ଅଭିଜ୍ଞ କାରିଗର ଓ କର୍ମୀଙ୍କର ମଧ୍ୟ ପ୍ରୟୋଜନ । ପ୍ରାଥମିକ ଅର୍ଥ ବ୍ୟୟ ମଧ୍ୟ କମ୍ ନୁହେଁ । ଘର ଛାତ ନ ହେଲେ ଅସୁବିଧା ରହିଛି। ବର୍ଷାବେଳେ ତଦାରଖ କରିବା ପାଇଁ ଜଣକର ଉପସ୍ଥିତି ଦରକାର । ଏଥିପାଇଁ ଉପଯୁକ୍ତ ଲୋକଙ୍କର ଅଭାବ ହୋଇପାରେ।

ବର୍ଷାପାଣିକୁ ବ୍ୟବହାର କରିବାକୁ ଘରର ଲୋକମାନେ ରାଜି ହୋଇ ନ ପାରନ୍ତି । ଏଇ କାରଣରୁ ସେମାନଙ୍କୁ ବୁଝାଇବା ଦରକାର । ସେମାନଙ୍କୁ କହିବାକୁ ହେବ ଯେ ବର୍ଷାପାଣି ବ୍ୟବହାର କଲେ ଆମର ଅପକାର ହେବ ନାହିଁ ।

ଯେଉଁ ସବୁ ଅଞ୍ଚଳରେ ବୃଷ୍ଟିପାତ ଖୁବ୍ କମ୍ ହୁଏ, ସେଠାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ନାହିଁ । ପୁଣି ଯଦି କେଉଁ ବର୍ଷ ବୃଷ୍ଟିପାତ କମ୍ ହୁଏ, ତାହାହେଲେ ଏହି ପ୍ରକଳ୍ପ ପରିକଳ୍ପନା ବାସ୍ତବାୟିତ ହୋଇପାରିବ ନାହିଁ । ବୃଷ୍ଟିଜଳ ସଂରକ୍ଷଣ ପାଇଁ ଯେଉଁ ଯନ୍ତ୍ରପାତି, ସରଞ୍ଜାମ କିଣିବାକୁ ହେବ ତାହାର ଖର୍ଚ୍ଚ ମଧ୍ୟ କମ୍ ନୁହେଁ ।

କୃତଜ୍ଞତା ସ୍ୱୀକାର :

ବୃଷ୍ଟିଜଳ ସଂରକ୍ଷଣ ପ୍ରକଳ୍ପର ସାର୍ଥକ ରୂପାୟନ ପାଇଁ ଆମେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପରିବେଶ ବିଦ୍ୟାର ଭାରପ୍ରାପ୍ତ ଶିକ୍ଷକଙ୍କ ନିକଟରୁ ନାନାପ୍ରକାର ସାହାଯ୍ୟ ଲାଭ କରିଛୁ । ଘରର ଗୁରୁଜନମାନଙ୍କଠାରୁ ପରାମର୍ଶ ପାଇଛୁ । ଏଥିପାଇଁ ସମସ୍ତଙ୍କ ନିକଟରେ କୃତଜ୍ଞ ।

ପ୍ରତିବେଦକର ସ୍ୱାକ୍ଷର : ଶିକ୍ଷକ/ଶିକ୍ଷୟିତ୍ରୀ

ତାରିଖ..... ତାରିଖ.....

ପ୍ରକଳ୍ପଭିତ୍ତିକ ପ୍ରଶ୍ନ

୧ । ବୃଷ୍ଟିଜଳ କାହିଁକି ନିର୍ମଳ ?

୨ । ବୃଷ୍ଟିଜଳ କିପରି ସଂଗ୍ରହ କରାଯାଇପାରେ ?

୩ । ବୃଷ୍ଟିଜଳ କେଉଁଠି କେଉଁଠି ପ୍ରାକୃତିକ ଉପାୟରେ ସଞ୍ଚିତ ହୁଏ ?

୪ । ବୃଷ୍ଟିଜଳ ଉଦ୍ଭିଦ ପାଇଁ ବିଶେଷ ପ୍ରୟୋଜନୀୟ କାହିଁକି ?

୫ । ଭୂଗର୍ଭସ୍ଥ ଜଳସ୍ତର ହ୍ରାସ ପାଇବାର ଦୁଇଟି କାରଣ ଦର୍ଶାଅ ।

୬ । ବୃଷ୍ଟିଜଳର ସଂରକ୍ଷଣର ଦୁଇଟି କାରଣ କୁହ ।

୭ । ବୃଷ୍ଟିଜଳକୁ କଣ ବିଶୁଦ୍ଧ ପାନୀୟ ଜଳ କୁହାଯିବ ?

୮ । ବୃଷ୍ଟିଜଳକୁ କିପରି ସହଜରେ ପାନୀୟ ଜଳ ଭାବରେ ରୂପାନ୍ତରିତ କରାଯାଏ ?

୯ । ବୃଷ୍ଟିଜଳ ବ୍ୟବହାର ପାଇଁ ସାଧାରଣ ମଣିଷଙ୍କୁ ତୁମେ କିପରି ଉତ୍ସାହିତ କରିବ ?

୧୦ । ବୃଷ୍ଟିଜଳର ଦୁଇଟି ବ୍ୟବହାର ଉଲ୍ଲେଖ କର ।

୧୧ । ବୃଷ୍ଟିଜଳ ସଞ୍ଚୟର ଦୁଇଟି କ୍ଷେତ୍ର ଉଲ୍ଲେଖ କର ।

୧୨ । ବୃଷ୍ଟିଜଳକୁ ଭୂଗର୍ଭସ୍ଥ କରିବାର ଦୁଇଟି ଯୌକ୍ତିକତା ଉଲ୍ଲେଖ କର ।

୧୩ । ପୃଥିବୀର ସମୁଦାୟ ଜଳର କେତେ ଶତାଂଶ ବ୍ୟବହାର ଯୋଗ୍ୟ ?

୧୪ । କେଉଁ ଅବସ୍ଥା ସୃଷ୍ଟି ହେଲେ ଜଳ ସଂକଟ ବୋଲି କୁହାଯାଏ ?

୧୫ । ବୃଷ୍ଟିଜଳକୁ ସଂଗ୍ରହ କରି ନିୟନ୍ତ୍ରଣ କରିବା ସମ୍ଭବ ହେଲେ କେଉଁ ଦୁଇଟି ପ୍ରାକୃତିକ ପର୍ଯ୍ୟାୟକୁ ପ୍ରତିରୋଧ କରାଯାଇପାରେ।

୧୬ । ଭୂଗର୍ଭସ୍ଥ ଜଳ ଉତ୍ତୋଳନ କରିବାର ଗୋଟିଏ ପ୍ରାଚୀନ ଓ ଗୋଟିଏ ଆଧୁନିକ ପଦ୍ଧତିର ଉଲ୍ଲେଖ କର ।